ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 7/2020 ★★★★★★

୪୬ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ସତ୍ୟମେବ ଜୟତେ

DSPL-302

କାର୍ଯ୍ୟସ୍ଥଳୀରେ କରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ପାଇଁ ମାର୍ଗଦର୍ଶିକା

କରୋନା ଭୂତାଣୁର ସଂକ୍ରମଣରେ ବିଶ୍ୱର ଅଧିକାଂଶ ଦେଶ ସଂକ୍ରମିତ ହୋଇସାରିଛନ୍ତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ସଂକ୍ରମଣକୁ ଏକ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଘୋଷଣା କରିଛନ୍ତି । ଏଥିପାଇଁ ସଚେତନତା ତଥା ପ୍ରତିଷେଧକ ଉପାୟ ଆପଣେଇବା ହିଁ ଏକନ୍ତ ଜରୁରୀ ।

କାର୍ଯ୍ୟସ୍ଥଳୀରେ ଏକାଧିକ ବ୍ୟକ୍ତି କାମ କରୁଥିବା ବେଳେ ଏହି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ କାର୍ଯ୍ୟସ୍ଥଳୀରେ ପ୍ରତିଷେଧକ ଉପାୟ ଅବଲମ୍ବନର ବିଶେଷ ଆବଶ୍ୟକତା ଅଛି ।

ଧ୍ୟାନ ଦିଅନ୍ତୁ -

- ଆପଣଙ୍କ କାର୍ଯ୍ୟାଳୟ ପରିଷ୍କାର ଓ ସ୍ୱଚ୍ଛ ରହିବା ସୁନିଶ୍ଚିତ କରନ୍ତୁ । (ଟେବୁଲ୍, କମ୍ପ୍ୟୁଟର,ଫୋନ୍ ଓ ଅନ୍ୟାନ୍ୟ ବ୍ୟବହୃତ ଉପକରଣ ଇତ୍ୟାଦିକୁ ଜୀବାଣୁନାଶକ ଦ୍ରବଣ ସାନିଟାଇଜର/ଆଲକୋହଲ ସ୍ପ୍ରେ ପକାଇ ନିୟମିତ ପୋଛନ୍ତୁ ।
- ନିୟମିତ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
  - ହାତଧୁଆ ବେସିନ୍ ନିକଟରେ ପାଣି ଓ ସାବୁନ ଉପଲବ୍ଧ କରାନ୍ତୁ । ମନେ ରଖନ୍ତୁ, ବାରମ୍ବାର ସାବୁନ୍‌ରେ ହାତ ଧୋଇବା ଦ୍ୱାରା ଜୀବାଣୁ ଗୁଡିକ ମରିଯାଇଥାନ୍ତି ଏବଂ ସଂକ୍ରମଣ ପ୍ରତିରୋଧ ହୋଇଥାଏ ।
  - ହାତଧୁଆ କୌଶଳ ସମ୍ପର୍କିତ ପୋଷ୍ଟର ଲଗାନ୍ତୁ ।
- ମୁହଁ ଓ ହାତକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ କାଶ,ଛିଙ୍କ ଦ୍ୱାରା ହେଉଥିବା ସଂକ୍ରମଣ ପ୍ରତିରୋଧ କରିବା ପାଇଁ ଟିସୁ ପେପର ବ୍ୟବହାର ପାଇଁ ପ୍ରୋତ୍ସାହିତ କରନ୍ତୁ ।
  - ବ୍ୟବହୃତ ଟିସୁ ପେପରକୁ ତୁରନ୍ତ ଢାଙ୍କୁଣୀ ଥିବା ଡଷ୍ଟବିନ୍‌ରେ ପକାଇବା ପାଇଁ ପରାମର୍ଶ ଦିଅନ୍ତୁ ।
- ସାମାନ୍ୟ ଜ୍ୱର,କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଥିଲେ, କର୍ମଚାରୀମାନଙ୍କୁ ଘରେ ସ୍ୱନିରୀକ୍ଷଣରେ ରହିବାକୁ ପରାମର୍ଶ ଦିଅନ୍ତୁ ।
- କରମର୍ଦ୍ଦନ ବା ଆଲିଙ୍ଗନ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ ସଭାସମିତି କରନ୍ତୁ ନାହିଁ ।
- ସର୍ଦ୍ଦି,ଜ୍ୱର,କାଶ ଭୋଗୁଥିବା ବ୍ୟକ୍ତିଙ୍କ ଠାରୁ କର୍ମଚାରୀମାନେ ନିଜକୁ ଦୂରେଇ ରଖନ୍ତୁ ।
- ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ଗସ୍ତରେ ଯିବାକୁ କର୍ମଚାରୀମାନଙ୍କୁ ବାରଣ କରନ୍ତୁ ।
- ବର୍ତ୍ତମାନ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ମେସିନ୍ ବ୍ୟବହାର କରନ୍ତୁ ନାହିଁ ।

କାର୍ଯ୍ୟସ୍ଥଳୀରେ ହାତଧୁଆର ସଠିକ ପ୍ରଣାଳୀ

ଆସନ୍ତୁ ସମସ୍ତେ ମିଳିମିଶି କାର୍ଯ୍ୟସ୍ଥଳୀର ପରିଚ୍ଛନ୍ନତା ପ୍ରତି ଯତ୍ନବାନ୍ ହେବା କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0091/1920

facebook.com/HFWOdisha http://www.health.odisha.gov.in/ @HFWOdisha

ଦୁର୍ଘଟଣାରେ ୧୩ ମୃତ

କର୍ନାଟକର ତୁମାକୁରୁ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ମହିଳା ଓ ୨ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବା ପୋଲିସ କହିଛି। ଜିଲାର ଅମୃଥୁରୁ ନିକଟରେ ଏସ୍‌ୟୁଭି ଅନ୍ୟ ଏକ କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ଅଛନ୍ତି।

ଲକ୍ଷେ ଟପିଲା ସଂକ୍ରମିତଙ୍କ ସଂଖ୍ୟା

ଦକ୍ଷିଣକୋରିଆର ପେଆଙ୍ଗଟେକ୍‌ସ୍ଥିତ ଏକ କାରଖାନାରେ କର୍ମଚାରୀମାନେ ମାସ୍କ ପିନ୍ଧି କାର୍ଯ୍ୟ କରୁଛନ୍ତି।

ବ୍ୟାଙ୍କକ୍,୬।୩

ନୋଭେଲ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗୀସଂଖ୍ୟା ଶୁକ୍ରବାର ଲକ୍ଷେ ଟପିଛି। ୮୯ ଦେଶକୁ କରୋନା ସଂକ୍ରମିତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୩୪୦୦ ଅତିକ୍ରମ କଲାଣି। ଚାଇନା ପରେ ସର୍ବାଧିକ ସଂକ୍ରମିତ ଦେଶ ମଧ୍ୟରେ ରହିଛି ଦକ୍ଷିଣ କୋରିଆ (୬୨୮୪ ସଂକ୍ରମିତ, ୪୨ ମୃତ), ଇଟାଲୀ (୨୮୫୮ ସଂକ୍ରମିତ, ୧୪୮ ମୃତ), ଇରାନ (୪୭୪୭ ସଂକ୍ରମିତ ଓ ୧୨୪ ମୃତ), ଫ୍ରାନ୍ସ (୪୨୩ ସଂକ୍ରମିତ ଓ ୭ ମୃତ)। ଏହାବ୍ୟତୀତ ଭୁଟାନ, କାମେରୁନ, ସାଇବେରିଆ, ଭାଟିକାନରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଚାଇନାରେ ୮୦,୫୫୨ ଜଣଙ୍କୁ କରୋନା ସଂକ୍ରମିତ ହୋଇଥିବାବେଳେ ୩୦୪୨ ଜଣଙ୍କ ମୃତ୍ୟୁ ହେଲାଣି। ଏହାକୁ ନେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୱାଲ୍‌ଷ୍ଟ୍ରିଟ୍‌ରେ କାରବାର ମାନ୍ଦା ହେବା ସହିତ ଏସିଆ ଓ ୟୁରୋପୀୟ ଶେୟାର ବଜାର ନିମ୍ନଗାମୀ ହୋଇଛି। ବିଭିନ୍ନ ଦେଶ ଭିଜା କଟକଣା ଲଗାଇବା ଫଳରେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଉପରେ ଏହାର ଅଧିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଆଫ୍ରିକା ଓ ମଧ୍ୟପ୍ରାଚ୍ୟକୁ ଏହି ଭୂତାଣୁ ସଂକ୍ରମିତ ହେଉଥିବାରୁ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ ବୋଲି ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ପକ୍ଷରୁ ସତର୍କ କରିଦିଆଯାଇଛି।

ଏସିଆ ପରେ ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ସଂକ୍ରମଣ ଭୟରେ ଅନେକ ଜାହାଜ ବନ୍ଦରରେ ପ୍ରବେଶ ଅନୁମତି ନ ପାଇଁ ବାହାରେ ଅପେକ୍ଷା କରିରହିଛନ୍ତି। ଚାଇନା ପରେ ଦକ୍ଷିଣ କୋରିଆ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ। ତେବେ ଏହି ଦୁଇଦେଶରେ ସଂକ୍ରମଣ ହାର ପୂର୍ବାପେକ୍ଷା ହ୍ରାସ ପାଇଥିବା ଦେଖାଯାଇଛି। ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ଇଟାଲୀରେ ସର୍ବାଧିକ ୧୪୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଜର୍ମାନୀ ଓ ଫ୍ରାନ୍ସରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତବେଗରେ ବଢ଼ିଚାଲିଛି। ଇରାନରେ ସଂକ୍ରମିତଙ୍କ ସଂଖ୍ୟା ୪୭୪୭ ଟପିଥିବାବେଳେ ୧୨୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆମେରିକାରେ ମଧ୍ୟ କରୋନା ରୋଗୀସଂଖ୍ୟା ୨୩୦ ଟପିଲାଣି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

ଜିଡିପି ୭୭ରୁ ୩୪୭ ବିଲିୟନ ଡଲାର କମିପାରେ

କରୋନା ସଂକ୍ରମଣ ଯୋଗୁ ଏସିଆ ମହାଦେଶର ଅର୍ଥନୀତି ସର୍ବାଧିକ କ୍ଷତିଗ୍ରସ୍ତ ହେବ। ଏହା ଦ୍ୱାରା ବିଶ୍ୱ ଅର୍ଥନୀତିରେ ୭୭ରୁ ୩୪୭ ବିଲିୟନ ଡଲାର କ୍ଷତି ହୋଇପାରେ ବୋଲି ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ (ଏଡିବି) ପକ୍ଷରୁ କୁହାଯାଇଛି। କରୋନା ଯୋଗୁ ଘରୋଇ ଚାହିଦା ହ୍ରାସ ପାଇବା ସହ ପର୍ଯ୍ୟଟନ ଓ ବ୍ୟବସାୟିକ ଭ୍ରମଣ, ବାଣିଜ୍ୟ, ଉତ୍ପାଦନ, ଯୋଗାଣ ଆଦି ପ୍ରଭାବିତ ହେବ। ସଂକ୍ରମଣ ମାତ୍ରା ଉପରେ ଆର୍ଥିକ କ୍ଷତି ପରିମାଣ ନିର୍ଭର କରିବ ବୋଲି ଏଡିବି କହିଛି।

ହୋଲି ପାଳନ ବନ୍ଦ କଲା ସିଏପିଏଫ୍

ନୂଆଦିଲ୍ଲୀ,୬।୩(ପି.ଟି.)

କରୋନା ସଂକ୍ରମଣ ଭୟରେ ଆନୁଷ୍ଠାନିକ ଭାବେ ହୋଲି ନ ପାଳିବା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ନିଷ୍ପତ୍ତି ନେଇଛି। ଆଭ୍ୟନ୍ତରୀଣ ସୁରକ୍ଷା ଓ ସୀମା ସୁରକ୍ଷାରେ ମୁତୟନ ଥିବା ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ସାମୂହିକ ରଙ୍ଗର ଉତ୍ସବ ନ ପାଳିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସିଏପିଏଫ୍ ଅଧୀନରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି, ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଆଦି ସୁରକ୍ଷା ସଂଗଠନ ରହିଛି। ୨୦୧୮ରେ ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀ ଆକ୍ରମଣରେ ୨୫ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଉକ୍ତ ବାହିନୀ ପକ୍ଷରୁ ହୋଲି ପାଳନ ବନ୍ଦ କରାଯାଇଥିଲା। ସେହିପରି ଗତବର୍ଷ ଫେବୃୟାରୀରେ ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ପ୍ରତି ସମବେଦନା ସ୍ୱରୂପ ଗତବର୍ଷ ସିଆର୍‌ପିଏଫ୍ ହୋଲି ପାଳି ନ ଥିଲା। ଥାଇଲାଣ୍ଡରୁ ଫେରି କରୋନା ସଂକ୍ରମିତ ହୋଇଥିବା ଜଣେ ବ୍ୟକ୍ତିଙ୍କ ପରିବାରର ୭ ସଦସ୍ୟଙ୍କ ସମେତ ୧୧ ଜଣଙ୍କୁ ସେମାନଙ୍କ ଘରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଦିଲ୍ଲୀରେ କରୋନା ରୋଗୀ ସଂଖ୍ୟା ୩ରେ ପହଞ୍ଚିଛି। ପଶ୍ଚିମ ଦିଲ୍ଲୀରେ ଶୁକ୍ରବାର ନୂଆ ରୋଗୀ ଚିହ୍ନଟ ହେବା ପରେ ସେଠାର ୫୦ ପରିବାରଙ୍କ ଉପରେ ପୂରା ନଜର ରଖାଯାଇଛି।

ଭାରତରେ ୩୧ କରୋନା ରୋଗୀ

ନୂଆଦିଲ୍ଲୀ,୬।୩(ପି.ଟି.)

ଦିଲ୍ଲୀରେ ଆଉଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିବା ପରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ଦିଲ୍ଲୀରେ ଏହା ତୃତୀୟ ସଂକ୍ରମଣ। କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଉକ୍ତ ବ୍ୟକ୍ତି ପୂର୍ବରୁ ଥାଇଲାଣ୍ଡ ଓ ମାଲେସିଆ

- ସ୍କୁଲ୍‌ରେ ଲାଗୁହେଲା କଟକଣା
- କର୍ମଚାରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବନ୍ଦ
- ୩୦ ବିମାନବନ୍ଦରରେ ଯାଞ୍ଚ
- ଜାତୀୟ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଯାଇଥିଲେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ସଂକ୍ରମଣ ବଢୁଥିବାରୁ ସବୁ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ୨୧ଟି ବିମାନବନ୍ଦରରେ ଯାଞ୍ଚ କରାଯାଉଥିବାବେଳେ ସେଥିରେ ଆଉ ୯ଟି ବିମାନବନ୍ଦରକୁ ସାମିଲ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ କରୋନା ଉପରେ ଏକଦିବସୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂକ୍ରମଣ ଭୟରେ ଦିଲ୍ଲୀ ସରକାର ରାଜଧାନୀର ସବୁ ସ୍କୁଲରେ ସକାଳୁଆ ସମାବେଶକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାଦେଶ ପର୍ଯ୍ୟନ୍ତ ସ୍କୁଲ କର୍ମଚାରୀମାନଙ୍କ ବାୟୋମେଟ୍ରିକ୍ ଉପସ୍ଥାନକୁ ସ୍ଥଗିତ ରଖାଯାଇଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୩୧ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଦିଲ୍ଲୀର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁଯତ୍ନ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି।

ବିକାନେରର ଜୁନାଗଡ଼ ଦୁର୍ଗଠାରେ ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଉଛି।

ଧ୍ୱଜାବତରଣ ଉତ୍ସବରେ ଯୋଗଦେବେନି ଦର୍ଶକ

ନୂଆଦିଲ୍ଲୀ,୬।୩(ପି.ଟି.)

କରୋନା ସଂକ୍ରମଣ ଭୟରେ ଅଟ୍ଟାରୀ-ୱାଘା ସୀମାରେ ପ୍ରତିଦିନ ସନ୍ଧ୍ୟାରେ ହେଉଥିବା ଧ୍ୱଜାବତରଣ ଉତ୍ସବରେ ଦର୍ଶକମାନଙ୍କୁ ଭାଗନେବାକୁ ଅନୁମତି ଦିଆଯିବନି। ଶନିବାରଠାରୁ ଏହି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ଭାରତ ସମେତ ବିଭିନ୍ନ ଦେଶକୁ କରୋନା ଭୂତାଣୁ ବ୍ୟାପିଥିବାରୁ ସମାବେଶଠାରୁ ଦୂରେଇ ରହିବା ପାଇଁ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ତେଣୁ ଧ୍ୱଜାବତରଣ ଉତ୍ସବରେ ଭାଗନେବା ପାଇଁ କାହାକୁ ଅନୁମତି ଦିଆଯିବନି ବୋଲି ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି।

୧୧ରେ ଦିଲ୍ଲୀ ଦଙ୍ଗା ଆଲୋଚନା

ନୂଆଦିଲ୍ଲୀ,୬।୩

ପାର୍ଲାମେଣ୍ଟରେ ବିବୃତି ରଖିବେ ସ୍ୱରାଷ୍ଟ୍ର ମନ୍ତ୍ରୀ

ହୋଲି ପରେ ମାର୍ଚ୍ଚ ୧୧ରେ ଦିଲ୍ଲୀ ଦଙ୍ଗା ପ୍ରସଙ୍ଗ ପାର୍ଲାମେଣ୍ଟ ଆଲୋଚନାରେ ସ୍ଥାନ ପାଇବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସପ୍ତାହର ଦଙ୍ଗା ଉପରେ ଗୃହରେ ଉତ୍ତର ରଖିବେ। ସୋମବାର ଅଧିବେଶନ ଆରମ୍ଭ ହେବା ଦିନଠାରୁ ଦଙ୍ଗା ଉପରେ ଆଲୋଚନା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଆସୁଛନ୍ତି। ଆଲୋଚନା ପାଇଁ ଏବେ ସମୟ ଠିକ୍ ନୁହେଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଥିବାବେଳେ ହୋଲି ପରେ ସ୍ୱଳ୍ପ ସମୟ ଆଲୋଚନାକୁ ଅନୁମତି ଦେଇଛନ୍ତି। ତେବେ ଏହି ପ୍ରସଙ୍ଗ ଉପରେ ଭୋଟ ନିଆଯିବନି। ଗୃହରେ ବିଶୃଙ୍ଖଳା ସୃଷ୍ଟି ନ କରି ବିରୋଧୀ ସଦସ୍ୟମାନେ ଆଲୋଚନାରେ ଭାଗନେବେ ବୋଲି ଆଶା କରାଯାଉଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ୧୧ ପର୍ଯ୍ୟନ୍ତ ପାର୍ଲାମେଣ୍ଟକୁ ମୁଲତବୀ ରଖାଯାଇଛି।

ଦିଲ୍ଲୀ ଆଲୋଚନା ଦଙ୍ଗା ଦାବିରେ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ୭ ଜଣ କଂଗ୍ରେସ ଏମ୍‌ପିଙ୍କୁ ଗୁରୁବାର ବାଚସ୍ପତି ନିଲମ୍ବନ କରିଥିଲେ। ସେମାନେ ଅଧିବେଶନ ଶେଷ ପର୍ଯ୍ୟନ୍ତ ଗୃହକୁ ଆସିପାରିବେ ନାହିଁ। ଦଙ୍ଗାରେ ୫୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଅଧିକ ଆହତ ହୋଇଥିଲେ। ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଥିଲା। ବହୁସଂଖ୍ୟାରେ ଲୋକ ବାସହରା ହୋଇଛନ୍ତି। ତେବେ ହୋଲି ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର କାହିଁକି ରାଜି ହେଉନାହାନ୍ତି ବୋଲି ନିଲମ୍ବିତ କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ଯେଉଁମାନେ ଦଙ୍ଗାରେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହରାଇଛନ୍ତି, ସେମାନେ କ'ଣ ହୋଲି ଖେଳିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

କେରଳର ୨ ଟିଭି ଚ୍ୟାନେଲ ଉପରେ କେନ୍ଦ୍ରର ଛାଟ

ନୂଆଦିଲ୍ଲୀ/ଥିରୁଭାନନ୍ତପୁରମ, ୬।୩(ଆଇଏଏନ୍‌ଏସ୍)

- ୪୮ ଘଣ୍ଟା ପାଇଁ ପ୍ରସାରଣ ବନ୍ଦ ନିର୍ଦ୍ଦେଶ
- ଦେଖାଇଥିଲେ ଦିଲ୍ଲୀ ଦଙ୍ଗା ବେଳର ଦୃଶ୍ୟ
- ଭୟଭୀତ କରିବା ଲାଗି କେନ୍ଦ୍ରର ଚକ୍ରାନ୍ତ: ସିପିଆଇଏମ୍
- ମିଡିଆର ମୁହଁ ବନ୍ଦ କରିବାକୁ ମୋଦିଙ୍କ ଉଦ୍ୟମ: କଂଗ୍ରେସ

ଦିଲ୍ଲୀରେ ସଦ୍ୟ ଘଟିଥିବା ସିଏଏ ବିରୋଧୀ ଦଙ୍ଗା ବେଳର ରିପୋର୍ଟ ପ୍ରସାର କରିଥିବା ୨ଟି ଆଗଧାଡ଼ିର ମାଲୟାଲମ ଟିଭି ଚ୍ୟାନେଲ ଉପରେ କଟକଣା ଜାରି କରିଛନ୍ତି କେନ୍ଦ୍ର ସରକାର। 'ଏସିଆ ନେଟ୍' ଏବଂ 'ମିଡିଆ ୱାନ୍'ର କାର୍ଯ୍ୟକ୍ରମ ପ୍ରସାରଣ ଉପରେ ୪୮ ଘଣ୍ଟା ପାଇଁ ରୋକ ଲଗାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

କେବୁଲ ଟେଲିଭିଜନ ନେଟୱାର୍କ ରୁଲ୍ସ, ୧୯୯୪ର ନିୟମ ଉଲ୍ଲଂଘନ କରିବା ନେଇ ଦୁଇ ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ମିଳିବା ପରେ କେରଳର ଦୁଇ ଟିଭି ଚ୍ୟାନେଲ 'ଏସିଆ ନେଟ୍' ଏବଂ 'ମିଡିଆ ୱାନ୍' ଶୁକ୍ରବାର ରାତି ୭ଟା ୩୦ରୁ ୪୮ ଘଣ୍ଟା ପାଇଁ ପ୍ରସାରଣ ବନ୍ଦ କରିଦେଇଛନ୍ତି। ୮ ତାରିଖ ରାତି ୭ଟା ୩୦ରେ କାର୍ଯ୍ୟକ୍ରମ ପୁନଃ ପ୍ରସାରଣ କରାଯିବ। ଫେବୃୟାରୀ ୨୫ରେ ଏହି ଦୁଇ ଚ୍ୟାନେଲରେ ଦିଲ୍ଲୀ ଦଙ୍ଗା ବେଳର ଦୃଶ୍ୟ ପ୍ରସାର କରାଯାଇଥିଲା। ଏହାକୁ ନେଇ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ କରାଯିବା ପରେ ଗତ ୩ ତାରିଖରେ ଦୁଇ ଚ୍ୟାନେଲ ଜବାବ ଦାଖଲ କରିଥିଲେ। ତାକୁ ତର୍ଜମା କରିବା ପରେ ମନ୍ତ୍ରଣାଳୟ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍ୟପକ୍ଷରେ ଏପରି କାର୍ଯ୍ୟାନୁଷ୍ଠାନକୁ କେରଳର ଶାସକ ସିପିଆଇଏମ୍ ଏବଂ କଂଗ୍ରେସ ଦଳ ପକ୍ଷରୁ ନିନ୍ଦା କରାଯାଇଛି। କେନ୍ଦ୍ରର ଏପରି ଅଗଣତାନ୍ତ୍ରିକ କାର୍ଯ୍ୟାନୁଷ୍ଠାନକୁ ସବୁ ମହଲରେ ବିରୋଧ କରାଯିବା ଉଚିତ ବୋଲି ସିପିଆଇଏମ୍ ରାଜ୍ୟ ସମ୍ପାଦକ କୋଡିୟେରି ବାଲାକ୍ରିଷ୍ଣନ୍ ଏକ ବିବୃତିରେ କହିଛନ୍ତି। ସତ ପଦାକୁ ଆଣୁଥିବା ଗଣମାଧ୍ୟମକୁ ଭୟଭୀତ କରିବା ଲାଗି ଏହା କେନ୍ଦ୍ରର ଚକ୍ରାନ୍ତ ବୋଲି ସେ ସମାଲୋଚନା କରିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ରମେଶ ଚେନ୍ନିଥାଲା କହିଛନ୍ତି, ଦିଲ୍ଲୀରେ ଘଟିଥିବା ସତ୍ୟ ପ୍ରଗଟ କରିଥିବା ଗଣମାଧ୍ୟମ ଉପରେ କେନ୍ଦ୍ର ସରକାର ଆକ୍ରମଣ କରିଛନ୍ତି। ଫାସିବାଦୀ ତତ୍ତ୍ୱଗୁଡ଼ିକ ସେମାନଙ୍କ ଆଗରେ ଗଣମାଧ୍ୟମ ମୁଣ୍ଡ ନୁଆନ୍ତୁ ବୋଲି ଚାହୁଁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଡିଆର ମୁହଁ ବନ୍ଦ କରିବାକୁ ଉଦ୍ୟମ ଚଳାଇଥିବା ସେ ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଗତ ୨୩ ତାରିଖରେ ଉତ୍ତର-ପୂର୍ବ ଦିଲ୍ଲୀରେ ହିଂସା ଘଟିଥିଲା। ଏହାର ପରବର୍ତ୍ତୀ ଦୁଇଦିନ ଏହି ହିଂସା ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇଥିଲା। ଏଥିରେ ୫୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ | Bhubaneswar, Saturday, March 7/2020 | ପୃଷ୍ଠା-୧

ହୋଲି ଗୀତରେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଯଓ୍ୱାନୀ ହେ ଦିଓ୍ୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଶୁଟିଂ କରିବାକୁ ୪ ଦିନ ଲାଗିଥିଲା। ଏହା ଦୀପିକାଙ୍କ ପ୍ରଥମ ହୋଲି ଗୀତ।

୧୨ ୧୬

ପାଣ୍ଡ୍ୟାଙ୍କ ବିସ୍ଫୋରକ ଶତକ

ଡି.ୱାଇ. ପାଟିଲ ଟି୨୦ କପ୍ ସେମିଫାଇନାଲ୍‌ରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫୫ ବଲ୍‌ରେ ଅପରାଜିତ ୧୫୮ରନ କରିଛନ୍ତି।

ମହାପ୍ରଭୁଙ୍କ ଜମାଟଙ୍କା ଫେରସ୍ତ ନେଇ ଚିନ୍ତା

ପୁରୀ ଅଫିସ,୬।୩

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ଦୁଃସ୍ଥିତି ଯୋଗୁ ଏଭଳି ପଦକ୍ଷେପ ନେଇଛି ଆର୍‌ବିଆଇ। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଏବେ ସଂକଟରେ। ମହାପ୍ରଭୁଙ୍କ ଏତେ ପରିମାଣର ଟଙ୍କା ବୁଡ଼ିଯିବା ନେଇ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଏତେଗୁଡ଼ିଏ ଟଙ୍କା ଏହି ଘରୋଇ ବ୍ୟାଙ୍କରୁ କିପରି ଫେରସ୍ତ ଅଣାଯିବ ତାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏବେ ଚିନ୍ତାରେ। ତେବେ ଆଇନକାନୁନକୁ ମୋଡ଼ି ମକଚି ଯେଉଁମାନେ ଚଞ୍ଚକତା ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ଜୋର ଧରିଛି। ଏନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ତେଜିଉଠିଛି। ମହାପ୍ରଭୁଙ୍କ ଟଙ୍କା କିପରି ଉଦ୍ଧାର କରାଯାଇପାରିବ ତାହା ଉପରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ମହାପ୍ରଭୁଙ୍କର ୫୯୨ କୋଟି (୫୪୫ କୋଟି ସ୍ଥାୟୀ ଜମା ଓ ୪୭ କୋଟି ଫ୍ଲେକ୍ସି ଜମା) ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଜଣାପଡ଼ିବା ପରେ ଏହାକୁନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରି କି ଗତ ଡିସେମ୍ବର ୨୦ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ବେଶ୍ ହୋହଲ୍ଲା ହୋଇଥିଲା। ପରିଚାଳନା କମିଟିକୁ ଅନ୍ଧାରରେ ରଖି ଏବଂ ଅର୍ଥ ସବ୍ କମିଟି ଅନୁମୋଦନ ବିନା କିପରି ମହାପ୍ରଭୁଙ୍କ ☞ପୃଷ୍ଠା–୨

ୟେସ୍ ବ୍ୟାଙ୍କରେ ଅଛି ୫୪୫ କୋଟି

- ଚଞ୍ଚକତାକାରୀଙ୍କୁ ଦଣ୍ଡ ଦେବାକୁ ଦାବି

୮୫% ଖସିଲା ୟେସ୍ ବ୍ୟାଙ୍କ ଶେୟାର

ନୂଆଦିଲ୍ଲୀ, ୬।୩

- ଆକାଉଣ୍ଟଧାରୀଙ୍କ ଅର୍ଥ ସୁରକ୍ଷିତ: କେନ୍ଦ୍ର ଅର୍ଥମନ୍ତ୍ରୀ
- ରାଣା କପୁରଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନ

ୟେସ ବ୍ୟାଙ୍କର ଜମା ରାଶି ଉପରେ କଟକଣା ଲାଗୁ କରାଯିବା ପରେ ଜମାକାରୀମାନେ ଆତଙ୍କିତ ହୋଇପଡିଛନ୍ତି। ଏପରିକି ଏହାର ପ୍ରଭାବ ଶେୟାର ବଜାର ଉପରେ ଗଭୀର ଭାବେ ପଡିଛି। ଏହି ସମୟରେ କ୍ଷତିଗ୍ରସ୍ତ ୟେସ ବ୍ୟାଙ୍କର ଶେୟାର କାରବାର ପ୍ରାୟ ୮୫% ଖସି ଆସିଥିବା ଜଣାପଡିଛି। ତେବେ ୟେସ ବ୍ୟାଙ୍କ ଜମାକାରୀଙ୍କ ଅର୍ଥ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହାକୁ ନେଇ କୌଣସି ଜମାକାରୀ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଏହି ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର କାର୍ଯ୍ୟ କରୁଛନ୍ତି ବୋଲି ଜମାକାରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ସେହିଭଳି ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ପକ୍ଷରୁ ଚଢ଼ାଉ କରାଯାଇଛି। (ଅଧିକ ରିପୋର୍ଟ: ବିଜିନେସ୍ ପୃଷ୍ଠା)



୪ ରାଜ୍ୟ ସଭା ଆସନ ପାଇଁ ବିଜ୍ଞପ୍ତି

- ୧୩ ଯାଏ ନାମାଙ୍କନ ଦାଖଲ
- ୧୬ରେ ଯାଞ୍ଚ, ୧୮ରେ ପ୍ରତ୍ୟାହାର, ୨୬ରେ ଭୋଟ୍

ଭୁବନେଶ୍ୱର,୬।୩(ବ୍ୟୁରୋ)

ଓଡ଼ିଶା ୪ ଆସନ ସମେତ ୧୭ ରାଜ୍ୟର ଖାଲିହେବାକୁ ଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଭାରତର ନିର୍ବାଚନ କମିଶନର ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଉକ୍ତ ବିଜ୍ଞପ୍ତି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଓଡ଼ିଶା ରାଜପତ୍ରରେ ପୁନଃ ପ୍ରକାଶିତ ହୋଇଛି। ଓଡ଼ିଶା ବିଧାନସଭା ସଚିବ ତଥା ରିଟର୍ଣ୍ଣିଂ ଅଫିସର ଦାଶରଥୀ ଶତପଥୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୬ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଛୁଟିଦିବସ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ ବିଧାନସଭା ସଚିବାଳୟର ସମ୍ମିଳନୀ କକ୍ଷରେ ମନୋନୟନପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ମାର୍ଚ୍ଚ ୧୬ ପୂର୍ବାହ୍ନ ୧୧ଟା ୩୦ରେ ଦାଖଲ କରାଯାଇଥିବା ☞ପୃଷ୍ଠା–୨

ବିଭାଗ ଉପରେ ଲାଗିଲା ଅଙ୍କୁଶ

ଖର୍ଚ୍ଚ ହୋଇପାରୁନି ଟଙ୍କା

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ନିର୍ଦ୍ଧାରିତ ସମୟରେ ଟଙ୍କା ଖର୍ଚ୍ଚ କରୁ ନ ଥିବା ବିଭାଗଗୁଡିକ ଉପରେ ଅର୍ଥ ବିଭାଗ ଅଙ୍କୁଶ ଲଗାଇଛି। ୨୦୨୦–୨୧ ଆର୍ଥିକ ବର୍ଷରେ ଆଉ ମନଇଚ୍ଛା ବଜେଟ୍ ଟଙ୍କା ମିଳିବ ନାହିଁ। ଯଦି କୌଣସି ବିଭାଗ ଯୋଜନା କିମ୍ବା କାର୍ଯ୍ୟକ୍ରମ ବାବଦରେ ଗତ ଆର୍ଥିକ ବର୍ଷର ଟଙ୍କା ଖର୍ଚ୍ଚ ନ କରି ବ୍ୟାଙ୍କରେ ଜମା ରଖିଛନ୍ତି, ସେ ସମସ୍ତ ଗଚ୍ଛିତ (ପାର୍କିଂ) ଅର୍ଥ ଖର୍ଚ୍ଚ ନ ହେବା ଯାଏ ନୂଆ ବଜେଟ୍‌ର ଟଙ୍କାଟିଏ ମିଳିବ ନାହିଁ। ସମସ୍ତ ବିଭାଗକୁ ଅର୍ଥ ବିଭାଗ ଏଭଳି କଡ଼ା ନିର୍ଦ୍ଦେଶ ଦେଇଛି। କେବଳ ରାଜ୍ୟ ଯୋଜନା ନୁହେଁ, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅର୍ଥମଧ୍ୟ ନିର୍ଦ୍ଧାରିତ ସମୟରେ ବିଭାଗଗୁଡିକ ଖର୍ଚ୍ଚ କରିବାରେ ଏକ ପ୍ରକାର ବିଫଳ ହୋଇଛନ୍ତି। କେନ୍ଦ୍ରରୁ ଅନୁଦାନ ପାଇବା ପାଇଁ ବିଭାଗଗୁଡିକ ବରାଦ ଅର୍ଥ ଖର୍ଚ୍ଚ ନ କରି ବିନିଯୋଗ ପ୍ରମାଣପତ୍ର (ୟୁ.ସି.) ଦେଉଛନ୍ତି। ଏଥିଯୋଗୁ ବହୁ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ବିଭିନ୍ନ ବ୍ୟାଙ୍କରେ ଦୀର୍ଘବର୍ଷ ଧରି ପଡ଼ି ରହିଛି।

ବିଭାଗଗୁଡିକ ଅର୍ଥ ଖର୍ଚ୍ଚ ନ କରି ନୂଆ ବଜେଟ୍ ପାଇଁ ଲମ୍ବା ଖର୍ଚ୍ଚ ଚିଠା ଧରାଇ ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଯଥାରେ ଋଣ କରିବାକୁ ପଡୁଛି। ୨୦୨୦–୨୧ ଆର୍ଥିକ ବର୍ଷରେ ସରକାର ୧୮ ହଜାର କୋଟି ଟଙ୍କା ଋଣ କରିବେ ବୋଲି ଘୋଷଣା କରିଛନ୍ତି। ଋଣଭାର କମାଇବାକୁ ସରକାର ଏଭଳି ଦୃଢ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେଉଁ ବିଭାଗ କେଉଁ ବ୍ୟାଙ୍କରେ କେତେ ଟଙ୍କା ପାର୍କିଂ କରିଛନ୍ତି ସେ ନେଇ ଅର୍ଥ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ବିଭାଗଗୁଡିକର ଆର୍ଥିକ କାରବାର ସମ୍ପର୍କରେ ସମସ୍ତ ତଥ୍ୟ ଦେବାକୁ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛନ୍ତି। ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍‌ଏମ୍‌ଏସ୍) ଜରିଆରେ ରିଜର୍ଭ ବ୍ୟାଙ୍କ ବିଭାଗଗୁଡିକର ସମସ୍ତ ଆର୍ଥିକ କାରବାର ବିବରଣୀ ପ୍ରଦାନ କରିବ। ସେହି ତଥ୍ୟ ଆଧାରରେ ନୂଆ ବଜେଟ୍ ଅର୍ଥ ବିଭାଗଗୁଡିକୁ ବଣ୍ଟନ କରାଯିବ। ଆସନ୍ତା ସଚିବସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ନିମନ୍ତେ ଏକ ଏଜେଣ୍ଡା ପ୍ରସ୍ତୁତ କରାଯାଇଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଦ୍ୱାରା ସରକାର ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା ହେବା ସହ ରାଜକୋଷ ଉପରେ ପଡୁଥିବା ଋଣ ଚାପକୁ ହ୍ରାସ କରାଯାଇପାରିବ ବୋଲି ସେ କହିଛନ୍ତି।

ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୧୫ରୁ ଊର୍ଦ୍ଧ୍ୱ ବିଭାଗ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ମାତ୍ର ୨୦ରୁ ୫୦ ପ୍ରତିଶତ ମଧ୍ୟରେ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଗୃହ ବିଭାଗ ସମୁଦାୟ ୫,୬୫୩.୯୬ କୋଟି ଟଙ୍କାରୁ ୩,୫୨୯.୬୨ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଅର୍ଥ ବିଭାଗ ୨୮,୨୩୮.୪୯ କୋଟିରୁ ୧୭,୧୯୮.୦୧ କୋଟି, ନିର୍ମାଣ ବିଭାଗ ୫,୮୧୦.୯୮ କୋଟିରୁ ୩,୬୧୬.୨୭ କୋଟି, ସ୍କୁଲ ଓ ଗଣଶିକ୍ଷା ବିଭାଗ ୧୭,୩୮୮.୦୯ କୋଟିରୁ ୧୦,୫୯୧.୧୨ କୋଟି, ଗୃହ ନିର୍ମାଣ ଓ ଉନ୍ନୟନ ବିଭାଗ ୬,୦୩୦.୯୪ କୋଟିରୁ ୨,୮୭୦.୪୯ କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୭,୨୯୬.୦୭ କୋଟିରୁ ୪,୦୦୫.୩୭ କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧,୧୧୮.୧୩ କୋଟିରୁ ☞ପୃଷ୍ଠା–୨

ସରକାରଙ୍କ ଉପରେ ଋଣଭାର ଚାପ

- ବ୍ୟାଙ୍କରେ ଟଙ୍କା ଥିଲେ ମିଳିବନି ବଜେଟ ଅର୍ଥ
- ରିଜର୍ଭ ବ୍ୟାଙ୍କକୁ ଖର୍ଚ୍ଚ ତାଲିକା ମାଗିଲା ଅର୍ଥ ବିଭାଗ
- ଫେବୃୟାରୀ ସୁଦ୍ଧା ୬୦% ଖର୍ଚ୍ଚ କରିନାହାନ୍ତି ବିଭାଗ

ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ପାସ୍‌ପୋର୍ଟ ମନା

ନୂଆଦିଲ୍ଲୀ,୬।୩

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ ଆଉ ମିଳିବ ନାହିଁ ପାସ୍‌ପୋର୍ଟ। ଯେଉଁ କର୍ମଚାରୀମାନେ ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି କିମ୍ବା ଯାହାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗରେ ମାମଲା ରୁଜୁ ପାଇଁ ସରକାର ଅନୁମତି ଦେଇଛନ୍ତି, ସେମାନେ ପାସ୍‌ପୋର୍ଟ ପାଇପାରିବେ ନାହିଁ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ପରାମର୍ଶ କରି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଥିବା ଗାଇଡ୍‌ଲାଇନ୍‌ର ସମୀକ୍ଷା କରାଯାଇଥିଲା। ଏହା ପରେ ଉକ୍ତ ପଦକ୍ଷେପ ନିଆଯାଇଛି। ନୂଆ ନିୟମ ଅନୁସାରେ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ପାସ୍‌ପୋର୍ଟ ପ୍ରଦାନ ପୂର୍ବରୁ ଭିଜିଲାନ୍ସ କ୍ଲିୟରାନ୍ସ ନ ମିଳିଲେ ସେମାନଙ୍କୁ ପାସ୍‌ପୋର୍ଟ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଭାଗର ସଚିବମାନଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଛି। ଚାକିରିରୁ ନିଲମ୍ବିତ ହୋଇଥିବା ଅଧିକାରୀ କିମ୍ବା ଯାହାଙ୍କ ବିରୋଧରେ ଆପରାଧିକ ମାମଲାରେ ତଦନ୍ତକାରୀ ☞ପୃଷ୍ଠା–୧୩

ଏମାନେ ପାଇବେନି ଯାତ୍ରା ଦସ୍ତାବିଜ

- ଭ୍ରଷ୍ଟାଚାର ଅଭିଯୋଗରେ ନିଲମ୍ବିତ ଅଧିକାରୀ
- ଯାହାଙ୍କ ବିରୋଧରେ ମାମଲା ପାଇଁ ଅନୁମତି ଦିଆଯାଇଛି
- ଭାରତ ବାହାରେ ଆବେଦନକାରୀଙ୍କ ଉପସ୍ଥିତି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରୁଥିଲେ
- ୱାରେଣ୍ଟ କିମ୍ବା ହାଜର ପାଇଁ ସମନ ଅଥବା ଗିରଫ ପରୱାନା ଜାରି ହୋଇଥିଲେ

କମିଲା ବସ୍ ଭଡ଼ା: କିଲୋମିଟର ପିଛା ୧ ଓ ୨ ପଇସା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ରାଜ୍ୟରେ ବସ ଭଡ଼ା କମିଛି। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳ ଦର ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ)ଅନୁଯାୟୀ ରାଜ୍ୟରେ ବସ ଭଡ଼ା ହ୍ରାସ ପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ ଭଡା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ ଭଡା କିଲୋମିଟର ପିଛା ୬୯ ପଇସାରୁ ୬୮ପଇସା ହ୍ରାସ ହୋଇଥିବା ବେଳେ ଏକ୍ସପ୍ରେସ ୭୨ରୁ ୭୧, ଡିଲକ୍ସ ବସ କିଲୋମିଟର ପିଛା ୯୯ ପଇସାରୁ ୯୭ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୧ପଇସା ୧ ଟଙ୍କା ୧୯ ପଇସାକୁ ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧ରେ ବସ ଭଡା ହ୍ରାସ ପାଇଥିଲା। ମାସକ ମଧ୍ୟରେ ୨ ଥର ଭଡ଼ା ହ୍ରାସ ହୋଇଛି। ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ବସ ଭଡ଼ା କମିଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

ଆଜିର ସମ୍ପାଦକୀୟ

ଭିନ୍ନମତ ପାଇଁ ଜାଗା ନାହିଁ

Venco66 FROZEN CHICKEN

06.03.2020

Dist	Farm Gate/Kg	With Skin/Kg	Skinless /Kg
BBSR	32	70	80
CTC	32	70	80
DKL	32	70	80
BDK	32	70	80
BLS	32	70	80
ANG	32	70	80
BMP	32	70	80

Issued in the Interest of Consumers

*Conditions Apply

ସାଥୀ ଖୋଜିବାକୁ ୨ ହଜାର କିମି

ନୂଆଦିଲ୍ଲୀ, ୬।୩

'ବଞ୍ଚର ହେ ସବ୍ ବଞ୍ଚର ହେ। ହମ୍ ଢୁଣ୍ଡନେ ଜବ ଫିର୍ଦ୍ଦୋଷ ଚାଲେ। ତେରେ ଖୋଜ୍ ତଲାସ ମେଁ ଦେଖ୍ ପିୟା, ହମ୍ କିତନେ କାଲେ କୋଶ ଚାଲେ...'। ମହାନ୍ ସଙ୍ଗୀତକାର ଗୁଲ୍‌ଜାରଙ୍କ ରଚିତ ଏହି ଶାୟରୀକୁ ଆମେ ଶୁଣିବାକୁ ପାଇଥିଲେ ହିନ୍ଦୀ ଫିଲ୍ମ 'ସାଥିୟାଁ'ରେ, ଯାହାକୁ ନିଜର କଣ୍ଠରେ ସଜାଇଥିଲେ ଓସ୍କାର ବିଜେତା କଣ୍ଠଶିଳ୍ପୀ ଏ.ଆର୍. ରହମନ। ଏହି ଗୀତରେ ଭରି ରହିଛି ବିରହ ପ୍ରେମର ଯନ୍ତ୍ରଣା। ଏପରି ଏକ ବିରହୀ ବାଘର ପ୍ରେମ କାହାଣୀକୁ ନେଇ ସୋସିଆଲ ମିଡିଆରେ ଜୋର୍ ଧରିଛି ଚର୍ଚ୍ଚା। ଉକ୍ତ ମହାବଳ ବାଘ ସାଥୀ ଖୋଜିବାକୁ ୨୦୦୦ କିମି ପଥ ଅତିକ୍ରାନ୍ତ କରିଛି। ବାଙ୍ଗାଲୋରର ଜଣାଶୁଣା ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ପ୍ରବୀଣ କଶୱାନ ଉକ୍ତ ବାଘର ଫଟୋ ଏବଂ ଏହାର କଷ୍ଟପୂର୍ଣ୍ଣ ଯାତ୍ରାର ଛାୟାଚିତ୍ରକୁ ନିଜର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି।

ଋତୁ ଅନୁଯାୟୀ ଜଟିଳ ପରିସ୍ଥିତିରୁ ମୁକୁଳିବାକୁ ପଶୁପକ୍ଷୀମାନେ ନିଜର ଆବାସସ୍ଥଳୀ ବଦଳାଇଥାନ୍ତି। ଏହାକୁ ମାଇଗ୍ରେଶନ ବା ଦେଶାନ୍ତର କୁହାଯାଏ। ଉକ୍ତ ବାଘ ମଧ୍ୟ ସାଥୀ ଖୋଜିବାରେ ୨୦୦୦ କିମି ଚାଲିଥିବା ପ୍ରବୀଣ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରର ଟିପ୍ପେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟରୁ ନିଜର ଯାତ୍ରା ଆରମ୍ଭ କରିଥିବା ଉକ୍ତ ବାଘ ଏବେ ହିଙ୍ଗୋଲି ନିକଟ ଜ୍ଞାନଗଙ୍ଗା ଅଭୟାରଣ୍ୟରେ ପହଞ୍ଚିଛି। ନିଜର ଯାତ୍ରା ସମୟରେ ବାଘଟି ବିଲ, କେନାଲ, ଜଙ୍ଗଲ ରାସ୍ତା ଅତିକ୍ରମ କରିଛି। ସେ ଦିନ ତମାମ ବିଶ୍ରାମ ନେଉଥିବାବେଳେ ରାତିରେ ହିଁ ଚାଲୁଥିଲା। ହେଲେ ରାସ୍ତାରେ ବାଘଟି କାହାରି କୌଣସି କ୍ଷତି କରିନାହିଁ। କେବଳ ଜଣେ ଯୋଗ୍ୟ ସାଥୀ ପାଇବାକୁ ସେ ଏପରି ପରିଶ୍ରମ କରିଛି। ୨୦୧୯ ମାର୍ଚ୍ଚରେ ଉକ୍ତ ବାଘ ଦେହରେ ଭିଏଚ୍‌ଏଫ୍ ରେଡିଓ ଖଞ୍ଜାଯାଇଥିଲା। ଜିପିଏସ୍ ସହାୟତାରେ ତା' ଉପରେ ଲଗାତର ନଜର ରଖାଯାଇଥିଲା। ତେବେ ବାଘକୁ ସାଥୀ ମିଳିଛି ନା ନାହିଁ ସେ ସମ୍ପର୍କରେ ପ୍ରବୀଣ କିଛି ଉଲ୍ଲେଖ କରିନାହାନ୍ତି।

ତେବେ ପ୍ରବୀଣ ସମ୍ପୂର୍ଣ୍ଣ ଘଟଣାକୁ ଶେୟାର କରିବା ପରେ ଟୁଇଟର ୟୁଜର ବାଘକୁ ନେଇ ମଜାଳିଆ କମେଣ୍ଟ ଦେଇଛନ୍ତି। ଜଣେ କହିଛନ୍ତି, ଏଠି ଲୋକେ ନେଟ୍‌ଫ୍ଲିକ୍ସର ପାସ୍‌ୱାର୍ଡ ଦେଉନାହାନ୍ତି, ଅଥଚ ବାଘ ଏତେ ପରିଶ୍ରମ କରୁଛି। ଆଉ ଜଣେ ଲେଖିଛନ୍ତି, ସେ ବାଘୁଣୀ ବେଶ୍ ଭାଗ୍ୟବତୀ ହୋଇଥିବ। ଅନ୍ୟ ଜଣେ ଉଲ୍ଲେଖ କରିଛନ୍ତି, ବାଘମାନଙ୍କ ପାଇଁ ଟିଣ୍ଡର (ଡେଟିଂ ଆପ୍) ଲୋଡ଼ା। ସେ ଯାହା ହେଉନା କାହିଁକି, ସାଥୀ ଖୋଜିବାକୁ ବାଘର ଏପରି ଯାତ୍ରା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

Parveen Kaswan, IFS
@ParveenKaswan

This #Tiger from India after walking into records has settled to Dnyanganga forest. He walked for 2000 Kms through canals, fields, forest, roads & no conflict recorded. Resting in daytime & walking in night all for finding a suitable partner. Was being continuously monitored.

ORGANIC FAIR is Back!

8 March 2020, 8 am - 3 pm

Venue:
THE PRESS CLUB OF ODISHA

ଆଜିର ମନ୍ତବ୍ୟ

ଗୃହକାର୍ଯ୍ୟ ବ୍ୟାଘାତ ପାଇଁ ଏମ୍‌ପିମାନଙ୍କୁ ନିଲମ୍ବନ କରିବା ପକେଟମାରଙ୍କୁ ଜେଲକୁ ପଠାଇବା ସଦୃଶ।
-ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା

କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫.୪୨ ବିଲିୟନ ଡଲାର ବୃଦ୍ଧି ଘଟି ୪୮୧. ୫୪ ବିଲିୟନ ଡଲାର ରହିଛି। -ରିଜର୍ଭ ବ୍ୟାଙ୍କ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଅଦ୍ୟାଶ୍ରୀ
ପରିବାରବର୍ଗ

ବିଶ୍ୱନାଥ
ପରିବାରବର୍ଗ

ଗାୟତ୍ରୀ
ପରିବାରବର୍ଗ

ପ୍ରଦୀପ
ପରିବାରବର୍ଗ

ପ୍ରିୟଦର୍ଶିନୀ
ପରିବାରବର୍ଗ

ରୋନି କୁମାର
ପରିବାରବର୍ଗ

ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୧୭ ଜିଲାରେ ବର୍ଷା, ପବନ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୭ଟି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଖାରସୁଗୁଡ଼ା, ସମ୍ବଲପୁର, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା, କଟକ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଉକ୍ତ ଜିଲାଗୁଡ଼ିକରେ ବର୍ଷା ସହ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବ। ସେହିପରି ଏହି ସମୟରେ ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, କନ୍ଧମାଳ ଏବଂ ନୟାଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୦ ତାରିଖ ଯାଏ ଉପକୂଳ, ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା ଜାରି ରହିବ ବୋଲି ଅନୁମାନ କରାଯାଇଛି। ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଭାଗରେ ଝଡ଼ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡ଼ିରେ ୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ରେ ୩୩, ନୟାଗଡ଼ ୨୨.୨, ତାଳଚେର ୧୩ ଏବଂ ଅନୁଗୋଳରେ ୧୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ୟେଲୋ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ

ପ୍ରଥମ ପୃଷ୍ଠାରୁ...

ମହାପ୍ରଭୁଙ୍କ ଜମାଟଙ୍କା...

ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ଜମା କରାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ କିଏ ଅନୁମୋଦନ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉଠିବା ପରେ ହରଡ଼ଘଣାରେ ପଡିଥିଲେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିଥିବା ଅଧିକାରୀ। ବୈଠକର ୪ ଦିନ ପରେ ଅର୍ଥାତ୍ ଡିସେମ୍ବର ୨୪ରେ ସାନି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାପରେ ଅର୍ଥ ସବ୍‌କମିଟି ବୈଠକ ବସି ମହାପ୍ରଭୁଙ୍କ ପାଣ୍ଠିର ସ୍ୱଚ୍ଛତା ରଖାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଗତ ମାସ ୫ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପୁଣି ଏହି ପ୍ରସଙ୍ଗକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଣିକି ଜାତୀୟକରଣ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା। ଏଥିଲାଗି ଟେଣ୍ଡର ଆହ୍ୱାନ କରାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ୫୦ ପ୍ରତିଶତ ଅର୍ଥ ଜମା ରହିବ। ଅନ୍ୟ ଦୁଇଟି ବ୍ୟାଙ୍କରେ ବଳକା ଟଙ୍କାକୁ ବାଣ୍ଟି ରଖାଯିବ। ଫଳରେ ମହାପ୍ରଭୁଙ୍କ ପାଣ୍ଠି ସୁରକ୍ଷିତ ରହିପାରିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଥିଲେ। ଗତମାସ ୨୬ ତାରିଖରେ ବିଧାନସଭାରେ ଏହି ପ୍ରସଙ୍ଗରେ ଉତ୍ତର ଦେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ୫୯୨ କୋଟି ଟଙ୍କା ମଧ୍ୟରୁ ୪୭କୋଟି ଟଙ୍କା ଫେକ୍ସି ଜମାକୁ ୟେସ୍ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୫୪୫ କୋଟି ଟଙ୍କା ଚଳିତମାସ ୧୯ ଓ ୩୦ ତାରିଖରେ ମାଚ୍ୟୁରିଟି ପୂରୁଥିବାରୁ ଏହା ଉଠାଇ ଦିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗଡ଼ି ଯାଇଥିବାରୁ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। କାରଣ ଆସନ୍ତା ୩୦ ଦିନ ମଧ୍ୟରେ ୟେସ୍ ବ୍ୟାଙ୍କର ଜଣେ ଗ୍ରାହକ ସର୍ବାଧିକ ୫୦ ହଜାର ଟଙ୍କା ଉଠାଇ ପାରିବ ବୋଲି ନିୟମ ଲାଗୁ ହୋଇଛି।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଏତେଗୁଡ଼ିଏ ଟଙ୍କା ରଖିବା ଲାଗି କିଭଳି ନିଷ୍ପତ୍ତି ନିଆଗଲା ରାଜ୍ୟ ସରକାର ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହାସହିତ ମହାପ୍ରଭୁଙ୍କ ଟଙ୍କା ଉକ୍ତ ବ୍ୟାଙ୍କରୁ କିପରି ଉଠାଯିବ ସେ ନେଇ ପଦକ୍ଷେପ ନିଅନ୍ତୁ। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପରିଚାଳନା କମିଟିରେ ଆଲୋଚନା ହୋଇନି, ଗଜପତି ମହାରାଜା ଜାଣିନାହାନ୍ତି, ଅର୍ଥ ସବ୍ କମିଟି ଅନୁମୋଦନ କରିନି, ହେଲେ ମହାପ୍ରଭୁଙ୍କ ଟଙ୍କା ଏକ ଘରୋଇ ବ୍ୟାଙ୍କ ହାତରେ ଚେକିଦିଆଯାଇଛି। ଏହା ସବୁଠୁ ଦୁଃଖଦାୟକ। ତଦନ୍ତ କରାଯାଇ ଯେଉଁମାନେ ଏପରି କାରବାର ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଅଧିକ ସୁଧ ଲୋଭରେ ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଆର୍‌ବିଆଇ ସହ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ଆଲୋଚନା କରି ମହାପ୍ରଭୁଙ୍କ ଟଙ୍କା କିପରି ଉଠାଇ ହେବ ସେ ନେଇ ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି ମହେଶ୍ୱର।

ମହାପ୍ରଭୁଙ୍କ ଟଙ୍କା ପ୍ରତି ବିପଦ ନାହିଁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୬।୩(ବ୍ୟୁରୋ)-ୟେସ ବ୍ୟାଙ୍କର ଦେବାଳିଆ ସ୍ଥିତିକୁ ନେଇ ଜମାକାରୀଙ୍କ ମଧ୍ୟରେ ଛନକା ପଶିଛି। କାଳେ ଜମା ଟଙ୍କା ବୁଡିଯିବ ସେହି ଆଶଙ୍କାରେ ଉକ୍ତ ବ୍ୟାଙ୍କର ଏଟିଏମ ଆଗରେ ଟଙ୍କା ଉଠାଇବା ପାଇଁ ଲୋକଙ୍କ ଭିଡ ଲାଗିଛି। ତେବେ ୟେସ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଫିକ୍ସଡ ଡିପୋଜିଟ ରହିଛି। ଏହି ଟଙ୍କା ବୁଡିଯିବାର କୌଣସି ଆଶଙ୍କା ନାହିଁ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ମହାପ୍ରଭୁଙ୍କ ଟଙ୍କା ପ୍ରତି କୌଣସି ବିପଦ ନାହିଁ। ୨ଟି ଡିପୋଜିଟର ମାଚୁରିଟି ମାର୍ଚ୍ଚ ୧୬ ଓ ୨୯ରେ ପୁରିବ। ଏହା ପରେ ଉକ୍ତ ଅର୍ଥକୁ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

୪ ରାଜ୍ୟ ସଭା ...

ମନୋନୟନପତ୍ର ଯାଞ୍ଚ କରାଯିବ। ୧୮ ତାରିଖ ପୂର୍ବାହ୍ନ ୩ଟାମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆବଶ୍ୟକ ହେଲେ ମାର୍ଚ୍ଚ ୨୬ ପୂର୍ବାହ୍ନ ୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ। ମାର୍ଚ୍ଚ ୩୦ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏ ସମ୍ପର୍କିତ ବିଜ୍ଞପ୍ତି ବିଧାନସଭା ସଚିବାଳୟର ନୋଟିସ୍ ବୋର୍ଡରେ ପ୍ରକାଶିତ କରାଯାଇଛି। ସମସ୍ତ ଜିଲାପାଳ, ଉପଜିଲାପାଳ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ଏପ୍ରିଲ୍ ସୁଦ୍ଧା ବିଜେଡିର ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହେବା ପରେ ବିଜେଡି ନେତା ଅନୁଭବ ମହାନ୍ତି ରାଜ୍ୟ ସଭା ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ମୋଟ ୪ଟି ଆସନ ଖାଲି ପଡୁଛି। ଆସନ୍ତା ୨/୩ ଦିନ ମଧ୍ୟରେ ବିଜେଡି ରାଜ୍ୟ ସଭା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିବା ସମ୍ଭାବନା ରହିଛି। ତେବେ ଏହି ଦୌଡ଼ରେ କେଉଁମାନେ ଅଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଦଳ ପ୍ରତି ଆନୁଗତ୍ୟ ଥିବା କିମ୍ବା କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ସରୋଜିନୀଙ୍କ ସ୍ଥାନରେ ବିଜେଡି ଜଣେ ମହିଳାଙ୍କୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଆଲୋଚନା ହେଉଛି। ୩ଟି ରାଜ୍ୟ ସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ ହେଉଥିବାବେଳେ ୪ର୍ଥ ଆସନ ପାଇଁ ଭାଜପା ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ତେବେ ବିଜେଡି ଓ ଭାଜପା ଯାହାଙ୍କୁ ସମର୍ଥନ କରିବେ ତାଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଛି।

ବିଭାଗ ଉପରେ

୫୪୪.୬୩ କୋଟି ଖର୍ଚ୍ଚ କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ୧୯,୬୯୬.୮୭ କୋଟିରୁ ୧୧,୯୦୩.୫୯ କୋଟି, ଜଳସମ୍ପଦ ବିଭାଗ ୮,୧୨୯.୪୯ କୋଟିରୁ ୩,୬୯୧.୪୨ କୋଟି, କୃଷି ବିଭାଗ ୯,୧୧୧.୯୧ କୋଟିରୁ ୫,୭୫୭ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୫୮୭.୪୫ କୋଟିରୁ ୧,୧୮୦.୪୫ କୋଟି, ଶକ୍ତି ବିଭାଗ ୩,୧୦୨.୦୩ କୋଟିରୁ ୧,୪୩୫.୭୨ କୋଟି, ଉଚ୍ଚଶିକ୍ଷା ବିଭାଗ ୨,୪୧୨.୩୭ କୋଟିରୁ ୧,୨୨୧.୫୧ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୩,୪୮୦.୪୦ କୋଟିରୁ ୨,୫୪୯.୨୫ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ଏହାବ୍ୟତୀତ ଅନ୍ୟ ବିଭାଗଗୁଡିକର ସ୍ଥିତି ମଧ୍ୟ ସମାନ। ୨୦୧୭-୧୮ ଆର୍ଥିକ ବର୍ଷରେ ମଧ୍ୟ ସମାନ ଅବସ୍ଥା ଥିଲା। ଅର୍ଥ ଖର୍ଚ୍ଚ ହେଉ ନ ଥିବାରୁ ବିକାଶ କାର୍ଯ୍ୟ ଧିମେଇ ଯାଉଛି। ଅନ୍ୟପକ୍ଷରେ ଯେଉଁ ଡିଡିଓ(ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର) ବିନା କାରଣରେ ଟ୍ରେଜେରିରୁ ଟଙ୍କା ନେଇ ଅନ୍ୟ ବ୍ୟାଙ୍କରେ ରଖୁଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅର୍ଥ ବିଭାଗ ଚେତାଇ ଦେଇଛି। ଏ ନେଇ ଜିଲାପାଳ ଓ ବିଭିନ୍ନ ବିଭାଗକୁ ଜଣାଇ ଦିଆଯାଇଛି। ଜରୁରୀ ନ ପଡ଼ିଲେ ପଇସା ନ ଉଠାଇବାକୁ ତାଗିଦ କରାଯାଇଛି। ଯଦି କୌଣସି ଯୋଜନାର ଅର୍ଥ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଖର୍ଚ୍ଚ ହୋଇଯିବ, ଅର୍ଥ ବିଭାଗ ତୁରନ୍ତ ଅର୍ଥ ଯୋଗାଇବ। ଏଥିପାଇଁ ବିଧାନସଭା କିମ୍ବା କ୍ୟାବିନେଟ୍ ମଞ୍ଜୁରୀ ଆବଶ୍ୟକତା ପଡ଼ିବ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଠିକ୍ ରହିଛି, ରାଜ୍ୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ବୃଦ୍ଧି ପାଇଛି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ସରକାର ୨୦୧୭-୧୮ ଆର୍ଥିକବର୍ଷରେ କେନ୍ଦ୍ରଠାରୁ ୨,୩୪୮.୫ କୋଟି, ୨୦୧୮-୧୯ରେ ୪,୨୪୧ କୋଟି ପାଇଥିବାବେଳେ ୨୦୧୯-୨୦ରେ ୨,୧୫୩ କୋଟି କ୍ଷତିପୂରଣ ପାଇବେ। ସେଥିରୁ ଏପର୍ଯ୍ୟନ୍ତ ୬୧୮ କୋଟି ଟଙ୍କା ମିଳିଛି। କେନ୍ଦ୍ର ସରକାର ୨୦୨୦ ଜାନୁୟାରୀ ୩୧ ସୁଦ୍ଧା ୩,୨୦୪.୭ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ଦେଇଛନ୍ତି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜ୍ୟକୁ ପ୍ରାୟ ୪ ହଜାର କୋଟି ଟଙ୍କାର କ୍ଷତିପୂରଣ ମିଳୁଥିବା ଜଣାପଡିଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ଚନ୍ଦ୍ର ନିଜ ରାଶିରେ ଅବସ୍ଥାନ କରିଥିବାରୁ ସୁନ୍ଦର ପାରିବାରିକ ଜୀବନ ଓ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ମନ ଖୁସୀ ରହିବ। ଶୁକ୍ରଙ୍କ ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁଗୃହକୁ ଯାତ୍ରା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ,ବ୍ୟବସାୟ, ପ୍ରତିଯୋଗିତା କ୍ଷେତ୍ରରେ ଆଶାନୁଯାୟୀ ସଫଳତା ପାଇବେ। କିନ୍ତୁ ଶନିଙ୍କ ଦୃଷ୍ଟିପ୍ରଭାବରେ ଅଶ୍ୱିନୀ ପାଇଁ କାମରେ ବିଘ୍ନ ଓ କୃତିକା ବନ୍ଧୁବର୍ଗରେ କଳହର ଆଶଙ୍କା ରହିଛି।

ବୃଷ

ରବିଙ୍କ ସହ ନୀଚାରୋହୀ ବୁଧ ଆପଣଙ୍କୁ ବିଫଳ ଆଲୋଚନା ଓ ଅର୍ଥ ସମ୍ପର୍କୀୟ ବିବାଦ ଭିତରକୁ ଟାଣିନେବ। ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବାରେ ଅସୁବିଧା ହେବନାହିଁ। କଚେରି ମାମଲାରେ ପୁନଶ୍ଚ ବାଇଦା ପକାଇବା ପାଇଁ ଆଇନଜ୍ଞଙ୍କୁ ଅନୁରୋଧ କରିପାରନ୍ତି।

ମିଥୁନ

ରାହୁଙ୍କ ଯୋଗୁ ମାନସିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ। ଆରଦ୍ରା ନକ୍ଷତ୍ର କିନ୍ତୁ ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଆଜି ଆପଣଙ୍କର ଭାଇ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ।

କର୍କଟ

ଆଜି ରବି ଓ ଚନ୍ଦ୍ର ତଥା ଶୁକ୍ରଙ୍କ ଶୁଭତ୍ୱ ପ୍ରଭାବରେ ଆର୍ଥିକ ଦିଗରୁ, ବନ୍ଧୁ ସହଯୋଗରୁ, ରୋଗପୀଡା ଉପଶମରୁ ମନ ଖୁସୀ ହୋଇଯିବ। ପୁଷ୍ୟା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ ପ୍ରଥମେ ବିରକ୍ତି ପ୍ରକାଶକରି ପରମୁହୂର୍ତ୍ତରେ କାମଟି କରିଦେବେ।

ସିଂହ

ଚନ୍ଦ୍ର ଦ୍ୱାଦଶ ସ୍ଥାନରେ ଥିବାରୁ କୌଣସି ଏକ ଜରୁରୀ କାମରେ ହଠାତ୍ ବାହାରକୁ ଯିବାକୁ ପଡିପାରେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ କିନ୍ତୁ ପରିବାରରେ ମତଭେଦର ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

କନ୍ୟା

ବୁଧ ରାଶିରେ ଷଷ୍ଠସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଋଣ ପରିଶୋଧ ପାଇଁ ଚାପର ସମ୍ମୁଖୀନ ହେବେ। ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତିତ ରହିପାରନ୍ତି, ସେଥିରେ ସଫଳତା ଅବଶ୍ୟ ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ । ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

ତୁଳା

ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁମାନଙ୍କ ଜରିଆରେ କାମ ହାସଲ ସକାଶେ ଆଲୋଚନା କରିପାରନ୍ତି। ସରକାରୀ ସ୍ତରର କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପାରିବାରିକ ସ୍ଥିତି, ବିବାଦୀୟ ଘଟଣାର ଆଲୋଚନା କ୍ଷେତ୍ରରେ ରୋକ୍ ଲାଗିପାରେ।

ବିଛା

ଭାଗ୍ୟସ୍ଥାନରେ ଚନ୍ଦ୍ର ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ମାଙ୍ଗଳିକ କାମ ସକାଶେ ଆଲୋଚନା କରିପାରନ୍ତି।

ଧନୁ

ଆତ୍ମୀୟମାନଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବାର ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିବ। ଧନଭାବସ୍ଥ ଶନି ପ୍ରଭାବରେ ପୈତୃକ ସମ୍ପତିକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ କିଛି

DSPL-301

ODISHA
NEW OPPORTUNITIES



ODISHA The New Manufacturing Hub of India

Odisha has emerged as the **#1 investment destination** in India, with 18% share of all investments nationally during April-September, 2019

After the 8 phases of ground-breaking/inauguration and the successful organization of the Make in Odisha Conclave 2018, Invest Odisha is proud to announce...

9th PHASE

Ground-breaking/Inauguration

26 New Industrial Projects* spanning 10 Sectors across 9 districts

by

Shri Naveen Patnaik

Hon'ble Chief Minister

7th March 2020

Inauguration

Aditya Birla Renewable, Boudh | Jindal Stainless Ltd, Jajpur | AKM Agro, Khurda

Ground-breaking

Rungta Mines Limited (RML), Sundargarh | Shri Jagannath Steel & Power Limited, Keonjhar | Kamaljeet Singh Ahluwalia, Keonjhar | MSP Sponge Iron Limited, Keonjhar | Kashika Metaliks Limited, Jajpur | Kashvi International (P) Ltd, Keonjhar | Ilex Developers & Resorts Ltd, Khurdha | Dibya Multigrains Pvt. Ltd., Cuttack | Sidhi Vinayak Oxygen, Cuttack | Tarini Packaging & Graphics, Cuttack | Fun Leela Water Park, Jharsuguda | Furtune Powernic Solutions (P) Ltd., Cuttack | Recaardus Enterprises, Cuttack | Riddhi Binayak Pet Industries, Cuttack | Laxmi Priya Agro Food Processing, Cuttack | East Coast Thermocol & Paper Products, Balasore | Ganapati Steel Industry, Balasore | Raj Udyog, Balasore | Turbo Classic, Rourkela | Tirupati Plastic, Cuttack | Dishu Surgicals, Dhenkanal | Rowan Mills (P) Ltd., Cuttack | Venus Cotton Industries, Balasore

***Investment of ₹5567.5 crore with potential employment for 9168**

#Source: Center for Monitoring Indian Economy (CMIE)

OIPR-14005/13/0016/1920

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app Google Play App Store Windows Store
Follow us on @investInOdisha /InvestOdisha

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର।
–ଶ୍ରୀମା

ଭିନ୍ନମତ ପାଇଁ ଜାଗା ନାହିଁ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏବେ ଗ୍ରହଣ କରାଯାଇଥିବା ଏକ ପଦକ୍ଷେପ ୨୦୧୦ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଘଟିଥିବା ଅନୁରୂପ ଘଟଣାକୁ ସ୍ମରଣ କରାଇଦେଇଛି। ନୂତନ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ସଞ୍ଜୟ କୋଠାରୀ ଏବଂ ନୂତନ କେନ୍ଦ୍ରୀୟ ସୂଚନା କମିଶନର ଭାବେ ବିମଲ ଜୁଲ୍‌କାଙ୍କ ନିଯୁକ୍ତି ବିବାଦ ଭିତରକୁ ଟାଣି ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟିର କଂଗ୍ରେସ ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ ଏହି ନିଯୁକ୍ତିକୁ ଦୃଢ ବିରୋଧ କରିଛନ୍ତି। କୋଠାରୀ ଭାରତର ରାଷ୍ଟ୍ରପତିଙ୍କ ସଚିବ ଥିବାବେଳେ ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ଥିବା ଜୁଲ୍‌କା ଏବେ ସୂଚନା କମିଶନର ଅଛନ୍ତି। ଚୟନ କମିଟି ମଧ୍ୟରେ ରହିଥିବା ଦୋଷଦୁର୍ବଳତା ଉପରେ ଚୌଧୁରୀ ଆପତ୍ତି ଉଠାଇଛନ୍ତି। ଚୟନ କମିଟିରେ ରାଜସ୍ୱ ସଚିବ ରାଜୀବ କୁମାରଙ୍କ ଉପସ୍ଥିତିକୁ ନେଇ ସେ ଆପତ୍ତି କରିଥିଲେ, କାରଣ କୁମାର ନିଜେ ସିଭିସି ପଦ ପାଇଁ ଅନ୍ୟତମ ଆବେଦନକାରୀ ଥିଲେ! କୁମାରଙ୍କ ସହିତ କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଉଛନ୍ତି କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବ ସି. ଚନ୍ଦ୍ରମୌଳି। ଚୌଧୁରୀଙ୍କ ପ୍ରତିବାଦକୁ ସଂଖ୍ୟାଧିକ ନିଷ୍ପତ୍ତି କ୍ରମେ ଅଣଦେଖା କରାଯାଇଥିଲା, କିନ୍ତୁ ମୋଦିଙ୍କ ଦ୍ୱାରା ନିଆଯାଇ ସାରିଥିବା ନିଷ୍ପତ୍ତିର ଏହା କେବଳ ଔପଚାରିକତା ଥିଲା ବୋଲି ସେ କୌଣସି ପ୍ରକାରେ ସ୍ୱର ଉତ୍ତୋଳନ କରିବାକୁ ସକ୍ଷମ ହୋଇଥିଲେ।

ଝୁପି ବାବୁଙ୍କ ଭବିଷ୍ୟତ କୋମାରେ

ଉତ୍ତରପ୍ରଦେଶ ସରକାର ଏହାର ବରିଷ୍ଠ ବାବୁମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ପଠାଇବାକୁ ଅନିଚ୍ଛୁକ ଥିବା କଥାକୁ ନେଇ ବିଶେଷକରି ୧୯୮୮ ଓ ୧୯୯୯ ବ୍ୟାଚ୍‌ର ବାବୁମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ୧୯୮୬ ଓ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ପ୍ରମୁଖ ସଚିବ ପଦରୁ ଅତିରିକ୍ତ ମୁଖ୍ୟ ସଚିବ ପଦକୁ ପଦୋନ୍ନତି ପାଇଥିବାବେଳେ ତା' ପର ବ୍ୟାଚ୍‌ର ଅଧିକାରୀମାନେ ପଦୋନ୍ନତି ପାଇବାକୁ ହକ୍‌ଦାର। କିନ୍ତୁ ଯୋଗୀ ସରକାର ଏଥିଲାଗି ଆଗ୍ରହ ଦେଖାଉ ନାହାନ୍ତି। ଗୁଜରାଟ ସରକାର ଅତିରିକ୍ତ ମୁଖ୍ୟ ସଚିବ ଭାବେ ତାଙ୍କ ରାଜ୍ୟର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କ ପଦୋନ୍ନତି ଲାଗି ପଥ ପରିଷ୍କାର କରିବା ପରଠାରୁ ଉତ୍ତରପ୍ରଦେଶ ବାବୁମାନେ ଅଶାନ୍ତିରେ ଅଛନ୍ତି। ସେମାନେ ଅନୁଭବ କରୁଛନ୍ତି ଯେ, ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। କେବଳ ନିଜ ରାଜ୍ୟରେ ପଦୋନ୍ନତି ଦୃଷ୍ଟିରୁ ନୁହେଁ, ବରଂ ସେମାନଙ୍କ କ୍ୟାରିୟର ଲାଗି ନିହାତି ଆବଶ୍ୟକ ମନେ କରାଯାଉଥିବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ସୁଯୋଗରୁ ବି ସେମାନଙ୍କୁ ବଞ୍ଚିତ କରାଯାଉଛି। ତେଣୁ ସେମାନଙ୍କ ଭବିଷ୍ୟତ ଏବେ କୋମାରେ। କୁହାଯାଉଛି କି, ଅତିରିକ୍ତ ମୁଖ୍ୟ ସଚିବ ପଦ ସଂଖ୍ୟା ନିର୍ଦ୍ଧାରିତ ହୋଇଥିବାରୁ ଯୋଗୀ ସରକାର ନାଚାର। ତେବେ କାହିଁକି ଝୁପି ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ବାବୁମାନଙ୍କୁ ଅନୁମତି ଦେଉନାହାନ୍ତି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ସ୍ୱତନ୍ତ୍ର କ୍ୟାଡର ଦାବି

ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ତାଙ୍କ ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍ କ୍ୟାଡର ଦାବି ଦୋହରାଇଛନ୍ତି। ନିକଟରେ ଅରୁଣାଚଳରେ ରାଜ୍ୟ ମାନ୍ୟତା ଦିବସ ପାଳନ ଅବସରରେ ଖଣ୍ଡୁ ରାଜ୍ୟର ଦ୍ରୁତ ବିକାଶ ସକାଶେ ସ୍ୱତନ୍ତ୍ର କ୍ୟାଡର ସୃଷ୍ଟି ନିମନ୍ତେ ରହିଥିବା ସମସ୍ତ ଔପଚାରିକତା ପୂରଣ ଲାଗି କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ପ୍ରତିଷ୍ଠା ହେବାର ୩୩ ବର୍ଷ ପରେ ବି ଅରୁଣାଚଳ ପ୍ରଦେଶର ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ନିଜସ୍ୱ କ୍ୟାଡର ନାହିଁ। ବର୍ତ୍ତମାନ ପ୍ରଶାସନିକ ଅଧିକାରୀମାନେ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପାଇଁ ଥିବା ସାଧାରଣ ଏଜିଏମ୍‌ୟୁଟି କ୍ୟାଡରରୁ ଆସି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଏକ ଉତ୍ସର୍ଗୀକୃତ ପ୍ରଶାସନିକ ଅଧିକାରୀଙ୍କ ଟିମ୍ ଆବଶ୍ୟକ କରେ ବୋଲି ଖଣ୍ଡୁ ଶାହାଙ୍କୁ କହିଛନ୍ତି, ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଅସ୍ଥାୟୀ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ନିଯୁକ୍ତି ଯୋଗୁ ସଂସ୍ଥାଗତ ଦକ୍ଷତା ହ୍ରାସ ପାଉଛି, ଯାହାଦ୍ୱାରା ବିକାଶର ଗତି ମନ୍ଥର ହୋଇଯାଉଛି। ସଂସ୍ଥାଗତ ଦକ୍ଷତା ଏକ ଗ୍ରୁପ୍‌ର ସାମଗ୍ରିକ ଜ୍ଞାନ ଓ ଅଭିଜ୍ଞତାକୁ ବୁଝାଏ। ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ବି.ଡି. ମିଶ୍ର ମଧ୍ୟ ସମାନ ଦାବି ଉଠାଇଛନ୍ତି। ରାଜ୍ୟ ବିଧାନସଭାରେ ବି ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ କ୍ୟାଡର ସୃଷ୍ଟି ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଛି।

Email: dilipcherian@gmail.com

ମୁଁ କରୋନା କହୁଛି

ପ୍ରକାଶ ତ୍ରିପାଠୀ

ହାଲୋ ବିଶ୍ୱବାସୀ! ମୁଁ କରୋନା କହୁଛି। କରୋନା ଭାଇରସ୍, ମାନେ ସାରା ବିଶ୍ୱରେ କୋକୁଆ ଭୟ ସୃଷ୍ଟି କରିଥିବା କୋଭିଡ୍–୧୯ ରୋଗ ସୃଷ୍ଟିକାରୀ ଭାଇରସ୍ କରୋନା। ଜଗତୀକରଣ ଯୁଗରେ ପଦାକୁ ବାହାରୁ ବାହାରୁ ମୋର ବି ଜଗତୀକରଣ ହୋଇଗଲାଣି। ମାତ୍ର ଦିନ କେଇଟାରେ ୯୦ଟା ଦେଶ ବୁଲି ସାରିଲିଣି। ପଶୁଜନ୍ତୁମାନେ ମୋର ପ୍ରିୟ। ମୁଁ ସେହିମାନଙ୍କ ପାଖରେ ରୁହେ। ଶୁଣିଲି ଯେ ବର୍ତ୍ତମାନ ସମୟରେ ମଣିଷମାନେ ବି ପଶୁ ହୋଇଗଲେଣି। ସେଥିପାଇଁ ମୁଁ ପଶୁରୁ ବାହାରି ମଣିଷଙ୍କ ପାଖକୁ ଚାଲିଆସିଛି। ବାଃ, ବଢିଆ ଲାଗୁଛି। ଚାଇନାର ଉହାନ ସହରରୁ ମୁଁ ମୋର ବିଶ୍ୱ ପରିକ୍ରମା ଆରମ୍ଭ କରିଛି। ମୁଁ କେମିତି ପଦାକୁ ବାହାରିଲି, ତାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଚାଲିଛି। ଚାଇନା ବିରୋଧୀ ଲୋକେ କହୁଛନ୍ତି, ଉହାନ ସହରରେ ଚାଇନାର ଜୈବିକ ଅସ୍ତ୍ର ଗବେଷଣାଗାର ରହିଛି। କିଛି ବିଶେଷଜ୍ଞଙ୍କ ଅସାବଧାନତା ଯୋଗୁ ମୁଁ ବାହାରକୁ ଆସିଗଲି। ଆଉ କିଛି ବିଶେଷଜ୍ଞ କହୁଛନ୍ତି, ଉହାନ ନିକଟବର୍ତ୍ତୀ ବିଶାଳ ପଶୁବଜାରରୁ ମୁଁ ବାହାରକୁ ଆସିଛି। ଚାଇନା ଲୋକଙ୍କ ବିଚିତ୍ର ଖାଦ୍ୟାଭ୍ୟାସ (କଞ୍ଚା ମାଂସ ଭକ୍ଷଣ) ଏଥିପାଇଁ ଦାୟୀ ବୋଲି ସେମାନଙ୍କ ମତ।

ଏବେ ସାରା ବିଶ୍ୱରେ ଏକମାତ୍ର ଚର୍ଚ୍ଚିତ ନାମ ହେଉଛି କରୋନା। ପ୍ରିଣ୍ଟ ମିଡିଆଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ ମିଡିଆ, ସୋସିଆଲ ମିଡିଆଠାରୁ ଖଟି ସ୍ଥଳ ସବୁଠି ମୋର ଚର୍ଚ୍ଚା। ପ୍ରତି ମୁହୂର୍ତ୍ତରେ ମୋର ଅପଡେଟ୍। ପ୍ରକୃତରେ ମୁଁ ଭାରି ଅଳସୁଆ। ବେଶି କାମଦାମ କରିପାରେ ନାହିଁ। ସେଥିପାଇଁ ମୋ ସାଥୀ ଓ ସହୋଦର 'ଇବୋଲା', 'ଫ୍ଲୁ', 'ଆନ୍ଥ୍ରାକ୍‌ସ' ଓ 'ସାରସ' ଆଦି ମୋତେ ସବୁବେଳେ କୁହନ୍ତି କିଛି କର, କିଛି କର, କିଛି କରନା। ଏମିତି କହୁ କହୁ ଶେଷରେ ମୋ ନାମ ବି ରଖିଦେଲେ 'କରୋନା'। ଏବେ ମୁଁ କିଛି କରିବାକୁ ବାହାରିଛି। ଆପଣମାନେ ବି ଏବେ ଜାଣିପାରୁଥିବେ ମୁଁ କ'ଣ କରିପାରୁଛି। ପ୍ରାୟ ତିନିହଜାର ମଣିଷଙ୍କୁ ମରଣମୁହଁକୁ ପଠାଇବା ସହ ଲକ୍ଷାଧିକ ଲୋକଙ୍କୁ ଆକ୍ରାନ୍ତ କରିଦେଇଛି। ଯେହେତୁ ମୁଁ ପ୍ରଥମ ଥର ପାଇଁ ମଣିଷଙ୍କ ପାଖକୁ ଆସିଛି, ସେଥିପାଇଁ ମୋତେ ସଫଳ ମୁକାବିଲା କରିବାକୁ ବିଶ୍ୱବାସୀ ଅକ୍ଷମ। ସେମାନଙ୍କ ବୁଦ୍ଧି ହଜିଯାଉଛି। କୌଣସି ଉପଚାର କରିପାରୁନାହାନ୍ତି। ମୋ ନାଁ ଶୁଣିଲେ ସମସ୍ତେ ଏବେ ଭୟରେ ଥରୁଛନ୍ତି। ଆମେରିକା, ଫ୍ରାନ୍ସ ଭଳି ସମୃଦ୍ଧିଶାଳୀ ଦେଶଗୁଡିକ ବି ଚାଇନାର ଅସହାୟତାକୁ ଦେଖି ଛାନିଆ, ଏବେ ମୁଁ ଯେଉଁ ଯେଉଁ ଦେଶକୁ ଯାଉଛି, ସେହିସବୁ ଦେଶର ସରକାର ସବୁ କାମ ଛାଡି ମୋତେ କିପରି ମୁକାବିଲା କରିବେ ସେଥିପାଇଁ ଉପାୟ ଚିନ୍ତା କରୁଛନ୍ତି। ଘଡିକି ଘଡି ଉଚ୍ଚସ୍ତରୀୟ ବୈଠକ ଡାକୁଛନ୍ତି। ମାତ୍ର ଦୁଇ ସପ୍ତାହ ଭିତରେ ମୋ ଦ୍ୱାରା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମସ୍ତ ଅତ୍ୟାଧୁନିକ ସରଞ୍ଜାମ ଥିବା ଦୁଇଟି ବିଶାଳ ହସ୍ପିଟାଲ ନିର୍ମାଣ କରି ଚାଇନା ସମଗ୍ର ବିଶ୍ୱରେ ନୂତନ ରେକର୍ଡ ସୃଷ୍ଟି କରିବା ସହ ପ୍ରକାରାନ୍ତରେ ମୋର ଗୁରୁତ୍ୱ ବଢ଼ାଇ ଦେଇଛି। ଉହାନ ସହରର ଅନତିଦୂରରେ ୧୬୦୦ ଶଯ୍ୟାବିଶିଷ୍ଟ ଲେସେନ୍‌ସା ହସ୍ପିଟାଲ ଓ ୧୨୦୦ ଶଯ୍ୟାବିଶିଷ୍ଟ ହୋସେନ୍‌ସା ହସ୍ପିଟାଲ ନିର୍ମାଣ ସହ ଦେଶର ଅଧିକାଂଶ ଜିମ୍ ସେଣ୍ଟର, ପ୍ରଦର୍ଶନୀ ଗୃହଗୁଡିକୁ ଚାଇନା ସରକାର ସାମୟିକ ଭାବେ ହସ୍ପିଟାଲରେ ରୂପାନ୍ତରିତ କରିସାରିଛନ୍ତି। ମୋର ପ୍ରକୋପକୁ ଦେଖି ସମସ୍ତେ ଏବେ ମୋତେ ରାକ୍ଷସ ଓ ମୃତ୍ୟୁଦୂତ ବୋଲି ଡାକିଲେଣି। ସବୁ ଦେଶ ଏବେ ସେମାନଙ୍କ ସୀମା ଜଗିବାରେ ବ୍ୟସ୍ତ। ଜଳ, ସ୍ଥଳ ଓ ଆକାଶ ପଥ ସବୁଠି ଏବେ କଡ଼ା ପହରା। କିଏ ଜଣେ ଛିଙ୍କିଲେ ବା କାଶିଲେ ପାଖରେ ଠିଆ ହୋଇଥିବା ଲୋକେ ଚମକି ପଡୁଛନ୍ତି। ଉତ୍ତମ ଯୋଗାଯୋଗ ଯୋଗୁ ଯେଉଁ ବିଶ୍ୱ ଗୋଟିଏ ପରିବାର ଭଳି ପ୍ରତୀତ ହେଉଥିଲା, ତାହା ଏବେ ଭିନ୍ନ ଲାଗୁଛି। ଦେଶ ବାହାରକୁ ଯିବା ତ ଦୂରର କଥା, ଘର ବାହାରକୁ ବି ଆଉ କେହି ବାହାରୁ ନାହାନ୍ତି। ଜାତି, ଧର୍ମ, ବର୍ଣ୍ଣ, ବୟସ, ଅର୍ଥ ଓ କ୍ଷମତା ନିର୍ବିଶେଷରେ ଏବେ ସମସ୍ତେ ମୋ ଭୟରେ କମ୍ପୁଛନ୍ତି। ସମସ୍ତଙ୍କ ମୁହଁରେ ଡୁଣ୍ଡି ଅର୍ଥାତ୍ ମାସ୍କ। ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା। ଅଧିକ ଜନସମାଗମସ୍ଥଳକୁ ନ ଯିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କଲେଣି। ମୋ ଲାଗି ବିଶ୍ୱର ଅନ୍ୟତମ ମହାଶକ୍ତି ଚାଇନାର ପ୍ରଗତିର ଗତି ଏବେ ଧିମା ହେଲାଣି। ଏହାର ଉତ୍ପାଦନ ବାଧାପ୍ରାପ୍ତ ହେବା ଯୋଗୁ ଅର୍ଥନୀତିକୁ ଏହା ମାନ୍ଦାବସ୍ଥାକୁ ଟାଣିନେବ। ଚାଇନା ପରେ ପରେ ଆମେରିକା, ଇରାନ, ଫ୍ରାନ୍ସ, ଇଟାଲି, ସୌଦି ଭଳି ସମୃଦ୍ଧିଶାଳୀ ରାଷ୍ଟ୍ରମାନେ ମୋ ପାଇଁ ଚାଇନା ଅବସ୍ଥା ଭୋଗିବାକୁ ବସିଲେଣି। ଚଳିତବର୍ଷ ବିଶ୍ୱ ଅର୍ଥନୀତିର ବିକାଶ ହାର ୨.୮% କମିଯିବ ଓ ଏଥିପାଇଁ ମୁଁ କୁଆଡେ ସମ୍ପୂର୍ଣ୍ଣ ଦାୟୀ ବୋଲି ବଡ଼ ବଡ଼ ଅର୍ଥନୀତିଜ୍ଞମାନେ ମତ ରଖିଲେଣି। ଯଦି ସେମାନଙ୍କ ଆକଳନ ସତ୍ୟ ହୁଏ, ତେବେ ବିଶ୍ୱ ବଜାର ୧.୧ ଟ୍ରିଲିୟନ ଡଲାର କ୍ଷତି ସହିବ।

ଯଦି ମୋର ସଫଳ ପ୍ରତିରୋଧ କରା ନ ଯାଏ, ତେବେ ବିଶ୍ୱ ଜନସଂଖ୍ୟା ହ୍ରାସ କରିବା ପାଇଁ ଆଉ ତୃତୀୟ ବିଶ୍ୱଯୁଦ୍ଧ ଆବଶ୍ୟକ ପଡିବନାହିଁ ବୋଲି ଆଉ କିଛି ବିଶେଷଜ୍ଞ ଭବିଷ୍ୟବାଣୀ କଲେଣି। ଲୋକେ ମୋ ଭୟରେ ବାହାରକୁ ବାହାରୁ ନାହାନ୍ତି। ବଜାରରେ କିଣାବିକା କମି କମି ଆସୁଛି। ଗମନାଗମନ ଠପ୍। ପର୍ଯ୍ୟଟନ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ। ଶିଳ୍ପସଂସ୍ଥାଗୁଡିକରେ ତାଲା ଝୁଲିଲାଣି। ଶ୍ରମିକମାନେ କାମ କରିବାକୁ ଆସୁ ନ ଥିବାରୁ ଉତ୍ପାଦନ ହ୍ରାସ ପାଉଛି। ବଡ଼ ବଡ଼ ଶିଳ୍ପସଂସ୍ଥା କ୍ଷତିଭରଣା ପାଇଁ କର୍ମଚାରୀ ଛଟେଇ ଆରମ୍ଭ କଲେଣି। ଆମଦାନି ସହ ରପ୍ତାନି ବି ବାଧାପ୍ରାପ୍ତ। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, କପଡା, ଅଟୋମୋବାଇଲ୍ସ, ମୋବାଇଲ ଫୋନ୍, ସଫ୍ଟୱେର, ଫାର୍ମାସ୍ୟୁଟିକାଲ୍‌ସ, ଫ୍ୟାଶନ ଶିଳ୍ପ ଆଦି ପ୍ରତିଟି କ୍ଷେତ୍ର ଏବେ ମୋ ପାଇଁ ଘୋର ସଙ୍କଟର ସମ୍ମୁଖୀନ। ୨୦୦୮ ବିଶ୍ୱସ୍ତରୀୟ ଆର୍ଥିକ ମାନ୍ଦାବସ୍ଥା ପରେ ୨୦୨୦ରେ ଏହା ଆଉ ଏକ ମାନ୍ଦାବସ୍ଥା ସୃଷ୍ଟି କରିବ ବୋଲି ଅର୍ଥ ବିଶାରଦମାନେ ଘୋଷଣା କରିସାରିଲେଣି। ମୋ ପାଇଁ କେବଳ ଆର୍ଥିକ ମାନ୍ଦାବସ୍ଥା ନୁହେଁ, ସ୍ୱାସ୍ଥ୍ୟ ସଙ୍କଟ ବି ସୃଷ୍ଟି ହୋଇସାରିଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜରୁରୀ ଅବସ୍ଥା ଘୋଷଣା ଏହାର ପ୍ରମାଣ। ଏହା ଅଧୀନରେ ଥିବା ୧୯୫ଟି ଦେଶ ମଧ୍ୟରୁ ଇତିମଧ୍ୟରେ ୯୦ ଦେଶରେ ମୁଁ ଉପସ୍ଥିତ ଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚିନ୍ତିତ ହୋଇପଡିଛି।

ମୋ ଯୋଗୁ ଅଧିକ ମୃତ୍ୟୁ ହେଉ ନ ଥିଲେ ବି ମୋର ଅଧିକ ସଂକ୍ରମଣ ପ୍ରବଣତାକୁ ନେଇ ସର୍ବତ୍ର କୋକୁଆ ଭୟ ସୃଷ୍ଟି ହେଉଛି। ଯେହେତୁ ମୋଠାରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ମେଡିସିନ ପ୍ରସ୍ତୁତ ହୋଇପାରିନାହିଁ, ତେଣୁ ସୁରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା ଆପଣେଇନେଲେ ଭଲ। ମୁଁ ବି ଚାହେଁନି, ମୋ ଲାଗି କାହାର ପ୍ରାଣହାନି ହେଉ। ତେଣୁ ଟିକେ ସାବଧାନତା ଅନୁସରଣ କଲେ ମୋ ସହ ଆପଣଙ୍କର ଭେଟ ହୋଇ ନ ପାରେ। ବାହାରକୁ ବାହାରିବା ବେଳେ ଉନ୍ନତମାନର ମାସ୍କ ମୁହଁରେ ଲଗାନ୍ତୁ। ସର୍ବସାଧାରଣରେ ବ୍ୟବହୃତ ବସ୍ତୁକୁ ସ୍ପର୍ଶ କରନ୍ତୁ ନାହିଁ ଓ ଦିନକୁ ଅତି କମ୍‌ରେ ଚାରିପାଞ୍ଚଥର ସାବୁନ ବା ଅନ୍ୟ କୌଣସି ସଂକ୍ରମଣ ପ୍ରତିରୋଧକାରୀ ଜେଲ୍‌ରେ ହାତ ଧୁଅନ୍ତୁ। ନିଜ ଲୁଗାପଟାକୁ ଭଲକରି ଖରାରେ ଶୁଖାନ୍ତୁ। ଉତ୍ତପ୍ତ ଜଳବାୟୁରେ ମୁଁ ରହିପାରେ ନାହିଁ। ଥଣ୍ଡା ପରିବେଶ ଓ ଥଣ୍ଡା ବସ୍ତୁ ମୋର ଭାରି ପ୍ରିୟ। ତେଣୁ ଆପଣମାନେ ଉଷୁମ ପାଣି ପିଅନ୍ତୁ ଓ ଅପେକ୍ଷାକୃତ ଉଷ୍ଣ ବାତାବରଣରେ ରୁହନ୍ତୁ। ଥଣ୍ଡା ଜାତୀୟ ଖାଦ୍ୟ ଓ ପାନୀୟଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ପଶୁପକ୍ଷୀଙ୍କ ମାଂସ ଭଲ କରି ରାନ୍ଧି ଖାଆନ୍ତୁ। ଚାଇନାବାସୀଙ୍କ ଭଳି କଞ୍ଚା ବା ଦରସିଝା ମାଂସ ଖାଆନ୍ତୁ ନାହିଁ। ଉଷୁମ ପାଣିରେ ଲୁଣ ପକାଇ ଦୁଇ ତିନିଥର କୁଳି କରି ତଣ୍ଟି ଓ ଗଳାକୁ ସଂକ୍ରମଣମୁକ୍ତ ରଖନ୍ତୁ। ଛିଙ୍କିଲା ବେଳେ ବା କାଶିଲା ବେଳେ ମୁହଁରେ ରୁମାଲ ରଖନ୍ତୁ ଓ ଏଭଳି ଲୋକଙ୍କଠାରୁ ଚାରି ପାଞ୍ଚଫୁଟ୍ ଦୂରରେ ରୁହନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜ ଶରୀରରେ ପ୍ରତିରୋଧକ ଶକ୍ତି ବଢାନ୍ତୁ। ସୁଷମ ଖାଦ୍ୟ ଓ ଭିଟାମିନ ସି ଖାଇ ସୁସ୍ଥ ରୁହନ୍ତୁ। ଛୋଟ ପିଲା, ରୋଗୀ, ବୁଢୀ–ବୁଢା ଓ ଶାରୀରିକ ଅସୁସ୍ଥ ଲୋକ ମୋର ଅତି ପ୍ରିୟ। ତେଣୁ ସେମାନଙ୍କୁ ଟିକେ ଅଧିକ ଯତ୍ନରେ ରଖନ୍ତୁ।

ଆପଣମାନଙ୍କୁ ମୋର ଶେଷ କଥା। ଚାଇନା ଜିନିଷ ପ୍ରତି ସବୁ ଦେଶର ଲୋକଙ୍କ ଆକର୍ଷଣ ସାଧାରଣତଃ ଅଧିକ ଥାଏ। କାରଣ ଏହା ଶସ୍ତା, ସୁନ୍ଦର, ଆକର୍ଷଣୀୟ ଓ ସହଜ ବ୍ୟବହାର ଶୈଳୀ ସମ୍ପନ୍ନ ହୋଇଥାଏ। ଯେହେତୁ ମୁଁ ବି ମେଡ ଇନ୍ ଚାଇନା ଅର୍ଥାତ୍ ଚାଇନାରୁ ସୃଷ୍ଟ, ସେଥିପାଇଁ ମୋର ବୋଧହୁଏ ବିଶ୍ୱ ବଜାରରେ ଅଧିକ ଚାହିଦା ବଢିଯାଇଛି। ଏ ଚାହିଦା ଭଲ ପାଇବାର ନୁହେଁ, ଭୟ, ଘୃଣା ଓ ଆତଙ୍କର। ତେଣୁ ଆପଣଙ୍କୁ ଅନୁରୋଧ ମୋଠାରୁ ଦୂରେଇ ରୁହନ୍ତୁ। ସୁସ୍ଥ ରୁହନ୍ତୁ।

ଇମେଲ–Prakas.tripathy09@gmail.com

ଚାପମୁକ୍ତ ଶିକ୍ଷା ବ୍ୟବସ୍ଥା

ମମତା ଶୁକ୍ଳା

ପିଲାଙ୍କ ଉପରୁ ପାଠବୋଝ କମାଇବାକୁ ଓ ପିଲାଙ୍କୁ ଚାପମୁକ୍ତ କରିବାକୁ ଶିକ୍ଷାପ୍ରଣାଳୀରେ ସଂସ୍କାରମୂଳକ ପ୍ରୟୋଗମାନ କରାଯାଉଛି। ଶୈକ୍ଷିକ ଅନୁଷ୍ଠାନର ପରୀକ୍ଷାକୁ ଜୀବନର ଅନ୍ତିମ ପରୀକ୍ଷା ଭାବି ସେଥିରେ ଆଶାନୁରୂପ ଫଳ ନ ପାଇବା ଯୋଗୁଁ ଆତ୍ମହତ୍ୟା କରୁଥିବା କୋମଳମତିଙ୍କ ମନରୁ ଏପ୍ରକାର ଭୟ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ପରାମର୍ଶ ଗଣମାଧ୍ୟମ ଦ୍ୱାରା ପ୍ରଚାର କରାଯାଇ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ସଚେତନ କରିବାର ପ୍ରୟାସ କରାଯାଉଛି। ସତରେ କ'ଣ କାହା ଉପରେ ଏସବୁର ପ୍ରଭାବ ଅନୁଭୂତ ହେଲାପରି ଜଣାପଡୁଛି?

ଦେଶର ଭବିଷ୍ୟତ ପିଢିଙ୍କୁ ଉପଯୁକ୍ତ ଶିକ୍ଷାପ୍ରାପ୍ତ କରାଇବା ନିମନ୍ତେ ଉଚ୍ଚଶିକ୍ଷିତ ଜ୍ଞାନୀଗୁଣୀମଣ୍ଡଳୀଙ୍କ ଦ୍ୱାରା ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନର ପ

ସଂକ୍ଷେପରେ

ଅପରାଧରୁ ଛାଡ଼ ପାଇପାରନ୍ତି ମାନସିକ ଅନଗ୍ରସର

ଭୁବନେଶ୍ୱର,୬।୩: ରାଜ୍ୟର ମାନସିକ ବିକାରଗ୍ରସ୍ତ ବିଚାରାଧୀନ କଏଦୀମାନଙ୍କ ପାଇଁ ଖୁସି ଖବର। ମାନସିକ ରୋଗ ପାଇଁ ଚିକିତ୍ସିତ ହେଉଥିବା ଜେଲ୍ ଅନ୍ତେବାସୀଙ୍କୁ ଆଇପିସିର ଧାରା ୮୪ ଅନୁଯାୟୀ ସବୁପ୍ରକାର ସୁବିଧା ଯୋଗାଇଦେବାକୁ ଗୃହ ବିଭାଗ ନିଷ୍ପତ୍ତି ନେଇଛି। ଉକ୍ତ ଧାରା ଅନୁଯାୟୀ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି କୌଣସି ଅପରାଧ କରିଥିଲେ ତାହାକୁ ଅପରାଧ ଭାବେ ଗ୍ରହଣ କରାଯିବ ନାହିଁ। କାରଣ ସେ କରୁଥିବା କାର୍ଯ୍ୟ ଭୁଲ୍ କିମ୍ବା ଆଇନବିରୁଦ୍ଧ ତାହା ବୁଝିବା ପାଇଁ ସେ ଅକ୍ଷମ। ଗୃହ ବିଭାଗର ନିଷ୍ପତ୍ତି ସମ୍ପର୍କରେ ଓଡିଶା ମାନବାଧିକାର ଆୟୋଗଙ୍କୁ କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ ଜଣାଇ ଦିଆଯାଇଛି। ରାଜ୍ୟର ବିଭିନ୍ନ ଜେଲରେ ଅନେକ ମାନସିକ ଅନଗ୍ରସର ବ୍ୟକ୍ତି ଦୁର୍ଦ୍ଦଶା ମଧ୍ୟରେ ରହୁଥିବା ନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟା କାନୁନଗୋ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହିତ ବ୍ରହ୍ମପୁର, ସମ୍ବଲପୁର ଓ ବାରିପଦା ଜେଲ୍ ସର୍କଲରେ ୩ଟି ସାଇକ୍ରିଆଟ୍ରିଷ୍ଟ ପଦବୀ ଖାଲିପଡ଼ିଥିବା କମିଶନ ଜାଣିବାକୁ ପାଇଥିଲେ।

ଅନ୍ତର୍ଜାତୀୟ ମହିଳା ଦିବସ ପାଳିବେ ସବୁ ଦଳ

ଭୁବନେଶ୍ୱର,୬।୩(ବ୍ୟୁରୋ): ଅନ୍ତର୍ଜାତୀୟ ମହିଳା ଦିବସ ଆସନ୍ତା ୮ ତାରିଖରେ ପଡୁଥିବା ବେଳେ ଏହାକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଉଭୟ ବିଜେଡି ଏବଂ ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଜେଡି ପକ୍ଷରୁ ଏଥର ୧୫ଦିନ ଧରି ବିଜୁ ଜୟନ୍ତୀ ପାଳିବାକୁ ନିଷ୍ପତ୍ତି ନେଇଥିବାବେଳେ ମହିଳା ଦିବସକୁ ମଧ୍ୟ ଭଲଭାବେ ପାଳନ କରିବାକୁ ଘୋଷଣା କରାଯାଇଛି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଶାସକ ଦଳ ମହିଳା ଦିବସ ପାଳିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗଦେବେ। ସେହିପରି ଭାଜପା ଏହି ଅବସରରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କିତ ଏକ ପ୍ରଦର୍ଶନୀ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ କରିବ । ଏହାକୁ ସଫଳ କରିବା ଲାଗି ଶୁକ୍ରବାର ଦଳର ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଅନ୍ୟପଟେ କଂଗ୍ରେସ ପକ୍ଷରୁ ମହିଳା ଦିବସ ପାଳନ ଅବସରରେ ସବୁ ଜିଲାରେ ଗ୍ୟାସ ଦର ବୃଦ୍ଧି ଏବଂ ମହିଳା ସୁରକ୍ଷାକୁ ନେଇ କାର୍ଯ୍ୟକ୍ରମ କରିବାକୁ ଜିଲାସ୍ତରୀୟ ନେତୃମଣ୍ଡଳୀକୁ ନିର୍ଦ୍ଦେଶ ଦିଆଯାଇଛି।

ମଜୁରି ପୈଠ, ଇପିଏଫ୍ ଉପରେ ନଜର ରଖିବ 'ଇ-ମଷ୍ଟରରୋଲ'

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପରିଚାଳନାରେ ସ୍ୱଚ୍ଛତା ସହ ଇପିଏଫ୍ ଓ ଇଏସଆଇ ଆଦି ପୈଠ ଉପରେ ନଜର ରଖିବାକୁ ରାଜ୍ୟ ସରକାର ଇ-ମଷ୍ଟରରୋଲ ନାମରେ ନୂତନ ବୈଷୟିକ କୌଶଳ ପ୍ରୟୋଗ କରିବେ। ସରକାର ଏଥିପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ପୂର୍ତ୍ତ ସଚିବ କ୍ରିଷନ କୁମାର ଏହି ବିଷୟରେ ବୈଷୟିକ ପ୍ରୟୋଗର ପ୍ରୟୋଜନୀୟତା ଏବଂ ସମ୍ଭାବ୍ୟ ଫଳାଫଳ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଇ-ମଷ୍ଟରରୋଲର ବୈଷୟିକ, ପ୍ରଶାସନିକ ଓ ଆର୍ଥିକ ଦିଗଗୁଡିକୁ ବିଚାର କରି ଭିତ୍ତିଭୂମି ନିର୍ମାଣ କରୁଥିବା ବିଭାଗଗୁଡିକ ଏହାର ପରୀକ୍ଷାମୂଳକ ପ୍ରୟୋଗ କରିବାକୁ କୁହାଯାଇଛି। ଏହି ସଫ୍ଟୱେରକୁ ଇ-ଶ୍ରମିକ, ଇଏସ୍‌ଆଇ ଏବଂ ଇପିଏଫ୍ ତଥ୍ୟଭିତ୍ତିକ ସହିତ ସଂଯୁକ୍ତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ, ନଗର ଓ ଗୃହ ଉନ୍ନୟନ ଆଦି ବିଭାଗରେ କାର୍ଯ୍ୟକାରୀ ହେଉଥିବା ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର କିଛି ପ୍ରକଳ୍ପରେ ଏହି ପରୀକ୍ଷାମୂଳକ ପ୍ରୟୋଗ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ଆଲୋଚନା ଶେଷରେ ମିଳିଥିବା ସୂଚନା ମୁତାବକ, ଉକ୍ତ ସଫ୍ଟୱେର ମୁଖ୍ୟତଃ ୩ଟି ଉଦ୍ଦେଶ୍ୟ ସାଧନ କରିବ। ଶ୍ରମିକମାନଙ୍କ ମଜୁରି, ଇପିଏଫ୍ ଓ ଇଏସ୍‌ଆଇ ପୈଠ ଆଦି ଉପରେ କର୍ତ୍ତୃପକ୍ଷମାନେ ଅନଲାଇନ୍‌ରେ ନଜର ରଖିପାରିବେ। ଠିକ୍ ସମୟରେ ବୈଦ୍ୟୁତିକ ପ୍ରକ୍ରିୟାରେ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସେମାନଙ୍କ ପ୍ରାପ୍ୟ ପଠାଯାଉଛି ନା ନାହିଁ ସେନେଇ ତଦାରଖ କରିହେବ। ଠିକାଦାର ତଥ୍ୟଭିତ୍ତିକ ପରିବର୍ତ୍ତନ ପାଇଁ ଆସୁଥିବା ବିଭିନ୍ନ ଦରଖାସ୍ତର ମଧ୍ୟ ଉପଯୁକ୍ତ ପରିଚାଳନା ହୋଇପାରିବ। ବର୍ତ୍ତମାନ ମୁଖ୍ୟ ଭାବେ ଭିତ୍ତିଭୂମି ନିର୍ମାଣ କରୁଥିବା ୫ଟି ବିଭାଗ ଠିକାଦାର ତଥ୍ୟଭିତ୍ତିକ ବ୍ୟବସ୍ଥା ପ୍ରୟୋଗ କରାଇଛନ୍ତି। ଇ-ମଷ୍ଟରରୋଲ ବାବଦରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କଣ୍ଟ୍ରାକ୍ଟରମାନଙ୍କୁ ଠିକ୍ ଭାବେ ସଚେତନ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବିଜ୍ଞପ୍ତି ପରେ ପ୍ରାର୍ଥୀତ୍ୱ ଚର୍ଚ୍ଚା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଦେଶର ୧୭ଟି ରାଜ୍ୟରେ ଖାଲି ହେବାକୁ ଯାଉଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଆସନ୍ତା ୨୬ରେ ନିର୍ବାଚନ ହେବ। ଏଥିପାଇଁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରୁ ଓଡିଶାର ୪ଟି ଆସନ ଖାଲିହେବାକୁ ଯାଉଛି। ତେବେ ଏହି ଆସନକୁ ନେଇ ରାଜନୈତିକ ଅଙ୍କଂକଷା ଜୋର୍ ଧରିଥିବାବେଳେ ଭାଜପା ପ୍ରାର୍ଥୀ ଦେବ ବୋଲି ଜଣାପଡିଛି। ଭାଜପା ଯଦି ପ୍ରାର୍ଥୀ ଦିଏ ତେବେ ବିଜେଡି ପକ୍ଷରୁ ସମର୍ଥନ ମିଳିବା ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ଆସନ ମଧ୍ୟରୁ ବିଧାନସଭା ସଂଖ୍ୟା ଅନୁଯାୟୀ ୩ଟି ବିଜେଡି ସପକ୍ଷରେ ଯିବା ନିଶ୍ଚିତ। କେବଳ ୪ର୍ଥ ଆସନ କାହାର ତାକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ସଂଖ୍ୟା ଅନୁଯାୟୀ ଗଲେ ମଧ୍ୟ ଶେଷ ଆସନଟି ବିଜେଡି ହାତେଇବାରେ ସେମିତି କିଛି ଅସୁବିଧା ନାହିଁ। ସିପିଆଇ ବିଧାୟକ ଏବଂ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ସମର୍ଥନ ବିଜେଡି ସପକ୍ଷରେ ରହିବାର ଆଲୋଚନା ହେଉଛି। ଅପରପକ୍ଷେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ପ୍ରାର୍ଥୀ କରିବେ ତାକୁ ନେଇ ମଧ୍ୟ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି।

ମୁଖ୍ୟମନ୍ତ୍ରୀ ପ୍ରତିଥର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ସମୟରେ ଲୋକଙ୍କୁ ଚକିତ କରିବା ଭଳି ନିଷ୍ପତ୍ତି ନେଇଥିବା ଦେଖିବାକୁ ମିଳିଆସୁଛି। ଯାହାକୁ ଦଳ ପ୍ରାର୍ଥୀ କରିବ ସେ ସମ୍ପର୍କରେ ଦଳର ତୁଙ୍ଗ ନେତାମାନଙ୍କୁ ମଧ୍ୟ ଜଣା ନ ଥାଏ। ରାଜ୍ୟ ସଭା ପାଇଁ ଆଶାୟୀମାନେ କିନ୍ତୁ ଏବେଠାରୁ ଦଳର ଆଗଧାଡି ନେତାଙ୍କ ନିକଟକୁ ବାରମ୍ବାର ଧାଇଁବା ଆରମ୍ଭ କରିଦେଇଛନ୍ତି। ସେହିପରି ପୂର୍ବରୁ ପ୍ରାର୍ଥୀ ଦେବା ଲାଗି ନିଷ୍ପତ୍ତି ହୋଇ ନାହିଁ ବୋଲି କହୁଥିବା ଭାଜପା ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି। ଭାଜପା ବିଧାୟକ କେ. ନାରାୟଣ ରାଓ କହିଛନ୍ତି ଯେ, ଦଳ ତରଫରୁ ଏଥର ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ମିଳୁଛି। ହେଲେ ଏନେଇ ଦଳର କେନ୍ଦ୍ରୀୟ ନେତା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଭାଜପା ଯଦି କାହାକୁ ପ୍ରାର୍ଥୀ କରେ କାହାକୁ ଏହି ଆସନ ଛାଡିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ବିଜେଡିରୁ

ଓଡିଶାର ୪ ରାଜ୍ୟ ସଭା ଆସନ

ରାଜ୍ୟ ସଭା ରେସ୍‌ରେ ଥିବା ନେତାଙ୍କ ମଧ୍ୟରୁ କେତେଜଣଙ୍କ ନାଁ ଆଗକୁ ଆସିଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ରାଜ୍ୟ ସଭା ଦୌଡରେ ରହିଛନ୍ତି। ସେହିପରି ଦଳ ପଶ୍ଚିମ ଓଡିଶାର ଜଣେ ନେତାଙ୍କୁ ରାଜ୍ୟ ସଭାକୁ ପଠାଯାଇପାରେ ବୋଲି କୁହାଯାଉଥିବା ବେଳେ ଏହି ଆସନ ଲାଗି ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନଚେତ୍ ଅନଙ୍ଗ ଉଦୟ ସିଂଦେଓ କିମ୍ବା ତାଙ୍କ ପରିବାରର ଜଣଙ୍କୁ ପଠାଇବାର ସମ୍ଭାବନା ଅଛି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ରବୀନ୍ଦ୍ର କୁମାର ଜେନା କିମ୍ବା ତାଙ୍କ ପତ୍ନୀ ସୁବାଶିନୀ ଜେନାଙ୍କ ମଧ୍ୟରୁ ଜଣେ ଗୋଟିଏ ଆସନ ପାଇପାରନ୍ତି। ସେହିପରି ଉପକୂଳ ଓଡିଶାରୁ ଜଣେ, ମହିଳା ଏବଂ ପଛୁଆ ବର୍ଗରୁ ଜଣେ ରାଜ୍ୟ ସଭା ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମହିଳାଙ୍କ ମଧ୍ୟରେ ସରୋଜିନୀ ହେମ୍ବ୍ରମ ଆଉ ଥରେ ରାଜ୍ୟ ସଭା ଯିବାର ସମ୍ଭାବନା ଥିବାବେଳେ ସୁସ୍ମିତା ବାଗ୍‌ଚିଙ୍କ ନାଁ ମଧ୍ୟ ଆଗକୁ ଆସିଛି। ସେହିପରି ପୂର୍ବତନ ବିଧାୟକ ଦିଲ୍ଲୀପ ରାୟଙ୍କ ନାଁ ମଧ୍ୟ ଆଲୋଚନା ଭିତରେ ରହିଛି। କିନ୍ତୁ ସବୁଥର ଭଳି ଏଥର ମଧ୍ୟ ନବୀନ ପ୍ରାର୍ଥୀ ଘୋଷଣାରେ ସର୍‌ପ୍ରାଇଜ ଦେବେ ବୋଲି ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି ହେଉଛି।

ରାଜ୍ୟ ସଭା ନିର୍ବାଚନ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, କଂଗ୍ରେସ ନିକଟରେ ସଂଖ୍ୟା ନାହିଁ। ତେଣୁ ପ୍ରାର୍ଥୀ ଦିଆଯିବ ନା ନାହିଁ ସେ ନେଇ ଦଳର ହାଇକମାଣ୍ଡ ଯାହା କହିବେ ସେହି ଅନୁଯାୟୀ ଆମେ ନିଷ୍ପତ୍ତି ନେବୁ। ଦଳର ୯ଟି ଯାକ ଭୋଟ ଗୋଟିଏ ଆଡେ ଯିବ ବୋଲି ସୁର କହିଛନ୍ତି। ବିଜେଡି ନେତା ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ରାଜ୍ୟ ସଭାକୁ କାହାକୁ ପଠାଯିବ ସେ ସମ୍ପର୍କରେ ଦଳର ସଭାପତି ନିଷ୍ପତ୍ତି ନେବେ। ସବୁବେଳେ ଯେମିତି ପ୍ରାର୍ଥୀ ଚୟନ ନିଷ୍ପତ୍ତି ତାଙ୍କ ହାତରେ ରହି ଆସିଛି ଏଥର ମଧ୍ୟ ସେହିପରି ହେବ ବୋଲି ସମୀର କହିଛନ୍ତି।

ଏଡିଜେଙ୍କ କୋର୍ଟରେ ହାଜର ହେଲେ ପୁଞ୍ଜିଲାଲ

ବଲାଙ୍ଗୀର ଅଫିସ/ ପାଟଣାଗଡ଼, ୬।୩ (ଡି.ଏନ.ଏ.)

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କୁ ଶୁକ୍ରବାର ପାଟଣାଗଡ଼ ଏଡିଜେଙ୍କ କୋର୍ଟରେ ଚାର୍ଜଫ୍ରେମ ପାଇଁ ହାଜର କରାଯାଇଥିଲା। ତେବେ ପୁଞ୍ଜିଲାଲଙ୍କ ଆଡଭୋକେଟ୍ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଆବଶ୍ୟକୀୟ କାଗଜପତ୍ର ମାଗିଥିଲେ । ଏହି ତଥ୍ୟ ମିଳି ନ ଥିବାରୁ ପାଟଣାଗଡ଼ ଏଡିଜେ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଥିବା ଜଣାପଡିଛି। ଏନେଇ ପୁଞ୍ଜିଲାଲଙ୍କ ଆଡଭୋକେଟ ଶ୍ରୀମତ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ଶୁକ୍ରବାର ପୁଞ୍ଜିଲାଲଙ୍କ ବିରୋଧରେ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଚାର୍ଜଫ୍ରେମ ହେବାର ଥିଲା। ତାଙ୍କ ବିରୋଧରେ ରହିଥିବା ଅଭିଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାଗିଥିଲୁ। ତେବେ ତଥ୍ୟ ଯୋଗାଇ ଦିଆଯାଇ ନ ଥିବାରୁ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଏଡିଜେ ଆସନ୍ତା ୨୬ ମାର୍ଚ୍ଚକୁ ଘୁଞ୍ଚାଇ ଦେଇଥିବା ସେ କହିଛନ୍ତି।

୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏଥିରେ ଅଧ୍ୟାପକ ସାହୁଙ୍କ ଏକମାତ୍ର ନବବିବାହିତ ପୁଅ ସୌମ୍ୟଶେଖର ସାହୁ(୨୬) ଓ ପିଉସୀ ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା । ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସାରେ ରହିଥିଲେ । ପାର୍ସଲ ବୋମା ବିସ୍ଫୋରଣ ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ଭଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ପୁଞ୍ଜିଲାଲ ବର୍ତ୍ତମାନ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି । ମୃତ ସୌମ୍ୟଶେଖରଙ୍କ ବାପା ଅଧ୍ୟାପକ ସାହୁ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଦୁଇବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏଯାଏ କୋର୍ଟରେ ଅଭିଯୁକ୍ତଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିବାରୁ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଆଇନ ବ୍ୟବସ୍ଥା ଉପରେ ଭରସା ରହିଛି ଓ ତାଙ୍କ ପରିବାର ନ୍ୟାୟ ପାଇବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ଚାର୍ଜଫ୍ରେମ ପାଇଁ ପାଟଣାଗଡ଼ ଏଡିଜେଙ୍କ କୋର୍ଟକୁ ଯାଉଛନ୍ତି ପୁଞ୍ଜିଲାଲ ମେହେର ।

ପରିବା ବ୍ୟାଗରେ ବୁହା ହେଲା ଉତ୍ତରଖାତା

- ଯୁକ୍ତ ୨ ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ
- ଅବହେଳା ଯୋଗୁ ରହିଯାଇ ଥିଲା ଦୁଇ ପରୀକ୍ଷାର୍ଥୀଙ୍କ ଖାତା

ଉଦଳା, ୬।୩ (ଡି.ଏନ୍.ଏ.)

ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ନେଇ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କହୁଥିବା ବେଳେ ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପରିବା ବ୍ୟାଗରେ ଉତ୍ତରଖାତା ଭର୍ତ୍ତି ହୋଇ ନୋଡାଲ ସେଣ୍ଟରକୁ ଯିବା ଘଟଣା ପଦାକୁ ଆସିଛି। ମୟୂରଭଞ୍ଜ ଜିଲା ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ତେବେ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱହୀନତାକୁ ଅଭିଭାବକମାନେ ନାପସନ୍ଦ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଯୁକ୍ତ ୨ ବିଜ୍ଞାନ ବିଭାଗର ଇଂରାଜୀ ବିଷୟ ପରୀକ୍ଷା ଥିଲା। ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ୭୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ କଲେଜ ସୁପରିଟେଣ୍ଡେଣ୍ଟ ଏବଂ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଉତ୍ତର ଖାତା ସିଲ୍ ହୋଇଥିଲା। ପରେ ତାହାକୁ ନୋଡାଲ ସେଣ୍ଟର ଉଦଳା କଲେଜକୁ ପଠା ଯାଇଥିଲା। ଖାତାଗୁଡିକ ସେଠାରୁ ସ୍ଥାନୀୟ ପୋଷ୍ଟ ଅଫିସ୍ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଯାଇଥିଲା। ପରୀକ୍ଷା ଦେଇଥିବା ଛାତ୍ରୀଙ୍କ ମଧ୍ୟରୁ ୬୯ ଜଣ ଛାତ୍ରୀଙ୍କ ଉତ୍ତର ଖାତା ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଯାଇଥିବା ବେଳେ ୨ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା କଲେଜରେ ରହି ଯାଇଥିଲା। ଏହା ଜଣା ପଡ଼ିବା ପରେ ସୁପରିଟେଣ୍ଡେଣ୍ଟ ଜୟଶ୍ରୀ ଚୌଧୁରୀ ଉଦଳା କଲେଜ ପ୍ରିନ୍ସିପାଲ ଗୋପାଳ ଚନ୍ଦ୍ର ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଏ ନେଇ ଡେପୁଟି କଣ୍ଟ୍ରୋଲରଙ୍କ ସହିତ ଆଲୋଚନା କରାଯାଇ ତୁରନ୍ତ ଉକ୍ତ ୨ ଖାତାକୁ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ପଠାଇବା ସକାଶେ କୁହାଯାଇଥିଲା। ତେବେ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶ କ୍ରମେ ଏନେଇ ଉଦଳା ପୋଲିସ୍‌କୁ ଖବର ଦିଆଯାଇଥିଲା। ପୋଲିସ୍ ହେପାଜତରେ କଲେଜରେ ରହି ଯାଇଥିବା ଅନ୍ୟ ୨ ଉତ୍ତରଖାତାକୁ ନୋଡାଲ ସେଣ୍ଟର ପଠା ଯାଇଥିଲା। ଏହି ଖାତା ୨ଟିକୁ ଏକ ପରିବା ବ୍ୟାଗରେ ଭର୍ତ୍ତି କରି ଜଣେ କର୍ମଚାରୀ ପ୍ରିନ୍ସିପାଲଙ୍କ ସହିତ ମିଶି ନୋଡାଲ ସେଣ୍ଟରକୁ ଯାଇ ସେଠାରେ ଦାଖଲ କରିଥିଲେ ।

ପରିବା ବ୍ୟାଗରେ ଉତ୍ତରଖାତା ଭର୍ତ୍ତି ହୋଇ ନୋଡାଲ ସେଣ୍ଟରକୁ ଯାଉଛି।

ଏନେଇ ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ତଥା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପ୍ରିନ୍ସିପାଲ ଚୌଧୁରୀଙ୍କୁ ପଚାରିବାରୁ ତ୍ରୁଟି ବଶତଃ ଖାତା ଦୁଇଟି କଲେଜରେ ରହି ଯାଇଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇ ସାରିବା ପରେ ପର୍ଯ୍ୟବେକ୍ଷକ, ସୁପରିଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ଉତ୍ତରଖାତା ସିଲ୍ ହୋଇଥିବା ବେଳେ ବିନା ଗଣତିରେ କିଭଳି ଖାତା ସିଲ୍ ହୋଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇନ୍ଦିରାଗାନ୍ଧୀ କଲେଜ ପକ୍ଷରୁ ୬୯ ଖାତା ପଠାଯାଇ ୭୧ଟି ଖାତା ସିଲ୍ ହୋଇଥିବା ନେଇ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଉଚ୍ଚ ଶିକ୍ଷା ବିଭାଗ କର୍ତ୍ତୃପକ



ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ,
କାମନା ସେହିପରି ସତ୍ୟକୁ ଲୁଚାଇ ଦେଇଥାଏ।
- ସେନେକା

ସଂକ୍ଷେପରେ

ଦୁର୍ଘଟଣା: ସ୍କୁଟର ଆରୋହୀ ମୃତ

ଭୁବନେଶ୍ୱର, ୬।୩(ବ୍ୟୁରୋ): ଖାରବେଳନଗର ଥାନା ଅନ୍ତର୍ଗତ ରେଡକ୍ରସ ଭବନ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟର ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ଅଞ୍ଚଳର ଦାଶରଥି ପାତ୍ର(୬୫)। ଦୁର୍ଘଟଣା ଘଟାଇଥିବା ବାଇକକୁ ପୋଲିସ ଜବତ କରିଥିବାବେଳେ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ହଂସପାଳ ଅଞ୍ଚଳର ପ୍ରତୀକ କୁମାର ଖମାରୀ। ସୂଚନା ମୁତାବକ ଗୁରୁବାର ରାତି ସାଢେ ୯ଟାରେ ଦାଶରଥି ସ୍କୁଟର ଧରି ଘରକୁ ଫେରୁଥିଲେ। ରେଡକ୍ରସ ଛକ ନିକଟରେ ପ୍ରତୀକ ବାଇକରେ ଦ୍ରୁତ ଗତିରେ ଆସି ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲେ। ଫଳରେ ଦାଶରଥି ସ୍କୁଟରରୁ ଛିଟିକି ପଡ଼ିଥିଲେ। ମୁଣ୍ଡ ମାଡ ହୋଇ ଗଭୀର ଅଘାତ ଲାଗିଥିବା ବେଳେ ଖବର ପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଦାଶରଥିଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ ୬୭/୨୦) ରୁଜୁ କରିଥିଲା।

ଦୋକାନୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୬।୩(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହରେକୃଷ୍ଣ ନଗର ବସ୍ତିରେ ରହୁଥିବା ଜଣେ ଜଳଖିଆ ଦୋକାନୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳର ଜିତୁ ସାହୁ(୪୫)। ପୋଲିସ ସୂଚନା ମୁତାବକ, ଜିତୁ ହରେକୃଷ୍ଣ ବସ୍ତିର ପ୍ଲଟ ନମ୍ବର ୯୬୨ ପରିବାର ସହ ରହୁଥିଲେ। ଏଥିସହ ସେକ୍ଟର ୫ ଲେନ ୨ରେ ଏକ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟଉଥିଲେ। ଗୁରୁବାର ରାତିରେ ଜିତୁ ଘରକୁ ଫେରିବା ପରେ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହ ଝଗଡ଼ା ହୋଇଥିଲା। ସ୍ତ୍ରୀଙ୍କ ଉପରେ ରାଗି ରାତିରେ ଘରୁ ବାହାରକୁ ଚାଲିଯାଇଥିଲେ। ରାତି ପ୍ରାୟ ସାଢେ ୧୨ଟା ବେଳକୁ ଜିତୁଙ୍କୁ ଦୋକାନ ନିକଟ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକେ ଏବଂ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ଜିତୁଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୧୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ମଦ ନିଶାରେ ସାଙ୍ଗଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୬।୩(ବ୍ୟୁରୋ)

- ସ୍କୁଟିରେ ମୃତଦେହ ନେଇ ରାସ୍ତାକଡ଼ରେ ଫିଙ୍ଗିଥିଲେ
- ବ୍ୟବଚ୍ଛେଦ ରିପୋର୍ଟରୁ ପଦାକୁ ଆସିଲା ଘଟଣା

ମଦ ନିଶାରେ ସାଙ୍ଗକୁ ହତ୍ୟା କରିଥିଲା ସାଙ୍ଗ। ନିଜ ଘରକୁ ଡାକି ମଦ ପିଆଇ ମୁଣ୍ଡକୁ ମଦ ବୋତଲରେ ପିଟି ଜୀବନ ନେଇଥିଲା। ପ୍ରମାଣ ଲୁଚାଇବା ପାଇଁ ମୃତଦେହକୁ ସ୍କୁଟିରେ ଲଦି ଇନ୍‌ଫୋସିଟି ଥାନା ଅଧୀନ ପଟିଆ ବିଗ୍‌ବଜାର ପଛପଟେ ଫିଙ୍ଗିଦେଇଥିଲା। ପୋଲିସ ପ୍ରଥମେ ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ ଭାବି ଅପମୃତ୍ୟୁ ମାମଲା ରୁଜୁ କରି ବସିପଡ଼ିଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଯୁବକଙ୍କ ମୁଣ୍ଡକୁ ପିଟି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଫଳରେ ପୋଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା। ଶୁକ୍ରବାର ଅଭିଯୁକ୍ତ ସାଙ୍ଗ ସମ୍ବଲପୁରର ସୁଶାନ୍ତ ନାଥ(୪୭)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ମଦ ବୋତଲ ଏବଂ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ବିଜୟ ପରମାଣିକ ଶିଖରଚଣ୍ଡୀ ବସ୍ତିରେ ରହି ଘଣ୍ଟା ବେପାର କରନ୍ତି। ତାଙ୍କର ସୁଶାନ୍ତଙ୍କ ସହ ଭଲ ବନ୍ଧୁତା ଥିଲା। ସୁଶାନ୍ତଙ୍କର ପଟିଆ ଛକ ନିକଟରେ ଏକ ୩ ମହଲା କୋଠା ଅଛି। ଗତ ଫେବୃୟାରୀ ୨୯ ତାରିଖରେ ସୁଶାନ୍ତଙ୍କ ସ୍ତ୍ରୀ ଓ ପୁଅଙ୍କ ଅନୁପସ୍ଥିତିରେ ବିଜୟଙ୍କୁ ମଦ ପିଇବାକୁ ଡାକିଥିଲେ ସୁଶାନ୍ତ। ଉଭୟେ ମଦ ପିଇବା ପରେ ନିଶାଗ୍ରସ୍ତ ହୋଇଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସୁଶାନ୍ତ ଉତ୍‌କ୍ଷିପ୍ତ ହୋଇ ଏକ ମଦ ବୋତଲରେ ବିଜୟଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ପରେ ତାଙ୍କ ମୁଣ୍ଡକୁ ଏକ କଠିନ ପଦାର୍ଥରେ ପିଟି ହତ୍ୟା କରିଥିଲେ। ପ୍ରମାଣ ଲୁଚାଇବା ପାଇଁ ବିଜୟଙ୍କ ସ୍କୁଟିରେ ମୃତଦେହ ଲଦି ପଟିଆ ବିଗ୍‌ବଜାର ପଛପଟେ ଫିଙ୍ଗି ଦେଇଥିଲେ। ଏହାପରେ ଘରକୁ ଆସି ରକ୍ତକୁ ପୋଛିବା ସହ ମଦ ବୋତଲକୁ ଗୋଟାଇ ଘର ପଛ ପଟେ ଫିଙ୍ଗି ଦେଇଥିଲେ। ମାର୍ଚ୍ଚ ୧ ତାରିଖ ସକାଳୁ କିଛି ଲୋକ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏ ନେଇ ତଦନ୍ତ ଜାରି ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇ ଖୋଳତାଡ଼ କରିଥିଲା। ଉଭୟ ଘର ଲୋକଙ୍କୁ ପଚରାଉଚରା କରିବା ସହ ମାରୁତିଭିଲ୍ଲାରେ ଲାଗିଥିବା ଏକ ସିସିଟିଭି ଯାଞ୍ଚ କରିଥିଲା। ସେଥିରେ ମୃତଦେହକୁ ଏକ ସ୍କୁଟିରେ ଲଦି ସୁଶାନ୍ତ ନେଉଥିବା ଦୃଶ୍ୟ ରହିଥିଲା। ଏହାପରେ ପୋଲିସ ସୁଶାନ୍ତଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଛି। ମଦ ନିଶାରେ ଏହି ଘଟଣା ଘଟାଇଥିବା ପୋଲିସ ଆଗରେ ଅଭିଯୁକ୍ତ ସ୍ୱୀକାର କରିଛନ୍ତି।

ଟ୍ରେନ ଫେରନ୍ତା ଯୁବକଙ୍କଠାରୁ ଲୁଟ୍

ଭୁବନେଶ୍ୱର, ୬।୩(ବ୍ୟୁରୋ)

- ଅଭିଯୁକ୍ତ କିନ୍ନରଙ୍କ ସମେତ ମହିଳା ଗିରଫ, ଟଙ୍କା ଜବତ

ରାଜଧାନୀରେ ରାତିରେ କିନ୍ନରମାନଙ୍କ ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଛି। ଗୁରୁବାର ରାତିରେ ମାଷ୍ଟରକ୍ୟାଣ୍ଟିନ ଛକରେ ଜଣେ ଟ୍ରେନ ଫେରନ୍ତା ଯାତ୍ରୀଙ୍କୁ ଲୁଟପାଟ କରିବା ଘଟଣାରେ ଜଣେ କିନ୍ନର ଓ ମହିଳାଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ନିମାପଡ଼ା ଅଞ୍ଚଳର ବିଷ୍ଣୁପ୍ରିୟା ବିଶ୍ୱାଳ ଓ ଢେଙ୍କାନାଳ ଜିଲା ମୋଟୋ ଅଞ୍ଚଳର କଣ୍ଟେଇ ସାହୁ। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ବାସିନ୍ଦା ପ୍ରଦୀପ୍ତ ବଳିୟାର ସିଂ ଗୁରୁବାର ରାତି ସାଢେ ୨ଟାରେ ଟ୍ରେନରୁ ଓହ୍ଲାଇଥିଲେ। ପ୍ରଦୀପ୍ତ ଷ୍ଟେଶନରୁ ବାହାରି ଅଟୋ ପାଇଁ ଷ୍ଟାଣ୍ଡକୁ ଆସୁଥିବା ବେଳେ କଣ୍ଟେଇ ଓ ବିଷ୍ଣୁପ୍ରିୟା ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ପ୍ରଦୀପ୍ତ ପର୍ସରୁ ୨୦ ଟଙ୍କା କାଢି ଦେବା ବେଳେ କଣ୍ଟେଇ ତାଙ୍କ ପର୍ସରୁ ୭ ହଜାର ଟଙ୍କା ଛଡ଼ାଇ ନେଇ ବିଷ୍ଣୁପ୍ରିୟାଙ୍କୁ ଦେବା ସହ ଉଭୟ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପ୍ରଦୀପ୍ତ ଚିତ୍କାର କରି ଉଭୟଙ୍କ ପିଛା କରିବା ବେଳେ ଉପସ୍ଥିତ ଲୋକେ କଣ୍ଟେଇଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୬୫/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଉଭୟଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରିଥିଲା। ଗିରଫ ମହିଳାଙ୍କ ନାମରେ ପୂର୍ବରୁ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଯାତ୍ରୀଙ୍କୁ ଲୁଟପାଟ ଓ ଛିନ୍‌ତାଇ କରିବା ନେଇ ଅଭିଯୋଗ ରହିଥିବା ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

ବସ୍ତି ଉଚ୍ଛେଦର ପ୍ରତିବାଦ ତଥା ବସ୍ତିବାସିନ୍ଦାଙ୍କ ଜମି ଅଧିକାର ଦାବିରେ ଶୁକ୍ରବାର ସାଲିଆ ସାହି ଆଞ୍ଚଳିକ କମିଟି ପକ୍ଷରୁ ବିଶାଳ ସମାବେଶ ।

ଭୀମଟାଙ୍ଗୀରେ ଦୋଳଯାତ୍ରା

ପୁରୁଣା ଭୁବନେଶ୍ୱର, ୬।୩ (ଡି.ଏନ.ଏ.)

ଗୁରୁବାର ଫଗୁ ଦଶମୀଠାରୁ ଭୀମଟାଙ୍ଗୀରେ ଦୋଳଯାତ୍ରା ଆରମ୍ଭ ହୋଇଛି। ସେହିଦିନ ରାଧାକୃଷ୍ଣଙ୍କର ଚଳନ୍ତି ପ୍ରତିମା ବିମାନରେ ବିଜେ ହେବାପରେ ପୂଜାର୍ଚ୍ଚନା ଓ ଅବିର ଲାଗି କରାଯାଇ ବେଢା ପରିକ୍ରମା କରାଯାଇ ସ୍ୱଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୁକ୍ରବାର ଭୀମଟାଙ୍ଗୀ ଅଞ୍ଚଳର ଫେଜ୍-୧/୨ରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା କରିଥିଲେ। ରବିବାର ମଙ୍ଗଳା ମନ୍ଦିର ଅଞ୍ଚଳ, ପୁରୁଣା ପୋଷ୍ଟ ଅଫିସ୍ ଲେନ୍, ଲିଙ୍ଗରାଜ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର ଅଞ୍ଚଳ, ସାଇରାମ କଲୋନୀରେ ବୁଲି ଚାଚେରୀ ଭୋଗଲାଗି ହେବେ ବୋଲି ଆୟୋଜକ ଭୀମେଶ୍ୱର ମନ୍ଦିର ସମିତି ପକ୍ଷରୁ କୁହାଯାଇଛି। ସେହିଭଳି ରବିବାର ଅନ୍ୟାନ୍ୟ ଅଞ୍ଚଳ ପରିକ୍ରମା ପରେ ସୋମବାର ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ଦୋଳିରେ ଝୁଲିବା ସହ ତାଙ୍କ ନିକଟରେ ମୁଆଁ ଲାଗି କରାଯିବ। ଏଥିସହ ନୂତନ ପଞ୍ଜିକା ପାଠ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ପଦ୍ମନାଭ ଷଡଙ୍ଗୀ, ସଭାପତି ପୁରୁଷୋତ୍ତମ ସାହୁ, ପରିଚାଳନା ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର, କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, କେଲୁଚରଣ ପାହାଡ଼ ସିଂଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଆଜିଠୁ ବାହାର ଫଗୁ ଖେଳ ଆରମ୍ଭ

ପୁରୁଣା ଭୁବନେଶ୍ୱର, ୬।୩ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜଙ୍କ ନଗର ପରିକ୍ରମା

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାହାର ଫଗୁ ଖେଳ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ନଗର ପରିକ୍ରମାରେ ଶ୍ରୀ ଜୀଉମାନେ ଯାତ୍ରା ଆରମ୍ଭ କରିଛନ୍ତି। ସନ୍ଧ୍ୟାଧୂପ ସରିବା ପରେ ଠାକୁରଙ୍କ ବଡ଼ସିଂହାର ଓ ବେଶ ହୋଇଥିଲା। ପରେ ଯାତ୍ରା ପୂଜା କରାଯାଇଥିଲା । ଶ୍ରୀଲିଙ୍ଗରାଜ, ମା'ପାର୍ବତୀ, ମା' ରୁଙ୍କୁଣା ଦେବୀ ଏବଂ ପ୍ରଭୁ ବାସୁଦେବ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଘଣ୍ଟ ଘଣ୍ଟା ମଶାଲ, ଛତ୍ରୀ, ଡ୍ରାସର ଶୋଭାଯାତ୍ରାରେ ଶ୍ରୀଜୀଉମାନେ ବଢେଇବାଙ୍କସ୍ଥିତ ଭାରତୀ ମଠରେ ପହଞ୍ଚିଥିଲେ। ଶ୍ରୀଲିଙ୍ଗରାଜଙ୍କ ଭଉଣୀ ମା' କାମାକ୍ଷୀଦେବୀଙ୍କ ନିକଟରେ ସିଂହାସନରେ ଉପବିଷ୍ଟ ହୋଇଥିଲେ। ପଞ୍ଚ ଉପଚାର ପୂଜା କରାଯାଇ ଶ୍ରୀଜୀଉଙ୍କୁ ଫଗୁଲାଗି ହୋଇଥିଲା। ପରେ ଠାକୁରାଣୀଙ୍କ ନିକଟରେ ଭେଟ ଆଳତି ହୋଇଥିଲା। ସେଠାରୁ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ ବାଟରେ ବଢେଇବାଙ୍କ ଛକରେ ଚାଚେରୀ ଭୋଗ ହୋଇଥିଲା। ପରେ ମନ୍ଦିରରେ ବଡ଼ସିଂହାର ଭୋଗ କରାଯାଇ ପଞ୍ଚବକ୍ର ଆଳତି କରାଯାଇ ପହଡ଼ ପଡ଼ିଥିଲା। ସୂଚନାଥାଉ କି ଗୁରୁବାର ଠାକୁରଙ୍କ ମନ୍ଦିର ଭିତରେ ଭିତର ଫଗୁ ସମ୍ପୂର୍ଣ୍ଣ ହୋଇଥିଲା। ପାଲିଙ୍କିରେ ଶ୍ରୀଜୀଉମାନେ ବେଢା ପରିକ୍ରମା କରି ନାଭିକଟା ମଣ୍ଡପରେ ଖଟୁଲିରେ ବସିଥିଲେ। ସେଠାରେ ପଞ୍ଚ ଉପଚାର ପୂଜା ହୋଇ ଫଗୁ ଲାଗି ହୋଇଥିଲା।

ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅଧୀନ ଆର୍‌ଟିଓ-୨ ଅଫିସ ସମ୍ମୁଖରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶୈଳଶ୍ରୀବିହାର ଶୁଭ୍ରାଶୁଂ ଶେଖର ସାହୁ (୨୭)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିସହ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସୂଚନାଯୋଗ୍ୟ, ଶୁଭ୍ରାଂଶୁ ବୁଧବାର ବିଳମ୍ବିତ ରାତିରେ କଟକରୁ ବାଇକରେ ଫେରୁଥିଲେ। ପଟିଆସ୍ଥିତ ଆର୍‌ଟିଓ-୨ ଅଫିସ ସମ୍ମୁଖରେ ତାଙ୍କ ବାଇକ୍‌କୁ ଏକ ଗାଡି ଧକ୍କା ଦେଇଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହି ବାଟେ ଦେଇ ଯାଉଥିବା କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ।

କନ୍‌ଷ୍ଟେବଳଙ୍କୁ ନିର୍ଘାତ ମାଡ଼

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ରାଜଧାନୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ସାଧାରଣ ଜନତାଙ୍କ କଥା ଛାଡ଼, ଅନ୍ୟକୁ ସୁରକ୍ଷା ଦେଉଥିବା ପୋଲିସ ମଧ୍ୟ ଅସୁରକ୍ଷିତ ହୋଇପଡିଛି। ଗୁରୁବାର ସିଆର୍‌ପି ଅଞ୍ଚଳରେ ଜଣେ ଛାତ୍ର ଏବଂ କଟକରୋଡରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହଣାଯାଇଥିବାବେଳେ ବୁଧବାର ଶହୀଦନଗର ଥାନାର କନଷ୍ଟେବଳ ସେକ୍ ରିଆଜୁଦ୍ଦିନ ମଧ୍ୟ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ୮ରୁ ୧୦ ଜଣ ଯୁବକ ସୈନିକ ସ୍କୁଲ ନିକଟରେ ନିର୍ଘାତ ମାଡ ମାରିଛନ୍ତି। ରିଆଜୁଦ୍ଦିନ ପୋଲିସ ପୋଷାକରେ ଥିଲେ ମଧ୍ୟ ଆକ୍ରମଣକାରୀଙ୍କୁ କିଛି ଫରକ ପଡ଼ି ନ ଥିଲା। ଲହୁଲୁହାଣ ହେବା ପର୍ଯ୍ୟନ୍ତ ତାଙ୍କୁ ପିଟି ଚାଲିଥିଲେ ସେମାନେ। ରିଆଜୁଦ୍ଦିନଙ୍କ ଆଖି ଫୁଲିଯିବା ସହ ଦେହରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ହେଲେ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇନାହିଁ। ଶୁକ୍ରବାର ପୋଲିସ ଦୁଇଜଣଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନଙ୍କୁ ଛାଡ଼ି ଦେଇଛି।

ସୂଚନା ଅନୁଯାୟୀ, ରିଆଜୁଦ୍ଦିନ ବୁଧବାର ଶହୀଦନଗର ଥାନାରେ କାର୍ଯ୍ୟ କରୁଥିଲେ। ଅପରାହ୍ନ ପ୍ରାୟ ସାଢେ ୫ରେ ସେ ବାଇକ ପାଟ୍ରୋଲିଂରେ ସୈନିକ ସ୍କୁଲ ନିକଟକୁ ଯାଇଥିଲେ। ସେଠାରେ ଥିବା ଏକ ପାନ ଦୋକାନୀକୁ ପାନ ଭାଙ୍ଗିବାକୁ କହିଥିଲେ। ଏହି ସମୟରେ ସେଠାରେ ୩ରୁ ୪ଜଣ ଯୁବକ ମଦ ପିଇ ଉତ୍ପାତ କରୁଥିଲେ। ରିଆଜୁଦ୍ଦିନଙ୍କୁ ମଧ୍ୟ ସେମାନେ ଛାଡ଼ି ନ ଥିଲେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ସେ ବିରୋଧ କରିଥିଲେ। ହେଲେ ସେମାନେ ରାଗି ଯାଇ ପୋଲିସ ବୋଲି କ'ଣ ଡରିଯିବୁ ବୋଲି କହି ଯୁକ୍ତିତର୍କ କରିଥିଲେ। ସେଥିରୁ ଜଣେ ଯୁବକ ଫୋନ କରି ଆହୁରି ୫ଜଣ ଯୁବକଙ୍କୁ ଡାକିଥିଲେ। ସେମାନେ ଆସିବା ପରେ ସମସ୍ତେ ଘେରି ରିଆଜୁଦ୍ଦିନଙ୍କୁ ବାଡ଼ି ଓ ପାଇପ୍‌ରେ ପିଟିବା ସହ ପଥର ଛେଡିଥିଲେ। ରିଆଜୁଦ୍ଦିନ ପାଟିକରିଥିଲେ କେହି ଅଟକାଇବାକୁ ଆସି ନ ଥିଲେ। ଶେଷରେ ସ୍ଥାନୀୟ ଲୋକେ ଥାନାକୁ ଫୋନ୍ କରିବା ପରେ ପିସିଆର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି ଯେ, ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଗିରଫ ହେବେ।

ଅନ୍ୟପକ୍ଷରେ ପୋଲିସକୁ ଆକ୍ରମଣ କରିବା କିଛି ନୂଆ କଥା ନୁହେଁ। ବର୍ଷେ ହେବ ଶହୀଦନଗର ଥାନାରେ ବାଣୀବିହାରର କେତେଜଣ ଯୁବକ ପଶି ଭଙ୍ଗାରୁଜା କରିବା ସହ ଏଏସ୍‌ଆଇ ଅଭୟ ରାଉତଙ୍କୁ ମାଡ ମାରି ମୁଣ୍ଡ ଫଟାଇ ଦେଇଥିଲେ।

ଅଧିକ ବ୍ୟାପକ ହେବ ନଗର କଳା ସଂସ୍କୃତି ସଂଘ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକକଳା ମାଧ୍ୟରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି। ମମତାରୁ ଆରମ୍ଭକରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସରକାରଙ୍କର ଯେତେଗୁଡ଼ିଏ କାର୍ଯ୍ୟକ୍ରମ ରହିଛି ତାକୁ ଲୋକକଳା ମାଧ୍ୟମରେ କଳାକାରମାନେ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ତେବେ ଏସବୁ କାର୍ଯ୍ୟକ୍ରମ ଗାଁ ଗହଳିରେ ସୀମିତ ଥିବା ବେଳେ ଏବେ ତାହା ସହରାଞ୍ଚଳରେ ଆରମ୍ଭ ହୋଇଛି। ନଗର କଳା ସଂସ୍କୃତି ସଂଘ(ଏନ୍‌କେଏସ୍‌ଏସ୍) ଗଠନ ହେବାପରେ କଳାକାରମାନେ ସରକାରଙ୍କ ଯୋଜନାକୁ ସହରୀ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଏହାକୁ ଆହୁରି ସୁଦୃଢ଼ ଏବଂ ବ୍ୟାପକ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ନଗର କଳା ସଂସ୍କୃତି ସଂଘର ଅଭିମୁଖୀକରଣ ଗ୍ରାମ ଯୋଗାଯୋଗ ଓ ସହଭାଗିତା କାର୍ଯ୍ୟକ୍ରମରେ ଏନେଇ ମତପ୍ରକାଶ ପାଇଛି। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କଳାକାର ସଂଘର ଉପସଭାପତି ଓ କଳାକାରଙ୍କ ସମେତ ବିଭିନ୍ନ ଜିଲା ଅଧିକାରୀ, ସଂସ୍କୃତି ଅଧିକାରୀ, ୨୪ ନଗର କଳା ସଂସ୍କୃତି ସଂଘ ଏବଂ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥ

ଅସ୍ଥି ନ ଥିବା ଶିଶୁକନ୍ୟା ଜନ୍ମ

ନୟାଗଡ ଅଫିସ,୬।୩: ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାତିରେ ଅସ୍ଥି ନ ଥିବା ଏକ ଅଦ୍ଭୁତ ଶିଶୁକନ୍ୟା ଜନ୍ମ ହୋଇଛି । ବୁଧବାର ନୟାଗଡ ବ୍ଲକ କାଳିକା ପ୍ରସାଦ ପଞ୍ଚାୟତ କେଶରପୁର ଗାଁର ସନିଆ ସ୍ୱାଇଁଙ୍କ ସ୍ତ୍ରୀ ମିନି ଉକ୍ତ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି । ତେବେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ସୃଷ୍ଟି ହୋଇଥିଲା । ଅସ୍ଥି ନ ଥିବାରୁ ଶିଶୁକନ୍ୟାର ହୃତ୍‌ପିଣ୍ଡର ସ୍ପନ୍ଦନ ସ୍ପଷ୍ଟ ଭାବେ ବାହାରକୁ ଜଣାପଡିଛି । ଏଭଳିସ୍ଥଳେ ଶିଶୁକୁ ସୁସ୍ଥ ରଖିବା ପାଇଁ କିଛି ସମୟ ଏସଏନସିୟୁରେ ରଖାଯାଇଥିଲା । ପରେ କଟକ ବଡ ଡାକ୍ତରଖାନାର ଶିଶୁ ବିଭାଗକୁ ପଠା ଯାଇଛି ।

ସଂକ୍ଷେପରେ

କରୋନା: ବାୟୋମେଟ୍ରିକ ମେଶିନ ବ୍ୟବହାର ଉପରେ କଟକଣା

ଭୁବନେଶ୍ୱର, ୬।୩ (ବ୍ୟୁରୋ): ଚାଇନାରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ସମଗ୍ର ମାନବ ସମାଜ ପାଇଁ ବଡ଼ ବିପତ୍ତି ଭାବେ ଦେଖା ଦେଇଛି। ଭାରତରେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିବା ବେଳେ ଏବେ ସରକାରୀ, ବେସରକାରୀ ଅନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ନିଷେଧ କରାଯାଇଛି। ଏହି ମେଶିନକୁ ବହୁସଂଖ୍ୟକ ଲୋକ ବ୍ୟବହାର କରୁଥିବାରୁ ଭୂତାଣୁ ବ୍ୟାପିବାର ଆଶଙ୍କା ରହୁଛି। ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ଏହି ରୋଗର ପ୍ରଭାବ ହ୍ରାସ ପାଇବା ଯାଏ ବନ୍ଦ ରଖିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ବିଭାଗକୁ ଅନୁରୋଧ କରିଛି। ବାୟୋମେଟ୍ରିକ୍ ମେଶିନ ବଦଳରେ ଆଟେଣ୍ଡାନ୍ସ ରେଜିଷ୍ଟର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତିକାରମୂଳକ ପଦକ୍ଷେପ ପାଇଁ ଏହି କଟକଣା ଜାରି କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ରାଜ୍ୟରେ ବଢିଛି ଟ୍ରେନ ଦୁର୍ଘଟଣାରେ ହାତୀ ମୃତ୍ୟୁ

ଭୁବନେଶ୍ୱର,୬।୩(ବ୍ୟୁରୋ): ଟ୍ରେନ୍ ଦୁର୍ଘଟଣାରେ ହାତୀ ମୃତ୍ୟୁ ଘଟଣା ରାଜ୍ୟରେ ବଢି ଚାଲିଛି। ଲୋକ ସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କ ଉତ୍ତରରୁ ଏହା ଜଣାପଡିଛି। ହେଲେ ସାରା ଦେଶରେ ଟ୍ରେନ୍ ଦୁର୍ଘଟଣା କାରଣରୁ ହାତୀ ମୃତ୍ୟୁ ଘଟଣା ସାମାନ୍ୟ ହ୍ରାସ ପାଇଥିବା କୁହାଯାଇଛି। ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତର ଅନୁଯାୟୀ, ୨୦୧୬-୧୭ରେ ରାଜ୍ୟର କୌଣସି ହାତୀ ଟ୍ରେନ୍ ଯୋଗୁ ଦୁର୍ଘଟଣାର ଶିକାର ହୋଇ ନାହାନ୍ତି। ହେଲେ ଏହାର ପରବର୍ଷ ଅର୍ଥାତ ୨୦୧୭-୧୮ରେ ୨ଟି ଏବଂ ୨୦୧୮-୧୯ରେ ୭ ହାତୀଙ୍କ ମୃତ୍ୟୁ ହୋଇଛି। ବହୁଳ ଭାବେ ହାତୀ ପ୍ରଚଳନ କରୁଥିବା ୧୦ଟି ରାଜ୍ୟରେ ୨୦୧୬-୧୭ରେ ୨୧, ୨୦୧୭-୧୮ରେ ୨୦ ଏବଂ ୨୦୧୮-୧୯ରେ ୧୯ ହାତୀ ଟ୍ରେନ୍ ଦୁର୍ଘଟଣାରେ ମରିଛନ୍ତି। ୨୦୧୬-୧୭ରୁ ୨୦୧୮-୧୯ରେ ଓଡ଼ିଶାର ୯, ଆସାମ ୨୨, ପଶ୍ଚିମବଙ୍ଗ ୧୧, ତାମିଲନାଡୁ ଓ ଝାଡ଼ଖଣ୍ଡ ୨, କେରଳ ୩, ଉତ୍ତରାଖଣ୍ଡ ୮ ଏବଂ କର୍ଣ୍ଣାଟକରେ ୩ ହାତୀଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷରେ ସମାନ ସମୟରେ ଯୁପି ଏବଂ ତ୍ରିପୁରାରେ କୌଣସି ହାତୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଉଲ୍ଲେଖ କରାଯାଇନାହିଁ। ସମ୍ବଲପୁର ଲୋକ ସଭା ସଦସ୍ୟ ନୀତେଶ ଗଙ୍ଗଦେବଙ୍କ ଅଣତାରକା ପ୍ରଶ୍ନ ନଂ ୨୫୯୦ର ଉତ୍ତରରେ ଏହା କୁହାଯାଇଛି।

ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ: ରାଜ୍ୟଠାରୁ କୌଣସି ପ୍ରସ୍ତାବ ଗ୍ରହଣ କରିନାହିଁ କେନ୍ଦ୍ର

ଭୁବନେଶ୍ୱର, ୬।୩ (ବ୍ୟୁରୋ): ବରଗଡଠାରେ ଲେଭଲ ୱାନ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା ନେଇ କୌଣସି ପ୍ରସ୍ତାବ ଓଡ଼ିଶା ସରକାର କେନ୍ଦ୍ର ନିକଟକୁ ପଠାଇ ନାହାନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଏକମାତ୍ର ଲୋକ ସଭା ସଦସ୍ୟ ସପ୍ତଗିରି ଉଲ୍ଲାକାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଶୁକ୍ରବାର ଲିଖିତ ଉତ୍ତରରେ ଏହା କହିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ରାଜ୍ୟ ସରକାରଙ୍କ ପକ୍ଷରୁ ବରଗଡରେ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା। ଏହାର କିଛି ଦିନ ପରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ଡିପିଆର ପ୍ରସ୍ତୁତ କରିବା ନେଇ ପଦକ୍ଷେପ ନେଉଥିବା କୁହାଯାଇଛି।

୪୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୨ ଗିରଫ

ବାଲେଶ୍ୱର ଅଫିସ,୬।୩- କ୍ରାଇମବ୍ରାଞ୍ଚ ଏସଟିଏଫର ଏକ ଟିମ୍ ଶୁକ୍ରବାର ବାଲେଶ୍ୱର ସହରର ଅରଡ ବଜାରରେ ଚଢାଉ କରି ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିବା ସହ ୨ ବେପାରୀଙ୍କୁ ଗିରଫ କରିଛି। ଧରାପଡ଼ିଥିବା ୨ ବେପାରୀ କୁଖ୍ୟାତ ନିଶା ମାଫିଆ ସେକ ସୟଦଙ୍କ ସହଯୋଗୀ ବୋଲି ଜଣାପଡ଼ିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଏସଟିଏଫ ପକ୍ଷରୁ କୁହାଯାଇଛି। ଗିରଫ ଦୁଇ ଯୁବକ ଜଳେଶ୍ୱରରୁ ବ୍ରାଉନ ସୁଗାର କିଣି ଅରଡ ବଜାରକୁ ଆସି ରହିଥିଲେ। ସନ୍ଧ୍ୟାରେ ସହଦେବଖୁଣ୍ଟା ପୋଲିସ ସହାୟତାରେ ଏସଟିଏଫ ଟିମ୍ ସେମାନଙ୍କୁ ଗିରଫ କରିଥିଲା।

ଟାୱାର ଉପରେ ୩ ଘଣ୍ଟା

କାମାକ୍ଷାନଗର, ୬।୩(ଡି.ଏନ.ଏ.)

- ଆତ୍ମହତ୍ୟା ଉଦ୍ୟମ କରୁଥିଲେ ପୁତୁରା
- ଉଦ୍ଧାର କରିବାକୁ ଯାଇ ଚଢ଼ିଲେ ଦାଦା
- ବିଦ୍ୟୁତ୍ ବିଭାଗ, ଅଗ୍ନିଶମ କର୍ମଚାରୀ ନାକେଦମ

ଘରେ ଗଣ୍ଡଗୋଳ କରି ଜୀବନ ହାରିବାକୁ ୪୪୦ କେଭି ବିଦ୍ୟୁତ୍ ଟାୱାର ଉପରକୁ ଚଢ଼ିଯାଇଥିଲେ ପୁତୁରା। ତାଙ୍କୁ ବଞ୍ଚାଇବାକୁ ନିଜ ଜୀବନକୁ ବିପନ୍ନ କରି ଦାଦା ବି ଚଢ଼ିଗଲେ ଗ୍ରୀଡ୍‌ରେ। ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଭିତରୁ ଯୁବକଙ୍କୁ ଉଦ୍ଧାର କରିବାକୁ ଦୀର୍ଘ ୩ ଘଣ୍ଟା ଧରି ଚାଲିଲା କସରତ। ତେବେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ ଜୀବନ ବଞ୍ଚିଯାଇଥିବାବେଳେ ଏକ ନିଶ୍ଚିତ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି । ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଶୁକ୍ରବାର ଅପରାହ୍ନ ୨ଟା ୪୫। ବାଙ୍ଗୁରା ନିକଟ ଦେଇ ଯାଇଥିବା ମେରାମଣ୍ଡଳୀ-ଡୁବୁରୀ ୪୪୦ କେଭି ଟାୱାର ଉପରକୁ ହଠାତ୍ ଚଢ଼ିଯାଇଥିଲେ ବାଙ୍ଗୁରା ଗ୍ରାମର କାଳିଆ ପଧାନ (୨୫)। ତାଙ୍କୁ ଉଦ୍ଧାର କରିବାକୁ ଦାଦା ସୁବାସ ପଧାନ (୫୫) ମଧ୍ୟ ତାଙ୍କ ପଛେ ପଛେ ଟାୱାର ଉପରକୁ ଚଢ଼ିଥିଲେ। ଘଟଣାର ପ୍ରତ୍ୟକ୍ଷଦର୍ଶୀ ଏ ସମ୍ପର୍କରେ ତୁରନ୍ତ ବିଦ୍ୟୁତ୍ ବିଭାଗ ଏବଂ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଫଳରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀ ଏବଂ ଗ୍ରାମବାସୀ ବହୁ ବୁଝାଶୁଝା କରିବା ପରେ ୫ଟା ୪୫ରେ କାଳିଆ ଏବଂ ସୁବାସ ତଳକୁ ଆସିଥିଲେ। କାଳିଆଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

ଏ ନେଇ ସୁବାସ କୁହନ୍ତି, ଘରେ ହୋଇଥିବା ସାମାନ୍ୟ ଗଣ୍ଡଗୋଳକୁ କେନ୍ଦ୍ରକରି ପୁତୁରା ଆତ୍ମହତ୍ୟା କରିବାକୁ ଟାୱାର ଉପରକୁ ଚଢ଼ିଯାଇଥିଲେ। ବିଦ୍ୟୁତ୍ ତାରକୁ ଗୋଡ଼ ବଢ଼ାଇଥିଲେ ମଧ୍ୟ ପାଇ ନ ଥିଲା। ତେଣୁ ସେ ବଞ୍ଚିଯାଇଛନ୍ତି। ପୁତୁରାଙ୍କୁ ଉଦ୍ଧାର କରିବାକୁ ଯାଇ ବାଧ୍ୟ ହୋଇ ସୁବାସ ନିଜ ଜୀବନକୁ ବିପଦରେ ପକାଇ ଟାୱାର ଉପରକୁ ଚଢ଼ିଯାଇଥିଲେ ବୋଲି କହିଛନ୍ତି। ଏ ନେଇ ଯନ୍ତ୍ରୀ କୁହନ୍ତି, ଏପରି ଘଟଣା ଦେଖିବା ପରେ ସେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ। ୪୪୦ କେଭି ଲାଇନରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିବା କଷ୍ଟକର କଥା। କାରଣ ଏଥିପାଇଁ ସ୍ୱତନ୍ତ୍ର ଭାବେ ଅନୁମତି ଆଣିବାକୁ ପଡ଼ିଥାଏ। ତେବେ ମେରାମଣ୍ଡଳୀ ଅଧିକାରୀ ଠିକ୍ ସମୟରେ ସହାୟତା କରିବାରୁ ଏକ ଦୁର୍ଘଟଣାକୁ ଟାଳି ଦିଆଯାଇପାରିଛି।

ଶିକ୍ଷକଙ୍କୁ ହାଣିବାକୁ ଗୋଡ଼ାଇଲେ

ରାଜନଗର, ୬।୩ (ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କାଠୁଆଗଣ୍ଡ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ଉପରେ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଅମର କୁମାର ମହାନ୍ତି। ସେ ବିଦ୍ୟାଳୟରେ ପାଠ ପଢ଼ାଉଥିବାବେଳେ ଉକ୍ତ ଗ୍ରାମର କାବୁଲା ସ୍ୱାଇଁ ତାଙ୍କୁ ଘୋଷାଡ଼ି ଆଣିଥିଲେ। ଏଥିସହ ଗାଁ ଦାଣ୍ଡରେ କୁରାଢ଼ି ଧରି ହାଣିବାକୁ ଗୋଡ଼ାଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ କାବୁଲା ସ୍କୁଲରେ ପଶିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଉତ ସରକାରୀ କାର୍ଯ୍ୟରେ ବ୍ୟାଙ୍କକୁ ଯାଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ କାହିଁକି ଡାକିଲ ନାହିଁ ବୋଲି କାବୁଲା ଅମରଙ୍କୁ ପ୍ରଶ୍ନ କରିଥିଲେ ଏବଂ ଶିକ୍ଷକଙ୍କ ଶାର୍ଟ କଲର ଧରି ଘୋଷାଡ଼ି ଆଣିଥିଲେ। ଅମର ଏହାର ପ୍ରତିବାଦ କରିବାରୁ ତାଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ତେବେ ସମ୍ପୃକ୍ତ ଶିକ୍ଷକ ସେଠାରୁ କୌଶଳକ୍ରମେ ଖସି ଆସିବାରେ ସକ୍ଷମ ହୋଇଥିଲେ। ଏ ନେଇ ଅମର ବିଇଓଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ୨ମାସ ତଳେ କାବୁଲା ଉକ୍ତ ବିଦ୍ୟାଳୟରେ ପଶି ଅନ୍ୟ ଜଣେ ଶିକ୍ଷକଙ୍କୁ ମାଡ ମାରିବା ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଫେରି ସେ ପୁଣି ଏପରି କାଣ୍ଡ ଘଟାଇଛନ୍ତି। ଘଟଣାର ତଦନ୍ତ ଚାଲଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

ଗିରଫ ଅଭିଯୁକ୍ତ କାବୁଲା ସ୍ୱାଇଁ।

କାଦୁଅରେ ଫସିଗଲା ଆମ୍ବୁଲାନ୍ସ

ନୟାଗଡ ଅଫିସ/ଦଶପଲ୍ଲା, ୬।୩ (ଡି.ଏନ୍.ଏ.): ଜଣେ ଗର୍ଭବତୀଙ୍କୁ ନେଇ ନୟାଗଡ ଜିଲାର ଦଶପଲ୍ଲା

ଗର୍ଭବତୀଙ୍କୁ ଧରି ଆସୁଥିଲା

ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ଅପରାହ୍ନରେ ଆସୁଥିଲା ୧୦୮ ଆମ୍ବୁଲାନ୍ସ । ବାଟରେ ବର୍ଷା ହେବାରୁ ଆଦିବାସୀ ଅଧ୍ୟୁଷିତ ଦୁଢ଼ା ପଞ୍ଚାୟତର ଜୁଡାଗଣ୍ଡା ଗାଁ ନିକଟ ବାଲିଝରୀ ଘାଟିରେ ନିର୍ମାଣାଧୀନ ରାସ୍ତାରେ କାଦୁଅ ଯୋଗୁ ଫସି ଯାଇଥିଲା ଆମ୍ବୁଲାନ୍ସ । ଏଭଳିସ୍ଥଳେ ଗାଁ ଲୋକେ ଟ୍ରାକ୍ଟର ଦ୍ୱାରା ଆମ୍ବୁଲାନ୍ସକୁ ପ୍ରାୟ ୧କିମି ପର୍ଯ୍ୟନ୍ତ ଟାଣି ନେଇଥିଲେ। କାଦୁଅରୁ ହଟିବା ପରେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । ଗୁରୁବାର ଜୁଡାଗଣ୍ଡା ଗାଁର ହିମାଂଶୁ ଶେଖର ଜାନୀଙ୍କ ସ୍ତ୍ରୀ ସୁମତି ଗର୍ଭ ବେଦନାରେ ଛଟପଟ ହେଉଥିଲେ । ବାରମ୍ବାର ଚେଷ୍ଟା ପରେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ ହୋଇଥିଲା । ଅପରାହ୍ନରେ ବାଣିଗୋଚ୍ଛା ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଗର୍ଭବତୀଙ୍କୁ ଆଣିବାକୁ ଯାଇଥିଲା । ଗୁରୁହା ଠାରୁ ସୁନ୍ଦୁରୁକୁମ୍ପା ରାସ୍ତାରେ ଆସିବାବେଳେ ବାଲିଝରୀ ଘାଟିରେ ନିର୍ମାଣାଧୀନ ରାସ୍ତାର କାଦୁଅରେ ଆମ୍ବୁଲାନ୍ସ ଫସି ଯାଇଥିଲା । ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ପରେ ସୁମତିଙ୍କର ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିବା ଜଣାପଡିଛି ।

ଜିଲା ଚିଠି

ଅନୁଗୋଳ

ନାଁକୁ ନିଯୁକ୍ତି

ଶିଳ୍ପ କରିଡର ଭାବେ ପରିଚିତ ଅନୁଗୋଳ ଜିଲାରେ ବଢୁଛି ବେକାରି ସମସ୍ୟା। ୨୦୧୫ରୁ ୨୦୧୯ ଡିସେମ୍ବର ୩୧ ମଧ୍ୟରେ ଜିଲାରେ ୨୪ ହଜାର ୮୯୫ ଜଣ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ନିଯୁକ୍ତି ପାଇଛନ୍ତି, ତାହାର ହିସାବ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାହିଁ। ସରକାରୀ ଓ ଘରୋଇ କମ୍ପାନୀରେ କେତେଜଣ ନିଯୁକ୍ତି ପାଇଛନ୍ତି ସେ ରିପୋର୍ଟ କର୍ମ ନିୟୋଜନ କାର୍ଯ୍ୟାଳୟକୁ ମିଳୁ ନ ଥିବାରୁ ଠିକ୍ ହିସାବ ମିଳିପାରୁ ନାହିଁ ବୋଲି ଜଣାପଡିଛି। ଜିଲାରେ ବେକାରି ସମସ୍ୟା ଦୂର ପାଇଁ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାଜ୍ୟ ଭିତରୁ ଓ ବାହାରରୁ ବିଭିନ୍ନ ସଂସ୍ଥାକୁ ଡକାଯାଇ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି । ତେବେ କେତେକ ସଂସ୍ଥା ସ୍ୱଳ୍ପ ଦରମାରେ ଜିଲାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇ ମାସେ ଦୁଇମାସ ମଧ୍ୟରେ ବାହାର କରିଦେଉଥିବାରୁ ବେକାରି ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଅନେକ ସମୟରେ ଅଭିଯୋଗ ହେଉଛି। କର୍ମ ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ଆଉ ଏକ ତଥ୍ୟ ଅନୁଯାୟୀ, ୨୦୧୯ ଜାନୁୟାରୀ ୧ରୁ ୨୦୨୦ ଜାନୁୟାରୀ ୩୧ ମଧ୍ୟରେ ୪ ହଜାର ୨୦୮ ଜଣ ନାମ ପଞ୍ଜୀକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ ୨୬ ଜଣ ଅଣ୍ଡର ମାଟ୍ରିକ। ୮୭୭ ଜଣ ମାଟ୍ରିକ୍ ପାସ୍ କରିଥିବା ବେଳେ ୧୬୫୩ ଜଣଙ୍କ ଯୋଗ୍ୟତା ଇଣ୍ଟର ମିଡିଏଟ। ୧୦୬୬ ଜଣ ସ୍ନାତକ ଯୋଗ୍ୟତାଧାରୀ ଥିବାବେଳେ ୫୮୬ ଜଣଙ୍କ ବୈଷୟିକ ଯୋଗ୍ୟତା ରହିଛି। ତେବେ ଜିଲାରେ ସ୍ନାତକୋତ୍ତର କୌଣସି ଯୁବତୀଯୁବକ ନାମ ପଞ୍ଜୀକରଣ କରିନାହାନ୍ତି। ୧୯୯୧ ପର୍ଯ୍ୟନ୍ତ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ସ୍ୱଳ୍ପ ଥିବାରୁ କଲ୍ ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ବେକାରଙ୍କ ସଂଖ୍ୟାରେ ବୃଦ୍ଧି ତଥା ଅନ୍ୟାନ୍ୟ କାରଣରୁ ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଓ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। କିନ୍ତୁ ମେଳାକୁ ଆସିଥିବା ଅଧିକାଂଶ କମ୍ପାନୀ ବା ସଂସ୍ଥା ଦିନକୁ ମାତ୍ର ୨ରୁ ୩ ଶହ ବା ମାସିକ ୬ରୁ ୯ ହଜାର ଟଙ୍କା ପାରିଶ୍ରମିକ ଧାର୍ଯ୍ୟ କରୁଥିବାରୁ ତାହା ଯୁବତୀଯୁବକମାନଙ୍କୁ ଆକୃଷ୍ଟ କରିପାରୁନାହିଁ। ଯେଉଁ କେତେଜଣଙ୍କୁ ୮ ଘଣ୍ଟା ପରିଶ୍ରମ ପାଇଁ ଚୁକ୍ତି କରାଯାଉଛି ସେମାନଙ୍କ ମଧ୍ୟରୁ ଅନେକଙ୍କୁ କମ୍ପାନୀ ୧୬ ଘଣ୍ଟା ଖଟାଇବା ସହ ପୂର୍ବ ନିର୍ଦ୍ଧାରିତ ଦରମା ଦେଉଛି। କମ୍ପାନୀର ଏପରି ଶୋଷଣ ମନୋବୃତ୍ତିର ପ୍ରତିବାଦ କରାଯାଉଥିଲେ ବି ତାହାକୁ ପ୍ରଶାସନ ସେତେଟା ଗୁରୁତ୍ୱ ଦେଉନାହିଁ। ତେଣୁ ବାଧ୍ୟହୋଇ ଅଳ୍ପ କେଇଟା ଦିନ ପରେ ଯୁବତୀଯୁବକମାନେ ସେହି ଚାକିରି ଛାଡ଼ିଦେଉଛନ୍ତି। ଏ କଥାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ବେକାରଙ୍କ ସଂଖ୍ୟା କମିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

– ଅମିତ କୁମାର ସାମଲ

ବାଉଁଶବୁଦା ଉପୁଡି ଜଣେ ମୃତ, ୪ ଗୁରୁତର

ଲୋଇସିଂହା, ୬।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଘୂର୍ଣ୍ଣିଝଡ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା । ବର୍ଷାରୁ ରକ୍ଷା ପାଇବା ପାଇଁ ବୁର୍ଣ୍ଣା ଗ୍ରାମର ୫ଜଣ ଏକ ବାଉଁଶ ବୁଦା ତଳେ ଆଶ୍ରୟ ନେଇଥିଲେ । ସେତିକିବେଳେ ଜୋରରେ ପବନ ବହିବାରୁ ବାଉଁଶ ବୁଦା ଉପୁଡି ପଡିଥିଲା। ଫଳରେ ସେମାନେ ବାଉଁଶ ବୁଦାମୂଳେ ଚାପି ହୋଇଯାଇଥିଲେ। ଏଥିରେ ସୂର୍ଯ୍ୟକାନ୍ତି ମହାକୁର ନାମକ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନୁରା ସାହୁ, ଜପେ ସାହୁ, ଭୃଷବ ମହାକୁର, ଉଦ୍ଧବ ବାରିକ । ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କ

ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ତଥା ଚରିତ୍ରହୀନତା ଏଇ ତିନିଗୁଣ ବିନାଶକୁ ଡାକି ଆଣେ
- ମହାତ୍ମା ଗାନ୍ଧୀ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓୟୁଏଟିରେ କୃଷକ ମେଳା, ସ୍ୱାମୀନାଥନ କନଫରେନ୍ସ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଜାଭିୟର ୟୁନିଭରସିଟି ପକ୍ଷରୁ ଓଡ଼ିଶା ବଜେଟ କନକ୍ଲେଭ, କଲେଜ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।
- କଳିଙ୍ଗ ହେରିଟେଜ ପ୍ରିଜର୍ଭେଶନ ଟ୍ରଷ୍ଟ ପକ୍ଷରୁ ଟକ୍ ଶୋ, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୫ଟା।
- ନୂଆ ସାହିତ୍ୟ, ପୁରୁଣା ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ

- ଷ୍ଟେଟ ଏକ୍ସାଇଜ୍ ସ୍ପୋର୍ଟ୍ସ କମିଟି ପକ୍ଷରୁ ୫୦ତମ ଷ୍ଟେଟ ଏକ୍ସାଇଜ୍ ଆଥଲେଟିକ୍ ମିଟ୍‌ର ଉଦ୍‌ଘାଟନ ଉତ୍ସବ, ବାରବାଟୀ ଷ୍ଟାଡିୟମ, ସକାଳ ୮ଟା।
- ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ପକ୍ଷରୁ ଯୁଗ୍ମ ମହିଳା ସଂହତି କାର୍ଯ୍ୟକ୍ରମ, ଷ୍ଟିୱାର୍ଟ ସ୍କୁଲ, ସକାଳ ୮ଟା।
- ପ୍ରାଚୀ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।

ମହିଳା ପୋଲିସଙ୍କୁ ମିଳୁଛି କର୍ମକ୍ଷେତ୍ରରେ ନିର୍ଯାତନା

କଟକ ଅଫିସ, ୬।୩

କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍ ପରିସରରେ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଦେଶରେ

ଦେଶର ପ୍ରଥମ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ

ପ୍ରଥମ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଉଛି। ଏହି ସମ୍ମିଳନୀରେ ଭାଗ ନେଇଥିବା ମହିଳା ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କୁ କେମିତି କାର୍ଯ୍ୟକ୍ଷେତ୍ରରେ ନିର୍ଯାତନାର ଶିକାର ହେବାକୁ ପଡୁଛି, ସେନେଇ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି କିମ୍ବା ଠିକ୍ ଭାବେ ତଦନ୍ତ କରାଯାଉନି। ସେହିଭଳି ପଦୋନ୍ନତିରେ ଅବହେଳା ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ନେଇ ମହିଳା ପୋଲିସ ଅଧିକାରୀମାନେ ସେମାନଙ୍କ ଅନୁଭୂତି ରଖିଥିଲେ।

ଏହି ସମ୍ମିଳନୀରେ ୪ଜଣ ମହିଳା ଆଇପିଏସ୍, ଜଣେ ଏସ୍‌ପି, ୧୨ଜଣ ଡିଏସ୍‌ପି, ୧୨ଜଣ ଭାରପ୍ରାପ୍ତ ଡିଏସ୍‌ପି, ୨୯ଜଣ ଇନ୍ସପେକ୍ଟର, ୧୭ଜଣ ସବ୍-ଇନ୍ସପେକ୍ଟର, ୮ଜଣ ଏଏସ୍‌ଆଇ, ୨ଜଣ ହାବିଲଦାର, ୩ଜଣ ଲାନ୍ସ ନାଏକ ଏବଂ ୪୮ଜଣ କନଷ୍ଟେବଲ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ୪ଟି ଟିମ୍‌ରେ ଭାଗ କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ୍‌ଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା ପୋଲିସଙ୍କ ପଦୋନ୍ନତି କ୍ଷେତ୍ରରେ ଥିବା ବାଧକ ନେଇ ଆଲୋଚନା ହୋଇଥିଲା। ସେହିପରି ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ, ଗଜପତି ଏସ୍‌ପି ସାରା ଶର୍ମାଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ୟୁନିଫର୍ମ ଏବଂ ଅନ୍ୟାନ୍ୟ ସାମଗ୍ରୀ, କଟକ ଭିଜିଲାନ୍ସ ଏସ୍‌ପି ଅଶ୍ୱିନୀ କୁମାରୀ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା କ୍ରୀଡା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଭାଗନେଇଥିବା ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପରୋକ୍ତ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧିକାରୀମାନେ ମହିଳା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଅଣଦେଖା କରାଯିବା, ଅଧିକ ପଦବୀରେ ମହିଳାଙ୍କୁ ନିଯୁକ୍ତି, ପ୍ରସବ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ମାସିକ ଋତୁସ୍ରାବ ପାଇଁ ମାସକୁ ଗୋଟିଏ ଦିନ ଛୁଟି, ଗର୍ଭାବସ୍ଥା ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନରେ କୋହଳ, ସୁରକ୍ଷିତ ପରିବେଶ ଏବଂ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ୟୁନିଫର୍ମ ଡିଜାଇନ୍ ପାଇଁ ପ୍ରସ୍ତାବ ଦେଇଥିଲେ।

ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ଅଭୟ ଯୋଗଦେଇ କହିଥିଲେ, ମହିଳା ଥାନାକୁ ଛାଡି ରାଜ୍ୟରେ ୧୦୨ଟି ଥାନାର ଆଇଆଇସି ହେଉଛନ୍ତି ମହିଳା। ମୋଟ୍ ଥାନାର ୨୦ପ୍ରତିଶତ ଏମାନେ ନେତୃତ୍ୱ ନେଉଛନ୍ତି। ଦେଶରେ ଏହା ସର୍ବାଧିକ। ଆଗାମୀ ଦିନରେ ଏହାକୁ ୫୦ ପ୍ରତିଶତରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳା ପୋଲିସ ଅଧିକାରୀଙ୍କ ପାଇଁ ଅଧିକ ସଂଖ୍ୟକ ମୋବାଇଲ୍ ଶୌଚାଳୟ, ସ୍ୱତନ୍ତ୍ର ୟୁନିଫର୍ମ, ଲିଙ୍ଗଗତ ଭେଦଭାବ ରୋକିବା, ଗର୍ଭଧାରଣ ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନ ଦିଗରେ କ'ଣ ସବୁ ବ୍ୟବସ୍ଥା କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଡିଜିପି କହିଥିଲେ। ନିର୍ଯାତନା ମାମଲାଗୁଡିକୁ ଠିକ୍ ସମୟରେ ତଦନ୍ତ କରାଯିବା ସହ ପୁରୁଣା ଗାଡିଗୁଡିକୁ ମୋବାଇଲ୍ ଶୌଚାଳୟ ଭାବେ ବ୍ୟବହାର କରାଯିବ ବୋଲି ସେ କହିଥିଲେ। ଓଡ଼ିଶାରେ ମହିଳା ପୋଲିସ ଅଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଯୋଗୁ ଆଗାମୀ ଦିନରେ ସେମାନେ ଦେଶରେ ପୋଲିସ ବିଭାଗର ନେତୃତ୍ୱ ନେବେ ବୋଲି ଅଭୟ ଆଶା ପ୍ରକାଶ କରିଥିଲେ। ଆଇଜି(ତାଲିମ) ଏସ୍. ସାଇନି ଆଲୋଚନାର ବିଷୟ ଏବଂ ପ୍ରସ୍ତାବଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଜି, ଡିଆଇଜି, ଏସ୍‌ପି ଏବଂ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇଜି(ଆଧୁନିକୀକରଣ) ରେଖା ଲୋହାନୀ ଧନ୍ୟବାଦ ଦେଇଥିଲେ।

ସମ୍ମିଳନୀରେ ଡିଜିପି ଅଭୟଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ।

୧୦ରେ ବୃନ୍ଦାବନ ମହୋତ୍ସବ

ଭୁବନେଶ୍ୱର,୬।୩(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ହୋଲି ଅବସରରେ ଆସନ୍ତା ୧୦ ତାରିଖରେ ବୃନ୍ଦାବନ ମହୋତ୍ସବ ଆୟୋଜିତ ହେବ। ରବୀନ୍ଦ୍ର ମଣ୍ଡପଠାରେ ହେବାକୁ ଥିବା ଏହି ଉତ୍ସବରେ ସୁର ଓ ସଙ୍ଗୀତର ସଙ୍ଗମ ହେବ। ପ୍ରଖ୍ୟାତ ବଂଶୀବାଦକ ତଥା ବୃନ୍ଦାବନ ଗୁରୁକୁଳର ପ୍ରତିଷ୍ଠାତା ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସମେତ ଭାରତବର୍ଷର ବହୁ ବଡ଼ ବଡ଼ କଳାକାରମାନେ ଏଠାରେ ସଙ୍ଗୀତ, ବାଦ୍ୟ ପରିବେଷଣ କରିବେ। ଶୁକ୍ରବାର ଘାଟିକିଆସ୍ଥିତ ବୃନ୍ଦାବନ ଗୁରୁକୁଳଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଜିନ ଆର୍ ଯାଦବ କହିଥିଲେ, ହୋଲିରେ ସଙ୍ଗୀତର ପରମ୍ପରା ବହୁ ପ୍ରାଚୀନ। ତେଣୁ ଏହି ରଙ୍ଗର ପର୍ବକୁ ଆହୁରି ରଙ୍ଗିନ କରିବାକୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏକ ଭିନ୍ନ ପ୍ରୟାସ କରିଛି। ପ୍ରଥମ ଥର ପାଇଁ ପର୍ଯ୍ୟଟନ ବିଭାଗ ମିଳିତଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଆଗାମୀ ବର୍ଷଠାରୁ ନିୟମିତଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ଅଧିକାରୀ ରତିକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

ଆର୍. ମାଙ୍ଗା ବାବୁ ନୂଆ ଜିଏସ୍‌ଟି ମୁଖ୍ୟ ଆୟୁକ୍ତ

ଭୁବନେଶ୍ୱର, ୬।୩(ବ୍ୟୁରୋ): ଜିଏସ୍‌ଟି କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ, ଭୁବନେଶ୍ୱର ଜୋନର ମୁଖ୍ୟ ଆୟୁକ୍ତ ଭାବେ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆର୍. ମାଙ୍ଗା ବାବୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେ କହିଛନ୍ତି, ସୁନା ସ୍ମଗଲିଂ ଏବଂ ଜିଏସ୍‌ଟି ଫାଙ୍କୁଥିବା ବ୍ୟବସାୟୀଙ୍କ ଉପରେ ତାଙ୍କ ନଜର ରହିବ। ଭୁବନେଶ୍ୱର ବିମାନବନ୍ଦରରୁ ବିଭିନ୍ନ ଦେଶକୁ ସିଧାସଳଖ ବିମାନ ଚଳାଚଳ ଯୋଗୁ ସୁନା ସ୍ମଗଲିଂ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ମାଙ୍ଗା ବାବୁ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ସେ ବିହାର ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବିଭାଗର ପ୍ରଧାନ ଆୟୁକ୍ତ ଭାବେ କାର୍ଯ୍ୟ କରୁଥିଲେ। ଆର୍. ମାଙ୍ଗା ବାବୁ ନାର୍ଗାଜୁନ ବିଶ୍ୱବିଦ୍ୟାଳୟରୁ ଇତିହାସ ଏବଂ ଆଇନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି କରି ୧୯୮୮ ମସିହାରେ ଭାରତୀୟ ରାଜସ୍ୱ ସେବାରେ ଯୋଗଦେଇଥିଲେ। ଦୀର୍ଘ ତିନି ଦଶନ୍ଧି ମଧ୍ୟରେ ସେ ମୁମ୍ବାଇ, ଚେନ୍ନାଇ, କୋଲକାତା, ହାଇଦ୍ରାବାଦ, ସାଲେମ, ସିଲିଗୁଡ଼ି, ବିଶାଖାପାଟନମ୍, ଗୁଣ୍ଟୁର ଏବଂ ପାଟନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିଲେ।

ଫିଲ୍ମରେ ଓଡ଼ିଶାର ସୌନ୍ଦର୍ଯ୍ୟ ଦେଖାଇବେ ନୀଳମାଧବ

ଭୁବନେଶ୍ୱର,୬।୩(ବ୍ୟୁରୋ)

ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ଏକୁଟିଆପଣ, ଭୟ ଏବଂ ଭଲପାଇବାକୁ ନେଇ ଏକ ନୂଆ ଫିଲ୍ମ କରିବାକୁ ଯାଉଛନ୍ତି ଓଡ଼ିଶା ଜନ୍ମିତ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମନିର୍ମାତା ନୀଳମାଧବ ପଣ୍ଡା। 'ବିଶ୍ୱ' ନାମକ ଏହି ଫିଲ୍ମ ଜଣେ ପିତା ଓ ତାଙ୍କ ଦୃଷ୍ଟିହୀନ ପୁଅର କାହାଣୀ ଉପରେ ପର୍ଯ୍ୟବସିତ ହୋଇଛି। ପ୍ରତିଥର ଭଳି ଏଥର ମଧ୍ୟ ନିଜ ଫିଲ୍ମ ମାଧ୍ୟମରେ ସାମାଜିକ ବାର୍ତ୍ତା ଦେବାର ପ୍ରୟାସ କରିଛନ୍ତି ନୀଳମାଧବ। ଅନ୍ଧତ୍ୱକୁ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା ପାଇଁ ଏହି ଚଳଚ୍ଚିତ୍ରରେ ନୀଳମାଧବ ପ୍ରୟାସ କରିଛନ୍ତି। ଫିଲ୍ମଟି ସମ୍ପୂର୍ଣ୍ଣଭାବେ ଓଡ଼ିଶାର ଆବିଷ୍କୃତ ହୋଇ ନ ଥିବା ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକରେ ଶୁଟ୍ ହୋଇଛି। ଫିଲ୍ମ ଟୁରିଜିମ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଓଡ଼ିଶାର ଅନାଲୋଚିତ ପର୍ଯ୍ୟଟନସ୍ଥଳୀ ଏବଂ ଉତ୍କୃଷ୍ଟ ସୌନ୍ଦର୍ଯ୍ୟ ସମ୍ପର୍କରେ ଅବଗତ କରାଇବାକୁ ନୀଳମାଧବ ପ୍ରୟାସ କରିଛନ୍ତି।

ନୀଳମାଧବଙ୍କ ସହଯୋଗୀ ତଥା ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁଜ ତ୍ୟାଗୀ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଷ୍ଟାର୍‌କାଷ୍ଟରେ ଲୋକପ୍ରିୟ କଳାକାର ବିନୟ ପାଠକ, ମରାଠୀ ଚଳଚ୍ଚିତ୍ର 'ଦାଗ' ପାଇଁ ଜାତୀୟ ପୁରସ୍କାର ବିଜେତା ଉଷା ଯାଦବ, ଓସ୍କାର ବିଜୟୀ ଚଳଚ୍ଚିତ୍ର 'ସ୍ଲମଡଗ୍ ମିଲେନେୟାର' ଏବଂ ହିନ୍ଦୀ ଫିଲ୍ମ 'ଯବ୍ ତକ ହୈ ଜାନ' ପାଇଁ ଜଣାଶୁଣା ସରିବ୍ ହାସ୍‌ମୀ, ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ନିଜ କାର୍ଯ୍ୟ ପାଇଁ ଜଣାଶୁଣା ଜ୍ୟୋତି ସୁବାସ ପ୍ରମୁଖ ରହିଛନ୍ତି। ଏହାବ୍ୟତୀତ ବହୁ ଓଡ଼ିଆ କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ ବୋଲି ନୀଳମାଧବ କହିଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମକୁ ସେ ବିଶ୍ୱସ୍ତରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହା ରିଲିଜ ହେବ ବୋଲି ଜଣାପଡ଼ିଛି।

ଆଜି କଳାଧନ ସମ୍ପର୍କିତ ଏସ୍‌ଆଇଟିର ବୈଠକ

କଟକ ଅଫିସ, ୬।୩: କଳାଧନ କାରବାରର ତଦନ୍ତ କରିବାକୁ ସୁପ୍ରିମ୍‌କୋର୍ଟ ଦ୍ୱାରା ନିଯୁକ୍ତ ସ୍ପେଶାଲ୍ ଇନ୍‌ଭେଷ୍ଟିଗେଶନ୍ ଟିମ୍(ଏସ୍‌ଆଇଟି)ର ବୈଠକ ଶନିବାର ବସିବ। ଏଥିରେ ଏସ୍‌ଆଇଟିର ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଅଧ୍ୟକ୍ଷତା କରିବେ। ବୈଠକରେ ରାଜସ୍ୱ, ଆୟକର, ପୋଲିସ, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସିବିଆଇ, ଖଣି ବିଭାଗ ଏବଂ ବାଣିଜ୍ୟକର ବିଭାଗ ସହ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଯୋଗଦେବେ। ବିଭିନ୍ନ ବିଭାଗ ପକ୍ଷରୁ କଳାଧନ ସମ୍ପର୍କରେ କ'ଣ ତଦନ୍ତ କରାଯାଇଛି ତାହାର ତଥ୍ୟ ବୈଠକରେ ଉପସ୍ଥାପନ କରାଯିବ। ଖଣି କାରବାର, ଜିଏସ୍‌ଟି ଠକେଇ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଚାଲିଥିବା କଳାଧନ କାରବାରଗୁଡିକ ବିଷୟରେ ଆଲୋଚନା ହେବ।

ଠିକାଦାରଙ୍କ ଟ୍ରାକ୍ଟର, ଜେସିବି ପୋଡ଼ିଦେଲେ ଦୁର୍ବୃତ୍ତ

ଗୋପ,୬।୩(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ସୁବର୍ଣ୍ଣପୁର ଗ୍ରାମର ଠିକାଦାର ଉମାଶଙ୍କର ସାହୁଙ୍କ ଏକ ଟ୍ରାକ୍ଟର ଓ ଜେସିବି ମେଶିନକୁ କେହି ଦୁର୍ବୃତ୍ତ ପୋଡିଦେଇଥିବା ଜଣାପଡିଛି। ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଗ୍ରାମର ଠିକାଦାରି ସାହୁ ଚନ୍ଦନପୁର ଥାନା ଅଧୀନ ସୁଆଁଲୋ-ଜୋଲ ରାସ୍ତା ଓ ଭାର୍ଗବୀ ନଦୀ ସେତୁ ନିର୍ମାଣ କରୁଛନ୍ତି। ୧୮କୋଟି ୨୫ଲକ୍ଷ ଟଙ୍କାର ଏହି ଠିକାଦାରୀ କାର୍ଯ୍ୟ ଲାଗି ବିଭିନ୍ନ ସମୟରେ ଦାଦାବଟି ଲାଗି ବିବାଦ ଉପୁଜୁଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଠିକାଦାର ସାହୁଙ୍କ ଘର ଆଗରେ ଥିବା ଏକ ଟ୍ରାକ୍ଟର ଓ ଜେସିବି ମେଶିନକୁ ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଏକ ଅଟୋ ଡ୍ରାଇଭର ନିଆଁ ଲାଗିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜେସିବି ଓ ଟ୍ରାକ୍ଟର ପୋଡିଯାଇଥିଲା। ତେବେ ସମସ୍ତ ଘଟଣା ସିସିଟିଭିରେ ରେକର୍ଡ ହୋଇଥିବାବେଳେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଗୋପ ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି। ସୂଚନାଥାଉ କି, ଗତ ନଭେମ୍ବର ୬ରେ ଠିକାଦାର ସାହୁଙ୍କୁ ତାଙ୍କ ଘର ସମ୍ମୁଖରେ ଦୁଇ ଜଣ ଦୁର୍ବୃତ୍ତ ଗୁଳିଚାଳନା କରି ଫେରାର ହେଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଦୁର୍ବୃତ୍ତଙ୍କୁ କାବୁକରି ମାଡ଼ ମାରିବା ପରେ ପୋଲିସ ଜିମାଦେଇଥିଲେ।

'ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ୍ ଡେମୋକ୍ରାଟ୍' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ବରିଷ୍ଠ ଭାଜପା ନେତା କନକବର୍ଦ୍ଧନ ସିଂହଦେଓ, କଳିଙ୍ଗ ଫାଉଣ୍ଡେଶନ୍ ଟ୍ରଷ୍ଟ ଅଧ୍ୟକ୍ଷ ଭବାନୀ ଚରଣ ପଟ୍ଟନାୟକ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

'ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ୍ ଡେମୋକ୍ରାଟ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ବିଜୁ ପଟ୍ଟନାୟକ ଥିଲେ କିମ୍ବଦନ୍ତୀ ପୁରୁଷ। ତାଙ୍କ ବୀରତ୍ୱ ସାରା ବିଶ୍ୱ ଜାଣିଛି। ଇଣ୍ଡୋନେସିଆର ସ୍ୱାଧୀନତାରେ ତାଙ୍କ ଯୋଗଦାନ ଅତୁଳନୀୟ ଥିଲା। ସେହିପରି କଶ୍ମୀର ମିଶନରେ ମଧ୍ୟ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ବିଜୁବାବୁ ଭାରତୀୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଚେହେରା। ସେ ଜଣେ ସଚ୍ଚା ଜାତୀୟତାବାଦୀ ନେତା ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଜୁବାବୁଙ୍କ ଜୀବନୀ ଉପରେ ଆଧାରିତ 'ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ୍ ଡେମୋକ୍ରାଟ୍' ପୁସ୍ତକ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। କଳିଙ୍ଗ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ମୁଖ୍ୟମନ୍ତ୍ରୀ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ବିଜୁ ବାବୁଙ୍କ ଜୀବନୀ ଓ କାର୍ଯ୍ୟ ଉପରେ ପ୍ରଥମ ଥର ପାଇଁ ଏଭଳି ଏକ କମିକ୍ ବହି ହୋଇଛି। ଏହି ବହି ବିଜୁବାବୁଙ୍କ ସେବା ମନୋଭାବକୁ ପିଲାଙ୍କ ପାଖରେ ପହଞ୍ଚାଇବାରେ ସହାୟକ ହେବ। ପିଲାମାନେ ବିଜୁବାବୁଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ତାଙ୍କ ଭଳି ସମାଜ ପାଇଁ ଭଲ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ପୁସ୍ତକରେ ପିଲାମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଚିତ୍ରକଥା ଶୈଳୀରେ ବିଜୁବାବୁଙ୍କ ଦୁଃସାହସିକ କାହାଣୀମାନ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ

କାମ କରୁଥିବାବେଳେ ଯେଉଁ ଲୋକ ମନ ଖୋଲା ଗୀତ ଗାଏ, ସେ ହିଁ ଦୁନିଆରେ ପ୍ରକୃତ ସୁଖୀ।
- କାର୍ଲାଇଲ

ଛତିଶଗଡ଼ରୁ ଓଡ଼ିଶାକୁ ଆସୁଛି ଜାଲ୍ ନୋଟ୍

ଭୁବନେଶ୍ୱର, ୬।୩(ବ୍ୟୁରୋ)

ବ୍ରାଉନ ସୁଗାର କାରବାର ଓ ବାଂଲାଦେଶରୁ ଯୁବତୀ ଚାଲାଣ ଉପରେ ଅଙ୍କୁଶ ଲଗାଇବା ପରେ ଏସ୍‌ଟିଏଫ୍ ନଜର ଏବେ ଓଡ଼ିଶାକୁ ଆସୁଥିବା ଜାଲ୍ ନୋଟ ଉପରେ। ଜାଲ୍ ନୋଟ୍ କାରବାର ରୋକିବା ପାଇଁ ଏସ୍‌ଟିଏଫ୍ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ଶୁକ୍ରବାର ଏସ୍‌ଟିଏଫ୍ ବରଗଡ଼ ଜିଲା ଭଟଲି ଛକରେ ଚଢାଉ କରି ଜାଲନୋଟ କାରବାରରେ ସମ୍ପୃକ୍ତ ୨ଜଣ ମାଷ୍ଟରମାଇଣ୍ଡଙ୍କ ସମେତ ଜଣେ ଗ୍ରାହକଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଲକ୍ଷ ୬ଶହ ଟଙ୍କା ଜାଲ୍ ନୋଟ ଜବତ କରାଯାଇଛି। ତନ୍ମଧ୍ୟରେ ୨୮୮ଟି ୫ଶହ ଟଙ୍କିଆ, ୨୩୩ଟି ୨ଶହ ଟଙ୍କିଆ ଏବଂ ୧୦୦ଟି ୧୦୦ ଟଙ୍କିଆ ଜାଲ ନୋଟ ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଜିଲା ରାୟଗଡ଼ ସରିଆ ଅଞ୍ଚଳର ମଙ୍ଗୁଲ ମାଲଖର(୪୨), ବରଗଡ଼ ଜିଲା ବରପାଲିର ପ୍ରଫୁଲ୍ଲ ମେହେର(୫୬) ଏବଂ ଗ୍ରାହକ କଟକ ଜିଲା ଲାଲବାଗ ଥାନା ଅଧୀନ ଶେଲଟର ଛକର ସୁଦର୍ଶନ ମହାନ୍ତି(୩୬)। ଏମାନଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ବରଗଡ଼ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଏ ନେଇ ବରଗଡ଼ ସଦର ଥାନାରେ ଆଇପିସି ଦଫା ୪୮୯(ଏ), ୪୮୯(ବି), ୪୮୯(ସି), ୧୨୦(ବି)ରେ କେସ୍ ନଂ. ୯୪/୨୦ ରୁଜୁ ହୋଇଛି। ପରେ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

ଗିରଫ ୩ ଅଭିଯୁକ୍ତ

୨ଲକ୍ଷ ୬ଶହ ଟଙ୍କାର ଜାଲ୍ ନୋଟ ଜବତ

୨୫ ହଜାର ଜାଲ୍ ନୋଟ୍‌କୁ ଅସଲ ୧୦ ହଜାର

ସେମାନେ ବିଭିନ୍ନ ଜିଲାରେ ଏଜେଣ୍ଟମାନଙ୍କୁ ରଖିଥିଲେ। ସେମାନଙ୍କୁ ମଙ୍ଗୁଲ ଓ ପ୍ରଫୁଲ୍ଲ ଜାଲ ନୋଟ ବିକ୍ରି କରୁଥିଲେ। ଅସଲି ନୋଟ ଦେଇ ଏଜେଣ୍ଟଙ୍କୁ ସେମାନେ ୨.୫ ପ୍ରତିଶତ ଅଧିକ ଜାଲ୍ ନୋଟ୍ ଦେଉଥିଲେ। କହିବାକୁ ଗଲେ ସେମାନେ ୧୦ ହଜାର ଅସଲି ନୋଟ୍ ନେଇ ୨୫ହଜାର ଜାଲନୋଟ ଦେଉଥିଲେ।

ଗ୍ରାମାଞ୍ଚଳକୁ କରୁଥିଲେ ଟାର୍ଗେଟ

ଗ୍ରାମାଞ୍ଚଳଗୁଡ଼ିକୁ ସେମାନେ ଟାର୍ଗେଟ କରୁଥିଲେ। ଯେଉଁଠି ଟଙ୍କାକୁ ଦୋକାନୀମାନେ ଯାଞ୍ଚ ନ କରି ସିଧା ନେଇ କ୍ୟାଶ କାଉଣ୍ଟରରେ ରଖି ଦିଅନ୍ତି। ବିଶେଷ କରି ଶିକ୍ଷାର ଅଭାବ ଥିବା ଜିଲାକୁ ଏମାନେ ଅଧିକ ଫୋକସ କରନ୍ତି। ଝାରସୁଗୁଡା, ବରଗଡ଼, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଆଦି ଅଞ୍ଚଳକୁ ଏହି ଜାଲ ନୋଟ ପଠାଇଥାନ୍ତି। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ସେମାନେ ଏହାର ଫାଇଦା ଉଠାଉଥିଲେ।

ଛତିଶଗଡ଼ ଯିବ ଏସ୍‌ଟିଏଫ୍

ଜାଲନୋଟ କାରବାର ପେଣ୍ଠସ୍ଥଳୀ ଛତିଶଗଡ଼କୁ ଯାଞ୍ଚ ପାଇଁ ଯିବ ଏସ୍‌ଟିଏଫ। ଗିରଫ ମଙ୍ଗୁଲ କେଉଁ ସ୍ଥାନରେ ଛାପା ମେଶିନ୍ ପକାଇ ଟଙ୍କା ଛାପୁଥିଲେ ତାହା ଖୋଳତାଡ଼ କରାଯିବ। ଉକ୍ତ ମେଶିନ୍ ଠାବ କରି ଘରକୁ ସିଲ୍ କରାଯିବା ସହ ମେଶିନ୍ ଜବତ କରାଯିବ। ଏହି କାରବାର ପଛରେ ଆଉ କେଉଁମାନେ ଅଛନ୍ତି ତାହାର ମଧ୍ୟ ଯାଞ୍ଚ ହେବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

କିଭଳି ଧରାପଡ଼ିଲେ

ଗତ କିଛିଦିନ ହେବ ବରଗଡ଼, ଝାରସୁଗୁଡ଼ା, ଅତାବିରା ଆଦି ବିଭିନ୍ନ ଅଞ୍ଚଳକୁ ଶହ ଶହ ଜାଲନୋଟ ଆସୁଥିଲା। ଏ ନେଇ ଅନେକ ବ୍ୟବସାୟୀ ଅଭିଯୋଗ କରିବା ପରେ ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ଟିଏଫ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଜାଲନୋଟ କାରବାର କରୁଥିବା ପୁରୁଣା ଅପରାଧୀଙ୍କ ଡାଏରୀ ଖୋଲିବା ସହ ସ୍ଥାନୀୟ ସୂଚନାଦାତାଙ୍କୁ କାମରେ ଲଗାଇଥିଲା। ପୁରୁଣା ଡାଏରୀରୁ ପ୍ରଫୁଲ୍ଲ ମେହେର ୨୦୧୦ରେ ଜାଲ ନୋଟ କାରବାରରେ ଗିରଫ ହୋଇ ଜାମିନରେ ଆସିଛନ୍ତି। ଏସ୍‌ଟିଏଫ୍ ତାଙ୍କର ଗତିବିଧି ଉପରେ ନଜର ରଖିଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ସୁଦର୍ଶନଙ୍କୁ କେତେଜଣ ଜାଲ ନୋଟ୍ ଦେବାକୁ ଆସିଥିବା ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ସେଠାରେ ଚଢାଉ କରି ୩ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ୨ଲକ୍ଷ ୬ଶହ ଟଙ୍କାର ଜାଲନୋଟ ମିଳିଥିଲା।

ରାୟଗଡ଼ରେ ଛପା ହେଉଛି

ଛତିଶଗଡ଼ର ରାୟଗଡ଼ରୁ ଓଡ଼ିଶାକୁ ଲମ୍ବିଛି ଜାଲନୋଟ ର୍ୟାକେଟର ଚେର। ଏହି ର୍ୟାକେଟର ମଙ୍ଗ ଧରିଥିଲେ ମଙ୍ଗୁଲ ମାଲଖର। ସେ ରାୟଗଡ଼ ଜିଲାରେ ଜାଲନୋଟ ଛପାଇବା ପାଇଁ ଏକ ପ୍ରିଣ୍ଟିଂ ମେଶିନ୍ ବସାଇଛନ୍ତି। ଏଥିପାଇଁ କର୍ମଚାରୀ ମଧ୍ୟ ନିୟୋଜିତ କରିଛନ୍ତି। ସେମାନେ କଞ୍ଚାମାଲ ମଙ୍ଗୁଲଙ୍କୁ ଦିଅନ୍ତି। କୋଲକାତାରୁ ମଙ୍ଗୁଲ ଜାଲନୋଟ ଛପାଇବା ତରିକା ଶିଖିଥିଲେ। ସେଠାରୁ ସେ ଛତିଶଗଡ଼ ଆସି ଏହି କାରବାର ଆରମ୍ଭ କରିଥିଲେ। ତାଙ୍କୁ ଏହି ବ୍ୟବସାୟରେ ସହଯୋଗ କରୁଥିଲେ ଓଡିଶାର ପ୍ରଫୁଲ୍ଲ ମେହେର। ସେ ନିକଟରେ ଜେଲରୁ ବାହାରିବା ପରେ ପୁଣି ଏହି କାରବାରରେ ଲିପ୍ତ ଅଛନ୍ତି।

୫ ଦିନ ରିମାଣ୍ଡ ପାଇଁ ଆବେଦନ

ଏହି ଜାଲ୍ ନୋଟ କାରବାରର ଗୁମର ଖୋଲିବା ପାଇଁ ଦୁଇ ଅଭିଯୁକ୍ତ ମଙ୍ଗୁଲ ଓ ପ୍ରଫୁଲ୍ଲଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି ଏସ୍‌ଟିଏଫ୍। କୋର୍ଟ ଅନୁମତି ଦେବା ପରେ ଏସ୍‌ଟିଏଫ୍ ସେମାନଙ୍କୁ ଭୁବନେଶ୍ୱର ଆଣି ପଚରାଉଚରା କରିବ।

ଅସ୍ତରଙ୍ଗ ବେଳାଭୂମିରୁ ୪୮ ଫୁଟ୍‌ର ମୃତ ତିମି ଉଦ୍ଧାର

ଅସ୍ତରଙ୍ଗ, ୬।୩ (ଡି.ଏନ୍.ଏ)

ଅସ୍ତରଙ୍ଗ ବେଳାଭୂମି ଗୁଣ୍ଡଳବା ନିକଟରୁ ପ୍ରାୟ ୪୮ ଫୁଟ ଲମ୍ବର ଏକ ମୃତ ତିମି ଉଦ୍ଧାର ହୋଇଛି। ଏହାର ଓଜନ ପ୍ରାୟ ୧୫ ଟନ୍ ହେବ ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଘଟଣାସ୍ଥଳରେ ବନ ବିଭାଗ, ପ୍ରାଣୀ ଓ ମତ୍ସ୍ୟ ବିଭାଗର ଟିମ୍ ପହଞ୍ଚି ମୃତ ତିମି ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ପୀରଜାହାନିଆ ନିକଟସ୍ଥ ଗୁଣ୍ଡଳବା ଗାଁର ସମୁଦ୍ରକୂଳରେ ଏହି ବିରାଟକାୟ ମୃତ ତିମି ଲାଗିଥିଲା। ସ୍ଥାନୀୟ ଲୋକେ ସମୁଦ୍ର କୂଳକୁ ଯାଇଥିବାବେଳେ ମୃତ ତିମିକୁ ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜର ହ୍ୟୁମାନ ନାୟକ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତ ତିମିକୁ ପାଣିରୁ ଉଦ୍ଧାର କରିଥିଲେ। ଏଥିସହ ପ୍ରାଣୀ ଓ ମତ୍ସ୍ୟ ବିଭାଗର ଟିମ୍ ପହଞ୍ଚି ମୃତ ତିମି ସମ୍ପର୍କରେ ଅନୁସନ୍ଧାନ ଚଳାଇଛି। ପ୍ରାଣୀ ବିଭାଗ ମୃତ ତିମିର ଅଂଶବିଶେଷ ସଂଗ୍ରହ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜାହାଜ କିମ୍ବା ଟ୍ରଲର ମାଡ଼ରେ ତିମିଟି ମରିଯାଇଥିବା ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ସମୁଦ୍ର ବାଲିରେ ମୃତ ତିମିକୁ ପୋତିବା ପାଇଁ ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ପରିବେଶବିତ୍ ଶୋଭାକର ବେହେରା କହିଛନ୍ତି, ବହୁଦିନ ତଳୁ ଏହି ତିମି ମରିଯାଇଥିବାରୁ ତା'ର ସମ୍ପୂର୍ଣ୍ଣ ଶରୀର ପଚିଯାଇଛି।

ଇଣ୍ଡିଆନ୍ କାଉନ୍‌ସିଲ ଫର୍ କଲ୍‌ଚରାଲ ରିଲେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନାଜିଆ ଆଲମ୍ ସଙ୍ଗୀତ ପରିବେଷଣ କରୁଛନ୍ତି।

ଏସ୍‌ସିବିରୁ ଫେରାର, କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ ଆୟର୍ଲାଣ୍ଡ ନାଗରିକ ପିଟରଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କୁ ହସ୍ପିଟାଲର ଆଇସୋଲେଶନ୍ ୱାର୍ଡରେ ରଖାଯାଇଛି। ରକ୍ତନମୁନା ପରୀକ୍ଷା ପାଇଁ ଯାଇଛି। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପିଟର ଓ ତାଙ୍କ ସହଯୋଗୀ(ନିମାପଡ଼ାର) ହସ୍ପିଟାଲରେ ରହିବେ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ଯାଞ୍ଚ ସମୟରେ ପିଟରଙ୍କ ଶରୀରରେ ତାପମାତ୍ରା ଥିବା ଜଣାପଡ଼ିଥିଲା। ସେ କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇଥିଲା। ତେଣୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ଏସ୍‌ସିବି ମେଡିକାଲକୁ ରେଫର କରାଯାଇଥିଲା। କିନ୍ତୁ କଟକରୁ ସେ ରାତିରେ ଫେରାର୍ ହୋଇଥିବା ମଙ୍ଗଳାବାଗ ଥାନାରେ ମୌଖିକ ଅଭିଯୋଗ ହୋଇଥିଲା। ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସୂଚନାନୁଯାୟୀ, ସନ୍ଦିଗ୍ଧଙ୍କ ଜଣେ ସହଯୋଗୀ ରେଫରାଲ ଟିକେଟ୍ ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସନ୍ଦିଗ୍ଧଙ୍କୁ ଆଡ୍‌ମିଟ କରିବାକୁ କୁହାଯିବାରୁ ସେ ତାଙ୍କୁ ଆଣିବା ପାଇଁ ତଳକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟ ନ ଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଏହା ପରଠୁ ସନ୍ଦିଗ୍ଧ କେଉଁଆଡ଼େ ଫେରାର ହୋଇଯାଇଥିବା ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପୋଲିସ ତାଙ୍କୁ ଖୋଜିବାରେ ଲାଗିଥିଲା। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରର ଏକ ହୋଟେଲରେ ତାଙ୍କୁ ପୋଲିସ ପାଇଥିଲା।

କରୋନା ସନ୍ଦିଗ୍ଧ ଆୟର୍ଲାଣ୍ଡ ନାଗରିକ

ଏବେ ପସନ୍ଦ ହର୍ବାଲ ହୋଲି

ଭୁବନେଶ୍ୱର,୬।୩(ବ୍ୟୁରୋ)

ଦିନଥିଲା ପ୍ରକୃତିର ବିଭିନ୍ନ ରଙ୍ଗକୁ ବ୍ୟବହାର କରି ଲୋକେ ହୋଲି ଖେଳୁଥିଲେ। କିନ୍ତୁ କିଛିବର୍ଷ ହେଲା ହୋଲିରେ ରାସାୟନିକ ରଙ୍ଗର ବହୁଳ ବ୍ୟବହାର ହେଉଛି। ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ ହେଉଥିବାରୁ ଲୋକେ ଏଥିପ୍ରତି ଧୀରେ ଧୀରେ ସଚେତନ ହେଲେଣି। ବିଶେଷ କରି ଚାଇନା ବିଭିନ୍ନ ପ୍ରକାର ରଙ୍ଗ ଭାରତୀୟ ବଜାରକୁ ଛାଡୁଥିବାରୁ ଏବେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। କାରଣ ଚାଇନାରୁ କରୋନା ଭାଇରସ ବିଭିନ୍ନ ଦେଶକୁ ବ୍ୟାପୁଛି। ଏହା ନିୟନ୍ତ୍ରଣାଧୀନ ନ ଥିବାରୁ ପ୍ରତ୍ୟହ ବହୁସଂଖ୍ୟାରେ ଜୀବନ ନେଉଛି। ତେଣୁ ଚଳିତବର୍ଷ ହୋଲି ନ ଖେଳିବାକୁ ଅନେକେ ଭାବୁଥିବାବେଳେ ବହୁ ଲୋକ ହର୍ବାଲ ହୋଲିକୁ ପ୍ରସନ୍ଦ କରୁଛନ୍ତି। ବର୍ତ୍ତମାନ ଗ୍ରୀନ୍ ଦିୱାଲି ଭଳି ଗ୍ରୀନ୍ ହୋଲି ଏକ ଭିନ୍ନ ଚିନ୍ତାଧାରା ହୋଇଥିବାବେଳେ ଏବେ ସବୁଠାରୁ ଆଗରେ ରହିଛି ହର୍ବାଲ ହୋଲିର ଆୟୋଜନ। ଗତ କିଛିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରରେ ହର୍ବାଲ ହୋଲି ଟ୍ରେଣ୍ଡ୍‌ରେ ଅଛି। ଏଭଳିସ୍ଥଳେ ଗତ ୮ବର୍ଷ ଧରି ଭୁବନେଶ୍ୱରରେ ହର୍ବାଲ ହୋଲି ଉତ୍ସବର ଆୟୋଜନ କରିଆସୁଥିବା ସ୍ୱପ୍ନା ପତି ଫାଉଣ୍ଡେଶନ ପକ୍ଷରୁ ଚଳିତବର୍ଷ ଜାତୀୟ ସ୍ତରରେ ହର୍ବାଲ ହୋଲି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଘୋଷଣା ହୋଇଛି।

ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଫାଉଣ୍ଡେଶନ୍‌ର ମୁଖ୍ୟ ତଥା ଅଭିନେତ୍ରୀ ସ୍ୱପ୍ନା ପତି କହିଛନ୍ତି, ଆସନ୍ତା ୮ତାରିଖ ସନ୍ଧ୍ୟାରେ ସ୍ଥାନୀୟ ହୋଟେଲ କଳିଙ୍ଗ ଅଶୋକାରେ ହର୍ବାଲ ହୋଲି ଉତ୍ସବର ଆୟୋଜନ କରାଯିବ। ଏହାସହିତ ପ୍ରଥମଥର ପାଇଁ ଓଡ଼ିଶା ବାହାରେ ତଥା ପୁଣେରେ ଆସନ୍ତା ୧୦ ତାରିଖରେ ହର୍ବାଲ ହୋଲି ଉତ୍ସବ ଆୟୋଜିତ ହେବ। ସମସ୍ତ ପ୍ରକାରର ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇ ଏହା ପାଳନ ହେବ। ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପଡୁଥିବାରୁ ସଂଘର୍ଷ ଓ ସଂଗ୍ରାମ କରି ଜୀବନରେ ସଫଳ ହୋଇଥିବା ୩ ଜଣ ମହିଳାଙ୍କୁ ସମ୍ମାନିତ କରାଯିବ। ଏଥିସହିତ ଫୁଟବଲ ଖେଳି ଗୋଲ୍ଡ ମେଡାଲ ଜିତିଥିବା ୪୦ବର୍ଷରୁ ଅଧିକ ବୟସର ମହିଳା ଦଳଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ରହିବ। ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାରମାନେ ଯୋଗଦେଇ ହର୍ବାଲ ହୋଲିକୁ ଅଧିକ ରଙ୍ଗିନ ଏବଂ ଆକର୍ଷଣୀୟ କରିବେ। ଭାଇଚାରାର ଏହି ପର୍ବରେ କେବଳ ନିଜେ ନୁହେଁ, ବରଂ ଅନ୍ୟମାନଙ୍କୁ ରସାୟନ ରଙ୍ଗ ପ୍ରତି ସଚେତନ କରିବାକୁ ଯାଇ ହର୍ବାଲ ହୋଲି ପାଳନ କରିବାକୁ ସ୍ୱପ୍ନା ପରାମର୍ଶ ଦେଇଥିଲେ।

ବଜାରରେ ମିଳୁଥିବା ରଙ୍ଗରେ ହାନିକାରକ ରାସାୟନିକ ପଦାର୍ଥ ମିଶ୍ରିତ ହୋଇଥାଏ। ଯଦ୍ୱାରା ଅନେକ ଜୀବନହାନି ହେବା ସହ ମାରାତ୍ମକ ଦୁର୍ଘଟଣା ଘଟିଥାଏ। ଏହିସବୁ ରଙ୍ଗଠାରୁ ଦୂରେଇ ରହି ଗାଜର, ବିଟ୍, ଟମାଟୋ, ପୁଦିନା, ହଳଦୀ, ଚନ୍ଦନ, ନିମ୍ବପତ୍ର, ମୁଲତାନୀ ମାଟି ଆଦି ପ୍ରାକୃତିକ ଓ ଘରୋଇ ସାମଗ୍ରୀକୁ ବ୍ୟବହାର କରି ହର୍ବାଲ ହୋଲି ପାଳନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି।

୮ରେ ଭୁବନେଶ୍ୱର, ୧୦ରେ ପୁଣେରେ ସ୍ୱପ୍ନା ପତିଙ୍କ ହର୍ବାଲ ହୋଲି ଉତ୍ସବ

ଶସ୍ତାରୁ ହୀନସ୍ତା

ବଜାରରେ ମିଳୁଥିବା ରାସାୟନିକ ଦ୍ରବ୍ୟ ମିଶା ରଙ୍ଗର ଦାମ୍ ଅପେକ୍ଷାକୃତ କମ୍ ରହୁଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ବେପାରରେ ଲାଭ କରିବାକୁ ଯାଇ ରଙ୍ଗ ତିଆରି କରୁଥିବା କମ୍ପାନୀମାନେ ରଙ୍ଗରେ ଅଧିକ ରସାୟନ ମିଶାଇ ବିକ୍ରି କରୁଛନ୍ତି। ପ୍ରଚୁର ରାସାୟନିକ ପଦାର୍ଥ ମିଶା ଏହି ରଙ୍ଗର କିଲୋ ପିଛା ମୂଲ୍ୟ ମାତ୍ର ୩୦୦ଟଙ୍କା ରହୁଛି। ତେଣୁ ଗ୍ରାହକମାନେ ସ୍ୱାସ୍ଥ୍ୟ କଥା ଚିନ୍ତା ନ କରି ବହୁଳ ମାତ୍ରାରେ ଏଭଳି ଶସ୍ତା ରଙ୍ଗ କିଣି ନେଉଥିବା ଦେଖାଯାଉଛି। ଏନେଇ ଚର୍ମରୋଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ରସାୟନ ରଙ୍ଗ ତିଆରି ପାଇଁ କପର ସଲଫେଟ୍, କ୍ରୋମିୟମ ଆୟୋଡାଇଡ, ଆଲୁମିନିୟମ ବ୍ରୋମାଇଡ୍, ଲେଡ୍ ଅକ୍ସାଇଡ, ମରକ୍ୟୁରି ସଲଫେଟ୍ ଭଳି ହାନିକାରକ କେମିକାଲ ବ୍ୟବହାର କରାଯାଇଥାଏ। ଏହାଛଡା କେତେକସ୍ଥଳେ ଇଞ୍ଜିନ ଅଏଲ, ଟକ୍ସିକ୍ ଏବଂ ଆଲକାଲାଇନ ପଦାର୍ଥ ମଧ୍ୟ ବ୍ୟବହୃତ ହୋଇଥାଏ। ଏସବୁ ହାନିକାରକ କେମିକାଲ ଦ୍ୱାରା ଚର୍ମରୋଗ, ଆଲର୍ଜି, କିଡ୍‌ନୀ ରୋଗ, ପକ୍ଷାଘାତ ଏବଂ ଅନ୍ଧତ୍ୱ ହେବାର ଆଶଙ୍କା ରହିଥାଏ। ତେଣୁ ଯେତେ ସମ୍ଭବ ଏହାଠାରୁ ଦୂରେଇ ରହି ସାଧାରଣ ଫଗୁରେ ହୋଲି ଖେଳିବା ଉଚିତ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ସତ୍ୟ

ଲିଙ୍କୁନ

ଦିଲୀପ

ନ୍ୟାୟବ୍ରତ

ସାଜନ୍

ପ୍ରଦୀପ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ଏତଲା

କଟକ ଅଫିସ, ୬।୩

ଝିଆରୀଙ୍କୁ ହାବିଲଦାରଙ୍କ ବଳାତ୍କାର ଅଭିଯୋଗ ଘଟଣା

ଶହୀଦନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ହାବିଲଦାରଙ୍କୁ ପୋଲିସ ଗିରଫ କରିଥିଲା। ହାବିଲଦାର ଜଣକ ପୀଡିତାଙ୍କ ପିଉସା। ଏହି ଘଟଣାକୁ ନେଇ ଶୁକ୍ରବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଏତଲା ଦିଆଯାଇଛି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଏତଲାରେ ନିବେଦନ କରାଯାଇଛି। ମାନାବଧିକାର କର୍ମୀ ଜୟନ୍ତୀ କୁମାର ଦାସ ପକ୍ଷରୁ ଏହି ଏତଲା ଦିଆଯାଇଛି। ଏଥିସହ ପୀଡିତାଙ୍କୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଏତଲାରେ ପ୍ରାର୍ଥନା କରାଯାଇଛି।

ଅଭିଯୁକ୍ତ ହାବିଲଦାର୍ ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବା ଯୋଗୁ ଝିଆରୀଙ୍କୁ ଆଣି ଘରେ ରଖିଥିଲେ। ଖାଦ୍ୟରେ ନିଶା ବଟିକା ଦେଇ ପିଉସା ନିଜ ଝିଆରୀଙ୍କୁ ବଳାତ୍କାର କରିଥିଲେ। କ୍ୟାପିଟାଲ୍ ହସ୍ପିଟାଲରେ ଗର୍ଭପାତ ବେଳେ କଥା ପଦାକୁ ଆସିଥିଲା। ଝିଆରୀଙ୍କ ଅଭିଯୋଗକ୍ରମେ ପୋଲିସ ପିଉସାଙ୍କୁ ଗିରଫ କରିଥିଲା।

କଳିଯୁଗରେ ଜୀବ ଉଦ୍ଧାରର ଏକମାତ୍ର ଉପାୟ ହେଲା
ସଦାସର୍ବଦା ହରିନାମ କୀର୍ତ୍ତନ, ଶ୍ରବଣ ଓ ମନନ।
- ଶ୍ରୀ ଚୈତନ୍ୟଦେବ

ହ୍ୟାଣ୍ଡଶେକ୍ ପରିବର୍ତ୍ତେ ନମସ୍କାର କରିବାକୁ ପରାମର୍ଶ

ଭୁବନେଶ୍ୱର,୬।୩(ବ୍ୟୁରୋ)

କରୋନା ଭାଇରସ୍ ଭୟ ଏବେ ସମଗ୍ର ବିଶ୍ୱକୁ ଥରାଇ ଦେଇଥିବା ବେଳେ ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଛି ରାଜ୍ୟ ପର୍ଯ୍ୟଟନ ଶିଳ୍ପ। ଓଡ଼ିଶା ଆସିବାକୁ ଏବଂ ଓଡ଼ିଶା ବାହାରକୁ ଯିବାକୁ ଥିବା ପ୍ରାୟ ୫୦% ପର୍ଯ୍ୟଟକ ନିଜ ଗସ୍ତ ବାତିଲ କରିଛନ୍ତି। ଏଭଳିସ୍ଥଳେ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଓଡ଼ିଶା ଆସୁଥିବା ଏବଂ ବାହାରକୁ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ପରସ୍ପରକୁ ଅଭିବାଦନ ଜଣାଇବା ସମୟରେ ହ୍ୟାଣ୍ଡଶେକ୍ ବା ହାତ ନ ମିଳାଇ ନମସ୍କାର କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ନିୟମିତ ଭାବେ ସାନିଟାଇଜର୍ କିମ୍ବା ସାବୁନ୍ ବ୍ୟବହାର କରି ହାତ ଧୋଇବା ଏବଂ ଜନସାଧାରଣପୂର୍ଣ୍ଣ ସ୍ଥାନକୁ ଯିବା ସମୟରେ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି। ସେହିପରି ଛିଙ୍କିବା ଏବଂ କାଶିବା ସମୟରେ ରୁମାଲ୍ କିମ୍ବା ଟିସ୍ୟୁ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଅଧିକ ତଥ୍ୟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଯୋଗାଯୋଗ କରିବା ଏବଂ ଆବଶ୍ୟକସ୍ଥଳେ କଣ୍ଟ୍ରୋଲ ରୁମ୍ ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୩୯୦୪୬୬ ଏବଂ ମୋବାଇଲ୍ ନଂ ୯୪୩୯୯୯୪୮୫୭/ ୯୪୩୯୯୯୪୮୫୯ରେ ଯୋଗାଯୋଗ କରିବାକୁ କୁହାଯାଇଛି। ସୁରକ୍ଷିତ ରହି ମିଳିତଭାବେ କରୋନା ଭାଇରସ୍‌ର ମୁକାବିଲା କରିବା ସହ ଭୟଭରତ ନ ହେବାକୁ ପର୍ଯ୍ୟଟକମାନଙ୍କୁ ନିବେଦନ କରିଛି ବିଭାଗ। ଥଣ୍ଡା କିମ୍ବା ଜ୍ୱର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ହସ୍ପିଟାଲ କିମ୍ବା ଡାକ୍ତରଙ୍କୁ ଯୋଗାଯୋଗ କରିବାକୁ ବିଭାଗ ଟୁଇଟ୍ ଯୋଗେ ସୂଚନା ଦେଇଛି। ଅନ୍ୟପକ୍ଷରେ ପୁରୀକୁ ଅଧିକ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ସେଠାରେ ଟୁର୍ ଗାଇଡ୍ ଏବଂ ଜନସାଧାରଣଙ୍କୁ ଅଧିକ ସଚେତନ ହେବାକୁ କୁହାଯାଇଛି। ହୋଟେଲଗୁଡ଼ିକୁ ମଧ୍ୟ ଏନେଇ ଆଡ୍‌ଭାଇଜରୀ ଜାରି କରାଯାଇଛି। ବିଦେଶୀ ପର୍ଯ୍ୟଟକମାନଙ୍କ ସମ୍ପର୍କରେ ପୂରା ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀକୁ ଆସୁଥିବା ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ରେଲଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ସ୍କ୍ରିନିଂ କରାଯିବାକୁ ନିଷ୍ପତ୍ତି ହୋଇଛି।

କରୋନା ଭୟ

ପର୍ଯ୍ୟଟକଙ୍କ ପାଇଁ ଗାଇଡ୍‌ଲାଇନ୍ ଜାରି

ଫନୀ ପରେ ଦାଉ ସାଧିଲା କରୋନା

କରୋନା ଭାଇରସ୍‌ର ଭୟାବହତା ଯୋଗୁ ୫୪ବର୍ଷ ଧରି ବର୍ଲିନ୍‌ରେ ବାର୍ଷିକ ଅନୁଷ୍ଠିତ ହେଉଥିବା ବିଶ୍ୱର ସର୍ବବୃହତ୍ ଟ୍ରାଭେଲ୍ ଏକ୍ସପୋ ତଥା ୫ଦିନିଆ ଇଣ୍ଟରନ୍ୟାଶନାଲ ଟୁରିଜିମ୍ ବୋର୍ସ(ଆଇଟିବି)କୁ ପ୍ରଥମ ଥର ପାଇଁ ବାତିଲ କରାଯାଇଛି। ଏପଟେ କରୋନା ଭୟରେ ଓଡ଼ିଶା ପର୍ଯ୍ୟଟନ ଏହାର ୩ଟି ଅନ୍ତର୍ଜାତୀୟ ରୋଡ୍ ଶୋ'କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି। କ୍ୱାଲାଲମ୍ପୁର, ବ୍ୟାଙ୍କକ୍ ଏବଂ ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ହେବାକୁ ଥିବା ଏହି ରୋଡ୍ ଶୋ' ମାର୍ଚ୍ଚ ଶେଷ ଏବଂ ଏପ୍ରିଲ୍ ପ୍ରଥମ ସପ୍ତାହରେ ହେବାକୁ ଥିଲା। ଅନ୍ୟପକ୍ଷରେ ଗତ ମେ ମାସରେ ପ୍ରଳୟଙ୍କରୀ ବାତ୍ୟା 'ଫନୀ' ଯୋଗୁ ୨ ହଜାର କୋଟି ଟଙ୍କାର କ୍ଷତି ସହିଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପ ପୁଣିଥରେ କ୍ଷତି ସହିଛି। ଖରାଦିନେ ସେତେ ସଂଖ୍ୟକ ପର୍ଯ୍ୟଟକ ଆସୁ ନ ଥିଲେ ମଧ୍ୟ ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ଅଧିକାଂଶ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ଜନଜାତି ଅଞ୍ଚଳ ବୁଲିବାକୁ ଆସିଥାନ୍ତି। ହେଲେ କରୋନା ଯୋଗୁ ବହୁ ବିଦେଶୀ ପର୍ଯ୍ୟଟକ ନିଜ ଟୁର୍ ବାତିଲ୍ କରିଥିବା ସୂଚନା ମିଳିଛି। ଏପଟେ କେନ୍ଦ୍ର ସରକାର ଚାଇନା ସହ କରୋନା ପ୍ରଭାବିତ ରାଷ୍ଟ୍ରକୁ ଭିଜା ବାତିଲ କରିଥିବାରୁ ଆଉଟ୍‌ବାଉଣ୍ଡ ଟୁରିଜିମ୍ ମଧ୍ୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ଟୁର୍ ଅପରେଟରମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ୟୁରୋପ ସହ ୟୁକେ, ଫ୍ରାନ୍ସ, ଜର୍ମାନୀ, ବେଲ୍‌ଜିୟମ, ସ୍ପେନ୍ ଏବଂ ହଲାଣ୍ଡରୁ ଓଡ଼ିଶାକୁ ସର୍ବାଧିକ ପର୍ଯ୍ୟଟକ ଆସୁଥିବା ବେଳେ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଏହି ରାଷ୍ଟ୍ରଗୁଡ଼ିକରୁ ଆସିବାକୁ ଥିବା ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟଟକ ବୁକିଂ ବାତିଲ କରିଛନ୍ତି। ସେହିଭଳି ହୋଟେଲ ବୁକିଂ ମଧ୍ୟ ବାତିଲ୍ ହେଉଥିବାରୁ ହୋଟେଲିୟରମାନଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଛି। ଚାଇନା, ମାଲେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁରର ବହୁ ପର୍ଯ୍ୟଟକ ନିଜ ବୁକିଂ ବାତିଲ କରିଥିବା ବେଳେ ଆଗକୁ ଆହୁରି ହେବ ବୋଲି ଆଶଙ୍କା କରାଯାଇଛି। ଏଭଳିସ୍ଥିତି ଜାରି ରହିଲେ ଫନୀ ପରେ ମୁଣ୍ଡ ଟେକିଥିବା ହୋଟେଲ ଶିଳ୍ପ ପୁଣିଥରେ ହଜାର ହଜାର କୋଟିର କ୍ଷତି ସହିବ ବୋଲି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ କୁହାଯାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଯାହା ଖାଇବ ପେଟକୁ,
ଯାହା ଦେବ ବାଟକୁ,
ଯାହା ଥୋଇବ ଖଣ୍ଡକୁ ।

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

ଯେନ ବାଣେ ହତ ବାଳୀ
ତେନ ବାଣେ ହତ ଲଙ୍କା ।

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

ଶହୀଦନଗରରେ ଜଳିଗଲା ଅଟୋ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଶହୀଦନଗର ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଟୋ ହଠାତ ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଶର୍ଟସର୍କିଟ ଯୋଗୁ ଇଞ୍ଜିନରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ଅଟୋରେ ଥିବା ୩ଜଣ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇ ପଡ଼ିଥିଲେ। ସୂଚନା ଅନୁଯାୟୀ, ବାରଙ୍ଗ ଥାନା ଅନ୍ତର୍ଗତ ଦାଢାପାଟଣା ଅଞ୍ଚଳର ମହେଶ୍ୱର ମହାରଣା ଅଟୋ ଚଳାଇ ଗୁଜୁରାଣ ମେଣ୍ଟାନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସେ ଅଟୋ (ନଂ. ଓଡି ୩୩ ଏମ୍-୬୫୮୫)ରେ ୩ଜଣ ଯାତ୍ରୀଙ୍କୁ ନେଇ ଶହୀଦନଗର ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ଯାଉଥିଲେ। ଶହୀଦନଗର ଫାଣ୍ଡି ନିକଟରେ ଅଟୋ ପଛପଟୁ ହଠାତ ଧୂଆଁ ବାହାରି ଥିଲା। ବସିଥିବା ଯାତ୍ରୀଙ୍କ ସମେତ ଡ୍ରାଇଭର ମହେଶ୍ୱର ଅଟୋରୁ ଓହ୍ଲାଇ ବାହାରକୁ ଦୌଡ଼ିଥିଲେ। ଚାହୁଁ ଚାହୁଁ ଅଟୋଟି ଜଳିଯାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ବାଲ୍‌ଟିରେ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସ୍ଥାନୀୟ କେତେଜଣ ଦୋକାନୀ ନିଜ ଦୋକାନରେ ରଖିଥିବା ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ।

୧୮ ମହିଳାଙ୍କୁ 'ଆର୍ଯ୍ୟା ପୁରସ୍କାର'

ଭୁବନେଶ୍ୱର,୬।୩(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ଉତ୍କର୍ଷ ହାସଲ କରିଥିବା ୧୮ ଜଣ ମହିଳାଙ୍କୁ 'ଆର୍ଯ୍ୟା ସମ୍ମାନ'ରେ ସମ୍ମାନିତ କରିଛି ପରିଚୟ ଫାଉଣ୍ଡେଶନ। ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଫାଉଣ୍ଡେଶନ ପକ୍ଷରୁ ୮ମ ଥର ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ, ପଦ୍ମଶ୍ରୀ ଭଜନ ସପୋରୀ, ଓଡ଼ିଶା ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଜୀବନ ସାଧନା ପାଇଁ ରାଜ୍ କମଲ ଚୌହାନ, ଶିକ୍ଷା କ୍ଷେତ୍ରରେ ଡା. ଶିଳ୍ପୀ ସାହୁ, ସମାଜସେବା କ୍ଷେତ୍ରରେ ମାନସୀ ଶତପଥୀ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଡ. ରୀତା ଘଡ଼େଇ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ତରାବ ଖାନ୍ ଓ ବବିତା ମେହେର, ମନୋରଞ୍ଜନ କ୍ଷେତ୍ରରେ ପୁନମ୍ ଦାସ, ଗଣମାଧ୍ୟମ କ୍ଷେତ୍ରରେ ଅରୁନ୍ଧତୀ ମଲ୍ଲିକ ଓ ଆର୍‌ଜେ ସ୍ମିତା ପାଣିଗ୍ରାହୀ, ଉଦ୍ୟୋଗ କ୍ଷେତ୍ରରେ ମନସ୍ମିତା ପାତ୍ର, ଏନ୍‌ଆରଓ କ୍ଷେତ୍ରରେ ଡ. ରଞ୍ଜିତା ସାହୁ, ଫିଟ୍‌ନେସ୍ ଓ ସୌନ୍ଦର୍ଯ୍ୟ କ୍ଷେତ୍ରରେ ଡା. ଧୃତୀ ବଳ ଓ ସୁନନ୍ଦା ମାଥୁର୍, ଇକୋ ଟୁରିଜିମ୍ କ୍ଷେତ୍ରରେ ଅଂଶୁପ୍ରଜ୍ଞା ଦାସ, କ୍ରୀଡ଼ା କ୍ଷେତ୍ରରେ ସୁଦୀପ୍ତା ନନ୍ଦ, ଫଟୋଗ୍ରାଫି କ୍ଷେତ୍ରରେ ପଞ୍ଚମୀ ମାନୋ ଉକିଲ୍, ନୃତ୍ୟ କ୍ଷେତ୍ରରେ କସ୍ତୁରୀ ପଟ୍ଟନାୟକ ଓ ସ୍ୱତନ୍ତ୍ର ବିଭାଗରେ ସୁଲତା ଦେଓଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି ଅବସରରେ ପ୍ରାରମ୍ଭରେ ମହିଳାମାନଙ୍କ ନିମନ୍ତେ ହିଂସାମୁକ୍ତ ସମାଜ ଗଠନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ସୁଜାତା ପ୍ରିୟଦର୍ଶିନୀଙ୍କ ନିର୍ଦ୍ଦେଶନାରେ ୧୯ଜଣିଆ ଟିମ୍ ନାଟକ 'ଘାତ ପ୍ରତିଘାତ' ମଞ୍ଚସ୍ଥ କରିଥିଲେ। ସେହିଭଳି ପଦ୍ମିନୀ ପାଣିଗ୍ରାହୀଙ୍କ ଝୁମର ନୃତ୍ୟ, ଭଜନ ସପୋରିଙ୍କ ବାଦ୍ୟକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। ପରିଚୟ ସର୍ବଦା ମହିଳା ସଶକ୍ତୀକରଣ ନିମନ୍ତେ ଛିଡ଼ାହେବ ଏବଂ ଆର୍ଯ୍ୟା ପୁରସ୍କାର ମାଧ୍ୟମରେ ସେମାନଙ୍କୁ ନିୟମିତ ଭଲ କାମ କରିବାକୁ ଉତ୍ସାହିତ କରିବ ବୋଲି ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ୍ ପାଟଶାଣୀ ମିଶ୍ର କହିଥିଲେ।

୨୧ଜଣଙ୍କୁ ୱିମେନ୍ ଏକ୍ସଲେନ୍ସି ଆୱାର୍ଡ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ବ୍ରାଇଟ୍ ଓଡ଼ିଆ ଫାଉଣ୍ଡେଶନ ପକ୍ଷରୁ ସୂଚନାଭବନରେ ଓଡ଼ିଶା ୱିମେନ୍ ଏକ୍ସଲେନ୍ସି ଆୱାର୍ଡ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୧ଜଣ ଶ୍ରେଷ୍ଠ ମହିଳା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ତନୟା ପଟ୍ଟନାୟକଙ୍କୁ 'ଏକ୍ସଲେନ୍ସି ଇନ୍ ମିଡ଼ିଆ', ସୁଚିରେଖା ତାରେଣିଆଙ୍କୁ 'ଏକ୍ସଲେନ୍ସି ଇନ୍ ଜର୍ନାଲିଜିମ୍' ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରୋଜାଲିନ୍ ପାଟଶାଣୀ, ନମ୍ରତା ଚଢ଼ା ଓ ସଞ୍ଜୟ ମହାକୁଡ ଉପସ୍ଥିତ ଥିଲେ। ଏହି ଅବସରରେ ଲୁବୁନ୍-ଟୁବୁନ୍‌ଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଅଙ୍କିତା ଭୌମିକ ଓ ସୁନିତା ମଣ୍ଡଳ ନୃତ୍ୟ ପରିବେଷଣ କରିଥିଲେ।

ମହାପ୍ରଭୁଙ୍କୁ ଦର୍ଶନ କଲେ ରବିଶଙ୍କର

ପୁରୀ ଅଫିସ,୬।୩

ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ରବିଶଙ୍କର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ରାଜସ୍ୱ ପ୍ରଶାସକ ସୁବ୍ରତ କୁମାର ବେହେରା ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହାପରେ ରବିଶଙ୍କର ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଥିସହ ବେଢା ପରିସର ବିଭିନ୍ନ ଦେବଦେବୀ ମନ୍ଦିର ବୁଲି ଦେଖିଥିଲେ। ସ୍ନାନବେଦି ଉପରକୁ ଯାଇଥିଲେ। ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ତାହାକୁ ପ୍ରଶଂସା କରିଥିଲେ ରବିଶଙ୍କର। ପ୍ରାୟ ୧ ଘଣ୍ଟା ମନ୍ଦିରରେ ବିତାଇବା ଫରେ ଫେରିଯାଇଥିଲେ ଏହି ଆଧ୍ୟାତ୍ମିକ ଗୁରୁ।

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନୁ, ଧୋକା ଦେଉନୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ

ସକାୟ ମନବାକ୍ୟରେ ଅନ୍ୟର ମଙ୍ଗଳ କରିବା ହେଉଛି ସାଧୁର ସ୍ୱଭାବ। -ସନ୍ତ ତୁଳସୀ ଦାସ

ସଂକ୍ଷେପରେ

ସର୍ବଭାରତୀୟ ଶିଶୁକଳାରେ ଦର୍ଶନା ପ୍ରଥମ

ପୁରୀ ଅଫିସ, ୫।୩ : ହାଇଦ୍ରାବାଦର ରାଜମହେନ୍ଦ୍ରୀରେ ଅନୁଷ୍ଠିତ ଚତୁର୍ଦ୍ଦଶ ସର୍ବଭାରତୀୟ କେନ୍ଦ୍ରୀୟ ବିଦ୍ୟାଳୟ ଶିଶୁକଳା ପ୍ରଦର୍ଶନୀରେ ପୁରୀର ଦର୍ଶନା କର କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଏବଂ ସ୍ଥାନୀୟ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଗାମାଧବ କରଙ୍କ କନ୍ୟା। ଦର୍ଶନା ଜଣେ କଣ୍ଠଶିଳ୍ପୀ। ସେ ଓଡ଼ିଶା ଓ ରାଜ୍ୟ ବାହାରେ ସଙ୍ଗୀତ ପରିବେଷଣ କରି ପ୍ରଶଂସା ସାଉଁଟିଛନ୍ତି।

ମନ୍ଦିର କାର୍ଯ୍ୟରେ ନିମ୍ନମାନର ପଥର ବ୍ୟବହାର

କାକଟପୁର,୬।୩(ଡି.ଏନ.ଏ.) : ମଙ୍ଗଳା କ୍ଷେତ୍ର ମା'ମଙ୍ଗଳାଙ୍କ ସିଂହଦ୍ୱାର ସମ୍ମୁଖରେ ହେଉଥିବା କାର୍ଯ୍ୟରେ ନିମ୍ନମାନର ପଥର ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଜଣେକ ଠିକାଦାର କାର୍ଯ୍ୟ ବନ୍ଦ କରିଦେଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ମା' ମଙ୍ଗଳା ମନ୍ଦିର କାର୍ଯ୍ୟ ଚାଲିଛି। ଏ ନେଇ ବିଭାଗ ଦ୍ୱାରା ନିଯୁକ୍ତ ଜଣେକ ଠିକାଦାର ଦ୍ୱାରା ଶୁକ୍ରବାର ବଉଳମାଳା ପଥର ବିଛାଇଥିଲା। ଏହାକୁ କେତେଜଣ ଲୋକ ଦେଖି ବିରୋଧ କରି ପାଟିତୁଣ୍ଡ କରିଥିଲେ। ଫଳରେ ଠିକାଦାର ଜଣକ କାର୍ଯ୍ୟବନ୍ଦ କରିଦେଇଥିଲେ। କିନ୍ତୁ ଏହି କାର୍ଯ୍ୟକୁ ମନ୍ଦିର ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଜାଣି ମଧ୍ୟ ନୀରବତା ରହିବା ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି କରୁଛି। ଗତ ନବକଳେବର ସମୟରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ମନ୍ଦିର ବେଢା ଚାରିପଟେ ପଥର ବିଛା ଯାଇଥିଲା, ସେତେବେଳେ ମଧ୍ୟ ନିମ୍ନମାନର କାର୍ଯ୍ୟ ହେବା ସହ ବେଢାକୁ ଖାଲ କରି ଦିଆଯିବା ଫଳରେ ଏବେ ସାମାନ୍ୟ ବର୍ଷାରେ ବେଢା ମଧ୍ୟରୁ ବର୍ଷାଜଳ ନିଷ୍କାସନ ହୋଇ ପାରୁ ନାହିଁ। ଗୁରୁବାର ପଥର ଗାଡିରୁ ବାହାର କଲାବେଳେ ବହୁ ପଥର ଭାଙ୍ଗି ଯାଇଥିବାକୁ ଦେଖି ଏହା ନିମ୍ନମାନର ପଥର ବୋଲି ଜଣାପଡିଥିଲା। କିନ୍ତୁ ଠିକାଦାର ତାହାକୁ ନଜର ଅନ୍ଦାଜ କରି ପୁଣି ସେଭଳି ନିମ୍ନମାନର ପଥର ପକାଇବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

ଲୋକନାଥ ଦେବଙ୍କ ପୀଠରେ ମହାଯଜ୍ଞ

ନିରାକାରପୁର,୬।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଅଞ୍ଚଳର ଇଷ୍ଟ ଦେବତା ପ୍ରଭୁ ଶ୍ରୀ ଲୋକନାଥ ଦେବଙ୍କ ପୀଠରେ ୩୨ ତମ ଅନନ୍ତ ବିଶ୍ୱ କଲ୍ୟାଣ ମହାଯଜ୍ଞ ଜଙ୍କିଆ ଓ ବାଲିଗାଡିଆ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଗ୍ରାମର ମାନସିକ ଧାରୀ ମହିଳାପୁରୁଷ ନିକଟସ୍ଥ ମନ୍ଦାକିନୀ ନଦୀରୁ କଳସରେ ଜଳଧରି ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପ୍ରତ୍ୟହ ଅନନ୍ତ ନାରାୟଣଙ୍କ ପୂଜାଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଶ୍ରୀଲିଙ୍ଗରାଜଙ୍କ ନିଷ୍କର ଜମିରେ ଜନବସତି

ପୁରୁଣା ଭୁବନେଶ୍ୱର, ୬।୩ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ହେବା ପରେ ଦିଅଁଙ୍କ ନୀତିକାନ୍ତି ସୁବ୍ୟବସ୍ଥିତ କରିବାକୁ ଖଞ୍ଜାରେ ବିଭିନ୍ନ ସେବାୟତଙ୍କୁ ଜମି ରାଜାରାଜୁଡା ଅମଳରୁ ଯୋଗାଇ ଦିଆଯାଇଥିଲା। ଏଥିମଧ୍ୟରୁ କୁମ୍ଭକାର ସେବାୟତଙ୍କ ଭୂମିକା ଅନେକ ଗୁରୁତ୍ୱ ବହନ କରେ। ଶ୍ରୀଲିଙ୍ଗରାଜ ମନ୍ଦିରରେ ପୂଜା ଲାଗି ମାଟି କଳସ, ପଲମ, ଅନ୍ନ ପ୍ରସାଦ ପ୍ରସ୍ତୁତି ପାଇଁ କୁଡୁଆ ବା ମାଟିହାଣ୍ଡି ଯୋଗାଇବା ଉଦ୍ଦେଶ୍ୟରେ କୁମ୍ଭକାର ସେବାୟତଙ୍କୁ ଜମି ଦିଆଯାଇଥିଲା। ସେମାନେ ଜମିକୁ ଚାଷ କରି ପରିବାର ପ୍ରତିପୋଷଣ ସାଙ୍ଗକୁ ଏଠାରୁ ମାଟି ନେଇ ମାଟି ସାମଗ୍ରୀ ନିର୍ମାଣ କରି ମନ୍ଦିରକୁ ଯୋଗଇବେ। ତେଣୁ ସେମାନଙ୍କୁ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଥଇଥାନ କରାଯାଇଥିଲା। ଏହି ଜମି ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ଅଧୀନକୁ ଯାଇଥିଲା। କୁମ୍ଭକାର ସେବାୟତଙ୍କୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସେବାପୂଜା ନିମନ୍ତେ କୁଡୁଆ ଯୋଗାଉଥିବା କାରଣରୁ ଅବା ବିକ୍ରିବଟା ଆଶଙ୍କା ଯୋଗୁ ଏଗୁଡିକୁ ସ୍ଥିତିବାନ ରେକର୍ଡ ଥାଇ ମଧ୍ୟ ନିଷ୍କର କରାଯାଇଥିଲା। ଫଳରେ ରାଜସ୍ୱ ବିଭାଗ ପକ୍ଷରୁ ଏହି ଜମିରୁ କୌଣସି ପ୍ରକାର ଖଜଣା ଆଦାୟ କରାଯାଏନାହିଁ। ଏହି ଜମିର କିସମ ମଧ୍ୟ କୌଣସି ମତେ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଏଣୁ ଏଗୁଡିକୁ ହସ୍ତାନ୍ତର ଅବା ବିକ୍ରିବଟା କରାଯାଇ ପାରିବ ନହିଁ। ହେଲେ ଏବେ ଏହି ନିଷ୍କର ଜମି ଉପରେ ଜନବସତି ଗଢି ଉଠିଛି।

ନିଷ୍କର ଜମିର କିସମ ପରିବର୍ତ୍ତନ:

କେତେଜଣ ସେବାୟତ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ହାତକରି ଶ୍ରୀଲିଙ୍ଗରାଜ କୁମ୍ଭକାର ସେବାୟତଙ୍କୁ ଯୋଗାଇ ଦିଆଯାଇଥିବା ନିଷ୍କର ଜମିର କିସମ ପରିବର୍ତ୍ତନ କରି ଘରବାରି କରି ନେଇଛନ୍ତି। ପରେ ଏହାକୁ ବକ୍ର କରବା ଦ୍ୱାରା ବର୍ତ୍ତମାନ ଶ୍ରୀଲିଙ୍ଗରାଜ ମନ୍ଦିରକୁ କୁଡୁଆ ଯୋଗାଣ ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି। ହେଲେ ସ୍ଥାନୀୟ ନୂଆଗାଁ ମୌଜାର ୩୦ ଏକରରୁ ଊର୍ଦ୍ଧ୍ୱ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ମାଟିପାତ୍ର ପ୍ରସ୍ତୁତକାରୀ କୁମ୍ଭକାରଙ୍କ ଜମି ଥିଲା। ଏହା ଏବେ ମାତ୍ର ୩ ଏକରରୁ ଊର୍ଦ୍ଧ୍ୱ ରହିଛି। ନୂଆଗାଁ ମୌଜାର ଖାତା ନଂ. ୩୦୦, ପ୍ଲଟ ନଂ. ୨୩୬, ନିଷ୍କର ହୋଇଥିଲେ ମଧ୍ୟ ବିକ୍ରି ବଟା ଯୋଗୁ ମନ୍ତବ୍ୟ ସ୍ଥଳରେ ବେଆଇନ ଖରିଦ ସୂତ୍ରେ ଦଖଲ ଲେଖାଯାଇଛି। ସେହିଭଳି ପ୍ଲଟ ନଂ. ୨୩୯, ଖାତା ନଂ. ୯୭ ନୂଆଗାଁ ମୌଜା ଅଧୀନରେ ମୋଟି ଦୁଇଗୋଟି ପ୍ଲଟ ୨ ଏକର ୩୬୫ ଡିମିମିଲ ଜଣେ କୁମ୍ଭକାର ସେବାୟତଙ୍କ ହୋଇଥିଲେ ହେଁ ଅନ୍ୟ ସେବାୟତ ଦଖଲରେ ରଖିଛନ୍ତି।

ଦୁର୍ନୀତିଗ୍ରସ୍ତ ରାଜସ୍ୱ ଅଧିକାରୀଙ୍କ ଯୋଗୁ ଅଧିକାଂଶ ନିଷ୍କର ଜମି ଉପରେ ମିସ୍ କେସ୍ ଜରିଆରେ ଦାଖଲ ଖାରଜ କରାଯାଇ କିସମ ପରିବର୍ତ୍ତନ ହୋଇଛି। ଏଥିସହ ଜମିର ଖଜଣା ଧାର୍ଯ୍ୟ କରି ଏଗୁଡିକୁ ବିକ୍ରି କରି ଦିଆଯାଉଛି। ନିଷ୍କର ଜମି ଉପରେ ଘରୋଇ ଶିକ୍ଷାନୁଷ୍ଠାନ, କେତେଜଣ ବ୍ୟକ୍ତି ଦଖଲରେ ରଖିଛନ୍ତି। ଏଠାରେ ଏକ କଲୋନୀ ଗଢ ଉଠଛି। ଏ ସମ୍ପର୍କରେ ବରମ୍ବାର ଅଭିଯୋଗ ହେଲେ ମଧ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କି ଦେବୋତ୍ତର କମିଶନରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। କେତେଜଣ କୁମ୍ଭକାର ସେବାୟତଙ୍କ ଜମିର କିସମ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ଏଗୁଡିକୁ ବିକ୍ରି କରି ଦିଆଯାଇଛି। ଏହି ବିକ୍ରିକୁ ରଦ୍ଦ କରାଯିବା ସହ ଏଗୁଡିକୁ ଦେବୋତ୍ତର ବିଭାଗ ଅଧୀନକୁ ଆଣିବାକୁ ସାଧାରଣରେ ଦାବି ହେଉଛି। ଏଭଳି କେତେକ ନିଷ୍କର ଜମିକୁ ଅନ୍ୟ ସେବାୟତ ଓ ଜବରଦଖଲକାରୀ ନିଜ ଦଖଲରେ ରଖିଛନ୍ତି। ଫଳରେ କୁମ୍ଭକାର ସେବାୟତ କୁଡୁଆ ଯୋଗାଇବାରେ ଅସମର୍ଥ ହେଉଛନ୍ତି। ଏଣୁ ବାଧ୍ୟ ହୋଇ ଅନ୍ନପ୍ରସାଦ ବିକ୍ରି କରୁଥିବା ସେବାୟତ କୁଡୁଆ ଓ ମାଟିପାତ୍ର କିଣିବାକୁ ପଡୁଛି। ଫଳରେ ଅନ୍ନପ୍ରସାଦ କୁଡୁଆ ଦର ଅହେତୁକ ବୃଦ୍ଧିପାଉଛି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ କୁମ୍ଭକାର ସେବାୟତଙ୍କ ସେବା ନାମକୁମାତ୍ର ରହିଛି। ଶ୍ରୀଲିଙ୍ଗରାଜ ମନ୍ଦିର ସେବାୟତ ବାଧ୍ୟ ହୋଇ ପୁରୀ ଶ୍ରୀମନ୍ଦିରକୁ କୁଡୁଆ ଯୋଗାଉଥିବା କୁମ୍ଭକାର ସେବାୟତ କୁମ୍ଭାରପଡ଼ା, ଜେନାପୁର, ନୂଆସାହି ଆଦି ଅଞ୍ଚଳ ସମେତ ପୁରୀ ସଦର, ବ୍ରହ୍ମଗିରି, ଗୋପ ସତ୍ୟବାଦୀ ଅଞ୍ଚଳରୁ ମାଟିପାତ୍ର ଓ କୁଡୁଆ କିଣୁଛନ୍ତି।

ଏମାନେ ଯାହା କହନ୍ତି...

ଆମ୍ଭେ ଏବେ ଠାକୁରଙ୍କ ପାଳି କରୁଛୁ। ଜମି ଭୋଗଦଖଲ କରୁଛୁ। ନିଷ୍କର ଜମିରେ କିଣାବିକା କରାଯିବା ଠିକ୍ ନୁହେଁ। ତେବେ ବିକ୍ରି ହେବା ପୂର୍ବରୁ ମନ୍ଦିର ପ୍ରଶାସନ ଅବଗତ ହେବା ଦରକାର। ଏଥିରେ ମନ୍ଦିର ପ୍ରଶାସନ ଦାୟୀ। ଅନୁରୂପ ଭାବେ ପୂର୍ବରୁ ୨୩ ଘର ଆମ୍ଭେ କୁମ୍ଭକାର ସେବାୟତ ଥିବାବେଳେ ଏବେ ସଂଖ୍ୟା ବୃଦ୍ଧି ଘଟିଛି। ତେଣୁ ଠାକୁରଙ୍କର ଯାନିଯାତ୍ରାରେ ଆବଶ୍ୟକ ମାଟି ଆସବାବ ପଲମ, କୁଡୁଆ ଆଦିର ତାଲିକା ଆମକୁ ଦିଆଯାଉନାହିଁ। ୧୦ ଥର ନୋଟିସରେ ଆମେ ଉପସ୍ଥିତ ହୋଇଥିଲେ ମଧ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଆମ୍ଭକୁ କିଛି ବି ଅବଗତ କରାଯାଉନାହିଁ।

–ପ୍ରଫୁଲ୍ଲ ମୁଦୁଲି, ବରିଷ୍ଠ କୁମ୍ଭକାର ସେବାୟତ

କୁଡୁଆ ସେବାୟତ ଦିଅଁଙ୍କ ଜମି ଭୋଗ ଦଖଲ କରି ମାଟି ପାତ୍ର ନ ଯୋଗାଇବା ବହୁ ପୁରୁଣା ପ୍ରସଙ୍ଗ। ତେବେ ରୁକୁଣା ରଥଯାତ୍ରା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

–ପ୍ରସନ୍ନ କୁମାର ଦାସ, ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ

ପାଗଳା କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ

ବାଲୁଗାଁ,୬।୩(ଡ଼ି.ଏନ.ଏ.)

ବାଲୁଗାଁ ବଜାର ଗାନ୍ଧୀ ଛକ ନିକଟରେ ଗୁରୁବାର ରାତିରେ ଏକ ପାଗଳା କୁକୁର ଆକ୍ରମଣରେ ୧୦ ମହିଳାପୁରୁଷ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ବାଲୁଗାଁ ଡ଼ାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ କୁକୁର କାମୁଡ଼ା ଇଞ୍ଜେକ୍ସନ ନ ମିଳିବାରୁ ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ବାଲୁଗାଁ ବଜାର ଅଞ୍ଚଳରେ କିଛିମାସ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଦୈନନ୍ଦିନ କେହି ନା କେହି କୁକୁର କାମୁଡ଼ାରେ ଶିକାର ହୋଇ ଚିକିତ୍ସା ପାଇଁ ବାଲୁଗାଁ ହସ୍ପିଟାଲ ଯାଉଛନ୍ତି । ହେଲେ ସେଠାରେ ପ୍ରତିଷେଧକ ବ୍ୟବସ୍ଥା ନ ଥିବାରୁ ରୋଗୀ ହନ୍ତସନ୍ତ ହେବା ସହ ଦୂରଦୂରାନ୍ତକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତ । ଦୀର୍ଘ ୬ମାସ ହେଲା ବାଲୁଗାଁ ହସ୍ପିଟାଲରେ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିସ୍ଥଳେ ଗୁରୁବାର ରାତ୍ରି ପ୍ରାୟ ୧୦ଘଟିକା ସମୟରେ ବଜାର ଅଞ୍ଚଳ ଜନଗହଳି ରହିଥିଲା । ଏହି ସମୟରେ ହଠାତ୍ ଏକ ପାଗଳା କୁକୁର ଗୋଡ଼ାଇ ଲୋକଙ୍କୁ ଆକ୍ରମଣ କରିଥିଲା।

ପ୍ରାଣୀଙ୍କ ଉପରେ କ୍ରୂରତା ବନ୍ଦ ପାଇଁ ପେଟା ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ଅଭିନବ ଉପାୟରେ ସଚେତନତା ବାର୍ତ୍ତା ଦିଆଯାଉଛି।

କାକଟପୁର ବ୍ଲକ କ୍ୱାର୍ଟର୍ସ ପାଲଟିଛି ଭୂତକୋଠି

କାକଟପୁର,୬।୩(ଡି.ଏନ.ଏ.)

କାକଟପୁର ବ୍ଲକ ବିଡିଓ ଓ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ୱାର୍ଟର୍ସଗୁଡିକ ଭୂତକୋଠି ପାଲଟିଯାଇଛି। ଦୀର୍ଘବର୍ଷ ଧରି ଏହି କ୍ୱାର୍ଟର୍ସଗୁଡିକ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ କ୍ୱାର୍ଟର୍ସଗୁଡିକ ନଷ୍ଟ ହେବାକୁ ବସିଥିବା ବେଳେ ଏଥିପ୍ରତି ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। କ୍ୱାର୍ଟରର ଆଜବେଷ୍ଟସ ଭାଙ୍ଗି ପଡିଥିବା ବେଳେ ଚତୁଃପାର୍ଶ୍ୱ ଗଛଲତାରେ ପରିପୂର୍ଣ୍ଣ ହୋଇରହିଛି। ବ୍ଲକ ଅଧିକାରୀମାନେ କ୍ୱାର୍ଟର୍ସରେ ନ ରହିବାରୁ ଅଧିକ ନଷ୍ଟ ହେବାରେ ଲାଗିଛି। ଉକ୍ତ କ୍ୱାର୍ଟରଗୁଡିକରେ ବିଷଧର ସାପଙ୍କ ବୃଦ୍ଧି ପାଇବାରେ ଲାଗିଛି। କ୍ୱାର୍ଟରଗୁଡିକର ମରାମତି କିମ୍ବା ସାନି ନିର୍ମାଣ ଲାଗି ପ୍ରଶାସନିକ ସ୍ତରରେ ଉଦ୍ୟମ କରା ନ ଯିବା ଯୋଗୁ କ୍ୱାର୍ଟରର ବିଭିନ୍ନ ସ୍ଥାନ ଭାଙ୍ଗିପଡିଥିବା ସହ ଭୂତକୋଠିରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ସୁଧୀର କୁମାର ନାୟକ କୁହନ୍ତି, କ୍ୱାର୍ଟର ମରାମତି ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଆସିଲେ କ୍ୱାର୍ଟର୍ସ ମରାମତି କରାଯିବ।

ଅବହେଳିତ ଅବସ୍ଥାରେ ପଡିଥିବା ସରକାରୀ କ୍ୱାର୍ଟର୍ସ।

ଓଡ଼ିଶାର ପ୍ରତି ବ୍ଲକରେ ଆର୍‌ଟିଓ ଅଫିସ ଖୋଲାଯିବା ଦାବିରେ ଶୁକ୍ରବାର କଳିଙ୍ଗସେନା ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଫେରାର ଅଭିଯୁକ୍ତଙ୍କୁ ଧରପଗଡ଼ ଆରମ୍ଭ

ପୁରୀ ଅଫିସ,୬।୩ :

ପୁରୀ ପୋଲିସ ପକ୍ଷରୁ ଅପରାଧ କ୍ଲିନ ଡ୍ରାଇଭ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଫେରାର ରହିଥିବା ଅଭିଯୁକ୍ତଙ୍କୁ ଧରିବାକୁ ଧରପଗଡ଼ ଚାଲିଛି। ପ୍ରତ୍ୟେକ ଥାନାରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ କେସ ରହିଥିବା ଜଣାପଡିଛି। ପ୍ରତି ସପ୍ତାହରେ ୫ଜଣଙ୍କୁ ଧରିବାକୁ ଏସ୍‌ପି ଉମାଶଙ୍କର ଦାଶ ନିର୍ଦ୍ଦେଶ ଦେଇଛନ୍ତି। ବହୁ ଅପରାଧୀଙ୍କ ନାମରେ ଏକାଧିକ ମାମଲା ଥିବାବେଳେ ସେମାନେ ଖୁଲମଖୁଲା ବୁଲୁଛନ୍ତି। ବହୁ ଜେଲ ଫେରନ୍ତା ଅପରାଧୀ ଜାମିନରେ ଆସି ପୁଣି ଅପରାଧ କରୁଛନ୍ତି। ଜିଲାରେ ବଢ଼ି ଚାଲିଥିବା ଅପରାଧୀଙ୍କୁ ଦମନ ଲାଗି ପୁରୀ ପୋଲିସ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ପୁରୀ ସହରରେ ଦିନକୁ ଦିନ ଅଶାନ୍ତର ବାତାବରଣ ବୃଦ୍ଧି ପାଇବାରେ ଲାଗିଛି। ପର୍ଯ୍ୟଟନ ସହର ଏବେ ପାଲଟଛି ଅପରାଧୀଙ୍କ ଚରାଭୂଇଁ। ଦିନ ଦ୍ୱିପ୍ରହରରେ ଲୁଟ, ରାହାଜାନି, ଡକାୟତି ଭଳି ଘଟଣା ବଢିଚାଲିଛି। ସପ୍ତାହକ ମଧ୍ୟରେ ପୁରୀ, ଚନ୍ଦନପୁର, ଗୋପ, କାକଟପୁର, ନିମାପଡା, ବଳଙ୍ଗା ଥାନା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏ ନେଇ ପୁରୀ ପୋଲିସର ନିଦ୍ ହଜିଗଲାଣି। ଅପରାଧକୁ କ୍ଲିନ ସୁଇପ ଲାଗି ପୁରୀ ପୋଲିସ ପକ୍ଷରୁ ପୁଣି ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।

ଜମିବିବାଦରୁ ଘରପୋଡ଼ି ଅଭିଯୋଗ

ବ୍ରହ୍ମଗିରି,୬।୩(ଡି.ଏନ୍.ଏ.)

ଜମି ବିବାଦକୁ ନେଇ କେତେଜଣ ଯୁବକ ଶିବପନ୍ତରେ ରହୁଥିବା ବଚନ ବେହେରା ଓ ଇନ୍ଦ୍ରମଣି ବେହେରାଙ୍କ ଘର ପୋଡ଼ିଦେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅରଖକୁଦା ମେରାଇନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଶିପବନ୍ତରେ ଥିବା ସରକାରୀ ଜାଗାରେ ଅରଖକୁଦା ଗ୍ରାମର କେତଜଣ ବ୍ୟକ୍ତି ଘର କରି ପରିବାର ସହ ରହୁଥିଲେ। ଉକ୍ତ ଜାଗା ରାମେଶ୍ୱରପୁର ମୌଜାର ଦର୍ଶାଇ ଏହି ଗ୍ରାମର କେତେଜଣ ଯୁବକଙ୍କ ସହିତ ବିବାଦ ଲାଗିରହିଥିଲା। ଏ ନେଇ ଶୁକ୍ରବାର କେତଜଣ ଯୁବକ ସେମାନଙ୍କ ଘର ପୋଡିଦେଇଥିବା ଦୁଇ ପରିବାର ଥାନାରେ ଅଭିଯୋଗ କରିଛନ୍ତି।

'ପ୍ରଦୀପ୍ତଙ୍କୁ ମିଥ୍ୟା ମକଦ୍ଦମାରେ ଫସାଯାଇଛି'

ପୁରୀ ଅଫିସ,୬।୩

ପାରା ଗୁଳିକାଣ୍ଡରେ ମାଟିଆପଡ଼ା ସିଦ୍ଧମହାବୀର ରେଲୱେ ଓଭରବ୍ରିଜ କ୍ଷତିଗ୍ରସ୍ତ କମିଟିର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଜେଡି କାଉନସିଲର ପ୍ରଦୀପ୍ତ କୁମାର ନାୟକଙ୍କୁ ମିଥ୍ୟାରେ ଫସାଇ ଦିଆଯାଇଛି ବୋଲି କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ରେଲ ଫାଟକ ନିକଟସ୍ଥ ରାଧାକୃଷ୍ଣ ମନ୍ଦିରରେ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି। ମାଟିଆପଡା ରେଳ ଓଭରବ୍ରିଜ ନିର୍ମାଣ ହେଲେ ଶତାଧିକ ପରିବାର, ବ୍ୟବସାୟ ପ୍ରତିଷ୍ଠାନ ଏବଂ ଉଠାଦୋକାନୀ ପ୍ରଭାବିତ ହେବେ। ତେଣୁ ପ୍ରଦୀପ୍ତଙ୍କ ନେତୃତ୍ୱରେ ଏନେଇ ବିସ୍ଥାପିତ ହେବାକୁ ଥିବା ପରିବାର ଓ ବ୍ୟବସାୟୀ ଏହାର ତୀବ୍ର ବିରୋଧ କରିଥିଲେ। ବିସ୍ଥାପିତଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ କରାଯିବ ବୋଲି ପ୍ରଦୀପ୍ତ ଜିଲା ପ୍ରଶାସନକୁ ଚେତାବନୀ ଦେଇଥିଲେ। ରେଳ ଓଭରବ୍ରିଜ ମାଟିଆପଡ଼ା ପରିବର୍ତ୍ତେ ହୁଲିହୁଲିଆ ପୋଲ ଅଥବା ଏନ୍‌ସିସି ଗେଟ୍ ଦେଇ ନିର୍ମାଣ ଲାଗି ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ହେଲେ ଆନ୍ଦୋଳନକୁ ପ୍ରତିହତ ଲାଗି ପ୍ରଶାସନ ପକ୍ଷରୁ ତାଙ୍କୁ ଜାଣିଶୁଣି ମିଥ୍ୟା ମକଦ୍ଦମାରେ ଫସାଇ ଦିଆ

ଅଭିନେତ୍ରୀ ମଲାଇକା ଅରୋରାଙ୍କ ଅଭିନୟରେ କୌଣସି ଆଗ୍ରହ ନାହିଁ। ତେବେ ଯଦି 'ଜେମ୍ସ ବଣ୍ଡ' ଫିଲ୍ମରେ କାମ କରିବାର ସୁଯୋଗ ମିଳେ ନିଶ୍ଚିତ କରିବେ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କୁ ବର୍ତ୍ତମାନ ଅନେକ ସିନେମାରେ ଅଫର ମିଳିଛି। ହେଲେ ଏବେ ସେ ଛୋଟ ପରଦାରେ କାମ କରି ଖୁସି ଥିବା କହିଛନ୍ତି। ମଲାଇକା ରିଆଲିଟି ଶୋ' 'ଇଣ୍ଡିୟାଜ୍ ବେଷ୍ଟ ଡ୍ୟାନ୍ସର' ରେ ଜଜ୍ ଭୂମିକାରେ ଦର୍ଶକଙ୍କ ସମ୍ମୁଖକୁ ଆସୁଛନ୍ତି। ପୂର୍ବରୁ ସେ 'ଝଲକ୍ ଦିଖ୍‌ଲା ଯା', 'ଇଣ୍ଡିୟାଜ୍ ଗର୍ଟ ଟ୍ୟାଲେଣ୍ଟ' ଆଦି ଶୋ'ରେ ନଜର ଆସିଥିଲେ ।

ଖୋଲିଲା ଇଜିପ୍ଟର ପ୍ରାଚୀନ ପିରାମିଡ

୧୪ ବର୍ଷ ଧରି ଚାଲିଥିଲା ପୁନରୁଦ୍ଧାର କାର୍ଯ୍ୟ

କାଏରୋ: ଇଜିପ୍ଟରେ ଥିବା ୪,୭୦୦ ବର୍ଷ ପୁରୁଣା ପିରାମିଡକୁ ପୁଣି ଖୋଲାଯାଇଛି। ଷ୍ଟେପ୍ ପିରାମିଡ୍ ଅଫ୍ ଡିଜୋସେର ୧୪ ବର୍ଷ ଧରି ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଏହାକୁ ଲୋକଙ୍କ ପାଇଁ ପୁନର୍ବାର ଲୋକାର୍ପିତ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୁସ୍ତାଫା ମେଦ୍‌ବୁଲି କହିଛନ୍ତି, ଆମେ ଏହି ପିରାମିଡ୍‌କୁ ପୁନଃ ଉଦ୍‌ଘାଟନ କରି ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ସଫଳତାର ସହ ପିରାମିଡ୍‌ର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇଛୁ। ବିଶ୍ୱର କୌଣସି ପର୍ଯ୍ୟଟକ ଏଠାକୁ ଆସିପାରିବେ। ତେବେ କରୋନା ଭାଇରସ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ କେତେକ ପ୍ରତିକାରମୂଳକ ପଦକ୍ଷେପ ମଧ୍ୟ ନେଇଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାକ୍କାରା ନେକ୍ରୋପୋଲିସସ୍ଥିତ କିଙ୍ଗ୍ ଡିଜୋସେରଙ୍କ ଏହି ସମାଧିସ୍ଥଳକୁ ଇଜିପ୍ଟର ସବୁଠୁ ପ୍ରାଚୀନ ପିରାମିଡ୍ ବୋଲି ବିବେଚନା କରାଯାଉଛି। ୨୦୦୬ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଗତମାସରେ ପରଲୋକ ଘଟିଥିବା ଶାସକ ହୋସ୍‌ନି ମୁବାରକଙ୍କ ବିରୋଧରେ ଦେଶରେ ବିଦ୍ରୋହ ମୁଣ୍ଡଟେକିବାରୁ ୨୦୧୧ରେ ପୁନରୁଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ବାହାରପଟ, କରିଡର, ପାହାଚ ଆଦି ମରାମତିରେ ୧୦୪ ନିୟୁତ ଇଜିପ୍ଟ ପାଉଣ୍ଡ (ପ୍ରାୟ ୬ ନିୟୁତ ଡଲାର) ଖର୍ଚ୍ଚ ହୋଇଛି। ସ୍ଥପତି ଇମ୍‌ହୋଟେପ୍‌ଙ୍କ ଦ୍ୱାରା ନିର୍ମିତ ୬୩ ମିଟର ଉଚ୍ଚତା ବିଶିଷ୍ଟ ଏହି ପିରାମିଡକୁ ପର୍ଯ୍ୟଟକମାନେ ପରିଦର୍ଶନ କରିପାରିବେ।

୪ଦିନରେ ଶୁଟିଂ ହୋଇଥିଲା ଏହି ହୋଲି ଗୀତ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଜୱାନୀ ହେ ଦିୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଅନ୍ୟତମ ଚର୍ଚ୍ଚିତ ହୋଲି ଗୀତ। ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିବାବେଳେ ଏହି ଗୀତ ମଧ୍ୟ ସୁପରହିଟ୍ ହୋଇଥିଲା। ହେଲେ ଏହି ଗୀତର ଶୁଟିଂ ପଛରେ କିଛି କୌତୁହଳ କାହାଣୀ ରହିଛି। ଏହି ଗୀତକୁ ଶୁଟିଂ କରିବାକୁ ୪ ଦିନ ସମୟ ଲାଗିଥିଲା। ସୂଚନା ମୁତାବକ ରଣବୀର ଓ ଦୀପିକାଙ୍କ ଏହା ପ୍ରଥମ ହୋଲି ଗୀତ, ଯେଉଁଥିରେ । ଆଦିତ୍ୟ ରୟ କପୁର ମଧ୍ୟ ଥିଲେ। ଅୟାନ ମୁଖାର୍ଜିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର 'ବଲମ ପିଚ୍‌କାରୀ' ଗୀତକୁ କୋରିଓଗ୍ରାଫର ରେମୋ ଡିସୁଜା କୋରିଓଗ୍ରାଫି କରିଥିଲେ। ରଣବୀର ଡ୍ୟାନ୍ସରେ ନିପୁଣ ଥିବା ବେଳେ ସାଢ଼େ ୩ ମିନିଟ୍‌ରେ ସେ ସମସ୍ତ ଡ୍ୟାନ୍ସ ଷ୍ଟେପ୍ ଶିଖିଯାଇଥିଲେ। ହେଲେ ଆଦିତ୍ୟ ଶିଖି ନ ଥିଲେ। ଯେତେବେଳେ ଗୀତର ଶୁଟିଂ ପାଇଁ ରଣବୀର ପ୍ରସ୍ତୁତ ହୋଇଥିଲେ ସେତେବେଳେ ଆଦିତ୍ୟ ତାଙ୍କୁ ଅଟକାଇ କହିଥିଲେ, ମୁଁ ପ୍ରସ୍ତୁତ ହୋଇନାହିଁ। ଶୁଟିଂ ପାଇଁ କେତେବେଳେ ଷ୍ଟାର ପ୍ରସ୍ତୁତ ନ ଥିଲେ ତ କେତେବେଳେ କ୍ୟାମେରା ପ୍ରସ୍ତୁତ ହୋଇପାରୁ ନ ଥିଲା। ଅୟାନ ମୁଖାର୍ଜୀ ଏହି ପର୍ବକୁ ବେଶ୍ ପସନ୍ଦ କରୁଥିବା ବେଳେ ଶୁଟିଂ ସମୟରେ ସବୁ ଷ୍ଟାର କାଷ୍ଟଙ୍କ ସହ ମିଶି ସେ ବହୁ ମଜାମସ୍ତି କରିଥିଲେ। କେତେବେଳେ କାହାକୁ ଯାଇ ରଙ୍ଗ ବୋଳି ଦେଉଥିଲେ ତ ଆଉ କାହାକୁ ସୁଇମିଂ ପୁଲ୍‌ରେ ନେଇକି ପକାଇ ଦେଉଥିଲେ। ଏତେ ରଙ୍ଗ ଖେଳା ଯାଇଥିଲା ଯେ ଏହାକୁ ଶୁଟ୍ କରିବା ପାଇଁ ପ୍ରାୟ ୪ ଦିନ ସମୟ ଲାଗିଯାଇଥିଲା। କାରଣ ପ୍ରାୟ ସମୟରେ କ୍ୟାମେରାର ଲେନ୍ସରେ ରଙ୍ଗ ଲାଗି ଯାଉଥିଲା।

ରିଲିଜ୍ ହେଲା 'କୁଡି ନୁ ନଚାନେ ଦେ' ଗୀତ

ମୁମ୍ବାଇ: ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍। ଏହା ମାଧ୍ୟମରେ ସେ ବଲିଉଡ୍ ଫିଲ୍ମ, ଗୀତ ଏବଂ କଳାକାରଙ୍କୁ ପ୍ରଶଂସା ମଧ୍ୟ କରିଥାନ୍ତି। ଏବେ ସେ ଅଭିନେତ୍ରୀଙ୍କ ପ୍ରଶଂସା କରିଛନ୍ତି। ନିକଟରେ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ର ଏକ ଗୀତ ରିଲିଜ୍ ହୋଇଛି। ଏହି ଗୀତରେ ଅଭିନେତ୍ରୀ କଟ୍ରିନା କୈଫ୍, ଆଲିଆ ଭଟ୍ଟ, ଅନୁଷ୍କା ଶର୍ମା, ଜାହ୍ନବୀ କପୁର, କିୟାରା ଆଡୱାନୀ, ରାଧିକା ମଦାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଅଭିନେତ୍ରୀଙ୍କୁ ଅମିତାଭ୍ ପ୍ରଶଂସା କରିଛନ୍ତି। ସେ ଟ୍ୱିଟ୍ ମାଧ୍ୟମରେ ଗୀତର ପ୍ରଶଂସା କରିବା ସହ ଲେଖିଛନ୍ତି, ସମସ୍ତ ମହିଳା ଆତ୍ମବିଶ୍ୱାସର ସହ ରୁହନ୍ତୁ, ଚମକିବା ସହ ନୃତ୍ୟ କରନ୍ତୁ। କାରଣ ଏହି ମଞ୍ଚ ହେଉଛି ଆପଣମାନଙ୍କର। ଏଥିସହ ସେ ଅନ୍ୟ ଏକ ଟ୍ୱିଟ୍ ମାଧ୍ୟମରେ ଅଭିନେତା ଇରଫାନ୍ ଖାନ୍‌ଙ୍କର ପ୍ରଶଂସା କରିଛନ୍ତି। ଅନ୍ତର୍ଜାତୀୟ ମହିଳା ।

ସମସ୍ତ ଅଭିନେତ୍ରୀଙ୍କୁ ପ୍ରଶଂସା କଲେ ଅମିତାଭ

୨ ବର୍ଷ ଧରି ପ୍ଲାଷ୍ଟିକ୍ ଗଛରେ ଦେଉଥିଲେ ପାଣି

କେତେଜଣ ବ୍ୟକ୍ତି ଅଛନ୍ତି ସେମାନଙ୍କୁ ଗୋର୍ଡେନିଂ କରିବାକୁ ବହୁତ ଭଲ ଲାଗେ। ବିଭିନ୍ନ ପ୍ରକାରର ଗଛ ଲଗାଇବା ସହ ସେମାନଙ୍କର ଉଚିତ ଧ୍ୟାନ ନେବା ଯେପରି ତାଙ୍କର ପ୍ରଥମ କର୍ତ୍ତବ୍ୟ। ଜଳବାୟୁ ପରିବର୍ତ୍ତନ ଯୋଗୁ ବଢୁଥିବା ପ୍ରଦୂଷଣ ପାଇଁ ବର୍ତ୍ତମାନ ଲୋକେ ସଜାଗ ହେଲେଣି। ଗଛକୁ ବଞ୍ଚାଇବା ପାଇଁ ଇକୋ ଫ୍ରେଣ୍ଡଲି ଜିନିଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଅକ୍ସିଜେନ ବଢ଼ାଇବା ପାଇଁ ଲୋକମାନେ ଘର ବାହାରେ ଓ ଭିତରେ ଗଛ ଲଗାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆମେରିକାରେ ରହୁଥିବା ସେଲୀ ଓ୍ୱିଲ୍‌କ୍ସେ ନାମ୍ନୀ ଜଣେ ମହିଳା ଗତ ୨ବର୍ଷ ଧରି ଏକ ଗଛର ବହୁ ଯତ୍ନ ନେଉଥିଲେ। ପ୍ରତିଦିନ ଗଛକୁ ପାଣି ଦେବା ସେ କିଭଳି ସତେଜ ରହିବ ସେନେଇ ବହୁ ଯତ୍ନ ସହକାରେ କାର୍ଯ୍ୟ କରୁଥିଲେ। ନିଜ କାର୍ଯ୍ୟ ଏପଟ ସେପଟ ହୋଇପାରେ ହେଲେ ସେଲୀ ଗଛ ଯତ୍ନ ନେବାରେ କେବେ କୌଣସି ଅବହେଳା କରୁ ନ ଥିଲେ। ଉକ୍ତ ଗଛଟି ସୁନ୍ଦର ଦେଖାଯାଉଥିବା ବେଳେ ସେଲୀଙ୍କ ପ୍ରିୟ ମଧ୍ୟ ରହିଥିଲା। ହେଲେ ଦିନେ ତାଙ୍କୁ ଜଣାପଡ଼ିଲା ତାହା ଅସଲି ନୁହଁ ପ୍ଲାଷ୍ଟିକ୍‌ର ଗଛ। ସୂଚନା ମୁତାବକ ସେଲୀ ୨ବର୍ଷ ପୂର୍ବରୁ ଏକ ଗଛକୁ ଘରକୁ ଆଣିଥିଲେ। ଦେଖିବାକୁ ବହୁ ସୁନ୍ଦର ହୋଇଥିବା ବେଳେ ଏହାକୁ ସେ ରୋଷେଇ ଘରର ଝରକାରେ ଲଗାଇଥିଲେ। ପ୍ରତିଦିନ ସେ ଗଛରେ ପାଣି ଦେବା ସହ ପତ୍ରଗୁଡିକୁ ଭଲରେ ପୋଛିଥାନ୍ତି। ଯଦି ଏହି ସବୁ କାର୍ଯ୍ୟ ଆଉ କିଏ କରେ ତେବେ ସେଲୀ ବିରକ୍ତି ପ୍ରକାଶ କରିଥାନ୍ତି। କାରଣ ଉକ୍ତ ଗଛକୁ ସେ ନିଜେ ଯତ୍ନ ନେବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଗୋଟିଏ ଦିନ ସେଲୀ ଉକ୍ତ ଗଛର ଗମ୍‌ଲାକୁ ବଦଳାଇବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ ଏକ ଅନ୍ୟ ଗମ୍‌ଲା ଆଣିଥିଲେ। ଅନ୍ୟ ଗମ୍‌ଲାରେ ଗଛ ଲଗାଇବାକୁ ଯାଉଥିବା ବେଳେ ସେତେବେଳେ ତାଙ୍କୁ ଜଣାପଡ଼ିଥିଲା ଯେ, ଏହା ପ୍ଲାଷ୍ଟିକ ବା ଥର୍ମୋକଲ୍‌ର ଗଛ। ସେହି ସମୟରେ ସେଲୀ ନିରାଶ ହୋଇଯାଇଥିଲେ। ୨ବର୍ଷ ଧରି ଯେଉଁ ଗଛକୁ ଏତେ ଯତ୍ନ ନେଉଥିଲେ ତାହା ପ୍ଲାଷ୍ଟିକର ବୋଲି କିପରି ଜାଣିପାରିଲେ ନାହିଁ ସେନେଇ ଚିନ୍ତା ପ୍ରକଟ କରିଥିଲେ। ଏନେଇ ସେଲୀ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ଏହାପରେ ୟୁଜର୍ସଙ୍କ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି।

ସମୁଦ୍ରକୂଳ ଆବର୍ଜନାରୁ ଯୁବକଙ୍କୁ ମିଳିଲା ୩୦୫ ବର୍ଷ ତଳର ଖଜଣା

ରାତାରାତି ଧନୀ ହେବାକୁ କିଏ ବା ନ ଚାହେଁ। କେବଳ ଏକ ସୁଯୋଗକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି। ହେଲେ ଏଭଳି ସୁଯୋଗ କେବଳ ଭାଗ୍ୟବାନଙ୍କୁ ମିଳିଥାଏ। କିଛି ଏଭଳି ଘଟଣା ଘଟିଛି ଫ୍ଲୋରିଡାରେ। ଯେଉଁଠାରେ ସମୁଦ୍ର କୂଳ ନିକଟରେ ଥିବା ଆର୍ବଜନାରୁ ୨ଜଣ ଯୁବକଙ୍କୁ ୩୦୫ ବର୍ଷ ପୁରୁଣାର ଖଜଣା ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସେଣ୍ଟ ଲୁସିରେ ରହୁଥିବା ୪୩ ବର୍ଷୀୟ ଜୋନା ମାର୍ଟିନେଜ୍ ନିଜ ବନ୍ଧୁଙ୍କ ସହ ଏକ ଐତିହାସିକ ଜିନିଷକୁ ଖୋଜି ବାହାର କରିପାରିବାରେ ସକ୍ଷମ ହୋଇଛନ୍ତି। ସେମାନେ ଇଣ୍ଡିଆନ ରିଭର କାଉଣ୍ଟିରେ ଟର୍ଟଲ ଟ୍ରେଲ ବିଚ୍ ନିକଟରେ ପଡ଼ି ରହିଥିବା ଏକ ପୁରୁଣା ଜାହାଜରୁ ସ୍ପେନର ମୁଦ୍ରାକୁ ଖୋଜି ବାହାର କରିଛନ୍ତି। ସେମାନଙ୍କୁ ୨୨ଟି ମୁଦ୍ରା ମିଳିଥିବା ବେଳେ ଏହା ୩୦୫ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୭,୦୦୦ଡଲାର (ପ୍ରାୟ ୫,୧୬,୧୪୫ ଲକ୍ଷ ଟଙ୍କା) ହେବ। ମାର୍ଟିନେଜ୍‌ଙ୍କୁ ସମୁଦ୍ରରୁ କିଛି ନିଆରା ବା ନୂଆ ଜିନିଷକୁ ଖୋଜି ବାହାର କରିବାରେ ବେଶ୍ ରୁଚି ରହିଛି। ଏହା ପୂର୍ବରୁ ମଧ୍ୟ ପ୍ରାୟ ୬.୫ ମିଲିୟନ୍ ଡଲାର ମୂଲ୍ୟର ସୁନାକୁ ଖୋଜି ବାହାର କରିଥିଲେ। ଏଥିପାଇଁ ତାଙ୍କୁ ଟ୍ରେଜେରୀ ହଣ୍ଟର ବୋଲି କୁହାଯାଏ। ଅପରପକ୍ଷେ କୁହାଯାଉଛି ୧୭୧୫ ଜୁଲାଇ ୩୧ରେ ୧୨ ସ୍ପାନିଶ୍ ଜାହାଜ ଖଜଣା ନେଇ ସ୍ପେନ୍ ଅଭିମୁଖେ ଯାଇଥିଲା। କିନ୍ତୁ ଫ୍ଲୋରିଡା ତଟରୁ କିଛି ଦୂରରେ ଏକ ତୁମିତୋଫାନ ହୋଇଥିଲା। ଏହି ତୁମିତୋଫାନରେ ୧୧ ଜାହାଜ ବୁଡ଼ିଯାଇଥିଲା ଏବଂ ସେଥିରେ ଜାହାଜରେ ଥିବା ଖଜଣାର ଏକ ବଡ଼ ଅଂଶ ମଧ୍ୟ ବୁଡ଼ିଯାଇଥିଲା। ଯାହା ଆଜି ବି ସମୁଦ୍ର ତଳେ ଦବି ହୋଇ ରହିଥିବା କୁହାଯାଉଛି।

ରାମମନ୍ଦିରକୁ ଦାନ କରିବେ ଇସ୍‌ଲାମ୍

ଆଜମଗଡ଼: ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ସବୁ ଧର୍ମକୁ ଏଠାରେ ସମସ୍ତେ ସମ୍ମାନ କରନ୍ତି। ହେଲେ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଧର୍ମ ନାମରେ ବିବାଦ ସୃଷ୍ଟି କରୁଛନ୍ତି। ଏଭଳି ଲୋକଙ୍କ ପାଇଁ ଏକ ଜବାବ ସାଜିଛନ୍ତି ଉତ୍ତର ପ୍ରଦେଶ ଆଜମଗଡ଼ ଜିଲା ନିଜାମାବାଦ ତହସିଲ ଅନ୍ତର୍ଗତ ମଜଭିଟା ଗାଁର ମୁନ୍‌ସୀ ସୟଦ୍ ମହମ୍ମଦ ଇସ୍‌ଲାମ। ଇସ୍‌ଲାମ୍ ଅଯୋଧ୍ୟା ଯାଇ ମନ୍ଦିର ନିର୍ମାଣ ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ଭେଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ପ୍ରାଚୀନ ଅଷ୍ଟଧାତୁ ମୁଦ୍ରା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମୁଦ୍ରାକୁ ବିକ୍ରିକରି ଉକ୍ତ ଅର୍ଥ ରାମମନ୍ଦିର ନିର୍ମାଣ କାର୍ଯ୍ୟରେ ଲଗାଇବାକୁ ସେ ନିବେଦନ କରିବେ ବୋଲି କହିଛନ୍ତି। ଇସ୍‌ଲାମ୍‌ଙ୍କ ବିଶ୍ୱାସ ଯେ, ରାମ ଏବଂ ଆଲ୍ଲା ହେଉଛନ୍ତି ଏକ। ତାଙ୍କୁ ଦେଖିବାରେ ଲୋକଙ୍କ ଦୃଷ୍ଟିଭଙ୍ଗୀ ହିଁ କେବଳ ଭିନ୍ନ। ଇସ୍‌ଲାମ୍ ଦୀର୍ଘବର୍ଷ ହେଲା ସହରରେ ରହିଆସୁଛନ୍ତି। ପରିବାର ବଢ଼ିବାରୁ ସେ ନିଜ ପୈତୃକ ଗ୍ରାମ ମଜଭିଟାସ୍ଥିତ ପୁରୁଣା ଘର ଭାଙ୍ଗି ନୂତନ ଘର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୯ ନଭେମ୍ବର ୩୦ରେ ଗାଁ ଘର ଭାଙ୍ଗି ଖୋଳିବା ସମୟରେ ମାଟିତଳୁ ପ୍ରାୟ ୧୫୦୦ ବର୍ଷ ପୁରୁଣା ୨ ଅଷ୍ଟଧାତୁ ମୁଦ୍ରା ମିଳିଥିଲା। ମୁଦ୍ରାର ଗୋଟିଏ ପାର୍ଶ୍ୱରେ ରାମ, ସୀତା ଏବଂ ଅନ୍ୟ ପାର୍ଶ୍ୱରେ ରାମ, ସୀତା ଓ ହନୁମାନଙ୍କ ଚିତ୍ର ରହିଛି। ମୁଦ୍ରାରେ ଭଗବାନଙ୍କ ଚିତ୍ର ଥିବାରୁ ତାହା ବ୍ୟକ୍ତିଗତ କାମରେ ନ ଲାଗି ମନ୍ଦିର କାର୍ଯ୍ୟରେ ଲାଗିବା ଉଚିତ ବୋଲି ସେ ଅନୁଭବ କରିଛନ୍ତି। ତେବେ ଇସ୍‌ଲାମ ସହରରେ ଥିବା ସମୟରେ ତାଙ୍କ ଅଜାଣତରେ ଗାଁରେ ସ୍ତ୍ରୀ ଗୋଟିଏ ମୁଦ୍ରା ସୁନା ଦୋକାନରେ ବିକ୍ରି କରିଦେଇଥିବାବେଳେ ଦୋକାନୀ ମୁଦ୍ରା ମୂଲ୍ୟବାନ ବୋଲି ଜାଣିପାରି ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଦେଇଥିଲେ। ଇସ୍‌ଲାମ୍ ଏ ବିଷୟରେ ଜାଣି ଦୁଃଖ ପ୍ରକାଶ କରିବା ସହ ଅନ୍ତତଃ ଅନ୍ୟ ମୁଦ୍ରାଟି ମନ୍ଦିର କାର୍ଯ୍ୟରେ ଲାଗିବା ଆବଶ୍ୟକ ବୋଲି ଚିନ୍ତା କରିଛନ୍ତି। ଏଥିପାଇଁ ସେ ଜିଲାପାଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଉପରେ ଇସ୍‌ଲାମଙ୍କ ବିଶ୍ୱାସ ହୋଇ ନ ଥିଲା। ତେଣୁ ବୁଧବାର ସେ ନିଜେ ଅଯୋଧ୍ୟା ଯାଇ ମହନ୍ତଙ୍କୁ ମୁଦ୍ରା ଦେବା ସହ ଏହାକୁ ବିକ୍ରି କରି ମନ୍ଦିର କାର୍ଯ୍ୟରେ ଲଗାଇବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହାସହ ସେ ଭଗବାନ ରାମଙ୍କ ଦର୍ଶନ ମଧ୍ୟ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜଣେ ସଚ୍ଚା ହିନ୍ଦୁସ୍ତାନୀଙ୍କ ହୃଦୟରେ ରାମ ଓ ରହିମ୍ ଦୁହେଁ ବାସ କରନ୍ତି। ତେଣୁ ସେ ରାମଙ୍କ କାମରେ ଆସିପାରିଲେ ଭାଗ୍ୟବାନ ମନେ କରିବେ। ସେହିପରି ମଜଭିଟା ଗ୍ରାମ ମୁଖ୍ୟ ମିଶମ୍ ଆକ୍ଷାସ ଇସ୍‌ଲାମଙ୍କ ନିଷ୍ପତ୍ତିକୁ ନେଇ ଗୌରବାନ୍ୱିତ ବୋଲି କହିଛନ୍ତି। ଏହାଦ୍ୱାରା ଭାତୃଭାବ ବଢ଼ିବ। ତେଣୁ ଆମେ ଦୁହେଁ ଅଯୋଧ୍ୟା ଯାଇ ମୁଦ୍ରା ଦେଇ ଆସିବୁ ବୋଲି କହିଛନ୍ତି।

ପାଟି ତଳୁ ମିଳିଲା ୧୫୦୦ ବର୍ଷର ଅଷ୍ଟଧାତୁ ମୁଦ୍ରା

ଯୁବତୀଙ୍କ ମନ୍ଦିର ଦର୍ଶନ ଭିଡିଓ ଭାଇରାଲ

ସମୟ ଅଭାବରୁ କିଛି ଲୋକ ମନ୍ଦିର ବାହାରୁ ଦର୍ଶନ କରି ପଳାଇଯିବାର ନଜିର ରହିଛି। ସମୟ ବଞ୍ଚାଇବା ଆଳରେ ମନ୍ଦିର ବାହାରୁ ହାତ ଯୋଡି ପଳାଇଥାନ୍ତି। ହେଲେ ଜଣେ ଯୁବତୀଙ୍କୁ ନିଜର ସମୟ ବଞ୍ଚାଇବା ମହଙ୍ଗା ପଡ଼ିଛି। ତାଙ୍କସହ କିଛି ଏଭଳି ଘଟିଛି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି ଯାହା ଏବେ ଟ୍ରେଣ୍ଡ ହେବାରେ ଲାଗିଛି। ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ଯୁବତୀ ମନ୍ଦିର ବାହାରେ ହାତ ଯୋଡି ସାରିବା ପରେ ଗାଡି ଷ୍ଟାର୍ଟ କରି ପଳାଇଯାଉଛନ୍ତି। ହେଲେ ତାଙ୍କ ହାତରୁ କ୍ଲଚ୍ ଛାଡିଯିବାରୁ ଗାଡି ସିଧା ମନ୍ଦିର ଭିତରକୁ। କଥା କ'ଣ ସେଇଠି ସରିଲା। ଯୁବତୀ ଜଣଙ୍କ ତରତର ହୋଇ ମନ୍ଦିର ଦର୍ଶନ ସାରି ଫେରିବାକୁ ଚେଷ୍ଟା କରୁଥିଲେ। ହେଲେ ଗାଡି ଏକାଥରକେ ତାଙ୍କୁ ମନ୍ଦିର ଭିତରକୁ ନେଇ ନନ୍ଦିଙ୍କ ପାଖରେ ପହଞ୍ଚାଇ ଦେଇଥିଲା। ସେଠାରେ ଗାଡିସହ ପଡ଼ିଯିବାରୁ ଯୁବତୀଙ୍କୁ ଜଣେ ମହିଳା ଉଠାଇଥିଲେ। ଏହାପରେ ଯୁବତୀ ଗାଡି ଧରି ସେଠାରୁ ପଳାଇଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଏବେ ଭାଇରାଲ ହୋଇଥିବା ବେଳେ ଏହାକୁ ଏପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ଦେଖିସାରିଲେଣି। ଏଥିସହ ଏହାକୁ ନେଇ ଲୋକଙ୍କ ବିଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଲୋକେ ଏହାକୁ ଭିଆଇପି ଦର୍ଶନ ବୋଲି କହିଛନ୍ତି।

ସଂକ୍ଷେପରେ

ହୋଲି ଖେଳିବେନି ରାଜ୍ୟପାଳ

ଭୁବନେଶ୍ୱର, ୬।୩(ବ୍ୟୁରୋ): ଏଥର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ହୋଲି ଖେଳିବେନି। ହୋଲି ମିଳନ ଯୋଗୁ କରୋନା ଭାଇରସ୍ ସଂକ୍ରମଣର ଆଶଙ୍କା ଥିବାରୁ ରାଜ୍ୟପାଳ ହୋଲି ଖେଳିବେ ନାହିଁ। ଏଥିସହିତ କୌଣସି ହୋଲି ମିଳନ ଓ ଉତ୍ସବ ଆଦିରେ ଯୋଗଦେବେ ନାହିଁ ବୋଲି ରାଜଭବନରୁ ସୂଚନା ମିଳିଛି। ଭୟାବହ କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ନିମନ୍ତେ ପ୍ରତ୍ୟେକେ ସତର୍କତାମୂଳକ ପଦକ୍ଷେପ ନେବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ଆଜି ୧୧ କୁଳପତିଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୩(ବ୍ୟୁରୋ): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକ ବୈଠକ କରିବେ। ସେ ଉଚ୍ଚଶିକ୍ଷା ବିଭାଗର ୧୧ଜଣ କୁଳପତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ କିପରି କ୍ୟାମ୍ପସରେ ଶାନ୍ତି ବଜାୟ ରହିବ, ପାଠପଢ଼ା ଠିକ୍ ହେବ ସେସବୁ ବିଷୟରେ ଆଲୋଚନା ହେବ। ଏହାସହ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟରେ କିପରି ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଭଲ ରହିବ, ଅଧିକ ରିସର୍ଚ୍ଚ କରାଯାଇପାରିବ ଏବଂ ଭିତ୍ତିଭୂମିର ବିକାଶ ହେବ ସେ ନେଇ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ କୁଳପତିଙ୍କ ସହ ଆଲୋଚନା କରିବା ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ମନ୍ତ୍ରୀ ସବୁ କୁଳପତିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

ମୋ ପରିବାର ସଙ୍ଗଠନର ସହାୟତାରୁ ଫେରିଲା ମୃତଦେହ

ଭୁବନେଶ୍ୱର,୬।୩(ବ୍ୟୁରୋ): କର୍ନାଟକର ବାଙ୍ଗାଲୋରରେ ମୃତ୍ୟୁ ହୋଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହକୁ ରାଜ୍ୟକୁ ଅଣାଯାଇପାରିଛି। ଓଡ଼ିଶା:ମୋ ପରିବାର ସଙ୍ଗଠନର ଉଦ୍ୟମକ୍ରମେ ଏହା ସମ୍ଭବ ହୋଇପାରିଥିବା ଜଣାପଡିଛି। ବାଙ୍ଗାଲୋରସ୍ଥିତ ଏକ ଏଲ୍.ଇ.ଡି.ଫ୍ୟାକ୍ଟ୍ରିରେ କାମ କରୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡିର ପତଣ୍ଡା ଗ୍ରାମର ଓଡ଼ିଆ ଶ୍ରମିକ ସିକା ସନାତନଙ୍କ ଗତ ୪ ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସିକାଙ୍କ ମୃତ୍ୟୁ ଖବର ପରିବାରବର୍ଗ ପାଇବା ପରେ ତାଙ୍କ ମୃତଦେହ ଆଣିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା। ଏହି ଖବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟିକୁ ଆସିବା ପରେ ସେ ତତ୍କ୍ଷଣାତ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଏହା ପରେ ଅରୂପ ସମସ୍ତ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ)କୁ ଅବଗତ କରାଇଥିଲେ। ଏହା ପରେ ସନାତନଙ୍କ ମୃତଦେହ ଫେରାଇବା ପାଇଁ ମିଳିତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷରେ ଶୁକ୍ରବାର ଅପରାହ୍ନ ୨ଟା ୨୦ ମିନିଟ୍‌ରେ ସନାତନଙ୍କ ଶବ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ତାଙ୍କ ମୃତଦେହକୁ ଗ୍ରହଣ କରିବା ପାଇଁ ବିମାନବନ୍ଦରରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମୋ ପରିବାର ସଦସ୍ୟା ଡେଜାଲିନ୍ ମହାପାତ୍ର,ସମୀର ପ୍ରଧାନ, ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସନାତନଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଇଟାଭାଟିରେ ମା'ବାପା, ଆବାସିକ କେନ୍ଦ୍ରରେ ଶିଶୁ

ଘନଶ୍ୟାମ ଭୋଇ
ନୂଆପଡ଼ା ଅଫିସ,୬।୩

ନୂଆପଡ଼ା ଜିଲା
- **ଦାଦନ ଶ୍ରମିକ ପିଲାଙ୍କ ପାଇଁ ଋତୁକାଳୀନ ଶିକ୍ଷା ବ୍ୟବସ୍ଥା**
- **୬୨ କେନ୍ଦ୍ରରେ ଅଛନ୍ତି ୨୫୪୩ ଛାତ୍ରୀଛାତ୍ର**

ନୂଆପଡ଼ା ଭଳି ଦାଦନ ପ୍ରବଣ ଜିଲାରୁ ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକ ପରିବାର ଶିଶୁଙ୍କୁ ଏକ ସ୍ୱତନ୍ତ୍ର ଆବାସିକ କେନ୍ଦ୍ରରେ ରଖି ସୁରକ୍ଷିତ ଏବଂ ଶୃଙ୍ଖଳିତ ଢଙ୍ଗରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ଗୋଟିଏ ପଟେ ମା'ବାପା ଅନ୍ୟ ରାଜ୍ୟ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶର ଇଟାଭାଟିରେ ଦିନରାତି ଇଟା ଗଢାକାମରେ ନିୟୋଜିତ ଥିବାବେଳେ ଏପଟେ ଶିଶୁମାନେ ସୁରକ୍ଷିତ ଭାବେ ରହି ପାଠ ପଢୁଛନ୍ତି। ସେହି ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ସମ୍ପ୍ରତି ଜିଲାରେ ଥିବା ମୋଟ ୬୨ ଆବାସିକ କେନ୍ଦ୍ରରେ ସମୁଦାୟ ୨୫୪୩ ଜଣ ଶିଶୁ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ୧୧୧୬ଜଣ ଛାତ୍ରୀ, ୧୪୨୭ ଛାତ୍ର ଥିବା ଜଣାପଡିଛି । ଏହି ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ କୃତିତ୍ୱର ସହ ପାସ୍ କରୁଥିବା ବି ନଜିର ରହିଛି ।

ବେସରକାରୀ ଭାବେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ ନୂଆପଡ଼ା ଜିଲାରୁ ବାର୍ଷିକ ୩୦ ହଜାରରୁ ଊର୍ଦ୍ଧ୍ୱ ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ପ୍ରତିବର୍ଷ ଅକ୍ଟୋବର/ନଭେମ୍ବରରେ ସେମାନେ ସର୍ଦ୍ଦାରଙ୍କଠାରୁ ଅଗ୍ରିମ ଟଙ୍କା ନେଇଥାନ୍ତି । ଏହାପରେ ସେମାନେ ପରିବାର ସହ ରାଜ୍ୟ ବାହାରକୁ ଯିବା ଆରମ୍ଭ କରିଥାନ୍ତି। ଏଥିପାଇଁ ପ୍ରତିବର୍ଷ ଅଧାରୁ ପାଠପଢା ଛାଡୁଥିବା ଶିଶୁଙ୍କ ସଂଖ୍ୟା ବଢିବାରେ ଲାଗିଛି । କମି ଚାଲିଛି ଜିଲାରେ ଥିବା ବିଭିନ୍ନ ସ୍କୁଲର ଉପସ୍ଥାନ । ଏହାକୁ ଦୃଷ୍ଟିରେ ରଖି ପ୍ରଥମେ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଆବାସିକ କେନ୍ଦ୍ର ଖୋଲି ଦାଦନ ଶ୍ରମିକଙ୍କ ପିଲାମାନଙ୍କୁ ପାଠ ପଢାଇବାର ବ୍ୟବସ୍ଥା କରିଥିଲେ। ଯାହା କିଛିଦିନ ମଧ୍ୟରେ ସଫଳତା ପାଇବା ପରେ ସେହି ବ୍ୟବସ୍ଥାକୁ ରାଜ୍ୟ ସରକାର ଆପଣେଇ ନେଇଛନ୍ତି । ବଲାଙ୍ଗୀର, ନୂଆପଡା ଭଳି ଦାଦନ ପ୍ରବଣ ଜିଲାରେ ୨୦୧୦-୧୧ରୁ ସରକାର ଆବାସିକ କେନ୍ଦ୍ର ଖୋଲି ଦାଦନ ଶ୍ରମିକମାନଙ୍କ ପିଲାଙ୍କୁ ରଖି ପଢାଇବାର ବ୍ୟବସ୍ଥା କରିଛନ୍ତି । ଏହି କେନ୍ଦ୍ର ପ୍ରତିବର୍ଷ ନଭେମ୍ବରରୁ ଆରମ୍ଭ ହୋଇ ଜୁନ/ଜୁଲାଇ କିମ୍ବା ଶିଶୁଙ୍କ ମା'ବାପା ଘରକୁ ଫେରିବା ଯାଏଁ ଚାଲିଥାଏ । ପ୍ରତି କେନ୍ଦ୍ରରେ ୨୦ରୁ ୫୦ ଜଣ ଶିଶୁ ରହି ପାଠ ପଢୁଛନ୍ତି । ସେମାନଙ୍କ ଯତ୍ନ ନେବା ପାଇଁ ୨ଜଣ ଲେଖାଏଁ ମହିଳା ପୁରୁଷ ପ୍ରଯତ୍ନକାରୀ ନିୟୋଜିତ ହୋଇଛନ୍ତି । ସେହି କେନ୍ଦ୍ରରେ ପିଲାଙ୍କ ପାଇଁ ଉନ୍ନତମାନର ବିଛଣା, ଖଟ, ମାଗଣା ବହି ପତ୍ର, ସ୍କୁଲ ବ୍ୟାଗ, ଜଳପାନଠାରୁ ଖାଇବା ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ଉକ୍ତ କେନ୍ଦ୍ରର ୨ ଅନ୍ତେବାସୀ ନବୋଦୟ, ୧୪ଜଣ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଦେଇ କୃତିତ୍ୱ ସହ ପାସ୍ କରି ନାମଲେଖାର ସୁଯୋଗ ପାଇଛନ୍ତି ।

ତେବେ କେତେକ ଆବାସିକ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଭିଯୋଗ ହୋଇଛି । ଅଧିକାଂଶ କେନ୍ଦ୍ରରେ ବିଜୁଳି ବ୍ୟବସ୍ଥା ଠିକ୍ ନ ଥିବାରୁ ପିଲାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। କାଗଜକଲମରେ ଗୋଟିଏ କେନ୍ଦ୍ରରେ ଯେତେ ସଂଖ୍ୟକ ପିଲା ରହୁଛନ୍ତି ବୋଲି ଦର୍ଶାଯାଉଛି ପ୍ରକୃତପକ୍ଷେ ସେତିକ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହେଲେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗକୁ ପିଲାମାନେ ପ୍ରଶଂସା କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଯୋଜନା ସଂଯୋଜକ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ପଚାରିବାରୁ କେନ୍ଦ୍ରଗୁଡିକର ସୁପରିଚାଳନା ସକାଶେ ପ୍ରତି ମାସରେ ବ୍ଲକ ଶିକ୍ଷାଧିକାରୀ, ସ୍କୁଲ ପରିଚାଳନା କମିଟି, ସିଆର୍‌ସିସି, ଜିଲା ସଂଯୋଜକ ବୁଲି ଦେଖୁଛନ୍ତି । ପିଲାଙ୍କ ସବୁ ପ୍ରକାର ଅଭାବ ଅସୁବିଧା ପ୍ରତି ଧ୍ୟାନ ଦିଆଯାଉଥିବା ସେ କହିଛନ୍ତି । ସେହିଭଳି ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ କହିଛନ୍ତି, ଆବାସିକ କେନ୍ଦ୍ରରେ ପିଲାଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି।

ତେବେ ଏପରି ସୁବିଧା ପରେ ବି ଜିଲାର ୫ରୁ ୧୦ ହଜାର ଶିଶୁ ପ୍ରତିବର୍ଷ ମା'ବାପାଙ୍କ ସହ ମିଶି ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ଜଣାପଡିଛି । ସେମାନଙ୍କ ପରିବାରକୁ ସଚେତନ କରିବା ସହିତ ଶିକ୍ଷାର ମୁଖ୍ୟସ୍ରୋତରେ ସେହି ପିଲାମାନଙ୍କୁ ସାମିଲ କରିବା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି । ଆବାସିକ କେନ୍ଦ୍ର ସଂକ୍ରାନ୍ତରେ ଅଧିକ ପ୍ରଚାର ପ୍ରସାରର ଅଭାବ ରହୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦେବା ସହିତ ଆବାସିକ କେନ୍ଦ୍ର ସଂଖ୍ୟା ବୃଦ୍ଧି ହେଲେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ସେଠାରେ ରହି ପାଠ ପଢ଼ି ପାରିବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ...

ସଂସ୍ଥା ପକ୍ଷରୁ ଚାର୍ଜଶିଟ ଦାଖଲ କରାଯାଇଥିବ ତାଙ୍କର ଭିଜିଲାନ୍ସ ମଞ୍ଜୁରୀକୁ ବାତିଲ କରାଯିବ। ସେହିପରି ଦୁର୍ନୀତି ନିବାରଣ ଆଇନ କିମ୍ବା ଅନ୍ୟ କୌଣସି ଆପରାଧିକ ମାମଲାକୁ କୋର୍ଟ ସଂଜ୍ଞାନକୁ ନେଇଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ପାସ୍‌ପୋର୍ଟ ପ୍ରଦାନ ନିମନ୍ତେ ଭିଜିଲାନ୍ସ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଭାରତୀୟ ପାସ୍‌ପୋର୍ଟ ହାସଲ କରିବାକୁ ଚାହୁଁଥିବା କାର୍ଯ୍ୟରତ ଅଧିକାରୀମାନଙ୍କ କ୍ଷେତ୍ରରେ ପାସ୍‌ପୋର୍ଟ ଆଇନ, ୧୯୬୭ର ଧାରା ୬(୨) ପ୍ରଯୁଜ୍ୟ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଭାରତ ବାହାରେ ଜଣେ ଆବେଦନକାରୀଙ୍କ ଉପସ୍ଥିତି ସମ୍ପୃକ୍ତ ଦେଶ ସହ ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଥାଏ କିମ୍ବା ତାଙ୍କୁ ଯାତ୍ରା ଦସ୍ତାବିଜ ପ୍ରଦାନ କରିବା ଜନହିତରେ ନୁହେଁ ବୋଲି କେନ୍ଦ୍ର ସରକାର ଅନୁଭବ କରନ୍ତି ତେବେ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ପାସ୍‌ପୋର୍ଟ ନ ଦେବା ପାଇଁ ନିଷ୍ପତ୍ତି ନେଇପାରିବେ। ଧାରା ୬(୨)ରେ ଏହି ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ଜଣକ ବିରୋଧରେ କୌଣସି କୋର୍ଟ ପକ୍ଷରୁ ୱାରେଣ୍ଟ କିମ୍ବା ହାଜିର ପାଇଁ ସମନ ଅଥବା ଗିରଫ ପରୱାନା ଜାରି କରାଯାଇଥିବ ତା' ହେଲେ ତାଙ୍କୁ ବିମାନରେ ବିଦେଶ ଯାତ୍ରା ଲାଗି ପାସ୍‌ପୋର୍ଟ ଦିଆଯିବ ନାହିଁ। ଯେଉଁ ଆବେଦନକାରୀଙ୍କୁ ଭାରତ ଛାଡ଼ିବା ପାଇଁ ବାରଣ କରି କଟକଣା ସମ୍ବଳିତ ନିର୍ଦ୍ଦେଶନାମା ଜାରି ହୋଇଥିବ ତାଙ୍କୁ ମଧ୍ୟ ପାସ୍‌ପୋର୍ଟ ମିଳିବ ନାହିଁ ବୋଲି ଏହି ଆଇନରେ ସ୍ପଷ୍ଟ କରାଯାଇଛି।

ଏପ୍ରିଲ ୩ରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟାଯିବ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ସମ୍ବନ୍ଧୀୟ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆବଶ୍ୟକ ଥିବା ୨,୪୯,୫୪,୧୨୭ ପାଠ୍ୟପୁସ୍ତକ ମଧ୍ୟରୁ ୨,୪୨,୧୪,୭୧୨ ପାଠ୍ୟପୁସ୍ତକ ବିଦ୍ୟାଳୟଗୁଡ଼ିକୁ ବିତରଣ କରାଯାଇଛି। ଯାହାକି ୯୯ ପ୍ରତିଶତ ଅଟେ। ଆସନ୍ତା ଏପ୍ରିଲ ୩ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ସମୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବିତରଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ନବମ ଓ ଦଶମ ଶ୍ରେଣୀସ୍ତରରେ ଆବଶ୍ୟକ ପଡୁଥିବା ପ୍ରାୟ ୮ ଲକ୍ଷ ପାଠ୍ୟପୁସ୍ତକ ମୁଦ୍ରଣ କରାଯାଇ ୨୦ ତାରିଖ ସୁଦ୍ଧା ସମସ୍ତ ବିତରଣକାରୀଙ୍କୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମାର୍ଚ୍ଚ ୨୪ ତାରିଖରୁ ନବମ ଓ ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୨.୫ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବିତରଣ ଏହି ସମୟ ମଧ୍ୟରେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷଠାରୁ ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶାଳୟ ବର୍ଷ ତମାମ କାର୍ଯ୍ୟକ୍ରମର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଶାସନ ସଚିବ ରମେଶ କେର୍‌କେଟା, ଯୁଗ୍ମ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଶିକ୍ଷା ପରାମର୍ଶଦାତା ଖଗେନ୍ଦ୍ର କୁମାର ପାଢ଼ୀ, ଉପନିର୍ଦ୍ଦେଶକ ତଥା ଉପଶାସନ ସଚିବ ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଜେରା କରିବ ଇଡି

ଭୁବନେଶ୍ୱର, ୬।୩ (ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ମନି ଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜେରା କରିବ। ଅନାମଙ୍କ ନାମରେ ସମୁଦାୟ କେତେ ଟଙ୍କାର ସମ୍ପତ୍ତି ରହିଛି, ଏଥିରୁ ସେ କେତେ ଆୟ କରିଛନ୍ତି ଏବଂ କେତେ ଆୟ ବହିର୍ଭୂତ ସେନେଇ ଖୋଳତାଡ଼ କରାଯିବ। ଏଥିଲାଗି ଇଡି ଅଫିସରେ ହାଜର ହେବା ପାଇଁ ତାଙ୍କୁ ଖୁବ୍ ଶୀଘ୍ର ନୋଟିସ କରାଯିବ ବୋଲି ଜଣାପଡ଼ିଛି।

ଗତ ଜାନୟାରୀ ୧୭ତାରିଖରେ ଅନାମଙ୍କ ଭବାନୀପାଟଣା ସହରସ୍ଥ ନାକଟିଗୁଡା ବାସଭବନ, ପୁରୁଣାପଡ଼ା ଛକ ନିକଟ ନିର୍ମାଣାଧୀନ ଲଜ୍ ଓ ମଦନପୁର-ରାମପୁରସ୍ଥିତ ହୋଟେଲ ଉପରେ ଭିଜିଲାନ୍ସର ତିନିଟି ଟିମ୍ ଏକକାଳୀନ ଚଢାଉ କରିଥିଲେ। ଯାଞ୍ଚ ବେଳେ ମୋଟ୍ ୩କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ ହଜାର ଟଙ୍କାର ସୁନାଗହଣା, ନଗଦ ୧୩ ହଜାର ୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ମଧ୍ୟ ଭିଜିଲାନ୍ସ ଠାବ କରିଥିଲା। ଏହି ସମ୍ପତ୍ତିଗୁଡ଼ିକର ହିସାବ ଓ ତଦନ୍ତ ବେଳେ ୧ କୋଟି ୫୪ ଲକ୍ଷ ୧୨ହଜାର ୨୬୦ ଟଙ୍କାର ସମ୍ପତ୍ତି ଆୟ ବହିର୍ଭୂତ ବୋଲି ଭିଜିଲାନ୍ସ ଜାଣିବାକୁ ପାଇବା ପରେ ଅନାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୯୮୫ ଜାନୁୟାରୀରେ ରାଜସ୍ୱ ବିଭାଗରେ ଅନାମ କନିଷ୍ଠ କିରାଣି ଭାବେ ଯୋଗଦେଇଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ପରବର୍ତ୍ତୀ ସମୟରେ ସେ ରାଜନୀତିରେ ଯୋଗଦେଇଥିଲେ। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ସେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ରହିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ କିଛିଦିନ ତଳେ ଜାମିନରେ ଆସି ଘରେ ରହିଛନ୍ତି।

Office of the District Manager
Odisha State Civil Supplies Corporation Ltd., (OSCSC)
KHORDHA (District)
Phone: 2296066, District Website: www.khordha.nic.in
Tender No. 1645 **Dt. 04.03.2020**

No. CAD-1075:- District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

1.	Name of the Work	Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) of Khordha District.
2.	Availability of bid document in the portal	From 06.03.2020
3.	Last Date / Time for receipt of bids in the portal	Dt.26.03.2020 upto 5.30 PM
4.	Date / Time of opening of Technical Bid	Dt.27.03.2020 upto 11.00 AM
5.	Name and address of the Officer Inviting Tender	District Manager, OSCSC Ltd., KHORDHA (District)

Tender documents & other details can be seen from the e-Procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / Corrigendum / Cancellation / retenders etc. if any shall be published only in above websites.

Sd./- District Manager, OSCSC Ltd., Khordha
OIPR-07007/11/0009/1920

ଚିନିକଳ ପୁନଃ ଚାଲୁ ଦାବିରେ ନୟାଗଡ଼ ବନ୍ଦ

ନୟାଗଡ ଅଫିସ, ୬।୩

ନୟାଗଡ଼ ଷ୍ଟେଶନଠାରେ ସେବା ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଯାଇଛି।

ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍

ସକ୍ରିୟ ରାଜନୀତି ସହ ଜଡ଼ିତ ନ ଥିବା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ବିଦେଶୀ ଅନୁଦାନରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର କହିଛନ୍ତି, ସର୍ବସାଧାରଣ ସମସ୍ୟାକୁ ନେଇ ବନ୍ଦ କିମ୍ବା ଧର୍ମଘଟ କରୁଥିବା ସଂଗଠନଗୁଡ଼ିକୁ ବିଦେଶୀ ଅନୁଦାନ ଗ୍ରହଣ କରିବାର ଆଇନଗତ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ।

ଶ୍ରଦ୍ଧାଞ୍ଜଳି ସଭାରେ ଆଇଏସ୍ ଆକ୍ରମଣ

କାବୁଲ,୬।୩(ଏ.ଏଫ୍.ପି.)

ଆଫଗାନିସ୍ତାନ ରାଜଧାନୀ କାବୁଲରେ ଏକ ଶ୍ରଦ୍ଧାଞ୍ଜଳି ସଭା ଚାଲିଥିବାବେଳେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆକ୍ରମଣ କରିଛି। ଏଥିରେ ଅନ୍ୟୂନ ୩୨ ଜଣ ନିହତ ଓ ୩୦ ଆହତ ହୋଇଛନ୍ତି। ଦେଶର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲାଙ୍କୁ ଟାର୍ଗେଟ କରି ଏହି ଗୁଳିକାଣ୍ଡ ଘଟାଯାଇଥିଲା। ତେବେ ସେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଲିବାନ ସହ ଆମେରିକାର ଚୁକ୍ତି ସ୍ୱାକ୍ଷର ପରେ ଏହା ହେଉଛି ସବୁଠୁ ବଡ଼ ଘାତକ ଆକ୍ରମଣ। ୧୯୯୫ରେ ଆଫଗାନିସ୍ତାନର ହେଜବ-ଇ ୱାହଦାତ ପାର୍ଟି ନେତା ଅବ୍‌ଦୁଲ ଅଲି ମଜାରିଙ୍କୁ ତାଲିବାନ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଶୁକ୍ରବାର କାବୁଲରେ ମଜାରିଙ୍କ ୨୫ତମ ଶ୍ରାଦ୍ଧ ଦିବସ ପାଳନ କରାଯାଉଥିଲା। ଏହି ସମାରୋହରେ ଆଫଗାନିସ୍ତାନର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲା, ପୂର୍ବତନ ରାଷ୍ଟ୍ରପତି ହମିଦ୍ କାର୍‌ଜାଇ, ହାଇ ପିସ୍ କାଉନ୍‌ସିଲ ଅଧ୍ୟକ୍ଷ ମହମ୍ମଦ କରିମ ଖଲିଲି, ସେକେଣ୍ଡ ଡେପୁଟି ଚିଫ୍ ଏକ୍‌ଜିକ୍ୟୁଟିଭ ମହମ୍ମଦ ମହକିକ୍‌ଙ୍କ ସମେତ ଅନ୍ୟ କେତେଜଣ ରାଜନେତା ଏଥିରେ ସାମିଲ ଥିଲେ। ପୂର୍ବାହ୍ନ ୧୧ଟା ୨୦ରେ ଖଲିଲି ଭାଷଣ ଦେଉଥିବାବେଳେ ସଭାସ୍ଥଳ ନିକଟ ଏକ ନିର୍ମାଣାଧୀନ କୋଠାରୁ ଜଣେ ବନ୍ଧୁକଧାରୀ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ୩୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅବ୍‌ଦୁଲ୍ଲା, କାରଜାଇ ଓ ଖଲିଲି ସୁରକ୍ଷିତ ଭାବେ ଘରକୁ ଫେରିବାରେ ସକ୍ଷମ ହୋଇଥିଲେ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏକ ବିବୃତିରେ ସଙ୍ଗଠନର ସମ୍ପୃକ୍ତି ନ ଥିବା କହିଥିବାବେଳେ ଆକ୍ରମଣ ପାଇଁ ଆଇଏସ୍ ନିଜକୁ ଦାୟୀ କରିଛି। ରାଷ୍ଟ୍ରପତି ଅଶ୍ରଫ ଗନି ଏହି ଗୁଳିକାଣ୍ଡକୁ 'ମାନବିକତା ବିରୋଧରେ ଅପରାଧ' ଏବଂ ଆଫଗାନିସ୍ତାନର ଜାତୀୟ ଏକତା ଉପରେ ଆକ୍ରମଣ ବୋଲି ନିନ୍ଦା କରିଛନ୍ତି। ପ୍ରକାଶ ଯେ, ଗତବର୍ଷ ମଜାରିଙ୍କ ଶ୍ରାଦ୍ଧ ଦିବସ ପାଳନ ବେଳେ ଆଇଏସ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ୧୧ ଜଣ ନିହତ ହୋଇଥିଲେ। ଗତ ଫେବୃୟାରୀ ୨୯ରେ ଆମେରିକା ଓ ତାଲିବାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ରାଜିନାମା ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ପାଇଁ ଆମେରିକା ରାଜି ହୋଇଛି। ଏହାକୁ ନେଇ କାବୁଲରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବାବେଳେ ରାଜନେତାମାନେ ଉପସ୍ଥିତ ଥିବା ଶ୍ରଦ୍ଧାଞ୍ଜଳି ସଭାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି।

୩୨ ନିହତ, ବର୍ତ୍ତିଗଲେ ଅବ୍‌ଦୁଲ୍ଲା

ବିମଲ ଜୁଲ୍‌କା ସିଆଇସି

ନୂଆଦିଲ୍ଲୀ,୬।୩(ପି.ଟି.)

ସୂଚନା କମିଶନର ବିମଲ ଜୁଲ୍‌କାଙ୍କୁ ଶୁକ୍ରବାର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ନିଯୁକ୍ତି ମିଳିଛି। ଜାନୁୟାରୀ ୧୧ରେ ସିଆଇସି ସୁଧୀର ଭାର୍ଗବ ଅବସର ନେବା ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ତାଙ୍କ ସ୍ଥାନରେ ଜୁଲ୍‌କାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଆଇସି ନିଯୁକ୍ତ କରିଛନ୍ତି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ରାଷ୍ଟ୍ରପତି କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ବିମଲ ଜୁଲ୍‌କାଙ୍କୁ ଦେଶର ନୂଆ ସିଆଇସି ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୧୯୭୯ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ (ଅବସରପ୍ରାପ୍ତ) ଜୁଲ୍‌କା ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। ତାଙ୍କୁ ଏହି ଦୁର୍ନୀତି ନିରୋଧୀ ଜଗୁଆଳି ସଂସ୍ଥାର ମୁଖ୍ୟ ଭାବେ ଅବସ୍ଥାପିତ କରାଯିବା ପରେ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ ଆଉ ୫ ସୂଚନା କମିଶନର ପଦବୀ ଖାଲିପଡ଼ିଛି। ଏବେ ସିଆଇସିରେ ୬ କମିଶନର କାର୍ଯ୍ୟରତ ଅଛନ୍ତି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଜୁଲ୍‌କାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ।

ଅହମଦ ପଟେଲଙ୍କୁ ଆୟକର ସମନ

ନୂଆଦିଲ୍ଲୀ,୬।୩(ପି.ଟି.)

ଟିକସ ଫାଙ୍କି ସହ ସମ୍ପୃକ୍ତି ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲଙ୍କୁ ଆୟକର ବିଭାଗ ପକ୍ଷରୁ ସମନ ଜାରି କରାଯାଇଛି। ଦଳୀୟ ଅର୍ଥ କାରବାରକୁ ନେଇ ଟିକସ ଫାଙ୍କିର ତଦନ୍ତ କରୁଛି ଆୟକର ବିଭାଗ। ଦଳର କୋଷାଧ୍ୟକ୍ଷ ଭାବରେ ଅହମଦଙ୍କୁ ହାଜର ହେବା ପାଇଁ କୁହାଯାଇଛି। ଫେବୃୟାରୀରେ ହାଜର ହେବା ପାଇଁ ପ୍ରଥମ ସମନ ହୋଇଥିବାବେଳେ ଅସୁସ୍ଥ ଥିବା ଦର୍ଶାଇ ରାଜ୍ୟ ସଭା ଏମ୍‌ପି ଅହମଦ ଏହାକୁ ଏଡାଇଯାଇଥିଲେ। କଂଗ୍ରେସ ଦଳକୁ ମିଳୁଥିବା ଚାନ୍ଦା ଓ ଦଳୀୟ ଖର୍ଚ୍ଚକୁ ନେଇ ଆୟକର ବିଭାଗ ତାଙ୍କୁ ଜେରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଇତିହାସର ଆଇନାରେ — ମାର୍ଚ୍ଚ ୭ର ପ୍ରମୁଖ ଘଟଣା

୧୮୭୬ ମାର୍ଚ୍ଚ ୭ରେ ଟେଲିଫୋନ୍‌ର ଉଦ୍ଭାବକ ଆଲେକ୍‌ଜାଣ୍ଡାର ଗ୍ରାହାମବେଲ୍‌ଙ୍କୁ ଏହାର ପେଟେଣ୍ଟ ମିଳିଥିଲା। ସେ ତାଙ୍କର ପ୍ରଥମ ଟେଲିଫୋନ୍ କଲ୍ ସହଯୋଗୀ ଥୋମାସ୍ ୱାଟସନଙ୍କ ପାଖକୁ କରିଥିଲେ।

୨୦୦୬ ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶର ବାରାଣସୀଠାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀମାନେ ସିରିଜ୍ ବିସ୍ଫୋରଣ କରିଥିଲେ। ଏଥିରେ ୨୮ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୧ଜଣ ଆହତ ହୋଇଥିଲେ।

କୋଠା ଭୁଶୁଡ଼ି ୧୮ ମୃତ

କରାଚୀ,୬।୩(ପି.ଟି.): ପାକିସ୍ତାନର କରାଚୀରେ ଶୁକ୍ରବାର ଏକ ୩ ମହଲା କୋଠା ଭୁଶୁଡ଼ି ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ। ଗୁଲ୍‌ବହାର ଅଞ୍ଚଳର ୮୦ ବର୍ଗ ୟାର୍ଡ ଜମି ଉପରେ ଥିବା ଏହି କୋଠା ବେଆଇନ ଭାବେ ନିର୍ମିତ ହୋଇଥିଲା।

ଏନ୍‌ପିଡିଆର୍‌ଆର୍ ପୁନର୍ଗଠିତ

ନୂଆଦିଲ୍ଲୀ,୬।୩(ପି.ଟି.): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ବିପଦ ପ୍ରଶମନ ଜାତୀୟ ମଞ୍ଚ (ଏନ୍‌ପିଡିଆର୍‌ଆର୍) ଗଠନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଦସ୍ୟ ରହିଛନ୍ତି। ବିପର୍ଯ୍ୟୟ ପରିଚାଳନାରେ ଏହା ବହୁପକ୍ଷୀୟ ତଥା ବହୁ ସେକ୍ଟରସ୍ତରୀୟ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଭିନ୍ନ ସମୟରେ ହେଉଥିବା ଅଗ୍ରଗତିର ସମୀକ୍ଷା କରିବ ଏନ୍‌ପିଡିଆରଆର୍।

'ସିନ୍ଧିଆଙ୍କୁ ଅଣଦେଖା କଲେ ଅଡୁଆରେ ପଡ଼ିବେ କମଲନାଥ'

ଭୋପାଳ,୬।୩(ପି.ଟି.): ମଧ୍ୟପ୍ରଦେଶରେ କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଘୋଡ଼ାବେପାର ଉଦ୍ୟମ ଅଭିଯୋଗ ହେଉଥିବାବେଳେ ସଙ୍କଟର ଖିଅ ଦଳ ଭିତରେ ବୋଲି ସୂଚନା ମିଳିଛି। ଦଳର ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଅଣଦେଖା ଓ ଅସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ନେତୃତ୍ୱାଧୀନ ସରକାର ସଙ୍କଟରେ ପଡିବେ ବୋଲି ଶୁକ୍ରବାର ରାଜ୍ୟର ଜଣେ ମନ୍ତ୍ରୀ କହିଛନ୍ତି। ସିନ୍ଧିଆଙ୍କ ସମର୍ଥକ ଭାବେ ଜଣାଶୁଣା ଶ୍ରମମନ୍ତ୍ରୀ ମହେନ୍ଦ୍ର ସିଂ ସିସୋଡିୟା କହିଛନ୍ତି, ଭାଜପା ରାଜନୈତିକ ଚାପ ପକାଉଛି। ତେବେ ସିନ୍ଧିଆଙ୍କୁ ଅଣଦେଖା କଲେ ସରକାର ନିଶ୍ଚୟ ଅଡୁଆରେ ପଡିବେ। ଲୋକ ସଭା ନିର୍ବାଚନରେ ସିନ୍ଧିଆ ହାରିଯିବା ପରେ ତାଙ୍କୁ ରାଜ୍ୟ କଂଗ୍ରେସ ସଭାପତି କରିବା ଲାଗି ସମର୍ଥକମାନେ ଦାବି କରିଆସୁଛନ୍ତି। ଏମ୍‌ପିରୁ ରାଜ୍ୟ ସଭାରେ ୩ ଆସନ ଖାଲିପଡିବାକୁ ଯାଉଥିବାବେଳେ ସିନ୍ଧିଆଙ୍କୁ ପଠାଇବା ପାଇଁ ଦାବି ହେଉଛି। ଗତ ମାସରେ ସିନ୍ଧିଆ ଶିକ୍ଷକମାନଙ୍କ ଦାବି ନେଇ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ।

କଂଗ୍ରେସରେ ମିଶିବେ ସଞ୍ଜୟ ପାଠକ

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କୁ ନିଜ ପକ୍ଷକୁ ନେବା ଲାଗି ଉଭୟ ଶାସକ କଂଗ୍ରେସ ଓ ବିରୋଧୀ ଦଳ ଭାଜପା ପକ୍ଷରୁ ମୂଲଚାଲ ଚାଲିଥିବା ଅଭିଯୋଗ ହେଉଛି। ଭାଜପା ବିଧାୟକ ସଞ୍ଜୟ ପାଠକ କଂଗ୍ରେସରେ ଯୋଗଦେଇପାରନ୍ତି ବୋଲି ଜଣାପଡିଛି। ସଞ୍ଜୟଙ୍କ ବାପା ସତ୍ୟେନ୍ଦ୍ର ପାଠକ କଂଗ୍ରେସ ଜିଲା ସଭାପତି ଏବଂ ଦିଗ୍‌ବିଜୟ ସିଂ ସରକାରରେ ମନ୍ତ୍ରୀ ଥିଲେ। ଭାଜପାର ଘୋଡାବେପାର ଉଦ୍ୟମର ଜବାବ ଦେବାକୁ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଓ ମୁଖ୍ୟମନ୍ତ୍ରୀ କମଲନାଥ 'ଯେସାକୁ ତେସା' ନୀତି ଆପଣାଇଥିବା କୁହାଯାଉଛି।

ଜେଏସ୍‌ପିଏଲ୍‌କୁ ଗୋଲ୍‌ଡେନ ପିକକ୍ ସମ୍ମାନ

ନୂଆଦିଲ୍ଲୀ,୬-୩

ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ) କୁ ସମ୍ମାନଜନକ ଗୋଲଡେନ ପିକକ ସିଏସ୍‌ଆର ସମ୍ମାନ - ୨୦୧୯ ପ୍ରଦାନ କରାଯାଇଛି। ଓଡିଶା, ଛତିଶଗଡ ଏବଂ ଝାଡଖଣ୍ଡରେ ବିଭିନ୍ନ ସାମାଜିକ ବିକାଶ କାର୍ଯ୍ୟକ୍ରମ ପାଇଁ ଜେଏସ୍‌ପିଏଲକୁ ଏହି ପୁରସ୍କାର ଦିଆଯାଇଛି । ମୁମ୍ବାଇ ଠାରେ ଇନଷ୍ଟିଚ୍ୟୁଟ ଅଫ ଡାଇରେକ୍ଟର୍ସ (ଆଇଓଡ଼ି) ପକ୍ଷରୁ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ସିଏସଆର ସମ୍ମିଳନୀରେ ଜେଏସ୍‌ପିଏଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ସି. ଜୋସେଫଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଜିଏମ୍‌ଆର ଗ୍ରୁପର ପ୍ରତିଷ୍ଠାତା ଜି ଏମ ରାଓ, ଆଇଓଡ଼ିର ସଭାପତି ଲ୍ୟୁଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଜେ.ଏସ. ଆହଲୁୱାଲିଆ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର ।

କେମିତି ରହିବ ଆଜିର ପାଗ

ରାଜ୍ୟ- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବା ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ । ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୮.୯	୧୯.୩
ଚାନ୍ଦବାଲି	୩୦.୪	୨୦.୬
କଟକ	୨୯.୬	୧୯.୨
ପାରାଦ୍ୱୀପ	୨୯.୨	୨୩.୦
ଭୁବନେଶ୍ୱର	୨୯.୪	୨୦.୧
ଗୋପାଳପୁର	୩୦.୪	୨୨.୮
ପୁରୀ	୨୭.୬	୧୮.୮
ଅନୁଗୋଳ	୩୦.୭	୧୪.୬
ବାରିପଦା	୩୦.୦	୨୦.୦
ଝାରସୁଗୁଡ଼ା	୩୧.୨	୧୮.୪
କେନ୍ଦୁଝର	୨୯.୦	୧୮.୦
ସମ୍ବଲପୁର	୩୨.୦	୧୮.୪
ସୁନ୍ଦରଗଡ଼	୩୦.୦	୧୩.୦
ହୀରାକୁଦ	୩୧.୨	୧୯.୩
ତାଲଚେର	୩୦.୧	୧୬.୭
ଭବାନୀପାଟଣା	୩୨.୦	୧୯.୫
ବଲାଙ୍ଗୀର	୩୧.୦	୧୯.୪
କୋରାପୁଟ	୩୧.୬	୧୨.୬
ଫୁଲବାଣୀ	୨୮.୯	୧୭.୦
ଟିଟିଲାଗଡ଼	୩୨.୦	୧୪.୬
ମାଲକାନଗିରି	୩୫.୦	୨୦.୨
ସୋନପୁର	୩୧.୦	୧୫.୦
ଦାରିଙ୍ଗିବାଡ଼ି	୨୭.୦	୧୩.୦

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Wanted **Sales Executives** for Logistic Firm at Bhubaneswar.
email cv to :-
chandandash@rediffmail.com
Contact : 9238306766

WANTED
For officially Job
Qualification 10th above
Salary up to 25000/-
Mob.- 9938699963
8598992540

ବ୍ଲକସ୍ତରୀୟ ନିଯୁକ୍ତି
Odishaର ପ୍ରତ୍ୟେକ ଜିଲ୍ଲା ରୁ 10th / +2 & above Qualification ଥିବା candidate ଆବଶ୍ୟକ ।
ଦରମା - ୭୦୦୦/- ରୁ ୩୮୦୦୦/-
7894509327

Ordeal Management
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି । ଯୋଗ୍ୟତା- 10th to Post Graduate,ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି ।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
ଠିକଣା-ITI ଛକ, ବାଲେଶ୍ୱର

REQUIRED
We required a Surveyor for milching Animal Survey on Mobile Application for all District in Odisha.
Mail id : info@promote2ngo.in
Contact = 09556245507

Shree Tirupati Courier Service
50, Ashok Nagar, BBSR
ଡ୍ରାଇଭର, ଡେଲିଭରି Boy ଦରକାର । ରହିବା ସୁବିଧା ଅଛି ।
Mob.-9437142064

10th, +2, +3 Pass 18 ବର୍ଷରୁ ଅଧିକ ଇଚ୍ଛୁକ ପ୍ରାର୍ଥୀ Job କରିବା ପାଇଁ ଚାହୁଁଛନ୍ତି ଏହି ନଂ. - 7978834284, 8895329791 ସହିତ ଯୋଗାଯୋଗ କରନ୍ତୁ।

ଆବଶ୍ୟକ
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

କାର ଡ୍ରାଇଭର ଆବଶ୍ୟକ ଜଗତପୁର ଅଫିସ ପାଇଁ । ଯୋଗାଯୋଗ ପାଇଁ
Mob : 9437021279
7381075901
9437496020

REQUIRED
Young Dynamic sales person for Wooden Hardware and interior Materials. Freshers / Experience can apply through E-mail :-
aurogroup.abhishek@hotmail.com
Contact : 9090098989

REQUIRED
2 nos. of Office Assistance Salary 8000/-, Branch Co-ordinator Salary 11000/- Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar
Contact - 9861214749

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

PARADIP PORT TRUST
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
No. : AD/RSC-I-21/66/2011/773 Dt.03rd March, 2020
Walk-In-Interview
Applications are invited from Indian Nationals for filling up **three General Duty Medical Officers** on **Contractual** basis in Paradip Port Trust. For further details, refer to our website **www.paradipport.gov.in**. Last date is **11.03.2020, 10.00 hours.**
PPT/PR/699/19-20 Dt-03/03/20 Sr. Dy. Secretary

WALK- IN INTERVIEW
GHANASHYAM HEMALATA VIDYAMANDIR, PURI
Estd: 1995
(A CBSE Affiliated Co-educational Residential School)
A walk- in interview will be held at **Shramik Bhawan, Near Nishamani Cinema Hall, Link Road, Cuttack on 08.03.2020, 10.30 am.** for the following posts :
PGT - Physics, Chemistry & Biology
TGT - Science (PCM) **PRT -** Science (PCM)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. **Free Accommodation, Fooding & Laundry for all the above posts**
Kindly attend the interview with original certificates and mark sheets .
Contact Nos. : 9437943924 / 7377148406 / 7873480470 / 7735629062
email id : ghvm.puri@gmail.com

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ବରିଷ୍ଠ ସହସମ୍ପାଦକ
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ।
- ସାମ୍ବାଦିକତାରେ ଡିଗ୍ରୀ କରିଥିବା ଆବଶ୍ୟକ ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ ।
ବରିଷ୍ଠ ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ ।
ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର

ଭାରତରେ ନୂଆ ଏବଂ ଉନ୍ନତ ଶୁଭାରମ୍ଭ କରିବା ନେଇ ଭୋଡାଫୋନ ଆଶାବାଦୀ ରହିଛି।

–ନିକ୍ ରିଡ୍, ଭୋଡାଫୋନ ସିଇଓ

କରୋନା ପ୍ରଭାବ ଯୋଗୁ ବିଶ୍ୱ ବଜାରର ଅଭିବୃଦ୍ଧି ଖସିବା ନେଇ ଆଶଙ୍କା ଉପୁଜିଛି। ଏହି ସମୟରେ ସବୁ କେନ୍ଦ୍ରୀୟ ବ୍ୟାଙ୍କ ମିଳିତ ହୋଇ କାମ କରିବାର ଆବଶ୍ୟକତା ରହିଛି।

–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର

'ୟେସ୍ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଟଙ୍କା ସୁରକ୍ଷିତ'

- ■ଆଶ୍ୱାସନା ଦେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ
- ■ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର କାର୍ଯ୍ୟ କରୁଛନ୍ତି

ନୂଆଦିଲ୍ଲୀ,୬–୩

ଘରୋଇ କ୍ଷେତ୍ର ବ୍ୟାଙ୍କ ୟେସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡିବା ଯୋଗୁ ରିଜର୍ଭ ବ୍ୟାଙ୍କ ଏହା ଉପରେ ଗୁରୁବାର କଟକଣା ଲଗାଇଛି। ବ୍ୟାଙ୍କର ବୋର୍ଡକୁ ବରଖାସ୍ତ କରାଯିବା ସହ ନୂଆ ଆଡମିନିଷ୍ଟ୍ରେଟର ନିଯୁକ୍ତି ଏବଂ ଉଠାଣ ସୀମା ୫୦ ହଜାର ଟଙ୍କା କରାଯାଇଛି। ବ୍ୟାଙ୍କର ଏଭଳି ସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକଟ ପାଇଥିବା ବେଳେ ଟଙ୍କା ବୁଡିଯିବା ନେଇ ଲୋକ ଭୟଭୀତ ସ୍ଥିତିରେ ଅଛନ୍ତି। ମାତ୍ର ଲୋକଙ୍କ ଟଙ୍କା ସୁରକ୍ଷିତ ରହିଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗୁରୁବାର ସ୍ୱଷ୍ଟୀକରଣ ଦିଆଯାଇଥିଲେ ମଧ୍ୟ ଲୋକମାନେ ଭୟଭୀତ ସ୍ଥିତିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ସ୍ୱଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର ରିଜର୍ଭ ବ୍ୟାଙ୍କ ସହ ମିଳିତ ହୋଇ କାମ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ଥିତି ଉପରେ ରିଜର୍ଭ ବ୍ୟାଙ୍କ ଏବେ ନଜର ରଖିଛି। ଲୋକଙ୍କ ଟଙ୍କା ସୁରକ୍ଷିତ ଥିବାରୁ ଏ ନେଇ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସୀତାରାମନ ଲୋକଙ୍କୁ ଭରସା ଦେଇଛନ୍ତି। ସରକାର ଏହି ବ୍ୟାଙ୍କ ଲାଗି ଶୀଘ୍ର ଏକ ରିଜଲ୍ୟୁଶନ ପ୍ଲାନ ଆଣିବେ। ବ୍ୟକ୍ତିଗତ ଭାବେ ଗତ ୨ ମାସ ହେବ ସ୍ଥିତି ଉପରେ ନଜର ରଖିଥିବା ସେ ସ୍ୱଷ୍ଟ କରିଛନ୍ତି।

ବର୍ତ୍ତମାନ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ସମସ୍ତଙ୍କ ମଙ୍ଗଳକୁ ନଜରରେ ରଖି ହୋଇଛି। ଲୋକମାନେ ଯେଭଳି ନଗଦ ସମସ୍ୟାର ସାମ୍ନା ନ କରିବେ ସେ ନେଇ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା କରିବେ ବୋଲି ଅର୍ଥମନ୍ତ୍ରୀ ଭରସା ଦେଇଛନ୍ତି। କେଉଁ କାରଣ ଯୋଗୁ ବ୍ୟାଙ୍କ ସମସ୍ୟାରେ ପଡିଲା, ସମସ୍ୟା ଲାଗି କିଏ ଦାୟୀ ତାର ଅନୁଧ୍ୟାନ ଲାଗି ରିଜର୍ଭ ବ୍ୟାଙ୍କୁ ନିର୍ଦ୍ଦେଶ ଦି ଅ । ଯ । ଇ ଥି ବ । ସେ କହିଛନ୍ତି। ସେହିଭଳି ବ୍ୟାଙ୍କରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ରୋଜଗାର ଏବଂ ବେତନ ଗୋଟିଏ ବର୍ଷ ଲାଗି ସୁନିଶ୍ଚିତ କରାଇବାକୁ ସେ ଆଶ୍ୱାସନା ଦେଇଛନ୍ତି।

ସରକାରଙ୍କ ଲାଗି ଆଗକୁ ଆସିଲେ ଶକ୍ତିକାନ୍ତ

ୟେସ ଯୋଗୁ ସମସ୍ୟା ସରକାରଙ୍କ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିଥିବା ବେଳେ ବାରମ୍ବାର ଏଭଳି ସମସ୍ୟା କାରଣରୁ ଚିନ୍ତାରେ ପଡିଛନ୍ତି। ଏଭଳି ସ୍ଥିତିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପୁଣି ଥରେ ଆଗକୁ ଆସିଛନ୍ତି। ଏପ୍ରସଙ୍ଗ ଉପରେ ମତ ରଖି ଶକ୍ତିକାନ୍ତ କହିଛନ୍ତି ଯେ, ବ୍ୟାଙ୍କ ସହ ଜଡିତ ବିଭିନ୍ନ ସମସ୍ୟାର ସମାଧାନ ଶୀଘ୍ର କରାଯିବ। ଏଥିଲାଗି ୩୦ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏ ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ବିହିତ ପଦକ୍ଷେପ ଗ୍ରହଣ କରିବ। ୟେସ ବ୍ୟାଙ୍କ ଉପରେ ଲାଗିଥିବା କଟକଣା କୌଣସି ଗୋଟିଏ ପ୍ରସଙ୍ଗକୁ ଆଧାର କରି ନିଆଯାଇ ନାହିଁ। ଦେଶର ବ୍ୟାଙ୍କିଙ୍ଗ ଏବଂ ବିତ୍ତୀୟ ପ୍ରଣାଳୀକୁ ସୁରକ୍ଷାଏବଂ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ୟେସ୍ ବ୍ୟାଙ୍କ ସମସ୍ୟା ସେହି ବ୍ୟାଙ୍କ ସହ ଜଡିତ: ଏସ୍‌ବିଆଇ ଅଧ୍ୟକ୍ଷ

ଏହି ସମସ୍ୟା ଉପରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ମତ ରଖିଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କ ସମସ୍ୟା କେବଳ ସେହି ବ୍ୟାଙ୍କ ସହ ଜଡିତ। ଏହା ସମ୍ପୂର୍ଣ୍ଣ ବ୍ୟାଙ୍କିଙ୍ଗ କ୍ଷେତ୍ର ସହ କୌଣସି ସମ୍ପର୍କ ରଖେ ନାହିଁ। ଏହା ବ୍ୟାଙ୍କିଙ୍ଗ କ୍ଷେତ୍ରର ସମସ୍ୟା ନୁହେଁ। ୟେସ ବ୍ୟାଙ୍କରେ ଅଂଶଧନ କ୍ରୟ ନେଇ ସେ କହିଛନ୍ତି, ଏ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ୟେସ ବ୍ୟାଙ୍କ ସମସ୍ୟାକୁ ନେଇ ଗ୍ରାହକ ଚିନ୍ତିତ ନ ହେବାକୁ କୁମାର ମଧ୍ୟ ଭରସା ଦେଇଛନ୍ତି।

ଗ୍ରାହକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ:ସିଇଏ

ୟେସ ବ୍ୟାଙ୍କ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହ ଧ୍ୟାନରେ ରଖାଯିବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଆଶ୍ୱାସନା ଦେଇଛନ୍ତି। ଜମାକାରୀଙ୍କ ଟଙ୍କା ସୁରକ୍ଷିତ ଥିବା ବେଳେ ବ୍ୟାଙ୍କର ରିଷ୍ଟ୍ରକଚରିଂର ସବୁ ବିକଳ୍ପ ଉପରେ ଧ୍ୟାନ ଦିଆଯିବ।

ରାଣା କପୁରଙ୍କ ବାସଭବନରେ ଇଡି ଚଢ଼ାଉ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ବାସଭବନ ଉପରେ ଶୁକ୍ରବାର ଚଢାଉ କରାଯାଇଛି। ବେଆଇନ ଅର୍ଥ କାରବାର ଅଭିଯୋଗରେ ଏଭଳି ରେଡ ହୋଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୱେଷ୍ଟର୍ନ ମେଟ୍ରୋପଲିସର ସମୁଦ୍ର ମହଲ ରେସିଡେନ୍ସରେ ଏହି ରେଡ୍ କରାଯାଇଛି। ୟେସ ବ୍ୟାଙ୍କରୁ କର୍ପୋରେଟଗୁଡିକୁ ଋଣ ପ୍ରଦାନରେ କପୁରଙ୍କ ଭୂମିକା ଏବଂ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟକୁ ବୃହତ ପରିମାଣର ଅର୍ଥ ଆସିବା ଭଳି ପ୍ରସଙ୍ଗକୁ ଇଡି ଏବେ ତର୍ଜମା କରିବ ବୋଲି ଜଣାପଡିଛି। ଏହାବାଦ ତାଙ୍କ ଉପରେ ଅନ୍ୟ କେତେକ ଅଭିଯୋଗକୁ ଇଡି ବିଚାର କରୁଛି।

୪୯% ଅଂଶଧନ ଲାଗି ଏସ୍‌ବିଆଇ ଆଗ୍ରହୀ

ୟେସ୍ ବ୍ୟାଙ୍କ ବୋର୍ଡକୁ ରିଜର୍ଭ ବ୍ୟାଙ୍କ ଗୁରୁବାର ଭାଙ୍ଗି ଦେଇଥିବା ବେଳେ ବ୍ୟାଙ୍କର ପୁନର୍ଗଠନ ଲାଗି ଶନିବାର ଏକ ଡ୍ରାଫ୍ଟ ସ୍କିମ୍ ଜାରି କରିଛି। ୟେସ୍ ବ୍ୟାଙ୍କରେ ନିବେଶ ଏବଂ ପୁନର୍ଗଠନ ସ୍କିମରେ ଯୋଗଦେବା ନେଇ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଆଗ୍ରହୀ ଥିବା କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇଛି। ଭେଣ୍ଡର ବ୍ୟାଙ୍କ ପୁନର୍ଗଠନ ହେବାକୁ ଥିବା ବ୍ୟାଙ୍କରେ ୪୯% ପର୍ଯ୍ୟନ୍ତ ଅଂଶଧନ ଲାଗି ନିବେଶ କରିବା ନେଇ ଡ୍ରାଫ୍ଟ ଯୋଜନାରେ କୁହାଯାଇଛି। ୟେସ ବ୍ୟାଙ୍କକୁ ଇକ୍ୱିଟି ପୁଞ୍ଜି ଯୋଗାଣ ପରେ ବ୍ୟାଙ୍କରେ ଧାର୍ଯ୍ୟ ଅଂଶଧନ ହାସଲ କରିପାରିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

୮୯୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

କରୋନା ଭାଇରସ ଏବଂ ୟେସ ବ୍ୟାଙ୍କ ସମସ୍ୟା ଯୋଗୁ ଶୁକ୍ରବାର ସେନସେକ୍ସରେ ୮୯୪ ପଏଣ୍ଟ(୨.୩୨%) ହ୍ରାସ ହେବା ଦେଖାଯାଇଥିଲା। ଏହି ସମୟରେ ସେନସେକ୍ସ ୩୭,୫୭୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୮୦ ପଏଣ୍ଟ(୨.୪୮%) ହ୍ରାସ ଘଟି ୧୦,୯୮୯ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଟାଟା ଷ୍ଟିଲ, ଏସ୍‌ବିଆଇ, ଇଣ୍ଡସଲାଣ୍ଡ ବ୍ୟାଙ୍କ, ଓଏନ୍‌ଜିସି, ଏଚ୍‌ଡିଏଫ୍‌ସି ପ୍ରାୟ ୬.୪% ପ୍ରଭାବିତ ହୋଇଛି। ୩୦ ଷ୍ଟକ ମଧ୍ୟରୁ ପ୍ରାୟ ୨୭ଟିର କାରବାର ପ୍ରଭାବିତ ରହିଛି। ୟେସ୍ ବ୍ୟାଙ୍କ ଶେୟାର ୫୬.୪% ଖସିଯାଇଛି। ଦିନ ମଧ୍ୟରେ ଏହାର ଶେୟାର ୮୫% ହ୍ରାସ ହେବା ଦେଖାଯାଇଥିଲା। ସେହିଭଳି ନିଫ୍ଟିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ମିଡିଆ ଶେୟାର ପ୍ରାୟ ୫.୨୫% ଖସିଛି। ୟେସ ବ୍ୟାଙ୍କ ଭଳି ଘଟଣା ଦେଶର ଫାଇନାନ୍ସିଆଲ ସିଷ୍ଟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାରୁ ଶେୟାର ବଜାର ଉପରେ ଏହାର ପ୍ରଭାବ ଦେଖାଯାଇଥିବା ବଜାର ବିଶେଷଜ୍ଞ କହିଛନ୍ତି। ଏହାବାଦ କରୋନାର ପ୍ରଭାବରେ ସାରା ବିଶ୍ୱର ଶେୟାର ବଜାର ଖସିଥିବା ଜଣାପଡିଛି। ବ୍ୟାଙ୍କିଙ୍ଗ, ଶକ୍ତି ଏବଂ ଧାତୁଶିଳ୍ପର ଶେୟାର କାରବାର କ୍ଷତିଗ୍ରସ୍ତ ହେବା ଯୋଗୁ ସେନ୍‌ସେକ୍ସ ଏହି ସମୟରେ ୧୪୦୦ ପଏଣ୍ଟ ଖସିଛି। ବିଶେଷ କରି ଶୁକ୍ରବାର କାରବାର ଯୋଗୁ ବଜାର ଉପରେ ଗଭୀର ପ୍ରଭାବ ପରିଲକ୍ଷିତ ହୋଇଛି। ଏହି ସମୟରେ ନିବେଶକଙ୍କ ୩.୮୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

ରାହୁଲ ଗାନ୍ଧୀ, ଚିଦାମ୍ବରଙ୍କ ଟୁଇଟ୍

ୟେସ୍ ବ୍ୟାଙ୍କ ଉପରେ ଆସିଥିବା ସଙ୍କଟକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାମର୍ଶ ଦେଇଛନ୍ତି। କରୋନାକୁ ରୋକିବା ଲାଗି ସବୁ ଚେଷ୍ଟା ଲଗାଇବା ଏବଂ ଦେଶର ଅର୍ଥବ୍ୟବସ୍ଥା ସୁଧାରିବାକୁ ସେ ମୋଦିଙ୍କୁ କହିଛନ୍ତି। ମୋଦିଙ୍କ ବିଚାର ଧାରା ଭାରତର ଅର୍ଥ ବ୍ୟବସ୍ଥାକୁ ନଷ୍ଟ କରି ଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ କରିଥିବା ବେଳେ ୟେସ ବ୍ୟାଙ୍କର ଋଣ ସମ୍ପର୍କରେ ସରକାର ଠିକ୍ ତଥ୍ୟ ଦିଅନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଟୁଇଟରେ କହିଛନ୍ତି।

ବଜାଜ୍ ଅଟୋ ଲିମିଟେଡ ଆଣିଲା ବିଏସ୍–୬ ରେଞ୍ଜୀ

ଭୁବନେଶ୍ୱର,୬–୩

ବିଶ୍ୱର ପ୍ରମୁଖ ୩ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ବଜାଜ ଅଟୋ ଲିମିଟେଡ ପକ୍ଷରୁ ବିଏସ୍–୬ ନିୟମ ଅନୁପାଳନକୁ ଧ୍ୟାନରେ ରଖି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ଏହାର ୩ ଚକିଆ ବର୍ଗର ସମ୍ପୂର୍ଣ୍ଣ ରେଞ୍ଜ ପ୍ରଡକ୍ଟକୁ ବିଏସ୍–୬ରେ ରୂପାନ୍ତର କରିଛି। ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଛି। ବିଏସ୍–୬କୁ ରୂପାନ୍ତରିତ ହୋଇଥିବା ସମ୍ପୂର୍ଣ୍ଣ ପ୍ରଡକ୍ଟ ମଧ୍ୟରେ ପାସେଞ୍ଜର ଯାନ, ମାଲବାହୀ ଯାନ ମଡେଲ ରହିଛି। ନୂଆ ମଡେଲଗୁଡିକରେ ଗ୍ରାହକ ଉନ୍ନତ ଅଭିଜ୍ଞତା ଏବଂ ପରଫରମାନ୍ସ ଲାଭ କରିବାକୁ ସକ୍ଷମ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଓଡିଶା ବଜାରରେ ୨୩୬ ସିସି ସିଏନ୍‌ଜି ମଡେଲ ଏବଂ ୪୭୦ ସିସି ଡିଜେଲ ମଡେଲ ଭଲ ପରଫରମାନ୍ସ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ସ୍ୱଳ୍ପ ପରିଚାଳନା ଖର୍ଚ୍ଚ ଗ୍ରାହକ ଲାଭ କରିପାରିବେ। ସିଏନ୍‌ଜି ଏବଂ ଡିଜେଲ ବର୍ଗରେ କମ୍ପାନୀ ରାଜ୍ୟରେ ଏକ ପ୍ରମୁଖ ଅଂଶୀଦାର ହୋଇ ପାରିଛି। ଏହି କ୍ଷେତ୍ରରେ ବଜାର ଅଂଶ ଯଥାକ୍ରମେ ୭୦% ଏବଂ ୫୨% ରହିଛି। ଡିଜେଲ ବର୍ଗରେ କମ୍ପାନୀ ୩ ବର୍ଷ ପୂର୍ବେ ୨୨% ବଜାର ଅଂଶ ହାସଲ କରିଥିଲା ଏହା ଏବେ ୫୨%କୁ ବୃଦ୍ଧି ଘଟିଛି। ନୂଆ ବିଏସ୍–୬ ପ୍ରଡକ୍ଟ 'ଟେକ୍ନୋଲୋଜି ନୟି, ବିଶ୍ୱାସ ଓ୍ୱହିଁ' ବା ନୂଆ ଟେକ୍ନୋଲୋଜି, ସେହି ବିଶ୍ୱାସ ଆଧାରରେ ଏକ ନୂତନ ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍–୪ ତୁଳନାରେ ୨୦% ଏବଂ ସିଏନ୍‌ଜି ବର୍ଗରେ ୧୦% ଅଧିକ ରହିବ।

କମ୍ପାନୀ ଓଡ଼ିଶାରେ ବାର୍ଷିକ ୭୭୦ ୟୁନିଟ ଯାନ ବିକ୍ରି କରୁଛି। ଏହି ବର୍ଗରେ ଓଡିଶାର ବାର୍ଷିକ ବଜାର ୧୫୨୦–୩୦ ଯାନ ୟୁନିଟ ରହିଛି। ଶିଳ୍ପରେ ପରିବର୍ତ୍ତନ ଆସୁଥିବା ଯୋଗୁ ଟ୍ରାଞ୍ଜିଶନ ବେଳେ ଯାନ ବିକ୍ରି କମିବା ନାହିଁ ବୋଲି କମ୍ପାନୀର ଡିଜିଜନାଲ ବିକ୍ରି ଏବଂ ମାର୍କେଟିଂ ପ୍ରବନ୍ଧକ ହରିଶ କୌଶିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏବେ ମଧ୍ୟ ବିଏସ୍–୨ ଏବଂ ୩ର ପ୍ରାୟ ୩୦% ଯାନ ରହିଛି। ଏହି ଯାନ ମାଲିକ ମାନେ ସେମାନଙ୍କ ଗାଡିକୁ ବିଏସ୍–୬ରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି। ଏଣୁ ବିଏସ୍–୬ ମଡେଲ ମୂଲ୍ୟ କିଛି ହାରରେ ବଢିଥିଲେ ମଧ୍ୟ ବିକ୍ରିରେ କୌଣସି ପ୍ରଭାବ ନ ପଡି ପାରେ ବୋଲି ସେ ମତ ଦେଇଛନ୍ତି। ଏହା ଓଡିଶାରେ ୧୫ ଡିଲରଶିପ ସହ ସେବା ଦେଉଛି। ରାଜ୍ୟରେ ୧୬ରୁ ୧୭% ଅଭିବୃଦ୍ଧି ଆଶା ରହିଥିବା ସେ ସ୍ୱଷ୍ଟ କରିଛନ୍ତି।

ରେନୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ନୂଆଦିଲ୍ଲୀ,୬–୩: ରେନୋ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଥିବା ଏହାର ଡିଲରଶିପଗୁଡିକରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଗ୍ରାହକଙ୍କ ସହ ଦୀର୍ଘକାଳୀନ ସମ୍ପର୍କ ଏବଂ ଦୃଢ ବିଶ୍ୱାସ ବଜାୟ ରଖିବା ଲାଗି କମ୍ପାନୀ କାର୍ଯ୍ୟ କରୁଛି। ଏହି ସମୟରେ ରେନୋ ପକ୍ଷରୁ ମହିଳା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ସେବା ଯୋଗାଇ ଦିଆଯାଉଛି। ଏହା ମଧ୍ୟରେ ଫ୍ରି କାର ପିକ୍ ଆଣ୍ଡ ଡ୍ରପ ସୁବିଧା, କାର ଲାଗି ଆବଶ୍ୟକୀୟ ମେଣ୍ଟେନାନ୍ସ ଏବଂ ତାଲିମ ସୁବିଧା ପ୍ରମୁଖ ସାମିଲ ରହିଛି। ମହିଳାଙ୍କୁ ସ୍ୱାଧୀନ ତଥା ଆତ୍ମନିର୍ଭର ଭାବେ ଗଢି ତୋଳିବା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସପ୍ତାହେ ବ୍ୟାପୀ ଚାଲିବାକୁ ଥିବା ଏହି ଦିବସରେ ଗ୍ରାହକଙ୍କୁ ନିଶ୍ଚିତ ଉପହାର, ପାର୍ଟସ ଏବଂ ଆସେସୋରିଜ ଉପରେ ୧୦% ରିହାତି, ଲେବର ଏବଂ ଭାଲ୍ୟୁ ଆଡେଡ ସେବା ଉପରେ ୧୦% ରିହାତି, ରେନୋ ବର୍ଦ୍ଧିତ ୱାରେଣ୍ଟି ଉପରେ ୧୦% ରିହାତି, ମହିଳା ଗ୍ରାହକଙ୍କ ଲାଗି ମାଗଣା ଯାନ ଚେକ୍ ଅପ୍ ସୁବିଧା ରହିଛି ବୋଲି ରେନୋ ପକ୍ଷରୁ କୁହାଯାଇଛି।

PURI MUNICIPALITY

e-Procurement notice

No. 1840 Dtd. 06.03.20

Bid Identification No. P.M-10/2019-20

2020_ORULB_60482

1. Type of Work: Civil Work. 2. Total No. of works: 13 Nos. of Individual Works. 3. Estimate cost: Rs. 2,24,185/- to Rs. 27,56,277/-. 4. Period of completion: 45 days to 60 days. 5. date & time of availability of bid document in the Portal: from 03 PM of 07.03.2020 to 05 PM of 20.03.2020. 6. Last date/ Time for receipt of bid in the portal: Up to 5 PM of 20.03.2020. 7. Date of Opening of Technical bid: 11 AM of dtd. 21.03.2020. 8. Name & address of the Officer inviting Bid: Executive Officer, Puri Municipality, Puri. Further detail can be seen from the e-procurement portal **www.tendersorissa.gov.in**.

Sd./-
Executive Officer,
Puri Municipality, Puri

OFFICE OF THE CDM & PHO CUM DISTRICT MISSION DIRECTOR, KORAPUT

Adv No. 917 / 20 Date: 04.03.2020

WALK IN INTERVIEW

No.E-790:- Walk-in-Interview will be conducted for engagement of Laboratory Technician, Yoga Teacher & ECG Technician- "NIDAN" for DHH/CHCs/PHC (N)- Health and Wellness Centre under Zilla Swasthya Samiti, Koraput. Interested eligible candidates may report to the office of the undersigned with the prescribed application form along with relevant documents on dtd. 11.03.2020. The registration time is 10.30 AM to 12.30 PM. After scheduled time of registration no application will be entertained. The application form and other details can be downloaded from the District official Website i.e. **www.koraput.nic.in**. Further communication to the shortlisted candidate will be made through **koraput.nic.in** / email or Phone only.

Sd./-
CDM & PHO cum
District Mission Director, NHM, Koraput
OIPR- 10077/11/0013/1920

ODISHA STATE CO-OPERATIVE HANDICRAFTS CORPORATION LTD.
Utkalika
Jayadev Vatika Square, Khandagiri, Bhubaneswar-751030, Ph. : 0674-2975390

QUOTATION CALL NOTICE

No.537 Date.06.03.2020

Sealed quotations are invited from registered/reputed firms having GST No. for supply of Odishi Ornament White metal Jewellery set as per our requirement. Interested parties may apply in their letter head to the undersigned on or before **12.03.2020 upto 5.00 PM** with their best competitive price. The quotation received beyond time limit and incomplete in any respect will not be entertained. The authority reserves the right to reject any or all quotations without assigning any reason thereof.

Sd/- Managing Director

DISTRICT PROJECT OFFICE SAMAGRA SHIKSHA
No.67-ନ
ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା
ସର୍ବଶିକ୍ଷା ପରିକଳ୍ପନା, ସର୍ବଶିକ୍ଷା ଅଭିଯାନ
SHIKSHASADAN, KORAPUT-764020
Telephone : (06852) - 252421 (Off)
E-mail : dpckoraputssa.opepa@nic.in

TENDER CALL NOTICE NO: 1939 / CW/2020, Date:04.03.2020

Sealed tender in the prescribed form to be eventually drawn-up in PWD Form P-I (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of ACR Buildings in SCA fund 2018-19.

Sl. No.	Detail of Tender
1.	Construction of 03 Nos. of ACR, 01 No. Library Room & 01 No. Science Lab at Gangarajpur UGHS Pottangi Block, EMD: Rs. 42,830/- & Tender Cost : Rs. 6,000/-
2.	Construction of 03 Nos. of ACR, 01 No. Library Room & 01 No. Science Lab at Chikambo GHS of Dasamanthpur Block, EMD: Rs. 42,830/- & Tender Cost: Rs. 6,000/-
3.	Construction of 02 Nos. of ACR at Upperkuttinga UGHS of Laxmipur Block, EMD: Rs. 16,464/- & Tender Cost: Rs. 6,000/-
4.	1. The Tender Documents will be available in the District Website i.e. (www.koraput.nic.in) from 06.03.2020 to 20.03.2020 up to 5.00 P.M and can be downloaded from the Website. 2. The tenders will be opened at 11.00 A.M on 21.03.2020. 3. Other details can be seen in the District website www.koraput.nic.in.

Sd./- District Project Co-ordinator,
RTE-SS, Koraput
OIPR-27035/11/0011/1920

OFFICE OF THE MUNICIPAL COUNCIL, DEOGARH

Phone No.: 06641-226231,
E-mail: deogarhmunicipality@gmail.com
No. 591 / DMC Dt.: 06.03.2020

"e"-procurement Notice

Bid Identification No.EO/DM/06/2019-20

No.C-557:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. **www.tendersodisha.gov.in**.

1.	Nature of work	:	Civil work
2.	No. of works	:	4 Nos.
3.	Estimated cost	:	As per NIT
4.	Period of completion	:	As per NIT
5.	Date and time of availability of the Documents in the Portal	:	From 10 hours of 07.03.2020 to 17 hours of 20.03.2020.
6.	Last date/ time for receipt of Bids in the portal	:	Dt. 20.03.2020 at 17 hours.
7.	Bids received online shall be opened on	:	Dt. 23.03.2020 at 11 hours
8.	Name and address of the Officer inviting Bid	:	Executive Officer, Deogarh Municipality.

Further, the details can be seen from the procurement Portal **www.tendersodisha.gov.in**.

Sd./- Executive Officer, Deogarh Municipality
OIPR- 13088/11/0004/1920

DISTRICT PROJECT OFFICE SMAGRA SHIKSHA, KEONJHAR
ଶିକ୍ଷା ଅଧିକାର
DI of Schools Campus, Keonjhar 758001
Tel.No: 06766-254103/256420, Fax No.06766-256420,
e-mail : dpckeonjharssa.opepa@nic.in

TENDER CALL NOTICE

No.762 Date: 04.03.2020

Sealed quotations are invited from identity card suppliers for printing and supply of elementary Teachers ID Card.The detailed specification, terms and conditions

ଆଇପିଏଲ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ । କରୋନା ଭାଇରସ ପାଇଁ ଆବଶ୍ୟକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି

ଭାରତ ଏଥର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଜିତିବା ଭାଗ୍ୟ ଆମ ସାଥିରେ ରହିଛି ବୋଲି ମୋର ଦୃଢ ବିଶ୍ୱାସ ।

–ବେଦ କ୍ରିଷ୍ଣମୂର୍ତ୍ତି, ଭାରତୀୟ ସିନିୟର ବ୍ୟାଟ୍ସଓମ୍ୟାନ

ସଚିନ ବନାମ ଲାରା

ଶୁକ୍ରବାର ନେଟ୍ସରେ ବୋଲିଂ ଅବସରରେ ୱେଷ୍ଟଇଣ୍ଡିଜର ଟିନୋ ବେଷ୍ଟ । ଭାରତର ସଚିନ ତେନ୍ଦୁଲକରଙ୍କ ବ୍ୟାଟିଂ ଅଭ୍ୟାସ ।

ମୁମ୍ବାଇ, ୬।୩

ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ 'ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ' ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଭାରତ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟରମାନେ ଏହି ସିରିଜରେ ଖେଳିବେ। ପ୍ରତିଯୋଗିତାରେ ମୋଟ ୧୦ଟି ମ୍ୟାଚ ଖେଳାଯିବ। ୨୨ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ଲିଜେଣ୍ଡଙ୍କ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଆୟୋଜିତ ହେବ। ସଚିନ ତେନ୍ଦୁଲକର ଓ ବ୍ରାଏନ ଲାରା ଉଭୟ ଦଳର ନେତୃତ୍ୱ ନେବେ। ଓଡ଼ିଶା କ୍ରିକେଟ ତାରକା ପ୍ରଜ୍ଞାନ ଓଝା ଇଣ୍ଡିଆ ଲିଜେଣ୍ଡ ଦଳରୁ ପ୍ରତିନିଧିତ୍ୱ କରିବେ। ଏଥିରେ ଭାଗନେବାକୁ ଯାଉଥିବା ଅନ୍ୟ ୩ ଦଳ ହେଲେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ।

ଇଣ୍ଡିଆ ଲିଜେଣ୍ଡ୍ସ: ସଚିନ ତେନ୍ଦୁଲକର (ଅଧିନାୟକ), ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ଜାହିର ଖାଁ, ଇରଫାନ ପଠାନ, ଅଜିତ ଅଗରକର, ସଞ୍ଜୟ ବାଙ୍ଗର, ମୁନାଫ ପଟେଲ, ମହମ୍ମଦ କୈଫ, ପ୍ରଜ୍ଞାନ ଓଝା, ସାଇରାଜ ବାହୁତୁଲେ, ସମୀର ଦିଘେ(ଉଇକେଟ କିପର), ଅଭୟ କୁରୁଭିଲା।

ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ: ବ୍ରାଏନ ଲାରା (ଅଧିନାୟକ), ଶିବନାରିନ ଚନ୍ଦରପଲ, ଆଡାମ ସାନ୍‌ଫୋର୍ଡ, କାର୍ଲ ହୁପର, ଡାନ୍‌ଜା ହ୍ୟାଟ୍, ଡାରେନ ଗଙ୍ଗା, ପେଡ୍ରୋ କଲିନ୍ସ, ରିକାର୍ଡୋ ପାୱେଲ, ରିଡ୍‌ଲେ ଜ୍ୟାକବ୍ସ (ଉଇକେଟ କିପର), ସାମୁଏଲ ବଦ୍ରି, ସୁଲେମାନ ବେନ୍, ଟିନୋ ବେଷ୍ଟ, ଦିନାନାଥ ରାମନାରିନ।

ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ: ବ୍ରେଟ୍ ଲି (ଅଧିନାୟକ), ବ୍ରାଡ୍ ହଜ୍, ମାଇକେଲ କ୍ଲିଗନର, ବ୍ରେଟ୍ ଗିଭ୍ସ, କ୍ଲିଣ୍ଟ ମ୍ୟାକକୟ, ଜାସନ କ୍ରିଜା, ମାର୍କ କସଗ୍ରୋଭ, ବ୍ରାଡ୍ ହାଡିନ (ଉଇକେଟ କିପର), ନାଥାନ ରିର୍ଡନ, ଶେନ ଲି, ଟ୍ରାଭିସ ବିର୍ଟ, ଜାଭିଏର ଡୋହର୍ଟି, ବେନ୍ ଲଘଲିନ, ପ୍ୟାଟ୍ରିକ ରିଚାର୍ଡ୍ସ।

ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଆଜିଠାରୁ

ଶ୍ରୀଲଙ୍କା ଲିଜେଣ୍ଡ୍ସ: ତିଲକରତ୍ନେ ଦିଲସାନ(ଅଧିନାୟକ), ଚାମରା କପୁଗେଡେରା, ଚାମିଣ୍ଡା ଭାସ, ପରଭେଜ ମାହାରୁଫ, ମାର୍ବଣ ଆଟାପାଟ୍ଟୁ, ମୁଥୟା ମୁରଲୀଧରନ, ରଙ୍ଗନା ହେରାଥ, ରମେଶ କାଲୁୱିଥରଣା (ଉଇକେଟ କିପର), ସଚିତ୍ର ସେନାନାୟକେ, ଅଜନ୍ତା ମେଣ୍ଡିସ, ଥିଲନ ତୁଷାରା, ମିଲିନ୍ଦା ୱାର୍ନାପୁରା, ଉପୁଲ ଚନ୍ଦନା।

ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ: ଜଣ୍ଟି ରୋଡ୍ସ(ଅଧିନାୟକ), ଆଣ୍ଡ୍ରୁ ହଲ୍, ଗାର୍ନେଟ କ୍ରୁଗର, ଜ୍ୟାକ୍ସ ରୁଡଲଫ, ଆଲ୍‌ବି ମୋର୍କେଲ, ଜୋହାନ ଭାନ ହର ୱାଥ, ଲାନ୍ସ କ୍ଲୁଜନର, ମାର୍ଟିନ ଭାନ ଜାର୍ସଭେଲ୍ଡ, ମୋର୍ନେ ଭାନ ୱିକ୍(ଉଇକେଟ କିପର), ପଲ୍ ହାରିସ, ରିୟାନ ମ୍ୟାକଲାରେନ, ରୋଜର ଟେଲିମାଚୁସ, ହର୍ଶେଲ ଗିବ୍ସ।

କାର୍ଯ୍ୟସୂଚୀ

- ମାର୍ଚ୍ଚ ୭: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୮: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୧୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୧: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୩: ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୪: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୬: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୭: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୯: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୨୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୨୨: ଫାଇନାଲ, ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ

(ମ୍ୟାଚ ଆରମ୍ଭ: ରାତି ୭ଟା, ପ୍ରସାରଣ: କଲର୍ସ ସିନେପ୍ଲେକ୍ସ)

ରଣଜୀ ଫାଇନାଲ ଖେଳିପାରିବେନି ଜାଡେଜା

କୋଲକାତା,୬।୩

ଆସନ୍ତା ୯ ତାରିଖରେ ସୌରାଷ୍ଟ୍ର ଓ ବେଙ୍ଗଲ ମଧ୍ୟରେ ଚଳିତ ରଣଜୀ ସିଜନର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ତା'ର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଫାଇନାଲରେ ଖେଳାଇବା ପାଇଁ ବିସିସିଆଇର ଅନୁମତି ମାଗିଥିଲା। କିନ୍ତୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୋର୍ଡ ଜାଡେଜାଙ୍କୁ ରଣଜୀ ଫାଇନାଲରେ ଖେଳିବାକୁ ଅନୁମତି ଦେଇପାରିବ ନାହିଁ। କାରଣ ଦେଶ ପ୍ରଥମେ ବୋଲି ଗାଙ୍ଗୁଲି କହିଛନ୍ତି। ଦେଶରେ ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନ କରିବାକୁ ଏସ୍‌ସିଏ ସଭାପତି ଜୟଦେବ ଶାହା ପ୍ରସ୍ତାବ ଦେଇଛନ୍ତି। ଯଦି ବିସିସିଆଇ ଚାହୁଁଛି ରଣଜୀ ଫାଇନାଲ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ମ୍ୟାଚ୍‌ର ସିଧାପ୍ରସାରଣ ଅଧିକ ପ୍ରଶଂସକ ଦେଖନ୍ତୁ, ତେବେ ସେହି ସମୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯିବା ଉଚିତ ନୁହେଁ। ଯଦି ରଣଜୀ ଫାଇନାଲ ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯାଇପାରିବ, ତେବେ ଆଇପିଏଲ ସମୟରେ କାହିଁକି ହେବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଇପିଏଲରୁ ବିପୁଳ ଟଙ୍କା ମିଳିଥିବାରୁ ବିସିସିଆଇ ଏଭଳି କରୁନାହିଁ। ରଣଜୀ ଫାଇନାଲକୁ ଲୋକପ୍ରିୟ କରାଇବାକୁ ହେଲେ ଷ୍ଟାର ଖେଳାଳିମାନେ ଖେଳିବା ଦରକାର ବୋଲି ଶାହା କହିଛନ୍ତି। ସୌରାଷ୍ଟ୍ର ଗତ ୮ ବର୍ଷ ମଧ୍ୟରେ ୪ଥ ଥର ପାଇଁ ରଣଜୀ ଫାଇନାଲ ଖେଳିବ। ଏହି ମ୍ୟାଚ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଖେଳିବେ। ତାଙ୍କ ସାଥୀ ରିଦ୍ଧିମାନ ଶାହା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ସଂକ୍ଷେପରେ

ପାଣ୍ଡ୍ୟାଙ୍କ ଆଉ ଏକ ବିସ୍ଫୋରକ ଶତକ

ନଭି ମୁମ୍ବାଇ, ୬।୩ (ପି.ଟି.)

ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ବୋଲି ପୁଣି ପ୍ରମାଣିତ କରିଛନ୍ତି। ଏଠାରେ ଚାଲିଥିବା ଡି.ୱାଇ. ପାଟିଲ ଟି୨୦ କପ୍‌ରେ ଶୁକ୍ରବାର ଖେଳାଯାଇଥିବା ବିପିସିଏଲ୍ ବିପକ୍ଷ ଏକ ସେମିଫାଇନାଲରେ ସେ ୫୫ ବଲ୍‌ରେ ୧୫୮ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ପିଠିରେ ଅସ୍ତ୍ରୋପଚାର ପରେ ପାଣ୍ଡ୍ୟା ଏହି ଟୁର୍ନାମେଣ୍ଟରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିଲାଏନ୍ସ ୱାନ ତରଫରୁ ଖେଳୁଥିବା ପାଣ୍ଡ୍ୟା ତାଙ୍କ ଶତକୀୟ ଇନିଂସରେ ୨୦ ଛକା ଏବଂ ୬ ଚୌକା ଲଗାଇଥିଲେ, ଯାହାଫଳରେ ତାଙ୍କ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୩୮/୪ ସ୍କୋର କରିଥିଲା। ଏହା ପୂର୍ବରୁ ଗତ ମଙ୍ଗଳବାର ଘାନ୍‌ସୋଲିଠାରେ ଆରସିପି ବିପକ୍ଷ ଲିଗ୍ ମ୍ୟାଚରେ ସେ ୩୯ ବଲ୍‌ରେ ୧୦୫ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଶୁକ୍ରବାର ମ୍ୟାଚରେ ବିପିସିଏଲ୍‌ର କୌଣସି ବୋଲର ଜବରଦସ୍ତ ଫର୍ମରେ ଥିବା ପାଣ୍ଡ୍ୟାଙ୍କ ଉପରେ ପ୍ରଭାବ ଜାହିର କରିପାରି ନ ଥିଲେ। ଯାହା ଜଣାପଡୁଛି ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଭାରତୀୟ ଦିନିକିଆ ଦଳକୁ ଫେରିବା ଲାଗି ପାଣ୍ଡ୍ୟାଙ୍କ ପାଇଁ ପଥ ପରିଷ୍କାର। ଅନ୍ୟପକ୍ଷରେ ଇଞ୍ଜୁରିରୁ ସୁସ୍ଥ ହୋଇ ଫେରିଥିବା ଭାରତୀୟ ଓପନର ଶିଖର ଧାୱନ ରିଲାଏନ୍ସ ୱାନ୍ ଦଳ ପାଇଁ ମାତ୍ର ୩ ରନ କରିପାରିଛନ୍ତି। ଜବାବରେ ବିପିସିଏଲ୍ ୧୩୪ ରନରେ ଅଲଆଉଟ ହୋଇଯାଇଥିଲା। ରିଲାଏନ୍ସ ୱାନ୍ ୧୦୪ରନରେ ବିଜୟ ଲାଭ କରିଥିଲା।

ମୋହନବାଗାନର ଆଇ-ଲିଗ୍ ରେକର୍ଡ

ନୂଆଦିଲ୍ଲୀ, ୬।୩ (ପି.ଟି.)-ଚଳିତ ଆଇ-ଲିଗ୍ ସିଜନରେ ମୋହନବାଗାନ ନିଜ ରେକର୍ଡକୁ ଭଙ୍ଗ କରିଛି। କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହି ଏହି ସଫଳତା ହାସଲ କରିଛି। ପୂର୍ବରୁ ଏହି ଦଳ ୨୦୦୮-୦୯ ସିଜନରେ କରିମ୍ ବେଞ୍ଜେରିଫାଙ୍କ ଅଧୀନରେ ଏବଂ ପରେ ୨୦୧୪-୧୫ ସିଜନରେ ସଞ୍ଜୟ ସେନ୍‌ଙ୍କ ଅଧୀନରେ ଦୁଇଥର କ୍ରମାଗତ ୧୨ଥର ଅପରାଜେୟ ରହି ଟୁର୍ନାମେଣ୍ଟରେ ରେକର୍ଡର ଅଧିକାରୀ ହୋଇଥିଲା। ମୋହନବାଗାନ ଏଥର ଆଇଜଲ ଏଫ୍‌ସି ବିପକ୍ଷ ମ୍ୟାଚ ଡ୍ର' ସହ ଏହାର ଅଭିଯାନ ଆରମ୍ଭ କରିଥିଲା। ପରେ ହୋମ୍ ଗ୍ରାଉଣ୍ଡରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ ୨-୪ ଗୋଲ୍‌ରେ ହାରିଯାଇଥିଲା। କିନ୍ତୁ ଏହାର ୩ ଦିନ ପରେ ନିଜ ଗ୍ରାଉଣ୍ଡରେ ଟିଆର୍‌ୟୁ ଏଫ୍‌ସି ବିପକ୍ଷରେ ୪-୦ ଗୋଲରେ ବିଜୟ ସହ ଦଳ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରଠାରୁ ଦଳ କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହିଥିଲା। ଏହି ଦଳ ଚଳିତ ସିଜନରେ ନିଜର ଆଉ ଏକ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଥିଲା। ମାତ୍ର ସଫଳ ହୋଇ ପାରିନ ଥିଲା। କୋଲକାତାର ଏହି ଶକ୍ତିଶାଳୀ ଦଳ ମଙ୍ଗଳବାର କଲିଙ୍ଗ ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ସହିତ ମୁକାବିଲା କରିବ।

ତୃତୀୟ ଦିନିକିଆ: ବାଂଲାଦେଶର ବୃହତ୍ ବିଜୟ

ସିଲିହେଟ, ୬।୩- ବର୍ଷା ବାଧାପ୍ରାପ୍ତ ଜିମ୍ବାୱେ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଡକ୍‌ୱର୍ଥ/ ଲୁଇସ୍ ନିୟମରେ ୧୨୩ ରନରେ ବିଜୟୀ ହୋଇଛି। ଟସ୍ ହାରି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪୩ ଓଭରରେ ୩ ଉଇକେଟ ହରାଇ ୩୨୨ ରନ ସଂଗ୍ରହ କରିଥିଲା। ପୁଣି ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା କାରଣରୁ ଜିମ୍ବାୱେ ସମ୍ମୁଖରେ ସମାନ ୪୩ ଓଭରରେ ୩୪୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଜିମ୍ବାୱେ ୩୭.୩ ଓଭରରେ ୨୧୮ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା।

ସଂକ୍ଷିପ୍ତ ସ୍କୋର: ବାଂଲାଦେଶ ୪୩ ଓଭରରେ ୩୨୨/୩ (ଲିଟନ ଦାସ- ୧୭୬, ତାମିମ ଇକ୍‌ବାଲ- ୧୨୮*, କାର୍ଲା ମୁମ୍ବା- ୩/୬୯)। ଜିମ୍ବାୱେ ୩୭.୩ ଓଭରରେ ୨୧୮ ଅଲଆଉଟ (ସିକନ୍ଦର ରାଜା- ୬୧, ୱେସଲି ମାଡହେଭେର- ୪୨, ସିନ ୱିଲିୟମ୍ସ- ୩୦, ରେଗିସ ଚକଭା- ୩୪, ବ୍ରେଣ୍ଡନ ଟେଲର- ୧୪, ଡୋନାଲ୍ଡ ତରିପାନୋ-୧୫, ମହମ୍ମ ସେଫୁଦ୍ଦିନ- ୪/ ୪୧, ତାଇଜୁଲ ଇସ୍‌ଲାମ- ୨/ ୩୮)।

ବିଦେଶୀ ଖେଳାଳିଙ୍କ ସଂଖ୍ୟା ନେଇ ଷ୍ଟିମାକଙ୍କ ଅସନ୍ତୋଷ

ଆଇଏସ୍‌ଏଲ୍

ମୁମ୍ବାଇ,୬।୩(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବିଦେଶୀ ଖେଳାଳିଙ୍କ ସଂଖ୍ୟ ନେଇ ଭାରତୀୟ ଜାତୀୟ ଦଳର ହେଡ୍ କୋଚ୍ ଆଇଗର ଷ୍ଟିମାକ ଅସନ୍ତୋଷ ଜାହିର କରିଛନ୍ତି। ଲିଗ୍‌ରେ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ସେ ଆପତ୍ତି ଉଠାଇଛନ୍ତି। ଏହା ଦ୍ୱାରା ଦେଶରେ ବଡ଼ ଖେଳାଳି ସୃଷ୍ଟି ହୋଇପାରିବେ ନାହିଁ। ଅଧିକ ସଂଖ୍ୟାରେ ବିଦେଶୀ ଖେଳାଳି ଖେଳିଲେ ଦେଶରେ ଆଉ ଜଣେ ସୁନୀଲ ଛେତ୍ରୀ ସୃଷ୍ଟି କରିବାରେ ଅନ୍ତରାୟ ସୃଷ୍ଟି କରିବ।

ଆଇଏସ୍‌ଏଲ୍ ଓ ଆଇ- ଲିଗ୍ ଦେଶର ଦୁଇ ପ୍ରମୁଖ ଫାଷ୍ଟ ଓ ସେକେଣ୍ଡ ଟାୟର ଲିଗ୍। ଏହି ଦୁଇ ଲିଗ୍ ଏସିଆନ୍ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ନୀତି ଅନୁସରଣ କରିବା ଉଚିତ୍। ଏହି ନୀତି ଅନୁସାରେ ଲିଗ୍‌ର ପ୍ରତି ମ୍ୟାଚ୍‌ରେ ୫ ବଦଳରେ ୪ ଜଣ ଖେଳାଳି ସାମିଲ ହେବା ଉଚିତ୍। ଏଏଫସି ନିୟମ ୩+୧ ନୀତି ଅନୁସରଣ କରାଯିବା ଉଚିତ୍। ବିଦେଶୀ ଖେଳାଳିଙ୍କ ପାଇଁ ଏହା ହେଉଛି ମୌଳିକ ନିୟମ। ଏସିଆର ଅଧିକାଂଶ ଦେଶ ଏହି ନିୟମ ପାଳନ କରୁଛନ୍ତି ଓ ଏଥିପାଇଁ ଏହି ଦେଶଗୁଡିକ ବେଶ୍ ସଫଳତା ହାସଲ କରିଛନ୍ତି ବୋଲି ଷ୍ଟିମାକ କହିଛନ୍ତି। ଏହା ଦ୍ୱାରା ଏହି ଦେଶଗୁଡିକରେ ଷ୍ଟ୍ରାଇକର, ଅଫେନ୍ସିଭ ମିଡ୍‌ଫିଲ୍ଡର ଓ ସେଣ୍ଟର ବ୍ୟାକ୍ ପାଇଁ ବହୁତ ବିକଳ୍ପ ସୃଷ୍ଟି ହୋଇପାରିଛି।

ଏବେ ମ୍ୟାଚ୍‌ରେ ଆଇଏସ୍‌ଏଲ୍ ଓ ଆଇ- ଲିଗ୍ ଦଳଗୁଡିକ ୫ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଉଛନ୍ତି। ଅନ୍ୟପଟେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କମ୍ପିଟିଶନ ନିୟମ ଅନୁସାରେ ପ୍ରତ୍ୟେକ ଦଳ ୪ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରିପାରିବ। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ଏଏଫ୍‌ସି ମେମ୍ବରର ଆସୋସିଏଶନର ନାଗରିକ ହେବା ନିହାତି ଜରୁରି। ଏବେ ସୁନୀଲ ଛେତ୍ରୀଙ୍କ ବିକଳ୍ପ ସୃଷ୍ଟି ହେବା କଷ୍ଟକର ହୋଇପଡିଛି ବୋଲି ଷ୍ଟିମାକ କହିଛନ୍ତି। ଏବେ ଯେତେବେଳେ ଷ୍ଟ୍ରାଇକର ଖୋଜିବାକୁ ଯାଉଛି ମୋତେ ୫ଜଣ ବିଦେଶୀ ଖେଳାଳି ନଜର ଆସୁଛନ୍ତି। ଆଇ- ଲିଗ୍‌ରେ ଭାରତୀୟ ଷ୍ଟ୍ରାଇକର ନାହାନ୍ତି। କେବଳ ଇଣ୍ଡିଆନ ଆରୋଜ ନିକଟରେ ଜଣେ ଭାରତୀୟ ବିକ୍ରମ ପ୍ରତାପ ସିଂ ରହିଛନ୍ତି। ଏବେ ଆଇଏସ୍‌ଏଲ୍ ଓ ଆଇ- ଲିଗ୍‌କୁ ମିଶାଇଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ଜାତୀୟ ଦଳ ସଫଳତା ପାଇଲେ ଭାରତୀୟ ଫୁଟବଲ୍‌ର ବିକାଶ ହୋଇପାରିବ। ୨୦୨୬ ଫିଫା ବିଶ୍ୱକପ୍‌ରେ ୪୮ଟି ଦେଶ ସାମିଲ ହେବେ। ଫଳରେ ଏହି ବିଶ୍ୱକପ୍‌ରେ ୩-୪-୫ଟି ଏସୀୟ ଦେଶ ଅଂଶଗ୍ରହଣ କରିବେ। ଏସିଆର ଶ୍ରେଷ୍ଠ ୮ଟି ଦେଶ ସାମିଲ ହେବା ନେଇ ପ୍ରସ୍ତୁତି ପାଇଁ ଆମ ପାଖରେ ୪ବର୍ଷ ହାତରେ ରହିଛି। କରୋନା ଭାଇରସ୍ ପାଇଁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଜାତୀୟ କ୍ୟାମ୍ପ ବାତିଲ ହେବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ଷ୍ଟିମାକ କହିଛନ୍ତି। ଆସନ୍ତା ୨୬ ତାରିଖରେ କାତାର ବିପକ୍ଷରେ ଭାରତ ବିଶ୍ୱକପ୍ କ୍ୱାଲିଫାୟର ଖେଳିବ।

ଇତିମଧ୍ୟରେ କରୋନାଭାଇରସ ସଂକ୍ରମଣ ପାଇଁ ଫିଫା ୨୦୨୨ ବିଶ୍ୱକପ୍ ଓ ୨୦୨୩ ଏସିଆନ କପ୍ କ୍ୱାଲିଫାୟର୍ସ ଓ କାତାର ବିପକ୍ଷ ଘରୋଇ ମ୍ୟାଚ୍‌କୁ ଘୁଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଛି। ତେବେ ପରିସ୍ଥିତି ଯାହା ହେଉନା କାହିଁକି, ଆମକୁ ପ୍ରସ୍ତୁତି ଜାରି ରଖିବାକୁ ହେବ ବୋଲି ଷ୍ଟିମାକ ସ୍ପଷ୍ଟ କରିଛନ୍ତି।

ଓଡ଼ିଶା ଏଫ୍‌ସି ସହ ଡାନିଏଲଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) କ୍ଲବ ଓଡ଼ିଶା ଏଫସି ସେଣ୍ଟର ଫରୱାର୍ଡ ଡାନିଏଲ ଲାଲହିଲିମପୁଇଆଙ୍କ ଚୁକ୍ତି ମିଆଦ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଶୁକ୍ରବାର ମିଜୋରାମ ଷ୍ଟ୍ରାଇକରଙ୍କ ସହ ଏ ସମ୍ପର୍କିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିବା ଓଡ଼ିଶା ଏଫସି ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ଚେନ୍ନାଇନ୍ ଏଫସି ଓ ବେଙ୍ଗାଲୁରୁ ଏଫସି ପକ୍ଷରୁ ଆଇଏସଏଲ

କରୋନା ପାଇଁ ଭାରତୀୟ କ୍ରୀଡ଼ା ପ୍ରଭାବିତ

- ଶୁଟିଂ ବିଶ୍ୱକପ୍ ଘୁଞ୍ଚିଲା
- ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ବାତିଲ
- ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କଲା ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ)

ନୂଆଦିଲ୍ଲୀ,୬।୩(ପି.ଟି.)

ବିଶ୍ୱବ୍ୟାପୀ କରୋନାଭାଇରସ୍‌ର ଆତଙ୍କ ଦେଖା ଦେଇଛି। ଏହା ମଧ୍ୟ ଭାରତୀୟ କ୍ରୀଡ଼ାକୁ ପ୍ରଭାବିତ କରିଛି। ପ୍ରଥମ ମେଜର ଇଭେଣ୍ଟ ଭାବେ ଶୁଟିଂ ବିଶ୍ୱକପକୁ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳରେ ଦେଶରେ ତାରକା ଆଥଲେଟ୍‌ଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ନୂଆଦିଲ୍ଲୀରେ ଶୁଟିଂ ବିଶ୍ୱକପ୍ ମାର୍ଚ୍ଚ ୧୫ରୁ ୨୫ ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା ଏବେ ଘୁଞ୍ଚିଛି। ଅନ୍ୟପଟେ ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଏପ୍ରିଲ ୧୬ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାକୁ ମଧ୍ୟ ବାତିଲ କରାଯାଇଛି। ଭାରତରେ କରୋନାଭାଇରସ ରୋଗୀଙ୍କ ସଂଖ୍ୟା ଏବେ ୩୧କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ୧୬ଜଣ ଇଟାଲୀ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୩,୩୩୦ଜଣ ଲୋକ ଏଥିରେ ମୃତ୍ୟୁବରଣ କରିଛନ୍ତି। ୮୫ଟି ଦେଶରେ ପାଖାପାଖି ଏକ ଲକ୍ଷ ଲୋକ କରୋନାଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

ତେବେ ଏହା ସତ୍ତ୍ୱେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବ ନିର୍ଦ୍ଧାରିତ ତାରିଖରେ ଆୟୋଜନ ହେବ। ମୁମ୍ବାଇରେ ମାର୍ଚ୍ଚ ୨୯ ତାରିଖରୁ ଏହା ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ପୂର୍ବରୁ ଏବେ ଶୁଟିଂ ବିଶ୍ୱକପ୍ ଦୁଇଟି ସ୍ଥାନରେ ଆୟୋଜନ ହେବ। ରାଇଫଲ ଓ ପିସ୍ତଲ ପ୍ରତିଯୋଗିତା ମେ ୫ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ଶଟ୍‌ଗନ ପ୍ରତିଯୋଗିତା ଜୁନ୍ ୨ରୁ ୯ ତାରିଖ ମଧ୍ୟରେ ଖେଳାଯିବ ବୋଲି ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ କହିଛି। ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ)କୁ ଜାତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ପ୍ରସ୍ତାବ ଦେବା ପରେ ଶୁଟିଂ ବିଶ୍ୱକପ୍‌କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଚାଇନା, ଇଟାଲୀ, ଦକ୍ଷିଣ କୋରିଆ, ଜାପାନ ଓ ଇରାନରୁ ଯାତ୍ରୀଙ୍କୁ ଭାରତ ଆସିବାରେ ବାରଣ କରାଯାଇଛି। ଫଳରେ ମୋଟ ଉପରେ ୨୨ଟି ଦେଶ ଏହି ଓଭେଣ୍ଟରୁ ଓହରିଯାଇଛନ୍ତି ବୋଲି ଏନ୍‌ଆରଏଆଇ ତରଫରୁ କୁହାଯାଇଛି।

ତେବେ ଆଇପିଏଲ୍ ଆୟୋଜନ ପାଇଁ କୌଣସି ସମସ୍ୟା ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି।

କରୋନାଭାଇରସ ପାଇଁ ଆମେ ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ବିଶ୍ୱର ସବୁଠି ଟୁର୍ନାମେଣ୍ଟ ଚାଲୁ ରହିଛି। ଏବେ ଶ୍ରୀଲଙ୍କାରେ ଇଂଲଣ୍ଡ ସିରିଜ ଖେଳୁଛି। ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତ ଆସିଛି। କାଉଣ୍ଟି ଦଳଗୁଡିକ ମଧ୍ୟ ଅବୁଧାବି, ୟୁଏଇ ଯାତ୍ରା କରିଛନ୍ତି। ତେଣୁ ଆଇପିଏଲ୍ ଆୟୋଜନ ନେଇ କୌଣସି ସମସ୍ୟା ନାହିଁ। ମେଡିକାଲ ଟିମ୍ ମଧ୍ୟ ଏଥିପାଇଁ ପ୍ରସ୍ତୁତ କରାଯିବ।

କରୋନାଭାଇରସ ପାଇଁ ବିଶ୍ୱରେ ବିଭିନ୍ନ ବଡ଼ ଇଭେଣ୍ଟ ବାତିଲ ହୋଇସାରିଛି। ସାଇ ମଧ୍ୟ ସାରା ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କରିଛି। ଜାପାନରେ ଖେଳାଯିବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଘୁଞ୍ଚାଯାଇଛି କିମ୍ବା ବାତିଲ କରାଯାଇଛି। ଏପରିକି ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାକୁ ଥିବା ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ଆୟୋଜନ ନେଇ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି। ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସ୍ପଷ୍ଟ କରିଛି।

ଆଶଙ୍କାରେ ଦୂତୀ

ଦେଶର ତାରକା କ୍ରୀଡ଼ାବିତ୍‌ମାନେ ମଧ୍ୟ ଏନେଇ ଆଶଙ୍କା ପ୍ରକାଶ କରିଛନ୍ତି। ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ରେସଲର ବଜରଙ୍ଗ ପୁନିଆ, ଦେଶର ଦ୍ରୁତତମ ମହିଳା ଧାବିକା ଦୂତୀ ଚାନ୍ଦ ଚିନ୍ତା ପ୍ରକଟ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବାରୁ ଦୂତୀ ଆଶଙ୍କାରେ ଅଛନ୍ତି। କରୋନାଭାଇରସ୍ କାରଣରୁ ବିଶ୍ୱରେ ବିଭିନ୍ନ ଟୁର୍ନାମେଣ୍ଟ ଆୟୋଜନ ହୋଇପାରୁ ନାହିଁ। ବିଦେଶରେ ମୋର ୩ଟି ଇଭେଣ୍ଟ ବାତିଲ ହୋଇ ସାରିଛି। ଟିକେଟ ବୁକ୍ କରିସାରିଥିଲେ ମଧ୍ୟ ଭିଜା ପାଇନାହିଁ। ଯଦି ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସେ ତାହେଲେ ବିଶ୍ୱର ସବୁ ଆଥଲେଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଯଦି ୨୬ କିମ୍ବା ୨୭ଟି ଦେଶ ଓହରିଯାଆନ୍ତି ତା'ହେଲେ ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହୋଇପାରିବ ନାହିଁ ବୋଲି ଦୂତୀ କହିଛନ୍ତି।

ମହିଳା ଟି୨୦ ବିଶ୍ୱକପ୍: ପତ୍ନୀଙ୍କ ଲାଗି ଆଗୁଆ ସ୍ୱଦେଶ ଫେରିଲେ ଷ୍ଟାର୍କ

ମେଲବୋର୍ନ,୬।୩

ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ପୋଚେଫ୍‌ଷ୍ଟ୍ରୁମ ଦିନିକିଆରେ ଖେଳିବେ ନାହିଁ ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କ। ସେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଦେଖିବା ଲାଗି ସ୍ୱଦେଶ ଗସ୍ତ କରିବେ। ଅଷ୍ଟ୍ରେଲିଆ ଦଳରେ ତାଙ୍କ ସ୍ତ୍ରୀ ଆଲିସା ହିଲି ପ୍ରତିନିଧିତ୍ୱ କରୁଛନ୍ତି। ଷ୍ଟାର୍କ ଶୁକ୍ରବାର ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିବେ। ଏହା ଦ୍ୱାରା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଷ୍ଟାର୍କଙ୍କୁ ଫ୍ରେଶ ହେବା ଲାଗି ସମୟ ମିଳିବ ବୋଲି ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ସ୍ତ୍ରୀ ଆଲିସାଙ୍କୁ ଅଷ୍ଟ୍ରେଲିଆରେ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଦେଖିବାର ଷ୍ଟାର୍କଙ୍କୁ ଜୀବନରେ ଥରେ ସୁଯୋଗ ମିଳିଛି। ଏହି ଅବସରରେ ସ୍ତ୍ରୀଙ୍କୁ ସମର୍ଥନ କରିବା ଲାଗି ଆମେ ତାଙ୍କୁ ସ୍ୱଦେଶ ଫେରିବାକୁ ଅନୁମତି ଦେଇଛୁ। ଏ ସମ୍ପର୍କରେ ଆମେ ବହୁ ଆଗରୁ କଥା ହୋଇଥିଲୁ। ୩ ଫର୍ମାଟରେ ଖେଳୁଥିବା ଷ୍ଟାର୍କଙ୍କୁ ମଧ୍ୟ ବ୍ରେକ ଦରକାର ଥିଲା ବୋଲି କୋଚ୍ ଲାଙ୍ଗର କହିଛନ୍ତି। ଆମ ନିକଟରେ ବିକଳ୍ପ ଦ୍ରୁତ ବୋଲରଙ୍କ ଅଭାବ ନାହିଁ । ଜୋଶ ହାଜେଲଉଡ, ଝେ ରିଚାର୍ଡସନ ଓ କେନ ରିଚାର୍ଡସନ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକଆ ମ୍ୟାଚ୍ ଖେଳି ନ ଥିଲେ। ଷ୍ଟାର୍କଙ୍କ ଅନୁପସ୍ଥିତିରେ ଏମାନଙ୍କ ମଧ୍ୟରୁ ଜଣେ କେହି ଖେଳିବାକୁ ସୁଯୋଗ ପାଇବେ ବୋଲି ସେ ପ୍ରକାଶ କରିଛନ୍ତି। ଉଭୟ ମ୍ୟାଚ୍ ଖେଳିଥିବା ଷ୍ଟାର୍କ ମାତ୍ର ୩ ଉଇକେଟ ନେଇପାରିଥିଲେ। ଅନ୍ୟପକ୍ଷରେ ହେଲି ବିଶ୍ୱକପ୍‌ରେ ଫର୍ମକୁ ଫେରିଛନ୍ତି। ସେ ଭାରତ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୫୧ ଓ ବାଂଲାଦେଶ ବିପକ୍ଷରେ ୮୧ ରନ୍ କରିଥିଲେ। ଭାରତ ବିପକ୍ଷ ଫାଇନାଲରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ ବୋଲି ଆଶା କରାଯାଉଛି।

ମିଚେଲ ଷ୍ଟାର୍କ ପତ୍ନୀ ଆଲିସା ହିଲିଙ୍କ ସହ।

ଆନନ୍ଦ, ହମ୍ପି ଭାରତର ନେତୃତ୍ୱ ନେବେ

ଚେନ୍ନାଇ, ୬।୩(ପି.ଟି.)

ପାଞ୍ଚଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଏବଂ ବିଶ୍ୱର ୨ ନମ୍ବର ମହିଳା ଖେଳାଳି କୋନେରୁ ହମ୍ପି ଆଗାମୀ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ୪୪ତମ ଚେସ୍ ଅଲିମ୍ପିଆଡ୍ ଆସନ୍ତା ଅଗଷ୍ଟ ୫ରୁ ୧୮ ପର୍ଯ୍ୟନ୍ତ ମସ୍କୋରେ ଅନୁଷ୍ଠିତ ହେବ। ଅଲିମ୍ପିଆଡ୍‌ରେ ପାଖାପାଖି ୧୮୦ ଦେଶର ପ୍ରତିଯୋଗୀ ଭାଗନେବେ ବୋଲି ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ(ଏଆଇସିଏଫ) ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ୫୦ ବର୍ଷୀୟ ଆନନ୍ଦଙ୍କ ବ୍ୟତୀତ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ଓ ଭିଦିତ ଗୁଜରାଟୀ ଭାରତୀୟ ଦଳରେ ସାମିଲ ହେବା ଏକପ୍ରକାର ନିଶ୍ଚିତ। ଏହା ବ୍ୟତୀତ ବି. ଅଧିବନ, କେ. ଶଶିକିରଣ, ସେ.ପି. ସେଥୁରମଣ, ସୂର୍ଯ୍ୟଶେଖର ଗାଙ୍ଗୁଲି, ଅରବିନ୍ଦ ଚିଦାମ୍ବରମ ମଧ୍ୟ ଏହି ରେସ୍‌ରେ ରହିଛନ୍ତି। ସେହିପରି ର୍ୟାଙ୍କିଙ୍ଗ ଦୃଷ୍ଟିରୁ ମହିଳା ଦଳରେ ହମ୍ପି ଓ ଦ୍ରୋଣାଭାଲି ହାରିକା ସ୍ଥାନ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ତାନିଆ ସଚଦେବା, ଭକ୍ତି କୁଲକର୍ଣୀ ଓ ଆର. ବୈଶାଳୀଙ୍କ ମଧ୍ୟରେ ଅନ୍ୟ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ନିକଟ ଭବିଷ୍ୟତରେ ଖେଳାଳିଙ୍କ ଫର୍ମକୁ ଦେଖି ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏଆଇସିଏଫ ପକ୍ଷରୁ ପ୍ରକାଶ କରାଯାଇଛି।

ବିଶ୍ୱନାଥନ ଆନନ୍ଦ

କୋନେରୁ ହମ୍ପି

ଚେସ୍ ଅଲିମ୍ପିଆଡ

ନିୟମ ଅନୁସାରେ, ମେ ୧ ମଧ୍ୟରେ ଭାରତକୁ ବୃତ୍ତାନ୍ତ ଦଳ ତାଲିକା ପ୍ରକାଶ କରିବାକୁ ପଡ଼ିବ। ପୂର୍ବତନ ବିଶ୍ୱ ଚାମ୍ପିୟନ ରୁଷିଆର ଭ୍ଲାଡିମିର କ୍ରାମନିକଙ୍କୁ ପୁରୁଷ ଦଳର ଟ୍ରେନର ଭାବେ ନିଯୁକ୍ତ କରିବାକୁ ଏଆଇସିଏଫ ଚିନ୍ତା କରୁଛି। ଭ୍ଲାଡିମିର ଅତିକମ୍‌ରେ ୨ଟି କ୍ୟାମ୍ପରେ ଭାରତୀୟ ଖେଳାଳିଙ୍କୁ ଟ୍ରେନିଂ ଦେବେ। ସେହିପରି ମହିଳା ଦଳର କୋଚ୍ ନିଷ୍ପତ୍ତି ଖୁବ୍‌ଶୀଘ୍ର ନିଆଯିବ ବୋଲି ପ୍ରକାଶ କରାଯାଇଛି। ଭାରତ ଏବେ ବିଶ୍ୱ ଚେସ୍‌ରେ ନୂଆ ଶକ୍ତି ଭାବେ ଉଭା ହୋଇଛି। ତେଣୁ ଅଲିମ୍ପିଆଡ୍‌ରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଏଆଇସିଏଫ ସମ୍ପାଦକ ଭରତ ସିଂ ଚୌହାନ ପ୍ରକାଶ କରିଛନ୍ତି। ୨୦୧୮ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଗତ ଅଲିମ୍ପିଆଡ୍‌ରେ ଆନନ୍ଦ ଭାଗ ନେଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ସୁଇସ୍ ଇଭେଣ୍ଟରେ ଦୀର୍ଘ ସମୟ ଧରି ଭାରତୀୟ ପୁରୁଷ ଦଳ ପଦକ ଦୌଡ଼ରେ ରହିବାପରେ ଶେଷରେ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ମହିଳା ଦଳକୁ ୮ମ ସ୍ଥାନ ମିଳିଥିଲା।

ରୋମାଞ୍ଚକ ହେବ ସେକେଣ୍ଡ ଲେଗ୍ ସେମି

ବାଇଚୁଙ୍ଗ ଭୂତିଆ

ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍) ସେମିଫାଇନାଲର ପ୍ରଥମ ରାଉଣ୍ଡ ଆମେ ଯେଭଳି ଅନୁମାନ କରିଥିଲୁ ଠିକ୍ ସେହିପରି ହେଲା। କିନ୍ତୁ ସେମିଫାଇନାଲର ସେକେଣ୍ଡ ଲେଗ୍ ନିଶ୍ଚିତ ଭାବେ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ତେବେ ଏଫ୍‌ସି ଗୋଆ ଅଧିକ ଗୋଲ ଦେବାରେ ବିଫଳ ହେବା ମୋତେ ଚକିତ କରିଛି। ଗୋଆର ଡିଫେନ୍ସରେ ସାମାନ୍ୟ ଦୁର୍ବଳତା ପରିଲକ୍ଷିତ ହୋଇଥିଲା। ଚେନ୍ନାଇନ ଏଫ୍‌ସି ଏହାର ଭରପୂର ଫାଇଦା ଉଠାଇଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରି ବାଜି ମାରିଥିଲା।

ଗତ କିଛିଦିନ ହେବ ଲକ୍ଷଲକ୍ଷ ସଂଖ୍ୟାରେ ପ୍ରଶଂସକ ମୋତେ ଗୋଟିଏ କଥା ପଚାରୁଛନ୍ତି। ତାହା ହେଲା ଏଫ୍‌ସି ଗୋଆ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହେବ କି? ବାସ୍ତବିକତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଅସମ୍ଭବ ମନେହେଉଛି। ତେବେ ଫୁଟ୍‌ବଲ୍‌ରେ ଅସମ୍ଭବ ବି ସମ୍ଭବ ହୋଇଥାଏ। ଏହା ହେଉଛି ଫୁଟ୍‌ବଲର ପ୍ରକୃତ ସୁନ୍ଦରତା। ବର୍ତ୍ତମାନ ଯଦି କୌଣସି ଦଳ ପ୍ରତ୍ୟାବର୍ତ୍ତନ କରିବା କ୍ଷମତା ରଖିଥାଏ ସେ ଦଳ ହେଉଛି ଗୋଆ। କିନ୍ତୁ ପୂରା ଲିଗ୍‌ରେ ଚେନ୍ନାଇନ ଯେପରି ପ୍ରଦର୍ଶନ କରିଛି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ତେଣୁ ଚେନ୍ନାଇନ ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରିବା ଗୋଆ ପାଇଁ ବେଶ୍ କଷ୍ଟକର ହେବ। କେବଳ ଆଟାକ ବା ଆକ୍ରମଣ ଛଡ଼ା ଗୋଆ ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ। ଚେନ୍ନାଇନ ମଧ୍ୟ ଗୋଆର ଏହି ସମ୍ଭାବ୍ୟ ରଣନୀତି ନେଇ ଅବଗତ ଥିବ। ସେହି ଅନୁସାରେ ଚେନ୍ନାଇନ ପ୍ରସ୍ତୁତ ହୋଇ ପଡିଆକୁ ଓହ୍ଲାଇବ। ଗୋଆ ମଧ୍ୟ ସେକେଣ୍ଡ ଲେଗ୍ ସେମିରେ ସ୍କୋର କରିବ। ଗୋଆ ମଧ୍ୟ ନିଶ୍ଚିତ ସ୍କୋର କରିବ। କିନ୍ତୁ ଗୋଆ ସଫଳ ହେବା ନେଇ ଆଶଙ୍କା ରହିଛି।

ଅନ୍ୟପଟେ ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି କୁହାଯାଇପାରେ। ପ୍ରଥମ ଲେଗ୍‌ରେ ୧-୦ରେ ବିଜୟୀ ହୋଇ ୩ ପଏଣ୍ଟ ହାସଲ କରିବା ସହ ବେଙ୍ଗାଲୁରୁ ଏବେ କୋଲକାତା ଯାତ୍ର କରିବ। ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ କୋଚ୍‌ଙ୍କ ମଧ୍ୟ ରଣନୀତିର ଲଢେଇ ଦେଖିବାକୁ ମିଳିବ। ଘରୋଇ ପରିବେଶରେ ଏଟିକେ କୋଚ୍ ଆଣ୍ଟୋନିଓ ହାବାସଙ୍କୁ କିଭଳି ବେଙ୍ଗାଲୁରୁ କୋଚ୍ ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଲା ଓ ଏହା ନିଶ୍ଚିତ ଭାବେ ମଜାଦାର ହେବ। ହୋମ ଗ୍ରାଉଣ୍ଡରେ ଏଟିକେ ନିଶ୍ଚିତ ଭାବେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ଅବଶ୍ୟ ବେଙ୍ଗାଲୁରୁର ଆଟାକ୍ ନେଇ ଏଟିକେ ଟିମ୍ ମ୍ୟାନେଜମେଣ୍ଟ ଅବଗତ ଥିବ। ଉଡନ୍ତା ସିଂ ଓ ଆଶିକ୍ କୁରୁନିୟାନଙ୍କୁ ବେଙ୍ଗାଲୁରୁ ଫାଷ୍ଟ ଲେଗ୍‌ରେ ବେଞ୍ଚ୍‌ରେ ବସାଇବା ମୋତେ ଚକିତ କରିଥିଲା। ଏହା ଏକ ଗ୍ୟାମ୍ବଲ ଥିଲା। ଏହା ମଧ୍ୟ କାମରେ ଆସିଲା। ଘରୋଇ ପରିବେଶରେ ଏଟିକେ ପ୍ରାଥମିକ ଭାବେ ୩ ଜଣଙ୍କୁ ନେଇ ଡିଫେନ୍ସ ପ୍ରସ୍ତୁତ କରିବ। ଏଟିକେକୁ ରୋକିବା ପାଇଁ ବେଙ୍ଗାଲୁରୁ କୋଚ୍ କାର୍ଲେସ କୁଡ୍ରାଟ୍ ଏହି ଦୁଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେବେ ଓ ସେମାନଙ୍କ ଗତି ତଥା ମୁମେଣ୍ଟମର ଫାଇଦାଉ ଉଠାଇବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି।

ବେଙ୍ଗାଲୁରୁ ଗୋଲ ସ୍କୋର କରି ଏହି ନିର୍ଣ୍ଣାୟକ ଆୱେ ମ୍ୟାଚ୍‌ରେ ବାଜିମାରି ଫାଇନାଲରେ ପହଞ୍ଚିବା ଲକ୍ଷ୍ୟରେ ରହିଛି। ବେଙ୍ଗାଲୁରୁର ବ୍ୟାକ୍ ମଧ୍ୟ ବେଶ୍ ଶକ୍ତିଶାଳୀ। ମିଡ୍‌ଫିଲ୍ଡରେ ୫ ଜଣ ଡିଫେଣ୍ଡରଙ୍କ ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନ୍ୟପଟେ ଘରୋଇ ପରିବେଶରୁ ଏଟିକେ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ତେଣୁ ଏଟିକେ ଅଧିକ ଗୋଲ ସ୍କୋର କରିବା ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯଦି ବେଙ୍ଗାଲୁରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିବ ତେବେ କ୍ରମାଗତ ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିବ।

(ଗେମ୍ ପ୍ଲାନ)

#WhatDrivesYou
EXIDE

ଦେବାଶିଷଙ୍କୁ ସିଙ୍ଗଲ୍ସ ଟାଇଟଲ

ଭୁବନେଶ୍ୱର, ୬।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସୁପର ସିରିଜ ଟେନିସ୍ ଟୁର୍ନାମେଣ୍ଟ

କୋଲକାତାରେ ଶୁକ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ Bhubaneswar, Saturday, March 7/2020

ସଂକ୍ଷେପରେ

ରମା ବୈଦ୍ୟନାଥନ୍ ପାଇବେ ମାହାରୀ ସମ୍ମାନ

ଭୁବନେଶ୍ୱର,୬।୩(ବ୍ୟୁରୋ): ଆଦିଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ତରଫରୁ ବିଶିଷ୍ଟ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ରମା ବୈଦ୍ୟନାଥନ ଚଳିତବର୍ଷ ଲାଗି ସମ୍ମାନଜନକ ମାହାରୀ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୫୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଫଳକ ପ୍ରଦାନ କରାଯିବ। ଆସନ୍ତା ୧୯ ତାରିଖରେ ରବୀନ୍ଦ୍ରମଣ୍ଡପଠାରେ ରମାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଏଥିସହିତ ବିଶିଷ୍ଟ ନୃତ୍ୟଗୁରୁ ମାୟାଧର ରାଉତ ଚଳିତବର୍ଷ ଲାଗି ଆଦିଗୁରୁ ପଙ୍କଜ ଚରଣ ଦାସ ପରମ୍ପରା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ପ୍ରତିଷ୍ଠାନ ପକ୍ଷରୁ ଏନେଇ ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ଏହି ସମ୍ମାନ ବାବଦକୁ ସେ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଫଳକ ଗ୍ରହଣ କରିବେ। ମାର୍ଚ୍ଚ ୧୭ରେ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୧ତମ ଜୟନ୍ତୀ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ମାଦେଳି, ବୀଣାକାର, ଗାଉଣୀ ସମ୍ପ୍ରଦା ଓ ନାଚୁଣୀ ସମ୍ପ୍ରଦା ନିୟୋଗଙ୍କ ସାଧନା ଅବଦାନକୁ ସମ୍ମାନ ଜଣାଇ ଉକ୍ତ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବିଶିଷ୍ଟ ନୃତ୍ୟଶିଳ୍ପୀ ପ୍ରଣତୀ ମହାନ୍ତି ନାଚୁଣୀ ସମ୍ପ୍ରଦା ପାଇବାକୁ ମନୋନୀତ ହୋଇଥିବା ବେଳେ ପ୍ରଫେସର ଡ. ଜଗନ୍ନାଥ କୁଅଁରଙ୍କୁ ମାଦେଳି ସମ୍ମାନ, ଗୁରୁ ଡ. ବିଜୟ୍ କୁମାର ଜେନାଙ୍କୁ ବୀଣାକାର ସମ୍ମାନ ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୁକାନ୍ତ କୁମାର କୁଣ୍ଡୁଙ୍କୁ ଗାଉଣୀ ସମ୍ପ୍ରଦା ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ବାବଦକୁ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ରବୀନ୍ଦ୍ରମଣ୍ଡପରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ଓଡ଼ିଶୀ, କଥକ, କୁଚୁପୁଡ଼ି ଓ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ୧୭ରେ ଆଦିଗୁରୁଙ୍କ ଜୟନ୍ତୀ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ପାଳନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ତଥା ନିର୍ଦ୍ଦେଶକ ଶରତ ଦାସ ସୂଚନା ଦେଇଛନ୍ତି।

ବାପାଙ୍କୁ ନୂଆ ଜୀବନ ଦେଲା ପୁଅ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ସମ୍ରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ

ସମ୍ ହସ୍ପିଟାଲରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ୫୫ବର୍ଷ ବୟସ୍କ ଜୟନ୍ତ ବିଶ୍ୱାଳଙ୍କ ଶରୀରରେ ତାଙ୍କ ପୁଅ ସୌମ୍ୟ ରଞ୍ଜନ ଦାନ କରିଥିବା ଲିଭରର କିଛି ଅଂଶକୁ ଡାକ୍ତରମାନେ ସଫଳତାର ସହ ପ୍ରତିରୋପଣ କରିଛନ୍ତି। ଦୀର୍ଘ ୯ଘଣ୍ଟାର ଅପରେଶନ ପରେ ଉଭୟ ପିତା ପୁତ୍ର ଆଇସିୟୁରେ ଥିଲେ ମଧ୍ୟ ନିରାପଦ ରହିଥିବା ସମ୍ ହସ୍ପିଟାଲ୍‌ର ଗ୍ୟାଷ୍ଟ୍ରୋଏଣ୍ଟୋରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ କହିଛନ୍ତି। ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସାହୁ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଏହି ପ୍ରଥମ ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ ହସ୍ପିଟାଲ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିବାବେଳେ ଏଥିପାଇଁ ପ୍ରାୟ ଦେଢ଼ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏଥିଲାଗି ସମ୍ ହସ୍ପିଟାଲ ଓ ହାଇଦ୍ରାବାଦସ୍ଥିତ ଯଶୋଦା ହସ୍ପିଟାଲ ମଧ୍ୟରେ ଏକ ରାଜିନାମା ହୋଇଥିବା ସମ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି। ଗୁରୁବାର ଅପରାହ୍ନ ୩ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଜଟିଳ ଅପରେଶନରେ ଯଶୋଦା ହସ୍ପିଟାଲର ୧୩ଜଣିଆ ଟିମ୍‌ଙ୍କ ସମେତ ସମ୍ ହସ୍ପିଟାଲର ୪୦ଜଣିଆ ଟିମ୍ ସାମିଲ ଥିଲେ। ଯଶୋଦା ହସ୍ପିଟାଲ୍‌ର ମୁଖ୍ୟ ଲିଭର ପ୍ରତିରୋପଣ ସର୍ଜନ୍ ପ୍ରଫେସର ଡା. ପି. ବାଲାଚନ୍ଦ୍ରନ୍ ମେନନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିରୋପଣ କରାଯାଇଥିଲା। ତାଙ୍କୁ ଯଶୋଦା ହସ୍ପିଟାଲ୍‌ର ନିଶ୍ଚେତକ ଏବଂ ଇଣ୍ଟେନ୍‌ସିଭ୍ କେୟାରର ନିର୍ଦ୍ଦେଶକ ଡା. ଜି. ଭି. ପ୍ରେମ୍ କୁମାର, ସମ୍ ହସ୍ପିଟାଲ୍‌ର ଗ୍ୟାଷ୍ଟ୍ରୋଏଣ୍ଟୋରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ ଏବଂ ଗ୍ୟାଷ୍ଟ୍ରୋସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ପ୍ରେମାନନ୍ଦ ପଟ୍ଟନାୟକ ସହଯୋଗ କରିଥିଲେ।

ସୂଚନା ଅନୁଯାୟୀ, ଜୟନ୍ତ ୨୦୧୬ରେ ହଠାତ୍ ଯକୃତଜନିତ ରୋଗରେ ପୀଡ଼ିତ ହୋଇଥିଲେ। ସେ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପଡ଼ିଥିବା ବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ଲିଭର ପ୍ରତିରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ସ୍ତ୍ରୀ ଅନୀତା ବିଶ୍ୱାଳ ତାଙ୍କ ଲିଭରର କିଛି ଅଂଶ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ତାଙ୍କ ବ୍ଲଡ୍ ଗ୍ରୁପ୍ 'ବି' ପଜିଟିଭ୍ ଥିବାରୁ ତାହା ଜୟନ୍ତଙ୍କ 'ଏ' ପଜିଟିଭ୍ ବ୍ଲଡ୍ ଗ୍ରୁପ୍ ସହିତ ମିଶି ନ ଥିଲା। ତେବେ ତାଙ୍କର ୧୯ ବର୍ଷୀୟ ଏକମାତ୍ର ପୁଅ ସୌମ୍ୟ ରଞ୍ଜନଙ୍କର ବ୍ଲଡ୍ ଗ୍ରୁପ୍ 'ଓ' ପଜିଟିଭ୍ ହୋଇଥିବାବେଳ ଏହା ଜୟନ୍ତଙ୍କ ବ୍ଲଡ୍ ଗ୍ରୁପ୍ ସହ ମିଶିଲା। ତେଣୁ ପିତାଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ଲିଭରର କିଛି ଅଂଶ ପ୍ରଦାନ କରିବାକୁ ସୌମ୍ୟ ରଞ୍ଜନ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତି ପରେ ସମ୍ ହସ୍ପିଟାଲ୍‌ରେ ଏହି ପ୍ରତିରୋପଣ କରାଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ବାହାରେ ଲିଭର ପ୍ରତିରୋପଣ ପାଇଁ ୨୦ରୁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସମ୍‌ରେ ୧୦ ଲକ୍ଷ ଟଙ୍କାରେ ଏହି ପ୍ରକ୍ରିୟା କରାଯିବ। ତେବେ ଜୟନ୍ତଙ୍କ ଲିଭର ପ୍ରତିରୋପଣ ପ୍ରଥମ ହୋଇଥିବାରୁ ସମ୍ ହସ୍ପିଟାଲ୍ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିବା ଡା. ସାହୁ କହିଛନ୍ତି। ଆସନ୍ତା ୪ରୁ ୫ଦିନ ମଧ୍ୟରେ ପିତା ପୁତ୍ର ଆଇସିୟୁରୁ ପଦାକୁ ଆସିବେ ଏବଂ ଖୁବ୍‌ଶୀଘ୍ର ଆରୋଗ୍ୟ ହୋଇ ଘରକୁ ଫେରିବେ। ଡା. ସାହୁ କହିଛନ୍ତି ଯେ, ଲିଭର ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦାନ କରୁଥିବା ବ୍ୟକ୍ତିଙ୍କର କୌଣସି ସମସ୍ୟା ହୁଏ ନାହିଁ। କାରଣ ଚର୍ମ ଭଳି କିଛିଦିନ ମଧ୍ୟରେ ଲିଭର ମଧ୍ୟ ପୂର୍ବାବସ୍ଥାକୁ ଫେରିଆସେ। ସେହିଭଳି ଯାହାଙ୍କ ଠାରେ ଲିଭର ପ୍ରତିରୋପଣ ହୁଏ ସେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନ ଯାପନ କରିଥାନ୍ତି। ରାଜ୍ୟରେ ଲିଭର ଜନିତ ରୋଗ ଗୁରୁତର ସ୍ଥିତିରେ ରହିଛି। ଉପକୂଳ ଓଡ଼ିଶାରେ ୮ ପ୍ରତିଶତ ଲୋକ ଲିଭର ରୋଗରେ ପୀଡିତ ଥିବାବେଳେ ଆଦିବାସୀ ଅଞ୍ଚଳରେ ଏହା ପ୍ରାୟ ୧୩ ପ୍ରତିଶତ ରହିଛି।

ଏହି ଖବରଦାତା ସମ୍ମିଳନୀରେ ଡା. ପ୍ରେମାନନ୍ଦ ପଟ୍ଟନାୟକ, ଯଶୋଦା ହସ୍ପିଟାଲ୍‌ର ସିନିୟର୍ ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ସାହୁ, ସୋଆର ଜଏଣ୍ଟ ରେଜିଷ୍ଟ୍ରାର୍ ଶଶାଙ୍କ ଶେଖର ମିଶ୍ର, ଯଶୋଦା ହସ୍ପିଟାଲ୍‌ର ସର୍ଜନ୍ ଡା. କ୍ରିଷ୍ଣା ଚୈତନ୍ୟ ଏବଂ ଆନେସ୍ଥେସିଷ୍ଟ ଡା. ଶକ୍ତି ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୩ ଜାନୁୟାରୀ ୨୭ରେ ବୋନ୍ ମ୍ୟାରୋ ପ୍ରତିରୋପଣ ସମ୍ ହସ୍ପିଟାଲରେ ରାଜ୍ୟରେ ପ୍ରଥମ ଥର ହୋଇଥିଲା।

ଦନ୍ତା ହାତୀ ଦେଖି ଲୋକେ ଭୟଭୀତ

ବାଙ୍କୀ,୬।୩(ସ୍ୱ.ପ୍ର.)

କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ଚକୁଳେଶ୍ୱର କାଉଚି ଆଶ୍ରମ ନିକଟ ମହାନଦୀ ପଠାରେ ଶୁକ୍ରବାର ଏକ ଜଙ୍ଗଲି ହାତୀ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଛନ୍ତି। ରାସ୍ତାରେ ଶହଶହ ଲୋକ ଉପସ୍ଥିତ ରହି ହାତୀର ଗତିବିଧିକୁ ଲକ୍ଷ୍ୟ କରିଥିଲେ। ଚନ୍ଦକା ଅଭୟାରଣ୍ୟରୁ ଏହି ହାତୀ ପାଣି ପିଇବାକୁ ଆସି ମହାନଦୀ ପଠାର ତଣ୍ଟି ବୁଦାରେ ଲୁଚି ରହିଯାଇଥିବା ଜଙ୍ଗଲ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ଡମପଡ଼ା ଓ ଖୋର୍ଦ୍ଧା ବନ ବିଭାଗ କର୍ମଚାରୀ ହାତୀକୁ ଜଙ୍ଗଲକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ସେଥିପାଇଁ ସେମାନେ ବାଣ, ବାଜା ଓ ନିଆଁ ହୁଳା ଦେଖାଇବାକୁ ମହଜୁଦ ରଖିଛନ୍ତି। ଏହା ଦନ୍ତାହାତୀ ହୋଇଥିବାରୁ ଜଙ୍ଗଲରୁ ଖାଦ୍ୟାପାନୀୟ ପାଇଁ ବାହାରି ଆସିଛି ବୋଲି ସେମାନେ ଅନୁମାନ କରୁଛନ୍ତି। ବାଙ୍କୀ ବନବିଭାଗର ଶିଶୁଆ ଫରେଷ୍ଟ ଅଧିକାରୀ ପ୍ରିୟଦର୍ଶିନୀ ସେଠୀ, ଡମପଡା ରେଞ୍ଜ ଅଫିସର ସଂଗ୍ରାମ କେଶରୀ ମହାନ୍ତି, ଡମପଡ଼ା ଫରେଷ୍ଟର ରାକେଶ ସ୍ୱାଇଁ ଓ କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧିକୁ ଲକ୍ଷ୍ୟ କରୁଛନ୍ତି। ହାତୀ ଯୋଗୁ ଜନସାଧାରଣଙ୍କ ଅସୁବିଧା ହେବନାହିଁ ବୋଲି ଜଙ୍ଗଲ ବିଭାଗ ଅଧିକାରୀମାନେ ପ୍ରକାଶ କରିଛନ୍ତି।

୧୧ ଦୋକାନରେ ସିରିଜ୍ ଚୋରି, ଲକ୍ଷାଧିକ ଟଙ୍କା ଲୁଟ୍

ପୁରୀ ଅଫିସ,୬।୩

- ଗୋଟିଏ ରାତିରେ ୨ ବଡ଼ ଘଟଣା
- କିରୋସିନ୍ ଢାଳି ଜେସିବି ପୋଡ଼ି ଉଦ୍ୟମ

ପୁରୀ ଜିଲାରେ ଗତ କିଛିଦିନର ନୀରବତା ପରେ ପୁଣି ସକ୍ରିୟ ହୋଇପଡ଼ିଛନ୍ତି ଦୁର୍ବୃତ୍ତ। ଗତ ଗୁରୁବାର ରାତିରେ ଦୁଇଟି ବଡ଼ ଘଟଣା ଘଟିଯାଇଛି। ବିଳମ୍ବିତ ରାତିରେ ଚନ୍ଦନପୁର ଥାନା ଅଧୀନ ମେଡିକାଲ ଛକରେ ୧୧ଟି ଦୋକାନରୁ ସିରିଜ୍ ଲୁଟ୍ ହୋଇଥିବାବେଳେ ଅନ୍ୟପଟେ ଦାଦାବଟିକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ଗବକୁଣ୍ଡ ନିକଟରେ ନିର୍ମାଣଧୀନ ଓଭରବ୍ରିଜରେ ବ୍ୟବହୃତ ଜଣେ ଠିକାଦାରଙ୍କ ଏକ କ୍ରେନ ଏବଂ ଜେସିବିକୁ କିରୋସିନ ଢାଳି ପୋଡ଼ି ଦେଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ଦୁବୃତ୍ତମାନେ ମେଡିକାଲ ଛକ ନିକଟରେ ଥିବା ଦୁଇଟି ଫଳଦୋକାନ, ଷ୍ଟେଶନାରୀ, ହାର୍ଡୱେର, ଅଟୋ ସ୍ପିଅର ପାର୍ଟସ୍, ଗ୍ୟାରେଜ, ଚପଲ ଦୋକାନ ଏଭଳି ପ୍ରାୟ ୧୧ଟି ଦୋକାନରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ଆସବାବପତ୍ର ଲୁଟି ନେଇଛନ୍ତି। ସକାଳେ ଦୋକାନୀମାନେ ଦୋକାନ ଖୋଲିବାକୁ ଆସିବାବେଳେ ଭଙ୍ଗାଯାଇଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚନ୍ଦନପୁର ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବରୁ ବହୁବାର ମେଡିକାଲ ଛକ ନିକଟରେ ଏଭଳି ଲୁଟ ଘଟଣା ଘଟିଛି। ପୋଲିସର ନିଷ୍କ୍ରିୟତାରୁ ଏଠାରେ ଲୁଟେରାଙ୍କ ରାଜୁତି ଚାଲିଛି ବୋଲି ସ୍ଥାନୀୟ ବାସିନ୍ଦା ଗଣମାଧ୍ୟମ ଆଗରେ କହିଛନ୍ତି।

ସେହିଭଳି ଚନ୍ଦନପୁର ନିକଟ ଗବକୁଣ୍ଡଠାରେ ଏକ ଓଭରବ୍ରିଜ ନିର୍ମାଣ ଲାଗି ୨୦୧୯ରେ ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀ ଶୁଭ ଦେଇଥିଲେ। ଏକ ଠିକା ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପୂର୍ବରୁ ଦାଦାବଟିକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଗୁଳିମାଡ଼ କରିଥିଲେ। ଏ ନେଇ ସମ୍ପୃକ୍ତ ଠିକା ସଂସ୍ଥା ଏବଂ ଦୁର୍ବୃତ୍ତଙ୍କ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଏହି ଶତ୍ରୁତାରୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଆସି ନିର୍ମାଣସ୍ଥଳରେ ଥିବା ଜେସିବି ମେଶିନ୍ ଏବଂ କ୍ରେନରେ କିରୋସିନ୍ ଲଗାଇ ଜାଳିଦେବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ କର୍ମଚାରୀ ପାଟି କରିବାରୁ ସେମାନେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଶୁକ୍ରବାର ଏସପି ଉମାଶଙ୍କର ଦାଶ, ସଦର ଡିଏସପି କେ.ସି.ମୁଣ୍ଡ, ଚନ୍ଦନପୁର ଥାନାଧିକାରୀ ବାମଦେବ ନନ୍ଦ ପ୍ରମୁଖ ଘଟଣା ସ୍ଥଳ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସପି ଦାଶ କହିଛନ୍ତି।

ବହୁ ମେଶିନ ଅଚଳ: ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

କଟକ ଅଫିସ,୬।୩

ଏସ୍‌ସିବି ମେଡିକାଲ
୫-ଟି ସଚିବ, ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି

ଏସ୍‌ସିବି ମେଡିକାଲରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଥିବା ଅନେକ ମେଶିନ ଅଚଳ ହୋଇପଡ଼ିଛି। ଦିନବେଳା ପରୀକ୍ଷାଗାରଗୁଡିକରେ ତାଲା ପଡିରହୁଛି। କିଛି ପରୀକ୍ଷାଗାର ଖୋଲାଥିଲେ ସୁଦ୍ଧା ଘଣ୍ଟାଘଣ୍ଟା ଧରି ଏଠାରେ କୌଣସି କର୍ମଚାରୀ ରହୁନାହାନ୍ତି। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲରେ ଅସହାୟ ରୋଗୀଙ୍କ ସେବା କରୁଥିବା ସାମାଜିକ ଅନୁଷ୍ଠାନ 'ସେବା ମନ୍ଦିର' ପକ୍ଷରୁ ଏ ନେଇ ୫-ଟି ସଚିବ, ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ବରିଷ୍ଠ ଡାକ୍ତରମାନେ ଆଉଟ୍‌ଡୋରରେ ଠିକ୍ ସମୟରେ ଆସୁନାହାନ୍ତି। ପରେ ପହଞ୍ଚିଲେ ମଧ୍ୟ ଅଧିକ ସମୟ ଆଉଟ୍‌ଡୋରରେ ରହୁନାହାନ୍ତି। ଅନ୍ତର୍ବିଭାଗ ଶଯ୍ୟା ନିକଟରେ କେବେ ବି ଇସିଜି ହେଉନାହିଁ। ସମ୍ପୂର୍ଣ୍ଣ ମେଡିକାଲରେ ମୋଟ୍ ୪ଟି ଇସିଜି ମେଶିନ ଓ ୪ ଜଣ ଟେକ୍ନିସିଆନ ଅଛନ୍ତି। ଫଳରେ ଦିନତମାମ ଏଠାରେ ଲମ୍ବା ଧାଡି ଦେଖିବାକୁ ମିଳୁଛି। ଡପ୍‌ଲର ପରୀକ୍ଷା ପାଇଁ ରୋଗୀଙ୍କୁ ଏଠାରେ ୪ ମାସ ଅପେକ୍ଷା କରିବାକୁ ପଡୁଛି। ହେପାଟାଇଟିସ୍ ରୋଗୀଙ୍କ ଏଲିସା ଟେଷ୍ଟ ଏଠାରେ ଆରମ୍ଭ ହୋଇନାହିଁ। ସାଧାରଣ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ୧୫ ଦିନ ଅପେକ୍ଷା କରିବାକୁ ପଡୁଛି। ମାନସିକ ରୋଗୀମାନଙ୍କ ଉତ୍କୃଷ୍ଟ ଚିକିତ୍ସା ପାଇଁ ଯେଉଁ ଇସିଟି ଦେବା କଥା ତାହା ଖୋଲାଯାଇ ପାରୁନାହିଁ। ନିଶ୍ଚେତକ ବିଶେଷଜ୍ଞଙ୍କ ଅଭାବରୁ ଇସିଟି ସେବା ଆରମ୍ଭ ହେଉନାହିଁ। ଅନୁଷ୍ଠାନର ସଦସ୍ୟ ଅଚ୍ୟୁତ କୁମାର ସାହୁଙ୍କ କହିବାନୁଯାୟୀ, ପ୍ରତ୍ୟହ ମେଡିକାଲରେ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ଏ ଦିଗରେ ଧ୍ୟାନ ଦିଆ ନ ଗଲେ ଏହାର ମର୍ଯ୍ୟାଦା କ୍ଷୁଣ୍ଣ ହେବ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧୀକାରୀ ଡା. ଭୁବନାନନ୍ଦ ମହାରଣାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ

ପୁରୀ ଅଫିସ,୬।୩: ପୁରୀ ସଦର ବ୍ଲକ୍ ହନ୍ତୁକ ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଶୁକ୍ରବାର ଚଢାଉ କରିଛି। ବିଭିନ୍ନ ଯୋଜନାରେ ଆସିଥିବା ପ୍ରାୟ ୧୩ ଲକ୍ଷ ୭୪ହଜାର ଟଙ୍କା ଆତ୍ମସାତ ନେଇ ପୁରୀ ଭିଜିଲାନ୍ସ କାର୍ଯ୍ୟାଳୟରେ କେତେକ ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ଏହି ଚଢ଼ଉ କରାଯାଇଥିବା ଭିଜିଲାନ୍ସ ଡିଏସପି ହରନାରାୟଣ ପତି କହିଛନ୍ତି। ଡିଏସ୍‌ପି ପତିଙ୍କ ନେତୃତ୍ୱରେ ଏକ ଟିମ୍ ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ସରକାରୀ ରେକର୍ଡ ଯାଞ୍ଚ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ସାଥିରେ ନେଇଯାଇଛନ୍ତି।

Divisa
www.divisasstore.com
ଶୁଦ୍ଧ ଆୟୁର୍ବେଦିକ ଜଡ଼ି-ବୁଟିରେ ପ୍ରସ୍ତୁତ
ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ରେ ଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାରେ ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ଭାବେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢ଼ନ୍ତା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ଆକୁଞ୍ଚନ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ଅଟେ ।
Preity Zinta
New
Dr. Juneja

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 7/2020 ★★★★★★

୪୬ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ସତ୍ୟମେବ ଜୟତେ

DSPL-302

କାର୍ଯ୍ୟସ୍ଥଳୀରେ କରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ପାଇଁ ମାର୍ଗଦର୍ଶିକା

କରୋନା ଭୂତାଣୁର ସଂକ୍ରମଣରେ ବିଶ୍ୱର ଅଧିକାଂଶ ଦେଶ ସଂକ୍ରମିତ ହୋଇସାରିଛନ୍ତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ସଂକ୍ରମଣକୁ ଏକ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଘୋଷଣା କରିଛନ୍ତି । ଏଥିପାଇଁ ସଚେତନତା ତଥା ପ୍ରତିଷେଧକ ଉପାୟ ଆପଣେଇବା ହିଁ ଏକନ୍ତ ଜରୁରୀ ।

କାର୍ଯ୍ୟସ୍ଥଳୀରେ ଏକାଧିକ ବ୍ୟକ୍ତି କାମ କରୁଥିବା ବେଳେ ଏହି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ କାର୍ଯ୍ୟସ୍ଥଳୀରେ ପ୍ରତିଷେଧକ ଉପାୟ ଅବଲମ୍ବନର ବିଶେଷ ଆବଶ୍ୟକତା ଅଛି ।

ଧ୍ୟାନ ଦିଅନ୍ତୁ -

- ଆପଣଙ୍କ କାର୍ଯ୍ୟାଳୟ ପରିଷ୍କାର ଓ ସ୍ୱଚ୍ଛ ରହିବା ସୁନିଶ୍ଚିତ କରନ୍ତୁ । (ଟେବୁଲ୍, କମ୍ପ୍ୟୁଟର,ଫୋନ୍ ଓ ଅନ୍ୟାନ୍ୟ ବ୍ୟବହୃତ ଉପକରଣ ଇତ୍ୟାଦିକୁ ଜୀବାଣୁନାଶକ ଦ୍ରବଣ ସାନିଟାଇଜର/ଆଲକୋହଲ ସ୍ପ୍ରେ ପକାଇ ନିୟମିତ ପୋଛନ୍ତୁ ।
- ନିୟମିତ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
  - ହାତଧୁଆ ବେସିନ୍ ନିକଟରେ ପାଣି ଓ ସାବୁନ ଉପଲବ୍ଧ କରାନ୍ତୁ । ମନେ ରଖନ୍ତୁ, ବାରମ୍ବାର ସାବୁନ୍‌ରେ ହାତ ଧୋଇବା ଦ୍ୱାରା ଜୀବାଣୁ ଗୁଡିକ ମରିଯାଇଥାନ୍ତି ଏବଂ ସଂକ୍ରମଣ ପ୍ରତିରୋଧ ହୋଇଥାଏ ।
  - ହାତଧୁଆ କୌଶଳ ସମ୍ପର୍କିତ ପୋଷ୍ଟର ଲଗାନ୍ତୁ ।
- ମୁହଁ ଓ ହାତକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ କାଶ,ଛିଙ୍କ ଦ୍ୱାରା ହେଉଥିବା ସଂକ୍ରମଣ ପ୍ରତିରୋଧ କରିବା ପାଇଁ ଟିସୁ ପେପର ବ୍ୟବହାର ପାଇଁ ପ୍ରୋତ୍ସାହିତ କରନ୍ତୁ ।
  - ବ୍ୟବହୃତ ଟିସୁ ପେପରକୁ ତୁରନ୍ତ ଢାଙ୍କୁଣୀ ଥିବା ଡଷ୍ଟବିନ୍‌ରେ ପକାଇବା ପାଇଁ ପରାମର୍ଶ ଦିଅନ୍ତୁ ।
- ସାମାନ୍ୟ ଜ୍ୱର,କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଥିଲେ, କର୍ମଚାରୀମାନଙ୍କୁ ଘରେ ସ୍ୱନିରୀକ୍ଷଣରେ ରହିବାକୁ ପରାମର୍ଶ ଦିଅନ୍ତୁ ।
- କରମର୍ଦ୍ଦନ ବା ଆଲିଙ୍ଗନ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ ସଭାସମିତି କରନ୍ତୁ ନାହିଁ ।
- ସର୍ଦ୍ଦି,ଜ୍ୱର,କାଶ ଭୋଗୁଥିବା ବ୍ୟକ୍ତିଙ୍କ ଠାରୁ କର୍ମଚାରୀମାନେ ନିଜକୁ ଦୂରେଇ ରଖନ୍ତୁ ।
- ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ଗସ୍ତରେ ଯିବାକୁ କର୍ମଚାରୀମାନଙ୍କୁ ବାରଣ କରନ୍ତୁ ।
- ବର୍ତ୍ତମାନ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ମେସିନ୍ ବ୍ୟବହାର କରନ୍ତୁ ନାହିଁ ।

କାର୍ଯ୍ୟସ୍ଥଳୀରେ ହାତଧୁଆର ସଠିକ ପ୍ରଣାଳୀ

ଆସନ୍ତୁ ସମସ୍ତେ ମିଳିମିଶି କାର୍ଯ୍ୟସ୍ଥଳୀର ପରିଚ୍ଛନ୍ନତା ପ୍ରତି ଯତ୍ନବାନ୍ ହେବା କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0091/1920

facebook.com/HFWOdisha http://www.health.odisha.gov.in/ @HFWOdisha

ଦୁର୍ଘଟଣାରେ ୧୩ ମୃତ

କର୍ନାଟକର ତୁମାକୁରୁ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ମହିଳା ଓ ୨ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବା ପୋଲିସ କହିଛି। ଜିଲାର ଅମୃଥୁରୁ ନିକଟରେ ଏସ୍‌ୟୁଭି ଅନ୍ୟ ଏକ କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ଅଛନ୍ତି।

ଲକ୍ଷେ ଟପିଲା ସଂକ୍ରମିତଙ୍କ ସଂଖ୍ୟା

ଦକ୍ଷିଣକୋରିଆର ପେଆଙ୍ଗଟେକ୍‌ସ୍ଥିତ ଏକ କାରଖାନାରେ କର୍ମଚାରୀମାନେ ମାସ୍କ ପିନ୍ଧି କାର୍ଯ୍ୟ କରୁଛନ୍ତି।

ବ୍ୟାଙ୍କକ୍,୬।୩

ନୋଭେଲ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗୀସଂଖ୍ୟା ଶୁକ୍ରବାର ଲକ୍ଷେ ଟପିଛି। ଏହାକୁ ନେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଓ୍ୱାଲ୍‌ଷ୍ଟ୍ରିଟ୍‌ରେ କାରବାର ମାନ୍ଦା ହେବା ସହିତ ଏସିଆ ଓ ୟୁରୋପୀୟ ଶେୟାର ବଜାର ନିମ୍ନଗାମୀ ହୋଇଛି। ବିଭିନ୍ନ ଦେଶ ଭିଜା କଟକଣା ଲଗାଇବା ଫଳରେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଉପରେ ଏହାର ଅଧିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଆଫ୍ରିକା ଓ ମଧ୍ୟପ୍ରାଚ୍ୟକୁ ଏହି ଭୂତାଣୁ ସଂକ୍ରମିତ ହେଉଥିବାରୁ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ ବୋଲି ଓ୍ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ପକ୍ଷରୁ ସତର୍କ କରିଦିଆଯାଇଛି।

ଏସିଆ ପରେ ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ସଂକ୍ରମଣ ଭୟରେ ଅନେକ ଜାହାଜ ବନ୍ଦରରେ ପ୍ରବେଶ ଅନୁମତି ନ ପାଇଁ ବାହାରେ ଅପେକ୍ଷା କରିରହିଛନ୍ତି। ଚାଇନା ପରେ ଦକ୍ଷିଣ କୋରିଆ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ। ତେବେ ଏହି ଦୁଇଦେଶରେ ସଂକ୍ରମଣ ହାର ପୂର୍ବାପେକ୍ଷା ହ୍ରାସ ପାଇଥିବା ଦେଖାଯାଇଛି। ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ଇଟାଲୀରେ ସର୍ବାଧିକ ୧୪୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଜର୍ମାନୀ ଓ ଫ୍ରାନ୍ସରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତବେଗରେ ବଢ଼ିଚାଲିଛି। ଇରାନରେ ସଂକ୍ରମିତଙ୍କ ସଂଖ୍ୟା ୪୭୪୭ ଟପିଥିବାବେଳେ ୧୨୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆମେରିକାରେ ମଧ୍ୟ କରୋନା ରୋଗୀସଂଖ୍ୟା ୨୩୦ ଟପିଲାଣି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

ହୋଲି ପାଳନ ବନ୍ଦ କଲା ସିଏପିଏଫ୍

ନୂଆଦିଲ୍ଲୀ,୬।୩(ପି.ଟି.)

କରୋନା ସଂକ୍ରମଣ ଭୟରେ ଆନୁଷ୍ଠାନିକ ଭାବେ ହୋଲି ନ ପାଳିବା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ନିଷ୍ପତ୍ତି ନେଇଛି। ଆଭ୍ୟନ୍ତରୀଣ ସୁରକ୍ଷା ଓ ସୀମା ସୁରକ୍ଷାରେ ମୁତୟନ ଥିବା ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ସାମୂହିକ ରଙ୍ଗର ଉତ୍ସବ ନ ପାଳିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସିଏପିଏଫ୍ ଅଧୀନରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଟିବିପି, ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଆଦି ସୁରକ୍ଷା ସଂଗଠନ ରହିଛି। ୨୦୧୮ରେ ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀ ଆକ୍ରମଣରେ ୨୫ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଉକ୍ତ ବାହିନୀ ପକ୍ଷରୁ ହୋଲି ପାଳନ ବନ୍ଦ କରାଯାଇଥିଲା। ସେହିପରି ଗତବର୍ଷ ଫେବୃୟାରୀରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ପ୍ରତି ସମବେଦନା ସ୍ୱରୂପ ଗତବର୍ଷ ସିଆର୍‌ପିଏଫ୍ ହୋଲି ପାଳି ନ ଥିଲା।

ଭାରତରେ ୩୧କରୋନା ରୋଗୀ

ନୂଆଦିଲ୍ଲୀ,୬।୩(ପି.ଟି.)

ଦିଲ୍ଲୀରେ ଆଉଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିବା ପରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ଦିଲ୍ଲୀରେ ଏହା ତୃତୀୟ ସଂକ୍ରମଣ। କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଉକ୍ତ ବ୍ୟକ୍ତି ପୂର୍ବରୁ ଥାଇଲାଣ୍ଡ ଓ ମାଲେସିଆ

- ସ୍କୁଲ୍‌ରେ ଲାଗୁହେଲା କଟକଣା
- କର୍ମଚାରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବନ୍ଦ
- ୩୦ ବିମାନବନ୍ଦରରେ ଯାଞ୍ଚ
- ଜାତୀୟ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଯାଇଥିଲେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ସଂକ୍ରମଣ ବଢୁଥିବାରୁ ସବୁ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ୨୧ଟି ବିମାନବନ୍ଦରରେ ଯାଞ୍ଚ କରାଯାଉଥିବାବେଳେ ସେଥିରେ ଆଉ ୯ଟି ବିମାନବନ୍ଦରକୁ ସାମିଲ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ କରୋନା ଉପରେ ଏକଦିବସୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂକ୍ରମଣ ଭୟରେ ଦିଲ୍ଲୀ ସରକାର ରାଜଧାନୀର ସବୁ ସ୍କୁଲରେ ସକାଳୁଆ ସମାବେଶକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାଦେଶ ପର୍ଯ୍ୟନ୍ତ ସ୍କୁଲ କର୍ମଚାରୀମାନଙ୍କ ବାୟୋମେଟ୍ରିକ୍ ଉପସ୍ଥାନକୁ ସ୍ଥଗିତ ରଖାଯାଇଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୩୧ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଦିଲ୍ଲୀର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁଯତ୍ନ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି।

ବିକାନେରର ଜୁନାଗଡ଼ ଦୁର୍ଗଠାରେ ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଉଛି।

ଧ୍ୱଜାବତରଣ ଉତ୍ସବରେ ଯୋଗଦେବେନି ଦର୍ଶକ

ନୂଆଦିଲ୍ଲୀ,୬।୩(ପି.ଟି.)

କରୋନା ସଂକ୍ରମଣ ଭୟରେ ଅଟ୍ଟାରୀ-ଓ୍ୱାଘା ସୀମାରେ ପ୍ରତିଦିନ ସନ୍ଧ୍ୟାରେ ହେଉଥିବା ଧ୍ୱଜାବତରଣ ଉତ୍ସବରେ ଦର୍ଶକମାନଙ୍କୁ ଭାଗନେବାକୁ ଅନୁମତି ଦିଆଯିବନି। ଶନିବାରଠାରୁ ଏହି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ଭାରତ ସମେତ ବିଭିନ୍ନ ଦେଶକୁ କରୋନା ଭୂତାଣୁ ବ୍ୟାପିଥିବାରୁ ସମାବେଶଠାରୁ ଦୂରେଇ ରହିବା ପାଇଁ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ତେଣୁ ଧ୍ୱଜାବତରଣ ଉତ୍ସବରେ ଭାଗନେବା ପାଇଁ କାହାକୁ ଅନୁମତି ଦିଆଯିବନି ବୋଲି ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି।

[ଇତିହାସର ଆଇନାରେ] ମାର୍ଚ୍ଚ ୭ର ପ୍ରମୁଖ ଘଟଣା

୧୮୭୬ ମାର୍ଚ୍ଚ ୭ରେ ଟେଲିଫୋନ୍‌ର ଉଦ୍ଭାବକ ଆଲେକ୍‌ଜାଣ୍ଡାର ଗ୍ରାହାମବେଲ୍‌ଙ୍କୁ ଏହାର ପେଟେଣ୍ଟ ମିଳିଥିଲା। ସେ ତାଙ୍କର ପ୍ରଥମ ଟେଲିଫୋନ୍ କଲ୍ ସହଯୋଗୀ ଥୋମାସ୍ ଓ୍ୱାଟସନଙ୍କ ପାଖକୁ କରିଥିଲେ।

୨୦୦୬ ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶର ବାରାଣସୀଠାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀମାନେ ସିରିଜ୍ ବିସ୍ଫୋରଣ କରିଥିଲେ। ଏଥିରେ ୨୮ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୧ଜଣ ଆହତ ହୋଇଥିଲେ।

ପାକ୍‌ରେ କୋଠା ଭୁଶୁଡ଼ି ୧୮ ମୃତ

କରାଚୀ,୬।୩(ପି.ଟି.): ପାକିସ୍ତାନର କରାଚୀରେ ଶୁକ୍ରବାର ଏକ ୩ ମହଲା କୋଠା ଭୁଶୁଡ଼ି ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ। ଗୁଲ୍‌ବହାର ଅଞ୍ଚଳର ୮୦ ବର୍ଗ ୟାର୍ଡ ଜମି ଉପରେ ଥିବା ଏହି କୋଠା ବେଆଇନ ଭାବେ ନିର୍ମିତ ହୋଇଥିଲା। ଏହାର ତୃତୀୟ ମହଲା ଭାଙ୍ଗିଯିବା ପରେ ସମ୍ପୂର୍ଣ୍ଣ କୋଠାଟି ଧରାଶାୟୀ ହୋଇଯାଇଥିଲା। ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୮ ଜଣଙ୍କ ମୃତଦେହ ଭଗ୍ନାବଶେଷ ତଳୁ କଢ଼ାଯାଇଛି।

ଶ୍ରଦ୍ଧାଞ୍ଜଳି ସଭାରେ ଆକ୍ରମଣ

କାବୁଲ,୬।୩(ଏ.ଏଫ୍.ପି.)

ଆଫଗାନିସ୍ତାନ ରାଜଧାନୀ କାବୁଲରେ ଏକ ରାଜନୈତିକ ସଭା ଚାଲିଥିବାବେଳେ ଆକ୍ରମଣ ହୋଇଛି। ଏଥିରେ ଅନ୍ୟୂନ ୨୯ ଜଣ ନିହତ ଓ ୩୦ ଆହତ ହୋଇଛନ୍ତି। ଦେଶର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲାଙ୍କୁ ଟାର୍ଗେଟ କରି ଏହି ଗୁଳିକାଣ୍ଡ ଘଟାଯାଇଲା। ତେବେ ସେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଲିବାନ ସହ ଆମେରିକାର ଚୁକ୍ତି ସ୍ୱାକ୍ଷର ପରେ ଏହା ହେଉଛି ସବୁଠୁ ବଡ଼ ଘାତକ ଆକ୍ରମଣ।

୧୯୯୫ରେ ଆଫଗାନିସ୍ତାନର ହେଜବ-ଇ ଓ୍ୱାହଦାତ ପାର୍ଟି ନେତା ଅବ୍‌ଦୁଲ ଅଲି ମଜାରିଙ୍କୁ ତାଲିବାନ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଶୁକ୍ରବାର କାବୁଲରେ ମଜାରିଙ୍କ ୨୫ତମ ଶ୍ରାଦ୍ଧ ଦିବସ ପାଳନ କରାଯାଉଥିଲା। ଏହି ସମାରୋହରେ ଆଫଗାନିସ୍ତାନର ଚିଫ୍ ଏକ୍‌ଜ୍ୟୁକେଟିଭ୍ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲା, ପୂର୍ବତନ ରାଷ୍ଟ୍ରପତି ହମିଦ୍ କାର୍‌ଜାଇ, ହାଇ ପିସ୍ କାଉନ୍‌ସିଲ ଅଧ୍ୟକ୍ଷ ମହମ୍ମଦ କରିମ ଖଲିଲି, ସେକେଣ୍ଡ ଡେପୁଟି ଚିଫ୍ ଏକ୍‌ଜ୍ୟୁକେଟିଭ୍ ମହମ୍ମଦ ମହକିକ୍‌ଙ୍କ ସମେତ ଅନ୍ୟ କେତେଜଣ ରାଜନେତା ଏଥିରେ ସାମିଲ ଥିଲେ। ପୂର୍ବାହ୍ନ ୧୧ଟା ୨୦ରେ ଖଲିଲି ଭାଷଣ ଦେଉଥିବାବେଳେ ସଭାସ୍ଥଳ ନିକଟ ଏକ ନିର୍ମାଣାଧୀନ କୋଠାରୁ ଜଣେ ବନ୍ଧୁକଧାରୀ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ୨୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅବ୍‌ଦୁଲ୍ଲା, କାରଜାଇ ଓ ଖଲିଲି ସୁରକ୍ଷିତ ଭାବେ ଘରକୁ ଫେରିବାରେ ସକ୍ଷମ ହୋଇଥିଲେ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏକ ବିବୃତିରେ

୨୯ ନିହତ, ବର୍ତ୍ତିଗଲେ ଅବ୍‌ଦୁଲ୍ଲା

କହି ସଙ୍ଗଠନର କୌଣସି ଫାଇଟର ସମ୍ପୃକ୍ତ ନ ଥିବା କହିଛନ୍ତି। ରାଷ୍ଟ୍ରପତି ଅଶ୍ରଫ ଗନି ଏହି ଗୁଳିକାଣ୍ଡକୁ 'ମାନବିକତା ବିରୋଧରେ ଅପରାଧ' ଏବଂ ଆଫଗାନିସ୍ତାନର ଜାତୀୟ ଏକତା ଉପରେ ଆକ୍ରମଣ ବୋଲି ନିନ୍ଦା କରିଛନ୍ତି। ପ୍ରକାଶ ଯେ, ଗତବର୍ଷ ମଜାରିଙ୍କ ଶ୍ରାଦ୍ଧ ଦିବସ ପାଳନ ବେଳେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ହୋଇଥିବା ଆକ୍ରମଣରେ ୧୧ ଜଣ ନିହତ ହୋଇଥିଲେ। ଗତ ଫେବୃୟାରୀ ୨୯ରେ ଆମେରିକା ଓ ତାଲିବାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ରାଜିନାମା ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ପାଇଁ ଆମେରିକା ରାଜି ହୋଇଛି। ଏହାକୁ ନେଇ କାବୁଲରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବାବେଳେ ରାଜନେତାମାନେ ଉପସ୍ଥିତ ଥିବା ଶ୍ରଦ୍ଧାଞ୍ଜଳି ସଭାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି।

ଅହମଦ ପଟେଲଙ୍କୁ ଆୟକର ସମନ

ନୂଆଦିଲ୍ଲୀ,୬।୩(ପି.ଟି.)

ଟିକସ ଫାଙ୍କି ସହ ସମ୍ପୃକ୍ତି ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲଙ୍କୁ ଆୟକର ବିଭାଗ ପକ୍ଷରୁ ସମନ ଜାରି କରାଯାଇଛି। ଦଳୀୟ ଅର୍ଥ କାରବାରକୁ ନେଇ ଟିକସ ଫାଙ୍କିର ତଦନ୍ତ କରୁଛି ଆୟକର ବିଭାଗ। ଦଳର କୋଷାଧ୍ୟକ୍ଷ ଭାବରେ ଅହମଦଙ୍କୁ ହାଜର ହେବା ପାଇଁ କୁହାଯାଇଛି। ଫେବୃୟାରୀରେ ହାଜର ହେବା ପାଇଁ ପ୍ରଥମ ସମନ ହୋଇଥିବାବେଳେ ଅସୁସ୍ଥ ଥିବା ଦର୍ଶାଇ ରାଜ୍ୟ ସଭା ଏମ୍‌ପି ଅହମଦ ଏହାକୁ ଏଡାଇଯାଇଥିଲେ। କଂଗ୍ରେସ ଦଳକୁ ମିଳୁଥିବା ଚାନ୍ଦା ଓ ଦଳୀୟ ଖର୍ଚ୍ଚକୁ ନେଇ ଆୟକର ବିଭାଗ ତାଙ୍କୁ ଜେରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ମଧ୍ୟପ୍ରଦେଶ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦଳୀୟ ପାଣ୍ଠି ସମ୍ପର୍କିତ ବିଭିନ୍ନ ଦସ୍ତାବିଜ ଜବତ ହୋଇଥିଲା। ଏହି ଅନିୟମିତତା ନେଇ ପୂର୍ବରୁ କେତେଜଣ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଜେରା କରାଯାଇଥିଲା।

୧୧ରେ ଦିଲ୍ଲୀ ଦଙ୍ଗା ଆଲୋଚନା

ନୂଆଦିଲ୍ଲୀ,୬।୩

ପାର୍ଲାମେଣ୍ଟରେ ବିବୃତି ରଖିବେ ସ୍ୱରାଷ୍ଟ୍ର ମନ୍ତ୍ରୀ

ହୋଲି ପରେ ମାର୍ଚ୍ଚ ୧୧ରେ ଦିଲ୍ଲୀ ଦଙ୍ଗା ପ୍ରସଙ୍ଗ ପାର୍ଲାମେଣ୍ଟ ଆଲୋଚନାରେ ସ୍ଥାନ ପାଇବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସପ୍ତାହର ଦଙ୍ଗା ଉପରେ ଗୃହରେ ଉତ୍ତର ରଖିବେ। ସୋମବାର ଅଧିବେଶନ ଆରମ୍ଭ ହେବା ଦିନଠାରୁ ଦଙ୍ଗା ଉପରେ ଆଲୋଚନା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଆସୁଛନ୍ତି। ଆଲୋଚନା ପାଇଁ ଏବେ ସମୟ ଠିକ୍ ନୁହେଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଥିବାବେଳେ ହୋଲି ପରେ ସ୍ୱଳ୍ପ ସମୟ ଆଲୋଚନାକୁ ଅନୁମତି ଦେଇଛନ୍ତି। ତେବେ ଏହି ପ୍ରସଙ୍ଗ ଉପରେ ଭୋଟ ନିଆଯିବନି। ଗୃହରେ ବିଶୃଙ୍ଖଳା ସୃଷ୍ଟି ନ କରି ବିରୋଧୀ ସଦସ୍ୟମାନେ ଆଲୋଚନାରେ ଭାଗନେବେ ବୋଲି ଆଶା କରାଯାଉଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ୧୧ ପର୍ଯ୍ୟନ୍ତ ପାର୍ଲାମେଣ୍ଟକୁ ମୁଲତବୀ ରଖାଯାଇଛି।

ଦିଲ୍ଲୀ ଆଲୋଚନା ଦଙ୍ଗା ଦାବିରେ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ୭ ଜଣ କଂଗ୍ରେସ ଏମ୍‌ପିଙ୍କୁ ଗୁରୁବାର ବାଚସ୍ପତି ନିଲମ୍ବନ କରିଥିଲେ। ସେମାନେ ଅଧିବେଶନ ଶେଷ ପର୍ଯ୍ୟନ୍ତ ଗୃହକୁ ଆସିପାରିବେ ନାହିଁ। ଦଙ୍ଗାରେ ୫୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଅଧିକ ଆହତ ହୋଇଥିଲେ। ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଥିଲା। ବହୁସଂଖ୍ୟାରେ ଲୋକ ବାସହରା ହୋଇଛନ୍ତି। ତେବେ ହୋଲି ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର କାହିଁକି ରାଜି ହେଉନାହାନ୍ତି ବୋଲି ନିଲମ୍ବିତ କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ଯେଉଁମାନେ ଦଙ୍ଗାରେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହରାଇଛନ୍ତି, ସେମାନେ କ'ଣ ହୋଲି ଖେଳିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ | Bhubaneswar, Saturday, March 7/2020 | ପୃଷ୍ଠା-୧

ହୋଲି ଗୀତରେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଯଓ୍ୱାନୀ ହେ ଦିଓ୍ୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଶୁଟିଂ କରିବାକୁ ୪ ଦିନ ଲାଗିଥିଲା। ଏହା ଦୀପିକାଙ୍କ ପ୍ରଥମ ହୋଲି ଗୀତ।

୦୮ ୧୨

ପାଣ୍ଡ୍ୟାଙ୍କ ବିସ୍ଫୋରକ ଶତକ

ଡି.ୱାଇ. ପାଟିଲ ଟି୨୦ କପ୍ ସେମିଫାଇନାଲ୍‌ରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫୫ ବଲ୍‌ରେ ଅପରାଜିତ ୧୫୮ରନ କରିଛନ୍ତି।

ମହାପ୍ରଭୁଙ୍କ ଜମାଟଙ୍କା ଫେରସ୍ତ ନେଇ ଚିନ୍ତା

ପୁରୀ ଅଫିସ,୬।୩

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ଦୁଃସ୍ଥିତି ଯୋଗୁ ଏଭଳି ପଦକ୍ଷେପ ନେଇଛି ଆର୍‌ବିଆଇ। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଏବେ ସଂକଟରେ। ମହାପ୍ରଭୁଙ୍କ ଏତେ ପରିମାଣର ଟଙ୍କା ବୁଡ଼ିଯିବା ନେଇ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଏତେଗୁଡ଼ିଏ ଟଙ୍କା ଏହି ଘରୋଇ ବ୍ୟାଙ୍କରୁ କିପରି ଫେରସ୍ତ ଅଣାଯିବ ତାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏବେ ଚିନ୍ତାରେ। ତେବେ ଆଇନକାନୁନକୁ ମୋଡ଼ି ମକଚି ଯେଉଁମାନେ ଚଞ୍ଚକତା ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ଜୋର ଧରିଛି। ଏନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ତେଜିଉଠିଛି। ମହାପ୍ରଭୁଙ୍କ ଟଙ୍କା କିପରି ଉଦ୍ଧାର କରାଯାଇପାରିବ ତାହା ଉପରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ମହାପ୍ରଭୁଙ୍କର ୫୯୨ କୋଟି (୫୪୫ କୋଟି ସ୍ଥାୟୀ ଜମା ଓ ୪୭ କୋଟି ଫ୍ଲେକ୍ସି ଜମା) ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରି କି ଗତ ଡିସେମ୍ବର ୨୦ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ବେଶ୍ ହୋହଲ୍ଲା ହୋଇଥିଲା। ପରିଚାଳନା କମିଟିକୁ ଅନ୍ଧାରରେ ରଖି ଏବଂ ଅର୍ଥ ସବ୍ କମିଟି ଅନୁମୋଦନ ବିନା କିପରି ମହାପ୍ରଭୁଙ୍କ ☞ପୃଷ୍ଠା–୨



ୟେସ୍ ବ୍ୟାଙ୍କରେ ଅଛି ୫୪୫ କୋଟି

- ଚଞ୍ଚକତାକାରୀଙ୍କୁ ଦଣ୍ଡ ଦେବାକୁ ଦାବି

୮୫% ଖସିଲା ୟେସ୍ ବ୍ୟାଙ୍କ ଶେୟାର

ନୂଆଦିଲ୍ଲୀ, ୬।୩

ୟେସ ବ୍ୟାଙ୍କର ଜମା ରାଶି ଉପରେ କଟକଣା ଲାଗୁ କରାଯିବା ପରେ ଜମାକାରୀମାନେ ଆତଙ୍କିତ ହୋଇପଡିଛନ୍ତି। ଏପରିକି ଏହାର ପ୍ରଭାବ ଶେୟାର ବଜାର ଉପରେ ଗଭୀର ଭାବେ ପଡିଛି। ଏହି ସମୟରେ କ୍ଷତିଗ୍ରସ୍ତ ୟେସ ବ୍ୟାଙ୍କର ଶେୟାର କାରବାର ପ୍ରାୟ ୮୫% ଖସି ଆସିଥିବା ଜଣାପଡିଛି। ତେବେ ୟେସ ବ୍ୟାଙ୍କ ଜମାକାରୀଙ୍କ ଅର୍ଥ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହାକୁ ନେଇ କୌଣସି ଜମାକାରୀ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଏହି ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର କାର୍ଯ୍ୟ କରୁଛନ୍ତି ବୋଲି ଜମାକାରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି। (ଅଧିକ ରିପୋର୍ଟ: ବିଜିନେସ୍ ପୃଷ୍ଠା)

- ଜମାକାରୀ ଆତଙ୍କିତ
- ଆକାଉଣ୍ଟଧାରୀଙ୍କ ଅର୍ଥ ସୁରକ୍ଷିତ: କେନ୍ଦ୍ର ଅର୍ଥମନ୍ତ୍ରୀ

୪ ରାଜ୍ୟ ସଭା ଆସନ ପାଇଁ ବିଜ୍ଞପ୍ତି

- ୧୩ ଯାଏ ନାମାଙ୍କନ ଦାଖଲ
- ୧୬ରେ ଯାଞ୍ଚ,୧୮ରେ ପ୍ରତ୍ୟାହାର,୨୬ରେ ଭୋଟ୍

ଭୁବନେଶ୍ୱର,୬।୩(ବ୍ୟୁରୋ)

ଓଡ଼ିଶା ୪ ଆସନ ସମେତ ୧୭ ରାଜ୍ୟର ଖାଲିହେବାକୁ ଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଭାରତର ନିର୍ବାଚନ କମିଶନର ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଉକ୍ତ ବିଜ୍ଞପ୍ତି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଓଡ଼ିଶା ରାଜପତ୍ରରେ ପୁନଃ ପ୍ରକାଶିତ ହୋଇଛି। ଓଡ଼ିଶା ବିଧାନସଭା ସଚିବ ତଥା ରିଟର୍ନିଂ ଅଫିସର ଦାଶରଥୀ ଶତପଥୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୬ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଛୁଟିଦିବସ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ ବିଧାନସଭା ସଚିବାଳୟର ସମ୍ମିଳନୀ କକ୍ଷରେ ମନୋନୟନପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ମାର୍ଚ୍ଚ ୧୬ ପୂର୍ବାହ୍ନ ୧୧ଟା ୩୦ରେ ଦାଖଲ କରାଯାଇଥିବା ☞ପୃଷ୍ଠା–୨

ବିଭାଗ ଉପରେ ଲାଗିଲା ଅଙ୍କୁଶ

ଖର୍ଚ୍ଚ ହୋଇପାରୁନି ଟଙ୍କା

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ନିର୍ଦ୍ଧାରିତ ସମୟରେ ଟଙ୍କା ଖର୍ଚ୍ଚ କରୁ ନ ଥିବା ବିଭାଗଗୁଡିକ ଉପରେ ଅର୍ଥ ବିଭାଗ ଅଙ୍କୁଶ ଲଗାଇଛି। ୨୦୨୦–୨୧ ଆର୍ଥିକ ବର୍ଷରେ ଆଉ ମନଇଚ୍ଛା ବଜେଟ୍ ଟଙ୍କା ମିଳିବ ନାହିଁ। ଯଦି କୌଣସି ବିଭାଗ ଯୋଜନା କିମ୍ବା କାର୍ଯ୍ୟକ୍ରମ ବାବଦରେ ଗତ ଆର୍ଥିକ ବର୍ଷର ଟଙ୍କା ଖର୍ଚ୍ଚ ନ କରି ବ୍ୟାଙ୍କରେ ଜମା ରଖିଛନ୍ତି, ସେ ସମସ୍ତ ଗଚ୍ଛିତ (ପାର୍କିଂ) ଅର୍ଥ ଖର୍ଚ୍ଚ ନ ହେବା ଯାଏ ନୂଆ ବଜେଟ୍‌ର ଟଙ୍କାଟିଏ ମିଳିବ ନାହିଁ। ସମସ୍ତ ବିଭାଗକୁ ଅର୍ଥ ବିଭାଗ ଏଭଳି କଡ଼ା ନିର୍ଦ୍ଦେଶ ଦେଇଛି। କେବଳ ରାଜ୍ୟ ଯୋଜନା ନୁହେଁ, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅର୍ଥମଧ୍ୟ ନିର୍ଦ୍ଧାରିତ ସମୟରେ ବିଭାଗଗୁଡିକ ଖର୍ଚ୍ଚ କରିବାରେ ଏକ ପ୍ରକାର ବିଫଳ ହୋଇଛନ୍ତି। କେନ୍ଦ୍ରରୁ ଅନୁଦାନ ପାଇବା ପାଇଁ ବିଭାଗଗୁଡିକ ବରାଦ ଅର୍ଥ ଖର୍ଚ୍ଚ ନ କରି ବିନିଯୋଗ ପ୍ରମାଣପତ୍ର (ୟୁ.ସି.) ଦେଉଛନ୍ତି। ଏଥିଯୋଗୁ ବହୁ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ବିଭିନ୍ନ ବ୍ୟାଙ୍କରେ ଦୀର୍ଘବର୍ଷ ଧରି ପଡ଼ି ରହିଛି।

ବିଭାଗଗୁଡିକ ଅର୍ଥ ଖର୍ଚ୍ଚ ନ କରି ନୂଆ ବଜେଟ୍ ପାଇଁ ଲମ୍ବା ଖର୍ଚ୍ଚ ଚିଠା ଧରାଇ ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଯଥାରେ ଋଣ କରିବାକୁ ପଡୁଛି। ୨୦୨୦–୨୧ ଆର୍ଥିକ ବର୍ଷରେ ସରକାର ୧୮ ହଜାର କୋଟି ଟଙ୍କା ଋଣ କରିବେ ବୋଲି ଘୋଷଣା କରିଛନ୍ତି। ଋଣଭାର କମାଇବାକୁ ସରକାର ଏଭଳି ଦୃଢ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେଉଁ ବିଭାଗ କେଉଁ ବ୍ୟାଙ୍କରେ କେତେ ଟଙ୍କା ପାର୍କିଂ କରିଛନ୍ତି ସେ ନେଇ ଅର୍ଥ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ବିଭାଗଗୁଡିକର ଆର୍ଥିକ କାରବାର ସମ୍ପର୍କରେ ସମସ୍ତ ତଥ୍ୟ ଦେବାକୁ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛନ୍ତି। ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍‌ଏମ୍‌ଏସ୍) ଜରିଆରେ ରିଜର୍ଭ ବ୍ୟାଙ୍କ ବିଭାଗଗୁଡିକର ସମସ୍ତ ଆର୍ଥିକ କାରବାର ବିବରଣୀ ପ୍ରଦାନ କରିବ। ସେହି ତଥ୍ୟ ଆଧାରରେ ନୂଆ ବଜେଟ୍ ଅର୍ଥ ବିଭାଗଗୁଡିକୁ ବଣ୍ଟନ କରାଯିବ। ଆସନ୍ତା ସଚିବସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ନିମନ୍ତେ ଏକ ଏଜେଣ୍ଡା ପ୍ରସ୍ତୁତ କରାଯାଇଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଦ୍ୱାରା ସରକାର ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା ହେବା ସହ ରାଜକୋଷ ଉପରେ ପଡୁଥିବା ଋଣ ଚାପକୁ ହ୍ରାସ କରାଯାଇପାରିବେ ବୋଲି ସେ କହିଛନ୍ତି।

ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୧୫ରୁ ଊର୍ଦ୍ଧ୍ୱ ବିଭାଗ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ମାତ୍ର ୨୦ରୁ ୫୦ ପ୍ରତିଶତ ମଧ୍ୟରେ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଗୃହ ବିଭାଗ ସମୁଦାୟ ୫,୬୫୩.୯୬ କୋଟି ଟଙ୍କାରୁ ୩,୫୨୯.୬୨ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଅର୍ଥ ବିଭାଗ ୨୮,୨୩୮.୪୯ କୋଟିରୁ ୧୭,୧୯୮.୦୧ କୋଟି, ନିର୍ମାଣ ବିଭାଗ ୫,୮୧୦.୯୮ କୋଟିରୁ ୩,୬୧୬.୨୭ କୋଟି, ସ୍କୁଲ ଓ ଗଣଶିକ୍ଷା ବିଭାଗ ୧୭,୩୮୮.୦୯ କୋଟିରୁ ୧୦,୫୯୧.୧୨ କୋଟି, ଗୃହ ନିର୍ମାଣ ଓ ଉନ୍ନୟନ ବିଭାଗ ୬,୦୩୦.୯୪ କୋଟିରୁ ୨,୮୭୦.୪୯ କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୭,୨୯୬.୦୭ କୋଟିରୁ ୪,୦୦୫.୩୭ କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧,୧୧୮.୧୩ କୋଟିରୁ ☞ପୃଷ୍ଠା–୨

ସରକାରଙ୍କ ଉପରେ ଋଣଭାର ଚାପ

- ବ୍ୟାଙ୍କରେ ଟଙ୍କା ଥିଲେ ମିଳିବନି ବଜେଟ ଅର୍ଥ
- ରିଜର୍ଭ ବ୍ୟାଙ୍କକୁ ଖର୍ଚ୍ଚ ତାଲିକା ମାଗିଲା ଅର୍ଥ ବିଭାଗ
- ଫେବୃୟାରୀ ସୁଦ୍ଧା ୬୦% ଖର୍ଚ୍ଚ କରିନାହାନ୍ତି ବିଭାଗ

ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ପାସ୍‌ପୋର୍ଟ ମନା

ନୂଆଦିଲ୍ଲୀ,୬।୩

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ ଆଉ ମିଳିବ ନାହିଁ ପାସ୍‌ପୋର୍ଟ। ଯେଉଁ କର୍ମଚାରୀମାନେ ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି କିମ୍ବା ଯାହାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗରେ ମାମଲା ରୁଜୁ ପାଇଁ ସରକାର ଅନୁମତି ଦେଇଛନ୍ତି, ସେମାନେ ପାସ୍‌ପୋର୍ଟ ପାଇପାରିବେ ନାହିଁ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ପରାମର୍ଶ କରି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଥିବା ଗାଇଡ୍‌ଲାଇନ୍‌ର ସମୀକ୍ଷା କରାଯାଇଥିଲା। ଏହା ପରେ ଉକ୍ତ ପଦକ୍ଷେପ ନିଆଯାଇଛି। ନୂଆ ନିୟମ ଅନୁସାରେ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ପାସ୍‌ପୋର୍ଟ ପ୍ରଦାନ ପୂର୍ବରୁ ଭିଜିଲାନ୍ସ ମଞ୍ଜୁରୀ ଆବଶ୍ୟକ। ଭିଜିଲାନ୍ସ କ୍ଲିୟରାନ୍ସ ନ ମିଳିଲେ ସେମାନଙ୍କୁ ପାସ୍‌ପୋର୍ଟ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଭାଗର ସଚିବମାନଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଛି। ଚାକିରିରୁ ନିଲମ୍ବିତ ହୋଇଥିବା ଅଧିକାରୀ କିମ୍ବା ଯାହାଙ୍କ ବିରୋଧରେ ଆପରାଧିକ ମାମଲାରେ ତଦନ୍ତକାରୀ ☞ପୃଷ୍ଠା–୨

ଏମାନେ ପାଇବେନି ଯାତ୍ରା ଦସ୍ତାବିଜ

- ଭ୍ରଷ୍ଟାଚାର ଅଭିଯୋଗରେ ନିଲମ୍ବିତ ଅଧିକାରୀ
- ଯାହାଙ୍କ ବିରୋଧରେ ମାମଲା ପାଇଁ ଅନୁମତି ଦିଆଯାଇଛି
- ଭାରତ ବାହାରେ ଆବେଦନକାରୀଙ୍କ ଉପସ୍ଥିତି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରୁଥିଲେ
- ୱାରେଣ୍ଟ କିମ୍ବା ହାଜର ପାଇଁ ସମନ ଅଥବା ଗିରଫ ପରୱାନା ଜାରି ହୋଇଥିଲେ

ବିମଲ ଜୁଲ୍‌କା ସିଆଇସି

ନୂଆଦିଲ୍ଲୀ,୬।୩(ପି.ଟି.)

ସୂଚନା କମିଶନର ବିମଲ ଜୁଲ୍‌କାଙ୍କୁ ଶୁକ୍ରବାର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ନିଯୁକ୍ତି ମିଳିଛି। ଜାନୁୟାରୀ ୧୧ରେ ସିଆଇସି ସୁଧୀର ଭାର୍ଗବ ଅବସର ନେବା ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ତାଙ୍କ ସ୍ଥାନରେ ଜୁଲ୍‌କାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଆଇସି ନିଯୁକ୍ତ କରିଛନ୍ତି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ରାଷ୍ଟ୍ରପତି କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ବିମଲ ଜୁଲ୍‌କାଙ୍କୁ ଦେଶର ନୂଆ ସିଆଇସି ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୧୯୭୯ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ (ଅବସରପ୍ରାପ୍ତ) ଜୁଲ୍‌କା ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। ତାଙ୍କୁ ଏହି ଦୁର୍ନୀତି ନିରୋଧୀ ଜଗୁଆଳି ସଂସ୍ଥାର ମୁଖ୍ୟ ଭାବେ ଅବସ୍ଥାପିତ କରାଯିବା ପରେ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ ଆଉ ୫ ସୂଚନା କମିଶନର ପଦବୀ ଖାଲିପଡ଼ିଛି। ଏବେ ସିଆଇସିରେ ୬ କମିଶନର କାର୍ଯ୍ୟରତ ଅଛନ୍ତି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଜୁଲ୍‌କାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ।

ଆଜିର ସମ୍ପାଦକୀୟ

ଭିନ୍ନମତ ପାଇଁ ଜାଗା ନାହିଁ

Venco66 CHICKEN

06.03.2020

Dist	Farm Gate/Kg	With Skin/Kg	Skinless /Kg
BBSR	32	70	80
CTC	32	70	80
DKL	32	70	80
BDK	32	70	80
BLS	32	70	80
ANG	32	70	80
BMP	32	70	80

Issued in the Interest of Consumers

*Conditions Apply

ସାଥୀ ଖୋଜିବାକୁ ୨ ହଜାର କିମି

ନୂଆଦିଲ୍ଲୀ, ୬।୩

'ବଞ୍ଜର ହୈ ସବ୍ ବଞ୍ଜର ହୈ। ହମ୍ ଢୁଣ୍ଡନେ ଜବ ଫିର୍ଦୌସ ଚାଲେ। ତେରେ ଖୋଜ୍ ତଲାସ ମେଁ ଦେଖ୍ ପିୟା, ହମ୍ କିତନେ କାଲେ କୋଶ ଚାଲେ...'। ମହାନ୍ ସଙ୍ଗୀତକାର ଗୁଲ୍‌ଜାରଙ୍କ ରଚିତ ଏହି ଶାୟରୀକୁ ଆମେ ଶୁଣିବାକୁ ପାଇଥିଲେ ହିନ୍ଦୀ ଫିଲ୍ମି 'ସାଥିୟାଁ'ରେ, ଯାହାକୁ ନିଜର କଣ୍ଠରେ ସଜାଇଥିଲେ ଓସ୍କାର ବିଜେତା କଣ୍ଠଶିଳ୍ପୀ ଏ.ଆର୍. ରହମନ। ଏହି ଗୀତରେ ଭରି ରହିଛି ବିରହ ପ୍ରେମର ଯନ୍ତ୍ରଣା। ଏପରି ଏକ ବିରହୀ ବାଘର ପ୍ରେମ କାହାଣୀକୁ ନେଇ ସୋସିଆଲ ମିଡିଆରେ ଜୋର୍ ଧରିଛି ଚର୍ଚ୍ଚା। ଉକ୍ତ ମହାବଳ ବାଘ ସାଥୀ ଖୋଜିବାକୁ ୨୦୦୦ କିମି ପଥ ଅତିକ୍ରାନ୍ତ କରିଛି। ବାଙ୍ଗାଲୋରର ଜଣାଶୁଣା ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ପ୍ରବୀଣ କଶୱାନ ଉକ୍ତ ବାଘର ଫଟୋ ଏବଂ ଏହାର କଷ୍ଟପୂର୍ଣ୍ଣ ଯାତ୍ରାର ଛାୟାଚିତ୍ରକୁ ନିଜର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି।

ଋତୁ ଅନୁଯାୟୀ ଜଟିଳ ପରିସ୍ଥିତିରୁ ମୁକୁଳିବାକୁ ପଶୁପକ୍ଷୀମାନେ ନିଜର ଆବାସସ୍ଥଳୀ ବଦଳାଇଥାନ୍ତି। ଏହାକୁ ମାଇଗ୍ରେଶନ ବା ଦେଶାନ୍ତର କୁହାଯାଏ। ଉକ୍ତ ବାଘ ମଧ୍ୟ ସାଥୀ ଖୋଜିବାରେ ୨୦୦୦ କିମି ଚାଲିଥିବା ପ୍ରବୀଣ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରର ଟିପ୍ପେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟରୁ ନିଜର ଯାତ୍ରା ଆରମ୍ଭ କରିଥିବା ଉକ୍ତ ବାଘ ଏବେ ହିଙ୍ଗୋଲି ନିକଟ ଜ୍ଞାନଗଙ୍ଗା ଅଭୟାରଣ୍ୟରେ ପହଞ୍ଚିଛି। ନିଜର ଯାତ୍ରା ସମୟରେ ବାଘଟି ବିଲ, କେନାଲ, ଜଙ୍ଗଲ ରାସ୍ତା ଅତିକ୍ରମ କରିଛି। ସେ ଦିନ ତମାମ ବିଶ୍ରାମ ନେଉଥିବାବେଳେ ରାତିରେ ହିଁ ଚାଲୁଥିଲା। ହେଲେ ରାସ୍ତାରେ ବାଘଟି କାହାରି କୌଣସି କ୍ଷତି କରିନାହିଁ। କେବଳ ଜଣେ ଯୋଗ୍ୟ ସାଥୀ ପାଇବାକୁ ସେ ଏପରି ପରିଶ୍ରମ କରିଛି। ୨୦୧୯ ମାର୍ଚ୍ଚରେ ଉକ୍ତ ବାଘ ଦେହରେ ଭିଏଚ୍‌ଏଫ୍ ରେଡିଓ ଖଞ୍ଜାଯାଇଥିଲା। ଜିପିଏସ୍ ସହାୟତାରେ ତା' ଉପରେ ଲଗାତର ନଜର ରଖାଯାଇଥିଲା। ତେବେ ବାଘକୁ ସାଥୀ ମିଳିଛି ନା ନାହିଁ ସେ ସମ୍ପର୍କରେ ପ୍ରବୀଣ କିଛି ଉଲ୍ଲେଖ କରିନାହାନ୍ତି।

ତେବେ ପ୍ରବୀଣ ସମ୍ପୂର୍ଣ୍ଣ ଘଟଣାକୁ ଶେୟାର କରିବା ପରେ ଟୁଇଟର ୟୁଜର ବାଘକୁ ନେଇ ମଜାଳିଆ କମେଣ୍ଟ ଦେଇଛନ୍ତି। ଜଣେ କହିଛନ୍ତି, ଏଠି ଲୋକେ ନେଟ୍‌ଫ୍ଲିକ୍ସର ପାସ୍‌ୱାର୍ଡ ଦେଉନାହାନ୍ତି, ଅଥଚ ବାଘ ଏତେ ପରିଶ୍ରମ କରୁଛି। ଆଉ ଜଣେ ଲେଖିଛନ୍ତି, ସେ ବାଘୁଣୀ ବେଶ୍ ଭାଗ୍ୟବତୀ ହୋଇଥିବ। ଅନ୍ୟ ଜଣେ ଉଲ୍ଲେଖ କରିଛନ୍ତି, ବାଘମାନଙ୍କ ପାଇଁ ଟିଣ୍ଡର (ଡେଟିଂ ଆପ୍) ଲୋଡ଼ା। ସେ ଯାହା ହେଉନା କାହିଁକି, ସାଥୀ ଖୋଜିବାକୁ ବାଘର ଏପରି ଯାତ୍ରା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି।



Parveen Kaswan, IFS
@ParveenKaswan

This #Tiger from India after walking into records has settled to Dnyanganga forest. He walked for 2000 Kms through canals, fields, forest, roads & no conflict recorded. Resting in daytime & walking in night all for finding a suitable partner. Was being continuously monitored.

ORGANIC FAIR is Back!

8 March 2020, 8 am - 3 pm

Venue:
THE PRESS CLUB OF ODISHA

ALL ORGANIC PRODUCE BY GENUINE PRODUCERS WILL BE FOR DISPLAY/SALE

FOR MORE DETAILS CONTACT: +91-8144598918

Organised by : The Press Club of Odisha
Unit-III, Master Canteen Square, Bhubaneswar

ଆଜିର ମନ୍ତବ୍ୟ

ଗୃହକାର୍ଯ୍ୟ ବ୍ୟାଘାତ ପାଇଁ ଏମ୍‌ପିମାନଙ୍କୁ ନିଲମ୍ବନ କରିବା ପକେଟମାରଙ୍କୁ ଜେଲକୁ ପଠାଇବା ସଦୃଶ।
-ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା

କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫.୪୨ ବିଲିୟନ ଡଲାର ବୃଦ୍ଧି ଘଟି ୪୮୧. ୫୪ ବିଲିୟନ ଡଲାର ରହିଛି। –ରିଜର୍ଭ ବ୍ୟାଙ୍କ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଅଦ୍ୟାଶ୍ରୀ
ପରିବାରବର୍ଗ

ବିଶ୍ୱନାଥ
ପରିବାରବର୍ଗ

ଗାୟତ୍ରୀ
ପରିବାରବର୍ଗ

ପ୍ରଦୀପ
ପରିବାରବର୍ଗ

ପ୍ରିୟଦର୍ଶିନୀ
ପରିବାରବର୍ଗ

ରୋନି କୁମାର
ପରିବାରବର୍ଗ

ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କମିଲା ବସ୍ ଭଡ଼ା: କିଲୋମିଟର ପିଛା ୧ ଓ ୨ ପଇସା

ଭୁବନେଶ୍ୱର,୬।୩(ବ୍ୟୁରୋ)–ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ରାଜ୍ୟରେ ବସ ଭଡ଼ା କମିଛି। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳ ଦର ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ)ଅନୁଯାୟୀ ରାଜ୍ୟରେ ବସ ଭଡ଼ା ହ୍ରାସ ପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ ଭଡା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ ଭଡା କିଲୋମିଟର ପିଛା ୬୯ ପଇସାରୁ ୬୮ ପଇସା ହ୍ରାସ ହୋଇଥିବା ବେଳେ ଏକ୍ସପ୍ରେସ ୭୨ରୁ ୭୧, ଡିଲକ୍ସ ବସ କିଲୋମିଟର ପିଛା ୯୯ ପଇସାରୁ ୯୭ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୧ ପଇସା ୧ ଟଙ୍କା ୧୯ ପଇସାକୁ ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧ରେ ବସ ଭଡା ହ୍ରାସ ପାଇଥିଲା। ମାସକ ମଧ୍ୟରେ ୨ ଥର ଭଡ଼ା ହ୍ରାସ ହୋଇଛି। ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ବସ ଭଡ଼ା କମିଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ମହାପ୍ରଭୁଙ୍କ ଜମାଟଙ୍କା...

ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ଜମା କରାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ କିଏ ଅନୁମୋଦନ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉଠିବା ପରେ ହରଡ଼ଘଣାରେ ପଡିଥିଲେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିଥିବା ଅଧିକାରୀ। ବୈଠକର ୪ ଦିନ ପରେ ଅର୍ଥାତ୍ ଡିସେମ୍ବର ୨୪ରେ ସାନି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାପରେ ଅର୍ଥ ସବ୍‌କମିଟି ବୈଠକ ବସି ମହାପ୍ରଭୁଙ୍କ ପାଣ୍ଠିର ସ୍ୱଚ୍ଛତା ରଖାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଗତ ମାସ ୫ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପୁଣି ଏହି ପ୍ରସଙ୍ଗକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଣିକି ଜାତୀୟକରଣ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା। ଏଥିଲାଗି ଟେଣ୍ଡର ଆହ୍ୱାନ କରାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ୫୦ ପ୍ରତିଶତ ଅର୍ଥ ଜମା ରହିବ। ଅନ୍ୟ ଦୁଇଟି ବ୍ୟାଙ୍କରେ ବଳକା ଟଙ୍କାକୁ ବାଣ୍ଟି ରଖାଯିବ। ଫଳରେ ମହାପ୍ରଭୁଙ୍କ ପାଣ୍ଠି ସୁରକ୍ଷିତ ରହିପାରିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଥିଲେ। ଗତମାସ ୨୬ ତାରିଖରେ ବିଧାନସଭାରେ ଏହି ପ୍ରସଙ୍ଗରେ ଉତ୍ତର ଦେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ୫୯୨ କୋଟି ଟଙ୍କା ମଧ୍ୟରୁ ୪୭କୋଟି ଟଙ୍କା ଫ୍ଲେକ୍ସି ଜମାକୁ ୟେସ୍ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୫୪୫ କୋଟି ଟଙ୍କା ଚଳିତମାସ ୧୯ ଓ ୩୦ ତାରିଖରେ ମାଚ୍ୟୁରିଟି ପୂରୁଥିବାରୁ ଏହା ଉଠାଇ ଦିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗଡ଼ି ଯାଇଥିବାରୁ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। କାରଣ ଆସନ୍ତା ୩୦ ଦିନ ମଧ୍ୟରେ ୟେସ୍ ବ୍ୟାଙ୍କର ଜଣେ ଗ୍ରାହକ ସର୍ବାଧିକ ୫୦ ହଜାର ଟଙ୍କା ଉଠାଇ ପାରିବ ବୋଲି ନିୟମ ଲାଗୁ ହୋଇଛି।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଏତେଗୁଡ଼ିଏ ଟଙ୍କା ରଖିବା ଲାଗି କିଭଳି ନିଷ୍ପତ୍ତି ନିଆଗଲା ରାଜ୍ୟ ସରକାର ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହାସହିତ ମହାପ୍ରଭୁଙ୍କ ଟଙ୍କା ଉକ୍ତ ବ୍ୟାଙ୍କରୁ କିପରି ଉଠାଯିବ ସେ ନେଇ ପଦକ୍ଷେପ ନିଅନ୍ତୁ। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପରିଚାଳନା କମିଟିରେ ଆଲୋଚନା ହୋଇନି, ଗଜପତି ମହାରାଜା ଜାଣିନାହାନ୍ତି, ଅର୍ଥ ସବ୍ କମିଟି ଅନୁମୋଦନ କରିନି, ହେଲେ ମହାପ୍ରଭୁଙ୍କ ଟଙ୍କା ଏକ ଘରୋଇ ବ୍ୟାଙ୍କ ହାତରେ ଟେକିଦିଆଯାଇଛି। ଏହା ସବୁଠୁ ଦୁଃଖଦାୟକ। ତଦନ୍ତ କରାଯାଇ ଯେଉଁମାନେ ଏପରି କାରବାର ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଅଧିକ ସୁଧ ଲୋଭରେ ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଆର୍‌ବିଆଇ ସହ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ଆଲୋଚନା କରି ମହାପ୍ରଭୁଙ୍କ ଟଙ୍କା କିପରି ଉଠାଇ ହେବ ସେ ନେଇ ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି ମହେଶ୍ୱର।

୪ ରାଜ୍ୟ ସଭା ...

ମନୋନୟନପତ୍ର ଯାଞ୍ଚ କରାଯିବ। ୧୮ ତାରିଖ ପୂର୍ବାହ୍ନ ୩ଟାମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆବଶ୍ୟକ ହେଲେ ମାର୍ଚ୍ଚ ୨୬ ପୂର୍ବାହ୍ନ ୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ। ମାର୍ଚ୍ଚ ୩୦ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏ ସମ୍ପର୍କିତ ବିଜ୍ଞପ୍ତି ବିଧାନସଭା ସଚିବାଳୟର ନୋଟିସ୍ ବୋର୍ଡରେ ପ୍ରକାଶିତ କରାଯାଇଛି। ସମସ୍ତ ଜିଲାପାଳ, ଉପଜିଲାପାଳ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ଏପ୍ରିଲ୍ ସୁଦ୍ଧା ବିଜେଡିର ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଲଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହେବା ପରେ ବିଜେଡି ନେତା ଅନୁଭବ ମହାନ୍ତି ରାଜ୍ୟ ସଭା ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ମୋଟ ୪ଟି ଆସନ ଖାଲି ପଡୁଛି। ଆସନ୍ତା ୨/୩ ଦିନ ମଧ୍ୟରେ ବିଜେଡି ରାଜ୍ୟ ସଭା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିବା ସମ୍ଭାବନା ରହିଛି। ତେବେ ଏହି ଦୌଡ଼ରେ କେଉଁମାନେ ଅଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଦଳ ପ୍ରତି ଆନୁଗତ୍ୟ ଥିବା କିମ୍ବା କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ସରୋଜିନୀଙ୍କ ସ୍ଥାନରେ ବିଜେଡି ଜଣେ ମହିଳାଙ୍କୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଆଲୋଚନା ହେଉଛି। ୩ଟି ରାଜ୍ୟ ସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ ହେଉଥିବାବେଳେ ୪ର୍ଥ ଆସନ ପାଇଁ ଭାଜପା ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ତେବେ ବିଜେଡି ଓ ଭାଜପା ଯାହାଙ୍କୁ ସମର୍ଥନ କରିବେ ତାଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଛି।

ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ...

ସଂସ୍ଥା ପକ୍ଷରୁ ଚାର୍ଜଶିଟ ଦାଖଲ କରାଯାଇଥିବ ତାଙ୍କର ଭିଜିଲାନ୍ସ ମଞ୍ଜୁରୀକୁ ବାତିଲ କରାଯିବ। ସେହିପରି ଦୁର୍ନୀତିନିବାରଣ ଆଇନ କିମ୍ବା ଅନ୍ୟ କୌଣସି ଆପରାଧିକ ମାମଲାକୁ କୋର୍ଟ ସଂଜ୍ଞାନକୁ ନେଇଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ପାସ୍‌ପୋର୍ଟ ପ୍ରଦାନ ନିମନ୍ତେ ଭିଜିଲାନ୍ସ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଭାରତୀୟ ପାସ୍‌ପୋର୍ଟ ହାସଲ କରିବାକୁ ଚାହୁଁଥିବା କାର୍ଯ୍ୟରତ ଅଧିକାରୀମାନଙ୍କ କ୍ଷେତ୍ରରେ ପାସ୍‌ପୋର୍ଟ ଆଇନ, ୧୯୬୭ର ଧାରା ୬(୨) ପ୍ରଯୁଜ୍ୟ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଯଦି ଭାରତ ବାହାରେ ଜଣେ ଆବେଦନକାରୀଙ୍କ ଉପସ୍ଥିତି ସମ୍ପୃକ୍ତ ଦେଶ ସହ ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଥାଏ କିମ୍ବା ତାଙ୍କୁ ଯାତ୍ରା ଦସ୍ତାବିଜ ପ୍ରଦାନ କରିବା ଜନହିତରେ ନୁହେଁ ବୋଲି କେନ୍ଦ୍ର ସରକାର ଅନୁଭବ କରନ୍ତି ତେବେ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ପାସ୍‌ପୋର୍ଟ ନ ଦେବା ପାଇଁ ନିଷ୍ପତ୍ତି ନେଇପାରିବେ। ଧାରା ୬(୨)ରେ ଏହି ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ଜଣକ ବିରୋଧରେ କୌଣସି କୋର୍ଟ ପକ୍ଷରୁ ୱାରେଣ୍ଟ କିମ୍ବା ହାଜିର ପାଇଁ ସମନ ଅଥବା ଗିରଫ ପରୱାନା ଜାରି କରାଯାଇଥିବ ତା' ହେଲେ ତାଙ୍କୁ ବିମାନରେ ବିଦେଶ ଯାତ୍ରା ଲାଗି ପାସ୍‌ପୋର୍ଟ ଦିଆଯିବ ନାହିଁ। ଯେଉଁ ଆବେଦନକାରୀଙ୍କୁ ଭାରତ ଛାଡ଼ିବା ପାଇଁ ବାରଣ କରି କଟକଣା ସମ୍ବଳିତ ନିର୍ଦ୍ଦେଶନାମା ଜାରି ହୋଇଥିବ ତାଙ୍କୁ ମଧ୍ୟ ପାସ୍‌ପୋର୍ଟ ମିଳିବ ନାହିଁ ବୋଲି ଏହି ଆଇନରେ ସ୍ପଷ୍ଟ କରାଯାଇଛି।

ବିଭାଗ ଉପରେ ...

୫୪୪.୬୩ କୋଟି ଖର୍ଚ୍ଚ କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ୧୯,୬୯୬.୮୭ କୋଟିରୁ ୧୧,୯୦୩.୫୯ କୋଟି, ଜଳସମ୍ପଦ ବିଭାଗ ୮,୧୨୯.୪୯ କୋଟିରୁ ୩,୬୯୧.୪୨ କୋଟି, କୃଷି ବିଭାଗ ୯,୧୧୧.୯୧ କୋଟିରୁ ୫,୭୫୭ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୫୮୭.୪୫ କୋଟିରୁ ୧,୧୮୦.୪୫ କୋଟି, ଶକ୍ତି ବିଭାଗ ୩,୧୦୨.୦୩ କୋଟିରୁ ୧,୪୩୫.୭୨ କୋଟି, ଉଚ୍ଚଶିକ୍ଷା ବିଭାଗ ୨,୪୧୨.୩୭ କୋଟିରୁ ୧,୨୨୧.୫୧ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୩,୪୮୦.୪୦ କୋଟିରୁ ୨,୫୪୯.୨୫ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ଏହାବ୍ୟତୀତ ଅନ୍ୟ ବିଭାଗଗୁଡ଼ିକର ସ୍ଥିତି ମଧ୍ୟ ସମାନ। ୨୦୧୭–୧୮ ଆର୍ଥିକ ବର୍ଷରେ ମଧ୍ୟ ସମାନ ଅବସ୍ଥା ଥିଲା। ଅର୍ଥ ଖର୍ଚ୍ଚ ହେଉ ନ ଥିବାରୁ ବିକାଶ କାର୍ଯ୍ୟ ଧିମେଇ ଯାଉଛି।

ଅନ୍ୟପକ୍ଷରେ ଯେଉଁ ଡିଡିଓ(ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର) ବିନା କାରଣରେ ଟ୍ରେଜେରିରୁ ଟଙ୍କା ନେଇ ଅନ୍ୟ ବ୍ୟାଙ୍କରେ ରଖୁଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅର୍ଥ ବିଭାଗ ଚେତାଇ ଦେଇଛି। ଏ ନେଇ ଜିଲାପାଳ ଓ ବିଭିନ୍ନ ବିଭାଗକୁ ଜଣାଇ ଦିଆଯାଇଛି। ଜରୁରୀ ନ ପଡ଼ିଲେ ପଇସା ନ ଉଠାଇବାକୁ ତାଗିଦ କରାଯାଇଛି। ଯଦି କୌଣସି ଯୋଜନାର ଅର୍ଥ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଖର୍ଚ୍ଚ ହୋଇଯିବ, ଅର୍ଥ ବିଭାଗ ତୁରନ୍ତ ଅର୍ଥ ଯୋଗାଇବ। ଏଥିପାଇଁ ବିଧାନସଭା କିମ୍ବା କ୍ୟାବିନେଟ୍ ମଞ୍ଜୁରୀ ଆବଶ୍ୟକତା ପଡ଼ିବ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଠିକ୍ ରହିଛି, ରାଜ୍ୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ବୃଦ୍ଧି ପାଇଛି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ସରକାର ୨୦୧୭–୧୮ ଆର୍ଥିକବର୍ଷରେ କେନ୍ଦ୍ରଠାରୁ ୨,୩୪୮.୫ କୋଟି, ୨୦୧୮–୧୯ରେ ୪,୨୪୧ କୋଟି ପାଇଥିବାବେଳେ ୨୦୧୯–୨୦ରେ ୨,୧୫୩ କୋଟି କ୍ଷତିପୂରଣ ପାଇବେ। ସେଥିରୁ ଏପର୍ଯ୍ୟନ୍ତ ୬୧୮ କୋଟି ଟଙ୍କା ମିଳିଛି। କେନ୍ଦ୍ର ସରକାର ୨୦୨୦ ଜାନୁୟାରୀ ୩୧ ସୁଦ୍ଧା ୩,୨୦୪.୭ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ଦେଇଛନ୍ତି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜ୍ୟକୁ ପ୍ରାୟ ୪ ହଜାର କୋଟି ଟଙ୍କାର କ୍ଷତିପୂରଣ ମିଳୁଥିବା ଜଣାପଡ଼ିଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ଚନ୍ଦ୍ର ନିଜ ରାଶିରେ ଅବସ୍ଥାନ କରିଥିବାରୁ ସୁନ୍ଦର ପାରିବାରିକ ଜୀବନ ଓ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ମନ ଖୁସୀ ରହିବ। ଶୁକ୍ରଙ୍କ ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁଗୃହକୁ ଯାତ୍ରା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ,ବ୍ୟବସାୟ, ପ୍ରତିଯୋଗିତା କ୍ଷେତ୍ରରେ ଆଶାନୁଯାୟୀ ସଫଳତା ପାଇବେ। କିନ୍ତୁ ଶନିଙ୍କ ଦୃଷ୍ଟିପ୍ରଭାବରେ ଅଶ୍ୱିନୀ ପାଇଁ କାମରେ ବିଘ୍ନ ଓ କୃତିକା ବନ୍ଧୁବର୍ଗରେ କଳହର ଆଶଙ୍କା ରହିଛି।

ବୃଷ

ରବିଙ୍କ ସହ ନୀଚାରୋହୀ ବୁଧ ଆପଣଙ୍କୁ ବିଫଳ ଆଲୋଚନା ଓ ଅର୍ଥ ସମ୍ପର୍କୀୟ ବିବାଦ ଭିତରକୁ ଟାଣିନେବ। ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବାରେ ଅସୁବିଧା ହେବନାହିଁ। କଚେରି ମାମଲାରେ ପୁନଶ୍ଚ ବାଇଦା ପକାଇବା ପାଇଁ ଆଇନଜ୍ଞଙ୍କୁ ଅନୁରୋଧ କରିପାରନ୍ତି।

ମିଥୁନ

ରାହୁଙ୍କ ଯୋଗୁ ମାନସିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ। ଆରଦ୍ରା ନକ୍ଷତ୍ର କିନ୍ତୁ ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଆଜି ଆପଣଙ୍କର ଭାଇ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ।

କର୍କଟ

ଆଜି ରବି ଓ ଚନ୍ଦ୍ର ତଥା ଶୁକ୍ରଙ୍କ ଶୁଭଦୃଷ୍ଟି ପ୍ରଭାବରେ ଆର୍ଥିକ ଦିଗରୁ, ବନ୍ଧୁ ସହଯୋଗରୁ, ରୋଗପୀଡା ଉପଶମରୁ ମନ ଖୁସୀ ହୋଇଯିବ। ପୁଷ୍ୟା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ ପ୍ରଥମେ ବିରକ୍ତି ପ୍ରକାଶକରି ପରମୁହୂର୍ତ୍ତରେ କାମଟି କରିଦେବେ।

ସିଂହ

ଚନ୍ଦ୍ର ଦ୍ୱାଦଶ ସ୍ଥାନରେ ଥିବାରୁ କୌଣସି ଏକ ଜରୁରୀ କାମରେ ହଠାତ୍ ବାହାରକୁ ଯିବାକୁ ପଡିପାରେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ କିନ୍ତୁ ପରିବାରରେ ମତଭେଦର ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

କନ୍ୟା

ବୁଧ ରାଶିରେ ଷଷ୍ଠସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଋଣ ପରିଶୋଧ ପାଇଁ ଚାପର ସମ୍ମୁଖୀନ ହେବେ। ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତିତ ରହିପାରନ୍ତି, ସେଥିରେ ସଫଳତା ଅବଶ୍ୟ ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ । ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

ତୁଳା

ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁମାନଙ୍କ ଜରିଆରେ କାମ ହାସଲ ସକାଶେ ଆଲୋଚନା କରିପାରନ୍ତି। ସରକାରୀ ସ୍ତରର କାମ

DSPL-301

ODISHA
NEW OPPORTUNITIES



ODISHA The New Manufacturing Hub of India

Odisha has emerged as the **#1 investment destination** in India, with 18% share of all investments nationally during April-September, 2019

After the 8 phases of ground-breaking/inauguration and the successful organization of the Make in Odisha Conclave 2018, Invest Odisha is proud to announce...

9th PHASE

Ground-breaking/Inauguration

26 New Industrial Projects* spanning 10 Sectors across 9 districts

by

Shri Naveen Patnaik

Hon'ble Chief Minister

7th March 2020

Inauguration

Aditya Birla Renewable, Boudh | Jindal Stainless Ltd, Jajpur | AKM Agro, Khurda

Ground-breaking

Rungta Mines Limited (RML), Sundargarh | Shri Jagannath Steel & Power Limited, Keonjhar | Kamaljeet Singh Ahluwalia, Keonjhar | MSP Sponge Iron Limited, Keonjhar | Kashika Metaliks Limited, Jajpur | Kashvi International (P) Ltd, Keonjhar | Ilex Developers & Resorts Ltd, Khurdha | Dibya Multigrains Pvt. Ltd., Cuttack | Sidhi Vinayak Oxygen, Cuttack | Tarini Packaging & Graphics, Cuttack | Fun Leela Water Park, Jharsuguda | Furtune Powernic Solutions (P) Ltd., Cuttack | Recaardus Enterprises, Cuttack | Riddhi Binayak Pet Industries, Cuttack | Laxmi Priya Agro Food Processing, Cuttack | East Coast Thermocol & Paper Products, Balasore | Ganapati Steel Industry, Balasore | Raj Udyog, Balasore | Turbo Classic, Rourkela | Tirupati Plastic, Cuttack | Dishu Surgicals, Dhenkanal | Rowan Mills (P) Ltd., Cuttack | Venus Cotton Industries, Balasore

***Investment of ₹5567.5 crore with potential employment for 9168**

#Source: Center for Monitoring Indian Economy (CMIE)

OIPR-14005/13/0016/1920

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app Google Play App Store Windows Store
Follow us on @investInOdisha /InvestOdisha

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। –ଶ୍ରୀମା

ଭିନ୍ନମତ ପାଇଁ ଜାଗା ନାହିଁ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏବେ ଗ୍ରହଣ କରାଯାଇଥିବା ଏକ ପଦକ୍ଷେପ ୨୦୧୦ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଘଟିଥିବା ଅନୁରୂପ ଘଟଣାକୁ ସ୍ମରଣ କରାଇଦେଇଛି। ନୂତନ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ସଞ୍ଜୟ କୋଠାରୀ ଏବଂ ନୂତନ କେନ୍ଦ୍ରୀୟ ସୂଚନା କମିଶନର ଭାବେ ବିମଲ ଜୁଲ୍‌କାଙ୍କ ନିଯୁକ୍ତି ବିବାଦ ଭିତରକୁ ଟାଣି ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟିର କଂଗ୍ରେସ ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ ଏହି ନିଯୁକ୍ତିକୁ ଦୃଢ ବିରୋଧ କରିଛନ୍ତି। କୋଠାରୀ ଭାରତର ରାଷ୍ଟ୍ରପତିଙ୍କ ସଚିବ ଥିବାବେଳେ ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ଥିବା ଜୁଲ୍‌କା ଏବେ ସୂଚନା କମିଶନର ଅଛନ୍ତି। ଚୟନ କମିଟି ମଧ୍ୟରେ ରହିଥିବା ଦୋଷଦୁର୍ବଳତା ଉପରେ ଚୌଧୁରୀ ଆପତ୍ତି ଉଠାଇଛନ୍ତି। ଚୟନ କମିଟିରେ ରାଜସ୍ୱ ସଚିବ ରାଜୀବ କୁମାରଙ୍କ ଉପସ୍ଥିତିକୁ ନେଇ ସେ ଆପତ୍ତି କରିଥିଲେ, କାରଣ କୁମାର ନିଜେ ସିଭିସି ପଦ ପାଇଁ ଅନ୍ୟତମ ଆବେଦନକାରୀ ଥିଲେ! କୁମାରଙ୍କ ସହିତ କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଉଛନ୍ତି କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବ ସି. ଚନ୍ଦ୍ରମୌଳି। ଚୌଧୁରୀଙ୍କ ପ୍ରତିବାଦକୁ ସଂଖ୍ୟାଧିକ ନିଷ୍ପତ୍ତି କ୍ରମେ ଅଣଦେଖା କରାଯାଇଥିଲା, କିନ୍ତୁ ମୋଦିଙ୍କ ଦ୍ୱାରା ନିଆଯାଇ ସାରିଥିବା ନିଷ୍ପତ୍ତିର ଏହା କେବଳ ଔପଚାରିକତା ଥିଲା ବୋଲି ସେ କୌଣସି ପ୍ରକାରେ ସ୍ୱର ଉତ୍ତୋଳନ କରିବାକୁ ସକ୍ଷମ ହୋଇଥିଲେ।

ଝୁପି ବାବୁଙ୍କ ଭବିଷ୍ୟତ କୋମାରେ

ଉତ୍ତରପ୍ରଦେଶ ସରକାର ଏହାର ବରିଷ୍ଠ ବାବୁମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ପଠାଇବାକୁ ଅନିଚ୍ଛୁକ ଥିବା କଥାକୁ ନେଇ ବିଶେଷକରି ୧୯୮୮ ଓ ୧୯୯୯ ବ୍ୟାଚ୍‌ର ବାବୁମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ୧୯୮୬ ଓ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ପ୍ରମୁଖ ସଚିବ ପଦରୁ ଅତିରିକ୍ତ ମୁଖ୍ୟ ସଚିବ ପଦକୁ ପଦୋନ୍ନତି ପାଇଥିବାବେଳେ ତା' ପର ବ୍ୟାଚ୍‌ର ଅଧିକାରୀମାନେ ପଦୋନ୍ନତି ପାଇବାକୁ ହକ୍‌ଦାର। କିନ୍ତୁ ଯୋଗୀ ସରକାର ଏଥିଲାଗି ଆଗ୍ରହ ଦେଖାଉ ନାହାନ୍ତି। ଗୁଜରାଟ ସରକାର ଅତିରିକ୍ତ ମୁଖ୍ୟ ସଚିବ ଭାବେ ତାଙ୍କ ରାଜ୍ୟର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କ ପଦୋନ୍ନତି ଲାଗି ପଥ ପରିଷ୍କାର କରିବା ପରଠାରୁ ଉତ୍ତରପ୍ରଦେଶ ବାବୁମାନେ ଅଶାନ୍ତିରେ ଅଛନ୍ତି। ସେମାନେ ଅନୁଭବ କରୁଛନ୍ତି ଯେ, ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। କେବଳ ନିଜ ରାଜ୍ୟରେ ପଦୋନ୍ନତି ଦୃଷ୍ଟିରୁ ନୁହେଁ, ବରଂ ସେମାନଙ୍କ କ୍ୟାରିୟର ଲାଗି ନିହାତି ଆବଶ୍ୟକ ମନେ କରାଯାଉଥିବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ସୁଯୋଗରୁ ବି ସେମାନଙ୍କୁ ବଞ୍ଚିତ କରାଯାଉଛି। ତେଣୁ ସେମାନଙ୍କ ଭବିଷ୍ୟତ ଏବେ କୋମାରେ। କୁହାଯାଉଛି କି, ଅତିରିକ୍ତ ମୁଖ୍ୟ ସଚିବ ପଦ ସଂଖ୍ୟା ନିର୍ଦ୍ଧାରିତ ହୋଇଥିବାରୁ ଯୋଗୀ ସରକାର ନାଚାର। ତେବେ କାହିଁକି ଝୁପି ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ବାବୁମାନଙ୍କୁ ଅନୁମତି ଦେଉନାହାନ୍ତି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ସ୍ୱତନ୍ତ୍ର କ୍ୟାଡର ଦାବି

ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ତାଙ୍କ ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍ କ୍ୟାଡର ଦାବି ଦୋହରାଇଛନ୍ତି। ନିକଟରେ ଅରୁଣାଚଳରେ ରାଜ୍ୟ ମାନ୍ୟତା ଦିବସ ପାଳନ ଅବସରରେ ଖଣ୍ଡୁ ରାଜ୍ୟର ଦ୍ରୁତ ବିକାଶ ସକାଶେ ସ୍ୱତନ୍ତ୍ର କ୍ୟାଡର ସୃଷ୍ଟି ନିମନ୍ତେ ରହିଥିବା ସମସ୍ତ ଔପଚାରିକତା ପୂରଣ ଲାଗି କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ପ୍ରତିଷ୍ଠା ହେବାର ୩୩ ବର୍ଷ ପରେ ବି ଅରୁଣାଚଳ ପ୍ରଦେଶର ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ନିଜସ୍ୱ କ୍ୟାଡର ନାହିଁ। ବର୍ତ୍ତମାନ ପ୍ରଶାସନିକ ଅଧିକାରୀମାନେ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପାଇଁ ଥିବା ସାଧାରଣ ଏଜିଏମ୍‌ୟୁଟି କ୍ୟାଡରରୁ ଆସି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଏକ ଉତ୍ସର୍ଗୀକୃତ ପ୍ରଶାସନିକ ଅଧିକାରୀଙ୍କ ଟିମ୍ ଆବଶ୍ୟକ କରେ ବୋଲି ଖଣ୍ଡୁ ଶାହାଙ୍କୁ କହିଛନ୍ତି, ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଅସ୍ଥାୟୀ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ନିଯୁକ୍ତି ଯୋଗୁ ସଂସ୍ଥାଗତ ଦକ୍ଷତା ହ୍ରାସ ପାଉଛି, ଯାହାଦ୍ୱାରା ବିକାଶର ଗତି ମନ୍ଥର ହୋଇଯାଉଛି। ସଂସ୍ଥାଗତ ଦକ୍ଷତା ଏକ ଗ୍ରୁପ୍‌ର ସାମଗ୍ରିକ ଜ୍ଞାନ ଓ ଅଭିଜ୍ଞତାକୁ ବୁଝାଏ। ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ବି.ଡି. ମିଶ୍ର ମଧ୍ୟ ସମାନ ଦାବି ଉଠାଇଛନ୍ତି। ରାଜ୍ୟ ବିଧାନସଭାରେ ବି ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ କ୍ୟାଡର ସୃଷ୍ଟି ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଛି।

Email: dilipcherian@gmail.com

ମୁଁ କରୋନା କହୁଛି

ପ୍ରକାଶ ତ୍ରିପାଠୀ

ହାଲୋ ବିଶ୍ୱବାସୀ! ମୁଁ କରୋନା କହୁଛି। କରୋନା ଭାଇରସ୍, ମାନେ ସାରା ବିଶ୍ୱରେ କୋକୁଆ ଭୟ ସୃଷ୍ଟି କରିଥିବା କୋଭିଡ୍–୧୯ ରୋଗ ସୃଷ୍ଟିକାରୀ ଭାଇରସ୍ କରୋନା। ଜଗତୀକରଣ ଯୁଗରେ ପଦାକୁ ବାହାରୁ ବାହାରୁ ମୋର ବି ଜଗତୀକରଣ ହୋଇଗଲାଣି। ମାତ୍ର ଦିନ କେଇଟାରେ ୯୦ଟା ଦେଶ ବୁଲି ସାରିଲିଣି। ପଶୁଜନ୍ତୁମାନେ ମୋର ପ୍ରିୟ। ମୁଁ ସେହିମାନଙ୍କ ପାଖରେ ରୁହେ। ଶୁଣିଲି ଯେ ବର୍ତ୍ତମାନ ସମୟରେ ମଣିଷମାନେ ବି ପଶୁ ହୋଇଗଲେଣି। ସେଥିପାଇଁ ମୁଁ ପଶୁରୁ ବାହାରି ମଣିଷଙ୍କ ପାଖକୁ ଚାଲିଆସିଛି। ବାଃ, ବଢିଆ ଲାଗୁଛି। ଚାଇନାର ଉହାନ ସହରରୁ ମୁଁ ମୋର ବିଶ୍ୱ ପରିକ୍ରମା ଆରମ୍ଭ କରିଛି। ମୁଁ କେମିତି ପଦାକୁ ବାହାରିଲି, ତାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଚାଲିଛି। ଚାଇନା ବିରୋଧୀ ଲୋକେ କହୁଛନ୍ତି, ଉହାନ ସହରରେ ଚାଇନାର ଜୈବିକ ଅସ୍ତ୍ର ଗବେଷଣାଗାର ରହିଛି। କିଛି ବିଶେଷଜ୍ଞଙ୍କ ଅସାବଧାନତା ଯୋଗୁ ମୁଁ ବାହାରକୁ ଆସିଗଲି। ଆଉ କିଛି ବିଶେଷଜ୍ଞ କହୁଛନ୍ତି, ଉହାନ ନିକଟବର୍ତ୍ତୀ ବିଶାଳ ପଶୁବଜାରରୁ ମୁଁ ବାହାରକୁ ଆସିଛି। ଚାଇନା ଲୋକଙ୍କ ବିଚିତ୍ର ଖାଦ୍ୟାଭ୍ୟାସ (କଞ୍ଚା ମାଂସ ଭକ୍ଷଣ) ଏଥିପାଇଁ ଦାୟୀ ବୋଲି ସେମାନଙ୍କ ମତ।

ଏବେ ସାରା ବିଶ୍ୱରେ ଏକମାତ୍ର ଚର୍ଚ୍ଚିତ ନାମ ହେଉଛି କରୋନା। ପ୍ରିଣ୍ଟ ମିଡିଆଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ ମିଡିଆ, ସୋସିଆଲ ମିଡିଆଠାରୁ ଖଟି ସ୍ଥଳ ସବୁଠି ମୋର ଚର୍ଚ୍ଚା। ପ୍ରତି ମୁହୂର୍ତ୍ତରେ ମୋର ଅପଡେଟ୍। ପ୍ରକୃତରେ ମୁଁ ଭାରି ଅଳସୁଆ। ବେଶି କାମଦାମ କରିପାରେ ନାହିଁ। ସେଥିପାଇଁ ମୋ ସାଥୀ ଓ ସହୋଦର 'ଇବୋଲା', 'ଫ୍ଲୁ', 'ଆନ୍ଥ୍ରାକ୍‌ସ' ଓ 'ସାରସ' ଆଦି ମୋତେ ସବୁବେଳେ କୁହନ୍ତି କିଛି କର, କିଛି କର, କିଛି କରନା। ଏମିତି କହୁ କହୁ ଶେଷରେ ମୋ ନାମ ବି ରଖିଦେଲେ 'କରୋନା'। ଏବେ ମୁଁ କିଛି କରିବାକୁ ବାହାରିଛି। ଆପଣମାନେ ବି ଏବେ ଜାଣିପାରୁଥିବେ ମୁଁ କ'ଣ କରିପାରୁଛି। ପ୍ରାୟ ତିନିହଜାର ମଣିଷଙ୍କୁ ମରଣମୁହଁକୁ ପଠାଇବା ସହ ଲକ୍ଷାଧିକ ଲୋକଙ୍କୁ ଆକ୍ରାନ୍ତ କରିଦେଇଛି। ଯେହେତୁ ମୁଁ ପ୍ରଥମ ଥର ପାଇଁ ମଣିଷଙ୍କ ପାଖକୁ ଆସିଛି, ସେଥିପାଇଁ ମୋତେ ସଫଳ ମୁକାବିଲା କରିବାକୁ ବିଶ୍ୱବାସୀ ଅକ୍ଷମ। ସେମାନଙ୍କ ବୁଦ୍ଧି ହଜିଯାଉଛି। କୌଣସି ଉପଚାର କରିପାରୁନାହାନ୍ତି। ମୋ ନାଁ ଶୁଣିଲେ ସମସ୍ତେ ଏବେ ଭୟରେ ଥରୁଛନ୍ତି। ଆମେରିକା, ଫ୍ରାନ୍ସ ଭଳି ସମୃଦ୍ଧିଶାଳୀ ଦେଶଗୁଡିକ ବି ଚାଇନାର ଅସହାୟତାକୁ ଦେଖି ଛାନିଆ, ଏବେ ମୁଁ ଯେଉଁ ଯେଉଁ ଦେଶକୁ ଯାଉଛି, ସେହିସବୁ ଦେଶର ସରକାର ସବୁ କାମ ଛାଡି ମୋତେ କିପରି ମୁକାବିଲା କରିବେ ସେଥିପାଇଁ ଉପାୟ ଚିନ୍ତା କରୁଛନ୍ତି। ଘଡିକି ଘଡି ଉଚ୍ଚସ୍ତରୀୟ ବୈଠକ ଡାକୁଛନ୍ତି। ମାତ୍ର ଦୁଇ ସପ୍ତାହ ଭିତରେ ମୋ ଦ୍ୱାରା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମସ୍ତ ଅତ୍ୟାଧୁନିକ ସରଞ୍ଜାମ ଥିବା ଦୁଇଟି ବିଶାଳ ହସ୍ପିଟାଲ ନିର୍ମାଣ କରି ଚାଇନା ସମଗ୍ର ବିଶ୍ୱରେ ନୂତନ ରେକର୍ଡ ସୃଷ୍ଟି କରିବା ସହ ପ୍ରକାରାନ୍ତରେ ମୋର ଗୁରୁତ୍ୱ ବଢ଼ାଇ ଦେଇଛି। ଉହାନ ସହରର ଅନତିଦୂରରେ ୧୬୦୦ ଶଯ୍ୟାବିଶିଷ୍ଟ ଲେସେନ୍‌ସା ହସ୍ପିଟାଲ ଓ ୧୨୦୦ ଶଯ୍ୟାବିଶିଷ୍ଟ ହୋସେନ୍‌ସା ହସ୍ପିଟାଲ ନିର୍ମାଣ ସହ ଦେଶର ଅଧିକାଂଶ ଜିମ୍ ସେଣ୍ଟର, ପ୍ରଦର୍ଶନୀ ଗୃହଗୁଡିକୁ ଚାଇନା ସରକାର ସାମୟିକ ଭାବେ ହସ୍ପିଟାଲରେ ରୂପାନ୍ତରିତ କରିସାରିଛନ୍ତି। ମୋର ପ୍ରକୋପକୁ ଦେଖି ସମସ୍ତେ ଏବେ ମୋତେ ରାକ୍ଷସ ଓ ମୃତ୍ୟୁଦୂତ ବୋଲି ଡାକିଲେଣି। ସବୁ ଦେଶ ଏବେ ସେମାନଙ୍କ ସୀମା ଜଗିବାରେ ବ୍ୟସ୍ତ। ଜଳ, ସ୍ଥଳ ଓ ଆକାଶ ପଥ ସବୁଠି ଏବେ କଡ଼ା ପହରା। କିଏ ଜଣେ ଛିଙ୍କିଲେ ବା କାଶିଲେ ପାଖରେ ଠିଆ ହୋଇଥିବା ଲୋକେ ଚମକି ପଡୁଛନ୍ତି। ଉତ୍ତମ ଯୋଗାଯୋଗ ଯୋଗୁ ଯେଉଁ ବିଶ୍ୱ ଗୋଟିଏ ପରିବାର ଭଳି ପ୍ରତୀତ ହେଉଥିଲା, ତାହା ଏବେ ଭିନ୍ନ ଲାଗୁଛି। ଦେଶ ବାହାରକୁ ଯିବା ତ ଦୂରର କଥା, ଘର ବାହାରକୁ ବି ଆଉ କେହି ବାହାରୁ ନାହାନ୍ତି। ଜାତି, ଧର୍ମ, ବର୍ଣ୍ଣ, ବୟସ, ଅର୍ଥ ଓ କ୍ଷମତା ନିର୍ବିଶେଷରେ ଏବେ ସମସ୍ତେ ମୋ ଭୟରେ କମ୍ପୁଛନ୍ତି। ସମସ୍ତଙ୍କ ମୁହଁରେ ତୁଣ୍ଡି ଅର୍ଥାତ୍ ମାସ୍କ। ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା। ଅଧିକ ଜନସମାଗମସ୍ଥଳକୁ ନ ଯିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କଲେଣି। ମୋ ଲାଗି ବିଶ୍ୱର ଅନ୍ୟତମ ମହାଶକ୍ତି ଚାଇନାର ପ୍ରଗତିର ଗତି ଏବେ ଧିମା ହେଲାଣି। ଏହାର ଉତ୍ପାଦନ ବାଧାପ୍ରାପ୍ତ ହେବା ଯୋଗୁ ଅର୍ଥନୀତିକୁ ଏହା ମାନ୍ଦାବସ୍ଥାକୁ ଟାଣିନେବ। ଚାଇନା ପରେ ପରେ ଆମେରିକା, ଇରାନ, ଫ୍ରାନ୍ସ, ଇଟାଲି, ସୌଦି ଭଳି ସମୃଦ୍ଧିଶାଳୀ ରାଷ୍ଟ୍ରମାନେ ମୋ ପାଇଁ ଚାଇନା ଅବସ୍ଥା ଭୋଗିବାକୁ ବସିଲେଣି। ଚଳିତବର୍ଷ ବିଶ୍ୱ ଅର୍ଥନୀତିର ବିକାଶ ହାର ୨.୮% କମିଯିବ ଓ ଏଥିପାଇଁ ମୁଁ କୁଆଡେ ସମ୍ପୂର୍ଣ୍ଣ ଦାୟୀ ବୋଲି ବଡ଼ ବଡ଼ ଅର୍ଥନୀତିଜ୍ଞମାନେ ମତ ରଖିଲେଣି। ଯଦି ସେମାନଙ୍କ ଆକଳନ ସତ୍ୟ ହୁଏ, ତେବେ ବିଶ୍ୱ ବଜାର ୧.୧ ଟ୍ରିଲିୟନ ଡଲାର କ୍ଷତି ସହିବ।

ଯଦି ମୋର ସଫଳ ପ୍ରତିରୋଧ କରା ନ ଯାଏ, ତେବେ ବିଶ୍ୱ ଜନସଂଖ୍ୟା ହ୍ରାସ କରିବା ପାଇଁ ଆଉ ତୃତୀୟ ବିଶ୍ୱଯୁଦ୍ଧ ଆବଶ୍ୟକ ପଡିବନାହିଁ ବୋଲି ଆଉ କିଛି ବିଶେଷଜ୍ଞ ଭବିଷ୍ୟବାଣୀ କଲେଣି। ଲୋକେ ମୋ ଭୟରେ ବାହାରକୁ ବାହାରୁ ନାହାନ୍ତି। ବଜାରରେ କିଣାବିକା କମି କମି ଆସୁଛି। ଗମନାଗମନ ଠପ୍। ପର୍ଯ୍ୟଟନ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ। ଶିଳ୍ପସଂସ୍ଥାଗୁଡିକରେ ତାଲା ଝୁଲିଲାଣି। ଶ୍ରମିକମାନେ କାମ କରିବାକୁ ଆସୁ ନ ଥିବାରୁ ଉତ୍ପାଦନ ହ୍ରାସ ପାଉଛି। ବଡ଼ ବଡ଼ ଶିଳ୍ପସଂସ୍ଥା କ୍ଷତିଭରଣା ପାଇଁ କର୍ମଚାରୀ ଛଟେଇ ଆରମ୍ଭ କଲେଣି। ଆମଦାନି ସହ ରପ୍ତାନି ବି ବାଧାପ୍ରାପ୍ତ। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, କପଡା, ଅଟୋମୋବାଇଲ୍ସ, ମୋବାଇଲ ଫୋନ୍, ସଫ୍ଟୱେର, ଫାର୍ମାସ୍ୟୁଟିକାଲ୍‌ସ, ଫ୍ୟାଶନ ଶିଳ୍ପ ଆଦି ପ୍ରତିଟି କ୍ଷେତ୍ର ଏବେ ମୋ ପାଇଁ ଘୋର ସଙ୍କଟର ସମ୍ମୁଖୀନ। ୨୦୦୮ ବିଶ୍ୱସ୍ତରୀୟ ଆର୍ଥିକ ମାନ୍ଦାବସ୍ଥା ପରେ ୨୦୨୦ରେ ଏହା ଆଉ ଏକ ମାନ୍ଦାବସ୍ଥା ସୃଷ୍ଟି କରିବ ବୋଲି ଅର୍ଥ ବିଶାରଦମାନେ ଘୋଷଣା କରିସାରିଲେଣି। ମୋ ପାଇଁ କେବଳ ଆର୍ଥିକ ମାନ୍ଦାବସ୍ଥା ନୁହେଁ, ସ୍ୱାସ୍ଥ୍ୟ ସଙ୍କଟ ବି ସୃଷ୍ଟି ହୋଇସାରିଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜରୁରୀ ଅବସ୍ଥା ଘୋଷଣା ଏହାର ପ୍ରମାଣ। ଏହା ଅଧୀନରେ ଥିବା ୧୯୫ଟି ଦେଶ ମଧ୍ୟରୁ ଇତିମଧ୍ୟରେ ୯୦ ଦେଶରେ ମୁଁ ଉପସ୍ଥିତ ଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚିନ୍ତିତ ହୋଇପଡିଛି।

ମୋ ଯୋଗୁ ଅଧିକ ମୃତ୍ୟୁ ହେଉ ନ ଥିଲେ ବି ମୋର ଅଧିକ ସଂକ୍ରମଣ ପ୍ରବଣତାକୁ ନେଇ ସର୍ବତ୍ର କୋକୁଆ ଭୟ ସୃଷ୍ଟି ହେଉଛି। ଯେହେତୁ ମୋଠାରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ମେଡିସିନ ପ୍ରସ୍ତୁତ ହୋଇପାରିନାହିଁ, ତେଣୁ ସୁରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା ଆପଣେଇନେଲେ ଭଲ। ମୁଁ ବି ଚାହେଁନି, ମୋ ଲାଗି କାହାର ପ୍ରାଣହାନି ହେଉ। ତେଣୁ ଟିକେ ସାବଧାନତା ଅନୁସରଣ କଲେ ମୋ ସହ ଆପଣଙ୍କର ଭେଟ ହୋଇ ନ ପାରେ। ବାହାରକୁ ବାହାରିବା ବେଳେ ଉନ୍ନତମାନର ମାସ୍କ ମୁହଁରେ ଲଗାନ୍ତୁ। ସର୍ବସାଧାରଣରେ ବ୍ୟବହୃତ ବସ୍ତୁକୁ ସ୍ପର୍ଶ କରନ୍ତୁ ନାହିଁ ଓ ଦିନକୁ ଅତି କମ୍‌ରେ ଚାରିପାଞ୍ଚଥର ସାବୁନ ବା ଅନ୍ୟ କୌଣସି ସଂକ୍ରମଣ ପ୍ରତିରୋଧକାରୀ ଜେଲ୍‌ରେ ହାତ ଧୁଅନ୍ତୁ। ନିଜ ଲୁଗାପଟାକୁ ଭଲକରି ଖରାରେ ଶୁଖାନ୍ତୁ। ଉତ୍ତପ୍ତ ଜଳବାୟୁରେ ମୁଁ ରହିପାରେ ନାହିଁ। ଥଣ୍ଡା ପରିବେଶ ଓ ଥଣ୍ଡା ବସ୍ତୁ ମୋର ଭାରି ପ୍ରିୟ। ତେଣୁ ଆପଣମାନେ ଉଷୁମ ପାଣି ପିଅନ୍ତୁ ଓ ଅପେକ୍ଷାକୃତ ଉଷ୍ଣ ବାତାବରଣରେ ରୁହନ୍ତୁ। ଥଣ୍ଡା ଜାତୀୟ ଖାଦ୍ୟ ଓ ପାନୀୟଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ପଶୁପକ୍ଷୀଙ୍କ ମାଂସ ଭଲ କରି ରାନ୍ଧି ଖାଆନ୍ତୁ। ଚାଇନାବାସୀଙ୍କ ଭଳି କଞ୍ଚା ବା ଦରସିଝା ମାଂସ ଖାଆନ୍ତୁ ନାହିଁ। ଉଷୁମ ପାଣିରେ ଲୁଣ ପକାଇ ଦୁଇ ତିନିଥର କୁଳି କରି ତଣ୍ଟି ଓ ଗଳାକୁ ସଂକ୍ରମଣମୁକ୍ତ ରଖନ୍ତୁ। ଛିଙ୍କିଲା ବେଳେ ବା କାଶିଲା ବେଳେ ମୁହଁରେ ରୁମାଲ ରଖନ୍ତୁ ଓ ଏଭଳି ଲୋକଙ୍କଠାରୁ ଚାରି ପାଞ୍ଚଫୁଟ୍ ଦୂରରେ ରୁହନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜ ଶରୀରରେ ପ୍ରତିରୋଧକ ଶକ୍ତି ବଢାନ୍ତୁ। ସୁଷମ ଖାଦ୍ୟ ଓ ଭିଟାମିନ ସି ଖାଇ ସୁସ୍ଥ ରୁହନ୍ତୁ। ଛୋଟ ପିଲା, ରୋଗୀ, ବୁଢୀ–ବୁଢା ଓ ଶାରୀରିକ ଅସୁସ୍ଥ ଲୋକ ମୋର ଅତି ପ୍ରିୟ। ତେଣୁ ସେମାନଙ୍କୁ ଟିକେ ଅଧିକ ଯତ୍ନରେ ରଖନ୍ତୁ।

ଆପଣମାନଙ୍କୁ ମୋର ଶେଷ କଥା। ଚାଇନା ଜିନିଷ ପ୍ରତି ସବୁ ଦେଶର ଲୋକଙ୍କ ଆକର୍ଷଣ ସାଧାରଣତଃ ଅଧିକ ଥାଏ। କାରଣ ଏହା ଶସ୍ତା, ସୁନ୍ଦର, ଆକର୍ଷଣୀୟ ଓ ସହଜ ବ୍ୟବହାର ଶୈଳୀ ସମ୍ପନ୍ନ ହୋଇଥାଏ। ଯେହେତୁ ମୁଁ ବି ମେଡ ଇନ୍ ଚାଇନା ଅର୍ଥାତ୍ ଚାଇନାରୁ ସୃଷ୍ଟ, ସେଥିପାଇଁ ମୋର ବୋଧହୁଏ ବିଶ୍ୱ ବଜାରରେ ଅଧିକ ଚାହିଦା ବଢିଯାଇଛି। ଏ ଚାହିଦା ଭଲ ପାଇବାର ନୁହେଁ, ଭୟ, ଘୃଣା ଓ ଆତଙ୍କର। ତେଣୁ ଆପଣଙ୍କୁ ଅନୁରୋଧ ମୋଠାରୁ ଦୂରେଇ ରୁହନ୍ତୁ। ସୁସ୍ଥ ରୁହନ୍ତୁ।

ଇମେଲ–Prakas.tripathy09@gmail.com

ଚାପମୁକ୍ତ ଶିକ୍ଷା ବ୍ୟବସ୍ଥା

ମମତା ଶୁକ୍ଳା

ପିଲାଙ୍କ ଉପରୁ ପାଠବୋଝ କମାଇବାକୁ ଓ ପିଲାଙ୍କୁ ଚାପମୁକ୍ତ କରିବାକୁ ଶିକ୍ଷାପ୍ରଣାଳୀରେ ସଂସ୍କାରମୂଳକ ପ୍ରୟୋଗମାନ କରାଯାଉଛି। ଶୈକ୍ଷିକ ଅନୁଷ୍ଠାନର ପରୀକ୍ଷାକୁ ଜୀବନର ଅନ୍ତିମ ପରୀକ୍ଷା ଭାବି ସେଥିରେ ଆଶାନୁରୂପ ଫଳ ନ ପାଇବା ଯୋଗୁଁ ଆତ୍ମହତ୍ୟା କରୁଥିବା କୋମଳମତିଙ୍କ ମନରୁ ଏପ୍ରକାର ଭୟ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ପରାମର୍ଶ ଗଣମାଧ୍ୟମ ଦ୍ୱାରା ପ୍ରଚାର କରାଯାଇ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ସଚେତନ କରିବାର ପ୍ରୟାସ କରାଯାଉଛି। ସତରେ କ'ଣ କାହା ଉପରେ ଏସବୁର ପ୍ରଭାବ ଅନୁଭୂତ ହେଲାପରି ଜଣାପଡୁଛି?

ଦେଶର ଭବିଷ୍ୟତ ପିଢିଙ୍କୁ ଉପଯୁକ୍ତ ଶିକ୍ଷାପ୍ରାପ୍ତ କରାଇବା ନିମନ୍ତେ ଉଚ୍ଚଶିକ୍ଷିତ ଜ୍ଞାନୀଗୁଣୀମଣ୍ଡଳୀଙ୍କ ଦ୍ୱାରା ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରତିଟି ବିଷୟରେ ପ

ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ,
କାମନା ସେହିପରି ସତ୍ୟକୁ ଲୁଚାଇ ଦେଇଥାଏ।
- ସେନେକା

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓୟୁଏଟିରେ କୃଷକ ମେଳା, ସ୍ୱାମୀନାଥନ କନଫରେନ୍ସ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଜାଭିୟର ୟୁନିଭରସିଟି ପକ୍ଷରୁ ଓଡ଼ିଶା ବଜେଟ କନକ୍ଲେଭ, କଲେଜ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।
- କଳିଙ୍ଗ ହେରିଟେଜ ପ୍ରିଜର୍ଭେଶନ ଟ୍ରଷ୍ଟ ପକ୍ଷରୁ ଟକ୍ ଶୋ, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୫ଟା।
- ନୂଆ ସାହିତ୍ୟ, ପୁରୁଣା ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ

- ଷ୍ଟେଟ ଏକ୍ସାଇଜ୍ ସ୍ପୋର୍ଟ୍ସ କମିଟି ପକ୍ଷରୁ ୫୦ତମ ଷ୍ଟେଟ ଏକ୍ସାଇଜ୍ ଆଥଲେଟିକ୍ ମିଟ୍‌ର ଉଦ୍‌ଘାଟନ ଉତ୍ସବ, ବାରବାଟୀ ଷ୍ଟାଡିୟମ, ସକାଳ ୮ଟା।
- ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ପକ୍ଷରୁ ଯୁଗ୍ମ ମହିଳା ସଂହତି କାର୍ଯ୍ୟକ୍ରମ, ଷ୍ଟିୱାର୍ଟ ସ୍କୁଲ, ସକାଳ ୮ଟା।
- ପ୍ରାଚୀ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।

ଏବେ ପସନ୍ଦ ହର୍ବାଲ ହୋଲି

ଭୁବନେଶ୍ୱର,୬।୩(ବ୍ୟୁରୋ)

୮ରେ ଭୁବନେଶ୍ୱର, ୧୦ରେ ପୁଣେରେ ସ୍ୱପ୍ନା ପତିଙ୍କ ହର୍ବାଲ ହୋଲି ଉତ୍ସବ

ଦିନଥିଲା ପ୍ରକୃତିର ବିଭିନ୍ନ ରଙ୍ଗକୁ ବ୍ୟବହାର କରି ଲୋକେ ହୋଲି ଖେଳୁଥିଲେ। କିନ୍ତୁ କିଛିବର୍ଷ ହେଲା ହୋଲିରେ ରାସାୟନିକ ରଙ୍ଗର ବହୁଳ ବ୍ୟବହାର ହେଉଛି। ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ ହେଉଥିବାରୁ ଲୋକେ ଏଥିପ୍ରତି ଧୀରେ ଧୀରେ ସଚେତନ ହେଲେଣି। ବିଶେଷ କରି ଚାଇନା ବିଭିନ୍ନ ପ୍ରକାର ରଙ୍ଗ ଭାରତୀୟ ବଜାରକୁ ଛାଡୁଥିବାରୁ ଏବେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। କାରଣ ଚାଇନାରୁ କରୋନା ଭାଇରସ ବିଭିନ୍ନ ଦେଶକୁ ବ୍ୟାପୁଛି। ଏହା ନିୟନ୍ତ୍ରଣାଧୀନ ନ ଥିବାରୁ ପ୍ରତ୍ୟହ ବହୁସଂଖ୍ୟାରେ ଜୀବନ ନେଉଛି। ତେଣୁ ଚଳିତବର୍ଷ ହୋଲି ନ ଖେଳିବାକୁ ଅନେକେ ଭାବୁଥିବାବେଳେ ବହୁ ଲୋକ ହର୍ବାଲ ହୋଲିକୁ ପ୍ରସନ୍ଦ କରୁଛନ୍ତି। ବର୍ତ୍ତମାନ ଗ୍ରୀନ୍ ଦିୱାଲି ଭଳି ଗ୍ରୀନ୍ ହୋଲି ଏକ ଭିନ୍ନ ଚିନ୍ତାଧାରା ହୋଇଥିବାବେଳେ ଏବେ ସବୁଠାରୁ ଆଗରେ ରହିଛି ହର୍ବାଲ ହୋଲିର ଆୟୋଜନ। ଗତ କିଛିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରରେ ହର୍ବାଲ ହୋଲି ଟ୍ରେଣ୍ଡରେ ଅଛି। ଏଭଳିସ୍ଥଳେ ଗତ ୮ବର୍ଷ ଧରି ଭୁବନେଶ୍ୱରରେ ହର୍ବାଲ ହୋଲି ଉତ୍ସବର ଆୟୋଜନ କରିଆସୁଥିବା ସ୍ୱପ୍ନା ପତି ଫାଉଣ୍ଡେଶନ ପକ୍ଷରୁ ଚଳିତବର୍ଷ ଜାତୀୟ ସ୍ତରରେ ହର୍ବାଲ ହୋଲି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଘୋଷଣା ହୋଇଛି।

ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଫାଉଣ୍ଡେଶନ୍‌ର ମୁଖ୍ୟ ତଥା ଅଭିନେତ୍ରୀ ସ୍ୱପ୍ନା ପତି କହିଛନ୍ତି, ଆସନ୍ତା ୮ତାରିଖ ସନ୍ଧ୍ୟାରେ ସ୍ଥାନୀୟ ହୋଟେଲ କଳିଙ୍ଗ ଅଶୋକାରେ ହର୍ବାଲ ହୋଲି ଉତ୍ସବର ଆୟୋଜନ କରାଯିବ। ଏହାସହିତ ପ୍ରଥମଥର ପାଇଁ ଓଡ଼ିଶା ବାହାରେ ତଥା ପୁଣେରେ ଆସନ୍ତା ୧୦ ତାରିଖରେ ହର୍ବାଲ ହୋଲି ଉତ୍ସବ ଆୟୋଜିତ ହେବ। ସମସ୍ତ ପ୍ରକାରର ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇ ଏହା ପାଳନ ହେବ। ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପଡୁଥିବାରୁ ସଂଘର୍ଷ ଓ ସଂଗ୍ରାମ କରି ଜୀବନରେ ସଫଳ ହୋଇଥିବା ୩ ଜଣ ମହିଳାଙ୍କୁ ସମ୍ମାନିତ କରାଯିବ। ଏଥିସହିତ ଫୁଟବଲ ଖେଳି ଗୋଲ୍ଡ ମେଡାଲ ଜିତିଥିବା ୪୦ବର୍ଷରୁ ଅଧିକ ବୟସର ମହିଳା ଦଳଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ରହିବ। ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାରମାନେ ଯୋଗଦେଇ ହର୍ବାଲ ହୋଲିକୁ ଅଧିକ ରଙ୍ଗିନ ଏବଂ ଆକର୍ଷଣୀୟ କରିବେ। ଭାଇଚାରାର ଏହି ପର୍ବରେ କେବଳ ନିଜେ ନୁହେଁ, ବରଂ ଅନ୍ୟମାନଙ୍କୁ ରସାୟନ ରଙ୍ଗ ପ୍ରତି ସଚେତନ କରିବାକୁ ଯାଇ ହର୍ବାଲ ହୋଲି ପାଳନ କରିବାକୁ ସ୍ୱପ୍ନା ପରାମର୍ଶ ଦେଇଥିଲେ।

ବଜାରରେ ମିଳୁଥିବା ରଙ୍ଗରେ ହାନିକାରକ ରାସାୟନିକ ପଦାର୍ଥ ମିଶ୍ରିତ ହୋଇଥାଏ। ଯଦ୍ୱାରା ଅନେକ ଜୀବନହାନି ହେବା ସହ ମାରାତ୍ମକ ଦୁର୍ଘଟଣା ଘଟିଥାଏ। ଏହିସବୁ ରଙ୍ଗଠାରୁ ଦୂରେଇ ରହି ଗାଜର, ବିଟ୍, ଟମାଟୋ, ପୁଦିନା, ହଳଦୀ, ଚନ୍ଦନ, ନିମ୍ବପତ୍ର, ମୁଲତାନୀ ମାଟି ଆଦି ପ୍ରାକୃତିକ ଓ ଘରୋଇ ସାମଗ୍ରୀକୁ ବ୍ୟବହାର କରି ହର୍ବାଲ ହୋଲି ପାଳନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଶସ୍ତାରୁ ହୀନସ୍ତା

ବଜାରରେ ମିଳୁଥିବା ରାସାୟନିକ ଦ୍ରବ୍ୟ ମିଶା ରଙ୍ଗର ଦାମ୍ ଅପେକ୍ଷାକୃତ କମ୍ ରହୁଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ବେପାରରେ ଲାଭ କରିବାକୁ ଯାଇ ରଙ୍ଗ ତିଆରି କରୁଥିବା କମ୍ପାନୀମାନେ ରଙ୍ଗରେ ଅଧିକ ରସାୟନ ମିଶାଇ ବିକ୍ରି କରୁଛନ୍ତି। ପ୍ରଚୁର ରାସାୟନିକ ପଦାର୍ଥ ମିଶା ଏହି ରଙ୍ଗର କିଲୋ ପିଛା ମୂଲ୍ୟ ମାତ୍ର ୩୦୦ଟଙ୍କା ରହୁଛି। ତେଣୁ ଗ୍ରାହକମାନେ ସ୍ୱାସ୍ଥ୍ୟ କଥା ଚିନ୍ତା ନ କରି ବହୁଳ ମାତ୍ରାରେ ଏଭଳି ଶସ୍ତା ରଙ୍ଗ କିଣି ନେଉଥିବା ଦେଖାଯାଉଛି। ଏନେଇ ଚର୍ମରୋଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ରସାୟନ ରଙ୍ଗ ତିଆରି ପାଇଁ କପର ସଲଫେଟ୍, କ୍ରୋମିୟମ ଆୟୋଡାଇଡ, ଆଲୁମିନିୟମ ବ୍ରୋମାଇଡ୍, ଲେଡ୍ ଅକ୍ସାଇଡ, ମରକ୍ୟୁରି ସଲଫେଟ୍ ଭଳି ହାନିକାରକ କେମିକାଲ ବ୍ୟବହାର କରାଯାଇଥାଏ। ଏହାଛଡା କେତେକସ୍ଥଳେ ଇଞ୍ଜିନ ଅଏଲ, ଟକ୍ସିକ୍ ଏବଂ ଆଲକାଲାଇନ ପଦାର୍ଥ ମଧ୍ୟ ବ୍ୟବହୃତ ହୋଇଥାଏ। ଏସବୁ ହାନିକାରକ କେମିକାଲ ଦ୍ୱାରା ଚର୍ମରୋଗ, ଆଲର୍ଜି, କିଡ୍‌ନୀ ରୋଗ, ପକ୍ଷାଘାତ ଏବଂ ଅନ୍ଧତ୍ୱ ହେବାର ଆଶଙ୍କା ରହିଥାଏ। ତେଣୁ ଯେତେ ସମ୍ଭବ ଏହାଠାରୁ ଦୂରେଇ ରହି ସାଧାରଣ ଫଗୁରେ ହୋଲି ଖେଳିବା ଉଚିତ।

ବୈଠକ ବେଳେ ବ୍ରହ୍ମଗିରି ତହସିଲଦାରଙ୍କୁ ଆକ୍ରମଣ

ବ୍ରହ୍ମଗିରି,୬।୩(ଡି.ଏନ୍.ଏ.)

ତହସିଲ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ତହସିଲଦାରଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲ କର୍ମଚାରୀମାନେ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବ୍ରହ୍ମଗିରି ଅତିରିକ୍ତ ତହସିଲଦାରଙ୍କ ଅସ୍ଥାୟୀ କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଚାଲୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ତହସିଲଦାର କିଶୋର କୁମାର ପଣ୍ଡାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତହସିଲଦାର ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି ବ୍ରହ୍ମଗିରି ଥାନା ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ପଞ୍ଚାୟତରେ ବାତ୍ୟା 'ଫନୀ'ରେ ଘରଭାଙ୍ଗିଯାଇଥିବା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବା ପାଇଁ ତତ୍କାଳୀନ ଜଣେ ରାଜସ୍ୱ ନିରୀକ୍ଷକ ଟଙ୍କା ଆଣିଥିଲେ। କିନ୍ତୁ ଏହି ତଦନ୍ତରେ ବ୍ୟତିକ୍ରମ ଥିବାରୁ ଜିଲାପାଳ ଏହାକୁ ପୁନର୍ବାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି କ୍ଷତିଗ୍ରସ୍ତମାନେ ଫନୀ ସହାୟତାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଜନଅସନ୍ତୋଷ ଦେଖାଦେଇଥିଲା। ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ତହସିଲଦାର ହେମନ୍ତ କୁମାର ଭାରିମଲ୍ଲଙ୍କ ଅସ୍ଥାୟୀ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ତହସିଲଦାର ପଣ୍ଡା, ଅତିରିକ୍ତ ତହସିଲଦାର ଭାରିମଲ୍ଲ ଓ ତହସିଲର ଅନ୍ୟକର୍ମଚାରୀମାନେ ଉପସ୍ଥିତ ଥିଲେ। ବୈଠକ ଚାଲୁଥିବା ବେଳେ ହଠାତ୍ ଦୁଇଜଣ ଦୁର୍ବୃତ୍ତ ପଶି ତତ୍କାଳୀନ ରାଜସ୍ୱ ନିରୀକ୍ଷକଙ୍କୁ ଖୋଜିଥିଲେ। ଏହା ପରେ ଗାଳିଗୁଲଜ କରିବାରୁ ତହସିଲଦାର ପଣ୍ଡା ଏହାକୁ ବିରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ତହସିଲଦାରଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ତହସିଲଦାର ବ୍ରହ୍ମଗିରି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ତହସିଲଦାରଙ୍କୁ ଆକ୍ରମଣ ଘଟଣାର ମୋବଇଲ ଫୋନର ଭିଡିଓ ଫୁଟେଜକୁ ଯାଞ୍ଚ କରାଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଥାନା ଅଧିକାରୀ ମନୋଜ ଶତପଥୀ କହିଛନ୍ତି।

ଅଭିଯୋଗ ପରେ ପୋଲିସର ତଦନ୍ତ ଆରମ୍ଭ

ଆର୍. ମାଙ୍ଗା ବାବୁ ନୂଆ ଜିଏସ୍‌ଟି ମୁଖ୍ୟ ଆୟୁକ୍ତ

ଭୁବନେଶ୍ୱର, ୬।୩(ବ୍ୟୁରୋ): ଜିଏସ୍‌ଟି କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ, ଭୁବନେଶ୍ୱର ଜୋନର ମୁଖ୍ୟ ଆୟୁକ୍ତ ଭାବେ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆର୍. ମାଙ୍ଗା ବାବୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେ କହିଛନ୍ତି, ସୁନା ସ୍ମଗଲିଂ ଏବଂ ଜିଏସ୍‌ଟି ଫାଙ୍କୁଥିବା ବ୍ୟବସାୟୀଙ୍କ ଉପରେ ତାଙ୍କ ନଜର ରହିବ। ଭୁବନେଶ୍ୱର ବିମାନବନ୍ଦରରୁ ବିଭିନ୍ନ ଦେଶକୁ ସିଧାସଳଖ ବିମାନ ଚଳାଚଳ ଯୋଗୁ ସୁନା ସ୍ମଗଲିଂ ବଢିବାରେ ଲାଗିଛି। ଏହାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ମାଙ୍ଗା ବାବୁ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ସେ ବିହାର ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବିଭାଗର ପ୍ରଧାନ ଆୟୁକ୍ତ ଭାବେ କାର୍ଯ୍ୟ କରୁଥିଲେ।

ଆର୍. ମାଙ୍ଗା ବାବୁ ନାର୍ଗାଜୁନ ବିଶ୍ୱବିଦ୍ୟାଳୟରୁ ଇତିହାସ ଏବଂ ଆଇନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି କରି ୧୯୮୮ ମସିହାରେ ଭାରତୀୟ ରାଜସ୍ୱ ସେବାରେ ଯୋଗଦେଇଥିଲେ। ଦୀର୍ଘ ତିନି ଦଶନ୍ଧି ମଧ୍ୟରେ ସେ ମୁମ୍ବାଇ, ଚେନ୍ନାଇ, କୋଲକାତା, ହାଇଦ୍ରାବାଦ, ସାଲେମ, ସିଲିଗୁଡ଼ି, ବିଶାଖାପାଟନମ୍, ଗୁଣ୍ଟୁର ଏବଂ ପାଟନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିଲେ।

ଶହୀଦନଗରରେ ଜଳିଗଲା ଅଟୋ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଶହୀଦନଗର ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଟୋ ହଠାତ ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଶର୍ଟସର୍କିଟ ଯୋଗୁ ଇଞ୍ଜିନରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ଅଟୋରେ ଥିବା ୩ଜଣ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇ ପଡ଼ିଥିଲେ। ସୂଚନା ଅନୁଯାୟୀ, ବାରଙ୍ଗ ଥାନା ଅନ୍ତର୍ଗତ ଦାଢାପାଟଣା ଅଞ୍ଚଳର ମହେଶ୍ୱର ମହାରଣା ଅଟୋ ଚଳାଇ ଗୁଜୁରାଣ ମେଣ୍ଟାନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସେ ଅଟୋ (ନଂ. ଓଡି ୩୩ ଏମ୍-୬୫୮୫)ରେ ୩ଜଣ ଯାତ୍ରୀଙ୍କୁ ନେଇ ଶହୀଦନଗର ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ଯାଉଥିଲେ। ଶହୀଦନଗର ଫାଣ୍ଡି ନିକଟରେ ଅଟୋ ପଛପଟୁ ହଠାତ ଧୂଆଁ ବାହାରି ଥିଲା। ବସିଥିବା ଯାତ୍ରୀଙ୍କ ସମେତ ଡ୍ରାଇଭର ମହେଶ୍ୱର ଅଟୋରୁ ଓହ୍ଲାଇ ବାହାରକୁ ଦୌଡ଼ିଥିଲେ। ଚାହୁଁ ଚାହୁଁ ଅଟୋଟି ଜଳିଯାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ବାଲ୍‌ଟିରେ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସ୍ଥାନୀୟ କେତେଜଣ ଦୋକାନୀ ନିଜ ଦୋକାନରେ ରଖିଥିବା ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ।

ଅଧିକ ବ୍ୟାପକ ହେବ ନଗର କଳା ସଂସ୍କୃତି ସଂଘ କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକକଳା ମାଧ୍ୟରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି। ମମତାରୁ ଆରମ୍ଭକରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସରକାରଙ୍କର ଯେତେଗୁଡ଼ିଏ କାର୍ଯ୍ୟକ୍ରମ ରହିଛି ତାକୁ ଲୋକକଳା ମାଧ୍ୟମରେ କଳାକାରମାନେ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ତେବେ ଏସବୁ କାର୍ଯ୍ୟକ୍ରମ ଗାଁ ଗହଳିରେ ସୀମିତ ଥିବା ବେଳେ ଏବେ ତାହା ସହରାଞ୍ଚଳରେ ଆରମ୍ଭ ହୋଇଛି। ନଗର କଳା ସଂସ୍କୃତି ସଂଘ(ଏନ୍‌କେଏସ୍‌ଏସ୍) ଗଠନ ହେବାପରେ କଳାକାରମାନେ ସରକାରଙ୍କ ଯୋଜନାକୁ ସହରୀ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଏହାକୁ ଆହୁରି ସୁଦୃଢ଼ ଏବଂ ବ୍ୟାପକ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ନଗର କଳା ସଂସ୍କୃତି ସଂଘର ଅଭିମୁଖୀକରଣ ଗ୍ରାମ ଯୋଗାଯୋଗ ଓ ସହଭାଗିତା କାର୍ଯ୍ୟକ୍ରମରେ ଏନେଇ ମତପ୍ରକାଶ ପାଇଛି। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କଳାକାର ସଂଘର ଉପସଭାପତି ଓ କଳାକାରଙ୍କ ସମେତ ବିଭିନ୍ନ ଜିଲା ଅଧିକାରୀ, ସଂସ୍କୃତି ଅଧିକାରୀ, ୨୪ ନଗର କଳା ସଂସ୍କୃତି ସଂଘ ଏବଂ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବରୁ ୯ଟି ନଗର କଳାସଂଘ ଥିବାବେଳେ ଏବେ ତାହା ୨୪ରେ ପହଞ୍ଚିଛି। ପୂର୍ବରୁ ୧ଲକ୍ଷ ଜନସଂଖ୍ୟାରେ ଗୋଟିଏ ନଗର କଳାସଂଘ ହିସାବରେ ୯ଟି ସୃଷ୍ଟି ହୋଇଥିବା ବେଳେ ଏବେ ୫୦ ହଜାରରୁ ଅଧିକ ଜନସଂଖ୍ୟାରେ ଆଉ ୧୫ଟି ସଂଘ ଗଠନ କରାଯାଇଛି। ଏହି ସମସ୍ତ ସଂଘ କଳା, ସଂସ୍କୃତିର ପ୍ରଚାର କରୁଛନ୍ତି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ ଏବଂ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ ଉପସ୍ଥିତ ରହି ସୂଚନା ଦେଇଥିଲେ।

ସାମାଜିକ ଗଣମାଧ୍ୟମରେ ସାମ୍ପ୍ରଦାୟିକତାର ପ୍ରସାର ବନ୍ଦ ଦାବି

କଟକ ଅଫିସ, ୬।୩

ସାମାଜିକ ଗଣମାଧ୍ୟମରେ ସାମ୍ପ୍ରଦାୟିକତାର ପ୍ରସାର ବନ୍ଦ ପାଇଁ ଦାବି କରିଛି ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ଶୁକ୍ରବାର ଏ ନେଇ ଏକ ଦାବିପତ୍ର ଡିଜିପିଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଦିଲ୍ଲୀରେ ଯେଉଁଭଳି ଭାବେ ସାମ୍ପ୍ରଦାୟିକ ଦଙ୍ଗା ହୋଇଗଲା, ତାହା ଅତ୍ୟନ୍ତ ନିନ୍ଦନୀୟ। ମାତ୍ର ଏହି ଦଙ୍ଗାରୁ ଓଡ଼ିଶା ପରି ରାଜ୍ୟ ଅନେକ କିଛି ଶିଖିବାର ଅଛି। ଆମ ରାଜ୍ୟର ଜଗନ୍ନାଥ ସଂସ୍କୃତି ଯଦିଓ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଶାନ୍ତି ଓ ଭାତୃଭାବ ପ୍ରତିଷ୍ଠା କରିବାରେ ସହାୟକ ହୋଇଛି, ତଥାପି ଅନେକ ଶକ୍ତି ଓଡ଼ିଶାରେ ହିଂସା, ଘୃଣା ଓ ଭୟର ବାତାବରଣ ତିଆରି କରିବା ପାଇଁ ଚେଷ୍ଟା କରୁଛନ୍ତି। ଏ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ, ମୌଳବାଦୀ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କର ଭୂମିକା ରହିଛି। ଦିଲ୍ଲୀ ଦଙ୍ଗା ପରେ ଆପ୍‌ର ଦୃଷ୍ଟିକୁ ଅନେକ ଘଟଣା ଆସିଛି। ସାମାଜିକ ଗଣମାଧ୍ୟମରେ ମିଥ୍ୟା ତଥ୍ୟ ଓ ଧାର୍ମିକ ଘୃଣା ଭାବ ସୃଷ୍ଟି କରୁଥିବା ଖବର ପରିବେଶିତ ହେଉଛି। ଏହା ସାମାଜିକ ସୌହାର୍ଦ୍ଦ୍ୟର ପରିପନ୍ଥୀ। ଦଙ୍ଗା ପରେ ଦିଲ୍ଲୀ ସରକାର ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଥିବା ଶକ୍ତିମାନଙ୍କୁ ମୁକାବିଲା କରିବା ପାଇଁ ସାବଧାନ କରିଛନ୍ତି। ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଓ ଏ ସମ୍ପର୍କରେ ସୂଚନା ଦେଉଥିବା ବ୍ୟକ୍ତି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଦେବା ବ୍ୟବସ୍ଥା ରହିଛି। ଏତଦ୍‌ବ୍ୟତୀତ ଏକ ନିର୍ଦ୍ଦିଷ୍ଟ ହ୍ୱାଟ୍ସଆପ ମାଧ୍ୟମରେ ଅଭିଯୋଗର ବ୍ୟବସ୍ଥା ରହିଛି। ତେଣୁ ଆସନ୍ନ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି ହୋଇଛି। ହିଂସା ଉଦ୍ରେକକାରୀ ବ

ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ତଥା
ଚରିତ୍ରହୀନତା ଏଇ ତିନିଗୁଣ ବିନାଶକୁ ଡାକି ଆଣେ
- ମହାତ୍ମା ଗାନ୍ଧୀ

ସଂକ୍ଷେପରେ

ଦଶମୀ ନଦୀୟା ଦୋଳ ମେଳଣ

କଟକ ଅଫିସ, ୬।୩: କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ଆନୁକୂଲ୍ୟରେ ୧୭ତମ ଦଶମୀ ନଦୀୟା ଦୋଳ ମେଳଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ରୁ ଉର୍ଦ୍ଧ୍ୱ ଦୋଳବିମାନ ସାମିଲ ହୋଇଥିଲା। ଦେଉଳସାହି ସାଇବାବା ମନ୍ଦିର ନିକଟରୁ ଦୋଳବିମାନ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ପରେ ତୁଳସୀପୁରସ୍ଥିତ ଜେବିଏସ୍ ମଣ୍ଡପଠାରେ ଅନୁଷ୍ଠିତ ମେଳଣ ସ୍ଥଳରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ସହରର ବହୁ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଏହି ଅବସରରେ ମହାମଣ୍ଡଳର କାର୍ଯ୍ୟକାରୀ ସର୍ବମହନ୍ତ ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ମେଳଣ ମଞ୍ଚରେ ଆୟୋଜକ ସଂକୀର୍ତ୍ତନ ମଣ୍ଡଳୀର ପଦାଧିକାରୀ ଓ ସ୍ଥାନୀୟ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମହାମଣ୍ଡଳର ସର୍ବାଧିକାରୀ ଜଗନ୍ନୀବନ ପ୍ରସାଦ, ପୂର୍ବତନ ମନ୍ତ୍ରୀ ସମୀର ଦେ ଓ ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

ଯୁବତୀଙ୍କୁ ପ୍ରତାରଣା, ବିବାହିତ ବ୍ୟକ୍ତି ଗିରଫ

ସାଲେପୁର,୬।୩(ଡି.ଏନ.ଏ.): ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଜଣେ ବିବାହିତ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି। ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲାର ଅବସରପ୍ରାପ୍ତ ସେନା କର୍ମଚାରୀ ଲମ୍ବୋଦର ପାଢ଼ୀ(୫୩)। ଲମ୍ବୋଦର ସାଲେପୁର ସରସ୍ୱତୀ ଶିଶୁମନ୍ଦିର ରୋଡ୍‌ରେ ଭଡ଼ାଘରେ ରହିବା ସହ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଶିଶୁଆ ବଜାରରେ ଟେଲରିଂ କରିଥିବା ଜଣେ ୩୮ବର୍ଷୀୟା ଅବିବାହିତା ଯୁବତୀଙ୍କ ସହ ତାଙ୍କର ପରିଚିତ ହୋଇଥିଲା। ଲମ୍ବୋଦର ତାଙ୍କୁ କହିଥିଲେ, ମୋ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ବୃଦ୍ଧ ମା' ବାପା ବହୁ ହଇରାଣ ହେଉଛନ୍ତି। ତେଣୁ ମୁଁ ତୁମକୁ ବିବାହ କରିବାକୁ ଚାହୁଁଛି। ଯୁବତୀ ଏଥିରେ ରାଜି ହୋଇଥିଲେ। ପରେ ସେ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଶାରୀରିକ ସମ୍ପର୍କ ସ୍ଥାପନ କରିବା ସହ ତାଙ୍କଠାରୁ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିଲେ। ଶେଷରେ ତାଙ୍କୁ ପ୍ରତାରଣା କରିବାରୁ ସେ ବାଧ୍ୟହୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୯୨/୨୦ରୁଜୁ କରି ତଦନ୍ତ କରିଥିଲା।

ତଦନ୍ତ ନିର୍ଦ୍ଦେଶ ଦେଲେ ବ୍ଲକ ଶିକ୍ଷାଧିକାରୀ

ନିଶ୍ଚିନ୍ତକୋଇଲି,୬।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ କାର୍ଯ୍ୟରତ ଦୁଇ ସିଆରସିସି ଏକ ବାରରେ ବସି ମଦ୍ୟପାନ କରୁଥିବାର

ସୋସିଆଲ ମିଡିଆରେ ୨ ସିଆର୍‌ସିସିଙ୍କ ମଦ୍ୟପାନ ଫଟୋ ଭାଇରାଲ ଘଟଣା

ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ଶୁକ୍ରବାର କେନ୍ଦୁପାଟଣା ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଏକଥା ଜାଣି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଲୋକେ ଧାରଣାରୁ ଓହରି ଯାଇଥିଲେ।

ବ୍ଲକ ଶିକ୍ଷା ଅଧିକାରୀଙ୍କ ଚିଠି ନଂ-୪୧୮/୦୬-୦୩-୨୦୨୦ ଅନୁସାରେ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଅଚ୍ୟୁତାନନ୍ଦ ବିଦ୍ୟାପୀଠ ନେମାଳର ପ୍ରଧାନଶିକ୍ଷକ ଦେବେନ୍ଦ୍ର ପ୍ରସାଦ କର ଓ ନଇଗୁଆଁ-ଦାଉଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି। ଚିଠିରେ ଦର୍ଶାଯାଇଛି, ଗତ ୨ ଓ ୪ ତାରିଖ ଦିନ କେନ୍ଦୁପାଟଣା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳ ଗ୍ରାମବାସୀ ଦେଇଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କରି ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପୈଠ କର। ସୂଚନାଯୋଗ୍ୟ, ଦୁଇ ସିଆରସିସିଙ୍କ ଫଟୋ ଭାଇରାଲ ହେବାପରେ ଫଟୋକୁ ଦେଖି ସମ୍ପୃକ୍ତ ସିଆରସିସିଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ଜନସାଧାରଣ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରଥମେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ପରେ କେନ୍ଦୁପାଟଣା ବିଦ୍ୟାଳୟ ସମ୍ମୁଖରେ ଲୋକେ ଧାରଣାରେ ବସିଥିଲେ। ଅପରପକ୍ଷେ ଜଣେ ସିଆରସିସିଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ମୋ ସ୍ୱାମୀଙ୍କ ଫଟୋକୁ କେହି ଏଡିଟିଂ କରି ଭାଇରାଲ କରିବା ସହ ତାଙ୍କୁ ଦୁଇଲକ୍ଷ ଟଙ୍କା ମାଗୁଛନ୍ତି। ଏନେଇ ସେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗର ତଦନ୍ତ କରୁଥିବା ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ା ପ୍ରକାଶ କରିଛନ୍ତି।

ଧାରଣାରେ ବସିଥିବା ଜନସାଧାରଣ।

ଦିଲ୍ଲୀ ଦଙ୍ଗାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କଟକ କଲେଜ ଛକରେ ଷ୍ଟୁଡେଣ୍ଟ ଫର ଡେମୋକ୍ରାଟିକ୍ ରାଇଟ୍ସ ଆଣ୍ଡ ସିକ୍ୟୁଲାରିଜମ୍ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

ଧାନ ବିକ୍ରି ଅର୍ଥ ପାଇବାକୁ ନେଇ ଚିନ୍ତାରେ ଚାଷୀ

କଟକ ସଦର,୬।୩(ଡି.ଏନ୍.ଏ.): ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗୁରୁବାର ରାତିରୁ ୟେସ୍ ବ୍ୟାଙ୍କ ଉପରେ କଟକଣା ଲାଗୁ କରିଛନ୍ତି। ବ୍ୟାଙ୍କରୁ ଟଙ୍କା ଉଠାଣ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗିବା ସହ ସର୍ବାଧିକ ୫୦ହଜାର ଟଙ୍କା ଉଠାଯାଇପାରିବ। ଏହି କଟକଣାକୁ ନେଇ କଟକ ସଦର ବ୍ଲକ ଅଞ୍ଚଳର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବିଭିନ୍ନ ସମୟରେ ସମିତି ଜରିଆରେ ଖାଦ୍ୟ ଓ ଯୋଗାଣ ବିଭାଗକୁ ଧାନ ବିକ୍ରି କରୁଥିବା ଚାଷୀ ୟେସ୍ ବ୍ୟାଙ୍କ ଜରିଆରେ ଟଙ୍କା ପାଇଥାନ୍ତି। ଜଣେ ଚାଷୀ ସର୍ବନିମ୍ନ ୩୦କୁଇଣ୍ଟାଲ ଧାନ ବିକ୍ରି କଲେ ଏହାର ମୂଲ୍ୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ନିର୍ଦ୍ଧାରିତ ସମୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବ କି ନାହିଁ ସେଥିରେ ସନ୍ଦେହ ପ୍ରକାଶ ପାଇଛି। ଗତିରାଉତପାଟଣା, ଦଧିବାମନପୁର, କୂଳସରିଗୁଆଁ ସମବାୟ ସମିତିରେ ଚଳିତ ସପ୍ତାହରେ ଧାନ ବିକ୍ରି କରିଥିବା ଚାଷୀ ଶୁକ୍ରବାର ଟଙ୍କା ମିଳିବା ସମ୍ବନ୍ଧରେ ଜାଣିବା ପାଇଁ ସମିତି କାର୍ଯ୍ୟାଳୟକୁ ଆସିଥିଲେ। ସମିତି କର୍ମକର୍ତ୍ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଫେରିଯାଇଥିବା ଲକ୍ଷ୍ୟ କରାଯାଇଥିଲା। ସୂଚନାଥାଉ କି, କଟକ ସଦର ବ୍ଲକ ଅଞ୍ଚଳରେ ଥିବା ସମବାୟ ସମିତିର ଚାଷୀଙ୍କୁ ଧାନ ବିକ୍ରି ବାବଦକୁ ଅର୍ଥ ୟେସ୍ ବ୍ୟାଙ୍କ ଯୋଗାଇଦେଉଥିଲା। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସମବାୟବିତ୍ ବିଜୟ ରାଉତରାୟ ଦାବି କରିଛନ୍ତି। କଟକ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କୁହନ୍ତି, ସରକାରୀ ଆକାଉଣ୍ଟରୁ ଟଙ୍କା ଯାଉଥିବାରୁ ଚାଷୀ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି। କଟକଣା ଲାଗିଥିବାରୁ ଧାନ ବିକ୍ରିରୁ ମିଳିବାକୁ ଥିବା ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ଯିବାରେ ବିଳମ୍ବ ହୋଇପାରେ ବୋଲି ସମବାୟ ବିଭାଗର ଜଣେ ବରିଷ୍ଠ କର୍ମକର୍ତ୍ତା ନିଜ ନାମ ଗୋପନ ରଖି କହିଛନ୍ତି।

ଓଡ଼ିଶାର ପ୍ରଗତିରେ ସହାୟକ ହେଉଛି ନିର୍ମାଣ ଶ୍ରମିକଙ୍କ ସେବା

କଟକ ଅଫିସ,୬।୩

କଟକ ଶହୀଦ ଭବନଠାରେ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନିର୍ମାଣ ଶ୍ରମିକଙ୍କ ସେବା ଓଡ଼ିଶାର ପ୍ରଗତିରେ ସହାୟକ ହୋଇପାରୁଛି। ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ବିକାଶ ପାଇଁ ନେଇଥିବା କଲ୍ୟାଣକାରୀ ପଦକ୍ଷେପ କଟକ ଜିଲାରେ କେତେ ସଫଳ ହୋଇପାରିଛି ସେ ବିଷୟରେ ଜିଲାପାଳ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନିର୍ମାଣ ଶ୍ରମିକ ବୋର୍ଡର ଉପାଧ୍ୟକ୍ଷ ସୁବାସ ସିଂ ଯୋଗଦେଇଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ନୀଳାମ୍ବର ମିଶାଲ ସ୍ୱାଗତ ଭାଷଣ ଓ ମୋନାଲିସା ପାଢୀ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ ନିର୍ମାଣ ଶ୍ରମିକ ଓ ଅଧିକାରୀ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଯାହା ଖାଇବ ପେଟକୁ,
ଯାହା ଦେବ ବାଟକୁ,
ଯାହା ଥୋଇବ ଖଣ୍ଡକୁ ।

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

ଯେନ ବାଣେ ହତ ବାଳୀ
ତେନ ବାଣେ ହତ ଲଙ୍କା ।

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

ନାରୀ ସବୁ କ୍ଷେତ୍ରରେ ସକ୍ଷମତା ପ୍ରତିପାଦିତ କରିଛି

କଟକ ଅଫିସ,୬।୩: ନାରୀ ସବୁ କ୍ଷେତ୍ରରେ ନିଜର ସକ୍ଷମତା ପ୍ରତିପାଦିତ କରିଛି। ଜନ୍ମରୁ ନାରୀକୁ ଦୁର୍ବଳା ଭାବେ କୁହାଯାଇଛି। ଯାହାପାଇଁ ସମାଜରେ ନାରୀ ସଶକ୍ତୀକରଣର ଆବଶ୍ୟକତା ପଡୁଛି। ସଶକ୍ତୀକରଣ ଏକ ମାନସିକ ବ୍ୟାଧି। ଏହି ନିମ୍ନ ମାନସିକତା ଦୂର ହେବା ଉଚିତ ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର ଅଫ ୱିଜଡମଠାରେ ଶୁକ୍ରବାର ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଲେଖିକା ଡ. ଇତି ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ କବି ହୁସେନ ରବି ଗାନ୍ଧୀ, ପ୍ରଫେସର ସ୍ମୃତିପ୍ରଭା ଦାସ, ଅନୁରାଧା ବିଶ୍ୱାଳ, ଅଭିନେତ୍ରୀ ଅନୁ ଚୌଧୁରୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଚିଦମ୍ବିକା ଖଟୁଆ, ଲେଖିକା ଲକ୍ଷ୍ମୀ ଚାନ୍ଦ, ପୂଜା ମିଶ୍ର ଓ ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି ଯୋଗଦେଇଥିଲେ। ପି.କେ. ଚୌଧୁରୀ ଅତିଥି ପରିଚୟ ପ୍ରଦାନ, ଅଖିଳ କୁମାର ମିଶ୍ର ସ୍ୱାଗତ ଭାଷଣ ଏବଂ ଏସ.ଏନ୍. ମିଶ୍ର ଧନ୍ୟବାଦ ଦେଇଥିଲେ।

ଫୁଟ୍‌ବଲ ମ୍ୟାଚ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

କ୍ୱାର୍ଟରରେ ଆଠଗଡ଼

ତିଗିରିଆ,୬।୩(ଡି.ଏନ.ଏ.)

୫ମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ତିଗିରିଆ ବ୍ଲକ ଜମାତ ଅହମ୍ମଦିୟା ଖେଳ ପଡ଼ିଆଠାରେ ଯୁବ ଅହମ୍ମଦିୟା କରଡ଼ାପଲ୍ଲୀ ଦ୍ୱାରା ଆୟୋଜିତ ୫ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ମା' ଶାରଳା କ୍ଲବ ଗୁଣ୍ଡିଚାପଡ଼ା(ଢେଙ୍କାନାଳ)କୁ ୬-୫ ଗୋଲରେ ହରାଇ ଆଠଗଡ଼ ଏକାଦଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ପ୍ରଥମାର୍ଦ୍ଧ ସୁଦ୍ଧା କୌଣସି ଦଳ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ୨ୟାର୍ଦ୍ଧର ୧୭ ମିନିଟରେ ମା' ଶାରଳା କ୍ଲବର କରିମ ଖାଁ ଦଳପାଇଁ ପ୍ରଥମ ଗୋଲ ଦେଇଥିଲେ। ଏହାର ୧୭ ମିନିଟ ପରେ ଆଠଗଡ଼ ଏକାଦଶର କାହ୍ନା ଗୋଟିଏ ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ଖେଳ ଶେଷ ପର୍ଯ୍ୟନ୍ତ କୌଣସି ଦଳ ଗୋଲ ସ୍କୋର ନ କରିବାରୁ ଖେଳ ସମାନ ସ୍ଥିତିରେ ରହିଥିଲା। ଟାଇବ୍ରେକର ମାଧ୍ୟମରେ ଆଠଗଡ଼ ଏକାଦଶ ୬-୫ ଗୋଲରେ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଯୁବ ଅହମ୍ମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ, ସମ୍ମାନିତ ଅତିଥି କରଡ଼ାପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ମାଲିକ, କଟକ ଜିଲା ଯୁବ ଅହମ୍ମଦିୟା ସଭାପତି ମହମ୍ମଦ ନଇମ୍, ଯୁବ ଅହମ୍ମଦିୟା କରଡାପଲ୍ଲୀ ସଭାପତି ରମଜାନୀ ଖାଁ ଓ ଗ୍ରାମ୍ୟ କମିଟି ଉପସଭାପତି ସେକ ମହିମୁଦ ଯୋଗ ଦେଇଥିଲେ। ଖେଳକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ସଫିକୁଲ ଖାଁ, ମହମ୍ମଦ ଅତାଉଲ୍ ହଲିମ୍ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ସେକ ଅନିଲ ଦାୟିତ୍ୱ ନିର୍ବାହ କରିଥିଲେ।

ବିଦ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା

କଟକ ସଦର/ସାଲେପୁର, ୬।୩(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅଧୀନ ରଟିଲୋ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଆବଶ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ରଟିଲୋ ଗ୍ରାମର ସଞ୍ଜୟ କୁମାର ପାତ୍ର, ସୁଷମା ପ୍ରଧାନ, ସରସ୍ୱତୀ ସାହୁ, ରୁଦ୍ର ସେଠୀ, କଳ୍ପନା ପାତ୍ର, ପ୍ରକାଶ ବେହେରା, ଅଜୟ କୁମାର ସାହୁ, ନାରାୟଣ ପାତ୍ରଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ବିରିଡ଼ି ଶିକ୍ଷା ଜିଲା ଅଧିକାରୀ ସଜିନ୍ଦ୍ର ମହାନ୍ତି ପହଞ୍ଚି ୮ଦିନ ମଧ୍ୟରେ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ମଧ୍ୟରୁ ୨ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ସେହିପରି ବିଦ୍ୟାଳୟର ଅନ୍ୟ ସମସ୍ୟାକୁ ଯୁଦ୍ଧକାଳୀନଭିତ୍ତିରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ, ରଟିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ଟି ଶ୍ରେଣୀ ଥିବାବେଳେ ୧୨୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ମୋଟ୍ ୪ଜଣ ଶିକ୍ଷକ ଥିବାବେଳେ ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରଧାନଶିକ୍ଷକ ପଦ ଖାଲି ପଡିଛି। ସେହିପରି ବିଦ୍ୟାଳୟରେ ୧୦ବର୍ଷ ମଧ୍ୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ଘୋର ସମସ୍ୟା ଉପୁଜିଛି।

ମୁଦ୍ରଣ ନକ୍ସା ଛପା ଅବ୍ୟାହତ ରଖିବାକୁ ଦାବି

କଟକ ଅଫିସ, ୬।୩: ମୁଦ୍ରଣ ନକ୍ସା ଛପା ବନ୍ଦ ହେବା ଫଳରେ ଲୋକେ ଠିକ୍ ନକ୍ସା ପାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ମୁଦ୍ରଣ ନକ୍ସା ଛପା ଅବ୍ୟାହତ ରଖିବା ପାଇଁ ମହାନଗର ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ଅଖିଳ ଭାରତ ଉପଭୋକ୍ତା ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ ପଣ୍ଡା, ଆଇନଜୀବୀ ସୁକାନ୍ତ ନାୟକ, ଖବରଦାତା ସତ୍ୟ ରାୟ, ସମ୍ପୂର୍ଣ୍ଣକ୍ରାନ୍ତି ଅଭିଯାନର ସାଧାରଣ ସମ୍ପାଦକ ଯୁଗଳ କିଶୋର ନାୟକ, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ସାମାଜିକ କର୍ମୀ ସମ୍ମିତା ମହାନ୍ତି ଓ ଅରବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

For Single Day		For 7 Days		For 15 Days		For 30 days	

କାମ କରୁଥିବାବେଳେ ଯେଉଁ ଲୋକ ମନ ଖୋଲା ଗୀତ ଗାଏ, ସେ ହିଁ ଦୁନିଆରେ ପ୍ରକୃତ ସୁଖୀ।
- କାର୍ଲାଇଲ

ଛତିଶଗଡ଼ରୁ ଓଡ଼ିଶାକୁ ଆସୁଛି ଜାଲ୍ ନୋଟ୍

ଭୁବନେଶ୍ୱର, ୬।୩(ବ୍ୟୁରୋ)

ବ୍ରାଉନ ସୁଗାର କାରବାର ଓ ବାଂଲାଦେଶରୁ ଯୁବତୀ ଚାଲାଣ ଉପରେ ଅଙ୍କୁଶ ଲଗାଇବା ପରେ ଏସ୍‌ଟିଏଫ୍ ନଜର ଏବେ ଓଡ଼ିଶାକୁ ଆସୁଥିବା ଜାଲ୍ ନୋଟ ଉପରେ। ଜାଲ୍ ନୋଟ୍ କାରବାର ରୋକିବା ପାଇଁ ଏସ୍‌ଟିଏଫ୍ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ଶୁକ୍ରବାର ଏସ୍‌ଟିଏଫ୍ ବରଗଡ଼ ଜିଲା ଭଟଲି ଛକରେ ଚଢାଉ କରି ଜାଲନୋଟ କାରବାରରେ ସମ୍ପୃକ୍ତ ୨ଜଣ ମାଷ୍ଟରମାଇଣ୍ଡଙ୍କ ସମେତ ଜଣେ ଗ୍ରାହକଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଲକ୍ଷ ୬ଶହ ଟଙ୍କା ଜାଲ୍ ନୋଟ ଜବତ କରାଯାଇଛି। ତନ୍ମଧ୍ୟରେ ୨୮୮ଟି ୫ଶହ ଟଙ୍କିଆ, ୨୩୩ଟି ୨ଶହ ଟଙ୍କିଆ ଏବଂ ୧୦୦ଟି ୧୦୦ ଟଙ୍କିଆ ଜାଲ ନୋଟ ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଜିଲା ରାୟଗଡ଼ ସରିଆ ଅଞ୍ଚଳର ମଙ୍ଗୁଲ ମାଲଖର(୪୨), ବରଗଡ଼ ଜିଲା ବରପାଲିର ପ୍ରଫୁଲ୍ଲ ମେହେର(୫୬) ଏବଂ ଗ୍ରାହକ କଟକ ଜିଲା ଲାଲବାଗ ଥାନା ଅଧୀନ ଶେଲଟର ଛକର ସୁଦର୍ଶନ ମହାନ୍ତି(୩୬)। ଏମାନଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ବରଗଡ଼ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଏ ନେଇ ବରଗଡ଼ ସଦର ଥାନାରେ ଆଇପିସି ଦଫା ୪୮୯(ଏ), ୪୮୯(ବି), ୪୮୯(ସି), ୧୨୦(ବି)ରେ କେସ୍ ନଂ. ୯୪/୨୦ ରୁଜୁ ହୋଇଛି। ପରେ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

ଗିରଫ ଅଭିଯୁକ୍ତମାନେ

ଜବତ ଜାଲ୍ ନୋଟ୍

୨୫ ହଜାର ଜାଲ୍ ନୋଟ୍‌କୁ ଅସଲ ୧୦ ହଜାର

ସେମାନେ ବିଭିନ୍ନ ଜିଲାରେ ଏଜେଣ୍ଟମାନଙ୍କୁ ରଖିଥିଲେ। ସେମାନଙ୍କୁ ମଙ୍ଗୁଲ ଓ ପ୍ରଫୁଲ୍ଲ ଜାଲ ନୋଟ ବିକ୍ରି କରୁଥିଲେ। ଅସଲି ନୋଟ ଦେଇ ଏଜେଣ୍ଟଙ୍କୁ ସେମାନେ ୨.୫ ପ୍ରତିଶତ ଅଧିକ ଜାଲ୍ ନୋଟ୍ ଦେଉଥିଲେ। କହିବାକୁ ଗଲେ ସେମାନେ ୧୦ ହଜାର ଅସଲି ନୋଟ୍ ନେଇ ୨୫ହଜାର ଜାଲନୋଟ ଦେଉଥିଲେ।

ଗ୍ରାମାଞ୍ଚଳକୁ କରୁଥିଲେ ଟାର୍ଗେଟ

ଗ୍ରାମାଞ୍ଚଳଗୁଡ଼ିକୁ ସେମାନେ ଟାର୍ଗେଟ କରୁଥିଲେ। ଯେଉଁଠି ଟଙ୍କାକୁ ଦୋକାନୀମାନେ ଯାଞ୍ଚ ନ କରି ସିଧା ନେଇ କ୍ୟାଶ କାଉଣ୍ଟରରେ ରଖି ଦିଅନ୍ତି। ବିଶେଷ କରି ଶିକ୍ଷାର ଅଭାବ ଥିବା ଜିଲାକୁ ଏମାନେ ଅଧିକ ଫୋକସ କରନ୍ତି। ଝାରସୁଗୁଡା, ବରଗଡ଼, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଆଦି ଅଞ୍ଚଳକୁ ଏହି ଜାଲ ନୋଟ ପଠାଇଥାନ୍ତି। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ସେମାନେ ଏହାର ଫାଇଦା ଉଠାଉଥିଲେ।

ଛତିଶଗଡ଼ ଯିବ ଏସ୍‌ଟିଏଫ୍

ଜାଲନୋଟ କାରବାର ପେଣ୍ଠସ୍ଥଳୀ ଛତିଶଗଡ଼କୁ ଯାଞ୍ଚ ପାଇଁ ଯିବ ଏସ୍‌ଟିଏଫ। ଗିରଫ ମଙ୍ଗୁଲ କେଉଁ ସ୍ଥାନରେ ଛାପା ମେଶିନ୍ ପକାଇ ଟଙ୍କା ଛାପୁଥିଲେ ତାହା ଖୋଳତାଡ଼ କରାଯିବ। ଉକ୍ତ ମେଶିନ୍ ଠାବ କରି ଘରକୁ ସିଲ୍ କରାଯିବା ସହ ମେଶିନ୍ ଜବତ କରାଯିବ। ଏହି କାରବାର ପଛରେ ଆଉ କେଉଁମାନେ ଅଛନ୍ତି ତାହାର ମଧ୍ୟ ଯାଞ୍ଚ ହେବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

କିଭଳି ଧରାପଡ଼ିଲେ

ଗତ କିଛିଦିନ ହେବ ବରଗଡ଼, ଝାରସୁଗୁଡ଼ା, ଅତାବିରା ଆଦି ବିଭିନ୍ନ ଅଞ୍ଚଳକୁ ଶହ ଶହ ଜାଲନୋଟ ଆସୁଥିଲା। ଏ ନେଇ ଅନେକ ବ୍ୟବସାୟୀ ଅଭିଯୋଗ କରିବା ପରେ ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ଟିଏଫ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଜାଲନୋଟ କାରବାର କରୁଥିବା ପୁରୁଣା ଅପରାଧୀଙ୍କ ଡାଏରୀ ଖୋଲିବା ସହ ସ୍ଥାନୀୟ ସୂଚନାଦାତାଙ୍କୁ କାମରେ ଲଗାଇଥିଲା। ପୁରୁଣା ଡାଏରୀରୁ ପ୍ରଫୁଲ୍ଲ ମେହେର ୨୦୧୦ରେ ଜାଲ ନୋଟ କାରବାରରେ ଗିରଫ ହୋଇ ଜାମିନରେ ଆସିଛନ୍ତି। ଏସ୍‌ଟିଏଫ୍ ତାଙ୍କର ଗତିବିଧି ଉପରେ ନଜର ରଖିଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ସୁଦର୍ଶନଙ୍କୁ କେତେଜଣ ଜାଲ ନୋଟ୍ ଦେବାକୁ ଆସିଥିବା ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ସେଠାରେ ଚଢାଉ କରି ୩ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ୨ଲକ୍ଷ ୬ଶହ ଟଙ୍କାର ଜାଲନୋଟ ମିଳିଥିଲା।

ରାୟଗଡ଼ରେ ଛପା ହେଉଛି

ଛତିଶଗଡ଼ର ରାୟଗଡ଼ରୁ ଓଡ଼ିଶାକୁ ଲମ୍ବିଛି ଜାଲନୋଟ ର୍ୟାକେଟର ଚେର। ଏହି ର୍ୟାକେଟର ମଙ୍ଗ ଧରିଥିଲେ ମଙ୍ଗୁଲ ମାଲଖର। ସେ ରାୟଗଡ଼ ଜିଲାରେ ଜାଲନୋଟ ଛପାଇବା ପାଇଁ ଏକ ପ୍ରିଣ୍ଟିଂ ମେଶିନ୍ ବସାଇଛନ୍ତି। ଏଥିପାଇଁ କର୍ମଚାରୀ ମଧ୍ୟ ନିୟୋଜିତ କରିଛନ୍ତି। ସେମାନେ କଞ୍ଚାମାଲ ମଙ୍ଗୁଲଙ୍କୁ ଦିଅନ୍ତି। କୋଲକାତାରୁ ମଙ୍ଗୁଲ ଜାଲନୋଟ ଛପାଇବା ତରିକା ଶିଖିଥିଲେ। ସେଠାରୁ ସେ ଛତିଶଗଡ଼ ଆସି ଏହି କାରବାର ଆରମ୍ଭ କରିଥିଲେ। ତାଙ୍କୁ ଏହି ବ୍ୟବସାୟରେ ସହଯୋଗ କରୁଥିଲେ ଓଡିଶାର ପ୍ରଫୁଲ୍ଲ ମେହେର। ସେ ନିକଟରେ ଜେଲରୁ ବାହାରିବା ପରେ ପୁଣି ଏହି କାରବାରରେ ଲିପ୍ତ ଅଛନ୍ତି।

୫ ଦିନ ରିମାଣ୍ଡ ପାଇଁ ଆବେଦନ

ଏହି ଜାଲ୍ ନୋଟ କାରବାରର ଗୁମର ଖୋଲିବା ପାଇଁ ଦୁଇ ଅଭିଯୁକ୍ତ ମଙ୍ଗୁଲ ଓ ପ୍ରଫୁଲ୍ଲଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି ଏସ୍‌ଟିଏଫ୍। କୋର୍ଟ ଅନୁମତି ଦେବା ପରେ ଏସ୍‌ଟିଏଫ୍ ସେମାନଙ୍କୁ ଭୁବନେଶ୍ୱର ଆଣି ପଚରାଉଚରା କରିବ।

ଅସ୍ତରଙ୍ଗ ବେଳାଭୂମିରୁ ୪୮ ଫୁଟ୍‌ର ମୃତ ତିମି ଉଦ୍ଧାର

ଅସ୍ତରଙ୍ଗ, ୬।୩ (ଡି.ଏନ୍.ଏ)

ଅସ୍ତରଙ୍ଗ ବେଳାଭୂମି ଗୁଣ୍ଡଳବା ନିକଟରୁ ପ୍ରାୟ ୪୮ ଫୁଟ ଲମ୍ବର ଏକ ମୃତ ତିମି ଉଦ୍ଧାର ହୋଇଛି। ଏହାର ଓଜନ ପ୍ରାୟ ୧୫ ଟନ୍ ହେବ ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଘଟଣାସ୍ଥଳରେ ବନ ବିଭାଗ, ପ୍ରାଣୀ ଓ ମତ୍ସ୍ୟ ବିଭାଗର ଟିମ୍ ପହଞ୍ଚି ମୃତ ତିମି ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ପୀରଜାହାନିଆ ନିକଟସ୍ଥ ଗୁଣ୍ଡଳବା ଗାଁର ସମୁଦ୍ରକୂଳରେ ଏହି ବିରାଟକାୟ ମୃତ ତିମି ଲାଗିଥିଲା। ସ୍ଥାନୀୟ ଲୋକେ ସମୁଦ୍ର କୂଳକୁ ଯାଇଥିବାବେଳେ ମୃତ ତିମିକୁ ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜର ହ୍ୟୁମାନ ନାୟକ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତ ତିମିକୁ ପାଣିରୁ ଉଦ୍ଧାର କରିଥିଲେ। ଏଥିସହ ପ୍ରାଣୀ ଓ ମତ୍ସ୍ୟ ବିଭାଗର ଟିମ୍ ପହଞ୍ଚି ମୃତ ତିମି ସମ୍ପର୍କରେ ଅନୁସନ୍ଧାନ ଚଳାଇଛି। ପ୍ରାଣୀ ବିଭାଗ ମୃତ ତିମିର ଅଂଶବିଶେଷ ସଂଗ୍ରହ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜାହାଜ କିମ୍ବା ଟ୍ରଲର ମାଡ଼ରେ ତିମିଟି ମରିଯାଇଥିବା ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ସମୁଦ୍ର ବାଲିରେ ମୃତ ତିମିକୁ ପୋତିବା ପାଇଁ ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ପରିବେଶବିତ୍ ଶୋଭାକର ବେହେରା କହିଛନ୍ତି, ବହୁଦିନ ତଳୁ ଏହି ତିମି ମରିଯାଇଥିବାରୁ ତା'ର ସମ୍ପୂର୍ଣ୍ଣ ଶରୀର ପଚିଯାଇଛି।

ଇଣ୍ଡିଆନ୍ କାଉନ୍‌ସିଲ ଫର୍ କଲ୍‌ଚରାଲ ରିଲେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନାଜିଆ ଆଲମ୍ ସଙ୍ଗୀତ ପରିବେଷଣ କରୁଛନ୍ତି।

ଏସ୍‌ସିବିରୁ ଫେରାର, କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ ଆୟର୍ଲାଣ୍ଡ ନାଗରିକ ପିଟରଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କୁ ହସ୍ପିଟାଲର ଆଇସୋଲେଶନ୍ ୱାର୍ଡରେ ରଖାଯାଇଛି। ରକ୍ତନମୁନା ପରୀକ୍ଷା ପାଇଁ ଯାଇଛି। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପିଟର ଓ ତାଙ୍କ ସହଯୋଗୀ(ନିମାପଡ଼ାର) ହସ୍ପିଟାଲରେ ରହିବେ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ଯାଞ୍ଚ ସମୟରେ ପିଟରଙ୍କ ଶରୀରରେ

କରୋନା ସନ୍ଦିଗ୍ଧ ଆୟର୍ଲାଣ୍ଡ ନାଗରିକ

ତାପମାତ୍ରା ଥିବା ଜଣାପଡ଼ିଥିଲା। ସେ କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇଥିଲା। ତେଣୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ଏସ୍‌ସିବି ମେଡିକାଲକୁ ରେଫର କରାଯାଇଥିଲା। କିନ୍ତୁ କଟକରୁ ସେ ରାତିରେ ଫେରାର୍ ହୋଇଥିବା ମଙ୍ଗଳାବାଗ ଥାନାରେ ମୌଖିକ ଅଭିଯୋଗ ହୋଇଥିଲା। ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସୂଚନାନୁଯାୟୀ, ସନ୍ଦିଗ୍ଧଙ୍କ ଜଣେ ସହଯୋଗୀ ରେଫରାଲ ଟିକେଟ୍ ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସନ୍ଦିଗ୍ଧଙ୍କୁ ଆଡ୍‌ମିଟ କରିବାକୁ କୁହାଯିବାରୁ ସେ ତାଙ୍କୁ ଆଣିବା ପାଇଁ ତଳକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟ ନ ଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଏହା ପରଠୁ ସନ୍ଦିଗ୍ଧ କେଉଁଆଡ଼େ ଫେରାର ହୋଇଯାଇଥିବା ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପୋଲିସ ତାଙ୍କୁ ଖୋଜିବାରେ ଲାଗିଥିଲା। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରର ଏକ ହୋଟେଲରେ ତାଙ୍କୁ ପୋଲିସ ପାଇଥିଲା।

ମହିଳା ପୋଲିସଙ୍କୁ ମିଳୁଛି କର୍ମକ୍ଷେତ୍ରରେ ନିର୍ଯାତନା

କଟକ ଅଫିସ, ୬।୩

କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍ ପରିସରରେ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଦେଶରେ ପ୍ରଥମ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଉଛି। ଏହି ସମ୍ମିଳନୀରେ ଭାଗ ନେଇଥିବା ମହିଳା ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କୁ କେମିତି କାର୍ଯ୍ୟକ୍ଷେତ୍ରରେ ନିର୍ଯାତନାର ଶିକାର ହେବାକୁ ପଡୁଛି, ସେନେଇ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି କିମ୍ବା ଠିକ୍ ଭାବେ ତଦନ୍ତ କରାଯାଉନି। ସେହିଭଳି ପଦୋନ୍ନତିରେ ଅବହେଳା ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ନେଇ ମହିଳା ପୋଲିସ ଅଧିକାରୀମାନେ ସେମାନଙ୍କ ଅନୁଭୂତି ରଖିଥିଲେ।

ଏହି ସମ୍ମିଳନୀରେ ୪ଜଣ ମହିଳା ଆଇପିଏସ୍, ଜଣେ ଏସ୍‌ପି, ୧୨ଜଣ ଡିଏସ୍‌ପି, ୧୨ଜଣ ଭାରପ୍ରାପ୍ତ ଡିଏସ୍‌ପି, ୨୯ଜଣ ଇନ୍ସପେକ୍ଟର, ୧୭ଜଣ ସବ୍-ଇନ୍ସପେକ୍ଟର, ୮ଜଣ ଏଏସ୍‌ଆଇ, ୨ଜଣ ହାବିଲଦାର, ୩ଜଣ ଲାନ୍ସ ନାଏକ ଏବଂ ୪୮ଜଣ କନଷ୍ଟେବଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ୪ଟି ଟିମ୍‌ରେ ଭାଗ କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ୍‌ଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା ପୋଲିସଙ୍କ ପଦୋନ୍ନତି କ୍ଷେତ୍ରରେ ଥିବା ବାଧକ ନେଇ ଆଲୋଚନା ହୋଇଥିଲା। ସେହିପରି ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ, ଗଜପତି ଏସ୍‌ପି ସାରା ଶର୍ମାଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ୟୁନିଫର୍ମ ଏବଂ ଅନ୍ୟାନ୍ୟ ସାମଗ୍ରୀ, କଟକ ଭିଜିଲାନ୍ସ ଏସ୍‌ପି ଅଶ୍ୱିନୀ କୁମାରୀ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା କ୍ରୀଡା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଭାଗନେଇଥିବା ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପରୋକ୍ତ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧିକାରୀମାନେ ମହିଳା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଅଣଦେଖା କରାଯିବା, ଅଧିକ ପଦବୀରେ ମହିଳାଙ୍କୁ ନିଯୁକ୍ତି, ପ୍ରସବ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ମାସିକ ଋତୁସ୍ରାବ ପାଇଁ ମାସକୁ ଗୋଟିଏ ଦିନ ଛୁଟି, ଗର୍ଭାବସ୍ଥା ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନରେ କୋହଳ, ସୁରକ୍ଷିତ ପରିବେଶ ଏବଂ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ୟୁନିଫର୍ମ ଡିଜାଇନ୍ ପାଇଁ ପ୍ରସ୍ତାବ ଦେଇଥିଲେ।

ସମ୍ମିଳନୀରେ ଡିଜିପି ଅଭୟଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ।

ଦେଶର ପ୍ରଥମ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ

ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ଅଭୟ ଯୋଗଦେଇ କହିଥିଲେ, ମହିଳା ଥାନାକୁ ଛାଡି ରାଜ୍ୟରେ ୧୦୨ଟି ଥାନାର ଆଇଆଇସି ହେଉଛନ୍ତି ମହିଳା। ମୋଟ୍ ଥାନାର ୨୦ପ୍ରତିଶତ ଏମାନେ ନେତୃତ୍ୱ ନେଉଛନ୍ତି। ଦେଶରେ ଏହା ସର୍ବାଧିକ। ଆଗାମୀ ଦିନରେ ଏହାକୁ ୫୦ ପ୍ରତିଶତରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳା ପୋଲିସ ଅଧିକାରୀଙ୍କ ପାଇଁ ଅଧିକ ସଂଖ୍ୟକ ମୋବାଇଲ୍ ଶୌଚାଳୟ, ସ୍ୱତନ୍ତ୍ର ୟୁନିଫର୍ମ, ଲିଙ୍ଗଗତ ଭେଦଭାବ ରୋକିବା, ଗର୍ଭଧାରଣ ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନ ଦିଗରେ କ'ଣ ସବୁ ବ୍ୟବସ୍ଥା କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଡିଜିପି କହିଥିଲେ। ନିର୍ଯାତନା ମାମଲାଗୁଡିକୁ ଠିକ୍ ସମୟରେ ତଦନ୍ତ କରାଯିବା ସହ ପୁରୁଣା ଗାଡିଗୁଡିକୁ ମୋବାଇଲ୍ ଶୌଚାଳୟ ଭାବେ ବ୍ୟବହାର କରାଯିବ ବୋଲି ସେ କହିଥିଲେ। ଓଡ଼ିଶାରେ ମହିଳା ପୋଲିସ ଅଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଯୋଗୁ ଆଗାମୀ ଦିନରେ ସେମାନେ ଦେଶରେ ପୋଲିସ ବିଭାଗର ନେତୃତ୍ୱ ନେବେ ବୋଲି ଅଭୟ ଆଶା ପ୍ରକାଶ କରିଥିଲେ। ଆଇଜି(ତାଲିମ) ଏସ୍. ସାଇନି ଆଲୋଚନାର ବିଷୟ ଏବଂ ପ୍ରସ୍ତାବଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଜି, ଡିଆଇଜି, ଏସ୍‌ପି ଏବଂ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇଜି(ଆଧୁନିକୀକରଣ) ରେଖା ଲୋହାନୀ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସତ୍ୟ

ଲିଙ୍କୁନ

ଦିଲୀପ

ନ୍ୟାୟବ୍ରତ

ସାଜନ୍

ପ୍ରଦୀପ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ଏତଲା

କଟକ ଅଫିସ, ୬।୩

ଶହୀଦନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ହାବିଲଦାରଙ୍କୁ ପୋଲିସ ଗିରଫ କରିଥିଲା। ହାବିଲଦାର ଜଣକ ପୀଡିତାଙ୍କ ପିଉସା। ଏହି ଘଟଣାକୁ ନେଇ ଶୁକ୍ରବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଏତଲା ଦିଆଯାଇଛି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଏତଲାରେ ନିବେଦନ କରାଯାଇଛି। ମାନାବଧିକାର କର୍ମୀ ଜୟନ୍ତୀ କୁମାର ଦାସ ପକ୍ଷରୁ ଏହି ଏତଲା ଦିଆଯାଇଛି। ଏଥିସହ ପୀଡିତାଙ୍କୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଏତଲାରେ ପ୍ରାର୍ଥନା କରାଯାଇଛି।

ଝିଆରୀଙ୍କୁ ହାବିଲଦାରଙ୍କ ବଳାତ୍କାର ଅଭିଯୋଗ ଘଟଣା

ଅଭିଯୁକ୍ତ ହାବିଲଦାର୍ ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବା ଯୋଗୁ ଝିଆରୀଙ୍କୁ ଆଣି ଘରେ ରଖିଥିଲେ। ଖାଦ୍ୟରେ ନିଶା ବଟିକା ଦେଇ ପିଉସା ନିଜ ଝିଆରୀଙ୍କୁ ବଳାତ୍କାର କରିଥିଲେ। କ୍ୟାପିଟାଲ୍ ହସ୍ପିଟାଲରେ ଗର୍ଭପାତ ବେଳେ କଥା ପଦାକୁ ଆସିଥିଲା। ଝିଆରୀଙ୍କ ଅଭିଯୋଗକ୍ରମେ ପୋଲିସ ପିଉସାଙ୍କୁ ଗିରଫ କରିଥିଲା।

ଅଭିନେତ୍ରୀ ମଲାଇକା ଅରୋରାଙ୍କ ଅଭିନୟରେ କୌଣସି ଆଗ୍ରହ ନାହିଁ। ତେବେ ଯଦି 'ଜେମ୍ସ ବଣ୍ଡ' ଫିଲ୍ମରେ କାମ କରିବାର ସୁଯୋଗ ମିଳେ ନିଶ୍ଚିତ କରିବେ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କୁ ବର୍ତ୍ତମାନ ଅନେକ ସିନେମାରେ ଅଫର ମିଳିଛି। ହେଲେ ଏବେ ସେ ଛୋଟ ପରଦାରେ କାମ କରି ଖୁସି ଥିବା କହିଛନ୍ତି। ମଲାଇକା ରିଆଲିଟି ଶୋ' 'ଇଣ୍ଡିୟାଜ୍ ବେଷ୍ଟ ଡ୍ୟାନ୍ସର' ରେ ଜଜ୍ ଭୂମିକାରେ ଦର୍ଶକଙ୍କ ସମ୍ମୁଖକୁ ଆସୁଛନ୍ତି। ପୂର୍ବରୁ ସେ 'ଝଲକ୍ ଦିଖ୍‌ଲା ଯା', 'ଇଣ୍ଡିୟାଜ୍ ଗର୍ଟ ଟ୍ୟାଲେଣ୍ଟ' ଆଦି ଶୋ'ରେ ନଜର ଆସିଥିଲେ ।

ଖୋଲିଲା ଇଜିପ୍ଟର ପ୍ରାଚୀନ ପିରାମିଡ

୧୪ ବର୍ଷ ଧରି ଚାଲିଥିଲା ପୁନରୁଦ୍ଧାର କାର୍ଯ୍ୟ

କାଏରୋ: ଇଜିପ୍ଟରେ ଥିବା ୪,୭୦୦ ବର୍ଷ ପୁରୁଣା ପିରାମିଡକୁ ପୁଣି ଖୋଲାଯାଇଛି। ଷ୍ଟେପ୍ ପିରାମିଡ୍ ଅଫ୍ ଡିଜୋସେର ୧୪ ବର୍ଷ ଧରି ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଏହାକୁ ଲୋକଙ୍କ ପାଇଁ ପୁନର୍ବାର ଲୋକାର୍ପିତ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୁସ୍ତାଫା ମେଦ୍‌ବୁଲି କହିଛନ୍ତି, ଆମେ ଏହି ପିରାମିଡ୍‌କୁ ପୁନଃ ଉଦ୍‌ଘାଟନ କରି ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ସଫଳତାର ସହ ପିରାମିଡ୍‌ର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇଛୁ। ବିଶ୍ୱର କୌଣସି ପର୍ଯ୍ୟଟକ ଏଠାକୁ ଆସିପାରିବେ। ତେବେ କରୋନା ଭାଇରସ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ କେତେକ ପ୍ରତିକାରମୂଳକ ପଦକ୍ଷେପ ମଧ୍ୟ ନେଇଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାକ୍କାରା ନେକ୍ରୋପୋଲିସସ୍ଥିତ କିଙ୍ଗ୍ ଡିଜୋସେରଙ୍କ ଏହି ସମାଧିସ୍ଥଳକୁ ଇଜିପ୍ଟର ସବୁଠୁ ପ୍ରାଚୀନ ପିରାମିଡ୍ ବୋଲି ବିବେଚନା କରାଯାଉଛି। ୨୦୦୬ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଗତମାସରେ ପରଲୋକ ଘଟିଥିବା ଶାସକ ହୋସ୍‌ନି ମୁବାରକଙ୍କ ବିରୋଧରେ ଦେଶରେ ବିଦ୍ରୋହ ମୁଣ୍ଡଟେକିବାରୁ ୨୦୧୧ରେ ପୁନରୁଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ବାହାରପଟ, କରିଡର, ପାହାଚ ଆଦି ମରାମତିରେ ୧୦୪ ନିୟୁତ ଇଜିପ୍ଟ ପାଉଣ୍ଡ (ପ୍ରାୟ ୬ ନିୟୁତ ଡଲାର) ଖର୍ଚ୍ଚ ହୋଇଛି। ସ୍ଥପତି ଇମ୍‌ହୋଟେପ୍‌ଙ୍କ ଦ୍ୱାରା ନିର୍ମିତ ୬୩ ମିଟର ଉଚ୍ଚତା ବିଶିଷ୍ଟ ଏହି ପିରାମିଡକୁ ପର୍ଯ୍ୟଟକମାନେ ପରିଦର୍ଶନ କରିପାରିବେ।

୪ଦିନରେ ଶୁଟିଂ ହୋଇଥିଲା ଏହି ହୋଲି ଗୀତ

ଦୀପିକା ପାଦୁକୋନ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଜୱାନୀ ହେ ଦିୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଅନ୍ୟତମ ଚର୍ଚ୍ଚିତ ହୋଲି ଗୀତ। ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିବାବେଳେ ଏହି ଗୀତ ମଧ୍ୟ ସୁପରହିଟ୍ ହୋଇଥିଲା। ହେଲେ ଏହି ଗୀତର ଶୁଟିଂ ପଛରେ କିଛି କୌତୁହଳ କାହାଣୀ ରହିଛି। ଏହି ଗୀତକୁ ଶୁଟିଂ କରିବାକୁ ୪ ଦିନ ସମୟ ଲାଗିଥିଲା। ସୂଚନା ମୁତାବକ ରଣବୀର ଓ ଦୀପିକାଙ୍କ ଏହା ପ୍ରଥମ ହୋଲି ଗୀତ, ଯେଉଁଥିରେ । ଆଦିତ୍ୟ ରୟ କପୁର ମଧ୍ୟ ଥିଲେ। ଅୟାନ ମୁଖାର୍ଜିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର 'ବଲମ ପିଚ୍‌କାରୀ' ଗୀତକୁ କୋରିଓଗ୍ରାଫର ରେମୋ ଡିସୁଜା କୋରିଓଗ୍ରାଫି କରିଥିଲେ। ରଣବୀର ଡ୍ୟାନ୍ସରେ ନିପୁଣ ଥିବା ବେଳେ ସାଢ଼େ ୩ ମିନିଟ୍‌ରେ ସେ ସମସ୍ତ ଡ୍ୟାନ୍ସ ଷ୍ଟେପ୍ ଶିଖିଯାଇଥିଲେ। ହେଲେ ଆଦିତ୍ୟ ଶିଖି ନ ଥିଲେ। ଯେତେବେଳେ ଗୀତର ଶୁଟିଂ ପାଇଁ ରଣବୀର ପ୍ରସ୍ତୁତ ହୋଇଥିଲେ ସେତେବେଳେ ଆଦିତ୍ୟ ତାଙ୍କୁ ଅଟକାଇ କହିଥିଲେ, ମୁଁ ପ୍ରସ୍ତୁତ ହୋଇନାହିଁ। ଶୁଟିଂ ପାଇଁ କେତେବେଳେ ଷ୍ଟାର ପ୍ରସ୍ତୁତ ନ ଥିଲେ ତ କେତେବେଳେ କ୍ୟାମେରା ପ୍ରସ୍ତୁତ ହୋଇପାରୁ ନ ଥିଲା। ଅୟାନ ମୁଖାର୍ଜୀ ଏହି ପର୍ବକୁ ବେଶ୍ ପସନ୍ଦ କରୁଥିବା ବେଳେ ଶୁଟିଂ ସମୟରେ ସବୁ ଷ୍ଟାର କାଷ୍ଟଙ୍କ ସହ ମିଶି ସେ ବହୁ ମଜାମସ୍ତି କରିଥିଲେ। କେତେବେଳେ କାହାକୁ ଯାଇ ରଙ୍ଗ ବୋଳି ଦେଉଥିଲେ ତ ଆଉ କାହାକୁ ସୁଇମିଂ ପୁଲ୍‌ରେ ନେଇକି ପକାଇ ଦେଉଥିଲେ। ଏତେ ରଙ୍ଗ ଖେଳା ଯାଇଥିଲା ଯେ ଏହାକୁ ଶୁଟ୍ କରିବା ପାଇଁ ପ୍ରାୟ ୪ ଦିନ ସମୟ ଲାଗିଯାଇଥିଲା। କାରଣ ପ୍ରାୟ ସମୟରେ କ୍ୟାମେରାର ଲେନ୍ସରେ ରଙ୍ଗ ଲାଗି ଯାଉଥିଲା।

ରିଲିଜ୍ ହେଲା 'କୁଡି ନୁ ନଚାନେ ଦେ' ଗୀତ

ମୁମ୍ବାଇ: ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍। ଏହା ମାଧ୍ୟମରେ ସେ ବଲିଉଡ୍ ଫିଲ୍ମ, ଗୀତ ଏବଂ କଳାକାରଙ୍କୁ ପ୍ରଶଂସା ମଧ୍ୟ କରିଥାନ୍ତି। ଏବେ ସେ ଅଭିନେତ୍ରୀଙ୍କ ପ୍ରଶଂସା କରିଛନ୍ତି। ନିକଟରେ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ର ଏକ ଗୀତ ରିଲିଜ୍ ହୋଇଛି। ଏହି ଗୀତରେ ଅଭିନେତ୍ରୀ କଟ୍ରିନା କୈଫ୍, ଆଲିଆ ଭଟ୍ଟ, ଅନୁଷ୍କା ଶର୍ମା, ଜାହ୍ନବୀ କପୁର, କିୟାରା ଆଡୱାନୀ, ରାଧିକା ମଦାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଅଭିନେତ୍ରୀଙ୍କୁ ଅମିତାଭ୍ ପ୍ରଶଂସା କରିଛନ୍ତି। ସେ ଟ୍ୱିଟ୍ ମାଧ୍ୟମରେ ଗୀତର ପ୍ରଶଂସା କରିବା ସହ ଲେଖିଛନ୍ତି, ସମସ୍ତ ମହିଳା ଆତ୍ମବିଶ୍ୱାସର ସହ ରୁହନ୍ତୁ, ଚମକିବା ସହ ନୃତ୍ୟ କରନ୍ତୁ। କାରଣ ଏହି ମଞ୍ଚ ହେଉଛି ଆପଣମାନଙ୍କର। ଏଥିସହ ସେ ଅନ୍ୟ ଏକ ଟ୍ୱିଟ୍ ମାଧ୍ୟମରେ ଅଭିନେତା ଇରଫାନ୍ ଖାନ୍‌ଙ୍କର ପ୍ରଶଂସା କରିଛନ୍ତି। ଅନ୍ତର୍ଜାତୀୟ ମହିଳା ।

ସମସ୍ତ ଅଭିନେତ୍ରୀଙ୍କୁ ପ୍ରଶଂସା କଲେ ଅମିତାଭ

୨ ବର୍ଷ ଧରି ପ୍ଲାଷ୍ଟିକ୍ ଗଛରେ ଦେଉଥିଲେ ପାଣି

କେତେଜଣ ବ୍ୟକ୍ତି ଅଛନ୍ତି ସେମାନଙ୍କୁ ଗୋର୍ଡେନିଂ କରିବାକୁ ବହୁତ ଭଲ ଲାଗେ। ବିଭିନ୍ନ ପ୍ରକାରର ଗଛ ଲଗାଇବା ସହ ସେମାନଙ୍କର ଉଚିତ ଧ୍ୟାନ ନେବା ଯେପରି ତାଙ୍କର ପ୍ରଥମ କର୍ତ୍ତବ୍ୟ। ଜଳବାୟୁ ପରିବର୍ତ୍ତନ ଯୋଗୁ ବଢୁଥିବା ପ୍ରଦୂଷଣ ପାଇଁ ବର୍ତ୍ତମାନ ଲୋକେ ସଜାଗ ହେଲେଣି। ଗଛକୁ ବଞ୍ଚାଇବା ପାଇଁ ଇକୋ ଫ୍ରେଣ୍ଡଲି ଜିନିଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଅକ୍ସିଜେନ ବଢ଼ାଇବା ପାଇଁ ଲୋକମାନେ ଘର ବାହାରେ ଓ ଭିତରେ ଗଛ ଲଗାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆମେରିକାରେ ରହୁଥିବା ସେଲୀ ଓ୍ୱିଲ୍‌କ୍ସେ ନାମ୍ନୀ ଜଣେ ମହିଳା ଗତ ୨ବର୍ଷ ଧରି ଏକ ଗଛର ବହୁ ଯତ୍ନ ନେଉଥିଲେ। ପ୍ରତିଦିନ ଗଛକୁ ପାଣି ଦେବା ସେ କିଭଳି ସତେଜ ରହିବ ସେନେଇ ବହୁ ଯତ୍ନ ସହକାରେ କାର୍ଯ୍ୟ କରୁଥିଲେ। ନିଜ କାର୍ଯ୍ୟ ଏପଟ ସେପଟ ହୋଇପାରେ ହେଲେ ସେଲୀ ଗଛ ଯତ୍ନ ନେବାରେ କେବେ କୌଣସି ଅବହେଳା କରୁ ନ ଥିଲେ। ଉକ୍ତ ଗଛଟି ସୁନ୍ଦର ଦେଖାଯାଉଥିବା ବେଳେ ସେଲୀଙ୍କ ପ୍ରିୟ ମଧ୍ୟ ରହିଥିଲା। ହେଲେ ଦିନେ ତାଙ୍କୁ ଜଣାପଡ଼ିଲା ତାହା ଅସଲି ନୁହଁ ପ୍ଲାଷ୍ଟିକ୍‌ର ଗଛ। ସୂଚନା ମୁତାବକ ସେଲୀ ୨ବର୍ଷ ପୂର୍ବରୁ ଏକ ଗଛକୁ ଘରକୁ ଆଣିଥିଲେ। ଦେଖିବାକୁ ବହୁ ସୁନ୍ଦର ହୋଇଥିବା ବେଳେ ଏହାକୁ ସେ ରୋଷେଇ ଘରର ଝରକାରେ ଲଗାଇଥିଲେ। ପ୍ରତିଦିନ ସେ ଗଛରେ ପାଣି ଦେବା ସହ ପତ୍ରଗୁଡିକୁ ଭଲରେ ପୋଛିଥାନ୍ତି। ଯଦି ଏହି ସବୁ କାର୍ଯ୍ୟ ଆଉ କିଏ କରେ ତେବେ ସେଲୀ ବିରକ୍ତି ପ୍ରକାଶ କରିଥାନ୍ତି। କାରଣ ଉକ୍ତ ଗଛକୁ ସେ ନିଜେ ଯତ୍ନ ନେବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଗୋଟିଏ ଦିନ ସେଲୀ ଉକ୍ତ ଗଛର ଗମ୍‌ଲାକୁ ବଦଳାଇବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ ଏକ ଅନ୍ୟ ଗମ୍‌ଲା ଆଣିଥିଲେ। ଅନ୍ୟ ଗମ୍‌ଲାରେ ଗଛ ଲଗାଇବାକୁ ଯାଉଥିବା ବେଳେ ସେତେବେଳେ ତାଙ୍କୁ ଜଣାପଡ଼ିଥିଲା ଯେ, ଏହା ପ୍ଲାଷ୍ଟିକ ବା ଥର୍ମୋକଲ୍‌ର ଗଛ। ସେହି ସମୟରେ ସେଲୀ ନିରାଶ ହୋଇଯାଇଥିଲେ। ୨ବର୍ଷ ଧରି ଯେଉଁ ଗଛକୁ ଏତେ ଯତ୍ନ ନେଉଥିଲେ ତାହା ପ୍ଲାଷ୍ଟିକର ବୋଲି କିପରି ଜାଣିପାରିଲେ ନାହିଁ ସେନେଇ ଚିନ୍ତା ପ୍ରକଟ କରିଥିଲେ। ଏନେଇ ସେଲୀ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ଏହାପରେ ୟୁଜର୍ସଙ୍କ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି।

ସମୁଦ୍ରକୂଳ ଆର୍ବଜନାରୁ ଯୁବକଙ୍କୁ ମିଳିଲା ୩୦୫ ବର୍ଷ ତଳର ଖଜଣା

ରାତାରାତି ଧନୀ ହେବାକୁ କିଏ ବା ନ ଚାହେଁ। କେବଳ ଏକ ସୁଯୋଗକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି। ହେଲେ ଏଭଳି ସୁଯୋଗ କେବଳ ଭାଗ୍ୟବାନଙ୍କୁ ମିଳିଥାଏ। କିଛି ଏଭଳି ଘଟଣା ଘଟିଛି ଫ୍ଲୋରିଡାରେ। ଯେଉଁଠାରେ ସମୁଦ୍ର କୂଳ ନିକଟରେ ଥିବା ଆର୍ବଜନାରୁ ୨ଜଣ ଯୁବକଙ୍କୁ ୩୦୫ ବର୍ଷ ପୁରୁଣାର ଖଜଣା ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସେଣ୍ଟ ଲୁସିରେ ରହୁଥିବା ୪୩ ବର୍ଷୀୟ ଜୋନା ମାର୍ଟିନେଜ୍ ନିଜ ବନ୍ଧୁଙ୍କ ସହ ଏକ ଐତିହାସିକ ଜିନିଷକୁ ଖୋଜି ବାହାର କରିପାରିବାରେ ସକ୍ଷମ ହୋଇଛନ୍ତି। ସେମାନେ ଇଣ୍ଡିଆନ ରିଭର କାଉଣ୍ଟିରେ ଟର୍ଟଲ ଟ୍ରେଲ ବିଚ୍ ନିକଟରେ ପଡ଼ି ରହିଥିବା ଏକ ପୁରୁଣା ଜାହାଜରୁ ସ୍ପେନର ମୁଦ୍ରାକୁ ଖୋଜି ବାହାର କରିଛନ୍ତି। ସେମାନଙ୍କୁ ୨୨ଟି ମୁଦ୍ରା ମିଳିଥିବା ବେଳେ ଏହା ୩୦୫ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୭,୦୦୦ଡଲାର (ପ୍ରାୟ ୫,୧୬,୧୪୫ ଲକ୍ଷ ଟଙ୍କା) ହେବ। ମାର୍ଟିନେଜ୍‌ଙ୍କୁ ସମୁଦ୍ରରୁ କିଛି ନିଆରା ବା ନୂଆ ଜିନିଷକୁ ଖୋଜି ବାହାର କରିବାରେ ବେଶ୍ ରୁଚି ରହିଛି। ଏହା ପୂର୍ବରୁ ମଧ୍ୟ ପ୍ରାୟ ୬.୫ ମିଲିୟନ୍ ଡଲାର ମୂଲ୍ୟର ସୁନାକୁ ଖୋଜି ବାହାର କରିଥିଲେ। ଏଥିପାଇଁ ତାଙ୍କୁ ଟ୍ରେଜେରୀ ହଣ୍ଟର ବୋଲି କୁହାଯାଏ। ଅପରପକ୍ଷେ କୁହାଯାଉଛି ୧୭୧୫ ଜୁଲାଇ ୩୧ରେ ୧୨ ସ୍ପାନିଶ୍ ଜାହାଜ ଖଜଣା ନେଇ ସ୍ପେନ୍ ଅଭିମୁଖେ ଯାଇଥିଲା। କିନ୍ତୁ ଫ୍ଲୋରିଡା ତଟରୁ କିଛି ଦୂରରେ ଏକ ତୁମିତୋଫାନ ହୋଇଥିଲା। ଏହି ତୁମିତୋଫାନରେ ୧୧ ଜାହାଜ ବୁଡ଼ିଯାଇଥିଲା ଏବଂ ସେଥିରେ ଜାହାଜରେ ଥିବା ଖଜଣାର ଏକ ବଡ଼ ଅଂଶ ମଧ୍ୟ ବୁଡ଼ିଯାଇଥିଲା। ଯାହା ଆଜି ବି ସମୁଦ୍ର ତଳେ ଦବି ହୋଇ ରହିଥିବା କୁହାଯାଉଛି।

ରାମମନ୍ଦିରକୁ ଦାନ କରିବେ ଇସ୍‌ଲାମ୍

ଆଜମଗଡ଼: ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ସବୁ ଧର୍ମକୁ ଏଠାରେ ସମସ୍ତେ ସମ୍ମାନ କରନ୍ତି। ହେଲେ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଧର୍ମ ନାମରେ ବିବାଦ ସୃଷ୍ଟି କରୁଛନ୍ତି। ଏଭଳି ଲୋକଙ୍କ ପାଇଁ ଏକ ଜବାବ ସାଜିଛନ୍ତି ଉତ୍ତର ପ୍ରଦେଶ ଆଜମଗଡ଼ ଜିଲା ନିଜାମାବାଦ ତହସିଲ ଅନ୍ତର୍ଗତ ମଜଭିଟା ଗାଁର ମୁନ୍‌ସୀ ସୟଦ୍ ମହମ୍ମଦ ଇସ୍‌ଲାମ। ଇସ୍‌ଲାମ୍ ଅଯୋଧ୍ୟା ଯାଇ ମନ୍ଦିର ନିର୍ମାଣ ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ଭେଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ପ୍ରାଚୀନ ଅଷ୍ଟଧାତୁ ମୁଦ୍ରା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମୁଦ୍ରାକୁ ବିକ୍ରିକରି ଉକ୍ତ ଅର୍ଥ ରାମମନ୍ଦିର ନିର୍ମାଣ କାର୍ଯ୍ୟରେ ଲଗାଇବାକୁ ସେ ନିବେଦନ କରିବେ ବୋଲି କହିଛନ୍ତି। ଇସ୍‌ଲାମ୍‌ଙ୍କ ବିଶ୍ୱାସ ଯେ, ରାମ ଏବଂ ଆଲ୍ଲା ହେଉଛନ୍ତି ଏକ। ତାଙ୍କୁ ଦେଖିବାରେ ଲୋକଙ୍କ ଦୃଷ୍ଟିଭଙ୍ଗୀ ହିଁ କେବଳ ଭିନ୍ନ। ଇସ୍‌ଲାମ୍ ଦୀର୍ଘବର୍ଷ ହେଲା ସହରରେ ରହିଆସୁଛନ୍ତି। ପରିବାର ବଢ଼ିବାରୁ ସେ ନିଜ ପୈତୃକ ଗ୍ରାମ ମଜଭିଟାସ୍ଥିତ ପୁରୁଣା ଘର ଭାଙ୍ଗି ନୂତନ ଘର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୯ ନଭେମ୍ବର ୩୦ରେ ଗାଁ ଘର ଭାଙ୍ଗି ଖୋଳିବା ସମୟରେ ମାଟିତଳୁ ପ୍ରାୟ ୧୫୦୦ ବର୍ଷ ପୁରୁଣା ୨ ଅଷ୍ଟଧାତୁ ମୁଦ୍ରା ମିଳିଥିଲା। ମୁଦ୍ରାର ଗୋଟିଏ ପାର୍ଶ୍ୱରେ ରାମ, ସୀତା ଏବଂ ଅନ୍ୟ ପାର୍ଶ୍ୱରେ ରାମ, ସୀତା ଓ ହନୁମାନଙ୍କ ଚିତ୍ର ରହିଛି। ମୁଦ୍ରାରେ ଭଗବାନଙ୍କ ଚିତ୍ର ଥିବାରୁ ତାହା ବ୍ୟକ୍ତିଗତ କାମରେ ନ ଲାଗି ମନ୍ଦିର କାର୍ଯ୍ୟରେ ଲାଗିବା ଉଚିତ ବୋଲି ସେ ଅନୁଭବ କରିଛନ୍ତି। ତେବେ ଇସ୍‌ଲାମ ସହରରେ ଥିବା ସମୟରେ ତାଙ୍କ ଅଜାଣତରେ ଗାଁରେ ସ୍ତ୍ରୀ ଗୋଟିଏ ମୁଦ୍ରା ସୁନା ଦୋକାନରେ ବିକ୍ରି କରିଦେଇଥିବାବେଳେ ଦୋକାନୀ ମୁଦ୍ରା ମୂଲ୍ୟବାନ ବୋଲି ଜାଣିପାରି ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଦେଇଥିଲେ। ଇସ୍‌ଲାମ୍ ଏ ବିଷୟରେ ଜାଣି ଦୁଃଖ ପ୍ରକାଶ କରିବା ସହ ଅନ୍ତତଃ ଅନ୍ୟ ମୁଦ୍ରାଟି ମନ୍ଦିର କାର୍ଯ୍ୟରେ ଲାଗିବା ଆବଶ୍ୟକ ବୋଲି ଚିନ୍ତା କରିଛନ୍ତି। ଏଥିପାଇଁ ସେ ଜିଲାପାଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଉପରେ ଇସ୍‌ଲାମଙ୍କ ବିଶ୍ୱାସ ହୋଇ ନ ଥିଲା। ତେଣୁ ବୁଧବାର ସେ ନିଜେ ଅଯୋଧ୍ୟା ଯାଇ ମହନ୍ତଙ୍କୁ ମୁଦ୍ରା ଦେବା ସହ ଏହାକୁ ବିକ୍ରି କରି ମନ୍ଦିର କାର୍ଯ୍ୟରେ ଲଗାଇବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହାସହ ସେ ଭଗବାନ ରାମଙ୍କ ଦର୍ଶନ ମଧ୍ୟ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜଣେ ସଚ୍ଚା ହିନ୍ଦୁସ୍ତାନୀଙ୍କ ହୃଦୟରେ ରାମ ଓ ରହିମ୍ ଦୁହେଁ ବାସ କରନ୍ତି। ତେଣୁ ସେ ରାମଙ୍କ କାମରେ ଆସିପାରିଲେ ଭାଗ୍ୟବାନ ମନେ କରିବେ। ସେହିପରି ମଜଭିଟା ଗ୍ରାମ ମୁଖ୍ୟ ମିଶମ୍ ଆକାସ ଇସ୍‌ଲାମଙ୍କ ନିଷ୍ପତ୍ତିକୁ ନେଇ ଗୌରବାନ୍ୱିତ ବୋଲି କହିଛନ୍ତି। ଏହାଦ୍ୱାରା ଭାତୃଭାବ ବଢ଼ିବ। ତେଣୁ ଆମେ ଦୁହେଁ ଅଯୋଧ୍ୟା ଯାଇ ମୁଦ୍ରା ଦେଇ ଆସିବୁ ବୋଲି କହିଛନ୍ତି।

ପାଟି ତଳୁ ମିଳିଲା ୧୫୦୦ ବର୍ଷର ଅଷ୍ଟଧାତୁ ମୁଦ୍ରା

ଯୁବତୀଙ୍କ ମନ୍ଦିର ଦର୍ଶନ ଭିଡିଓ ଭାଇରାଲ

ସମୟ ଅଭାବରୁ କିଛି ଲୋକ ମନ୍ଦିର ବାହାରୁ ଦର୍ଶନ କରି ପଳାଇଯିବାର ନଜିର ରହିଛି। ସମୟ ବଞ୍ଚାଇବା ଆଳରେ ମନ୍ଦିର ବାହାରୁ ହାତ ଯୋଡି ପଳାଇଥାନ୍ତି। ହେଲେ ଜଣେ ଯୁବତୀଙ୍କୁ ନିଜର ସମୟ ବଞ୍ଚାଇବା ମହଙ୍ଗା ପଡ଼ିଛି। ତାଙ୍କସହ କିଛି ଏଭଳି ଘଟିଛି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି ଯାହା ଏବେ ଟ୍ରେଣ୍ଡ ହେବାରେ ଲାଗିଛି। ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ଯୁବତୀ ମନ୍ଦିର ବାହାରେ ହାତ ଯୋଡି ସାରିବା ପରେ ଗାଡି ଷ୍ଟାର୍ଟ କରି ପଳାଇଯାଉଛନ୍ତି। ହେଲେ ତାଙ୍କ ହାତରୁ କ୍ଲଚ୍ ଛାଡିଯିବାରୁ ଗାଡି ସିଧା ମନ୍ଦିର ଭିତରକୁ। କଥା କ'ଣ ସେଇଠି ସରିଲା। ଯୁବତୀ ଜଣଙ୍କ ତରତର ହୋଇ ମନ୍ଦିର ଦର୍ଶନ ସାରି ଫେରିବାକୁ ଚେଷ୍ଟା କରୁଥିଲେ। ହେଲେ ଗାଡି ଏକାଥରକେ ତାଙ୍କୁ ମନ୍ଦିର ଭିତରକୁ ନେଇ ନନ୍ଦିଙ୍କ ପାଖରେ ପହଞ୍ଚାଇ ଦେଇଥିଲା। ସେଠାରେ ଗାଡିସହ ପଡ଼ିଯିବାରୁ ଯୁବତୀଙ୍କୁ ଜଣେ ମହିଳା ଉଠାଇଥିଲେ। ଏହାପରେ ଯୁବତୀ ଗାଡି ଧରି ସେଠାରୁ ପଳାଇଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଏବେ ଭାଇରାଲ ହୋଇଥିବା ବେଳେ ଏହାକୁ ଏପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ଦେଖିସାରିଲେଣି। ଏଥିସହ ଏହାକୁ ନେଇ ଲୋକଙ୍କ ବିଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଲୋକେ ଏହାକୁ ଭିଆଇପି ଦର୍ଶନ ବୋଲି କହିଛନ୍ତି।

ସଂକ୍ଷେପରେ

ହୋଲି ଖେଳିବେନି ରାଜ୍ୟପାଳ

ଭୁବନେଶ୍ୱର, ୬।୩(ବ୍ୟୁରୋ): ଏଥର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ହୋଲି ଖେଳିବେନି। ହୋଲି ମିଳନ ଯୋଗୁ କରୋନା ଭାଇରସ୍ ସଂକ୍ରମଣର ଆଶଙ୍କା ଥିବାରୁ ରାଜ୍ୟପାଳ ହୋଲି ଖେଳିବେ ନାହିଁ। ଏଥିସହିତ କୌଣସି ହୋଲି ମିଳନ ଓ ଉତ୍ସବ ଆଦିରେ ଯୋଗଦେବେ ନାହିଁ ବୋଲି ରାଜଭବନରୁ ସୂଚନା ମିଳିଛି। ଭୟାବହ କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ନିମନ୍ତେ ପ୍ରତ୍ୟେକେ ସତର୍କତାମୂଳକ ପଦକ୍ଷେପ ନେବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ଆଜି ୧୧ କୁଳପତିଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୩(ବ୍ୟୁରୋ): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ବିଶ୍ୱବିଦ୍ୟାଳୟଗୁଡିକର କୁଳପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକ ବୈଠକ କରିବେ। ସେ ଉଚ୍ଚଶିକ୍ଷା ବିଭାଗର ୧୧ଜଣ କୁଳପତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ କିପରି କ୍ୟାମ୍ପସରେ ଶାନ୍ତି ବଜାୟ ରହିବ, ପାଠପଢା ଠିକ୍ ହେବ ସେସବୁ ବିଷୟରେ ଆଲୋଚନା ହେବ। ଏହାସହ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟରେ କିପରି ଛାତ୍ରାଛାତ୍ରଙ୍କ ଉପସ୍ଥିତି ଭଲ ରହିବ, ଅଧିକ ରିସର୍ଚ୍ଚ କରାଯାଇପାରିବ ଏବଂ ଭିତ୍ତିଭୂମିର ବିକାଶ ହେବ ସେ ନେଇ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ କୁଳପତିଙ୍କ ସହ ଆଲୋଚନା କରିବା ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ମନ୍ତ୍ରୀ ସବୁ କୁଳପତିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

ମୋ ପରିବାର ସଙ୍ଗଠନର ସହାୟତାରୁ ଫେରିଲା ମୃତଦେହ

ଭୁବନେଶ୍ୱର,୬।୩(ବ୍ୟୁରୋ): କର୍ଣ୍ଣାଟକର ବାଙ୍ଗାଲୋରରେ ମୃତ୍ୟୁ ହୋଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହକୁ ରାଜ୍ୟକୁ ଅଣାଯାଇପାରିଛି। ଓଡ଼ିଶା:ମୋ ପରିବାର ସଙ୍ଗଠନର ଉଦ୍ୟମକ୍ରମେ ଏହା ସମ୍ଭବ ହୋଇପାରିଥିବା ଜଣାପଡିଛି। ବାଙ୍ଗାଲୋରସ୍ଥିତ ଏକ ଏଲ୍.ଇ.ଡି.ଫ୍ୟାକ୍ଟ୍ରିରେ କାମ କରୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡିର ପତଣ୍ଡା ଗ୍ରାମର ଓଡ଼ିଆ ଶ୍ରମିକ ସିକା ସନାତନଙ୍କ ଗତ ୪ ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସିକାଙ୍କ ମୃତ୍ୟୁ ଖବର ପରିବାରବର୍ଗ ପାଇବା ପରେ ତାଙ୍କ ମୃତଦେହ ଆଣିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା। ଏହି ଖବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟିକୁ ଆସିବା ପରେ ସେ ତତ୍କ୍ଷଣାତ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଏହା ପରେ ଅରୂପ ସମସ୍ତ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ)କୁ ଅବଗତ କରାଇଥିଲେ। ଏହା ପରେ ସନାତନଙ୍କ ମୃତଦେହ ଫେରାଇବା ପାଇଁ ମିଳିତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷରେ ଶୁକ୍ରବାର ଅପରାହ୍ନ ୨ଟା ୨୦ ମିନିଟ୍‌ରେ ସନାତନଙ୍କ ଶବ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ତାଙ୍କ ମୃତଦେହକୁ ଗ୍ରହଣ କରିବା ପାଇଁ ବିମାନବନ୍ଦରରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମୋ ପରିବାର ସଦସ୍ୟା ଡେଜାଲିନ୍ ମହାପାତ୍ର,ସମୀର ପ୍ରଧାନ, ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସନାତନଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ହ୍ୟାଣ୍ଡଶେକ୍ ପରିବର୍ତ୍ତେ ନମସ୍କାର କରିବାକୁ ପରାମର୍ଶ

ଭୁବନେଶ୍ୱର,୬।୩(ବ୍ୟୁରୋ)

କରୋନା ଭାଇରସ୍ ଭୟ ଏବେ ସମଗ୍ର ବିଶ୍ୱକୁ ଥରାଇ ଦେଇଥିବା ବେଳେ ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଛି ରାଜ୍ୟ ପର୍ଯ୍ୟଟନ ଶିଳ୍ପ। ଓଡ଼ିଶା ଆସିବାକୁ ଏବଂ ଓଡ଼ିଶା ବାହାରକୁ ଯିବାକୁ ଥିବା ପ୍ରାୟ ୫୦% ପର୍ଯ୍ୟଟକ ନିଜ ଗସ୍ତ ବାତିଲ କରିଛନ୍ତି। ଏଭଳିସ୍ଥଳେ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଓଡ଼ିଶା ଆସୁଥିବା ଏବଂ ବାହାରକୁ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ପରସ୍ପରକୁ ଅଭିବାଦନ ଜଣାଇବା ସମୟରେ ହ୍ୟାଣ୍ଡଶେକ୍ ବା ହାତ ନ ମିଳାଇ ନମସ୍କାର କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ନିୟମିତ ଭାବେ ସାନିଟାଇଜର୍ କିମ୍ବା ସାବୁନ୍ ବ୍ୟବହାର କରି ହାତ ଧୋଇବା ଏବଂ ଜନସାଧାରଣପୂର୍ଣ୍ଣ ସ୍ଥାନକୁ ଯିବା ସମୟରେ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି। ସେହିପରି ଛିଙ୍କିବା ଏବଂ କାଶିବା ସମୟରେ ରୁମାଲ୍ କିମ୍ବା ଟିସ୍ୟୁ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଅଧିକ ତଥ୍ୟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଯୋଗାଯୋଗ କରିବା ଏବଂ ଆବଶ୍ୟକସ୍ଥଳେ କଣ୍ଟ୍ରୋଲ ରୁମ୍ ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୩୯୦୪୬୬ ଏବଂ ମୋବାଇଲ୍ ନଂ ୯୪୩୯୯୯୪୮୫୭/୯୪୩୯୯୯୪୮୫୯ରେ ଯୋଗାଯୋଗ କରିବାକୁ କୁହାଯାଇଛି। ସୁରକ୍ଷିତ ରହି ମିଳିତଭାବେ କରୋନା ଭାଇରସ୍‌ର ମୁକାବିଲା କରିବା ସହ ଭୟଭରତ ନ ହେବାକୁ ପର୍ଯ୍ୟଟକମାନଙ୍କୁ ନିବେଦନ କରିଛି ବିଭାଗ। ଥଣ୍ଡା କିମ୍ବା ଜ୍ୱର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ହସ୍ପିଟାଲ କିମ୍ବା ଡାକ୍ତରଙ୍କୁ ଯୋଗାଯୋଗ କରିବାକୁ ବିଭାଗ ଟୁଇଟ୍ ଯୋଗେ ସୂଚନା ଦେଇଛି। ଅନ୍ୟପକ୍ଷରେ ପୁରୀକୁ ଅଧିକ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ସେଠାରେ ଟୁର୍ ଗାଇଡ୍ ଏବଂ ଜନସାଧାରଣଙ୍କୁ ଅଧିକ ସଚେତନ ହେବାକୁ କୁହାଯାଇଛି। ହୋଟେଲଗୁଡ଼ିକୁ ମଧ୍ୟ ଏନେଇ ଆଡ୍‌ଭାଇଜରୀ ଜାରି କରାଯାଇଛି। ବିଦେଶୀ ପର୍ଯ୍ୟଟକମାନଙ୍କ ସମ୍ପର୍କରେ ପୂରା ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀକୁ ଆସୁଥିବା ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ରେଳଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ସ୍କ୍ରିନିଂ କରାଯିବାକୁ ନିଷ୍ପତ୍ତି ହୋଇଛି।

କରୋନା ଭୟ

ପର୍ଯ୍ୟଟକଙ୍କ ପାଇଁ ଗାଇଡ୍‌ଲାଇନ୍ ଜାରି

ଫନୀ ପରେ ଦାଉ ସାଧିଲା କରୋନା

କରୋନା ଭାଇରସ୍‌ର ଭୟାବହତା ଯୋଗୁ ୫୪ବର୍ଷ ଧରି ବର୍ଲିନ୍‌ରେ ବାର୍ଷିକ ଅନୁଷ୍ଠିତ ହେଉଥିବା ବିଶ୍ୱର ସର୍ବବୃହତ୍ ଟ୍ରାଭେଲ୍ ଏକ୍ସପୋ ତଥା ୫ଦିନିଆ ଇଣ୍ଟରନ୍ୟାଶନାଲ ଟୁରିଜିମ୍ ବୋର୍ସ(ଆଇଟିବି)କୁ ପ୍ରଥମ ଥର ପାଇଁ ବାତିଲ କରାଯାଇଛି। ଏପଟେ କରୋନା ଭୟରେ ଓଡ଼ିଶା ପର୍ଯ୍ୟଟନ ଏହାର ୩ଟି ଅନ୍ତର୍ଜାତୀୟ ରୋଡ୍ ଶୋ'କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି। କ୍ୱାଲାଲମ୍ପୁର, ବ୍ୟାଙ୍କକ୍ ଏବଂ ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ହେବାକୁ ଥିବା ଏହି ରୋଡ୍ ଶୋ' ମାର୍ଚ୍ଚ ଶେଷ ଏବଂ ଏପ୍ରିଲ୍ ପ୍ରଥମ ସପ୍ତାହରେ ହେବାକୁ ଥିଲା। ଅନ୍ୟପକ୍ଷରେ ଗତ ମେ ମାସରେ ପ୍ରଳୟଙ୍କରା ବାତ୍ୟା 'ଫନୀ' ଯୋଗୁ ୨ ହଜାର କୋଟି ଟଙ୍କାର କ୍ଷତି ସହିଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପ ପୁଣିଥରେ କ୍ଷତି ସହିଛି। ଖରାଦିନେ ସେତେ ସଂଖ୍ୟକ ପର୍ଯ୍ୟଟକ ଆସୁ ନ ଥିଲେ ମଧ୍ୟ ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ଅଧିକାଂଶ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ଜନଜାତି ଅଞ୍ଚଳ ବୁଲିବାକୁ ଆସିଥାନ୍ତି। ହେଲେ କରୋନା ଯୋଗୁ ବହୁ ବିଦେଶୀ ପର୍ଯ୍ୟଟକ ନିଜ ଟୁର୍ ବାତିଲ୍ କରିଥିବା ସୂଚନା ମିଳିଛି। ଏପଟେ କେନ୍ଦ୍ର ସରକାର ଚାଇନା ସହ କରୋନା ପ୍ରଭାବିତ ରାଷ୍ଟ୍ରକୁ ଭିଜା ବାତିଲ କରିଥିବାରୁ ଆଉଟ୍‌ବାଉଣ୍ଡ ଟୁରିଜିମ୍ ମଧ୍ୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ଟୁର୍ ଅପରେଟରମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ୟୁରୋପ ସହ ୟୁକେ, ଫ୍ରାନ୍ସ, ଜର୍ମାନୀ, ବେଲ୍‌ଜିୟମ, ସ୍ପେନ୍ ଏବଂ ହଲାଣ୍ଡରୁ ଓଡ଼ିଶାକୁ ସର୍ବାଧିକ ପର୍ଯ୍ୟଟକ ଆସୁଥିବା ବେଳେ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଏହି ରାଷ୍ଟ୍ରଗୁଡ଼ିକରୁ ଆସିବାକୁ ଥିବା ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟଟକ ବୁକିଂ ବାତିଲ କରିଛନ୍ତି। ସେହିଭଳି ହୋଟେଲ ବୁକିଂ ମଧ୍ୟ ବାତିଲ୍ ହେଉଥିବାରୁ ହୋଟେଲିୟରମାନଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଛି। ଚାଇନା, ମାଲେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁରର ବହୁ ପର୍ଯ୍ୟଟକ ନିଜ ବୁକିଂ ବାତିଲ କରିଥିବା ବେଳେ ଆଗକୁ ଆହୁରି ହେବ ବୋଲି ଆଶଙ୍କା କରାଯାଇଛି। ଏଭଳିସ୍ଥିତି ଜାରି ରହିଲେ ଫନୀ ପରେ ମୁଣ୍ଡ ଟେକିଥିବା ହୋଟେଲ ଶିଳ୍ପ ପୁଣିଥରେ ହଜାର ହଜାର କୋଟିର କ୍ଷତି ସହିବ ବୋଲି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ କୁହାଯାଇଛି।

ଏପ୍ରିଲ ୩ରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟାଯିବ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ସମ୍ବନ୍ଧୀୟ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆବଶ୍ୟକ ଥିବା ୨,୪୯,୫୪,୧୨୭ ପାଠ୍ୟପୁସ୍ତକ ମଧ୍ୟରୁ ୨,୪୨,୧୪,୭୧୨ ପାଠ୍ୟପୁସ୍ତକ ବିଦ୍ୟାଳୟଗୁଡ଼ିକୁ ବିତରଣ କରାଯାଇଛି। ଯାହାକି ୯୯ ପ୍ରତିଶତ ଅଟେ। ଆସନ୍ତା ଏପ୍ରିଲ ୩ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ସମୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବିତରଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ନବମ ଓ ଦଶମ ଶ୍ରେଣୀସ୍ତରରେ ଆବଶ୍ୟକ ପଡୁଥିବା ପ୍ରାୟ ୮ ଲକ୍ଷ ପାଠ୍ୟପୁସ୍ତକ ମୁଦ୍ରଣ କରାଯାଇ ୨୦ ତାରିଖ ସୁଦ୍ଧା ସମସ୍ତ ବିତରଣକାରୀଙ୍କୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମାର୍ଚ୍ଚ ୨୪ ତାରିଖରୁ ନବମ ଓ ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୨.୫ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବିତରଣ ଏହି ସମୟ ମଧ୍ୟରେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷଠାରୁ ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶାଳୟ ବର୍ଷ ତମାମ କାର୍ଯ୍ୟକ୍ରମର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଶାସନ ସଚିବ ରମେଶ କେର୍‌କେଟା, ଯୁଗ୍ମ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଶିକ୍ଷା ପରାମର୍ଶଦାତା ଖଗେନ୍ଦ୍ର କୁମାର ପାଢ଼ୀ, ଉପନିର୍ଦ୍ଦେଶକ ତଥା ଉପଶାସନ ସଚିବ ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଜେରା କରିବ ଇଡି

ଭୁବନେଶ୍ୱର, ୬।୩ (ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ମନି ଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜେରା କରିବ। ଅନାମଙ୍କ ନାମରେ ସମୁଦାୟ କେତେ ଟଙ୍କାର ସମ୍ପତ୍ତି ରହିଛି, ଏଥିରୁ ସେ କେତେ ଆୟ କରିଛନ୍ତି ଏବଂ କେତେ ଆୟ ବହିର୍ଭୂତ ସେନେଇ ଖୋଳତାଡ଼ କରାଯିବ। ଏଥିଲାଗି ଇଡି ଅଫିସରେ ହାଜର ହେବା ପାଇଁ ତାଙ୍କୁ ଖୁବ୍ ଶୀଘ୍ର ନୋଟିସ କରାଯିବ ବୋଲି ଜଣାପଡ଼ିଛି।

ଗତ ଜାନୟାରୀ ୧୭ତାରିଖରେ ଅନାମଙ୍କ ଭବାନୀପାଟଣା ସହରସ୍ଥ ନାକଟିଗୁଡା ବାସଭବନ, ପୁରୁଣାପଡ଼ା ଛକ ନିକଟ ନିର୍ମାଣାଧୀନ ଲଜ୍ ଓ ମଦନପୁର-ରାମପୁରସ୍ଥିତ ହୋଟେଲ ଉପରେ ଭିଜିଲାନ୍ସର ତିନିଟି ଟିମ୍ ଏକକାଳୀନ ଚଢାଉ କରିଥିଲେ। ଯାଞ୍ଚ ବେଳେ ମୋଟ୍ ୩କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ ହଜାର ଟଙ୍କାର ସୁନାଗହଣା, ନଗଦ ୧୩ ହଜାର ୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ମଧ୍ୟ ଭିଜିଲାନ୍ସ ଠାବ କରିଥିଲା। ଏହି ସମ୍ପତ୍ତିଗୁଡ଼ିକର ହିସାବ ଓ ତଦନ୍ତ ବେଳେ ୧ କୋଟି ୫୪ ଲକ୍ଷ ୧୨ହଜାର ୨୬୦ ଟଙ୍କାର ସମ୍ପତ୍ତି ଆୟ ବହିର୍ଭୂତ ବୋଲି ଭିଜିଲାନ୍ସ ଜାଣିବାକୁ ପାଇବା ପରେ ଅନାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୯୮୫ ଜାନୁୟାରୀରେ ରାଜସ୍ୱ ବିଭାଗରେ ଅନାମ କନିଷ୍ଠ କିରାଣି ଭାବେ ଯୋଗଦେଇଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ପରବର୍ତ୍ତୀ ସମୟରେ ସେ ରାଜନୀତିରେ ଯୋଗଦେଇଥିଲେ। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ସେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ରହିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ କିଛିଦିନ ତଳେ ଜାମିନରେ ଆସି ଘରେ ରହିଛନ୍ତି।

ଚିନିକଳ ପୁନଃ ଚାଲୁ ଦାବିରେ ନୟାଗଡ଼ ବନ୍ଦ

ନୟାଗଡ ଅଫିସ, ୬।୩

ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଳ ପୁନଃ ଚାଲୁ କରିବା ଦାବିରେ ଶୁକ୍ରବାର ନୟାଗଡ଼ ବନ୍ଦ ପାଳନ କରାଯାଇଛି। ଚିନିକଳ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ଦୋକାନବଜାର, ଯାନବାହନ ଚଳାଚଳ ବନ୍ଦ କରାଇଥିଲେ। ଏପରି କି ଟ୍ରେନ ଚଳାଚଳ ବନ୍ଦ କରିଥିଲେ । ଫଳରେ ସେବା ଏକ୍ସପ୍ରେସ୍ ସକାଳ ୬.୪୦ରେ ଯାଇ ପାରି ନ ଥିଲା । ଏଠାରେ ଆନ୍ଦୋଳନକାରୀଙ୍କୁ ପୋଲିସ ସାଢ଼େ ୮ଟାରେ ଗିରଫ କରିନେବା ପରେ ଏକ୍ସପ୍ରେସ୍ ୮.୪୦ରେ ଛାଡିଥିଲା । ସେହିପରି ଜିଲାର ଅଧିକାଂଶ ସ୍ଥାନରେ ସ୍କୁଲ, କଲେଜ ବନ୍ଦ ରହିଥିବାବେଳେ ସରକାରୀ କାର୍ଯ୍ୟାଳୟ କିନ୍ତୁ ଖୋଲା ରହିଥିଲା। ନୟାଗଡ ଜିଲା ସଦର ମହକୁମାର ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ବନ୍ଦ ରହିଥିଲା। ଯାନବାହନ ଚଳାଚଳ କରି ନ ଥିଲା । ଦଶପଲ୍ଲାରେ ଓକିଲମାନେ ବନ୍ଦକୁ ସମର୍ଥନ କରି କାର୍ଯ୍ୟବନ୍ଦ କରିଥିଲେ।

ସକାଳ ୬ଟାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନକାରୀ ନୟାଗଡ ବସ୍‌ଷ୍ଟପରେ ଗାଡିଚଳାଚଳକୁ ବନ୍ଦ କରିଥିଲେ। ଚିନିକଳ କ୍ରିୟାନୁଷ୍ଠାନ କମିଟିର ଆବାହକ ବିଶ୍ୱନାଥ ମହାପାତ୍ର, ସାଧାରଣ ସମ୍ପାଦକ ମନୋଜ ସାହୁ ଓ ସନ୍ତୋଷ ପ୍ରଧାନ, ସଂଯୋଜକ ଶିବରାମ ମହାପାତ୍ର, ଚିନିକଳ କର୍ମଚାରୀ ସଂଘ ସଭାପତି ଯୋଗେନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ତେବେ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରି ନେବା ପରେ ସାଢ଼େ ୯ଟାରେ ଆନ୍ଦୋଳନ ଠପ ହୋଇଯାଇଥିଲା । ଅପରାହ୍ନରେ ନୟାଗଡ଼ ସହରର ଦୋକାନ ବଜାର ଖୋଲିଥିଲା । କିଛି ଯାନବାହନ ଚଳାଚଳ କରିଥିଲା ।

ନୟାଗଡ଼ ଷ୍ଟେଶନଠାରେ ସେବା ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଯାଇଛି।

ଟିଟିପିଏସ୍ ପାଇପ୍ ଫାଟି ମାଡ଼ିଗଲା ପାଉଁଶପାଣି

ତାଳଚେର, ୬।୩ (ନି.ପ୍ର.): ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ଆଶ୍ ପାଇପ୍ ଶୁକ୍ରବାର ଜଗନ୍ନାଥପୁର ଗ୍ରାମ ନିକଟରେ ଫାଟି ଯିବାରୁ କେତେଜଣଙ୍କ ଘର ସହ ଚାଷ ଜମିରେ ପାଉଁଶ ପାଣି ମାଡ଼ିଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଖବରପାଇ ଥର୍ମାଲ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍ ମରାମତି କରିବା ସହ କ୍ଷତିଗ୍ରସ

ବିଜ୍ଞପ୍ତି ପରେ ପ୍ରାର୍ଥୀତ୍ୱ ଚର୍ଚ୍ଚା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଦେଶର ୧୭ଟି ରାଜ୍ୟରେ ଖାଲି ହେବାକୁ ଯାଉଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଆସନ୍ତା ୨୬ରେ ନିର୍ବାଚନ ହେବ। ଏଥିପାଇଁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରୁ ଓଡିଶାର ୪ଟି ଆସନ ଖାଲିହେବାକୁ ଯାଉଛି। ତେବେ ଏହି ଆସନକୁ ନେଇ ରାଜନୈତିକ ଅଙ୍କକଷା ଜୋର୍ ଧରିଥିବାବେଳେ ଭାଜପା ପ୍ରାର୍ଥୀ ଦେବ ବୋଲି ଜଣାପଡିଛି। ଭାଜପା ଯଦି ପ୍ରାର୍ଥୀ ଦିଏ ତେବେ ବିଜେଡି ପକ୍ଷରୁ ସମର୍ଥନ ମିଳିବା ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ଆସନ ମଧ୍ୟରୁ ବିଧାନସଭା ସଂଖ୍ୟା ଅନୁଯାୟୀ ୩ଟି ବିଜେଡି ସପକ୍ଷରେ ଯିବା ନିଶ୍ଚିତ। କେବଳ ୪ର୍ଥ ଆସନ କାହାର ତାକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ସଂଖ୍ୟା ଅନୁଯାୟୀ ଗଲେ ମଧ୍ୟ ଶେଷ ଆସନଟି ବିଜେଡି ହାତେଇବାରେ ସେମିତି କିଛି ଅସୁବିଧା ନାହିଁ। ସିପିଆଇ ବିଧାୟକ ଏବଂ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ସମର୍ଥନ ବିଜେଡି ସପକ୍ଷରେ ରହିବାର ଆଲୋଚନା ହେଉଛି। ଅପରପକ୍ଷେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ପ୍ରାର୍ଥୀ କରିବେ ତାକୁ ନେଇ ମଧ୍ୟ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି।

ମୁଖ୍ୟମନ୍ତ୍ରୀ ପ୍ରତିଥର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ସମୟରେ ଲୋକଙ୍କୁ ଚକିତ କରିବା ଭଳି ନିଷ୍ପତ୍ତି ନେଇଥିବା ଦେଖିବାକୁ ମିଳିଆସୁଛି। ଯାହାକୁ ଦଳ ପ୍ରାର୍ଥୀ କରିବ ସେ ସମ୍ପର୍କରେ ଦଳର ତୁଙ୍ଗ ନେତାମାନଙ୍କୁ ମଧ୍ୟ ଜଣା ନ ଥାଏ। ରାଜ୍ୟ ସଭା ପାଇଁ ଆଶାୟୀମାନେ କିନ୍ତୁ ଏବେଠାରୁ ଦଳର ଆଗଧାଡି ନେତାଙ୍କ ନିକଟକୁ ବାରମ୍ବାର ଧାଇଁବା ଆରମ୍ଭ କରିଦେଇଛନ୍ତି। ସେହିପରି ପୂର୍ବରୁ ପ୍ରାର୍ଥୀ ଦେବା ଲାଗି ନିଷ୍ପତ୍ତି ହୋଇ ନାହିଁ ବୋଲି କହୁଥିବା ଭାଜପା ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି। ଭାଜପା ବିଧାୟକ କେ.

ଓଡିଶାର ୪ ରାଜ୍ୟ ସଭା ଆସନ

ନାରାୟଣ ରାଓ କହିଛନ୍ତି ଯେ, ଦଳ ତରଫରୁ ଏଥର ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ମିଳୁଛି। ହେଲେ ଏନେଇ ଦଳର କେନ୍ଦ୍ରୀୟ ନେତା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଭାଜପା ଯଦି କାହାକୁ ପ୍ରାର୍ଥୀ କରେ କାହାକୁ ଏହି ଆସନ ଛାଡିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ବିଜେଡିରୁ ରାଜ୍ୟ ସଭା ରେସ୍‌ରେ ଥିବା ନେତାଙ୍କ ମଧ୍ୟରୁ କେତେଜଣଙ୍କ ନାଁ ଆଗକୁ ଆସିଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ରାଜ୍ୟ ସଭା ଦୌଡରେ ରହିଛନ୍ତି। ସେହିପରି ଦଳ ପଶ୍ଚିମ ଓଡିଶାର ଜଣେ ନେତାଙ୍କୁ ରାଜ୍ୟ ସଭାକୁ ପଠାଯାଇପାରେ ବୋଲି କୁହାଯାଉଥିବା ବେଳେ ଏହି ଆସନ ଲାଗି ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନଚେତ୍ ଅନଙ୍ଗ ଉଦୟ ସିଂଦେଓ କିମ୍ବା ତାଙ୍କ ପରିବାରର ଜଣଙ୍କୁ ପଠାଇବାର ସମ୍ଭାବନା ଅଛି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ରବୀନ୍ଦ୍ର କୁମାର ଜେନା କିମ୍ବା ତାଙ୍କ ପତ୍ନୀ ସୁବାଶିନୀ ଜେନାଙ୍କ ମଧ୍ୟରୁ ଜଣେ ଗୋଟିଏ ଆସନ ପାଇପାରନ୍ତି। ସେହିପରି ଉପକୂଳ ଓଡିଶାରୁ ଜଣେ, ମହିଳା ଏବଂ ପଛୁଆ ବର୍ଗରୁ ଜଣେ ରାଜ୍ୟ ସଭା ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମହିଳାଙ୍କ ମଧ୍ୟରେ ସରୋଜିନୀ ହେମ୍ବ୍ରମ ଆଉ ଥରେ ରାଜ୍ୟ ସଭା ଯିବାର ସମ୍ଭାବନା ଥିବାବେଳେ ସୁସ୍ମିତା ବାଗ୍‌ଚିଙ୍କ ନାଁ ମଧ୍ୟ ଆଗକୁ ଆସିଛି। ସେହିପରି ପୂର୍ବତନ ବିଧାୟକ ଦିଲ୍ଲୀପ ରାୟଙ୍କ ନାଁ ମଧ୍ୟ ଆଲୋଚନା ଭିତରେ ରହିଛି। କିନ୍ତୁ ସବୁଥର ଭଳି ଏଥର ମଧ୍ୟ ନବୀନ ପ୍ରାର୍ଥୀ ଘୋଷଣାରେ ସରପ୍ରାଇଜ ଦେବେ ବୋଲି ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି ହେଉଛି।

ରାଜ୍ୟ ସଭା ନିର୍ବାଚନ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, କଂଗ୍ରେସ ନିକଟରେ ସଂଖ୍ୟା ନାହିଁ। ତେଣୁ ପ୍ରାର୍ଥୀ ଦିଆଯିବ ନା ନାହିଁ ସେ ନେଇ ଦଳର ହାଇକମାଣ୍ଡ ଯାହା କହିବେ ସେହି ଅନୁଯାୟୀ ଆମେ ନିଷ୍ପତ୍ତି ନେବୁ। ଦଳର ୯ଟି ଯାକ ଭୋଟ ଗୋଟିଏ ଆଡେ ଯିବ ବୋଲି ସୁର କହିଛନ୍ତି। ବିଜେଡି ନେତା ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ରାଜ୍ୟ ସଭାକୁ କାହାକୁ ପଠାଯିବ ସେ ସମ୍ପର୍କରେ ଦଳର ସଭାପତି ନିଷ୍ପତ୍ତି ନେବେ। ସବୁବେଳେ ଯେମିତି ପ୍ରାର୍ଥୀ ଚୟନ ନିଷ୍ପତ୍ତି ତାଙ୍କ ହାତରେ ରହି ଆସିଛି ଏଥର ମଧ୍ୟ ସେହିପରି ହେବ ବୋଲି ସମୀର କହିଛନ୍ତି।

ମଜୁରି ପୈଠ, ଇପିଏଫ୍ ଉପରେ ନଜର ରଖିବ 'ଇ-ମଷ୍ଟରରୋଲ'

ଭୁବନେଶ୍ୱର, ୬।୩ (ବ୍ୟୁରୋ): ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପରିଚାଳନାରେ ସ୍ୱଚ୍ଛତା ସହ ଇପିଏଫ୍ ଓ ଇଏସଆଇ ଆଦି ପୈଠ ଉପରେ ନଜର ରଖିବାକୁ ରାଜ୍ୟ ସରକାର ଇ-ମଷ୍ଟରରୋଲ ନାମରେ ନୂତନ ବୈଷୟିକ କୌଶଳ ପ୍ରୟୋଗ କରିବେ। ସରକାର ଏଥିପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ପୂର୍ତ୍ତ ସଚିବ କ୍ରିଷନ କୁମାର ଏହି ବିଷୟରେ ବୈଷୟିକ ପ୍ରୟୋଗର ପ୍ରୟୋଜନୀୟତା ଏବଂ ସମ୍ଭାବ୍ୟ ଫଳାଫଳ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି।

ଇ-ମଷ୍ଟରରୋଲର ବୈଷୟିକ, ପ୍ରଶାସନିକ ଓ ଆର୍ଥିକ ଦିଗଗୁଡିକୁ ବିଚାର କରି ଭିତ୍ତିଭୂମି ନିର୍ମାଣ କରୁଥିବା ବିଭାଗଗୁଡିକ ଏହାର ପରୀକ୍ଷାମୂଳକ ପ୍ରୟୋଗ କରିବାକୁ କୁହାଯାଇଛି। ଏହି ସଫ୍ଟୱେରକୁ ଇ-ଶ୍ରମିକ, ଇଏସ୍‌ଆଇ ଏବଂ ଇପିଏଫ୍ ତଥ୍ୟଭିତ୍ତିକ ସହିତ ସଂଯୁକ୍ତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ, ନଗର ଓ ଗୃହ ଉନ୍ନୟନ ଆଦି ବିଭାଗରେ କାର୍ଯ୍ୟକାରୀ ହେଉଥିବା ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର କିଛି ପ୍ରକଳ୍ପରେ ଏହି ପରୀକ୍ଷାମୂଳକ ପ୍ରୟୋଗ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ଆଲୋଚନା ଶେଷରେ ମିଳିଥିବା ସୂଚନା ମୁତାବକ, ଉକ୍ତ ସଫ୍ଟୱେର ମୁଖ୍ୟତଃ ୩ଟି ଉଦ୍ଦେଶ୍ୟ ସାଧନ କରିବ। ଶ୍ରମିକମାନଙ୍କ ମଜୁରି, ଇପିଏଫ୍ ଓ ଇଏସ୍‌ଆଇ ପୈଠ ଆଦି ଉପରେ କର୍ତ୍ତୃପକ୍ଷମାନେ ଅନଲାଇନ୍‌ରେ ନଜର ରଖିପାରିବେ। ଠିକ୍ ସମୟରେ ବୈଦ୍ୟୁତିକ ପ୍ରକ୍ରିୟାରେ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସେମାନଙ୍କ ପ୍ରାପ୍ୟ ପଠାଯାଉଛି ନା ନାହିଁ ସେନେଇ ତଦାରଖ କରିହେବ। ଠିକାଦାର ତଥ୍ୟଭିତ୍ତିକ ପରିବର୍ତ୍ତନ ପାଇଁ ଆସୁଥିବା ବିଭିନ୍ନ ଦରଖାସ୍ତର ମଧ୍ୟ ଉପଯୁକ୍ତ ପରିଚାଳନା ହୋଇପାରିବ। ବର୍ତ୍ତମାନ ମୁଖ୍ୟ ଭାବେ ଭିତ୍ତିଭୂମି ନିର୍ମାଣ କରୁଥିବା ୫ଟି ବିଭାଗ ଠିକାଦାର ତଥ୍ୟଭିତ୍ତିକ ବ୍ୟବସ୍ଥା ପ୍ରୟୋଗ କରାଇଛନ୍ତି। ଇ-ମଷ୍ଟରରୋଲ ବାବଦରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କଣ୍ଟ୍ରାକ୍ଟରମାନଙ୍କୁ ଠିକ୍ ଭାବେ ସଚେତନ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଫିଲ୍ମରେ ଓଡ଼ିଶାର ସୌନ୍ଦର୍ଯ୍ୟ ଦେଖାଇବେ ନୀଳମାଧବ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ଏକୁଟିଆପଣ, ଭୟ ଏବଂ ଭଲପାଇବାକୁ ନେଇ ଏକ ନୂଆ ଫିଲ୍ମ କରିବାକୁ ଯାଉଛନ୍ତି ଓଡ଼ିଶା ଜନ୍ମିତ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମନିର୍ମାତା ନୀଳମାଧବ ପଣ୍ଡା। 'ବିଶ୍ୱ' ନାମକ ଏହି ଫିଲ୍ମ ଜଣେ ପିତା ଓ ତାଙ୍କ ଦୃଷ୍ଟିହୀନ ପୁଅର କାହାଣୀ ଉପରେ ପର୍ଯ୍ୟବସିତ ହୋଇଛି। ତେବେ ପ୍ରତିଥର ଭଳି ଏଥର ମଧ୍ୟ ନିଜ ଫିଲ୍ମ ମାଧ୍ୟମରେ ଏକ ସାମାଜିକ ବାର୍ତ୍ତା ଦେବାର ପ୍ରୟାସ କରିଛନ୍ତି ନୀଳମାଧବ। ଅନ୍ଧତ୍ୱକୁ ସମ୍ପୂର୍ଣ୍ଣ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା ପାଇଁ ଏହି ଚଳଚ୍ଚିତ୍ରରେ ନୀଳମାଧବ ପ୍ରୟାସ କରିଛନ୍ତି। ତେବେ ସବୁଠାରୁ ବଡ଼କଥା ହେଲା, ଫିଲ୍ମଟି ସମ୍ପୂର୍ଣ୍ଣଭାବେ ଓଡ଼ିଶାର ଆବିଷ୍କୃତ ହୋଇ ନ ଥିବା ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକରେ ଶୁଟ୍ ହୋଇଛି। ଫିଲ୍ମ ଟୁରିଜିମ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଓଡ଼ିଶାର ଅନାଲୋଚିତ ପର୍ଯ୍ୟଟନସ୍ଥଳୀ ଏବଂ ଉତ୍କୃଷ୍ଟ ସୌନ୍ଦର୍ଯ୍ୟ ସମ୍ପର୍କରେ ଅବଗତ କରାଇବାକୁ ନୀଳମାଧବ ପ୍ରୟାସ କରିଛନ୍ତି।

ନୀଳମାଧବଙ୍କ ସହଯୋଗୀ ତଥା ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁଜ ତ୍ୟାଗୀ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଷ୍ଟାର୍‌କାଷ୍ଟରେ ଲୋକପ୍ରିୟ କଳାକାର ବିନୟ ପାଠକ, ମରାଠୀ ଚଳଚ୍ଚିତ୍ର 'ଦାଗ' ପାଇଁ ଜାତୀୟ ପୁରସ୍କାର ବିଜେତା ଉଷା ଯାଦବ, ଓସ୍କାର ବିଜୟୀ ଚଳଚ୍ଚିତ୍ର 'ସ୍ଲମଡଗ୍ ମିଲେନେୟାର' ଏବଂ ହିନ୍ଦୀ ଫିଲ୍ମ 'ଯବ୍ ତକ ହୈ ଜାନ' ପାଇଁ ଜଣାଶୁଣା ସରିତ୍ ହାସ୍‌ମୀ, ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ନିଜ କାର୍ଯ୍ୟ ପାଇଁ ଜଣାଶୁଣା ଜ୍ୟୋତି ସୁବାସ ପ୍ରମୁଖ ରହିଛନ୍ତି। ଏହାବ୍ୟତୀତ ବହୁ ଓଡ଼ିଆ କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ ବୋଲି ନୀଳମାଧବ କହିଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମକୁ ସେ ବିଶ୍ୱସ୍ତରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହା ରିଲିଜ ହେବ ବୋଲି ଜଣାପଡ଼ିଛି।

ଏଡିଜେଙ୍କ କୋର୍ଟରେ ହାଜର ହେଲେ ପୁଞ୍ଜିଲାଲ

ବଲାଙ୍ଗୀର ଅଫିସ/ ପାଟଣାଗଡ଼, ୬।୩ (ଡି.ଏନ.ଏ.): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କୁ ଶୁକ୍ରବାର ପାଟଣାଗଡ଼ ଏଡିଜେଙ୍କ କୋର୍ଟରେ ଚାର୍ଜଫ୍ରେମ ପାଇଁ ହାଜର କରାଯାଇଥିଲା। ତେବେ ପୁଞ୍ଜିଲାଲଙ୍କ ଆଡଭୋକେଟ୍ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଆବଶ୍ୟକୀୟ କାଗଜପତ୍ର ମାଗିଥିଲେ। ଏହି ତଥ୍ୟ ମିଳି ନ ଥିବାରୁ ପାଟଣାଗଡ଼ ଏଡିଜେ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଥିବା ଜଣାପଡିଛି। ଏନେଇ ପୁଞ୍ଜିଲାଲଙ୍କ ଆଡଭୋକେଟ ଶ୍ରୀମତ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ଶୁକ୍ରବାର ପୁଞ୍ଜିଲାଲଙ୍କ ବିରୋଧରେ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଚାର୍ଜଫ୍ରେମ ହେବାର ଥିଲା। ତାଙ୍କ ବିରୋଧରେ ରହିଥିବା ଅଭିଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାଗିଥିଲୁ। ତେବେ ତଥ୍ୟ ଯୋଗାଇ ଦିଆଯାଇ ନ ଥିବାରୁ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଏଡିଜେ ଆସନ୍ତା ୨୬ ମାର୍ଚ୍ଚକୁ ଘୁଞ୍ଚାଇ ଦେଇଥିବା ସେ କହିଛନ୍ତି।

ଚାର୍ଜଫ୍ରେମ ପାଇଁ ପାଟଣାଗଡ଼ ଏଡିଜେଙ୍କ କୋର୍ଟକୁ ଯାଉଛନ୍ତି ପୁଞ୍ଜିଲାଲ ମେହେର ।

୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏଥିରେ ଅଧ୍ୟାପକ ସାହୁଙ୍କ ଏକମାତ୍ର ନବବିବାହିତ ପୁଅ ସୌମ୍ୟଶେଖର ସାହୁ(୨୬) ଓ ପିଉସୀ ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା । ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସାରେ ରହିଥିଲେ । ପାର୍ସଲ ବୋମା ବିସ୍ଫୋରଣ ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ଭଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ପୁଞ୍ଜିଲାଲ ବର୍ତ୍ତମାନ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି । ମୃତ ସୌମ୍ୟଶେଖରଙ୍କ ବାପା ଅଧ୍ୟାପକ ସାହୁ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଦୁଇବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏଯାଏ କୋର୍ଟରେ ଅଭିଯୁକ୍ତଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିବାରୁ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଆଇନ ବ୍ୟବସ୍ଥା ଉପରେ ଭରସା ରହିଛି ଓ ତାଙ୍କ ପରିବାର ନ୍ୟାୟ ପାଇବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ଜିଲା ଚିଠି
ଅନୁଗୋଳ

ନାଁକୁ ନିଯୁକ୍ତି

ଶିଳ୍ପ କରିଡର ଭାବେ ପରିଚିତ ଅନୁଗୋଳ ଜିଲାରେ ବଢ଼ୁଛି ବେକାରି ସମସ୍ୟା। ୨୦୧୫ରୁ ୨୦୧୯ ଡିସେମ୍ବର ୩୧ ମଧ୍ୟରେ ଜିଲାରେ ୨୪ ହଜାର ୮୯୫ ଜଣ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ନିଯୁକ୍ତି ପାଇଛନ୍ତି, ତାହାର ହିସାବ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାହିଁ। ସରକାରୀ ଓ ଘରୋଇ କମ୍ପାନୀରେ କେତେଜଣ ନିଯୁକ୍ତି ପାଇଛନ୍ତି ସେ ରିପୋର୍ଟ କର୍ମ ନିୟୋଜନ କାର୍ଯ୍ୟାଳୟକୁ ମିଳୁ ନ ଥିବାରୁ ଠିକ୍ ହିସାବ ମିଳିପାରୁ ନାହିଁ ବୋଲି ଜଣାପଡିଛି। ଜିଲାରେ ବେକାରି ସମସ୍ୟା ଦୂର ପାଇଁ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାଜ୍ୟ ଭିତରୁ ଓ ବାହାରରୁ ବିଭିନ୍ନ ସଂସ୍ଥାକୁ ଡକାଯାଇ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି । ତେବେ କେତେକ ସଂସ୍ଥା ସ୍ୱଳ୍ପ ଦରମାରେ ଜିଲାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇ ମାସେ ଦୁଇମାସ ମଧ୍ୟରେ ବାହାର କରିଦେଉଥିବାରୁ ବେକାରି ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଅନେକ ସମୟରେ ଅଭିଯୋଗ ହେଉଛି। କର୍ମ ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ଆଉ ଏକ ତଥ୍ୟ ଅନୁଯାୟୀ, ୨୦୧୯ ଜାନୁୟାରୀ ୧ରୁ ୨୦୨୦ ଜାନୁୟାରୀ ୩୧ ମଧ୍ୟରେ ୪ ହଜାର ୨୦୮ ଜଣ ନାମ ପଞ୍ଜୀକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ ୨୬ ଜଣ ଅଣ୍ଡର ମାଟ୍ରିକ। ୮୭୭ ଜଣ ମାଟ୍ରିକ୍ ପାସ୍ କରିଥିବା ବେଳେ ୧୬୫୩ ଜଣଙ୍କ ଯୋଗ୍ୟତା ଇଣ୍ଟର ମିଡିଏଟ। ୧୦୬୬ ଜଣ ସ୍ନାତକ ଯୋଗ୍ୟତାଧାରୀ ଥିବାବେଳେ ୫୮୬ ଜଣଙ୍କ ବୈଷୟିକ ଯୋଗ୍ୟତା ରହିଛି। ତେବେ ଜିଲାରେ ସ୍ନାତକୋତ୍ତର କୌଣସି ଯୁବତୀଯୁବକ ନାମ ପଞ୍ଜୀକରଣ କରିନାହାନ୍ତି। ୧୯୯୧ ପର୍ଯ୍ୟନ୍ତ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ସ୍ୱଳ୍ପ ଥିବାରୁ କଲ୍ ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ବେକାରଙ୍କ ସଂଖ୍ୟାରେ ବୃଦ୍ଧି ତଥା ଅନ୍ୟାନ୍ୟ କାରଣରୁ ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଓ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। କିନ୍ତୁ ମେଳାକୁ ଆସିଥିବା ଅଧିକାଂଶ କମ୍ପାନୀ ବା ସଂସ୍ଥା ଦିନକୁ ମାତ୍ର ୨ରୁ ୩ ଶହ ବା ମାସିକ ୬ରୁ ୯ ହଜାର ଟଙ୍କା ପାରିଶ୍ରମିକ ଧାର୍ଯ୍ୟ କରୁଥିବାରୁ ତାହା ଯୁବତୀଯୁବକମାନଙ୍କୁ ଆକୃଷ୍ଟ କରିପାରୁନାହିଁ। ଯେଉଁ କେତେଜଣଙ୍କୁ ୮ ଘଣ୍ଟା ପରିଶ୍ରମ ପାଇଁ ଚୁକ୍ତି କରାଯାଉଛି ସେମାନଙ୍କ ମଧ୍ୟରୁ ଅନେକଙ୍କୁ କମ୍ପାନୀ ୧୬ ଘଣ୍ଟା ଖଟାଇବା ସହ ପୂର୍ବ ନିର୍ଦ୍ଧାରିତ ଦରମା ଦେଉଛି। କମ୍ପାନୀର ଏପରି ଶୋଷଣ ମନୋବୃତ୍ତିର ପ୍ରତିବାଦ କରାଯାଉଥିଲେ ବି ତାହାକୁ ପ୍ରଶାସନ ସେତେଟା ଗୁରୁତ୍ୱ ଦେଉନାହିଁ। ତେଣୁ ବାଧ୍ୟହୋଇ ଅଳ୍ପ କେଇଟା ଦିନ ପରେ ଯୁବତୀଯୁବକମାନେ ସେହି ଚାକିରି ଛାଡ଼ିଦେଉଛନ୍ତି। ଏ କଥାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ବେକାରଙ୍କ ସଂଖ୍ୟା କମିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

– ଅମିତ କୁମାର ସାମଲ

କରୋନା: ବାୟୋମେଟ୍ରିକ ମେଶିନ ବ୍ୟବହାର ଉପରେ କଟକଣା

ଭୁବନେଶ୍ୱର, ୬।୩ (ବ୍ୟୁରୋ): ଚାଇନାରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ସମଗ୍ର ମାନବ ସମାଜ ପାଇଁ ବଡ଼ ବିପତ୍ତି ଭାବେ ଦେଖା ଦେଇଛି। ଭାରତରେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିବା ବେଳେ ଏବେ ସରକାରୀ, ବେସରକାରୀ ଅନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ନିଷେଧ କରାଯାଇଛି। ଏହି ମେଶିନକୁ ବହୁସଂଖ୍ୟକ ଲୋକ ବ୍ୟବହାର କରୁଥିବାରୁ ଭୂତାଣୁ ବ୍ୟାପିବାର ଆଶଙ୍କା ରହୁଛି। ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ଏହି ରୋଗର ପ୍ରଭାବ ହ୍ରାସ ପାଇବା ଯାଏ ବନ

ଭାରତରେ ନୂଆ ଏବଂ ଉନ୍ନତ ଶୁଭାରମ୍ଭ କରିବା ନେଇ ଭୋଡାଫୋନ ଆଶାବାଦୀ ରହିଛି।
–ନିକ୍ ରିଡ୍, ଭୋଡାଫୋନ ସିଇଓ

କରୋନା ପ୍ରଭାବ ଯୋଗୁ ବିଶ୍ୱ ବଜାରର ଅଭିବୃଦ୍ଧି ଖସିବା ନେଇ ଆଶଙ୍କା ଉପୁଜିଛି। ଏହି ସମୟରେ ସବୁ କେନ୍ଦ୍ରୀୟ ବ୍ୟାଙ୍କ ମିଳିତ ହୋଇ କାମ କରିବାର ଆବଶ୍ୟକତା ରହିଛି।
–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର

'ୟେସ୍ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଟଙ୍କା ସୁରକ୍ଷିତ'

ନୂଆଦିଲ୍ଲୀ,୬–୩

- ■ଆଶ୍ୱାସନା ଦେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ
- ■ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର କାର୍ଯ୍ୟ କରୁଛନ୍ତି

ଘରୋଇ କ୍ଷେତ୍ର ବ୍ୟାଙ୍କ ୟେସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡିବା ଯୋଗୁ ରିଜର୍ଭ ବ୍ୟାଙ୍କ ଏହା ଉପରେ ଗୁରୁବାର କଟକଣା ଲଗାଇଛି। ବ୍ୟାଙ୍କର ବୋର୍ଡକୁ ବରଖାସ୍ତ କରାଯିବା ସହ ନୂଆ ଆଡମିନିଷ୍ଟ୍ରେଟର ନିଯୁକ୍ତି ଏବଂ ଉଠାଣ ସୀମା ୫୦ ହଜାର ଟଙ୍କା କରାଯାଇଛି। ବ୍ୟାଙ୍କର ଏଭଳି ସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକଟ ପାଇଥିବା ବେଳେ ଟଙ୍କା ବୁଡିଯିବା ନେଇ ଲୋକ ଭୟଭୀତ ସ୍ଥିତିରେ ଅଛନ୍ତି। ମାତ୍ର ଲୋକଙ୍କ ଟଙ୍କା ସୁରକ୍ଷିତ ରହିଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗୁରୁବାର ସ୍ୱୀକୃତିକରଣ ଦିଆଯାଇଥିଲେ ମଧ୍ୟ ଲୋକମାନେ ଭୟଭୀତ ସ୍ଥିତିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ସ୍ୱୀକୃତିକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର ରିଜର୍ଭ ବ୍ୟାଙ୍କ ସହ ମିଳିତ ହୋଇ କାମ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ଥିତି ଉପରେ ରିଜର୍ଭ ବ୍ୟାଙ୍କ ଏବେ ନଜର ରଖିଛି। ଲୋକଙ୍କ ଟଙ୍କା ସୁରକ୍ଷିତ ଥିବାରୁ ଏ ନେଇ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସୀତାରାମନ ଲୋକଙ୍କୁ ଭରସା ଦେଇଛନ୍ତି। ସରକାର ଏହି ବ୍ୟାଙ୍କ ଲାଗି ଶୀଘ୍ର ଏକ ରିଜଲ୍ୟୁଶନ ପ୍ଲାନ ଆଣିବେ। ବ୍ୟକ୍ତିଗତ ଭାବେ ଗତ ୨ ମାସ ହେବ ସ୍ଥିତି ଉପରେ ନଜର ରଖିଥିବା ସେ ସ୍ୱୀକୃତି କରିଛନ୍ତି।

ବର୍ତ୍ତମାନ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ସମସ୍ତଙ୍କ ମଙ୍ଗଳକୁ ନଜରରେ ରଖି ହୋଇଛି। ଲୋକମାନେ ଯେଭଳି ନଗଦ ସମସ୍ୟାର ସାମ୍ନା ନ କରିବେ ସେ ନେଇ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା କରିବେ ବୋଲି ଅର୍ଥମନ୍ତ୍ରୀ ଭରସା ଦେଇଛନ୍ତି। କେଉଁ କାରଣ ଯୋଗୁ ବ୍ୟାଙ୍କ ସମସ୍ୟାରେ ପଡିଲା, ସମସ୍ୟା ଲାଗି କିଏ ଦାୟୀ ତାର ଅନୁଧ୍ୟାନ ଲାଗି ରିଜର୍ଭ ବ୍ୟାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସେହିଭଳି ବ୍ୟାଙ୍କରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ରୋଜଗାର ଏବଂ ବେତନ ଗୋଟିଏ ବର୍ଷ ଲାଗି ସୁନିଶ୍ଚିତ କରାଇବାକୁ ସେ ଆଶ୍ୱାସନା ଦେଇଛନ୍ତି।

ସରକାରଙ୍କ ଲାଗି ଆଗକୁ ଆସିଲେ ଶକ୍ତିକାନ୍ତ

ୟେସ ଯୋଗୁ ସମସ୍ୟା ସରକାରଙ୍କ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିଥିବା ବେଳେ ବାରମ୍ବାର ଏଭଳି ସମସ୍ୟା କାରଣରୁ ଚିନ୍ତାରେ ପଡିଛନ୍ତି। ଏଭଳି ସ୍ଥିତିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପୁଣି ଥରେ ଆଗକୁ ଆସିଛନ୍ତି। ଏପ୍ରସଙ୍ଗ ଉପରେ ମତ ରଖି ଶକ୍ତିକାନ୍ତ କହିଛନ୍ତି ଯେ, ବ୍ୟାଙ୍କ ସହ ଜଡିତ ବିଭିନ୍ନ ସମସ୍ୟାର ସମାଧାନ ଶୀଘ୍ର କରାଯିବ। ଏଥିଲାଗି ୩୦ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏ ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ବିହିତ ପଦକ୍ଷେପ ଗ୍ରହଣ କରିବ। ୟେସ ବ୍ୟାଙ୍କ ଉପରେ ଲାଗିଥିବା କଟକଣା କୌଣସି ଗୋଟିଏ ପ୍ରସଙ୍ଗକୁ ଆଧାର କରି ନିଆଯାଇ ନାହିଁ। ଦେଶର ବ୍ୟାଙ୍କିଙ୍ଗ ଏବଂ ବିତ୍ତୀୟ ପ୍ରଣାଳୀକୁ ସୁରକ୍ଷାଏବଂ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ୟେସ୍ ବ୍ୟାଙ୍କ ସମସ୍ୟା ସେହି ବ୍ୟାଙ୍କ ସହ ଜଡିତ: ଏସ୍‌ବିଆଇ ଅଧ୍ୟକ୍ଷ

ଏହି ସମସ୍ୟା ଉପରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ମତ ରଖିଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କ ସମସ୍ୟା କେବଳ ସେହି ବ୍ୟାଙ୍କ ସହ ଜଡିତ। ଏହା ସମ୍ପୂର୍ଣ୍ଣ ବ୍ୟାଙ୍କିଙ୍ଗ କ୍ଷେତ୍ର ସହ କୌଣସି ସମ୍ପର୍କ ରଖେ ନାହିଁ। ଏହା ବ୍ୟାଙ୍କିଙ୍ଗ କ୍ଷେତ୍ରର ସମସ୍ୟା ନୁହେଁ। ୟେସ ବ୍ୟାଙ୍କରେ ଅଂଶଧନ କ୍ରୟ ନେଇ ସେ କହିଛନ୍ତି, ଏ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ୟେସ ବ୍ୟାଙ୍କ ସମସ୍ୟାକୁ ନେଇ ଗ୍ରାହକ ଚିନ୍ତିତ ନ ହେବାକୁ କୁମାର ମଧ୍ୟ ଭରସା ଦେଇଛନ୍ତି।

ଗ୍ରାହକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ:ସିଇଏ

ୟେସ ବ୍ୟାଙ୍କ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହ ଧ୍ୟାନରେ ରଖାଯିବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଆଶ୍ୱାସନା ଦେଇଛନ୍ତି। ଜମାକାରୀଙ୍କ ଟଙ୍କା ସୁରକ୍ଷିତ ଥିବା ବେଳେ ବ୍ୟାଙ୍କର ରିଷ୍ଟ୍ରକଚରିଂର ସବୁ ବିକଳ୍ପ ଉପରେ ଧ୍ୟାନ ଦିଆଯିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

୮୯୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ, ୬–୩: କରୋନା ଭାଇରସ ଏବଂ ୟେସ ବ୍ୟାଙ୍କ ସମସ୍ୟା ଯୋଗୁ ଶୁକ୍ରବାର ସେନସେକ୍ସରେ ୮୯୪ ପଏଣ୍ଟ(୨.୩୨%) ହ୍ରାସ ହେବା ଦେଖାଯାଇଥିଲା। ଏହି ସମୟରେ ସେନସେକ୍ସ ୩୭,୫୭୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୮୦ ପଏଣ୍ଟ(୨.୪୮%) ହ୍ରାସ ଘଟି ୧୦,୯୮୯ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଟାଟା ଷ୍ଟିଲ, ଏସ୍‌ବିଆଇ, ଇଣ୍ଡସଲାଣ୍ଡ ବ୍ୟାଙ୍କ, ଓଏନ୍‌ଜିସି, ଏଚ୍‌ଡିଏଫ୍‌ସି ପ୍ରାୟ ୬.୪% ପ୍ରଭାବିତ ହୋଇଛି। ୩୦ ଷ୍ଟକ ମଧ୍ୟରୁ ପ୍ରାୟ ୨୭ଟିର କାରବାର ପ୍ରଭାବିତ ରହିଛି। ୟେସ୍ ବ୍ୟାଙ୍କ ଶେୟାର ୫୬.୪% ଖସିଯାଇଛି। ଦିନ ମଧ୍ୟରେ ଏହାର ଶେୟାର ୮୫% ହ୍ରାସ ହେବା ଦେଖାଯାଇଥିଲା। ସେହିଭଳି ନିଫ୍ଟିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ମିଡିଆ ଶେୟାର ପ୍ରାୟ ୫.୨୫% ଖସିଛି। ୟେସ ବ୍ୟାଙ୍କ ଭଳି ଘଟଣା ଦେଶର ଫାଇନାନ୍ସିଆଲ ସିଷ୍ଟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାରୁ ଶେୟାର ବଜାର ଉପରେ ଏହାର ପ୍ରଭାବ ଦେଖାଯାଇଥିବା ବଜାର ବିଶେଷଜ୍ଞ କହିଛନ୍ତି। ଏହାବାଦ କରୋନାର ପ୍ରଭାବରେ ସାରା ବିଶ୍ୱର ଶେୟାର ବଜାର ଖସିଥିବା ଜଣାପଡିଛି।

ରାହୁଲ ଗାନ୍ଧୀ, ଚିଦାମ୍ବରଙ୍କ ଟ୍ୱିଟ୍

ୟେସ୍ ବ୍ୟାଙ୍କ ଉପରେ ଆସିଥିବା ସଙ୍କଟକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାମର୍ଶ ଦେଇଛନ୍ତି। କରୋନାକୁ ରୋକିବା ଲାଗି ସବୁ ଚେଷ୍ଟା ଲଗାଇବା ଏବଂ ଦେଶର ଅର୍ଥବ୍ୟବସ୍ଥା ସୁଧାରିବାକୁ ସେ ମୋଦିଙ୍କୁ କହିଛନ୍ତି। ମୋଦିଙ୍କ ବିଚାର ଧାରା ଭାରତର ଅର୍ଥ ବ୍ୟବସ୍ଥାକୁ ନଷ୍ଟ କରି ଦେଇଥିବା କଂଗ୍ରେସ ନେତା ରାହୁଲ ଟୁଇଟ କରିଥିବା ବେଳେ ୟେସ ବ୍ୟାଙ୍କର ଋଣ ସମ୍ପର୍କରେ ସରକାର ଠିକ୍ ତଥ୍ୟ ଦିଅନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଟୁଇଟରେ କହିଛନ୍ତି।

ବଜାଜ୍ ଅଟୋର ବିଏସ୍–୬ ରେଞ୍ଜୀ

ଭୁବନେଶ୍ୱର,୬–୩

ବିଶ୍ୱର ପ୍ରମୁଖ ୩ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ବଜାଜ ଅଟୋ ଲିମିଟେଡ ପକ୍ଷରୁ ବିଏସ୍–୬ ନିୟମ ଅନୁପାଳନକୁ ଧ୍ୟାନରେ ରଖି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ଏହାର ୩ ଚକିଆ ବର୍ଗର ସମ୍ପୂର୍ଣ୍ଣ ରେଞ୍ଜ ପ୍ରଡକ୍ଟକୁ ବିଏସ୍–୬ରେ ରୂପାନ୍ତର କରିଛି। ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଛି। ବିଏସ୍–୬କୁ ରୂପାନ୍ତରିତ ହୋଇଥିବା ସମ୍ପୂର୍ଣ୍ଣ ପ୍ରଡକ୍ଟ ମଧ୍ୟରେ ପାସେଞ୍ଜର ଯାନ, ମାଲବାହୀ ଯାନ ମଡେଲ ରହିଛି। ନୂଆ ମଡେଲଗୁଡିକରେ ଗ୍ରାହକ ଉନ୍ନତ ଅଭିଜ୍ଞତା ଏବଂ ପରଫରମାନ୍ସ ଲାଭ କରିବାକୁ ସକ୍ଷମ ହୋଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଓଡିଶା ବଜାରରେ ୨୩୬ ସିସି ସିଏନ୍‌ଜି ମଡେଲ ଏବଂ ୪୭୦ ସିସି ଡିଜେଲ ମଡେଲ ଭଲ ପରଫରମାନ୍ସ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ସ୍ୱଳ୍ପ ପରିଚାଳନା ଖର୍ଚ୍ଚ ଗ୍ରାହକ ଲାଭ କରିପାରିବେ। ସିଏନ୍‌ଜି ଏବଂ ଡିଜେଲ ବର୍ଗରେ କମ୍ପାନୀ ରାଜ୍ୟରେ ଏକ ପ୍ରମୁଖ ଅଂଶୀଦାର ହୋଇ ପାରିଛି। ଏହି କ୍ଷେତ୍ରରେ ବଜାର ଅଂଶ ଯଥାକ୍ରମେ ୭୦% ଏବଂ ୫୨% ରହିଛି। ଡିଜେଲ ବର୍ଗରେ କମ୍ପାନୀ ୩ ବର୍ଷ ପୂର୍ବେ ୨୨% ବଜାର ଅଂଶ ହାସଲ କରିଥିଲା ଏହା ଏବେ ୫୨%କୁ ବୃଦ୍ଧି ଘଟିଛି। ନୂଆ ବିଏସ୍–୬ ପ୍ରଡକ୍ଟ 'ଟେକ୍ନୋଲୋଜି ନୟି, ବିଶ୍ୱାସ ୱିହିଁ' ବା ନୂଆ ଟେକ୍ନୋଲୋଜି, ସେହି ବିଶ୍ୱାସ ଆଧାରରେ ଏକ ନୂତନ ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍–୪ ତୁଳନାରେ ୨୦% ଏବଂ ସିଏନ୍‌ଜି ବର୍ଗରେ ୧୦% ଅଧିକ ରହିବ।

କମ୍ପାନୀ ଓଡ଼ିଶାରେ ବାର୍ଷିକ ୭୭୦ ୟୁନିଟ ଯାନ ବିକ୍ରି କରୁଛି। ଏହି ବର୍ଗରେ ଓଡିଶାର ବାର୍ଷିକ ବଜାର ୧୫୨୦ରୁ ୩୦ ଯାନ ୟୁନିଟ ରହିଛି। ଶିଳ୍ପରେ ପରିବର୍ତ୍ତନ ଆସୁଥିବା ଯୋଗୁ ଟ୍ରାଞ୍ଜିଶନ ବେଳେ ଯାନ ବିକ୍ରି କମିବା ନାହିଁ ବୋଲି କମ୍ପାନୀର ଡିଜିଜନାଲ ବିକ୍ରି ଏବଂ ମାର୍କେଟିଂ ପ୍ରବନ୍ଧକ ହରିଶ କୌଶିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏବେ ମଧ୍ୟ ବିଏସ୍–୨ ଏବଂ ୩ର ପ୍ରାୟ ୩୦% ଯାନ ରହିଛି। ଏହି ଯାନ ମାଲିକ ମାନେ ସେମାନଙ୍କ ଗାଡିକୁ ବିଏସ୍–୬ରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି। ଏଣୁ ବିଏସ୍–୬ ମଡେଲ ମୂଲ୍ୟ କିଛି ହାରରେ ବଢିଥିଲେ ମଧ୍ୟ ବିକ୍ରିରେ କୌଣସି ପ୍ରଭାବ ନ ପଡି ପାରେ ବୋଲି ସେ ମତ ଦେଇଛନ୍ତି। ଏହା ଓଡିଶାରେ ୧୫ ଡିଲରଶିପ ସହ ସେବା ଦେଉଛି। ରାଜ୍ୟରେ ୧୬ରୁ ୧୭% ଅଭିବୃଦ୍ଧି ଆଶା ରହିଥିବା ସେ ସ୍ୱଷ୍ଟ କରିଛନ୍ତି।

ଜେଏସ୍‌ପିଏଲ୍‌କୁ ଗୋଲ୍‌ଡେନ ପିକକ୍ ସମ୍ମାନ

ନୂଆଦିଲ୍ଲୀ,୬–୩

ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ) କୁ ସମ୍ମାନଜନକ ଗୋଲଡେନ ପିକକ ସିଏସ୍‌ଆର ସମ୍ମାନ – ୨୦୧୯ ପ୍ରଦାନ କରାଯାଇଛି। ଓଡିଶା, ଛତିଶଗଡ ଏବଂ ଝାଡଖଣ୍ଡରେ ବିଭିନ୍ନ ସାମାଜିକ ବିକାଶ କାର୍ଯ୍ୟକ୍ରମ ପାଇଁ ଜେଏସ୍‌ପିଏଲକୁ ଏହି ପୁରସ୍କାର ଦିଆଯାଇଛି । ମୁମ୍ବାଇ ଠାରେ ଇନଷ୍ଟିଚ୍ୟୁଟ ଅଫ ଡାଇରେକ୍ଟର୍ସ (ଆଇଓଡ଼ି) ପକ୍ଷରୁ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ସିଏସଆର ସମ୍ମିଳନୀରେ ଜେଏସ୍‌ପିଏଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ସି. ଜୋସେଫଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଜିଏମ୍‌ଆର ଗ୍ରୁପର ପ୍ରତିଷ୍ଠାତା ଜି ଏମ ରାଓ, ଆଇଓଡ଼ିର ସଭାପତି ଲ୍ୟୁଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) କେ.ଏସ. ଆହଲୁୱାଲିଆ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ରେନୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ନୂଆଦିଲ୍ଲୀ,୬–୩: ରେନୋ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଥିବା ଏହାର ଡିଲରଶିପଗୁଡିକରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଗ୍ରାହକଙ୍କ ସହ ଦୀର୍ଘକାଳୀନ ସମ୍ପର୍କ ଏବଂ ଦୃଢ ବିଶ୍ୱାସ ବଜାୟ ରଖିବା ଲାଗି କମ୍ପାନୀ କାର୍ଯ୍ୟ କରୁଛି। ଏହି ସମୟରେ ରେନୋ ପକ୍ଷରୁ ମହିଳା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ସେବା ଯୋଗାଇ ଦିଆଯାଉଛି। ଏହା ମଧ୍ୟରେ ଫ୍ରି କାର ପିକ୍ ଆଣ୍ଡ ଡ୍ରପ ସୁବିଧା, କାର ଲାଗି ଆବଶ୍ୟକୀୟ ମେଣ୍ଟେନାନ୍ସ ଏବଂ ତାଲିମ ସୁବିଧା ପ୍ରମୁଖ ସାମିଲ ରହିଛି। ମହିଳାଙ୍କୁ ସ୍ୱାଧୀନ ତଥା ଆତ୍ମନିର୍ଭର ଭାବେ ଗଢି ତୋଳିବା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସପ୍ତାହେ ବ୍ୟାପୀ ଚାଲିବାକୁ ଥିବା ଏହି ଦିବସରେ ଗ୍ରାହକଙ୍କୁ ନିଶ୍ଚିତ ଉପହାର, ପାର୍ଟସ ଏବଂ ଆସେସୋରିଜ ଉପରେ ୧୦% ରିହାତି, ଲେବର ଏବଂ ଭାଲ୍ୟୁ ଆଡେଡ ସେବା ଉପରେ ୧୦% ରିହାତି, ରେନୋ ବର୍ଦ୍ଧିତ ୱାରେଣ୍ଟି ଉପରେ ୧୦% ରିହାତି, ମହିଳା ଗ୍ରାହକଙ୍କ ଲାଗି ମାଗଣା ଯାନ ଚେକ୍ ଅପ୍ ସୁବିଧା ରହିଛି ବୋଲି ରେନୋ ପକ୍ଷରୁ କୁହାଯାଇଛି।

PURI MUNICIPALITY
e-Procurement notice
No. 1840 Dtd. 06.03.20
Bid Identification No. P.M-10/2019-20
2020_ORULB_60482
1. Type of Work: Civil Work. 2. Total No. of works: 13 Nos. of Individual Works. 3. Estimate cost: Rs. 2,24,185/- to Rs. 27,56,277/-. 4. Period of completion: 45 days to 60 days. 5. date & time of availability of bid document in the Portal: from 03 PM of 07.03.2020 to 05 PM of 20.03.2020. 6. Last date/ Time for receipt of bid in the portal: Up to 5 PM of 20.03.2020. 7. Date of Opening of Technical bid: 11 AM of dtd. 21.03.2020. 8. Name & address of the Officer inviting Bid: Executive Officer, Puri Municipality, Puri. Further detail can be seen from the e-procurement portal **www.tendersorissa.gov.in**.
Sd./-
Executive Officer,
Puri Municipality, Puri

OFFICE OF THE CDM & PHO CUM DISTRICT MISSION DIRECTOR, KORAPUT
Adv No. 917 / 20 Date: 04.03.2020
WALK IN INTERVIEW
No.E-790:- Walk-in-Interview will be conducted for engagement of Laboratory Technician, Yoga Teacher & ECG Technician- "NIDAN" for DHH/CHCs/PHC (N)- Health and Wellness Centre under Zilla Swasthya Samiti, Koraput. Interested eligible candidates may report to the office of the undersigned with the prescribed application form along with relevant documents on dtd. 11.03.2020. The registration time is 10.30 AM to 12.30 PM. After scheduled time of registration no application will be entertained. The application form and other details can be downloaded from the District official Website i.e. **www.koraput.nic.in**. Further communication to the shortlisted candidate will be made through **koraput.nic.in** / email or Phone only.
Sd./-
CDM & PHO cum
District Mission Director, NHM, Koraput
OIPR- 10077/11/0013/1920

ODISHA STATE CO-OPERATIVE HANDICRAFTS CORPORATION LTD.
Utkalika
Jayadev Vatika Square, Khandagiri, Bhubaneswar-751030, Ph. : 0674-2975390
QUOTATION CALL NOTICE
No.537 Date.06.03.2020
Sealed quotations are invited from registered/reputed firms having GST No. for supply of Odishi Ornament White metal Jewellery set as per our requirement. Interested parties may apply in their letter head to the undersigned on or before **12.03.2020 upto 5.00 PM** with their best competitive price. The quotation received beyond time limit and incomplete in any respect will not be entertained. The authority reserves the right to reject any or all quotations without assigning any reason thereof.
Sd/- Managing Director

OFFICE OF THE MUNICIPAL COUNCIL, DEOGARH
Phone No.: 06641-226231,
E-mail: deogarhmunicipality@gmail.com
No. 591 / DMC Dt.: 06.03.2020
"e"-procurement Notice
Bid Identification No.EO/DM/06/2019-20
No.C-557:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. **www.tendersodisha.gov.in**.

1.	Nature of work	:	Civil work
2.	No. of works	:	4 Nos.
3.	Estimated cost	:	As per NIT
4.	Period of completion	:	As per NIT
5.	Date and time of availability of the Documents in the Portal	:	From 10 hours of 07.03.2020 to 17 hours of 20.03.2020.
6.	Last date/ time for receipt of Bids in the portal	:	Dt. 20.03.2020 at 17 hours.
7.	Bids received online shall be opened on	:	Dt. 23.03.2020 at 11 hours
8.	Name and address of the Officer inviting Bid	:	Executive Officer, Deogarh Municipality.

Further, the details can be seen from the procurement Portal **www.tendersodisha.gov.in**.
Sd./- Executive Officer, Deogarh Municipality
OIPR- 13088/11/0004/1920

DISTRICT PROJECT OFFICE SMAGRA SHIKSHA, KEONJHAR
DI of Schools Campus, Keonjhar 758001
Tel.No: 06766-254103/256420, Fax No.06766-256420,
e-mail : dpckeonjharssa.opepa@nic.in
TENDER CALL NOTICE
No.762 Date: 04.03.2020
Sealed quotations are invited from identity card suppliers for printing and supply of elementary Teachers ID Card.The detailed specification, terms and conditions can be available at DPO on payment of Rs.1000.00 as tender application cost. The Detailed tender paper with terms and conditions can be downloaded at **www.osepa.odisha.gov.in** or **www.kendujhar.nic.in**. The applicant have to apply in the prescribed format of DPO, SSA, Keonjhar only, latest by 19.03.2020 up to 12.00 Noon and the tender paper is to be opened at 4.00 PM of the same day. The Authority reserves the right to cancel any or all quotations without assigning any reason thereof.
Sd./-
Collector-cum-Chairperson
RTE, SSA, Keonjhar

GOVERNMENT OF ODISHA
ODIA LANGUAGE LITERATURE & CULTURE DEPARTMENT
TENDER CALL NOTICE
No. RR-48:- Sealed tenders are invited from Agencies / Firms / Tent House / Suppliers / Light & Sounds / Event Management House / Catering/ Hotels / Mandaps having valid GST clearance and experience in working minimum 5 years with Govt. sector regarding arrangement of Ethnic Ambience, Stage, light, Sounds, Tent items, supply of Breakfast, Lunch and Dinner, arrangement of accommodation for organization of 10th STATE LEVEL FOLK DANCE AND MUSIC FESTIVAL-2020. The interested agency can obtain the Tender Papers Itemwise from Directorate wing of OLL & Culture Dept, 2nd Floor Sanskruti Bhawan (Artist Federation Cell), Bhubaneswar on payment of Rs. 5000/- (non-refundable) from dated 11th to 18th March 2020 in the office hour from 10.30 AM to 4 PM. The sealed tender by Regd. Post/Speed Post/ Courier should reach to the undersigned on or before 19th March 2020 at 4 PM. The authority reserves the right to reject any or all tenders without assigning reason thereof. (Office No-Mob-0674-2434945, 0674-2435945, 9437234651).
Sd./- Joint Director, OLL & Culture
& Ex Officio Joint Secretary to Govt.
OIPR-03001/11/0032/1920

DISTRICT PROJECT OFFICE SAMAGRA SHIKSHA
No.67-ନ
ଶିକ୍ଷା ଅଧିକାର
SHIKSHASADAN, KORAPUT-764020
Telephone : (06852) - 252421 (Off)
E-mail : dpckoraputssa.opepa@nic.in
TENDER CALL NOTICE NO: 1939 / CW/2020, Date:04.03.2020
Sealed tender in the prescribed form to be eventually drawn-up in PWD Form P-I (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of ACR Buildings in SCA fund 2018-19.

Sl. No.	Detail of Tender
1.	Construction of 03 Nos. of ACR, 01 No. Library Room & 01 No. Science Lab at Gangarajpur UGHS Pottangi Block, EMD: Rs. 42,830/- & Tender Cost : Rs. 6,000/-
2.	Construction of 03 Nos. of ACR, 01 No. Library Room & 01 No. Science Lab at Chikambo GHS of Dasamanthpur Block, EMD: Rs. 42,830/- & Tender Cost: Rs. 6,000/-
3.	Construction of 02 Nos. of ACR at Upperkuttinga UGHS of Laxmipur Block, EMD: Rs. 16,464/- & Tender Cost: Rs. 6,000/-
4.	1. The Tender Documents will be available in the District Website i.e. (**www.koraput.nic.in**) from 06.03.2020 to 20.03.2020 up to 5.00 P.M and can be downloaded from the Website. 2. The tenders will be opened at 11.00 A.M on 21.03.2020. 3. Other details can be seen in the District website **www.koraput.nic.in**.

Sd./- District Project Co-ordinator,
RTE-SS, Koraput
OIPR-27035/11/0011/1920

ODISHA COAL AND POWER LTD.
(A GOVT. OF ODISHA COMPANY)
Odisha Coal and Power Limited OCPL
Zone-A, Ground Floor,

ଆଇପିଏଲ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ । କରୋନା ଭାଇରସ ପାଇଁ ଆବଶ୍ୟକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।
–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି

ଭାରତ ଏଥର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଜିତିବା ଭାଗ୍ୟ ଆମ ସାଥିରେ ରହିଛି ବୋଲି ମୋର ଦୃଢ ବିଶ୍ୱାସ ।
–ବେଦ କ୍ରିଷ୍ଣମୂର୍ତ୍ତି, ଭାରତୀୟ ସିନିୟର ବ୍ୟାଟ୍ସଓମ୍ୟାନ

ସଂକ୍ଷେପରେ

ପାଣ୍ଡ୍ୟାଙ୍କ ଆଉ ଏକ ବିସ୍ଫୋରକ ଶତକ

ନଭି ମୁମ୍ବାଇ, ୬।୩ (ପି.ଟି.)
ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ବୋଲି ପୁଣି ପ୍ରମାଣିତ କରିଛନ୍ତି। ଏଠାରେ ଚାଲିଥିବା ଡି.ୱାଇ. ପାଟିଲ ଟି୨୦ କପ୍‌ରେ ଶୁକ୍ରବାର ଖେଳାଯାଇଥିବା ବିପିସିଏଲ୍ ବିପକ୍ଷ ଏକ ସେମିଫାଇନାଲରେ ସେ ୫୫ ବଲ୍‌ରେ ୧୫୮ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ପିଠିରେ ଅସ୍ତ୍ରୋପଚାର ପରେ ପାଣ୍ଡ୍ୟା ଏହି ଟୁର୍ନାମେଣ୍ଟରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିଲାଏନ୍ସ ୱାନ ତରଫରୁ ଖେଳୁଥିବା ପାଣ୍ଡ୍ୟା ତାଙ୍କ ଶତକୀୟ ଇନିଂସରେ ୨୦ ଛକା ଏବଂ ୬ ଚୌକା ଲଗାଇଥିଲେ, ଯାହାଫଳରେ ତାଙ୍କ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୩୮/୪ ସ୍କୋର କରିଥିଲା। ଏହା ପୂର୍ବରୁ ଗତ ମଙ୍ଗଳବାର ଘାନ୍‌ସୋଲିଠାରେ ଆରସିପି ବିପକ୍ଷ ଲିଗ୍ ମ୍ୟାଚରେ ସେ ୩୯ ବଲ୍‌ରେ ୧୦୫ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଶୁକ୍ରବାର ମ୍ୟାଚରେ ବିପିସିଏଲ୍‌ର କୌଣସି ବୋଲର ଜବରଦସ୍ତ ଫର୍ମରେ ଥିବା ପାଣ୍ଡ୍ୟାଙ୍କ ଉପରେ ପ୍ରଭାବ ଜାହିର କରିପାରି ନ ଥିଲେ। ଯାହା ଜଣାପଡୁଛି ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଭାରତୀୟ ଦିନିକିଆ ଦଳକୁ ଫେରିବା ଲାଗି ପାଣ୍ଡ୍ୟାଙ୍କ ପାଇଁ ପଥ ପରିଷ୍କାର। ଅନ୍ୟପକ୍ଷରେ ଇଞ୍ଜୁରିରୁ ସୁସ୍ଥ ହୋଇ ଫେରିଥିବା ଭାରତୀୟ ଓପନର ଶିଖର ଧାୱନ ରିଲାଏନ୍ସ ୱାନ୍ ଦଳ ପାଇଁ ମାତ୍ର ୩ ରନ କରିପାରିଛନ୍ତି। ଜବାବରେ ବିପିସିଏଲ୍ ୧୩୪ ରନରେ ଅଲଆଉଟ ହୋଇଯାଇଥିଲା। ରିଲାଏନ୍ସ ୱାନ୍ ୧୦୪ରନରେ ବିଜୟ ଲାଭ କରିଥିଲା।

ମୋହନବାଗାନର ଆଇ-ଲିଗ୍ ରେକର୍ଡ

ନୂଆଦିଲ୍ଲୀ, ୬।୩ (ପି.ଟି.)-ଚଳିତ ଆଇ-ଲିଗ୍ ସିଜନରେ ମୋହନବାଗାନ ନିଜ ରେକର୍ଡକୁ ଭଙ୍ଗ କରିଛି। କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହି ଏହି ସଫଳତା ହାସଲ କରିଛି। ପୂର୍ବରୁ ଏହି ଦଳ ୨୦୦୮-୦୯ ସିଜନରେ କରିମ୍ ବେଞ୍ଜେରିଫାଙ୍କ ଅଧୀନରେ ଏବଂ ପରେ ୨୦୧୪-୧୫ ସିଜନରେ ସଞ୍ଜୟ ସେନ୍‌ଙ୍କ ଅଧୀନରେ ଦୁଇଥର କ୍ରମାଗତ ୧୨ଥର ଅପରାଜେୟ ରହି ଟୁର୍ନାମେଣ୍ଟରେ ରେକର୍ଡର ଅଧିକାରୀ ହୋଇଥିଲା। ମୋହନବାଗାନ ଏଥର ଆଇଜଲ ଏଫ୍‌ସି ବିପକ୍ଷ ମ୍ୟାଚ ଡ୍ର' ସହ ଏହାର ଅଭିଯାନ ଆରମ୍ଭ କରିଥିଲା। ପରେ ହୋମ୍ ଗ୍ରାଉଣ୍ଡରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ ୨-୪ ଗୋଲ୍‌ରେ ହାରିଯାଇଥିଲା। କିନ୍ତୁ ଏହାର ୩ ଦିନ ପରେ ନିଜ ଗ୍ରାଉଣ୍ଡରେ ଟିଆର୍‌ୟୁ ଏଫ୍‌ସି ବିପକ୍ଷରେ ୪-୦ ଗୋଲରେ ବିଜୟ ସହ ଦଳ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରଠାରୁ ଦଳ କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହିଥିଲା। ଏହି ଦଳ ଚଳିତ ସିଜନରେ ନିଜର ଆଉ ଏକ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଥିଲା। ମାତ୍ର ସଫଳ ହୋଇ ପାରିନ ଥିଲା। କୋଲକାତାର ଏହି ଶକ୍ତିଶାଳି ଦଳ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ସହିତ ମୁକାବିଲା କରିବ।

ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ଅଫିସିଆଲଙ୍କ ନାମ ଘୋଷଣା

ମେଲବୋର୍ନ,୬।୩(ପି.ଟି.)- ନ୍ୟୁଜିଲାଣ୍ଡର କିମ କଟନ ଓ ପାକିସ୍ତାନର ଅହସାନ ରାଜା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ପରିଚାଳନା କରିବେ। ଏ ନେଇ ଆଇସିସି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ୪ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଭାରତକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ (ଏମ୍‌ସିଜି)ଠାରେ ରବିବାର ଭେଟିବ। ୪୨ ବର୍ଷୀୟ କଟନ ଅଷ୍ଟ୍ରେଲିଆର ସେମିଫାଇଫାଲ ମ୍ୟାଚ୍ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ଚଳିତ ଇଭେଣ୍ଟରେ ତାଙ୍କର ୫ମ ମ୍ୟାଚ୍ ହେବ। ତାଙ୍କ ସାଥୀ ରାଜା ଭାରତ-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍‌ର ପରିଚଳାନା ଦାୟିତ୍ୱରେ ଥିଲେ। ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଅମ୍ପାୟରିଂ କରିବାର ତାଙ୍କର ଅଭିଜ୍ଞତା ରହିଛି। ସେ ୨୦୧୭ ବିଶ୍ୱକପ୍ ସେମିଫାଇନାଲ ପରିଚାଳନା କରିଥିଲେ। ଏହି ଦୁଇ ଅମ୍ପାୟରଙ୍କୁ ୱେଷ୍ଟଇଣ୍ଡିଜର ଗ୍ରିଗୋରି ବ୍ରାଥୱେଟ ଟିଭି ଅମ୍ପାୟର ଭାବେ ସାହାଯ୍ୟ କରିବେ। ୨୦୧୮ ଫାଇନାଲ ପରିଚାଳନା କରିଥିବା ଜିମ୍ବାୱେର ଲଙ୍ଗଟନ ରୁସେରେ ଚତୁର୍ଥ ଅମ୍ପାୟର ଦାୟିତ୍ୱରେ ରହିବେ।

ସଚିନ ବନାମ ଲାରା

ଶୁକ୍ରବାର ନେଟ୍‌ରେ ବୋଲିଂ ଅବସରରେ ୱେଷ୍ଟଇଣ୍ଡିଜର ଟିନୋ ବେଷ୍ଟ। ଭାରତର ସଚିନ ତେନ୍ଦୁଲକରଙ୍କ ବ୍ୟାଟିଂ ଅଭ୍ୟାସ।

ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଆଜିଠାରୁ

ମୁମ୍ବାଇ, ୬।୩
ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ 'ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ' ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଭାରତ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟରମାନେ ଏହି ସିରିଜରେ ଖେଳିବେ। ପ୍ରତିଯୋଗିତାରେ ମୋଟ ୧୦ଟି ମ୍ୟାଚ ଖେଳାଯିବ। ୨୨ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ଲିଜେଣ୍ଡଙ୍କ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଆୟୋଜିତ ହେବ। ସଚିନ ତେନ୍ଦୁଲକର ଓ ବ୍ରାଏନ ଲାରା ଉଭୟ ଦଳର ନେତୃତ୍ୱ ନେବେ। ଓଡ଼ିଶା କ୍ରିକେଟ ତାରକା ପ୍ରଜ୍ଞାନ ଓଝା ଇଣ୍ଡିଆ ଲିଜେଣ୍ଡ ଦଳରୁ ପ୍ରତିନିଧିତ୍ୱ କରିବେ। ଏଥିରେ ଭାଗନେବାକୁ ଯାଉଥିବା ଅନ୍ୟ ୩ ଦଳ ହେଲେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ।

ଇଣ୍ଡିଆ ଲିଜେଣ୍ଡ୍ସ: ସଚିନ ତେନ୍ଦୁଲକର (ଅଧିନାୟକ), ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ଜାହିର ଖାଁ, ଇରଫାନ ପଠାନ, ଅଜିତ ଅଗରକର, ସଞ୍ଜୟ ବାଙ୍ଗର, ମୁନାଫ ପଟେଲ, ମହମ୍ମଦ କୈଫ, ପ୍ରଜ୍ଞାନ ଓଝା, ସାଇରାଜ ବାହୁତୁଲେ, ସମୀର ଦିଘେ(ଉଇକେଟ କିପର), ଅଭୟ କୁରୁଭିଲା।

ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ: ବ୍ରାଏନ ଲାରା (ଅଧିନାୟକ), ଶିବନାରିନ ଚନ୍ଦରପଲ, ଆଡାମ ସାନ୍‌ଫୋର୍ଡ, କାର୍ଲ ହୁପର, ଡାନ୍‌ଜା ହ୍ୟାଟ୍, ଡାରେନ ଗଙ୍ଗା, ପେଡ୍ରୋ କଲିନ୍ସ, ରିକାର୍ଡୋ ପାୱେଲ, ରିଡ୍‌ଲେ ଜ୍ୟାକବ୍ସ (ଉଇକେଟ କିପର), ସାମୁଏଲ ବଦ୍ରି, ସୁଲେମାନ ବେନ୍, ଟିନୋ ବେଷ୍ଟ, ଦିନାନାଥ ରାମନାରିନ।

ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ: ବ୍ରେଟ୍ ଲି (ଅଧିନାୟକ), ବ୍ରାଡ୍ ହଜ୍, ମାଇକେଲ କ୍ଲିଗନର, ବ୍ରେଟ୍ ଗିଭ୍ସ, କ୍ଲିଣ୍ଟ ମ୍ୟାକକୟ, ଜାସନ କ୍ରିଜା, ମାର୍କ କସଗ୍ରୋଭ, ବ୍ରାଡ୍ ହାଡିନ (ଉଇକେଟ କିପର), ନାଥାନ ରିର୍ଡନ, ଶେନ ଲି, ଟ୍ରାଭିସ ବିର୍ଟ, ଜାଭିଏର ଡୋହର୍ଟି, ବେନ୍ ଲଘଲିନ, ପ୍ୟାଟ୍ରିକ ରିଚାର୍ଡ୍ସ।

ଶ୍ରୀଲଙ୍କା ଲିଜେଣ୍ଡ୍ସ: ତିଲକରତ୍ନେ ଦିଲସାନ(ଅଧିନାୟକ), ଚାମରା କପୁଗେଡେରା, ଚାମିଣ୍ଡା ଭାସ, ପରଭେଜ ମାହାରୁଫ, ମାର୍ବଣ ଆଟାପାଟ୍ଟୁ, ମୁଥୟା ମୁରଲୀଧରନ, ରଙ୍ଗନା ହେରାଥ, ରମେଶ କାଲୁୱିଥରଣା (ଉଇକେଟ କିପର), ସଚିତ୍ର ସେନାନାୟକେ, ଅଜନ୍ତା ମେଣ୍ଡିସ, ଥିଲନ ତୁଷାରା, ମିଲିନ୍ଦା ୱାର୍ନାପୁରା, ଉପୁଲ ଚନ୍ଦନା।

ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ: ଜଣ୍ଟି ରୋଡ୍ସ(ଅଧିନାୟକ), ଆଣ୍ଡ୍ରୁ ହଲ୍, ଗାର୍ନେଟ କ୍ରୁଗର, ଜ୍ୟାକ୍ସ ରୁଡଲଫ, ଆଲ୍‌ବି ମୋର୍କେଲ, ଜୋହାନ ଭାନ ହର ୱାଥ, ଲାନ୍ସ କ୍ଲୁଜନର, ମାର୍ଟିନ ଭାନ ଜାର୍ସଭେଲ୍ଡ, ମୋର୍ନେ ଭାନ ୱିକ୍(ଉଇକେଟ କିପର), ପଲ୍ ହାରିସ, ରିୟାନ ମ୍ୟାକଲାରେନ, ରୋଜର ଟେଲିମାଚୁସ, ହର୍ଶେଲ ଗିବ୍ସ।

କାର୍ଯ୍ୟସୂଚୀ

- ମାର୍ଚ୍ଚ ୭: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୮: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ୱାଙ୍ଖଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୧୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୧: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୩: ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୪: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୬: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୭: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୯: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୨୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୨୨: ଫାଇନାଲ, ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ

(ମ୍ୟାଚ ଆରମ୍ଭ: ରାତି ୭ଟା, ପ୍ରସାରଣ: କଲର୍ସ ସିନେପ୍ଲେକ୍ସ)

ରଣଜୀ ଫାଇନାଲ ଖେଳିପାରିବେନି ଜାଡେଜା

କୋଲକାତା,୬।୩
ଆସନ୍ତା ୯ ତାରିଖରେ ସୌରାଷ୍ଟ୍ର ଓ ବେଙ୍ଗଲ ମଧ୍ୟରେ ଚଳିତ ରଣଜୀ ସିଜନର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ତା'ର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଫାଇନାଲରେ ଖେଳାଇବା ପାଇଁ ବିସିସିଆଇର ଅନୁମତି ମାଗିଥିଲା। କିନ୍ତୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୋର୍ଡ ଜାଡେଜାଙ୍କୁ ରଣଜୀ ଫାଇନାଲରେ ଖେଳିବାକୁ ଅନୁମତି ଦେଇପାରିବ ନାହିଁ। କାରଣ ଦେଶ ପ୍ରଥମେ ବୋଲି ଗାଙ୍ଗୁଲି କହିଛନ୍ତି। ଦେଶରେ ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନ କରିବାକୁ ଏସ୍‌ସିଏ ସଭାପତି ଜୟଦେବ ଶାହା ପ୍ରସ୍ତାବ ଦେଇଛନ୍ତି। ଯଦି ବିସିସିଆଇ ଚାହୁଁଛି ରଣଜୀ ଫାଇନାଲ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ମ୍ୟାଚ୍‌ର ସିଧାପ୍ରସାରଣ ଅଧିକ ପ୍ରଶଂସକ ଦେଖନ୍ତୁ, ତେବେ ସେହି ସମୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯିବା ଉଚିତ ନୁହେଁ। ଯଦି ରଣଜୀ ଫାଇନାଲ ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯାଇପାରିବ, ତେବେ ଆଇପିଏଲ ସମୟରେ କାହିଁକି ହେବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଇପିଏଲରୁ ବିପୁଳ ଟଙ୍କା ମିଳିଥିବାରୁ ବିସିସିଆଇ ଏଭଳି କରୁନାହିଁ। ରଣଜୀ ଫାଇନାଲକୁ ଲୋକପ୍ରିୟ କରାଇବାକୁ ହେଲେ ଷ୍ଟାର ଖେଳାଳିମାନେ ଖେଳିବା ଦରକାର ବୋଲି ଶାହା କହିଛନ୍ତି। ସୌରାଷ୍ଟ୍ର ଗତ ୮ ବର୍ଷ ମଧ୍ୟରେ ୪ଥ ଥର ପାଇଁ ରଣଜୀ ଫାଇନାଲ ଖେଳିବ। ଏହି ମ୍ୟାଚ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଖେଳିବେ। ତାଙ୍କ ସାଥୀ ରିଦ୍ଧିମାନ ଶାହା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ବିଦେଶୀ ଖେଳାଳିଙ୍କ ସଂଖ୍ୟା ନେଇ ଷ୍ଟିମାକଙ୍କ ଅସନ୍ତୋଷ

ଆଇଏସ୍‌ଏଲ୍

ମୁମ୍ବାଇ,୬।୩(ପି.ଟି.)
ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବିଦେଶୀ ଖେଳାଳିଙ୍କ ସଂଖ୍ୟ ନେଇ ଭାରତୀୟ ଜାତୀୟ ଦଳର ହେଡ୍ କୋଚ୍ ଆଇଗର ଷ୍ଟିମାକ ଅସନ୍ତୋଷ ଜାହିର କରିଛନ୍ତି। ଲିଗ୍‌ରେ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ସେ ଆପତ୍ତି ଉଠାଇଛନ୍ତି। ଏହା ଦ୍ୱାରା ଦେଶରେ ବଡ଼ ଖେଳାଳି ସୃଷ୍ଟି ହୋଇପାରିବେ ନାହିଁ। ଅଧିକ ସଂଖ୍ୟାରେ ବିଦେଶୀ ଖେଳାଳି ଖେଳିଲେ ଦେଶରେ ଆଉ ଜଣେ ସୁନୀଲ ଛେତ୍ରୀ ସୃଷ୍ଟି କରିବାରେ ଅନ୍ତରାୟ ସୃଷ୍ଟି କରିବ।

ଆଇଏସ୍‌ଏଲ୍ ଓ ଆଇ- ଲିଗ୍ ଦେଶର ଦୁଇ ପ୍ରମୁଖ ଫାଷ୍ଟ ଓ ସେକେଣ୍ଡ ଟାୟର ଲିଗ୍। ଏହି ଦୁଇ ଲିଗ୍ ଏସିଆନ୍ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ନୀତି ଅନୁସରଣ କରିବା ଉଚିତ୍। ଏହି ନୀତି ଅନୁସାରେ ଲିଗ୍‌ର ପ୍ରତି ମ୍ୟାଚ୍‌ରେ ୫ ବଦଳରେ ୪ ଜଣ ଖେଳାଳି ସାମିଲ ହେବା ଉଚିତ୍। ଏଏଫସି ନିୟମ ୩+୧ ନୀତି ଅନୁସରଣ କରାଯିବା ଉଚିତ୍। ବିଦେଶୀ ଖେଳାଳିଙ୍କ ପାଇଁ ଏହା ହେଉଛି ମୌଳିକ ନିୟମ। ଏସିଆର ଅଧିକାଂଶ ଦେଶ ଏହି ନିୟମ ପାଳନ କରୁଛନ୍ତି ଓ ଏଥିପାଇଁ ଏହି ଦେଶଗୁଡିକ ବେଶ୍ ସଫଳତା ହାସଲ କରିଛନ୍ତି ବୋଲି ଷ୍ଟିମାକ କହିଛନ୍ତି। ଏହା ଦ୍ୱାରା ଏହି ଦେଶଗୁଡିକରେ ଷ୍ଟ୍ରାଇକର, ଅଫେନ୍ସିଭ ମିଡ୍‌ଫିଲ୍ଡର ଓ ସେଣ୍ଟର ବ୍ୟାକ୍ ପାଇଁ ବହୁତ ବିକଳ୍ପ ସୃଷ୍ଟି ହୋଇପାରିଛି।

ଏବେ ମ୍ୟାଚ୍‌ରେ ଆଇଏସ୍‌ଏଲ୍ ଓ ଆଇ- ଲିଗ୍ ଦଳଗୁଡିକ ୫ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଉଛନ୍ତି। ଅନ୍ୟପଟେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କମ୍ପିଟିଶନ ନିୟମ ଅନୁସାରେ ପ୍ରତ୍ୟେକ ଦଳ ୪ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରିପାରିବ। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ଏଏଫ୍‌ସି ମେମ୍ବରର ଆସୋସିଏଶନର ନାଗରିକ ହେବା ନିହାତି ଜରୁରି। ଏବେ ସୁନୀଲ ଛେତ୍ରୀଙ୍କ ବିକଳ୍ପ ସୃଷ୍ଟି ହେବା କଷ୍ଟକର ହୋଇପଡିଛି ବୋଲି ଷ୍ଟିମାକ କହିଛନ୍ତି। ଏବେ ଯେତେବେଳେ ଷ୍ଟ୍ରାଇକର ଖୋଜିବାକୁ ଯାଉଛି ମୋତେ ୫ଜଣ ବିଦେଶୀ ଖେଳାଳି ନଜର ଆସୁଛନ୍ତି। ଆଇ- ଲିଗ୍‌ରେ ଭାରତୀୟ ଷ୍ଟ୍ରାଇକର ନାହାନ୍ତି। କେବଳ ଇଣ୍ଡିଆନ ଆରୋଜ ନିକଟରେ ଜଣେ ଭାରତୀୟ ବିକ୍ରମ ପ୍ରତାପ ସିଂ ରହିଛନ୍ତି। ଏବେ ଆଇଏସ୍‌ଏଲ୍ ଓ ଆଇ- ଲିଗ୍‌କୁ ମିଶାଇଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ଜାତୀୟ ଦଳ ସଫଳତା ପାଇଲେ ଭାରତୀୟ ଫୁଟବଲ୍‌ର ବିକାଶ ହୋଇପାରିବ। ୨୦୨୬ ଫିଫା ବିଶ୍ୱକପ୍‌ରେ ୪୮ଟି ଦେଶ ସାମିଲ ହେବେ। ଫଳରେ ଏହି ବିଶ୍ୱକପ୍‌ରେ ୩-୪-୫ଟି ଏସୀୟ ଦେଶ ଅଂଶଗ୍ରହଣ କରିବେ। ଏସିଆର ଶ୍ରେଷ୍ଠ ୮ଟି ଦେଶ ସାମିଲ ହେବା ନେଇ ପ୍ରସ୍ତୁତି ପାଇଁ ଆମ ପାଖରେ ୪ବର୍ଷ ହାତରେ ରହିଛି। କରୋନା ଭାଇରସ୍ ପାଇଁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଜାତୀୟ କ୍ୟାମ୍ପ ବାତିଲ ହେବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ଷ୍ଟିମାକ କହିଛନ୍ତି। ଆସନ୍ତା ୨୬ ତାରିଖରେ କାତାର ବିପକ୍ଷରେ ଭାରତ ବିଶ୍ୱକପ୍ କ୍ୱାଲିଫାୟର ଖେଳିବ।

ଇତିମଧ୍ୟରେ କରୋନାଭାଇରସ ସଂକ୍ରମଣ ପାଇଁ ଫିଫା ୨୦୨୨ ବିଶ୍ୱକପ୍ ଓ ୨୦୨୩ ଏସିଆନ କପ୍ କ୍ୱାଲିଫାୟର୍ସ ଓ କାତାର ବିପକ୍ଷ ଘରୋଇ ମ୍ୟାଚ୍‌କୁ ଘୁଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଛି। ତେବେ ପରିସ୍ଥିତି ଯାହା ହେଉନା କାହିଁକି, ଆମକୁ ପ୍ରସ୍ତୁତି ଜାରି ରଖିବାକୁ ହେବ ବୋଲି ଷ୍ଟିମାକ ସ୍ପଷ୍ଟ କରିଛନ୍ତି।

ଓଡ଼ିଶା ଏଫ୍‌ସି ସହ ଡାନିଏଲଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)
ଭୁବନେଶ୍ୱର ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) କ୍ଲବ ଓଡ଼ିଶା ଏଫସି ସେଣ୍ଟର ଫରୱାର୍ଡ ଡାନିଏଲ ଲାଲହିଲିମପୁଇଆଙ୍କ ଚୁକ୍ତି ମିଆଦ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଶୁକ୍ରବାର ମିଜୋରାମ ଷ୍ଟ୍ରାଇକରଙ୍କ ସହ ଏ ସମ୍ପର୍କିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥି

କରୋନା ପାଇଁ ଭାରତୀୟ କ୍ରୀଡ଼ା ପ୍ରଭାବିତ

- ଶୁଟିଂ ବିଶ୍ୱକପ୍ ଘୁଞ୍ଚିଲା
- ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ବାତିଲ
- ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କଲା ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ)

ନୂଆଦିଲ୍ଲୀ,୬।୩(ପି.ଟି.)

ବିଶ୍ୱବ୍ୟାପୀ କରୋନାଭାଇରସ୍‌ର ଆତଙ୍କ ଦେଖା ଦେଇଛି। ଏହା ମଧ୍ୟ ଭାରତୀୟ କ୍ରୀଡ଼ାକୁ ପ୍ରଭାବିତ କରିଛି। ପ୍ରଥମ ମେଜର ଇଭେଣ୍ଟ ଭାବେ ଶୁଟିଂ ବିଶ୍ୱକପକୁ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳରେ ଦେଶରେ ତାରକା ଆଥଲେଟ୍‌ଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ନୂଆଦିଲ୍ଲୀରେ ଶୁଟିଂ ବିଶ୍ୱକପ୍ ମାର୍ଚ୍ଚ ୧୫ରୁ ୨୫ ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା ଏବେ ଘୁଞ୍ଚିଛି। ଅନ୍ୟପଟେ ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଏପ୍ରିଲ ୧୬ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାକୁ ମଧ୍ୟ ବାତିଲ କରାଯାଇଛି। ଭାରତରେ କରୋନାଭାଇରସ ରୋଗୀଙ୍କ ସଂଖ୍ୟା ଏବେ ୩୧କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ୧୬ଜଣ ଇଟାଲୀ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୩,୩୩୦ଜଣ ଲୋକ ଏଥିରେ ମୃତ୍ୟୁବରଣ କରିଛନ୍ତି। ୮୫ଟି ଦେଶରେ ପାଖାପାଖି ଏକ ଲକ୍ଷ ଲୋକ କରୋନାଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

ତେବେ ଏହା ସତ୍ତ୍ୱେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବ ନିର୍ଦ୍ଧାରିତ ତାରିଖରେ ଆୟୋଜନ ହେବ। ମୁମ୍ବାଇରେ ମାର୍ଚ୍ଚ ୨୯ ତାରିଖରୁ ଏହା ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ପୂର୍ବରୁ ଏବେ ଶୁଟିଂ ବିଶ୍ୱକପ୍ ଦୁଇଟି ସ୍ଥାନରେ ଆୟୋଜନ ହେବ। ରାଇଫଲ ଓ ପିସ୍ତଲ ପ୍ରତିଯୋଗିତା ମେ ୫ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ଶଟ୍‌ଗନ ପ୍ରତିଯୋଗିତା ଜୁନ୍ ୨ରୁ ୯ ତାରିଖ ମଧ୍ୟରେ ଖେଳାଯିବ ବୋଲି ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ କହିଛି। ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ)କୁ ଜାତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ପ୍ରସ୍ତାବ ଦେବା ପରେ ଶୁଟିଂ ବିଶ୍ୱକପ୍‌କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଚାଇନା, ଇଟାଲୀ, ଦକ୍ଷିଣ କୋରିଆ, ଜାପାନ ଓ ଇରାନରୁ ଯାତ୍ରୀଙ୍କୁ ଭାରତ ଆସିବାରେ ବାରଣ କରାଯାଇଛି। ଫଳରେ ମୋଟ ଉପରେ ୨୨ଟି ଦେଶ ଏହି ଓଭେଣ୍ଟରୁ ଓହରିଯାଇଛନ୍ତି ବୋଲି ଏନ୍‌ଆରଏଆଇ ତରଫରୁ କୁହାଯାଇଛି।

ତେବେ ଆଇପିଏଲ୍ ଆୟୋଜନ ପାଇଁ କୌଣସି ସମସ୍ୟା ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି। କରୋନାଭାଇରସ୍ କାରଣରୁ ବିଶ୍ୱରେ ବିଭିନ୍ନ ଟୁର୍ନାମେଣ୍ଟ ଆୟୋଜନ ହୋଇପାରୁ ନାହିଁ। ବିଦେଶରେ ମୋର ୩ଟି ଇଭେଣ୍ଟ ବାତିଲ ହୋଇ ସାରିଛି। ଟିକେଟ ବୁକ୍ କରିସାରିଥିଲେ ମଧ୍ୟ ଭିଜା ପାଇନାହିଁ। ଯଦି ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସେ ତାହେଲେ ବିଶ୍ୱର ସବୁ ଆଥଲେଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଯଦି ୨୬ କିମ୍ବା ୨୭ଟି ଦେଶ ଓହରିଯାଆନ୍ତି ତା'ହେଲେ ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହୋଇପାରିବ ନାହିଁ ବୋଲି ଦୂତୀ କହିଛନ୍ତି।

ଆଶଙ୍କାରେ ଦୂତୀ

ଦେଶର ତାରକା କ୍ରୀଡ଼ାବିତ୍‌ମାନେ ମଧ୍ୟ ଏନେଇ ଆଶଙ୍କା ପ୍ରକାଶ କରିଛନ୍ତି। ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ରେସଲର ବଜରଙ୍ଗ ପୁନିଆ, ଦେଶର ଦ୍ରୁତତମ ମହିଳା ଧାବିକା ଦୂତୀ ଚାନ୍ଦ ଚିନ୍ତା ପ୍ରକଟ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବାରୁ ଦୂତୀ ଆଶଙ୍କାରେ ଅଛନ୍ତି। ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହେବା ପାଇଁ ଆମେ ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ବିଶ୍ୱର ସବୁଠି ଟୁର୍ନାମେଣ୍ଟ ଚାଲୁ ରହିଛି। ଏବେ ଶ୍ରୀଲଙ୍କାରେ ଇଂଲଣ୍ଡ ସିରିଜ ଖେଳୁଛି। ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତ ଆସିଛି। କାଉଣ୍ଟି ଦଳଗୁଡିକ ମଧ୍ୟ ଅବୁଧାବି, ୟୁଏଇ ଯାତ୍ରା କରିଛନ୍ତି। ତେଣୁ ଆଇପିଏଲ୍ ଆୟୋଜନ ନେଇ କୌଣସି ସମସ୍ୟା ନାହିଁ। ମେଡିକାଲ ଟିମ୍ ମଧ୍ୟ ଏଥିପାଇଁ ପ୍ରସ୍ତୁତ କରାଯିବ।

କରୋନାଭାଇରସ ପାଇଁ ବିଶ୍ୱରେ ବିଭିନ୍ନ ବଡ଼ ଇଭେଣ୍ଟ ବାତିଲ ହୋଇସାରିଛି। ସାଇ ମଧ୍ୟ ସାରା ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କରିଛି। ଜାପାନରେ ଖେଳାଯିବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଘୁଞ୍ଚାଯାଇଛି କିମ୍ବା ବାତିଲ କରାଯାଇଛି। ଏପରିକି ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାକୁ ଥିବା ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ଆୟୋଜନ ନେଇ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି। ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସ୍ପଷ୍ଟ କରିଛି।

ଦଶମ ଜନ୍ମବାର୍ଷିକ ଶୁଭେଚ୍ଛା
(ସୋମୁ)
ରୁଦ୍ର ନାରାୟଣ ପାତ୍ର
ଭଅଁରାଗଡ, ବନମାଳିପୁର, ଖୋର୍ଦ୍ଧା
ତୋର ଦଶମ ଜନ୍ମବାର୍ଷିକ ଅବସରରେ ମହାପ୍ରଭୁ ଶିବଶଙ୍କରଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ସର୍ବଦା ମଙ୍ଗଳମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ମା', ବାପା, ମାମା, ବାବା, ଖୁଡୀ, ଭଉଣୀ।
ଧ-୧୭୦୩୧

Happy Birthday
ପ୍ରିୟଦର୍ଶିନୀ ବିଶ୍ୱାଳ
ଜୀବନ ତୋହର ସରସ ସୁନ୍ଦର ରଖିଥାନ୍ତୁ ଭଗବାନ
ଆମ ସ୍ମୃତିପଟେ ତୋର ପ୍ରତିଛବି ରହିଥାଉ ସବୁ ଦିନ।
ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୮୬୬୬

ପ୍ରଥମ ଜନ୍ମଦିନର ଶୁଭେଚ୍ଛା
ଦ୍ୟୁତିଷ ବିଶି
ପ୍ରଥମ ଜନ୍ମ ଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା ଭଗବାନ କରନ୍ତୁ ତୁମ ଜୀବନ ହସଖୁସିରେ ଭରିରହୁ।
ଶୁଭେଚ୍ଛା ସହ- ବାପା, ମାଆ, କାକା, କାକି, ଜେଜେମା, ସାନଭାଇ (ସ୍ୱତ) ଏବଂ ସମସ୍ତ କର୍ମଚାରୀ ବୃନ୍ଦ।
Bishi Medical Store, Patholgical Investigation Center, Residential Clinic Kanbar, Barpali, Bargarh
ଧ-୧୭୦୪୬

ମହିଳା ଟି୨୦ ବିଶ୍ୱକପ୍: ପତ୍ନୀଙ୍କ ଲାଗି ଆଗୁଆ ସ୍ୱଦେଶ ଫେରିଲେ ଷ୍ଟାର୍କ

ମେଲବୋର୍ନ,୬।୩

ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ପୋଚେଫ୍‌ଷ୍ଟ୍ରୁମ ଦିନିକିଆରେ ଖେଳିବେ ନାହିଁ ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କ। ସେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଦେଖିବା ଲାଗି ସ୍ୱଦେଶ ଗସ୍ତ କରିବେ। ଅଷ୍ଟ୍ରେଲିଆ ଦଳରେ ତାଙ୍କ ସ୍ତ୍ରୀ ଆଲିସା ହିଲି ପ୍ରତିନିଧିତ୍ୱ କରୁଛନ୍ତି। ଷ୍ଟାର୍କ ଶୁକ୍ରବାର ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିବେ। ଏହା ଦ୍ୱାରା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଷ୍ଟାର୍କଙ୍କୁ ଫ୍ରେଶ ହେବା ଲାଗି ସମୟ ମିଳିବ ବୋଲି ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ସ୍ତ୍ରୀ ଆଲିସାଙ୍କୁ ଅଷ୍ଟ୍ରେଲିଆରେ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଦେଖିବାର ଷ୍ଟାର୍କଙ୍କୁ ଜୀବନରେ ଥରେ ସୁଯୋଗ ମିଳିଛି। ଏହି ଅବସରରେ ସ୍ତ୍ରୀଙ୍କୁ ସମର୍ଥନ କରିବା ଲାଗି ଆମେ ତାଙ୍କୁ ସ୍ୱଦେଶ ଫେରିବାକୁ ଅନୁମତି ଦେଇଛୁ। ଏ ସମ୍ପର୍କରେ ଆମେ ବହୁ ଆଗରୁ କଥା ହୋଇଥିଲୁ। ୩ ଫର୍ମାଟରେ ଖେଳୁଥିବା ଷ୍ଟାର୍କଙ୍କୁ ମଧ୍ୟ ବ୍ରେକ ଦରକାର ଥିଲା ବୋଲି କୋଚ୍ ଲାଙ୍ଗର କହିଛନ୍ତି। ଆମ ନିକଟରେ ବିକଳ୍ପ ଦ୍ରୁତ ବୋଲରଙ୍କ ଅଭାବ ନାହିଁ । ଜୋଶ ହାଜେଲଉଡ, ଝେ ରିଚାର୍ଡସନ ଓ କେନ ରିଚାର୍ଡସନ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକଆ ମ୍ୟାଚ୍ ଖେଳି ନ ଥିଲେ। ଷ୍ଟାର୍କଙ୍କ ଅନୁପସ୍ଥିତିରେ ଏମାନଙ୍କ ମଧ୍ୟରୁ ଜଣେ କେହି ଖେଳିବାକୁ ସୁଯୋଗ ପାଇବେ ବୋଲି ସେ ପ୍ରକାଶ କରିଛନ୍ତି। ଉଭୟ ମ୍ୟାଚ୍ ଖେଳିଥିବା ଷ୍ଟାର୍କ ମାତ୍ର ୩ ଉଇକେଟ ନେଇପାରିଥିଲେ। ଅନ୍ୟପକ୍ଷରେ ହେଲି ବିଶ୍ୱକପ୍‌ରେ ଫର୍ମକୁ ଫେରିଛନ୍ତି। ସେ ଭାରତ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୫୧ ଓ ବାଂଲାଦେଶ ବିପକ୍ଷରେ ୮୧ ରନ୍ କରିଥିଲେ। ଭାରତ ବିପକ୍ଷ ଫାଇନାଲରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ ବୋଲି ଆଶା କରାଯାଉଛି।

ମିଚେଲ ଷ୍ଟାର୍କ ପତ୍ନୀ ଆଲିସା ହିଲିଙ୍କ ସହ।

ଆନନ୍ଦ, ହମ୍ପି ଭାରତର ନେତୃତ୍ୱ ନେବେ

ଚେନ୍ନାଇ, ୬।୩(ପି.ଟି.)

ପାଞ୍ଚଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଏବଂ ବିଶ୍ୱର ୨ ନମ୍ବର ମହିଳା ଖେଳାଳି କୋନେରୁ ହମ୍ପି ଆଗାମୀ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ୪୪ତମ ଚେସ୍ ଅଲିମ୍ପିଆଡ୍ ଆସନ୍ତା ଅଗଷ୍ଟ ୫ରୁ ୧୮ ପର୍ଯ୍ୟନ୍ତ ମସ୍କୋରେ ଅନୁଷ୍ଠିତ ହେବ। ଅଲିମ୍ପିଆଡ୍‌ରେ ପାଖାପାଖି ୧୮୦ ଦେଶର ପ୍ରତିଯୋଗୀ ଭାଗନେବେ ବୋଲି ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ(ଏଆଇସିଏଫ) ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ୫୦ ବର୍ଷୀୟ ଆନନ୍ଦଙ୍କ ବ୍ୟତୀତ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ଓ ଭିଦିତ ଗୁଜରାଟୀ ଭାରତୀୟ ଦଳରେ ସାମିଲ ହେବା ଏକପ୍ରକାର ନିଶ୍ଚିତ। ଏହା ବ୍ୟତୀତ ବି. ଅଧିବନ, କେ. ଶଶିକିରଣ, ସେ.ପି. ସେଥୁରମଣ, ସୂର୍ଯ୍ୟଶେଖର ଗାଙ୍ଗୁଲି, ଅରବିନ୍ଦ ଚିଦାମ୍ବରମ ମଧ୍ୟ ଏହି ରେସ୍‌ରେ ରହିଛନ୍ତି। ସେହିପରି ର୍ୟାଙ୍କିଙ୍ଗ ଦୃଷ୍ଟିରୁ ମହିଳା ଦଳରେ ହମ୍ପି ଓ ଦ୍ରୋଣାଭାଲି ହାରିକା ସ୍ଥାନ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ତାନିଆ ସଚଦେବା, ଭକ୍ତି କୁଲକର୍ଣୀ ଓ ଆର. ବୈଶାଳୀଙ୍କ ମଧ୍ୟରେ ଅନ୍ୟ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ନିକଟ ଭବିଷ୍ୟତରେ ଖେଳାଳିଙ୍କ ଫର୍ମକୁ ଦେଖି ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏଆଇସିଏଫ ପକ୍ଷରୁ ପ୍ରକାଶ କରାଯାଇଛି।

ବିଶ୍ୱନାଥନ ଆନନ୍ଦ

କୋନେରୁ ହମ୍ପି

ଚେସ୍ ଅଲିମ୍ପିଆଡ

ନିୟମ ଅନୁସାରେ, ମେ ୧ ମଧ୍ୟରେ ଭାରତକୁ ବୃତ୍ତାନ୍ତ ଦଳ ତାଲିକା ପ୍ରକାଶ କରିବାକୁ ପଡ଼ିବ। ପୂର୍ବତନ ବିଶ୍ୱ ଚାମ୍ପିୟନ ରୁଷିଆର ଭ୍ଲାଡିମିର କ୍ରାମନିକଙ୍କୁ ପୁରୁଷ ଦଳର ଟ୍ରେନର ଭାବେ ନିଯୁକ୍ତ କରିବାକୁ ଏଆଇସିଏଫ ଚିନ୍ତା କରୁଛି। ଭ୍ଲାଡିମିର ଅତିକମ୍‌ରେ ୨ଟି କ୍ୟାମ୍ପରେ ଭାରତୀୟ ଖେଳାଳିଙ୍କୁ ଟ୍ରେନିଂ ଦେବେ। ସେହିପରି ମହିଳା ଦଳର କୋଚ୍ ନିଷ୍ପତ୍ତି ଖୁବ୍‌ଶୀଘ୍ର ନିଆଯିବ ବୋଲି ପ୍ରକାଶ କରାଯାଇଛି। ଭାରତ ଏବେ ବିଶ୍ୱ ଚେସ୍‌ରେ ନୂଆ ଶକ୍ତି ଭାବେ ଉଭା ହୋଇଛି। ତେଣୁ ଅଲିମ୍ପିଆଡ୍‌ରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଏଆଇସିଏଫ ସମ୍ପାଦକ ଭରତ ସିଂ ଚୌହାନ ପ୍ରକାଶ କରିଛନ୍ତି। ୨୦୧୮ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଗତ ଅଲିମ୍ପିଆଡ୍‌ରେ ଆନନ୍ଦ ଭାଗ ନେଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ସୁଇସ୍ ଇଭେଣ୍ଟରେ ଦୀର୍ଘ ସମୟ ଧରି ଭାରତୀୟ ପୁରୁଷ ଦଳ ପଦକ ଦୌଡ଼ରେ ରହିବାପରେ ଶେଷରେ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ମହିଳା ଦଳକୁ ୮ମ ସ୍ଥାନ ମିଳିଥିଲା।

ରୋମାଞ୍ଚକ ହେବ ସେକେଣ୍ଡ ଲେଗ୍ ସେମି

ବାଇଚୁଙ୍ଗ ଭୂତିଆ

ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍) ସେମିଫାଇନାଲର ପ୍ରଥମ ରାଉଣ୍ଡ ଆମେ ଯେଭଳି ଅନୁମାନ କରିଥିଲୁ ଠିକ୍ ସେହିପରି ହେଲା। କିନ୍ତୁ ସେମିଫାଇନାଲର ସେକେଣ୍ଡ ଲେଗ୍ ନିଶ୍ଚିତ ଭାବେ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ତେବେ ଏଫ୍‌ସି ଗୋଆ ଅଧିକ ଗୋଲ ଦେବାରେ ବିଫଳ ହେବା ମୋତେ ଚକିତ କରିଛି। ଗୋଆର ଡିଫେନ୍ସରେ ସାମାନ୍ୟ ଦୁର୍ବଳତା ପରିଲକ୍ଷିତ ହୋଇଥିଲା। ଚେନ୍ନାଇନ ଏଫ୍‌ସି ଏହାର ଭରପୂର ଫାଇଦା ଉଠାଇଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରି ବାଜି ମାରିଥିଲା।

ଗତ କିଛିଦିନ ହେବ ଲକ୍ଷଲକ୍ଷ ସଂଖ୍ୟାରେ ପ୍ରଶଂସକ ମୋତେ ଗୋଟିଏ କଥା ପଚାରୁଛନ୍ତି। ତାହା ହେଲା ଏଫ୍‌ସି ଗୋଆ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହେବ କି? ବାସ୍ତବିକତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଅସମ୍ଭବ ମନେହେଉଛି। ତେବେ ଫୁଟ୍‌ବଲ୍‌ରେ ଅସମ୍ଭବ ବି ସମ୍ଭବ ହୋଇଥାଏ। ଏହା ହେଉଛି ଫୁଟ୍‌ବଲର ପ୍ରକୃତ ସୁନ୍ଦରତା। ବର୍ତ୍ତମାନ ଯଦି କୌଣସି ଦଳ ପ୍ରତ୍ୟାବର୍ତ୍ତନ କରିବା କ୍ଷମତା ରଖିଥାଏ ସେ ଦଳ ହେଉଛି ଗୋଆ। କିନ୍ତୁ ପୂରା ଲିଗ୍‌ରେ ଚେନ୍ନାଇନ ଯେପରି ପ୍ରଦର୍ଶନ କରିଛି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ତେଣୁ ଚେନ୍ନାଇନ ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରିବା ଗୋଆ ପାଇଁ ବେଶ୍ କଷ୍ଟକର ହେବ। କେବଳ ଆଟାକ ବା ଆକ୍ରମଣ ଛଡ଼ା ଗୋଆ ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ। ଚେନ୍ନାଇନ ମଧ୍ୟ ଗୋଆର ଏହି ସମ୍ଭାବ୍ୟ ରଣନୀତି ନେଇ ଅବଗତ ଥିବ। ସେହି ଅନୁସାରେ ଚେନ୍ନାଇନ ପ୍ରସ୍ତୁତ ହୋଇ ପଡିଆକୁ ଓହ୍ଲାଇବ। ଗୋଆ ମଧ୍ୟ ସେକେଣ୍ଡ ଲେଗ୍ ସେମିରେ ସ୍କୋର କରିବ। ଗୋଆ ମଧ୍ୟ ନିଶ୍ଚିତ ସ୍କୋର କରିବ। କିନ୍ତୁ ଗୋଆ ସଫଳ ହେବା ନେଇ ଆଶଙ୍କା ରହିଛି।

ଅନ୍ୟପଟେ ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି କୁହାଯାଇପାରେ। ପ୍ରଥମ ଲେଗ୍‌ରେ ୧-୦ରେ ବିଜୟୀ ହୋଇ ୩ ପଏଣ୍ଟ ହାସଲ କରିବା ସହ ବେଙ୍ଗାଲୁରୁ ଏବେ କୋଲକାତା ଯାତ୍ର କରିବ। ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ କୋଚ୍‌ଙ୍କ ମଧ୍ୟ ରଣନୀତିର ଲଢେଇ ଦେଖିବାକୁ ମିଳିବ। ଘରୋଇ ପରିବେଶରେ ଏଟିକେ କୋଚ୍ ଆଣ୍ଟୋନିଓ ହାବାସଙ୍କୁ କିଭଳି ବେଙ୍ଗାଲୁରୁ କୋଚ୍ ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଲା ଓ ଏହା ନିଶ୍ଚିତ ଭାବେ ମଜାଦାର ହେବ। ହୋମ ଗ୍ରାଉଣ୍ଡରେ ଏଟିକେ ନିଶ୍ଚିତ ଭାବେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ଅବଶ୍ୟ ବେଙ୍ଗାଲୁରୁର ଆଟାକ୍ ନେଇ ଏଟିକେ ଟିମ୍ ମ୍ୟାନେଜମେଣ୍ଟ ଅବଗତ ଥିବ। ଉଡନ୍ତା ସିଂ ଓ ଆଶିକ୍ କୁରୁନିୟାନଙ୍କୁ ବେଙ୍ଗାଲୁରୁ ଫାଷ୍ଟ ଲେଗ୍‌ରେ ବେଞ୍ଚ୍‌ରେ ବସାଇବା ମୋତେ ଚକିତ କରିଥିଲା। ଏହା ଏକ ଗ୍ୟାମ୍ବଲ ଥିଲା। ଏହା ମଧ୍ୟ କାମରେ ଆସିଲା। ଘରୋଇ ପରିବେଶରେ ଏଟିକେ ପ୍ରାଥମିକ ଭାବେ ୩ ଜଣଙ୍କୁ ନେଇ ଡିଫେନ୍ସ ପ୍ରସ୍ତୁତ କରିବ। ଏଟିକେକୁ ରୋକିବା ପାଇଁ ବେଙ୍ଗାଲୁରୁ କୋଚ୍ କାର୍ଲେସ କୁଡ୍ରାଟ୍ ଏହି ଦୁଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେବେ ଓ ସେମାନଙ୍କ ଗତି ତଥା ମୁମେଣ୍ଟମର ଫାଇଦାଉ ଉଠାଇବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି।

ବେଙ୍ଗାଲୁରୁ ଗୋଲ ସ୍କୋର କରି ଏହି ନିର୍ଣ୍ଣାୟକ ଆୱେ ମ୍ୟାଚ୍‌ରେ ବାଜିମାରି ଫାଇନାଲରେ ପହଞ୍ଚିବା ଲକ୍ଷ୍ୟରେ ରହିଛି। ବେଙ୍ଗାଲୁରୁର ବ୍ୟାକ୍ ମଧ୍ୟ ବେଶ୍ ଶକ୍ତିଶାଳୀ। ମିଡ୍‌ଫିଲ୍ଡରେ ୫ ଜଣ ଡିଫେଣ୍ଡରଙ୍କ ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନ୍ୟପଟେ ଘରୋଇ ପରିବେଶରୁ ଏଟିକେ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ତେଣୁ ଏଟିକେ ଅଧିକ ଗୋଲ ସ୍କୋର କରିବା ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯଦି ବେଙ୍ଗାଲୁରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିବ ତେବେ କ୍ରମାଗତ ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିବ। (ଗେମ୍ ପ୍ଲାନ)

#WhatDrivesYou
EXIDE

ଶେଫାଲି, ସ୍ମୃତିଙ୍କୁ ଡରୁଛନ୍ତି ଅଷ୍ଟ୍ରେଲିଆ ପେସର

ମେଲବୋର୍ନ,୬।୩

ବହୁ ପ୍ରତୀକ୍ଷିତ ମହିଳା ବିଶ୍ୱକପ୍ ସେମିଫାଇନାଲ ପୂର୍ବରୁ ଅଷ୍ଟ୍ରେଲିଆ ଦଳର ମୁଖ୍ୟ ପେସର ମେଗନ ସ୍କୁଟ ଭାରତୀୟ ବ୍ୟାଟ୍ସଓମେନଙ୍କ ପ୍ରତି ଭୟ ଥି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ Bhubaneswar, Saturday, March 7/2020

ସଂକ୍ଷେପରେ

ରମା ବୈଦ୍ୟନାଥନ୍ ପାଇବେ ମାହାରୀ ସମ୍ମାନ

ଭୁବନେଶ୍ୱର,୬।୩(ବ୍ୟୁରୋ): ଆଦିଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ତରଫରୁ ବିଶିଷ୍ଟ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ରମା ବୈଦ୍ୟନାଥନ ଚଳିତବର୍ଷ ଲାଗି ସମ୍ମାନଜନକ ମାହାରୀ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୫୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଫଳକ ପ୍ରଦାନ କରାଯିବ। ଆସନ୍ତା ୧୯ ତାରିଖରେ ରବୀନ୍ଦ୍ରମଣ୍ଡପଠାରେ ରମାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଏଥିସହିତ ବିଶିଷ୍ଟ ନୃତ୍ୟଗୁରୁ ମାୟାଧର ରାଉତ ଚଳିତବର୍ଷ ଲାଗି ଆଦିଗୁରୁ ପଙ୍କଜ ଚରଣ ଦାସ ପରମ୍ପରା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ପ୍ରତିଷ୍ଠାନ ପକ୍ଷରୁ ଏନେଇ ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ଏହି ସମ୍ମାନ ବାବଦକୁ ସେ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଫଳକ ଗ୍ରହଣ କରିବେ। ମାର୍ଚ୍ଚ ୧୭ରେ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୧ତମ ଜୟନ୍ତୀ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ମାଦେଳି, ବୀଣାକାର, ଗାଉଣୀ ସମ୍ପ୍ରଦା ଓ ନାଚୁଣୀ ସମ୍ପ୍ରଦା ନିୟୋଗଙ୍କ ସାଧନା ଅବଦାନକୁ ସମ୍ମାନ ଜଣାଇ ଉକ୍ତ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବିଶିଷ୍ଟ ନୃତ୍ୟଶିଳ୍ପୀ ପ୍ରଣତୀ ମହାନ୍ତି ନାଚୁଣୀ ସମ୍ପ୍ରଦା ପାଇବାକୁ ମନୋନୀତ ହୋଇଥିବା ବେଳେ ପ୍ରଫେସର ଡ. ଜଗନ୍ନାଥ କୁଅଁରଙ୍କୁ ମାଦେଳି ସମ୍ମାନ, ଗୁରୁ ଡ. ବିଜୟ୍ କୁମାର ଜେନାଙ୍କୁ ବୀଣାକାର ସମ୍ମାନ ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୁକାନ୍ତ କୁମାର କୁଣ୍ଡୁଙ୍କୁ ଗାଉଣୀ ସମ୍ପ୍ରଦା ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ବାବଦକୁ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ରବୀନ୍ଦ୍ରମଣ୍ଡପରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ଓଡ଼ିଶୀ, କଥକ, କୁଚୁପୁଡ଼ି ଓ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ୧୭ରେ ଆଦିଗୁରୁଙ୍କ ଜୟନ୍ତୀ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ପାଳନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ତଥା ନିର୍ଦ୍ଦେଶକ ଶରତ ଦାସ ସୂଚନା ଦେଇଛନ୍ତି।

ବାପାଙ୍କୁ ନୂଆ ଜୀବନ ଦେଲା ପୁଅ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ସମ୍ପରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ

ସମ୍ ହସ୍ପିଟାଲରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ୫୫ବର୍ଷ ବୟସ୍କ ଜୟନ୍ତ ବିଶ୍ୱାଳଙ୍କ ଶରୀରରେ ତାଙ୍କ ପୁଅ ସୌମ୍ୟ ରଞ୍ଜନ ଦାନ କରିଥିବା ଲିଭରର କିଛି ଅଂଶକୁ ଡାକ୍ତରମାନେ ସଫଳତାର ସହ ପ୍ରତିରୋପଣ କରିଛନ୍ତି। ଦୀର୍ଘ ୯ଘଣ୍ଟାର ଅପରେଶନ ପରେ ଉଭୟ ପିତା ପୁତ୍ର ଆଇସିୟୁରେ ଥିଲେ ମଧ୍ୟ ନିରାପଦ ରହିଥିବା ସମ୍ ହସ୍ପିଟାଲ୍‌ର ଗ୍ୟାଷ୍ଟ୍ରୋଏଣ୍ଟୋରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ କହିଛନ୍ତି। ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସାହୁ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଏହି ପ୍ରଥମ ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ ହସ୍ପିଟାଲ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିବାବେଳେ ଏଥିପାଇଁ ପ୍ରାୟ ଦେଢ଼ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏଥିଲାଗି ସମ୍ ହସ୍ପିଟାଲ ଓ ହାଇଦ୍ରାବାଦସ୍ଥିତ ଯଶୋଦା ହସ୍ପିଟାଲ ମଧ୍ୟରେ ଏକ ରାଜିନାମା ହୋଇଥିବା ସମ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି। ଗୁରୁବାର ଅପରାହ୍ନ ୩ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଜଟିଳ ଅପରେଶନରେ ଯଶୋଦା ହସ୍ପିଟାଲର ୧୩ଜଣିଆ ଟିମ୍‌ଙ୍କ ସମେତ ସମ୍ ହସ୍ପିଟାଲର ୪୦ଜଣିଆ ଟିମ୍ ସାମିଲ ଥିଲେ। ଯଶୋଦା ହସ୍ପିଟାଲ୍‌ର ମୁଖ୍ୟ ଲିଭର ପ୍ରତିରୋପଣ ସର୍ଜନ୍ ପ୍ରଫେସର ଡା. ପି. ବାଲାଚନ୍ଦ୍ରନ୍ ମେନନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିରୋପଣ କରାଯାଇଥିଲା। ତାଙ୍କୁ ଯଶୋଦା ହସ୍ପିଟାଲ୍‌ର ନିଶ୍ଚେତକ ଏବଂ ଇଣ୍ଟେନ୍‌ସିଭ୍ କେୟାରର ନିର୍ଦ୍ଦେଶକ ଡା. ଜି. ଭି. ପ୍ରେମ୍ କୁମାର, ସମ୍ ହସ୍ପିଟାଲ୍‌ର ଗ୍ୟାଷ୍ଟ୍ରୋଏଣ୍ଟୋରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ ଏବଂ ଗ୍ୟାଷ୍ଟ୍ରୋସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ପ୍ରେମାନନ୍ଦ ପଟ୍ଟନାୟକ ସହଯୋଗ କରିଥିଲେ।

ସୂଚନା ଅନୁଯାୟୀ, ଜୟନ୍ତ ୨୦୧୬ରେ ହଠାତ୍ ଯକୃତଜନିତ ରୋଗରେ ପୀଡ଼ିତ ହୋଇଥିଲେ। ସେ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପଡ଼ିଥିବା ବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ଲିଭର ପ୍ରତିରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ସ୍ତ୍ରୀ ଅନୀତା ବିଶ୍ୱାଳ ତାଙ୍କ ଲିଭରର କିଛି ଅଂଶ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ତାଙ୍କ ବ୍ଲଡ୍ ଗ୍ରୁପ୍ 'ବି' ପଜିଟିଭ୍ ଥିବାରୁ ତାହା ଜୟନ୍ତଙ୍କ 'ଏ' ପଜିଟିଭ୍ ବ୍ଲଡ୍ ଗ୍ରୁପ୍ ସହିତ ମିଶି ନ ଥିଲା। ତେବେ ତାଙ୍କର ୧୯ ବର୍ଷୀୟ ଏକମାତ୍ର ପୁଅ ସୌମ୍ୟ ରଞ୍ଜନଙ୍କର ବ୍ଲଡ୍ ଗ୍ରୁପ୍ 'ଓ' ପଜିଟିଭ୍ ହୋଇଥିବାବେଳ ଏହା ଜୟନ୍ତଙ୍କ ବ୍ଲଡ୍ ଗ୍ରୁପ୍ ସହ ମିଶିଲା। ତେଣୁ ପିତାଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ଲିଭରର କିଛି ଅଂଶ ପ୍ରଦାନ କରିବାକୁ ସୌମ୍ୟ ରଞ୍ଜନ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତି ପରେ ସମ୍ ହସ୍ପିଟାଲ୍‌ରେ ଏହି ପ୍ରତିରୋପଣ କରାଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ବାହାରେ ଲିଭର ପ୍ରତିରୋପଣ ପାଇଁ ୨୦ରୁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସମ୍‌ରେ ୧୦ ଲକ୍ଷ ଟଙ୍କାରେ ଏହି ପ୍ରକ୍ରିୟା କରାଯିବ। ତେବେ ଜୟନ୍ତଙ୍କ ଲିଭର ପ୍ରତିରୋପଣ ପ୍ରଥମ ହୋଇଥିବାରୁ ସମ୍ ହସ୍ପିଟାଲ୍ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିବା ଡା. ସାହୁ କହିଛନ୍ତି। ଆସନ୍ତା ୪ରୁ ୫ଦିନ ମଧ୍ୟରେ ପିତା ପୁତ୍ର ଆଇସିୟୁରୁ ପଦାକୁ ଆସିବେ ଏବଂ ଖୁବ୍‌ଶୀଘ୍ର ଆରୋଗ୍ୟ ହୋଇ ଘରକୁ ଫେରିବେ। ଡା. ସାହୁ କହିଛନ୍ତି ଯେ, ଲିଭର ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦାନ କରୁଥିବା ବ୍ୟକ୍ତିଙ୍କର କୌଣସି ସମସ୍ୟା ହୁଏ ନାହିଁ। କାରଣ ଚର୍ମ ଭଳି କିଛିଦିନ ମଧ୍ୟରେ ଲିଭର ମଧ୍ୟ ପୂର୍ବାବସ୍ଥାକୁ ଫେରିଆସେ। ସେହିଭଳି ଯାହାଙ୍କ ଠାରେ ଲିଭର ପ୍ରତିରୋପଣ ହୁଏ ସେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନ ଯାପନ କରିଥାନ୍ତି। ରାଜ୍ୟରେ ଲିଭର ଜନିତ ରୋଗ ଗୁରୁତର ସ୍ଥିତିରେ ରହିଛି। ଉପକୂଳ ଓଡ଼ିଶାରେ ୮ ପ୍ରତିଶତ ଲୋକ ଲିଭର ରୋଗରେ ପୀଡିତ ଥିବାବେଳେ ଆଦିବାସୀ ଅଞ୍ଚଳରେ ଏହା ପ୍ରାୟ ୧୩ ପ୍ରତିଶତ ରହିଛି।

ଏହି ଖବରଦାତା ସମ୍ମିଳନୀରେ ଡା. ପ୍ରେମାନନ୍ଦ ପଟ୍ଟନାୟକ, ଯଶୋଦା ହସ୍ପିଟାଲ୍‌ର ସିନିୟର୍ ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ସାହୁ, ସୋଆର ଜଏଣ୍ଟ ରେଜିଷ୍ଟ୍ରାର୍ ଶଶାଙ୍କ ଶେଖର ମିଶ୍ର, ଯଶୋଦା ହସ୍ପିଟାଲ୍‌ର ସର୍ଜନ୍ ଡା. କ୍ରିଷ୍ଣା ଚୈତନ୍ୟ ଏବଂ ଆନେସ୍ଥେସିଷ୍ଟ ଡା. ଶକ୍ତି ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୩ ଜାନୁୟାରୀ ୨୭ରେ ବୋନ୍ ମ୍ୟାରୋ ପ୍ରତିରୋପଣ ସମ୍ ହସ୍ପିଟାଲରେ ରାଜ୍ୟରେ ପ୍ରଥମ ଥର ହୋଇଥିଲା।

ଦନ୍ତା ହାତୀ ଦେଖି ଲୋକେ ଭୟଭୀତ

ବାଙ୍କୀ,୬।୩(ସ୍ୱ.ପ୍ର.)

କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ଚକୁଳେଶ୍ୱର କାଉଚି ଆଶ୍ରମ ନିକଟ ମହାନଦୀ ପଠାରେ ଶୁକ୍ରବାର ଏକ ଜଙ୍ଗଲି ହାତୀ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଛନ୍ତି। ରାସ୍ତାରେ ଶହଶହ ଲୋକ ଉପସ୍ଥିତ ରହି ହାତୀର ଗତିବିଧିକୁ ଲକ୍ଷ୍ୟ କରିଥିଲେ। ଚନ୍ଦକା ଅଭୟାରଣ୍ୟରୁ ଏହି ହାତୀ ପାଣି ପିଇବାକୁ ଆସି ମହାନଦୀ ପଠାର ତଣ୍ଟି ବୁଦାରେ ଲୁଚି ରହିଯାଇଥିବା ଜଙ୍ଗଲ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ଡମପଡ଼ା ଓ ଖୋର୍ଦ୍ଧା ବନ ବିଭାଗ କର୍ମଚାରୀ ହାତୀକୁ ଜଙ୍ଗଲକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ସେଥିପାଇଁ ସେମାନେ ବାଣ, ବାଜା ଓ ନିଆଁ ହୁଳା ଦେଖାଇବାକୁ ମହଜୁଦ ରଖିଛନ୍ତି। ଏହା ଦନ୍ତାହାତୀ ହୋଇଥିବାରୁ ଜଙ୍ଗଲରୁ ଖାଦ୍ୟାପାନୀୟ ପାଇଁ ବାହାରି ଆସିଛି ବୋଲି ସେମାନେ ଅନୁମାନ କରୁଛନ୍ତି। ବାଙ୍କୀ ବନବିଭାଗର ଶିଶୁଆ ଫରେଷ୍ଟ ଅଧିକାରୀ ପ୍ରିୟଦର୍ଶିନୀ ସେଠୀ, ଡମପଡା ରେଞ୍ଜ ଅଫିସର ସଂଗ୍ରାମ କେଶରୀ ମହାନ୍ତି, ଡମପଡ଼ା ଫରେଷ୍ଟର ରାକେଶ ସ୍ୱାଇଁ ଓ କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧିକୁ ଲକ୍ଷ୍ୟ କରୁଛନ୍ତି। ହାତୀ ଯୋଗୁ ଜନସାଧାରଣଙ୍କ ଅସୁବିଧା ହେବନାହିଁ ବୋଲି ଜଙ୍ଗଲ ବିଭାଗ ଅଧିକାରୀମାନେ ପ୍ରକାଶ କରିଛନ୍ତି।

୧୧ ଦୋକାନରେ ସିରିଜ୍ ଚୋରି, ଲକ୍ଷାଧିକ ଟଙ୍କା ଲୁଟ୍

ପୁରୀ ଅଫିସ,୬।୩

- ଗୋଟିଏ ରାତିରେ ୨ ବଡ଼ ଘଟଣା
- କିରୋସିନ୍ ଢାଳି ଜେସିବି ପୋଡ଼ି ଉଦ୍ୟମ

ପୁରୀ ଜିଲାରେ ଗତ କିଛିଦିନର ନୀରବତା ପରେ ପୁଣି ସକ୍ରିୟ ହୋଇପଡ଼ିଛନ୍ତି ଦୁର୍ବୃତ୍ତ। ଗତ ଗୁରୁବାର ରାତିରେ ଦୁଇଟି ବଡ଼ ଘଟଣା ଘଟିଯାଇଛି। ବିଳମ୍ବିତ ରାତିରେ ଚନ୍ଦନପୁର ଥାନା ଅଧୀନ ମେଡିକାଲ ଛକରେ ୧୧ଟି ଦୋକାନରୁ ସିରିଜ୍ ଲୁଟ୍ ହୋଇଥିବାବେଳେ ଅନ୍ୟପଟେ ଦାଦାବଟିକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ଗବକୁଣ୍ଡ ନିକଟରେ ନିର୍ମାଣଧୀନ ଓଭରବ୍ରିଜରେ ବ୍ୟବହୃତ ଜଣେ ଠିକାଦାରଙ୍କ ଏକ କ୍ରେନ ଏବଂ ଜେସିବିକୁ କିରୋସିନ ଢାଳି ପୋଡ଼ି ଦେଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ଦୁର୍ବୃତ୍ତମାନେ ମେଡିକାଲ ଛକ ନିକଟରେ ଥିବା ଦୁଇଟି ଫଳଦୋକାନ, ଷ୍ଟେଶନାରୀ, ହାର୍ଡୱେର, ଅଟୋ ସ୍ପିଅର ପାର୍ଟସ୍, ଗ୍ୟାରେଜ, ଚପଲ ଦୋକାନ ଏଭଳି ପ୍ରାୟ ୧୧ଟି ଦୋକାନରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ଆସବାବପତ୍ର ଲୁଟି ନେଇଛନ୍ତି। ସକାଳେ ଦୋକାନୀମାନେ ଦୋକାନ ଖୋଲିବାକୁ ଆସିବାବେଳେ ଭଙ୍ଗାଯାଇଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚନ୍ଦନପୁର ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବରୁ ବହୁବାର ମେଡିକାଲ ଛକ ନିକଟରେ ଏଭଳି ଲୁଟ ଘଟଣା ଘଟିଛି। ପୋଲିସର ନିଷ୍କ୍ରିୟତାରୁ ଏଠାରେ ଲୁଟେରାଙ୍କ ରାଜୁତି ଚାଲିଛି ବୋଲି ସ୍ଥାନୀୟ ବାସିନ୍ଦା ଗଣମାଧ୍ୟମ ଆଗରେ କହିଛନ୍ତି।

ସେହିଭଳି ଚନ୍ଦନପୁର ନିକଟ ଗବକୁଣ୍ଡଠାରେ ଏକ ଓଭରବ୍ରିଜ ନିର୍ମାଣ ଲାଗି ୨୦୧୯ରେ ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀ ଶୁଭ ଦେଇଥିଲେ। ଏକ ଠିକା ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପୂର୍ବରୁ ଦାଦାବଟିକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଗୁଳିମାଡ଼ କରିଥିଲେ। ଏ ନେଇ ସମ୍ପୃକ୍ତ ଠିକା ସଂସ୍ଥା ଏବଂ ଦୁର୍ବୃତ୍ତଙ୍କ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଏହି ଶତ୍ରୁତାରୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଆସି ନିର୍ମାଣସ୍ଥଳରେ ଥିବା ଜେସିବି ମେଶିନ୍ ଏବଂ କ୍ରେନରେ କିରୋସିନ୍ ଲଗାଇ ଜାଳିଦେବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ କର୍ମଚାରୀ ପାଟି କରିବାରୁ ସେମାନେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଶୁକ୍ରବାର ଏସପି ଉମାଶଙ୍କର ଦାଶ, ସଦର ଡିଏସପି କେ.ସି.ମୁଣ୍ଡ, ଚନ୍ଦନପୁର ଥାନାଧିକାରୀ ବାମଦେବ ନନ୍ଦ ପ୍ରମୁଖ ଘଟଣା ସ୍ଥଳ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସପି ଦାଶ କହିଛନ୍ତି।

ବହୁ ମେଶିନ ଅଚଳ: ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

କଟକ ଅଫିସ,୬।୩

ଏସ୍‌ସିବି ମେଡିକାଲ
୫-ଟି ସଚିବ, ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି

ଏସ୍‌ସିବି ମେଡିକାଲରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଥିବା ଅନେକ ମେଶିନ ଅଚଳ ହୋଇପଡ଼ିଛି। ଦିନବେଳା ପରୀକ୍ଷାଗାରଗୁଡିକରେ ତାଲା ପଡିରହୁଛି। କିଛି ପରୀକ୍ଷାଗାର ଖୋଲାଥିଲେ ସୁଦ୍ଧା ଘଣ୍ଟାଘଣ୍ଟା ଧରି ଏଠାରେ କୌଣସି କର୍ମଚାରୀ ରହୁନାହାନ୍ତି। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲରେ ଅସହାୟ ରୋଗୀଙ୍କ ସେବା କରୁଥିବା ସାମାଜିକ ଅନୁଷ୍ଠାନ 'ସେବା ମନ୍ଦିର' ପକ୍ଷରୁ ଏ ନେଇ ୫-ଟି ସଚିବ, ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ବରିଷ୍ଠ ଡାକ୍ତରମାନେ ଆଉଟ୍‌ଡୋରରେ ଠିକ୍ ସମୟରେ ଆସୁନାହାନ୍ତି। ପରେ ପହଞ୍ଚିଲେ ମଧ୍ୟ ଅଧିକ ସମୟ ଆଉଟ୍‌ଡୋରରେ ରହୁନାହାନ୍ତି। ଅନ୍ତର୍ବିଭାଗ ଶଯ୍ୟା ନିକଟରେ କେବେ ବି ଇସିଜି ହେଉନାହିଁ। ସମ୍ପୂର୍ଣ୍ଣ ମେଡିକାଲରେ ମୋଟ୍ ୪ଟି ଇସିଜି ମେଶିନ ଓ ୪ ଜଣ ଟେକ୍ନିସିଆନ ଅଛନ୍ତି। ଫଳରେ ଦିନତମାମ ଏଠାରେ ଲମ୍ବା ଧାଡି ଦେଖିବାକୁ ମିଳୁଛି। ଡପ୍‌ଲର ପରୀକ୍ଷା ପାଇଁ ରୋଗୀଙ୍କୁ ଏଠାରେ ୪ ମାସ ଅପେକ୍ଷା କରିବାକୁ ପଡୁଛି। ହେପାଟାଇଟିସ୍ ରୋଗୀଙ୍କ ଏଲିସା ଟେଷ୍ଟ ଏଠାରେ ଆରମ୍ଭ ହୋଇନାହିଁ। ସାଧାରଣ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ୧୫ ଦିନ ଅପେକ୍ଷା କରିବାକୁ ପଡୁଛି। ମାନସିକ ରୋଗୀମାନଙ୍କ ଉତ୍କୃଷ୍ଟ ଚିକିତ୍ସା ପାଇଁ ଯେଉଁ ଇସିଟି ଦେବା କଥା ତାହା ଖୋଲାଯାଇ ପାରୁନାହିଁ। ନିଶ୍ଚେତକ ବିଶେଷଜ୍ଞଙ୍କ ଅଭାବରୁ ଇସିଟି ସେବା ଆରମ୍ଭ ହେଉନାହିଁ। ଅନୁଷ୍ଠାନର ସଦସ୍ୟ ଅଚ୍ୟୁତ କୁମାର ସାହୁଙ୍କ କହିବାନୁଯାୟୀ, ପ୍ରତ୍ୟହ ମେଡିକାଲରେ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ଏ ଦିଗରେ ଧ୍ୟାନ ଦିଆ ନ ଗଲେ ଏହାର ମର୍ଯ୍ୟାଦା କ୍ଷୁଣ୍ଣ ହେବ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧୀକାରୀ ଡା. ଭୁବନାନନ୍ଦ ମହାରଣାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ

ପୁରୀ ଅଫିସ,୬।୩: ପୁରୀ ସଦର ବ୍ଲକ୍ ହନ୍ତୁକ ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଶୁକ୍ରବାର ଚଢାଉ କରିଛି। ବିଭିନ୍ନ ଯୋଜନାରେ ଆସିଥିବା ପ୍ରାୟ ୧୩ ଲକ୍ଷ ୭୪ହଜାର ଟଙ୍କା ଆତ୍ମସାତ ନେଇ ପୁରୀ ଭିଜିଲାନ୍ସ କାର୍ଯ୍ୟାଳୟରେ କେତେକ ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ଏହି ଚଢ଼ଉ କରାଯାଇଥିବା ଭିଜିଲାନ୍ସ ଡିଏସପି ହରନାରାୟଣ ପତି କହିଛନ୍ତି। ଡିଏସ୍‌ପି ପତିଙ୍କ ନେତୃତ୍ୱରେ ଏକ ଟିମ୍ ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ସରକାରୀ ରେକର୍ଡ ଯାଞ୍ଚ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ସାଥିରେ ନେଇଯାଇଛନ୍ତି।

Divisa
www.divisasstore.com
ଶୁଦ୍ଧ ଆୟୁର୍ବେଦିକ
ଜଡ଼ି-ବୁଟିରେ ପ୍ରସ୍ତୁତ
ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ରେ ଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାରେ ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ଭାବେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢ଼ନ୍ତା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ଆକୁଞ୍ଚନ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ଅଟେ ।
Preity Zinta
New
D

ସକାୟ ମନବାକ୍ୟରେ ଅନ୍ୟର ମଙ୍ଗଳ କରିବା ହେଉଛି ସାଧୁର ସ୍ୱଭାବ। -ସନ୍ତ ତୁଳସୀ ଦାସ

ସଂକ୍ଷେପରେ

ପାଗଳା କୁକୁର କାମୁଡ଼ାରେ ୧୦ରୁ ଉର୍ଦ୍ଧ୍ୱ ଆହତ

ବାଲୁଗାଁ,୬।୩(ଡ଼ି.ଏନ.ଏ.): ବାଲୁଗାଁ ବଜାର ଗାନ୍ଧୀ ଛକ ନିକଟରେ ଗୁରୁବାର ରାତିରେ ଏକ ପାଗଳା କୁକୁର ଆକ୍ରମଣରେ ୧୦ ମହିଳାପୁରୁଷ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ବାଲୁଗାଁ ଡ଼ାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ କୁକୁର କାମୁଡ଼ା ଇଞ୍ଜେକ୍ସନ ନ ମିଳିବାରୁ ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

ବାଲୁଗାଁ ବଜାର ଅଞ୍ଚଳରେ କିଛିମାସ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଦୈନନ୍ଦିନ କେହି ନା କେହି କୁକୁର କାମୁଡ଼ାରେ ଶିକାର ହୋଇ ଚିକିତ୍ସା ପାଇଁ ବାଲୁଗାଁ ହସ୍ପିଟାଲ ଯାଉଛନ୍ତି । ହେଲେ ସେଠାରେ ପ୍ରତିଷେଧକ ବ୍ୟବସ୍ଥା ନ ଥିବାରୁ ରୋଗୀ ହନ୍ତସନ୍ତ ହେବା ସହ ଦୂରଦୂରାନ୍ତକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଦୀର୍ଘ ୬ମାସ ହେଲା ବାଲୁଗାଁ ହସ୍ପିଟାଲରେ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିସ୍ଥଳେ ଗୁରୁବାର ରାତ୍ରି ପ୍ରାୟ ୧୦ଘଟିକା ସମୟରେ ବଜାର ଅଞ୍ଚଳ ଜନଗହଳି ରହିଥିଲା । ଏହି ସମୟରେ ହଠାତ୍ ଏକ ପାଗଳା କୁକୁର ଅତର୍କିତ ଭାବେ ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ ଆକ୍ରମଣ କରିଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ନାରାୟଣ ରଣା, ସୁବ୍ରତ ତ୍ରିପାଠୀ, ସୁକଲ୍ୟାଣ ମଙ୍ଗରାଜ, ବାସନ୍ତୀ ପ୍ରଧାନ, ରଜନୀ ବେହେରା, ରାଜେନ୍ଦ୍ର ନାୟକ ପ୍ରମୁଖ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଏହା ସତ୍ତ୍ୱେ ବାଲୁଗାଁ ଏନ୍‌ଏସି ପକ୍ଷରୁ କୁକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବାଲୁଗାଁ ଡାକ୍ତରଖାନାରେ କୁକୁର କାମୁଡ଼ା ଇଞ୍ଜେକ୍ସନ ବ୍ୟବସ୍ଥା ତୁରନ୍ତ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ନିମନ୍ତେ ଚେତାବନୀ ଦେଇଛନ୍ତି।

ଲୋକନାଥ ଦେବଙ୍କ ପୀଠରେ ମହାଯଜ୍ଞ

ନିରାକାରପୁର,୬।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଅଞ୍ଚଳର ଇଷ୍ଟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ପୀଠରେ ୩୨ ତମ ଅନନ୍ତ ବିଶ୍ୱ କଲ୍ୟାଣ ମହାଯଜ୍ଞ ଜଙ୍କିଆ ଓ ବାଲିଗାଡିଆ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଗ୍ରାମର ମାନସିକ ଧାରା ମହିଳାପୁରୁଷ ନିକଟସ୍ଥ ମନ୍ଦାକିନୀ ନଦୀରୁ କଳସରେ ଜଳଧରି ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ୪ଦିନ ଧରି ପ୍ରତ୍ୟହ ଅନନ୍ତ ନାରାୟଣଙ୍କ ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି ସମ୍ପନ୍ନ ହେବ ବୋଲି ଗ୍ରାମର କୃଷ୍ଣଚନ୍ଦ୍ର ନରେନ୍ଦ୍ର ସୂଚନା ଦେଇଛନ୍ତି।

ଦିନେ ବି ଲୋକଙ୍କ ହିତରେ ଲାଗିଲାନି

ଖୋର୍ଦ୍ଧା ଅଫିସ, ୬।୩

ଗ୍ରାମାଞ୍ଚଳରେ ଗରିବ ଆଉ ରହିବେ ନାହିଁ। ସେମାନଙ୍କୁ ରୋଜଗାର ମାଧ୍ୟମରେ ଥଇଥାନ କରିବାକୁ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରି ଆସୁଛନ୍ତି। ବାସ୍ତବରେ ଏହି ଯୋଜନାଗୁଡିକ ଲୋକଙ୍କ ହିତରେ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ତଦାରଖ କରାଯାଉନାହିଁ। ପ୍ରଶାସନିକ ଅଧିକାରୀଙ୍କ ଯୋଗୁ ହେଉ ଅବା ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିଙ୍କ ଅପାରଗତା ପାଇଁ ସରକାରଙ୍କ ଯୋଜନା ଅନେକ କ୍ଷେତ୍ରରେ ଫେଲ୍ ମାରୁଛି। ବିଶେଷକରି ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନଙ୍କ ପାଇଁ ୨୦୦୪-୦୫ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲାର ଗ୍ରାମାଞ୍ଚଳରେ ବିଜୁ ଗ୍ରାମୀଣ ବଜାର ଯୋଜନା ଆରମ୍ଭ କରାଯାଇଥିଲା। ଶିକ୍ଷିତ ଓ ବେକାରମାନେ ଏହି ଯୋଜନା ମାଧ୍ୟମରେ ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିପାରିବେ। ହେଲେ ଏହି ଯୋଜନା ଖୋର୍ଦ୍ଧା ଜିଲାର ବେଗୁନିଆ, ବୋଲଗଡ, ଟାଙ୍ଗୀ ଆଦି ବ୍ଲକରେ ସ୍ଥାଣୁ ପାଲଟିଛି। ବଜାର ନିର୍ମାଣରେ ଅର୍ଥ ବିନିଯୋଗ ସତ୍ତ୍ୱେ ଏହା ଲୋକଙ୍କ ହିତରେ ଦିନକ ପାଇଁ ନ ଲାଗି ଏବେ ଗୋରୁଗୁହାଳ ପାଲଟିଛି। ଆଉ କେତେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଯାଇଥିବା ଦେଖିବାକୁ ମିଳିଛି।

ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡ ବେଗୁନିଆ ସଦର ମହକୁମାରେ ଥିବା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଥିବା ବିଜୁ ଗ୍ରାମୀଣ ବଜାର ଗୃହର ମୂଳଦୁଆ ଭାଙ୍ଗିରୁଜି ଯାଇଛି। ବାରଣ୍ଡାରେ ଉଇହୁଙ୍କା ଦେଖିବାକୁ ମିଳିଲାଣି। ସେହିପରି ବ୍ଲକ ଅଧୀନ କଣ୍ଟାବାଡ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଏହି ଗ୍ରାମୀଣ ବଜାର କାର୍ଯ୍ୟରେ ନ ଲାଗି ଲୋକେ ନିର୍ମାଣାଧୀନ ଗୃହରେ ଗୋରୁ ବାନ୍ଧୁଥିବା ଦେଖିବାକୁ ମିଳୁଛି। ସେହିପରି ଅନୁରୂପ ଭାବେ ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଶାମୁକାପାଟଣା ଆଦିବାସୀ ସାହିରେ ନିର୍ମାଣ ହୋଇଥିବା ବିଜୁ ଗ୍ରମୀଣ ବଜାର ଗୋଟିଏ ଦିନ ପାଇଁ ଲୋକଙ୍କ ହିତରେ ନ ଲାଗି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି। ଏଭଳି ଜିଲାର ବିଭିନ୍ନ ଗାଁରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ପ୍ରକଳ୍ପ ରକ୍ଷଣାବେକ୍ଷଣା ଅଭାବରୁ ତାହା ନଷ୍ଟ ହୋଇଗଲାଣି।

ଅବ୍ୟବହୃତ ହୋଇ ପଡିରହିଥିବା ବିଜୁ ଗ୍ରାମୀଣ ବଜାର ।

ବିଜୁ ଗ୍ରାମୀଣ ବଜାର

୧୪ ବର୍ଷ ହେଲା ପଡିଛି ଗୃହ

୨୦୦୪-୦୫ ଆର୍ଥିକ ବର୍ଷ ପରଠାରୁ ଜିଲାର ପ୍ରାୟ ୩୭ଟି ପ୍ରକଳ୍ପ ପାଇଁ ପ୍ରାୟ ୧କୋଟି ୧୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବିଜୁ ଗ୍ରାମୀଣ ବଜାର ଗୃହ ନିର୍ମାଣ ହୋଇଥିଲା। ସେହି ସମୟରେ ଉକ୍ତ ଗୃହଗୁଡିକର ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ପଞ୍ଚାୟତ ପକ୍ଷରୁ ଲଟେରି ମାଧ୍ୟମରେ ଏହି ଗୃହରେ ବ୍ୟବସାୟ କରିବାକୁ ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନଙ୍କୁ ପ୍ରାଧାନ୍ୟ ଦିଆଯିବା କଥା। ମାତ୍ର କେତେକ ସ୍ଥାନରେ ଏହାର ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା। ଫଳରେ ପ୍ରକୃତ ଗରିବ ଲୋକଙ୍କୁ ଏହି ଗୃହ ବଣ୍ଟନ କରା ନ ଯାଇ କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କୁ ଦିଆଯାଇଥିଲା। ସୂଚନାଥାଉ କି ୪ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବେଗୁନିଆ ବ୍ଲକ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜାଗ୍ରୀବାଡ ମୌଜାରେ ୧୦ ବଖରା ଗୃହ ନିର୍ମାଣ ହୋଇଥିଲା। ସେହିପରି କଣ୍ଟାବାଡରେ ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟରେ ୫ ବଖରା ଓ ଶାମୁକାପାଟଣା ଆଦିବାସୀ ସାହିରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଗୃହଗୁଡିକର ଖୁଣ୍ଟ ଭାଙ୍ଗିଯିବା ସହ ତାଳା ଓ କାନ୍ଥ ଭାଙ୍ଗି ଓହଳି ରହିଛି। ଦୈନିକ ଲୋକେ ସେଠାରେ ଚଳପ୍ରଚଳ କରୁଛନ୍ତି। କେତେବେଳେ ଯେ ଦୁର୍ଘଟଣା ଘଟିବ କହିହେବ ନାହିଁ। ତେବେ ସରକାରଙ୍କ ପକ୍ଷରୁ ଏଭଳି ମହତ ଯୋଜନାକୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇ ଗରିବ ଲୋକଙ୍କ ହିତରେ ନ ଆସିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏତେ ଟଙ୍କା ଖର୍ଚ୍ଚ କରାଯାଇ ଏହି ପ୍ରକଳ୍ପ କେଉଁ ସ୍ୱାର୍ଥନେଇ ୧୪ ବର୍ଷ ହେଲା କାର୍ଯ୍ୟକାରୀ ନ ହୋଇ ପଡିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କଳିଙ୍ଗନଗର ଅଞ୍ଚଳରେ ଚୋରି ବୃଦ୍ଧି

ଯାଁଳା,୬।୩(ଡି.ଏନ.ଏ.): ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ମାସ ୪ ତାରିଖ ପୂର୍ବାହ୍ନରେ କଳିଙ୍ଗନଗର ଅଞ୍ଚଳରେ ରହୁଥିବା ଇଞ୍ଜିନିୟରିଂ ଛାତ୍ର ସ୍ମୃତିରଞ୍ଜନ ସେନାପତିଙ୍କ ଭଡ଼ା ଘରୁ ଦୁର୍ବୃତ୍ତମାନେ ମୋବାଇଲ, ମନିପର୍ସ, ୫ ହଜାର ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଚୋରି କରି ନେଇଥିଲେ। ଏହାର କିଛିଦିନ ପୂର୍ବରୁ ଏହି ଅଞ୍ଚଳର ପ୍ଲଟ ନଂ. ୬୭୫ରେ ରହୁଥିବା ଦୀପକ କୁମାର ସାମନ୍ତରାୟଙ୍କ ଘରୁ ଚୋରି ହୋଇଥିଲା। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଏଲ୍‌ଏଡି ଟିଭି, ଲାପ୍‌ଟପ୍, ୧୦ ଖଣ୍ଡ ଦାମିକା ଶାଢିଆଦି ଅନେକ ସାମଗ୍ରୀ ଚୋରି କରି ନେଇଥିଲେ। ପ୍ଲଟ ନଂ. ୬୫୮ରେ ରହୁଥିବା ଅଟୋ ଡ୍ରାଇଭର ରାଜା ମୁଖୀଙ୍କ ଘରୁ ସୁନାଚେନ୍, ଲକେଟ୍, କାନଫୁଲ ଓ ପାଉଁଜି ଆଦି ଚୋରି ହୋଇଥିଲା। ସମସ୍ତ ଚୋରି ଘଟଣା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି।

ରକ୍ତ ଦିଅ, ଅନ୍ୟର ଜୀବନ ବଞ୍ଚାଅ

ଖୋର୍ଦ୍ଧା ଅଫିସ, ୬।୩ :

ରକ୍ତ ଦିଅ ଅନ୍ୟର ଜୀବନ ବଞ୍ଚାଅ। ରକ୍ତ ଯୋଗୁ ଜୀବନ ଚାଲି ଯାଉଥିବା ବ୍ୟକ୍ତିଙ୍କୁ ସହାୟ ହୁଅ ତେବେ ଭଗବାନ ଆପଣଙ୍କୁ ନିଶ୍ଚୟ ଆଶୀର୍ବାଦ କରିବେ। ଏଭଳି ମହତ ବାର୍ତ୍ତା ନେଇ ସାଇକେଲରେ ୮ହଜାର କି.ମି. ଭ୍ରମଣ କରିବା ଏକ ନିଆରା ଅନୁଭୂତି ସୃଷ୍ଟି କରିଛନ୍ତି ଜୟଦେବ ରାଉତ(୪୮)। ତାଙ୍କୁ ଖୋର୍ଦ୍ଧା ସଦର ମହକୁମାରେ ଶୁକ୍ରବାର ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଭଦ୍ରକ ଜିଲା ଧାମନଗର ନିବାସୀ ହେଉଛନ୍ତି ଜୟଦେବ। ସେ ୨୦୧୯ ନଭେମ୍ବରରୁ କଲିକତା ସହରରୁ ସାଇକେଲରେ ଯାତ୍ରା ଆରମ୍ଭ କରିଥିଲେ। ଭାରତବର୍ଷର ଅନେକ ରାଜ୍ୟ ଭ୍ରମଣ କରି ଶୁକ୍ରବାର ଖୋର୍ଦ୍ଧା ସହରରେ ପହଞ୍ଚିଥିଲେ। ୧୪୨ ଦିନର ଏହି ଯାତ୍ରାରେ ସମୁଦାୟ ୮ ହଜାର କି.ମି.ର ସାଇକେଲରେ ଗାଁକୁ ଗାଁ ବୁଲିଥିଲେ। ଯାହାଙ୍କୁ ଦେଖୁଥିଲେ ରକ୍ତଦାନ କର ଅନ୍ୟର ଜୀବନ ବଞ୍ଚାଅ ସ୍ଲୋଗାନ ମାନ ଦେଉଥିଲେ। ସେ ଜୀବନରେ ବହୁକିଛି ଅନୁଭୂତି କରିଥିଲେ, କେହି ତାଙ୍କୁ ଉପହାସ କରୁଥିଲେ ତ ଆଉ ଅନେକ ସ୍ଥାନରେ ମଧ୍ୟ ସେ ସମ୍ବର୍ଦ୍ଧିତ ହେବା ସହ ନିଜକୁ ଆତ୍ମ ସନ୍ତୋଷ ଲାଭବ କରିଥିଲେ ବୋଲି ସେ କହିଥିଲେ। ଆଗକୁ ସେ ଆଉ ଓଡ଼ିଶାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳ ବୁଲି ଲୋକଙ୍କୁ ସଚେତନ କରାଇବେ ବୋଲି ଲକ୍ଷ୍ୟ ରଖିଛନ୍ତି। ତେବେ ଦୁଃସାହସିକ ସାଇକେଲ ପଦଯାତ୍ରା କରିଥିବାରୁ ତାଙ୍କୁ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୌଦାମିନୀ ଦାସ ଜୟଦେବଙ୍କୁ ଉପଢୌକନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ପ୍ରସନ୍ନ ପାଇକରାୟ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଖୋର୍ଦ୍ଧା ଜିଲା ଯୁବ ରେଡକ୍ରସ ଆବାହକ ଡ. ସୁବୋଧ କୁମାର ଜଗଦ୍ଦେବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମନୋରଞ୍ଜନ ସେନାପତି, ଡ. ଶରତ କୁମାର ଡୋରା, ପ୍ରଶାସନିକ ଅଧିକାରୀ ଓ ମହାବିଦ୍ୟାଳୟର ପ୍ରାଧ୍ୟାପିକାପ୍ରାଧ୍ୟାପକ ଉପସ୍ଥିତ ରହି ଜୟଦେବଙ୍କର ସଫଳ ଯାତ୍ରା କାମନା କରିଥିଲେ।

ସଚେତନତାର ବାର୍ତ୍ତା ଦେଉଥିବା ଜୟଦେବଙ୍କୁ ଖୋର୍ଦ୍ଧାରେ ସମ୍ବର୍ଦ୍ଧିତ କରାଯାଉଛି।

- ସଚେତନତାର ବାର୍ତ୍ତା ନେଇ ସାଇକେଲରେ ୮ ହଜାର କି.ମି. ଭ୍ରମଣ
- ଖୋର୍ଦ୍ଧାରେ ସ୍ୱାଗତ ଓ ସମ୍ବର୍ଦ୍ଧନା

କ୍ରୀଡ଼ାବିତ୍ ରାଧାଗୋବିନ୍ଦ ଦାସଙ୍କ ସ୍ମୃତିସଭା

ଖୋର୍ଦ୍ଧା ଅଫିସ, ୬।୩

ଖୋର୍ଦ୍ଧାର ବିଶିଷ୍ଟ କ୍ରୀଡାବିତ୍, ସଂସ୍କୃତି ପ୍ରାଣ ରାଧାଗୋବିନ୍ଦ ଦାସଙ୍କ ଏକାଦଶାହରେ ଏକ ସ୍ମୃତିସଭା ପ୍ରାକ୍ତନ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରାକ୍ତନ ପ୍ରିନ୍ସିପାଲ ସେକ୍ରେଟେରୀ ଡ. ଅରବିନ୍ଦ ବେହେରା, ପ୍ରାକ୍ତନ କମାଣ୍ଡାଣ୍ଟ ଅରବିନ୍ଦ ମିତ୍ର, ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି, ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ଓୟୁଏଟିର ପ୍ରାକ୍ତନ ଡିନ୍ ପ୍ରଫେସର ଦିଲୀପ ଦୋରା ଯୋଗଦେଇଥିଲେ। ଦିବଂଗତ ରାଧାଗୋବିନ୍ଦଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସୁନାମଧନ୍ୟ ସ୍ୱରଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ଦ୍ୱିତୀୟ ରାଧାଗୋବିନ୍ଦ ଶେଫାଳି ସଙ୍ଗୀତ ସମ୍ମାନ ଓ ଖଲ୍ଲିକୋଟ ଆର୍ଟ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ପ୍ରାକ୍ତନ ସଭାପତି ଡ.ଦୁର୍ଗାପ୍ରସାଦ ଦାସଙ୍କୁ ଦ୍ୱିତୀୟ 'ରାଧାଗୋବିନ୍ଦ ଶେଫାଳି ଚିତ୍ରକଳା ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ବିଧାୟକ ସାହୁଙ୍କ ଦ୍ୱାରା ସାହିତ୍ୟ ଏକାଡେମୀର ଓଡ଼ିଶା ପ୍ରତିନିଧି ବନୋଜ ତ୍ରିପାଠୀଙ୍କ ସମ୍ପାଦିତ 'ରାଧାଗୋବିନ୍ଦ : ପଦାରବିନ୍ଦ' ଓ 'ସାହିତ୍ୟିକ ପଙ୍କଜ ପାଳଙ୍କ ଦ୍ୱାରା 'ଶେଫାଳି ସୁରଭି' ପୁସ୍ତକ ଉନ୍ମୋଚିତ ହୋଇଥିଲା।

ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ବିଶ୍ୱ ମହିଳା ଦିବସ

ମହିଳା ଦିବସରେ ଉପସ୍ଥିତ ଅତିଥିମାନେ ।

ଜଟଣୀ, ୬।୩(ଡି.ଏନ.ଏ):

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ମହିଳା ଶାଖା ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ଜଟଣୀସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସ୍ମିତାଞ୍ଜଳି ନାୟକଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ଆଇଏଏସ୍ ରଶ୍ମିତା ପଣ୍ଡା, ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ଡିଆରଏମ୍ ଶଶୀକାନ୍ତ ସିଂ, ଏଡିଆର୍‌ଏମ୍ ରାଜକୁମାର, ବରିଷ୍ଠ ଯନ୍ତ୍ରୀ ଆର୍.ପି. ଯାଦବ, ବରିଷ୍ଠ ଡିପିଓ ଆର୍.କେ. ମହାନ୍ତି, ଶ୍ରମିକ ୟୁନିୟନର ଜୋନାଲ ସମ୍ପାଦକ ପି.କେ. ପାଟଶାଣୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ରେଲୱେରେ ଏବେ ମହିଳା କର୍ମଚାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେମାନେ ପୁରୁଷଙ୍କଠାରୁ କୌଣସି ଗୁଣରେ କର୍ମ ନୁହନ୍ତି ବୋଲି ପ୍ରମାଣିତ କରି ସାରିଲେଣି। ଶ୍ରମିକ ୟୁନିୟନ ମହିଳା ଶାଖାର ଜୋନାଲ ଅଧ୍ୟକ୍ଷା ଇତିଶ୍ରୀ ନିବେଦିତା ସାହୁ, ଆବାହକ ବିଥିକା ପଣ୍ଡା, ଖୋର୍ଦ୍ଧାରୋଡ ରେଳ ଡିଭିଜନର କୋ-ଅର୍ଡିନେଟର ନିରଞ୍ଜନ ମିଶ୍ର, ଫାଇନାନ୍ସ ସେକ୍ରେଟେରୀ ସୁବ୍ରତ ପଣ୍ଡା ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

କାଇପଦର କପ୍ କ୍ରିକେଟ ଟୁର୍ନାମେଣ୍ଟ : ଦେଉଳିଟାଙ୍ଗୀ ସେମିରେ

ଖୋର୍ଦ୍ଧା ଅଫିସ, ୬।୩:

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଖେଳପଡିଆଠାରେ ଚାଲିଥିବା ସତ୍ୟପୀର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ଚତୁର୍ଥ ଦିବସର ପ୍ରଥମ କ୍ୱାର୍ଟର୍ସ ଫାଇନାଲ ମ୍ୟାଚରେ ଦେଉଳିଟାଙ୍ଗୀ କ୍ରିକେଟ କ୍ଲବ ୧୧୩ ରନରେ ମକୁନ୍ଦପ୍ରସାଦ କ୍ରିକେଟ କ୍ଲବକୁ ପରାସ୍ତ କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଉଇନ୍ କରି ମକୁନ୍ଦପ୍ରସାଦ କ୍ରିକେଟ କ୍ଲବ ବୋଲିଂର ଫଇସଲା ନେଇଥିଲା। ଦେଉଳିଟାଙ୍ଗୀ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଜବାବରେ ମକୁନ

ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ତଥା ଚରିତ୍ରହୀନତା ଏଇ ତିନିଗୁଣ ବିନାଶକୁ ଡାକି ଆଣେ।
- ମହାତ୍ମା ଗାନ୍ଧୀ

ସଂକ୍ଷେପରେ

ଜମିବିବାଦରୁ ଘରପୋଡ଼ି ଅଭିଯୋଗ

ବ୍ରହ୍ମଗିରି,୬।୩(ଡି.ଏନ୍.ଏ.): ଜମି ବିବାଦକୁ ନେଇ କେତେଜଣ ଯୁବକ ଶିବପନ୍ତରେ ରହୁଥିବା ବଚନ ବେହେରା ଓ ଇନ୍ଦ୍ରମଣି ବେହେରାଙ୍କ ଘର ପୋଡ଼ିଦେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅରଖକୁଦା ମେରାଇନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଶିପବନ୍ତରେ ଥିବା ସରକାରୀ ଜାଗାରେ ଅରଖକୁଦା ଗ୍ରାମର କେତଜଣ ବ୍ୟକ୍ତି ଘର କରି ପରିବାର ସହ ରହୁଥିଲେ। ଉକ୍ତ ଜାଗା ରାମେଶ୍ୱରପୁର ମୌଜାର ଦର୍ଶାଇ ଏହି ଗ୍ରାମର କେତେଜଣ ଯୁବକଙ୍କ ସହିତ ବିବାଦ ଲାଗିରହିଥିଲା। ଏ ନେଇ ଶୁକ୍ରବାର କେତଜଣ ଯୁବକ ସେମାନଙ୍କ ଘର ପୋଡିଦେଇଥିବା ଦୁଇ ପରିବାର ଥାନାରେ ଅଭିଯୋଗ କରିଛନ୍ତି।

କାକଟପୁରରେ ଦୋଳପର୍ବ ଆରମ୍ଭ

କାକଟପୁର,୬।୩(ଡି.ଏନ.ଏ.): ପୁରୀ ଜିଲାର ଅନ୍ୟତମ ମଙ୍ଗଳାକ୍ଷେତ୍ର କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଦୋଳପର୍ବ ପାରମ୍ପରିକ ରୀତିମତେ ଆରମ୍ଭ ହୋଇଯାଇଛି। ଫଗୁ ଦଶମୀରୁ ଦୋଳପୂର୍ଣ୍ଣିମୀ ପର୍ଯ୍ୟନ୍ତ ମା' ମଙ୍ଗଳାଙ୍କର କେତେକ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେଉଛି। ସନ୍ଧ୍ୟା ଧୂପ ଶେଷ ହେବା ପରେ ମା' ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ମଦନମୋହନ ସହିତ ରାଧାଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଏକ ଶୋଭାଯାତ୍ରାରେ ଶାସନସାହି ସ୍ଥିତ ମଣ୍ଡପକୁ ନିଆଯାଇଥିଲା। ସେଠାରେ ଠାକୁର ଚାଚେରି ଭୋଗ ଖାଇବା ପରେ ମନ୍ଦିରକୁ ଫେରିଥିଲେ।

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ପିପିଲି, ୬।୩ (ସ୍ୱ.ପ୍ର.): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ବିଧାୟକ ପ୍ରଦୀପ ମହାରଥୀଙ୍କ ଅଧ୍ୟକ୍ଷତାରେ ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଗୁରୁବାର ପାଳିତ ହୋଇଯାଇଛି। ପିପିଲି ବ୍ଲକ ବଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ମହାରଥି କହିଥିଲେ, ବିଜୁ ବାବୁ ଦେଶ ବିଦେଶରେ କାର୍ଯ୍ୟ ଦକ୍ଷତା ପାଇଁ ସଦାସର୍ବଦା ଗୌରବ ଆଣିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ, ମହିଳା ସଶକ୍ତୀକରଣ ହେଉ କି ମା' ଙ୍କୁ ସମ୍ମାନ ଗାଁ କୁ କାମ ତାଙ୍କ ଜୀବନରେ ଥିଲା ପ୍ରଥମ ସ୍ଲୋଗାନ। ଅନ୍ୟମାନଙ୍କ ମଧ୍ୟରେ ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଦେବାଶିଷ ନନ୍ଦ, ବାସନ୍ତୀ ସାହୁ, କିଶୋର ଛୋଟରାୟ, ଧରଣୀଧର ସାହୁ, ସେକ୍ ବାବୁ, ସଦାଶିବ ଦାଶ, ଡା.ଚିନ୍ମୟ ମହାପାତ୍ର, ମନୋଜ ଦାଶ, ଆର୍ତ୍ତବନ୍ଧୁ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

'ପ୍ରଦୀପ୍ତଙ୍କୁ ମିଥ୍ୟା ମକଦ୍ଦମାରେ ଫସାଯାଇଛି'

ପୁରୀ ଅଫିସ,୬।୩

ପ୍ରଦୀପ୍ତଙ୍କ ଗିରଫକୁ ପ୍ରତିବାଦ କରି ଅଞ୍ଚଳବାସୀ ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଛନ୍ତି।

ପାରା ଗୁଳିକାଣ୍ଡରେ ମାଟିଆପଡ଼ା ସିଦ୍ଧମହାବୀର ରେଲୱେ ଓଭରବ୍ରିଜ କ୍ଷତିଗ୍ରସ୍ତ କମିଟିର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଜେଡି କାଉନସିଲର ପ୍ରଦୀପ୍ତ କୁମାର ନାୟକଙ୍କୁ ମିଥ୍ୟାରେ ଫସାଇ ଦିଆଯାଇଛି ବୋଲି କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ରେଲ ଫାଟକ ନିକଟସ୍ଥ ରାଧାକୃଷ୍ଣ ମନ୍ଦିରରେ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି। ମାଟିଆପଡା ରେଳ ଓଭରବ୍ରିଜ ନିର୍ମାଣ ହେଲେ ଶତାଧିକ ପରିବାର, ବ୍ୟବସାୟ ପ୍ରତିଷ୍ଠାନ ଏବଂ ଉଠାଦୋକାନୀ ପ୍ରଭାବିତ ହେବେ। ତେଣୁ ପ୍ରଦୀପ୍ତଙ୍କ ନେତୃତ୍ୱରେ ଏନେଇ ବିସ୍ଥାପିତ ହେବାକୁ ଥିବା ପରିବାର ଓ ବ୍ୟବସାୟୀ ଏହାର ତୀବ୍ର ବିରୋଧ କରିଥିଲେ। ବିସ୍ଥାପିତଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ କରାଯିବ ବୋଲି ପ୍ରଦୀପ୍ତ ଜିଲା ପ୍ରଶାସନକୁ ଚେତାବନୀ ଦେଇଥିଲେ। ରେଳ ଓଭରବ୍ରିଜ ମାଟିଆପଡ଼ା ପରିବର୍ତ୍ତେ ହୁଲିହୁଲିଆ ପୋଲ ଅଥବା ଏନ୍‌ସିସି ଗେଟ୍ ଦେଇ ନିର୍ମାଣ ଲାଗି ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ହେଲେ ଆନ୍ଦୋଳନକୁ ପ୍ରତିହତ ଲାଗି ପ୍ରଶାସନ ପକ୍ଷରୁ ତାଙ୍କୁ ଜାଣିଶୁଣି ମିଥ୍ୟା ମକଦ୍ଦମାରେ ଫସାଇ ଦିଆଯାଇଛି। ତାଙ୍କୁ ତୁରନ୍ତ ମୁକ୍ତ କରା ନ ଗଲେ ଜନଆନ୍ଦୋଳନ ବ୍ୟାପକ କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ କମିଟି ସଭାପତି ରାମଚନ୍ଦ୍ର ମୁଦୁଲି, ସମ୍ପାଦକ ଶତ୍ରୁଘ୍ନ ବଲିଆରସିଂ, ପ୍ରଭୁରଞ୍ଜନ ମହାନ୍ତି,

ପାରା ଗୁଳିକାଣ୍ଡ

- ମୁକ୍ତ ନ କଲେ ଜନ ଆନ୍ଦୋଳନ ବ୍ୟାପକ କରାଯିବାକୁ ଚେତାବନୀ

ବିଜୟ କୁମାର ପଟ୍ଟନାୟକ, ବିଭୂତି ଭୂଷଣ ସେଠୀ, ତପନ ମହାନ୍ତି, ସୁରେଶ କୁମାର ମହାପାତ୍ର, ବିଜୟ ଦାସ, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବହୁଚର୍ଚ୍ଚିତ ସଞ୍ଚୟ ବେହେରା ଓରଫ ପାରା ଗୁଳିକାଣ୍ଡରେ ଗୁରୁବାର କୁମ୍ଭାରପଡା ପୋଲିସ ପ୍ରଦୀପ୍ତଙ୍କୁ ଗିରଫ କରିଥିଲା। ୨୦୧୮ ଡିସେମ୍ବର ୧୨ରେ ପାରା ଗୁଳିକାଣ୍ଡରେ ତାଙ୍କ ସମ୍ପୃକ୍ତି ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ତଥ୍ୟ ପ୍ରମାଣକୁ ଆଧାର କରି ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି। ଏସ୍‌ପି ଉମାଶଙ୍କର ଦାଶ କମିଟିର ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଶ୍ରୀକ୍ଷେତ୍ରରେ ଧଳାଜହର କାରବାର

ପୁରୀ ଅଫିସ, ୬।୩

- ବର୍ଷକରେ ୩୫୦ଗ୍ରାମ ଜବତ, ୧୫ ଗିରଫ
- ନରେନ୍ଦ୍ରକୋଣ ପାଲଟିଛି ନିଶା କାରବାର ଆଡ୍ଡାସ୍ଥଳୀ

ଐତିହ୍ୟ ଓ ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ର ଏବେ ଧଳାଜହରର ଆଡ୍ଡାସ୍ଥଳୀ ପାଲଟିଛି। ଦିନକୁ ଦିନ ବ୍ରାଉନସୁଗାର କାରବାର ପୁରୀରେ ବଢ଼ିବାରେ ଲାଗିଛି। ପୋଲିସ ଯେତେ ଚଢ଼ାଉ, ଧରପଗଡ଼ କଲେ ମଧ୍ୟ କେଉଁଠି ନା କେଉଁଠି ନୂଆ ବାଟ ଖୋଜି ବ୍ରାଉନସୁଗାର କାରବାର ଚଳାଇଛି। ଗତ ମଙ୍ଗଳବାର ଅବକାରୀ ପୋଲିସ ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆ ବନ୍ଧର ଜଣେ ବ୍ରାଉନସୁଗାର ବେପାରୀ ମଧୁସୂଦନ ଜେନାଙ୍କୁ ଗିରଫ କରିଛି। ତାଙ୍କଠାରୁ ପ୍ରାୟ ୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ନେଇ ଅବକାରୀ ଥାନାରେ ନଂ.୧୧୦/୨୦ରେ ମାମଲା ରୁଜୁ ହୋଇଛି। ବିଶେଷତଃ ନରେନ୍ଦ୍ରକୋଣ, ଦେବୀଘାଟ, ଖଣ୍ଡିଆବନ୍ଧ, ଗୋଖାସାହି, ବାସେଳିସାହି, ବଳିଆପଣ୍ଡା, ଷ୍ଟେଶନ ବଜାର ପ୍ରଭୃତି ସ୍ଥାନରେ ବ୍ରାଉନସୁଗାର କାରବାର ଚାଲିଛି। ରୀତିମତ ଭାବେ ଉକ୍ତ ଅଞ୍ଚଳରୁ ଅବକାରୀ ଓ ପୋଲିସ ପକ୍ଷରୁ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରୁଛନ୍ତି। ଏହାସତ୍ତ୍ୱେ ନିଶା ବେପାରୀ ଏବଂ ବ୍ରାଉନସୁଗାର ମାଫିଆମାନଙ୍କ ବେପାର କମିବା ପରିବର୍ତ୍ତେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କଲେଜ ପଢୁଆ ବିଦ୍ୟାର୍ଥୀ, ଯୁବପିଢି ଏଥିରେ ପ୍ରଭାବିତ ହୋଇ ବିପଥଗାମୀ ହେଉଛନ୍ତି। ନିକଟରେ ନରେନ୍ଦ୍ରକୋଣରେ ଥିବା କେତେକ ବସ୍ତିରେ ଖୁଲମଖୁଲା ବ୍ରାଉନସୁଗାର କାରବାର ଚାଲିଥିବା ନେଇ ସ୍ଥାନୀୟ ଯୁବକମାନେ ପୁରୀ ଏସପି ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ନରେନ୍ଦ୍ରକୋଣରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଡିମିକୁ ଛାଡ଼ି ଅବକାରୀ ଓ ପୁରୀ ପୋଲିସ କେରାଣ୍ଡିକୁ ଧରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବ୍ରାଉନସୁଗାର ଚେର ବାଲେଶ୍ୱର, ଜଳେଶ୍ୱର ଓ ଖୋର୍ଦ୍ଧା ସମେତ ଝାଡ଼ଖଣ୍ଡ, ବିହାର, କଲିକତା ପର୍ଯ୍ୟନ୍ତ ଲମ୍ବିଛି। ବ୍ରାଉନସୁଗାର କାରବାରରେ ଗରିବ ଅସହାୟ ଯୁବକ ଓ ମହିଳାଙ୍କୁ ନିୟୋଜିତ କରାଯାଉଛି। କଟକ ଓ ଭୁବନେଶ୍ୱର ଟୁଇନ ସିଟିରେ ବ୍ରାଉନସୁଗାର ଧରପଗଡ ଜୋରଦାର ଚାଲିଥିବାବେଳେ ବ୍ରାଉନସୁଗାର ଓ ନିଶା ବେପାରୀ ପୁରୀକୁ ନିଜର ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି। ବିଭିନ୍ନ ଅଞ୍ଚଳରେ ନିଜ କାୟାବିସ୍ତାର କରି କାରବାର ଜାରି ରଖିଛନ୍ତି। ଅବକାରୀ ଇନ୍ସପେକ୍ଟର ବିକାଶ କୁମାର ନାୟକ ଗତ ଏକବର୍ଷ ମଧ୍ୟରେ ୩୫୦ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଏଥିରେ ୧୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ମହିଳା ଥିବାବେଳେ ବାକି ଯୁବକ ରହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ସତ୍ୟବାଦୀ ଅଞ୍ଚଳର ଜଣେ ଯୁବକ ବ୍ରାଉନସୁଗାର ଧରି ସତ୍ୟବାଦୀ ବସଷ୍ଟାଣ୍ଡରେ ଗ୍ରାହକଙ୍କ ଅପେକ୍ଷା କରିଥିବାବେଳେ ପୁରୀ ଅବକାରୀ ବିଭାଗ ପୋଲିସ ମାଡ଼ିବସିଥିଲା। ସେହିପରି ଭୁବନେଶ୍ୱର ଏସଟିଏଫ ଟିମ୍ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଚଢ଼ାଉ କରି ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଥିଲା। ଏ ନେଇ ଅବକାରୀ ଇନ୍ସପେକ୍ଟର ନାୟକ କୁହନ୍ତି, ପୁରୀକୁ ନିଶାମୁକ୍ତ ବିଶେଷତଃ ବେଆଇନ ନିଶା କାରବାର, ବ୍ରାଉନସୁଗାର ମୁକ୍ତ ଲାଗି ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ରୀତିମତ ଭାବେ ପୁରୀ ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରହିଛି।

ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ବିଦ୍ୟାଳୟ ପରିଦର୍ଶନ

ସାକ୍ଷୀଗୋପାଳ,୬।୩(ଡି.ଏନ୍.ଏ.)

ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି।

ସତ୍ୟବାଦୀ ବ୍ଲକର ବିଦ୍ୟାଳୟଗୁଡିକ କିଭଳି ଚାଲିଛି ଅନୁଧ୍ୟାନ କରିବାକୁ ପୁରୀ ଜିଲା ପରିଷଦ ସପ୍ତମ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁକ୍ରବାର ୭ଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବୀରଗୋବିନ୍ଦପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ମୂଳଅଳସା ଉଚ୍ଚ ବିଦ୍ୟାଳୟ, ମହାବଳପଡ଼ା ପ୍ରାଥମିକ ବିଦ୍ୟାଳୟ, ବରାଳ ଉ. ପ୍ରା. ବିଦ୍ୟାଳୟ, ବଳପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଧରପୁର ଉ.ପ୍ରା. ବିଦ୍ୟାଳୟ ଓ ଗୁଆଳିଗୋରଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ, ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ପରଖିଥିଲେ। କେତେକ ବିଦ୍ୟାଳୟରେ ଶୌଚାଳୟ ତାଲାପଡିଥିବା ବେଳେ ଛାତ୍ରୀଛାତ୍ରମାନେ ଖୋଲା ପଡିଆରେ ପରିସ୍ରା କରୁଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପାଠପଢ଼ା ଠାରୁ ନଥିପତ୍ର ଓ ପରିମଳ ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଧ୍ରୁବ ଚରଣ ଦାଶ କହିଛନ୍ତି। ଅଧ୍ୟକ୍ଷ ଦାଶଙ୍କ ସମେତ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଡୁଆରୀ, ପୁଷ୍ପଲତା ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ଓଝା, କାମିନୀ ବରାଳ, ମିନତି ସେଠୀ, ସୁମନ୍ତ ଦାସ ପ୍ରମୁଖ ଏହି ପରିଦର୍ଶନରେ ସାମିଲ ହୋଇଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ରସଂଯୋଜକ ସୁନୀଲ ବେହେରା ପରିଦର୍ଶନ ସମୟରେ ସହଯୋଗ କରିଥିଲେ।

ନିଶା ମାଫିଆଙ୍କ କବ୍‌ଜାରେ କାକଟପୁର

କାକଟପୁର,୬।୩(ଡି.ଏନ.ଏ.)

ପୁରୀ ଜିଲାର କାକଟପୁର ବ୍ଲକ ଅଧୀନସ୍ଥ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା କୁଣ୍ଡେଇହାଟ, କାକଟପୁର, ବ୍‌କଛକ, ପାଟପୁର, ସୁହାଣପୁର, ମହାଦେବ ବସ୍ତି, ଗମ୍ଭାରୀପଦା, ଫକୀରସାହି, ବାଙ୍ଗୁରୀ ଗାଁ ଆଦି ଅଞ୍ଚଳ ଏବେ ନିଶା ମାଫିଆଙ୍କ କବ୍‌ଜାରେ ରହିଛି। ଅଞ୍ଚଳର ପାନଦୋକାନଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ଚୋରାମଦ, ବିଭିନ୍ନ ନିଶା କାରବାର ଚାଲିଛି। ଏହି କାରବାର ସମ୍ପର୍କରେ ନିମାପଡା ଅବକାରୀ ବିଭାଗ ସବୁ ଜାଣି ବି ନୀରବଦ୍ରଷ୍ଟା ସାଜିଛି ବୋଲି ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। କାକଟପୁର ଅଞ୍ଚଳରେ ମଦ କାଉଣ୍ଟର ନ ଥିଲେ ମଧ୍ୟ ଅଧିକମାତ୍ରାରେ ମଦ ମିଳିବା ଚୋରାମଦ ବିକ୍ରି ଅଭିଯୋଗକୁ ପ୍ରମାଣିତ କରୁଛି। କେତେଜଣ ବ୍ୟବସାୟୀ ନିଜ ନିଶା ବେପାରର କାୟା ବିସ୍ତାର କରିଚାଲିଥିବା ବେଳେ ଉଚ୍ଚପଦସ୍ଥ ଅବକାରୀ କର୍ମଚାରୀଙ୍କୁ ହାତ କରି ଏହି ବ୍ୟବସାୟକୁ ଖୁଲମଖୁଲା ଚଳାଉଥିବା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ସ୍ଥାନୀୟ ଲୋକେ ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କିନ୍ତୁ କାକଟପୁର ଥାନାରେ ନୂଆକରି ଯୋଗଦେଇଥିବା ଆଇଆଇସି ସୁଜିତ କୁମାର ଦାସଙ୍କ ଆସିବା ପରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଆଇଆଇସିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଚୋରାମଦ ବେପାରରେ ଅଙ୍କୁଶ ଲଗାଯାଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

କରୋନା ଭାଇରସ୍ ସଚେତନତା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାସ୍କ ଦିଆଯାଉଛି।

କୋଣାର୍କରେ ହେଉନି କରୋନା ସଚେତନତା

କୋଣାର୍କ,୬।୩(ଡି.ଏନ୍.ଏ.)

କରୋନା ସଂକ୍ରମଣ ସମ୍ପର୍କିତ ସଚେତନତା ନେଇ କୋଣାର୍କ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି। ପ୍ରତ୍ୟହ ଦେଶବିଦେଶରୁ ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କୁ ତତ୍କାଳ ଚିକିତ୍ସା ସୁବିଧା ସ୍ୱାସ୍ଥ୍ୟବିଭାଗର ଦାୟିତ୍ୱ। କୋଣାର୍କ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଯୋଗୁ କରୋନା ସଂକ୍ରମଣଠାରୁ ଦୂରେଇ ରହିବା ନିମନ୍ତେ ଜନସଚେତନତା ସୃଷ୍ଟି ନିମନ୍ତେ କୌଣସି ପଦକ୍ଷେପ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିଆଯାଇନାହିଁ। ସେହିପରି କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ପୁରୀ ସିଡିଏମ୍‌ଓ ନୀଳକଣ୍ଠ ରଥ କହିଛନ୍ତି, ଜିଲାର ପ୍ରତି ଡାକ୍ତରଖାନା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରସ୍ତୁତ ରହିବା ସହିତ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଏ ଦିଗରେ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ କୁହନ୍ତି, ପୁରୀ ଜିଲାପାଳଙ୍କ ଦ୍ୱାରା ଅନୁଷ୍ଠିତ ବୈଠକରେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ପାଇଛୁ। ଗାଇଡ୍‌ଲାଇନ ଅନୁଯାୟୀ ଶନିବାରଠାରୁ କାର୍ଯ୍ୟ ଆରମ୍ଭ ହେବ। ସ୍ୱାସ୍ଥ୍ୟ ବିଭାଗ ଓ ପାନୀୟ ଜଳ ସମେତ ପର୍ଯ୍ୟଟନ ଓ ଆରକ୍ଷୀ ବିଭାଗର ସହଯୋଗ ମଧ୍ୟ ନିଆଯିବ। କୋଣାର୍କରେ ହୋଲି ନିମନ୍ତେ ରାସ୍ତାକଡ଼ରେ ବିକ୍ରି ହେଉଥିବା ରାସାୟନିକ ରଙ୍ଗ ଦୋକାନଗୁଡ଼ିକୁ ବନ୍ଦ କରାଯିବ।

ବିଶ୍ୱ କଲ୍ୟାଣ ମହାଯଜ୍ଞୋତ୍ସବ

ପିପିଲି,୬।୩(ସ୍ୱ.ପ୍ର.)

ପିପିଲି ନିକଟ ମାଧ୍ୟପୁର ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରରେ ଚତୁର୍ଥ ବାର୍ଷିକ ବିଶ୍ୱ କଲ୍ୟାଣ ମହାଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞୋତ୍ସବରେ ପୂଜକ ପଣ୍ଡିତ ନାରାୟଣ ଦାଶ ଶର୍ମାଙ୍କ ପୌରୋହିତ୍ୟରେ ୭ଜଣ ପଣ୍ଡିତମଣ୍ଡଳୀ ଯୋଗଦେଇଥିଲେ। ଏଥିରେ ଧୀରେନ୍ଦ୍ର ସାମନ୍ତରାୟ ଓ ଭାଗ୍ୟଲକ୍ଷ୍ମୀ ସାମନ୍ତରାୟ ସଙ୍କଳ୍ପ କରିଥିଲେ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ, କୀର୍ତ୍ତନ ଓ ପ୍ରବଚନ କରାଯାଇଥିଲା। ୩ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ମନ୍ଦିର ମୁଖ୍ୟ ପରିଚାଳନା କମିଟି ସଭ୍ୟ ପ୍ରଶାନ୍ତ ହରିଚନ୍ଦନ ଓ ପୂର୍ଣ୍ଣଚନ୍ଦ୍ର ଭଟ୍ଟଙ୍କ ନେତୃତ୍ୱରେ ଆଧ୍ୟାତ୍ମିକ ଅନୁଷ୍ଠାନର ସକ୍ରିୟ ସଭ୍ୟ ପ୍ରମୋଦ ମଙ୍ଗରାଜ, ହଟକିଶୋର ସାହୁ, ରଘୁନାଥ ମିଶ୍ର, ଗଗନ ସାମନ୍ତରାୟ, ଅରୂପ ସାହୁ, ଅଗାଧୁ ସାହୁ, ଉପେନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କଚ୍ଛପ ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ

ପୁରୀ ଅଫିସ, ୬।୩

ଶ୍ରୀଜଗନ୍ନାଥ ଷ୍ଟାଡିୟମ ଶିଳାନ୍ୟାସକୁ ପୂରିଲା ବର୍ଷେ

- କ୍ରୀଡ଼ା ଛାତ୍ରାବାସ ଲାଗି ବ୍ୟୟ ହେବ ୩ କୋଟି ୯୩ ଲକ୍ଷ
- କ୍ରୀଡ଼ା କମ୍ପେକ୍ସ ପାଇଁ ୭ କୋଟି ୨ ଲକ୍ଷ ଟଙ୍କାର ଅଟକଳ

ଶ୍ରୀଜଗନ୍ନାଥ ଷ

କାୟ ମନବାକ୍ୟରେ ଅନ୍ୟର ମଙ୍ଗଳ କରିବା ହେଉଛି ସାଧୁର ସ୍ୱଭାବ।
-ସନ୍ତ ତୁଳସୀ ଦାସ

ସଂକ୍ଷେପରେ

'ସେବା ମନୋଭାବ ନେଇ କାର୍ଯ୍ୟ କର'

ପୁରୀ ଅଫିସ, ୬।୩:ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରି କହିଲେ ଯେ, ଭାରତ ସର୍ବଦା ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଛି। ଏକତା ହିଁ ଭାରତର ପରିଚୟ। ସେବା ଓ ସମର୍ପଣ ଭାବ ନେଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। କବି କୁଳଗୁରୁ କାଳିଦାସ ସଂସ୍କୃତ ବିଶ୍ୱବିଦ୍ୟାଳୟର ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ସଂଯୋଜକ ଡ. ହରେକୃଷ୍ଣ ଅଗସ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଓ ମରାଠୀ ଭାଷା ସଂସ୍କୃତ ଭାଷାର ନିକଟତର ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ପ୍ରଫେସର କମଳେଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଡ. ଜୟମାଣିକ ଶାସ୍ତ୍ରୀ ସ୍ୱାଗତ ଭାଷଣ ଏବଂ ବସନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

'ନିଜ ପ୍ରତିଭା ବିକଶିତ କର'

ପୁରୀ ଅଫିସ, ୬।୩: ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବ୍ରାହ୍ମୀ ଛାତ୍ରୀନିବାସରେ ବେଟି ବଚାଓ ବେଟି ପଢାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ହରିହର ହୋତା ଏହାକୁ ଉଦ୍‌ଘାଟନ କରି ଏକ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଛାତ୍ରୀନିବାସ ଅଧ୍ୟକ୍ଷକ ଡ. ବସନ୍ତ କୁମାର ମିଶ୍ର, ପରିଷଦର ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶାଖା ଅଧ୍ୟକ୍ଷ ପଦ୍ମନାଭ ପଣ୍ଡା, ସଚିବ ସୁପ୍ରୀତି ରଥ, ଗବେଷକ ସନ୍ଦୀପ ସେନ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ନରହରି ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଗୌରାଙ୍ଗ ରଥ, କୃଷ୍ଣଚନ୍ଦ୍ର ରଥ, ସୁନୀଲ ପଟ୍ଟନାୟକ, କୃଷ୍ଣା ମହାପାତ୍ର, ହାରାମଣି ଦେବୀ, ଲାଲା ଅନନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

ପୁରୀ ଅଫିସ,୬।୩ : ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ବ୍ୟାକରଣ ବିଭାଗ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ପାଣିନୀ ନିୟମ ସୂତ୍ର ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ମୁଖ୍ୟଅତିଥି, ପିଜି କାଉନ୍‌ସିଲ ଚେୟାରମ୍ୟାନ ପ୍ରଫେସର ଗୋବିନ୍ଦ ଚନ୍ଦ୍ର କର, ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ, ପ୍ରଫେସର ଭାଗବତଚରଣ ଶୁକ୍ଳ, ପ୍ର. ଚନ୍ଦ୍ରଶେଖର ଭଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାକରଣର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ର.ତେଜପାଳ ଶର୍ମା, ପ୍ର. ଆର.ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାକରଣ ବିଭାଗୀୟ ମୁଖ୍ୟ ଡ.ପୂର୍ଣ୍ଣଚନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଧ୍ୟାପକ, ପ୍ରଫେସର, ପ୍ରାଧ୍ୟାପକମାନେ ୫୦ରୁ ଊର୍ଦ୍ଧ୍ୱ ଶୋଧପତ୍ର ପାଠ କରିଥିଲେ। ଶେଷ ଦିବସରେ ଛାତ୍ରୀଛାତ୍ରମାନେ ଲୋକନୃତ୍ୟ, ଓଡ଼ିଶୀ, ଭକ୍ତି ଓ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ।

ଝଲସିବ ଜୀବରାମପଲ୍ଲୀ

ପୁରୀ ଅଫିସ,୬।୩:

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିଲାଗି କେତେକ ପ୍ରକଳ୍ପର କାମ ଆରମ୍ଭ ହୋଇଥିବାବେଳେ ଅନେକ ମେଗା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଠାକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେନେଇ ଗୁରୁତ୍ୱ ଦେଇଛି ଜିଲା ପ୍ରଶାସନ। ସହରକୁ ଭିକାରୀମୁକ୍ତ କରିବା ପ୍ରୟାସ ଜାରି ରହିଥିବାବେଳେ କୁଷ୍ଠରୋଗୀଙ୍କ ପାଇଁ ବି ଚିନ୍ତା କରିଛି ପ୍ରଶାସନ। ସେମାନେ କିପରି ସୁସ୍ଥ ବାତାବରଣରେ ଜୀବନ କାଟିବେ ଏବଂ ଅନ୍ୟମାନଙ୍କ ଭଳି ହସଖୁସିରେ ସମୟ ବିତାଇବେ ସେଥିଲାଗି ଏକ ମେଗା ପ୍ରୋଜେକ୍ଟ ଆରମ୍ଭ କରିବାକୁ ଚାଲିଛି ଯୋଜନା। ଯଦି ଜିଲା ପ୍ରଶାସନର ଏହି ଚିନ୍ତାଧାରା ବାସ୍ତବତାର ରୂପ ନିଏ ତେବେ ଜୀବରାମ ପଲ୍ଲୀକୁ ଏକ ନୂଆ ରୂପରେ ଦେଖିବାକୁ ମିଳିବ। ଝଲସିବ ଜୀବରାମ ପଲ୍ଲୀ। ପ୍ରଶାସନର ଏହି ପରିକଳ୍ପନାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଲାଗି ଶୁକ୍ରବାର ଜୀବରାମ ପଲ୍ଲୀ ଯାଇ ବାସ୍ତବ ସ୍ଥିତି ପରଖିଛନ୍ତି ଜିଲାପାଳ।

ଜିଲାପାଳ ବଲୱନ୍ତ ସିଂ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି।

■ବାସ୍ତବ ସ୍ଥିତି ପରଖିଲେ ଜିଲାପାଳ

■ରାସ୍ତାଘାଟ, ଭିତ୍ତିଭୂମି ବିକାଶ ହେବ

ଲୋକନାଥ ରୋଡ୍‌ରେ ରହିଛି ଯିବରାମ ପଲ୍ଲୀ। ଏଠାରେ ରହୁଥିବା କୁଷ୍ଠରୋଗୀ ଏବଂ ସେମାନଙ୍କ ପରିବାରଙ୍କ ରୂପରେଖ ବଦଳାଇବା ପାଇଁ ଯୋଜନା କରିଛି ପ୍ରଶାସନ। ପ୍ରାରମ୍ଭିକ ଭାବେ ହୋଇଥିବା ଆଲୋଚନା ଅନୁଯାୟୀ, ଏଠାରେ ରାସ୍ତାଘାଟ ଆଦି ଭିତ୍ତିଭୂମିର ବିକାଶ ହେବ। କମ୍ୟୁନିଟି କିଚେନ୍, ଖେଳପଡ଼ିଆ, ଚିକିତ୍ସା ସୁବିଧା ଆଦି କରାଯିବ। ସ୍ୱାବଲମ୍ବୀ ଯେପରି ହୋଇପାରିବେ ସେଥିଲାଗି କର୍ମସଂସ୍ଥାନ ଯୋଗାଇ ଦିଆଯିବ। ଯେଉଁମାନେ ପରିବାର ସହିତ ରହୁଛନ୍ତି ସେମାନଙ୍କ ପିଲାମାନେ ଯେପରି ଖେଳକୁଦ କରିବେ ତାହାର ବ୍ୟବସ୍ଥା ହେବ।

ତେବେ ଯିବରାମ ପଲ୍ଲୀର ବାସ୍ତବ ସ୍ଥିତି କ'ଣ। ସେଠାରେ ଲୋକମାନେ କିପରି ରହୁଛନ୍ତି। କେତେ ଘର ଏବଂ ପରିବାର ରହୁଛନ୍ତି। ଏସବୁର ଅନୁଧ୍ୟାନ ଲାଗି ଜିଲାପାଳ ବଲୱନ୍ତ ସିଂ ଯିବରାମ ପଲ୍ଲୀକୁ ଯାଇ ଲୋକମାନଙ୍କ ସହିତ ବସି ଆଲୋଚନା କରିଥିଲେ। କେମିତି ଚଳୁଛନ୍ତି, ସରକାରୀ ସହାୟତା, ଭତ୍ତା ଆଦି ଠିକ୍ ଭାବେ ମିଳୁଛି କି ନାହିଁ ସେ ସବୁ ପଚାରିଥିଲେ। ଅନେକ ବୃଦ୍ଧା ଜିଲାପାଳଙ୍କୁ ଦେଖି ଖୁସି ହୋଇଯାଇଥିଲେ। ଜିଲାପାଳଙ୍କୁ ପାଖରେ ପାଇ ସେମାନେ ତାଙ୍କର ସୁବିଧା ଅସୁବିଧା ବଖାଣିଥିଲେ। ଜିଲାପାଳଙ୍କ ସହ ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପାଢ଼ୀ କହିଛନ୍ତି, ଜୀବରାମ ପଲ୍ଲୀରେ ଲୋକମାନଙ୍କର କ'ଣ ଆବଶ୍ୟକତା ରହିଛି ତାହା ପଚାରି ବୁଝିଥିଲେ।

ମନ୍ଦିର କାର୍ଯ୍ୟରେ ନିମ୍ନମାନର ପଥର ବ୍ୟବହାର

କାକଟପୁର,୬।୩(ଡି.ଏନ.ଏ.)

ମଙ୍ଗଳା କ୍ଷେତ୍ର ମା'ମଙ୍ଗଳାଙ୍କ ସିଂହଦ୍ୱାର ସମ୍ମୁଖରେ ହେଉଥିବା କାର୍ଯ୍ୟରେ ନିମ୍ନମାନର ପଥର ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଜନୈକ ଠିକାଦାର କାର୍ଯ୍ୟ ବନ୍ଦ କରିଦେଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ମା' ମଙ୍ଗଳା ମନ୍ଦିର କାର୍ଯ୍ୟ ଚାଲିଛି। ଏ ନେଇ ବିଭାଗ ଦ୍ୱାରା ନିଯୁକ୍ତ ଜନୈକ ଠିକାଦାର ଦ୍ୱାରା ଶୁକ୍ରବାର ବଉଳମାଳା ପଥର ବିଛାଇଥିଲା। ଏହାକୁ କେତେଜଣ ଲୋକ ଦେଖି ବିରୋଧ କରି ପାଟିତୁଣ୍ଡ କରିଥିଲେ। ଫଳରେ ଠିକାଦାର ଜଣକ କାର୍ଯ୍ୟବନ୍ଦ କରିଦେଇଥିଲେ। କିନ୍ତୁ ଏହି କାର୍ଯ୍ୟକୁ ମନ୍ଦିର ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଜାଣି ମଧ୍ୟ ନୀରବତା ରହିବା ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି କରୁଛି। ଗତ ନବକଳେବର ସମୟରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ମନ୍ଦିର ବେଢା ଚାରିପଟେ ପଥର ବିଛା ଯାଇଥିଲା, ସେତେବେଳେ ମଧ୍ୟ ନିମ୍ନମାନର କାର୍ଯ୍ୟ ହେବା ସହ ବେଢାକୁ ଖାଲ କରି ଦିଆଯିବା ଫଳରେ ଏବେ ସାମାନ୍ୟ ବର୍ଷାରେ ବେଢା ମଧ୍ୟରୁ ବର୍ଷାଜଳ ନିଷ୍କାସନ ହୋଇ ପାରୁ ନାହିଁ। ଗୁରୁବାର ପଥର ଗାଡିରୁ ବାହାର କଲାବେଳେ ବହୁ ପଥର ଭାଙ୍ଗି ଯାଇଥିବାକୁ ଦେଖି ଏହା ନିମ୍ନମାନର ପଥର ବୋଲି ଜଣାପଡିଥିଲା। କିନ୍ତୁ ଠିକାଦାର ତାହାକୁ ନଜର ଅନ୍ଦାଜ କରି ପୁଣି ସେଭଳି ନିମ୍ନମାନର ପଥର ପକାଇବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

ସର୍ବଭାରତୀୟ ଶିଶୁକଳାରେ ଦର୍ଶନା ପ୍ରଥମ

ପୁରୀ ଅଫିସ, ୬।୩ :

ହାଇଦ୍ରାବାଦର ରାଜମହେନ୍ଦ୍ରୀରେ ଅନୁଷ୍ଠିତ ଚତୁର୍ଦ୍ଦଶ ସର୍ବଭାରତୀୟ କେନ୍ଦ୍ରୀୟ ବିଦ୍ୟାଳୟ ଶିଶୁକଳା ପ୍ରଦର୍ଶନୀରେ ପୁରୀର ଦର୍ଶନା କର କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଏବଂ ସ୍ଥାନୀୟ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଗାମାଧବ କରଙ୍କ କନ୍ୟା। ଦର୍ଶନା ଜଣେ କଣ୍ଠଶିଳ୍ପୀ। ସେ ଓଡ଼ିଶା ଓ ରାଜ୍ୟ ବାହାରେ ସଙ୍ଗୀତ ପରିବେଷଣ କରି ପ୍ରଶଂସା ସାଉଁଟିଛନ୍ତି।

ଫେରାର ଅଭିଯୁକ୍ତ ଧରପଗଡ଼ ଆରମ୍ଭ

ପୁରୀ ଅଫିସ,୬।୩ :

ପୁରୀ ପୋଲିସ ପକ୍ଷରୁ ଅପରାଧ କ୍ଲିନ ଡ୍ରାଇଭ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ଥାନାରେ ଫେରାର ଥିବା ଅଭିଯୁକ୍ତଙ୍କ ଧରପଗଡ଼ ଚାଲିଛି। ପ୍ରତ୍ୟେକ ଥାନାରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ କେସ ରହିଥିବା ଜଣାପଡିଛି। ପ୍ରତି ସପ୍ତାହରେ ୫ଜଣଙ୍କୁ ଧରିବାକୁ ଏସ୍‌ପି ଉମାଶଙ୍କର ଦାଶ ନିର୍ଦ୍ଦେଶ ଦେଇଛନ୍ତି। ବହୁ ଅପରାଧୀଙ୍କ ନାମରେ ଏକାଧିକ ମାମଲା ଥିବାବେଳେ ସେମାନେ ଖୁଲମଖୁଲା ବୁଲୁଛନ୍ତି। ବହୁ ଜେଲ ଫେରନ୍ତା ଅପରାଧୀ ଜାମିନରେ ଆସି ପୁଣି ଅପରାଧ କରୁଛନ୍ତି। ଜିଲାରେ ବଢ଼ି ଚାଲିଥିବା ଅପରାଧୀଙ୍କୁ ଦମନ ଲାଗି ପୁରୀ ପୋଲିସ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ପୁରୀ ସହରରେ ଦିନକୁ ଦିନ ଅଶାନ୍ତର ବାତାବରଣ ବୃଦ୍ଧି ପାଇବାରେ ଲାଗିଛି। ପର୍ଯ୍ୟଟନ ସହର ଏବେ ପାଲଟଛି ଅପରାଧୀଙ୍କ ଚରାଭୂଇଁ। ଦିନ ଦ୍ୱିପ୍ରହରରେ ଲୁଟ, ରାହାଜାନି, ଡକାୟତି ଭଳି ଘଟଣା ବଢିଚାଲିଛି। ସପ୍ତାହକ ମଧ୍ୟରେ ପୁରୀ, ଚନ୍ଦନପୁର, ଗୋପ, କାକଟପୁର, ନିମାପଡା, ବଳଙ୍ଗା ଥାନା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏ ନେଇ ପୁରୀ ପୋଲିସର ନିଦ୍ ହଜିଗଲାଣି। ଅପରାଧକୁ କ୍ଲିନ ସୁଇପ ଲାଗି ପୁରୀ ପୋଲିସ ପକ୍ଷରୁ ପୁଣି ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।

ଶୁକ୍ରବାର ହୋଇଥିବା ବର୍ଷାରେ ବଡ଼ଦାଣ୍ଡରେ ଜମି ରହିଯାଇଥିବା ବର୍ଷାପାଣି।

ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ପିପିଲି, ୬।୩(ସ୍ୱ.ପ୍ର.):

ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁରସ୍ଥିତ ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠରେ ଦୁଇଦିନିଆ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପରିକ୍ଷିତ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ଶିବିରାର୍ଥୀଙ୍କୁ ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷୟିତ୍ରୀ ଚନ୍ନୟୀ ମହାନ୍ତ ଏବଂ ସମ୍ମାନିତ ଅତିଥିଭାବେ କ୍ରୀଡା ଶିକ୍ଷକ ଜିତେନ୍ଦ୍ରନାଥ ଦାଶ ଯୋଗଦେଇଥିଲେ। ଏହି ଦୁଇଦିନିଆ ତାଲିମ ଶିବିରରେ ବିଦ୍ୟାଳୟର ବରିଷ୍ଠ ତାଲିମପ୍ରାପ୍ତ ଛାତ୍ରୀ ରାଜଶ୍ରୀ ମୁଦୁଲି, ପୁନମ ବେହେରା ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।

ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଉଛନ୍ତି।

'ମାତୃଭାଷା ସୁରକ୍ଷା ଆମର କର୍ତ୍ତବ୍ୟ'

ପୁରୀ ଅଫିସ, ୬।୩:

ଭାଷା ସୁରକ୍ଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଗୁରୁବାର 'ମାତୃଭାଷା ସୁରକ୍ଷା ଆମର କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଡ. କାର୍ତ୍ତିକ ଦାସ ଅଧ୍ୟକ୍ଷତା କରିଥିଲେ। ଭାଷାବିତ୍ ଡ. ହରପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ ବୋଲି କହିଥିଲେ। ଡ. ବଳରାମ ଦାଶ, କୃଷ୍ଣଚନ୍ଦ୍ର ରଥ, ଦୟାନିଧି ତ୍ରିପାଠୀ, ଡ. ଅଭିମନ୍ୟୁ ଭୂୟାଁ, ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

ଗୋପ,୬।୩ (ଡି.ଏନ୍.ଏ):

ଗାପ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୫୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ଏହି ଥାନା ଅଞ୍ଚଳରେ ଥିବା ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। କିନ୍ତୁ ମଙ୍ଗଳବାର କୌଣସି କାରଣକୁ ନେଇ ନାବାଳିକା ଜଣକ ବାହାରକୁ କେଉଁଆଡ଼େ ଯାଇଥିଲେ ମଧ୍ୟ ରାତିସୁଦ୍ଧା ଘରକୁ ଫେରି ନ ଥିଲେ। ଫଳରେ ମାମୁ ଏ ନେଇ ପରିବାରଲୋକଙ୍କୁ ଜଣାଇବା ପରେ ସମସ୍ତେ ମିଶି ବହୁ ଖୋଜାଖୋଜି କରି ଶେଷରେ ନିରାଶ ହୋଇ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ

କ୍ରିକେଟ ଟୁର୍ନାମେଣ୍ଟ : ମଠସାହି ଟିମ୍ ଚାମ୍ପିୟନ

ସାକ୍ଷୀଗୋପାଳ, ୬।୩(ଡି.ଏନ୍.ଏ)

ଅଳଗୁମ ବାଟୁଳିପଡ଼ା ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ମଠସାହି ଟିମ୍ ୮ଉଇକେଟ ହରାଇ ୧୨୦ ରନ କରି ଚାମ୍ପିୟନ ହୋଇଛି। ଆଳସରଙ୍ଗ ଟିମ ରନର୍ସଅପ୍ ହୋଇଛି। ଆୟୋଜକ ବିଶ୍ୱନାଥ ପ୍ରଧାନ ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଦେଇଥିଲେ। ଆଶିଷ ପ୍ରଧାନ ଓ ସଚ୍ଚିକାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ବାଟୁଳିପଡ଼ା କ୍ରିକେଟ ଟିମର ସଦସ୍ୟ ଖେଳ ପରିଚାଳନା କରିଥିଲେ।

ଫନୀକୁ ବିତିଲା ୧୦ମାସ: ସହାୟତା ପାଲଟିଲା ସ୍ୱପ୍ନ

କଣାସ,୬।୩(ସ୍ୱ.ପ୍ର.)

ଗତବର୍ଷ ମେ ୩ତାରିଖ ଦିନ ସାମୁଦ୍ରିକ ଝଡ଼ ଫନୀ ଆସି ପୁରୀ ଜିଲାରେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଏଥିରେ ଜିଲାର କଣାସ ବ୍ଲକ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ଅନେକେ ବାସହରା ହୋଇଥିବାବେଳେ ଅଧିକାଂଶ ଲୋକଙ୍କ ଧନଜୀବନ ନଷ୍ଟ ହୋଇଥିଲା। ଇତି ମଧ୍ୟରେ ଫନୀକୁ ୧୦ମାସ ବିତି ଯାଇଥିଲେ ମଧ୍ୟ ବାସ ହରାଇଥିବା କଣାସର ଶତାଧିକରୁ ଊର୍ଦ୍ଧ୍ୱ ପରିବାର ଆଜି ସୁଦ୍ଧା ସରକାରୀ ସହାୟତା ପାଇ ନାହାନ୍ତି। ଅନେକ ପରିବାର ଏବେ ବି ବାହାରେ ପାଲ ଟାଣି ଖରା, ବର୍ଷା, କାକର ଖାଇ ଦୁଃଖ କଷ୍ଟରେ ପଡ଼ିରହିଛନ୍ତି। ଘରଭଙ୍ଗା ତଦନ୍ତରେ ବ୍ୟାପକ ଦୁର୍ନୀତି ହେବାରୁ କଣାସ ବ୍ଲକରେ ୪ଥର ଘରଭଙ୍ଗା ତଦନ୍ତ ହେଉଥିଲେ ମଧ୍ୟ ଫଇସଲା ହୋଇପାରି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଫନୀ ପରେ ଘରଭଙ୍ଗା ତଦନ୍ତ ପାଇଁ ତହସିଲ୍ କାର୍ଯ୍ୟାଳୟରୁ କେତେଗୁଡିଏ ଟିମ୍ ଗଠନ କରାଯାଇ ପ୍ରତ୍ୟେକ ଟିମ୍‌ରେ ଜଣେ ରାଜସ୍ୱ ନିରୀକ୍ଷକ, ଜଣେ ଶିକ୍ଷକ, ଜଣେ ବ୍ଲକ କର୍ମଚାରୀ ତଦନ୍ତ କରିବାକୁ ଯାଇଥିଲେ। ତଦନ୍ତରେ ପ୍ରିୟାପ୍ରୀତି ପୋଷଣ କରିବା ସହ ଅନେକ ପକ୍କାଘରବାଲାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଦର୍ଶାଇ ପୂରା କ୍ଷତିପୂରଣ ଦିଆଯାଇଥିବା ନେଇ ଅନେକ ଯୋଗ୍ୟ ହିତାଧିକାରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାରୁ ଜିଲାରୁ ପୁଣି କେତୋଟି ଟିମ୍ ଆସି ପୁନଶ୍ଚ ତଦନ୍ତ କରି ଫେରିଥିଲେ। ସେଥିରେ ମଧ୍ୟ ବ୍ୟାପକ ଜାଲିଆତି ହେଉଥିବା ଅଭିଯୋଗ ଦେବାରୁ ଖୋଦ କଣାସ ତହସିଲଦାର ଓ ଅତିରିକ୍ତ ତହସିଲଦାର ଗାଁ ଗାଁ ବୁଲି ଘରଭଙ୍ଗା ତଦନ୍ତ କରିଥିଲେ। ତେବେ ତଦନ୍ତକୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜନସାଧାରଣଙ୍କୁ ସହାୟତା ପ୍ରଦାନ କରାଯାଇ ନ ଥିବାରୁ ବାସହରା ବ୍ୟକ୍ତିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କଣାସ ତହସିଲଦାର ଉମାକାନ୍ତ ରାଉତ କୁହନ୍ତି, କଣାସ ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ତଦନ୍ତ କରିଥିଲୁ। କିନ୍ତୁ ୨ଟି ପଞ୍ଚ